ଅଗଷ୍ଟ ୨୦୨୧ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



## ପ୍ରସଙ୍ଗ:
## ସ୍ୱାଧୀନତା


New Product
HDPE Pipes
SAVE WATER!
WATER IS LIFE.
Ohm PVC Pipes
Agriculture / Irrigation / Industries / Domestic
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ତୃତୀୟ ବର୍ଷ : ୧୦ଶ ସଂଖ୍ୟା, ଅଗଷ୍ଟ ୨୦୨୧ ■ Vol-3, Issue : 10, August 2021



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି
■
ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*
: *rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**



# ସୂଚୀପତ୍ର

୩ୟ ବର୍ଷ ୧୦ଶ ସଂଖ୍ୟା । ଅଗଷ୍ଟ ୨୦୨୧ ।

ଆମ ମାଟିର ସର

୧୧ ସମ୍ପାଦକୀୟ : ପାରିବାରିକ ସ୍ୱାଧୀନତା... : ସୁବାସିନୀ ଜେନା










୮
ବିଶେଷ ମତ: ଜ୍ଞାନ-ସଂକଳ୍ପର ପରିଭାଷା: ଶିଶିର ବେହେରା

୧୩
ମୋ ବାପା: ମହାପୁରୁଷ ମଦନମୋହନ: ହିରଣ୍ମୟୀ ମିଶ୍ର

୨୦
ପ୍ରସଙ୍ଗ-୧ : ମହାତ୍ମା ଓ ବାଲେଶ୍ୱର : ଦାଶ ବେନହୂର

୨୪
ପ୍ରସଙ୍ଗ-୨ : ବାଘାଯତୀନ୍‌ଙ୍କ ବାପ୍ପା: ଉଦୟନାରାୟଣ ଦାସ

୩୩
ପ୍ରସଙ୍ଗ-୩ : ମରଣଜୟୀ ମାଧୋ ସିଂହ : ଅଭୟ ଦ୍ୱିବେଦୀ

୩୮
ପ୍ରସଙ୍ଗ-୪ : ପାଇକ ଆଖଡ଼ା : ଦେବଯାନୀ ରାୟ

୪୪
ପ୍ରସଙ୍ଗ-୫ : କୀର୍ତ୍ତିମନ୍ଦିରର ମହାତ୍ମା : ଲକ୍ଷ୍ମୀପ୍ରିୟା ଓଝା

୪୯
ପ୍ରସଙ୍ଗ-୬ : ବନବାସୀ ବିପ୍ଳବୀ : ପ୍ରଦୀପ କୁମାର ମିଶ୍ର

୫୪ ଦ୍ୱି-ପ୍ରଚ୍ଛଦ : ରୋହିମା ନିଶା
୫୬ କବି ଓ କବିତା : ଅକ୍ଷୟ ବେହେରା
୫୭ ସମକାଳ କବିତା : କେ. ଶ୍ୟାମବାବୁ ଦୋରା
୫୮ : ରାମକୃଷ୍ଣ ସାହୁ
୫୯ : ପ୍ରବାସିନୀ ମହାକୁଡ଼
୬୦ : ପ୍ରଫୁଲ କୁମାର ତ୍ରିପାଠୀ
: ଧନଞ୍ଜୟ ସ୍ୱାଇଁ
୬୧ : ସୁଜାତା ଶୁଭଦର୍ଶିନୀ ନାୟକ
୬୨ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୬୩ ସ୍ୱାଧୀନତାର ଅନୁଭୂତି : ପ୍ରଫୁଲ୍ଲ କୁମାର ମହାନ୍ତି
୬୪ : ବଂଶୀଧର ଷଡ଼ଙ୍ଗୀ












୬୩ ମୋ-ଶିକ୍ଷକ : ଡକ୍ଟର ମନୋରମା ମହାପାତ୍ର
୭୪ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ
୮୦ ଆତ୍ମଜୀବନୀ : ଜୟନ୍ତୀ ରଥ
୮୪ ପୁଷ୍ପବିତାନ : ଶ୍ୱେତା ରାଉତ
୯୦ ବିହଙ୍ଗ-ବିତାନ : ତୁହିନାଂଶୁ କର
୯୩ ପଛ-ଝର୍କା : ନେତାଜୀ ଅଭିନନ୍ଦନ
୯୬ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ





## ନିୟମିତ ବିଭାଗ


୯୯ ଫ୍ୟାଶନ୍ : ସ୍ୱାଗତିକା ସେଠୀ
୧୦୧ ରୋଷେଇଶାଳ
: ରୋନାଲିସା ପଣ୍ଡା
୧୦୩ : ମାଧୁରୀ ପଣ୍ଡା







ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ମାମା ସାମଲ
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ
ଶିକ୍ଷା : ବାଣିଜ୍ୟରେ ସ୍ନାତକ ଓ ଏମ୍‌ବିଏ
ବୃତ୍ତି : ଅଭିନୟ, ଆଙ୍କରିଂ, ମଡ଼େଲିଂ
'ବଧୂ', 'ରାଣୀ' ଓ 'ବାଳୀ'ର ଅଭିନେତ୍ରୀ
ପ୍ରଚ୍ଛଦ ଫଟୋଗ୍ରାଫି : ତାପସ ରାଉତ
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ
ମେକ୍‌ଅପ୍ : ମାମା , କଷ୍ଟ୍ୟୁମ୍ : ସୁସ୍ମିତା ପରିଡ଼ା
ସ୍ଥାନ : ଭୁବନେଶ୍ୱର


୧୦୫ ଶେଷପୃଷ୍ଠା : ସୃଜନ ସ୍ୱାଧୀନତା : କୃଷ୍ଣ କୁମାର ମହାନ୍ତି


**ମଲାଟ କଥା :** ସ୍ୱତନ୍ତ୍ରତା ଆମ ଜୀବନର ଏକ ମହାର୍ଘ ଉପଲବ୍ଧି । ତାହା ଦେଶ ସ୍ୱାଧୀନ ହେଉ, ହେଉ ଅବା ନିଜ ଜୀବନଚର୍ଯ୍ୟାର ଘଷରାପଣରୁ ମୁକ୍ତି, ଉପଲବ୍ଧି କିନ୍ତୁ ଭରିଦିଏ ମନରେ ଓ ପ୍ରାଣରେ ପୁଲକ ସାଙ୍ଗକୁ ମିଠାପଣ । ଅଗଷ୍ଟ ସେମିତି ଏକ ମାସ ଯେଉଁ ମାସରେ ଆମେ ମନେ ପକାଉ ପରାଧୀନ ଭାରତ ବ୍ରିଟିଶ୍ କବଳରୁ କିପରି ମୁକ୍ତ ହେଲା । ସ୍ୱଦେଶର ସ୍ୱାଦ ସତରେ ଅବର୍ଣ୍ଣନନୀୟ । ସେଇ ସ୍ୱାଧୀନତାର ସମୟକୁ ସ୍ମରଣ କରି, ଏ ମାସର ପ୍ରଚ୍ଛଦ ଆନନ୍ଦର ମୁହୂର୍ତ୍ତକୁ ପ୍ରତୀକୀତ କରେ ।






## ଅନନ୍ୟ ଆକର୍ଷଣର ନାଁ 'ରେବତୀ'

● 'ରେବତୀ' ଏକ ଅନନ୍ୟ ଆକର୍ଷଣ ପାଲଟିଲାଣି । ସବୁ ସଂଖ୍ୟା ପଢ଼ି ସାରିଲା ପରେ ଆଗାମୀ ସଂଖ୍ୟା ଅପେକ୍ଷାରେ ରୁହେ ମୁଁ । ଏଥର ସଂଖ୍ୟା ବହୁତ ସୁନ୍ଦର । 'ବହି ବଗିଚାର ବାୟା ରାଜା' ଆଲେଖ୍ୟ ଅଭିଭୂତ କଲା । କବିତା ବିଭାଗ ସହ ବିଶେଷ କବିତା ଆଲେଖ୍ୟ 'ଚାରି କେ ଚାରି', ବର୍ଲିନର ବିବିଧତା, ହାଇଦ୍ରାବାଦର ହୀରା, ଅମ୍ବାପଲ୍ଲୀର ଅନ୍ତର୍ଦାହ, ପବିତ୍ର ମୋହନ ଦାଶଙ୍କ ଚରିତ ଉପନ୍ୟାସ, ଜୟନ୍ତୀ ରଥଙ୍କ ଆତ୍ମଜୀବନୀ, ନେତାଜୀ ଅଭିନନ୍ଦନଙ୍କ ପଛଝର୍କା ଆଦି ସବୁ ଲେଖା ମନ ମୋହିଲା । କୃଷ୍ଣ କୁମାର ମହାନ୍ତିଙ୍କ 'ଲେଖକର ଲକ୍ଷ୍ୟ' ବହୁତ ଭଲ ଲାଗିଲା ।

ନବଜ୍ୟୋତି ରାୟ,କେନ୍ଦ୍ରାପଡ଼ା

## ଲୋକେ 'ରେବତୀ' ପତ୍ରିକା ଖୋଜୁଛନ୍ତି

● 'ରେବତୀ'ର ଡିଜିଟାଲ୍ ସଂସ୍କରଣ ଦେଖି ଖୁସି ହେଲି । ପୁରୁଣା ସଂଖ୍ୟା ଗୁଡ଼ିକ ମଧ୍ୟ ଏବେ ଉପଲବ୍ଧ ହେବ ଜାଣି ଆହୁରି ଖୁସି ଲାଗିଲା । ଏଇଟା ସତ ଯେ 'ରେବତୀ' କମ୍ ଦିନ ଭିତରେ ନିଜର ଦମ୍‌ଦାର ଔଜ୍ଜ୍ୱଲ୍ୟରେ ପାଠକୀୟତା ଅର୍ଜନ କରିବା ସହ ପାଠକଙ୍କ ହୃଦୟରେ ସ୍ୱତନ୍ତ୍ର ଜାଗା ନେଇ ପାରିଛି । ମୁଁ ଲକ୍ଷ୍ୟ କରିଛି ଲୋକେ 'ରେବତୀ' ପତ୍ରିକା ପଢ଼ିବାକୁ ଖୋଜୁଛନ୍ତି । ବହୁତ୍ ଅଭିନନ୍ଦନ 'ରେବତୀ' ଟିମ୍‌ର ସମସ୍ତଙ୍କୁ ।

ପୂରବୀ ଶତପଥୀ, ଭୁବନେଶ୍ୱର

## ଜୟନ୍ତ ମହାପାତ୍ରଙ୍କ ଆଲେଖ ପାଇଁ ସାଧୁବାଦ

●'ରେବତୀ' ଜୁଲାଇ ୨୦୨୧ ସଖ୍ୟାଟି ପଢ଼ି ସାରିଲି । ପ୍ରଥମରୁ ହିଁ ମୁଁ ଚିଠିପତ୍ର ବିଭାଗ 'ମତଅମତ'ରୁ ଆରମ୍ଭ କରେ । ଏଥିରେ ସଂଯୁକ୍ତ ନୂଆ ବିଭାଗରେ ଡକ୍ଟର ଶିଶିର ବେହେରାଙ୍କ ପ୍ରତୀକ୍ଷା ଜେନାଙ୍କ କବିତାକୁ ନେଇ ଏକ ମନୋଜ୍ଞ ମତ (ମତ ନୁହେଁ ତ ଆଲୋଚନା କହିବା ପ୍ରଯୁଜ୍ୟ) ଏବଂ ବରେଣ୍ୟ କବି ଫନୀ ମହାନ୍ତିଙ୍କ କବିତାକୁ ନେଇ ମୀନକେତନ ପଶାୟତଙ୍କ ଆଲୋଚନା ଖୁବ୍ ଭଲ ଲାଗିଲା । 'ମାନନୀୟେଷୁ'ରେ ମନୋଜ ମେହେରଙ୍କ ସଶ୍ରଦ୍ଧ ପ୍ରତିବେଦନ ବରେଣ୍ୟ କବି ଜୟନ୍ତ ମହାପାତ୍ରଙ୍କୁ ନେଇ ଏକ ଅନବଦ୍ୟ ଆଲେଖ । ସଂସ୍କରଣଟିକୁ ସାଇତି ରଖିବା ପରି କାମ କରିଛନ୍ତି ମନୋଜ । 'ପ୍ରଜ୍ଞାପୀଠରେ...' ଖୁବ ମନ ମୁଗ୍ଧକର । ଗପ ଏବଂ ପୁଷ୍ପବିତାନ ଖୁବ୍ ଭଲ ଲାଗିଲା । ସମ୍ପାଦକୀୟ ସମେତ ଶେଷ ପୃଷ୍ଠାରେ 'ଫାଷ୍ଟଫୁଡ୍ ପରି ସାହିତ୍ୟ ଫାଷ୍ଟ ନହେଉ ଖୁବ୍ ଉପାଦେୟ ଆଲେଖ୍ୟ ।

ଇପ୍‌ସିତା ଷଡ଼ଙ୍ଗୀ, ଭୁବନେଶ୍ୱର




## ନେତାଜୀ ଅଭିନନ୍ଦନଙ୍କ ଆଲେଖ ବେଶ୍ ହୃଦୟଗ୍ରାହୀ ହୋଇଛି

● 'ରେବତୀ'ର ଜୁନ୍ ଡିଜିଟାଲ୍ ସଂଖ୍ୟା ପାଠ କରିବା ପରେ ମୋର ମତ ରଖୁଛି । ସର୍ବପ୍ରଥମେ ସମ୍ପାଦିକା ସୁବାସିନୀ ଜେନାଙ୍କ ସମ୍ପାଦକୀୟରେ, ଆମ ସଂସ୍କୃତିର ପରିଚୟ ତଥା ଯୌଥ ପରିବାର ଅଣୁ ପରିବାରର ବିଷୟକୁ ତାଙ୍କ ଲେଖନୀରେ ଯେପରି ଭାବରେ ରୂପାୟନ କରିଛନ୍ତି ଖୁବ୍ ହୃଦୟଗ୍ରାହୀ ହୋଇଛି । ତାଙ୍କର ସମ୍ପାଦକୀୟ ପଢ଼ି ମନେହେଲା ଅଗ୍ରଗତି ନାମରେ ଆମେ ବହୁତ କିଛି ହରେଇ ସାରିଲେଣି । ଏବେ ଥୁଣ୍ଟା ବୃକ୍ଷ ହୋଇ ନିଃସ୍ୱତାର ନିଃଶ୍ୱାସ ଗଣୁଛୁ । ଭଉଣୀ ସୁବାସିନୀଙ୍କୁ ହୃଦୟଭରା ଧନ୍ୟବାଦ । ଲେଖକ ରମେଶ ପଟ୍ଟନାୟକଙ୍କ 'ତପସ୍ୟାଧାମ ପ୍ରଶାନ୍ତିର ଅନ୍ୟନାମ' ପଢ଼ି ଅଭିଭୂତ ହେଲି । ତାଙ୍କର ସେହି ସାତ ଲାଇନ୍ 'ଓଁ ମୁଁ, ମୁଁ ଓଁ' ପଢ଼ି ମୋର ମନେହେଲା ମୁଁ ଯେପରି ସଂପ୍ରଜ୍ଞାତ ସମାଧି ପରର ଶାନ୍ତି ଏବଂ ଆନନ୍ଦ ଅନୁଭବ କରୁଛି, ଯୋଉ ଆନନ୍ଦ ସର୍ବଦା ବର୍ଣ୍ଣନାତୀତ, ସେହି ଅତୁଳନୀୟ ତପୋଭୂମିରେ ବିଚରଣ କରୁଥିବାର ଅନୁଭବ ମଧ୍ୟ ପ୍ରାପ୍ତି ହେଲା । ସେ ସ୍ଥାନକୁ ଦେଖିବାର ଉତ୍ସାହ ଦ୍ୱିଗୁଣିତ ହେଲା । ସୁନ୍ଦର ଉପସ୍ଥାପନା । ଫକୀରମୋହନ ସେନାପତିଙ୍କ କାଳଜୟୀ ସୃଷ୍ଟି 'ରେବତୀ' ଭାରତୀୟ ଭାଷାରେ ଚବିଶଟି ଏବଂ ବାରଟି ବିଦେଶୀ ଭାଷାରେ ପ୍ରକାଶିତ ହୋଇଛି ଜାଣି ଗର୍ବ ଅନୁଭବ କଲି । ଫକୀରମୋହନଙ୍କ ସୃଷ୍ଟିକୁ ସଲାମ୍ । ସୌଭାଗ୍ୟବନ୍ତ ମହାରଣାଙ୍କ 'ବିଦ୍ରୋହର ବିଭୂତି': ବସନ୍ତ ମୁଦୁଲିଙ୍କ ଉପରେ ଲିଖିତ ଆଲେଖଟି ତା'ର ସ୍ୱାତନ୍ତ୍ୟ ବଜାୟ ରଖିଛି । ପାଠକର ହୃଦୟରେ ପଠନର ଉଦ୍‌ବେଗକୁ ବହୁଗୁଣିତ କରିବାରେ ସକ୍ଷମ ହୋଇପାରିଛି । କବିତାରେ ରଂଜନ କୁମାର ଦାସ, ରଂଜନ ବାଗ, ତ୍ରିନାଥ ସିଂ, ଦିବ୍ୟସିଂହ ଦାସ ଅଧିକାରୀ, ସାବିତ୍ରୀ କବି, ଉତ୍ତମା ଜେନା, ବବୁଲୁ ପଧାନ, ଯୀଶୁକ୍ରିଷ୍ଟ ଦାସ, ବିଚିତ୍ରା ଦାଶ ପ୍ରଭୃତି ଭଲ ଲାଗିଲେ । ଏହି କବିତା ବୀଥିରେ ମୋର ଏକ କବିତା ଅଛି ଜାଣେନା ପାଠକଙ୍କୁ ତାହା ଛୁଇଁଛି କି ନାହିଁ, ସମସ୍ତଙ୍କର କବିତା ନିଜସ୍ୱ ଗୁଣରେ ପରିପୂର୍ଣ୍ଣ । ଜୟନ୍ତୀ ରଥଙ୍କ 'ପ୍ରଜ୍ଞାପୀଠରେ ତେତିଶ ବର୍ଷ', ନେତାଜୀ ଅଭିନନ୍ଦନଙ୍କ 'ଅଧାଗଢ଼ା ଈଶ୍ୱର କ୍ଳାନ୍ତ ପଥିକ' ଅଧ୍ୟାପକ ବିଶ୍ୱରଂଜନ ସାରଙ୍କ ଜୀବନଚର୍ଯ୍ୟାର ପରିଚୟ ସାହିତ୍ୟପ୍ରେମୀମାନଙ୍କୁ ନିଶ୍ଚୟ ଆକୃଷ୍ଟ କରିବ । ସେ ଜଣେ ସାହିତ୍ୟ ସାଧକ, ଉଦାର ହୃଦୟର ଅଧିକାରୀ, ତାଙ୍କ ସହିତ ମିଶି ଜାଣିଛି । ତାଙ୍କର ସ୍ନେହାକ୍ତ ବାକ୍ୟ, ଯୁବସୁଲଭ ଚଂଚଳତାରେ ମୁଗ୍ଧ ହୋଇଛି । ବିଶ୍ୱରଂଜନ ସାର୍ ବାଲେଶ୍ୱରରେ କୌଣସି ମିଟିଂରେ ଯୋଗ ଦେବାକୁ ଆସିଲେ ଏବଂ ମୁଁ ସେ ମିଟିଂରେ ଅନୁପସ୍ଥିତ ଥିଲେ ସେ ଅନ୍ୟମାନଙ୍କୁ ପଚାରନ୍ତି, 'ପ୍ରମୀଳା ଆସିନି କି ? ତାର ଦେହ ଭଲ ଅଛି ତ ?' ଏମିତି କଥା ମୁଁ ଶୁଣିଛି । ବିଶ୍ୱରଂଜନ ସାର୍‌ଙ୍କୁ ମୋର ପ୍ରଣାମ । ନେତାଜୀଙ୍କ ଉପସ୍ଥାପନା ମଧ୍ୟ ଚମତ୍କାର । ଚନ୍ଦ୍ରଗିରିର ତିବ୍ବତୀଆନ୍, ମଙ୍ଗଳମୟୀ ମନ୍ଦାର ଫୁଲ, ବିଜୟ (ସାର୍) ନାୟକଙ୍କ 'ମିଠା, ଧୁମ୍ ମିଠା' ଗଳ୍ପରେ, ସାଧୁ ଘଡ଼େଇର ଚରିତ୍ର ଓ କଥାବସ୍ତୁ ଗାନ୍ଧିଙ୍କଙ୍କ ଧୂରୀଣ ପରିଚୟକୁ ଅକ୍ଷୁର୍ଣ୍ଣ ରଖିଛି । 'ଶେଷକଥା'ରେ କୃଷ୍ଣ କୁମାର ମହାନ୍ତି ଯେଉଁ ବିଷୟକୁ ଅବତାରଣା କରିଛନ୍ତି ଏବଂ ମନୋଜ ଦାସଙ୍କର ଯେଉଁ ଉକ୍ତିଟିକୁ ଉଦ୍ଧାର କରି ପାଠକଙ୍କ ସମ୍ମୁଖରେ ତୋଳି ଧରିଛନ୍ତି, ତାହା ମୁଁ ପୂର୍ବରୁ ପଢ଼ିଥିଲେ ମଧ୍ୟ ସେ ଯେଉଁଭଳି ଚାତୁର୍ଯ୍ୟରେ ବିଷୟଟିକୁ ଉପସ୍ଥାପିତ କରିଛନ୍ତି ତାହା ପ୍ରତ୍ୟେକ ପାଠକଙ୍କୁ ମାନସ ମନ୍ଥନ କରିବାର ବା ନିଜକୁ ନିରୀକ୍ଷଣ କରିବାର ଦ୍ୱାର ଉନ୍ମୁକ୍ତ କରିବାର ଶକ୍ତି ରଖିଛି । ଅବଶ୍ୟ ପ୍ରତ୍ୟେକ ସାହିତ୍ୟିକ ସଂକୀର୍ଣ୍ଣ ଚିନ୍ତାଧାରାରୁ ମୁକ୍ତ ରହିବା ବାଞ୍ଛନୀୟ । 'ରେବତୀ'କୁ ଶହ ସମ୍ମାନ ।

ପ୍ରମୀଳା ଶତପଥୀ, ବାଲିଆ, ବାଲେଶ୍ୱର-୭୫୬୦୫୬

## 'ରେବତୀ' ଓଡ଼ିଆ ସାହିତ୍ୟର ଉଚ୍ଚତା ନିର୍ଣ୍ଣୟର ମାପକାଠି ହେଉ

● ଏ ସଂଖ୍ୟା 'ରେବତୀ' ଅନନ୍ୟ । ମହାମାରୀ ସମୟରେ ମୁଦ୍ରିତ ସଂଖ୍ୟା ପ୍ରକାଶ କରିବାର ସାହସ କରିଥିବାରୁ ସମ୍ପାଦିକା ମହାଶୟାଙ୍କୁ ଧନ୍ୟବାଦ । 'ଦାସେ ଆପଣେ' ପାଇଁ ସବୁଥର ମୁଁ ଅପେକ୍ଷା କରିଥାଏ । ଏଥର ବି ଖୁବ୍ ଭଲ ଲାଗିଲା । ସୌରଭ ମହାପାତ୍ରଙ୍କୁ ଅଭିନନ୍ଦନ, ସେ ଗପ କହିବା ଢଙ୍ଗରେ କହିଛନ୍ତି ତାଙ୍କ ଆଲେଖ୍ୟ 'ବର୍ଲିନର ବିବିଧତା' । ମନୋଜ ମେହେରଙ୍କୁ ଅଭିନନ୍ଦନ ଓ ଖୁବ ଶୁଭେଚ୍ଛା । ଜୟନ୍ତ ମହାପାତ୍ରଙ୍କୁ ଏତେ ନିକଟରୁ ପାଠକମାନଙ୍କ ପାଇଁ ସେ ଖୁବ୍ ସହଜ ଭାବରେ ପରିଚିତ କରାଇବାରେ ସଫଳ ହୋଇଛନ୍ତି । ଗୋଲକୋଣ୍ଡା ଦେଖିଥିବା ଓ ଦେଖି ନଥିବା, ଉଭୟ ଶ୍ରେଣୀର ପାଠକଙ୍କ ପାଇଁ ଲକ୍ଷ୍ମୀପ୍ରିୟା ଓଝାଙ୍କର ରଚନାଟି ଦର୍ପଣ ଭଳି । ଜୟନ୍ତୀ ରଥଙ୍କ ଆତ୍ମକଥା ପାଇଁ ଅପେକ୍ଷା ବଢ଼ିଲା । ଗପ ଓ କବିତା ପଢ଼ିବି । ଏତେ ଏତେ ବିବିଧ ଆକର୍ଷଣରେ ପୂର୍ଣ୍ଣ ଏଥରର ସଂଖ୍ୟା ଯେ ତରବରରେ ସାରିବାକୁ ମନ ହେଉନି । ଏଥରର ଉଭୟ ପ୍ରଚ୍ଛଦ ଖୁବ୍ ଆକର୍ଷଣୀୟ । ଶେଷ ସମ୍ପାଦକୀୟ ଲେଖା ସହ ମୁଁ ପୁରା ଏକମତ । ସାହିତ୍ୟର ପୃଥିବୀ ପାଠକର ସ୍ନେହରେ ସୁରଭିତ ହେଉ, ପୁରସ୍କାରର ପ୍ରତିଯୋଗିତାର ତିକ୍ତତା ସାହିତ୍ୟକୁ ସ୍ପର୍ଶ ନକରୁ । 'ରେବତୀ' ଓଡ଼ିଆ ସାହିତ୍ୟର ଉଚ୍ଚତା ନିର୍ଣ୍ଣୟର ମାପକାଠି ହେଉ ।

ହିରଣ୍ମୟୀ ମିଶ୍ର, ଭୁବନେଶ୍ୱର

## ସତ୍ୟନାରାୟଣ ରାଜଗୁରୁଙ୍କ ଭଳି ବିରଳ ସାଧକଙ୍କ ଉପରେ 'ରେବତୀ' ପୃଷ୍ଠାରେ ଆଲୋଚନା ହେଉ

● ୨୦୨୧ ଜୁଲାଇ ସଂଖ୍ୟାରେ କବି ଜୟନ୍ତ ମହାପାତ୍ରଙ୍କ ପାଇଁ ଦୀର୍ଘ ୨୫ପୃଷ୍ଠା ଦେଇ ଆପଣ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ଏହା ଅନ୍ୟ ପାଇଁ ପ୍ରେରଣାଦାୟକ ହେଲେ ଶ୍ରମ ସାର୍ଥକ ହେବ । ଜୟନ୍ତ ସାର୍ ଏପରି ଏକ ଆକାଶ ଓ ସମୁଦ୍ର ଯେ ତାଙ୍କ ବିଷୟରେ ଯାହା କହିଲେ ବି ଅନ୍ଧଙ୍କ ହାତୀ ଦେଖା ପରି ହେବ । ମୋ କ୍ଷେତ୍ରରେ ତାହା ହୋଇଛି । ମୁଁ ମୋର ଭୁଲ୍, ଦୁର୍ବଳତା ଓ ଅସହାୟତାକୁ ଭଲ ଭାବେ ଜାଣେ । ସହୃଦୟ ପାଠକ ଉଦାର ଚିତ୍ତରେ କ୍ଷମା ଦେବେ । ଚଳିତ ସଂଖ୍ୟାର ପ୍ରାୟ ସମସ୍ତ ଆଲେଖ୍ୟ ସୁଖପାଠ୍ୟ ଓ ସୁଦୃଶ୍ୟ । ଜୟନ୍ତୀ ରଥଙ୍କ ଯୋଗଜନ୍ମା ସତ୍ୟନାରାୟଣ ରାଜଗୁରୁଙ୍କ ଉପରେ ପ୍ରସ୍ତୁତ ଲେଖାଟି ପ୍ରଥମେ ନଜରକୁ ଆସିଲା । କାରଣ ଆଜିର ଦିନରେ ସତ୍ୟନାରାୟଣ, କେଦାରନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଆର୍ତ୍ତବଲ୍ଲଭ ମହାନ୍ତି, ଗୋପୀନାଥ ନନ୍ଦଶର୍ମା,ଡକ୍ଟର ନଟବର ସାମନ୍ତରାୟ ଭଳି ସାଧକଙ୍କ ବିଷୟରେ ଆଲୋଚନା ଦେଖିବାକୁ ମିଳୁନି । ଆଗକୁ ଏଭଳି ବିରଳ ସାଧକଙ୍କ ଉପରେ 'ରେବତୀ' ପୃଷ୍ଠା ମଣ୍ଡନ କରିବ ଏହି ବିଶ୍ୱାସ ରହିଛି । ଏମାନଙ୍କ ବିଷୟରେ ନୂଆପିଢ଼ି ଜାଣିବା ଜରୁରୀ । ସୁରେନ୍ଦ୍ର ମହାନ୍ତିଙ୍କ କାଳଜୟୀ ଗଳ୍ପ 'ଅମ୍ବାପଲ୍ଲୀ' ଉପରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଆକଳନ ବାସ୍ତବିକ ହୃଦୟଗ୍ରାହୀ । ପୂର୍ବରୁ ସେ ମନୋଜ ଦାସଙ୍କ କାଳଜୟୀ ଗପ 'ଲକ୍ଷ୍ମୀର ଅଭିସାର' ଉପରେ ଏକ ସ୍ୱତନ୍ତ୍ର ପୁସ୍ତକ ରଚନା କରିଛନ୍ତି । ନିର୍ଦ୍ଦିଷ୍ଟ ଗଳ୍ପ ଉପରେ ବ୍ୟାପକ ଆଲୋଚନା ଏକାନ୍ତ ସ୍ୱାଗତଯୋଗ୍ୟ । ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଗୋଲକୋଣ୍ଡା ଦୁର୍ଗ' ଓ ସୌରଭ ରଞ୍ଜନ ମହାପାତ୍ରଙ୍କ 'ବର୍ଲିନ' ଉପରେ ପ୍ରସ୍ତୁତ ଭ୍ରମଣବୃତ୍ତାନ୍ତ ଭଲ ଲାଗିଲା । ଗଲି ଖାଇଲି ଅଇଲି ଧର୍ମୀ ଲେଖାକୁ ପ୍ରାଧାନ୍ୟ ନଦେଇ ଯେଉଁ ନୂଆପିଢ଼ିର ଓଡ଼ିଆମାନେ ବିଦେଶରେ ରହୁଛନ୍ତି ସେମାନଙ୍କଠୁ ଅଧିକ ଲେଖା ଆଦାୟ କରି ପାରିଲେ ଭଲ । ପବିତ୍ର ମୋହନ ଦାଶ ଭାଇଙ୍କ 'ଦାସେ ଆପଣେ'ର ମହକ ନିଆରା । କବୟିତ୍ରୀ ଈପ୍‌ସିତା ଷଡ଼ଙ୍ଗୀ କବିତାତର୍କ ଶୀର୍ଷକରେ କମ୍ ଆଲୋଚିତ କବିଙ୍କ ଉପରେ ଯେଉଁ ପରିଚର୍ଯ୍ୟା ଆରମ୍ଭ କରିଛନ୍ତି, ତାହା ସ୍ୱାଗତଯୋଗ୍ୟ ଏବଂ ସେଥିପାଇଁ ସେ ଅଭିନନ୍ଦନୀୟ । ସମ୍ପାଦକୀୟ 'ଲେଖକର ଲକ୍ଷ୍ୟ' ଉପରେ ବେଶ୍ ଉପାଦେୟ କଥା ଉଲ୍ଲେଖ କରା ଯାଇଛି । ଜଣେ ସାରସ୍ୱତ ସ୍ରଷ୍ଟା ନିଜର ସ୍ୱରୂପକୁ ଯଦି ଚିହ୍ନି ନପାରିବେ ଏବଂ ତାଙ୍କର ଦୃଷ୍ଟି କେଉଁଠାରେ ନିବଦ୍ଧ ହେବା ଆବଶ୍ୟକ ନିରୂପଣ କରିନପାରିବେ, ତାଠୁ ବଳି ଦୁର୍ଭାଗ୍ୟ ନାହିଁ । ଅର୍ଜ୍ଜୁନର ଲାଖବିନ୍ଦୁ ପରି ଲେଖକର ତୃତୀୟ ଚକ୍ଷୁ ଉନ୍ମୀଳିତ ହେବା ଉଚିତ । 'ରେବତୀ' ଆଜି ଓଡ଼ିଶାରେ ଏକ ନିଆରା ପତ୍ରିକା ଭାବେ ଉଭା ହୋଇଛି ଏବଂ ବିଷୟ ପରିପାଟୀ ଓ ସାଜସଜ୍ଜା ସବୁଥିରେ ସ୍ୱକୀୟ ପଦଚିହ୍ନ ଛାଡ଼ି ଚାଲିଛି । ଏହା ସମ୍ଭବ ହୋଇପାରିଛି ଆପଣଙ୍କର ଏକନିଷ୍ଠ ନିଷ୍ଠା, ସାଧନା ଓ ଅଙ୍ଗୀକାରବଦ୍ଧତା ଯୋଗୁଁ । ଆଶା ଓ ବିଶ୍ୱାସ ଏ ଧାରା ଆଗକୁ ଜାରି ରହିବ । ସାହିତ୍ୟର ଜୟ ହେଉ । ହଁ, ମୋ ଆଲେଖ୍ୟ ପାଠ କରି ଯେଉଁମାନେ ମତାମତ ଦେଇଛନ୍ତି ସମସ୍ତଙ୍କୁ ପ୍ରଣତି ଜଣାଉଛି । ସଭିଏଁ ଋଣୀ କରିଦେଲେ ମୋତେ ।

ମନୋଜ କୁମାର ମେହେର, **'ସମାଜ' ଅଫିସ, କଟକ**

## କବି ଜୟନ୍ତ ମହାପାତ୍ରଙ୍କ ଉପରେ ମନୋଜ ମେହେରଙ୍କ ଆଲେଖ୍ୟଟି ଅତ୍ୟନ୍ତ ଚିତ୍ତାକର୍ଷକ

●ଆମ ସମୟର ବର୍ଷୀୟାନ କବି ଶ୍ରୀଯୁକ୍ତ ଜୟନ୍ତ ମହାପାତ୍ରଙ୍କ ଉପରେ ସଂପୂର୍ଣ୍ଣ ଆଲେଖ୍ୟଟି ଅତ୍ୟନ୍ତ ଚିତ୍ତାକର୍ଷକ । ସେଥିପାଇଁ ଉପସ୍ଥାପକ ଶ୍ରୀ ମନୋଜ ମେହେର ଓ ଆୟୋଜକ 'ରେବତୀ'ର ସମ୍ପାଦନ ମଣ୍ଡଳୀଙ୍କୁ ସାଧୁବାଦ ଜଣାଉଛି । ଯେହେତୁ ସେ ଜଣେ ନିରଳସ ସାଧକ ଓ ପ୍ରଚାର ପ୍ରସାର ଠାରୁ ଦୂରରେ ରହନ୍ତି, ତେଣୁ ତାଙ୍କ ସମ୍ପର୍କରେ ବିଶେଷ ଜାଣିହୁଏ ନାହିଁ । ସେ ଏକାଡ଼େମୀ ପୁରସ୍କାର ପାଆନ୍ତୁ ବା ନ ପାଆନ୍ତୁ ଓଡ଼ିଶାବାସୀଙ୍କ ଶ୍ରଦ୍ଧା ଓ ସମ୍ମାନ ପାଇବାର ହକ୍‌ଦାର । ଓଡ଼ିଶାରେ ବହୁ ସାହିତ୍ୟିକ ସାହିତ୍ୟର ଛାତ୍ର ହୋଇନଥିଲେ ମଧ୍ୟ ଖୁବ୍ ଆଦୃତ ହେଉଥିବା ବେଳେ ସେ କାହିଁକି ସମାଲୋଚନାର ଶିକାର ହେଲେ ବୁଝି ହେଲା ନାହିଁ । ଆଶା କରିବି ତାଙ୍କ ବୟସର ଅପରାହ୍ନରେ ସାହିତ୍ୟ ସମୀକ୍ଷକମାନଙ୍କର କଲମର ଧାର ତାଙ୍କ ପ୍ରତି ଅଧିକ ତୀକ୍ଷ୍ଣ ନହେଉ ।

'ଅମ୍ବାପଲ୍ଲୀର ଅନ୍ତର୍ଦାହ' ପୁନର୍ବାର ପ୍ରାଣକୁ ସୁରେନ୍ଦ୍ର ମନସ୍କ କଲା, ଅମ୍ବାପଲ୍ଲୀ ହେଉ ଅବା ରୂପଶ୍ରୀ ଏଭଳି ନାରୀ ହୃଦୟର ଅର୍ନ୍ତଦାହକୁ କିଏ ଅବା ଫୁଟାଇ ପାରିବ ଏତେ ଜୀବନ୍ତ କରି ? କେଉଁଠି ସୌନ୍ଦର୍ଯ୍ୟ ତା'ର ଅପରାଧ ତ କେଉଁଠି ପୁତ୍ର ଶୋକରେ ଗୋଟେ ସାଧାରଣ ଜନନୀର ଲୁହ ଧୂଳିସାତ୍ କରି ଦେଇପାରେ ପ୍ରତିଷ୍ଠିତ ଧର୍ମ । ଧନ୍ୟବାଦ ଶ୍ରୀଯୁକ୍ତ ମେହେର୍ ।

'ପ୍ରଜ୍ଞାପୀଠରେ ...'ରୁ ଐତିହାସିକ ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁଙ୍କ ଜୀବନର ଅଜ୍ଞାତ ଅଧ୍ୟାୟ ସମ୍ପର୍କରେ ଜାଣିହେଲା । 'ଦାସେ ଆପଣେ', 'ଆଲୋକିତ କାବ୍ୟସ୍ୱର', 'ରାଜନୀତିର ରେଖାଚିତ୍ର' ଓ ଦୁଇଟି ଭ୍ରମଣ କାହାଣୀ ଓ ଅନ୍ୟାନ୍ୟ ବିଭାଗ ଗୁଡ଼ିକ ଖୁବ୍ ଭଲ ଲାଗିଲା । ସମସ୍ତ ସ୍ରଷ୍ଟାଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ସୌଭାଗିନୀ ପରିଡ଼ା, ଆଲ୍‌ବାହ, ସାଉଦି ଆରବ

## ବୈଶାଖ ବିଶେଷରେ ସମସ୍ତ କବିତା ସ୍ୱତନ୍ତ୍ର

● ଏଥରର 'ରେବତୀ' ପୃଷ୍ଠା ଯେମିତି ମନୋଜ ଦାସଙ୍କ ସ୍ମୃତି ଓ ଗୁଣାବଳୀର ମହକରେ ମହକାନ୍ୱିତ ହୋଇ ଉଠିଛି ଠିକ୍ ସେମିତି ପଳାଶ ଫୁଲର ବିଶେଷ ଉପସ୍ଥାପନ 'ରେବତୀ' ପୃଷ୍ଠାକୁ କରିଛି ବେଶ୍ ରଙ୍ଗିନ । ବିଜ୍ଞ ପ୍ରାଜ୍ଞ ପୁରୁଷ, କଥାସାହିତ୍ୟ ଜଗତର ମଉଡ଼ମଣିଙ୍କ ପାଇଁ ସମ୍ପାଦକୀୟ ପୃଷ୍ଠା ଶୂନ୍ୟ ରଖିବା ନିଷ୍ପତ୍ତି ନେଇ ସମ୍ପାଦିକା ଉଚିତ ସମ୍ମାନ ପ୍ରଦାନ କରିଛନ୍ତି ଦିବଂଗତ ଆତ୍ମାଙ୍କ ପ୍ରତି । ଭିନ୍ନ ମଣିଷ ମନୋଜ ଦାସ, ପ୍ରଣାମ ଯୁଗପୁରୁଷ ହେଉ କି ମନୋଜୀୟ ମୁହୂର୍ତ୍ତ ହେଉ ସବୁକିଛି ପଢ଼ିବା ପରେ ବି ପାଠକୀୟ ତୃଷ୍ଣା ଅବଦମିତ ହୋଇପାରେନା । କାରଣ ସେ ମନୋଜ ଦାସ । ଆକାଶ ପରି ତାଙ୍କର ବ୍ୟାପ୍ତି, ସମୁଦ୍ର ପରି ସୀମାହୀନ ସେ । ତାଙ୍କ ବିଷୟରେ ଜାଣିବା ପାଇଁ ଅଧିକରୁ ଅଧିକ ଇଚ୍ଛା ଜାଗି ଉଠେ ମନରେ । ବୈଶାଖ ବିଶେଷରେ ସ୍ଥାନିତ ପ୍ରତ୍ୟେକ କବିତା ସ୍ୱତନ୍ତ୍ର । ଆଉ ସେଥିରେ ସଂଯୋଜିତ ଚିତ୍ର ସବୁ ଆହୁରି ଆକର୍ଷଣୀୟ । ଏ ରଙ୍ଗୀନ ପୃଷ୍ଠା ଭିତରେ ସୃଜନଶୀଳତାର ଅନନ୍ୟ ପରିପ୍ରକାଶ ସତରେ ପାଠକ ମନକୁ ମୋହିନେବାକୁ ଓ ତାର ସୌନ୍ଦର୍ଯ୍ୟବୋଧକୁ ବହୁଗୁଣିତ କରିବା ପାଇଁ ବେଶ ସମର୍ଥ । ପଳାଶ ଫୁଲ ସମ୍ପର୍କରେ ଥିବା ଅନେକ ଔଷଧୀୟ ଗୁଣ ସମ୍ପର୍କରେ ଖୁବ୍ ସୁନ୍ଦର ରୂପେ ପରିପ୍ରକାଶ କରିଛନ୍ତି ଲେଖିକା । ଭଲ ଲାଗିଲା ଫୁଲ ବିଜ୍ଞାନର ଛାତ୍ର ଭାବେ ସେ ଲେଖାଟି ପଢ଼ି । Impatiens psittacinaକୁ ବୋଧେ parrot flower କୁହନ୍ତି । ତାହା ଉପରେ ଆଉ ଟିକେ ଗବେଷଣା କରିବେ । ଆଉ ପଳାଶକୁ ଫ୍ଲେମ୍ ନୁହଁ ଫ୍ଲେମ୍ ଅଫ୍ ଫରେଷ୍ଟ କୁହାଯାଏ । ପାଠକମାନଙ୍କ ପାଇଁ 'ରେବତୀ' ପଢ଼ିବାକୁ ନୂଆ ସୁଯୋଗ ଓ ସୁବିଧା ମୋବାଇଲ୍ ଆପ୍‌ରେ ଦେଲାଣି । ଯା ଠୁଁ ବଳି ଜଣେ ନିୟମିତ ପାଠକ ପାଇଁ ଖୁସିର ଖବର କଣ ହୋଇପାରେ ! ଲକ୍‌ଡାଉନ୍ ଯିବା ପରେ କିନ୍ତୁ 'ରେବତୀ' ମୁଦ୍ରିତ ହୋଇ ଆସୁ । ତାର ରଙ୍ଗୀନ ସୁଶୋଭିତ ବକ୍ଷରେ ଏ ପାଠକଟିର ଆଙ୍ଗୁଠି ଛୁଆଁ ବାଜୁ, ବାସ୍ ଏତିକି କାମନା କରିବି ।

ସୁବ୍ରତ କୁମାର ସେନାପତି,
**ଓୟୁଏଟି, ଭୁବନେଶ୍ୱର**

## ଆଲୋକ ବାରିକଙ୍କ ଗପଟି ଭଲ ଲାଗିଲା

● ମୁଁ ପତ୍ରିକା ପାଇଲି । ପୁଅ ଭୁବନେଶ୍ୱରରୁ ମୋ ପାଇଁ ଦୁଇଟି 'ରେବତୀ' ପଠାଇଥିଲା । କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ସର୍ମ୍ପକରେ କିଛି ନୂତନ ତଥ୍ୟ ଜାଣି ପାରିଲି । ଗାଳ୍ପିକ ଆଲୋକ କୁମାର ବାରିକଙ୍କ 'ଅନୁତାପ' ଗଳ୍ପଟି ହୃଦୟସ୍ପର୍ଶୀ । ପ୍ରାୟ ସବୁ ଲେଖା ଓ କବିତା ଉଚ୍ଚକୋଟୀର ଥିଲା । ଆପଣଙ୍କ 'ଶେଷ ପୃଷ୍ଠା'ରେ ଲେଖକଙ୍କର ଲକ୍ଷ୍ୟ, ଲେଖାଟି ସମସ୍ତ ପାଇଁ ଶିକ୍ଷଣୀୟ ।

ଶିଶିର ପଟ୍ଟନାୟକ, **କନ୍ଧମାଳ**

# ଜ୍ଞାନ-ସଂକଳ୍ପର ପରିଭାଷା : ଭ୍ରମଣ ଓ ପର୍ଯ୍ୟଟନ

**ଡକ୍ଟର ଶିଶିର ବେହେରା**
ସହକାରୀ ପ୍ରଫେସର୍,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର


ଶିଶିର ବେହେରା

'ରେବତୀ'ର ପ୍ରତିଟି ବିଭାଗର ସ୍ୱତନ୍ତ୍ରତା ରହିଛି । ସେହିହେତୁ ସକଳଙ୍କ ପ୍ରିୟ ପତ୍ରିକା ରୂପେ ତା'ର ସମାଦର । ଭିନ୍ନସ୍ୱାଦ ପରିବେଷଣରେ ସମର୍ଥ ବୋଲି ପାରିବାରିକ ପତ୍ରିକା ରୂପେ ସବୁବର୍ଗଙ୍କ ନିକଟରେ ଏହା ପ୍ରିୟ । ଫିଚର୍‌ରେ କଳା, ସଂସ୍କୃତି, ସାହିତ୍ୟ, ଖାଦ୍ୟପେୟ ଆଦି ନାନା ବିଷୟ, ଆକର୍ଷଣୀୟ ପରିପାଟୀ ଓ ନୂତନ ଶୈଳୀରେ ଗୁମ୍ଫିତ ହେଉଛି । ଚଳିତ ସମୟର ସୁଦୃଶ ଅଥଚ ବିଶ୍ୱଜ୍ଞାନ ଲବ୍ଧ ପତ୍ରିକା ଭାବରେ ପ୍ରତିଟି ପରିବାରରେ 'ରେବତୀ'ର ପ୍ରବେଶ । କୁଶଳୀ ସମ୍ପାଦକ ଏ ନିମନ୍ତେ ଧନ୍ୟବାଦାର୍ହ । ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ସବୁବେଳେ ନୂଆ ସର୍ଜିବାରେ ବିଶ୍ୱାସୀ । ତାଙ୍କରି ପ୍ରେରଣାରେ ମୋର ଏହି ବିଶେଷ ଚର୍ଚ୍ଚାରେ ଅଭିନିବେଶ । 'ରେବତୀ' ପଣତରେ ବାନ୍ଧିଦେଲି ମୋ ପାଠକୀୟ ଅଭିମତକୁ ।

'ରେବତୀ'ର ୨୦୨୧ ଜୁଲାଇ ସଂଖ୍ୟାରେ ପରିବେଷିତ ସମସ୍ତ ବିଭାଗ ଆକର୍ଷଣୀୟ ଓ ଉପଭୋଗ୍ୟ । ସମସ୍ତ ବିଭାଗରେ ପୂର୍ବର ସେହି ସ୍ୱାଦଟି ଗତିଶୀଳ ମାତ୍ର ନୂତନ ଆଙ୍ଗିକ ମଧ୍ୟରେ । ବିଶେଷ ଆକର୍ଷଣ କୁଶଳୀ ଫିଚର୍ ଲେଖକ, ସାମ୍ବାଦିକ ମନୋଜ ମେହେରଙ୍କ 'ବହି ବଗିଚାର ବାୟାରାଜା' । ଏଥିସହିତ ଆଉ ଦୁଇଟି ପ୍ରସଙ୍ଗ 'ରେବତୀ'ର ଜୁଲାଇ ସଂଖାକୁ ପରିପୁଷ୍ଟ କରିଛି । ପର୍ଯ୍ୟଟନ ଓ ଭ୍ରମଣକାହାଣୀ କ୍ରମରେ ସୌରଭ ରଂଜନ ମହାପାତ୍ରଙ୍କ 'ସହରର ନାଁ ବର୍ଲିନ୍' ଏବଂ ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଗୋଲ୍‌କୋଣ୍ଡା ଫୋର୍ଟ' । ଦୁଇଟି ପ୍ରସଙ୍ଗ ଭିନ୍ନ, କିନ୍ତୁ ଇତିହାସ ଆଧାରିତ ।

ପର୍ଯ୍ୟଟନ ଓ ଭ୍ରମଣ ଆପାତତଃ ସମାଗୋତ୍ର ହେଲେ ହେଁ ଉଭୟ କିନ୍ତୁ ସ୍ୱାତନ୍ତ୍ର୍ୟ ବହନ କରନ୍ତି । ଦୁଇଟି ପ୍ରସଙ୍ଗ ଭ୍ରମଣାନୁଭୂତି ପ୍ରସୂତ । ଦୃଷ୍ଟି-ଦର୍ଶନରେ ଭିନ୍ନତା ଏବଂ ଆବେଦନରେ କଳାତ୍ମକତା ଏହାର ପ୍ରମୁଖ ପ୍ରତିପାଦ୍ୟ ବିଷୟ । ସାହିତ୍ୟ ଜଗତରେ ଏ ଉଭୟର ଆଦର ଊଣା ନୁହେଁ; ପାଠକ-ଗବେଷକଙ୍କର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ । ପର୍ଯ୍ୟଟନ ଓ ଭ୍ରମଣ ଚିରକାଳ ମନୁଷ୍ୟକୁ ଉଚ୍ଛ୍ୱସିତ କରିଛି । ଅଜଣାକୁ ଜାଣିବା, ଜାଣିଥିବା-ଶୁଣିଥିବା ସ୍ଥାନକୁ ଭ୍ରମଣ କରି ଉପଭୋଗ ମୁହୂର୍ତ୍ତରେ ସୁଖଦ ଅନୁଭବକୁ ସକଳଙ୍କ ଠାରେ ସାର୍ବଜନୀନ କରିବାର ଆକାଂକ୍ଷା ମଧ୍ୟ ମଣିଷକୁ ଅନ୍ୟ ସହ ଯୋଡ଼ିବାରେ ସହାୟକ ହୋଇଥାଏ । ଭବଘୁରା ମଣିଷ ତା'ର ଆବେଗ-ଉଚ୍ଛ୍ୱାସକୁ ପ୍ରଶମିତ କରେ ନୂତନ ସ୍ଥାନ ଭ୍ରମଣରେ, ପର୍ଯ୍ୟଟନ କରିବାରେ । ସେହି ଦୃଶ୍ୟପଟ୍ଟ, ସଂପୃକ୍ତ କାହାଣୀ- ଇତିହାସର ବ୍ୟାଖ୍ୟା ବିତର୍କକୁ ପାଠକ ନିକଟରେ ପହଞ୍ଚାଇବାରେ ପ୍ରୟାସ କରିଥାଏ ଲେଖକ । ସୌରଭ ରଂଜନ ମହାପାତ୍ରଙ୍କ 'ସହରର ନାଁ ବର୍ଲିନ' ଏହି ସତ୍ୟର ଦ୍ୟୋତକ ବୋଲି ବିଚାର କରାଯାଇପାରେ । ପର୍ଯ୍ୟଟନ କ୍ରମରେ ବର୍ଲିନର ଇତିହାସ, ପ୍ରଥା-ଚଳଣିର ସଂକ୍ଷିପ୍ତ ପରିଚୟ ଭିତରେ ଅତୀତ ଜର୍ମାନୀର ସ୍ଥାପତ୍ୟ, କାରୁକାର୍ଯ୍ୟ, କଳାପାଟବତା, ଶୈକ୍ଷିକ, ପ୍ରତିଷ୍ଠାନ, ବିଶ୍ୱପ୍ରଭାବୀ ବ୍ୟକ୍ତିବର୍ଗଙ୍କ ସଂପର୍କରେ ସୂଚନା ଦେଇଛନ୍ତି । ବର୍ଲିନ୍ ପ୍ରାଚୀର ନିର୍ମାଣର ପଶ୍ଚାତ୍‌ରେ ରହିଥିବା ନିଷ୍ଠୁର ଇତିହାସର ପ୍ରାମାଣିକତାକୁ ଲେଖକ ଯେପରି ବର୍ଣ୍ଣନା କରିଛନ୍ତି, ସୌନ୍ଦର୍ଯ୍ୟର ଅପରୂପ ଭୂମିଖଣ୍ଡ ଭାବେ ନିଜେ ଭୋଗିଥିବା ବର୍ଲିନର ପର୍ଯ୍ୟଟନ- କାରୁକଳାକୁ ତଥ୍ୟଧର୍ମୀ ଆଲେଖ୍ୟରେ ସଂଯୋଜିତ କରିଛନ୍ତି । ପ୍ରଦାନ କରୁଥିବା ତଥ୍ୟ ସହ ତା'ର ପ୍ରାମାଣିକ ଫଟୋଚିତ୍ର ସହଜରେ କେବଳ ବର୍ଲିନକୁ ଦେଖିବାର ଭ୍ରମ ସୃଷ୍ଟି କରାଇ ନାହିଁ, ଅଧିକନ୍ତୁ ପାଠକଙ୍କୁ ବର୍ଲିନ ମନସ୍କ କରାଇବାରେ ଅନେକାଂଶରେ ସମର୍ଥ । ସୌରଭ ରଂଜନଙ୍କ ବର୍ଣ୍ଣନାଭଙ୍ଗୀ ମଧ୍ୟ ପାଠକଙ୍କୁ ବାନ୍ଧି ରଖି ପାରୁଛି । ପ୍ରତ୍ୟକ୍ଷ ଦର୍ଶନରେ ବର୍ଲିନର ପ୍ରାଚୀର, ବ୍ରାଣ୍ଡେନ୍‌ବର୍ଗର ଫାଟକ, ଇଷ୍ଟ୍ ସାଇଡ୍ ଗ୍ୟାଲେରୀ, ହମ୍‌ବୋଲ୍ଡ୍ ୟୁନିଭର୍ସିଟିର ବର୍ଣ୍ଣନାରେ ବର୍ଲିନ୍‌କୁ ଅନୁଭବିବାର ଏକ ରୈଖିକ ଚମକ ସୃଷ୍ଟି କରାଇଛି । କାଳାନୁକ୍ରମିକ ଇତିହାସ ସହ ବିଭାଜିତ ଜର୍ମାନର ରାଜତନ୍ତ୍ର ଏବଂ ପ୍ରମୁଖ ପର୍ଯ୍ୟଟନ ଉପରେ ଲେଖକଙ୍କ ସଂକ୍ଷିପ୍ତ ବର୍ଣ୍ଣନା ହୃଦ୍ୟ ହୋଇ ପାରିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିସମାପ୍ତି ପରେ ଜର୍ମାନୀ ଚାରି ଭାଗରେ ବିଭକ୍ତ ହେବା ସହ ଚାରୋଟି ଭାଗର ଶାସନଭାର ଯୁକ୍ତରାଷ୍ଟ୍ର, ଫ୍ରାନ୍ସ, ବ୍ରିଟେନ୍ ଏବଂ ସୋଭିଏତ୍ ୟୁନିୟନ ଉପରେ ନ୍ୟସ୍ତ ହୋଇଥିଲା । ବର୍ଲିନ ସହର ସୋଭିଏତ୍ ଅଂଶର ଅନ୍ତର୍ଭୁକ୍ତ ହେଲେ ହେଁ ଏହା ମଧ୍ୟ ଚାରିଅଂଶରେ ବିଭକ୍ତ ହେଲା । ଦଖଲକାରୀ ରାଷ୍ଟ୍ରମାନେ ଜର୍ମାନୀ ଶାସିତ ହେଲେ ମଧ୍ୟ ଶୀତଳ ଯୁଦ୍ଧ ହେବା କାରଣରୁ ଫ୍ରାନ୍ସ, ବ୍ରିଟେନ୍ ଓ ଯୁକ୍ତରାଷ୍ଟ୍ର ଅଧିକୃତ ଅଂଶକୁ ନେଇ ଗଠିତ ହେଲା 'ଫେଡ଼େରାଲ୍ ରିପବ୍ଲିକ୍ ଅଫ୍ ଜର୍ମାନୀ' । ଏହାର ବିପରୀତରେ ମଧ୍ୟ ସୋଭିଏତ୍ ଅଧିକୃତ ଅଂଶରେ ଗଢ଼ା ହେଲା 'ଡେମୋକ୍ରେଟିକ୍ ରିପବ୍ଲିକ୍ ଅଫ୍ ଜର୍ମାନୀ' । ଏହି ସମସ୍ତ ଐତିହାସିକ ତଥ୍ୟରେ ସଜ୍ଜିତ 'ସହରର ନାଁ ବର୍ଲିନ୍' ଯେପରି ପାଠକଙ୍କୁ 'ଦୂର ବିଦେଶର ସଂଘର୍ଷମୟ ଅତୀତକୁ ସ୍ମରଣ କରାଇ ଦିଏ, ସେହିପରି ବର୍ଲିନ୍ ସହରର ବୈଶିଷ୍ଟ୍ୟ, ଶିଳ୍ପନୈପୁଣ୍ୟ ଓ ପର୍ଯ୍ୟଟନ ବର୍ଣ୍ଣନାରେ ଲେଖକଙ୍କ ଅନୁଭୂତିର ସାନ୍ଦ୍ରତାକୁ ମଧ୍ୟ ପ୍ରତିପାଦିତ କରିଦିଏ । ଦୀର୍ଘ ଇତିହାସର ସୂଚନା ମଧ୍ୟରେ ବି ଲେଖକ ଦର୍ଶନ ଜନିତ ନାନ୍ଦନିକତାକୁ ବ୍ୟକ୍ତ କରିଛନ୍ତି ସ୍ୱାଭାବିକ ଶୈଳୀ- "ବର୍ଲିନ୍‌କୁ କେବଳ ଏକ ଐତିହାସିକ ସହର କହିବା ଠିକ୍ ନୁହେଁ । ଏଇ ସହରରେ ରହିଛି ଆହୁରି ଅନେକ ଆକର୍ଷଣୀୟ ଜିନିଷ । ଏଇ ବିଭିନ୍ନତା ଏଇ ସହରକୁ ଏକ ଅନନ୍ୟ ପରିଚିତି ଦିଏ । ଯେଉଁ ସହର ଦିନେ ବିଭାଜନ, ଘୃଣା ଆଉ ନାଜିବାଦର ପେଣ୍ଠସ୍ଥଳୀ ଥିଲା, ସେ ଆଜି ସାଜିଛି ପ୍ରେମ, କଳାତ୍ମକ ଭାବନା, ନିରପେକ୍ଷତା ଓ ବନ୍ଧୁତାର ସହର ।"

ଲକ୍ଷ୍ମୀପ୍ରିୟା ଓଝାଙ୍କ ଭ୍ରମଣାନୁଭୂତି 'ଗୋଲ୍‌କୋଣ୍ଡା ଫୋର୍ଟ' ଆଲେଖ୍ୟଟି ମଧ୍ୟ ବେଶ୍ ସଜୀବ । ଭାରତବର୍ଷରେ ଐତିହାସିକ ଦୁର୍ଗର ସୌନ୍ଦର୍ଯ୍ୟପୂର୍ଣ୍ଣ ଅଭିବ୍ୟଞ୍ଜନା ସହିତ ପଶ୍ଚାତ୍‌ରେ ଥିବା ସଂଘର୍ଷପୂର୍ଣ୍ଣ ଇତିହାସର ପୃଷ୍ଠପେଟିକାକୁ ଏଥିରେ ସଂଯୋଜିତ କରିଛନ୍ତି ଲେଖିକା । ଭ୍ରମଣ କାହାଣୀ କେବଳ ନିର୍ଦ୍ଦିଷ୍ଟ ସ୍ଥାନ ବା ବ୍ୟକ୍ତିର ଅନୁଭୂତି ମାତ୍ର ନୁହେଁ, ସମୟଖଣ୍ଡର ବର୍ଣ୍ଣନା, ଛବି ଏବଂ ସ୍ଥାନର ସୂଚନା ଏଥିସହ ଗୁମ୍ଫିତ ହୋଇ କଳାତ୍ମକ ରୂପ ପରିଗ୍ରହ କରିଥାଏ । 'ଯାହା ଦେଖିଲି, ତାହା ଲେଖିଲି' ନ୍ୟାୟରେ ଭ୍ରମଣ କାହାଣୀ ରଚନା ହୋଇପାରେ ନାହିଁ, ତାହା କେବଳ ବ୍ୟକ୍ତିଗତ ଅଭିନନ୍ଦନିକା ବା ଡାଏରୀ ଧର୍ମୀ ମୁଗ୍ଧ ଉଚ୍ଛ୍ୱାସକୁ ପ୍ରକାଶ କରିପାରେ । ମାତ୍ର, ପ୍ରକାଶଭଙ୍ଗୀରେ ଯଦି ବୈଚିତ୍ର୍ୟତା ଲକ୍ଷିତ ହୁଏ ଏବଂ ସାରସ୍ୱତ କଳାନୈପୁଣ୍ୟରେ ତାହା ପ୍ରଦର୍ଶିତ ହୁଏ, ତେବେ ପାଠକଙ୍କୁ ତାହା ଆମୋଦିତ କରେ । ଜଣେ ଅନୁଭବୀ ସୃଜନପ୍ରାଣ ଭ୍ରମଣକାରୀ

ହିଁ ଭ୍ରମଣ କାହାଣୀ / ସାହିତ୍ୟ ଲେଖି ପାରନ୍ତି, ଯେଉଁଥିରେ ସତ୍ୟ, ତଥ୍ୟ ଓ ପ୍ରତ୍ୟକ୍ଷ ବିବରଣୀ ଅଙ୍କିତ ହୋଇଥାଏ । ସେଥିପାଇଁ କୁହା ଯାଇଛି: 'Travel, in the younger sort is a part of education, in the elder, a part of experience'. **(Of Travel, Fracis Bacon)** ଭ୍ରମଣ ହିଁ ମନୁଷ୍ୟର ରୋମାଞ୍ଚ ତୃଷାର ପ୍ରମାଣ । ମନୁଷ୍ୟ ମାତ୍ରେ ହିଁ ଊଣା ଅଧିକେ Spirit of adventure ରହିଥାଏ । ଏହି ଭାବନାର ସଫଳ ପରିପ୍ରକାଶ ଲକ୍ଷ୍ମୀପ୍ରିୟାଙ୍କ 'ଗୋଲକୋଣ୍ଡା ଫୋର୍ଟ' । ଦକ୍ଷିଣ ଭାରତର ସୁପ୍ରସିଦ୍ଧ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦ ନଗରରୁ ୫ ମାଇଲ୍ ଦୂରରେ ଅବସ୍ଥିତ ଗୋଲ୍‌କୋଣ୍ଡା ଦୁର୍ଗ, ଯାହା ଧ୍ୱସ୍ତ ନଗରୀ ଭାବେ ସଂପ୍ରତି ଉଭା । ଇତିହାସର ଏହି ଦୁର୍ଗ ଭ୍ରମଣରେ ଲେଖିକାଙ୍କୁ ସହଯୋଗ କରିଛନ୍ତି ଗାଇଡ୍ ଜଣକ । ତାଙ୍କରି ସୂଚନା ଆଧାରରେ ଗୋଲ୍‌କୋଣ୍ଡା ପରିଦର୍ଶନ ସହ ଦୁର୍ଗ ନିର୍ମାଣର କୌଶଳ, ପ୍ରାଚୀନ ସ୍ଥାପତ୍ୟ ମଧ୍ୟରେ ବୈଜ୍ଞାନିକ କାରୀଗରିତା, ଶିଳ୍ପ ଭାସ୍କର୍ଯ୍ୟାଦିକୁ ଅଙ୍ଗୀକାର କରିଛନ୍ତି । ଅତୀତରେ କୁତବଶାହୀ ରାଜ୍ୟରୁ ମିଳୁଥିବା ବହୁମୂଲ୍ୟ ହୀରା ପାଇଁ ଏହି ସ୍ଥାନ ଥିଲା ପ୍ରସିଦ୍ଧ । ୧୪ଶ ଶତାବ୍ଦୀ ବେଳକୁ ବାରଙ୍ଗଲ୍‌ର ରାଜା ଏହି ଦୁର୍ଗ ନିର୍ମାଣ କରିଥିଲେ । ପରେ ବାହମନୀ ରାଜାଙ୍କ ହାତକୁ ଚାଲିଯିବା ପରେ ମହମ୍ମଦନଗର ନାମରେ ନାମିତ ହେଲା । ୧୫୧୨ରେ କୁତବଶାହୀ ରାଜାମାନଙ୍କ ଅଧିନସ୍ଥ ହେବା ସହ ବର୍ତ୍ତମାନର ହାଇଦ୍ରାବାଦର ଶିଳାନ୍ୟାସ ହେବା ଯାଏଁ ତାହା ରାଜଧାନୀର ମାନ୍ୟତା ପାଇଥିଲା । ୧୬୮୭ରେ ଔରଙ୍ଗଜେବ ଏହାକୁ ଅଧିକାର କରିନେଲା । ଏହି ଦୁର୍ଗ ଗ୍ରାନାଇଟ୍‌ର ଏକ ପାହାଡ଼ ଉପରେ ନିର୍ମିତ । ଯେଉଁଥିରେ ୮ ଗୋଟି ଦରଓ୍ୱାଜା ଅଛି ଏବଂ ୩ ମାଇଲ୍ ଦୀର୍ଘ ପଥରର ମଜବୁତ୍ ପ୍ରାଚୀରରେ ଏହା ଘେରା । ମହଲର ଚାରୁ ସ୍ଥାପତ୍ୟ, ଦୋମିନାର୍‌ବାଲା ମସ୍‌ଜିଦ୍, ବାରତ ଅଲ୍ଲୀ ମହଲ, ଫତେ ଦରଓ୍ୱାଜା, ଦିୱାନ-ଏ-ଖାସ୍, ସାହି ହମାମ, ରାମଦାସ ବନ୍ଦୀଶାଳା, ମକ୍‌ୱାରା ସାହିବାଗ ଆଦିର ବିବରଣୀ ପ୍ରଦାନ କରି ଲେଖିକା ଲକ୍ଷ୍ମୀପ୍ରିୟା ଅତୀତ ଭାରତର ସମୃଦ୍ଧ ନିର୍ମାଣ କୌଶଳ, ଆଭିଜାତ୍ୟ ଜୀବନଶୈଳୀ, ଶାସନ ବ୍ୟବସ୍ଥା, ନୂତନ କାରୁକାର୍ଯ୍ୟ ମଣ୍ଡିତ, ଆଧୁନିକୀ ବୁଦ୍ଧିମତ୍ତାକୁ ବର୍ଣ୍ଣନା କରିଛନ୍ତି । ଏହି ସମସ୍ତ ଅନୁଭୂତି ଭିତରେ ଲେଖିକାଙ୍କ ଐତିହ୍ୟପ୍ରାଣର ସୂଚନା ନିମନ୍ତେ ଯାହା ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ- "ଆମ ପ୍ରାଚୀନ ଐତିହ୍ୟ, ସେ ସମୟର ଯନ୍ତ୍ର କୌଶଳ, ମାଟିରେ ମିଶି ସାରିଥିବା ପ୍ରାଚୁର୍ଯ୍ୟକୁ ଦେଖିଲେ ସତରେ ଦୁଃଖ ଲାଗେ । ଦିନେ ସମଗ୍ର ବିଶ୍ୱବଜାରରେ ଏକଛତ୍ର ଶାସନ କରୁଥିବା ହୀରା, ନୀଳା, ପନ୍ନା, ଦୁର୍ଲ୍ଲଭ ପଥର ଆଦିର କିଲ୍ଲା ଏକ ବିରାଟ ଖଣ୍ଡର । ଖାଲି ରଙ୍ଗହୀନ କିଛି ଦିୱାର୍‌କୁ ନେଇ ଦଣ୍ଡାୟମାନ ।"

ଆଲୋଚ୍ୟ ଦୁଇଟି ପ୍ରସଙ୍ଗ ଭ୍ରମଣଜନିତ ଅନୁଭୂତିର ପ୍ରତ୍ୟକ୍ଷ ପରିପ୍ରକାଶ । ଉଭୟ କ୍ଷେତ୍ର ହିଁ ଐତିହାସିକ ପୃଷ୍ଠଭୂମିରେ ବିମଣ୍ଡିତ । ଗୋଟିଏ ବିଦେଶ, ଅନ୍ୟଟି ନିଜ ଦେଶ ଭାରତ । ଦୁଇଟି ସ୍ଥାନ ପର୍ଯ୍ୟଟନସ୍ଥଳୀ, ଉଭୟର ଇତିହାସ ମଧ୍ୟ ସୁଦୃଢ଼, ଚମକପ୍ରଦ ଏବଂ ସଂଘର୍ଷପୂର୍ଣ୍ଣ । ବର୍ଲିନ ଓ ଗୋଲ୍‌କୋଣ୍ଡା ପର୍ଯ୍ୟଟନ ସ୍ଥଳୀର ମାନ୍ୟତାରେ ଗୌରବାନ୍ୱିତ । ମାତ୍ର, ସୌରଭ ରଂଜନ ମହାପାତ୍ର ଓ ଲକ୍ଷ୍ମୀପ୍ରିୟା ଓଝାଙ୍କ ଅନୁଭୂତି (ଭ୍ରମଣ ଓ ପର୍ଯ୍ୟଟନ) ପାଠକଙ୍କୁ ଅତୀତମୁଖୀନତାରେ ଅବଗାହିତ କରାଇବାରେ ସମର୍ଥ । ପ୍ରଯୁକ୍ତିର ବିକାଶରେ ସଂପ୍ରତି ଭ୍ରମଣ ଓ ପର୍ଯ୍ୟଟନ ସକଳଙ୍କ ପ୍ରମୁଖ ଆକର୍ଷଣ ସାଜିଛି । ସମସ୍ତ ଭ୍ରମଣକାରୀ ଭ୍ରମଣ ଅଭିଜ୍ଞତାକୁ ଲିପିବଦ୍ଧ କରିପାରନ୍ତି ନାହିଁ । ଜଣେ ଚିନ୍ତାଦର୍ଶୀ ଭ୍ରମଣକାରୀ ସେହି ସୌନ୍ଦର୍ଯ୍ୟବୋଧକୁ ହିଁ ଶବ୍ଦାୟିତ କରି ପାରନ୍ତି । ଏହି ଭ୍ରମଣ ଓ ପର୍ଯ୍ୟଟନର ଲିଖିତାନୁଭୂତି ସାହିତ୍ୟରେ Travelouge ବା Travel Literature ନାମରେ ଚର୍ଚ୍ଚିତ । ମନୁଷ୍ୟର ଭ୍ରମଣ ଜିଜ୍ଞାସା ସୁପ୍ରାଚୀନ । ଅଢ଼େଇ ହଜାର ବର୍ଷ ତଳେ ଏହି ଭ୍ରମଣର ସୂଚନା ମିଳେ ଋକ୍‌ବେଦ ପ୍ରଭୃତି ଗ୍ରନ୍ଥରୁ । ଅତୀତରେ ଭ୍ରମଣ କହିଲେ ଉଦ୍ଦେଶ୍ୟହୀନ ଭାବେ ଅନ୍ୟସ୍ଥାନକୁ ଯିବା ଆସିବାକୁ ବୁଝାଉଥିଲା । ମାତ୍ର, ପର୍ଯ୍ୟଟନ ଥିଲା ଉଦ୍ଦେଶ୍ୟ ନେଇ ଗମନାଗମନ । ଏବେ ମନୁଷ୍ୟ ମନର ଏହି ଭ୍ରମଣ ଅଭୀପ୍ସାକୁ ଟ୍ରାଭେଲ୍ ଅଫ୍ ମାଇଣ୍ଡ୍ ଭାବରେ ଚିହ୍ନିତ କରାଗଲା ବେଳେ ଭ୍ରମଣକାରୀଙ୍କୁ ଟୁରିଷ୍ଟ୍ ବୋଲି କୁହାଯାଉଛି । ତେଣୁ ସ୍ୱୀକାର୍ଯ୍ୟ, ପର୍ଯ୍ୟଟନ ବା ଭ୍ରମଣ କେବଳ ଏକ ବିନୋଦନର ପ୍ରସଙ୍ଗ ହୋଇ ନାହିଁ, ବରଂ ଜ୍ଞାନ ଓ ସଂକଳ୍ପ ଦ୍ୱାରା ଜୀବନ ଜିଇଁବାର ଏକ ମୁକ୍ତ କୌଶଳ ହୋଇ ପାରିଛି । ଓଡ଼ିଆ ସାହିତ୍ୟରେ ଭ୍ରମଣ ଓ ପର୍ଯ୍ୟଟନ ସାହିତ୍ୟର ସ୍ୱତନ୍ତ୍ର ବିଭାଗ ରହିଛି । ବହୁ ଲେଖକଙ୍କ ଅନୁଭୂତିରେ ଏହା ସମୃଦ୍ଧ ଏବଂ ବିଶ୍ୱଜ୍ଞାନ ଦେବାରେ ସମର୍ଥ । ଏଥିମଧ୍ୟରୁ ଫକୀର ମୋହନଙ୍କ 'ଉତ୍କଳ ଭ୍ରମଣଂ', 'ଓୟଲଟେୟାର ଦର୍ଶନ' ଚିନ୍ତାମଣି ମହାନ୍ତିଙ୍କ 'ସମୁଦ୍ର ଯାତ୍ରା', ଗୋବିନ୍ଦ ପଟ୍ଟନାୟକଙ୍କ 'କଲିକତା ଅନୁଭୂତି', ରାଧାନାଥ ରାୟଙ୍କ 'ଭ୍ରମଣକାରୀର ପତ୍ର', ଶଶୀଭୂଷଣ ରାୟଙ୍କ 'ଦାକ୍ଷିଣାତ୍ୟ ଭ୍ରମଣ', ସୁରେନ୍ଦ୍ର ମହାନ୍ତିଙ୍କ 'ପେକିଂ ଡାଏରୀ', ମନୋଜ ଦାସଙ୍କ 'ଅଦୂର ବିଦେଶ', ଗୌରହରି ଦାସଙ୍କ 'ଚିହ୍ନା ଅଚିହ୍ନା ଚୀନ୍' ଆଜି ଏ କ୍ଷେତ୍ରରେ ଉଲ୍ଲେଖନୀୟ କୃତିଗୁଚ୍ଛ । ଗଦ୍ୟ ସାହିତ୍ୟ ବିକାଶରେ ଭ୍ରମଣ ଓ ପର୍ଯ୍ୟଟନର ବହୁବିଧ ଅବଦାନକୁ ସ୍ୱୀକାର କରାଯାଏ । ନଟବର ସାମନ୍ତରାୟଙ୍କ ଭାଷାରେ, "ଜୀବନ ପରିଧି ଯେତେବେଳେ ହୁଏ ବ୍ୟାପକ ଓ ବିସ୍ତୃତ, ବହିର୍ଜଗତ ଗମନ ଜନିତ ଆତ୍ମାନୁଭୂତି ଯେତେବେଳେ ହୁଏ ଗଭୀର ଓ ପ୍ରାଣବନ୍ତ, ସେତେବେଳେ ସେଇ ଜୀବନ, ସେଇ ଅନୁଭୂତି କଳାରେ ଫୁଟି ଉଠିବାକୁ ଅବସର ପାଇଥାନ୍ତି । ବହିର୍ଜଗତ ଭ୍ରମଣର ସୁବିଧା (ରେଳରାସ୍ତା ପ୍ରଭୃତି), ଜୀବନ ସଂଗ୍ରାମର ସମ୍ମୁଖୀନ ହେବା ପାଇଁ ମନର ଦୁର୍ବାର ଲାଳସା, ବିଶେଷତଃ ଉଚ୍ଚଶିକ୍ଷା ହିଁ ଏପରି ଜୀବନ ଓ ଅନୁଭୂତିର ମୌଳିକ ଭିତ୍ତିଭୂମି । କୂପମଣ୍ଡୁକବତ୍ ଅଥବା ସୀମିତ ଦୃଷ୍ଟିକୋଣ ଏହାର ପ୍ରଥମ ପରିପନ୍ଥୀ । ସ୍ଥୂଳତଃ, ଭ୍ରମଣ ସାହିତ୍ୟ ବିସ୍ତୃତ ଜୀବନର ସାହିତ୍ୟିକ ପ୍ରତିଲିପି ମାତ୍ର ।" **(ଓଡ଼ିଆ ସାହିତ୍ୟର ଇତିହାସ)**

'ରେବତୀ'ର ଚଳିତ ସଂଖ୍ୟାରେ ପ୍ରକାଶିତ 'ସହରର ନାଁ ବର୍ଲିନ' ଓ 'ଗୋଲ୍‌କୋଣ୍ଡା ଫୋର୍ଟ' ଏହି ଦୃଷ୍ଟିରୁ ସଫଳ ଅନୁଭୂତି ମୂଳକ, ଲେଖକୀୟ ଉପସ୍ଥାପନା । ଶୈଳୀ, ବର୍ଣ୍ଣନା, ଓ ତଥ୍ୟଦାନରେ ଏହା କେବଳ ପାଠକଙ୍କ ଭ୍ରମଣତୃଷ୍ଣା ବଢ଼ାଇ ନାହିଁ, ବରଂ ସାହିତ୍ୟ ପରିଧିରେ ବିଚାର କରିବାର ସୁଯୋଗ ମଧ୍ୟ ଆଣି ଦେଇଛି ।


▶ ସୌରଭ ରଞ୍ଜନ ମହାପାତ୍ର


▶ ଲକ୍ଷ୍ମୀପ୍ରିୟା ଓଝା

# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚରରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ: ସମ୍ପାଦିକା, 'ରେବତୀ',
ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.,
ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com
: rebati.edit2020@gmail.com

ସମ୍ପାଦକୀୟ

# ପାରିବାରିକ ସ୍ୱାଧୀନତା ଓ ନାରୀ

ଗୋଟିଏ ପରିବାରରୁ ଆଉ ଗୋଟିଏ ପରିବାରକୁ ଅଚିରେ ଚାଲି ଆସୁଥିବା ନାରୀଟିଏ, ତା'ର ସମସ୍ତ ସ୍ୱାଧୀନଚେତା ମନୋଭାବକୁ ପେଡ଼ିରେ ବାନ୍ଧି ରଖି ଦେଇ ଆସିଥାଏ ବାପଘରେ । ଜନ୍ମ ହୋଇ ବିବାହଯୋଗ୍ୟା ହେବା ପର୍ଯ୍ୟନ୍ତ କାଳଖଣ୍ଡ ଯେଉଁ ଘରର ଧୂଳିମାଟି ସହ ସେ ବଡ଼ ହୁଏ, ତାକୁ ହିଁ ଛାଡ଼ିବାକୁ ପଡ଼େ ବିବାହ ବାହାନାରେ । ବିବାହ କରିବା ପରେ ନାରୀଟିଏ ହିଁ ନିଜ ଘର ଛାଡ଼ି ଆଉ ଏକ ଅଜଣା ଅଜ୍ଞାତ ଘରକୁ ଯାଏ । କେବେ ପୁରୁଷଟିଏ ଘର ଛାଡ଼ି ଆସେ ନାହିଁ ବିବାହ କରୁଥିବା ନାରୀଟିର ଘରକୁ, ଏ ଆମର ସାମାଜିକ ବ୍ୟବସ୍ଥା । ଏହାକୁ ଯୁଗ ଯୁଗ ଧରି ନାରୀ ହିଁ ମାନି ଚାଲେ । ମାନି ଚାଲେ ବୋଲି ତା'ହାତରୁ ଖସିଯାଏ ଧୀରେ ସ୍ୱାଧୀନତାର ଚାବିକାଠି । ବିବାହ ସହ ନାରୀଟି ସାଙ୍ଗରେ ଆସେ 'ଏଇଆ କରିବୁନି, ସେଇଆ କରିବୁନି'ର ଏକ ଶୃଙ୍ଖଳ । ଏ ଶୃଙ୍ଖଳରେ ସେ ନିଜକୁ ପରାଧୀନ କରି ପକାଏ ଆସୁ ଆସୁ । ନିଜକୁ ପରାଧୀନତାର ବେଡ଼ିରେ ରଖି ସେ ସଂସାର ରୂପକ ସ୍ୱାଧୀନତାର ସ୍ୱାଦକୁ ଚାଖି ଚାଲେ ଆଜୀବନ । ପାଟି ଫିଟାଇ ମାଗି ପାରେ ନାହିଁ, ମୋତେ ଏଇଟା ଦରକାର । ମୋତେ ସେଇଟା ଦରକାର । ସବୁ ଦ୍ୱାର ଯେମିତି ବନ୍ଦ୍ ହୋଇଯାଏ ତା' ପାଇଁ ।

ସତରେ ଏପରି ହୁଏ କାହିଁକି ? କାହିଁକି ଆମ ସଂସାରକୁ ସଜାଡ଼ି ରଖୁଥିବା ନାରୀଟିଏକୁ ଆମେ ସ୍ୱାଧୀନତା ଟିକକ ଦେବାକୁ ଏତେ କୁଣ୍ଠିତ ହେଉ ? କାହିଁକି ଆମେ କାର୍ପଣ୍ୟ କରୁ ତା' ସ୍ୱାଧୀନତା ତାକୁ ଦେବାକୁ ! ଏହାର ଉତ୍ତର ଆମ ପାଖରେ ନାହିଁ । କାରଣ ଆମେ ତ ସେଇ ନାରୀଟିକୁ ମାରି ସାରିଥାଉ । ଆମ ସହ ଯିଏ ଥାଏ, ସେ ସେଇ ନାରୀର ଏକ ମୃତବତ୍ କଙ୍କାଳ । ଯିଏ ଯନ୍ତ୍ରବତ୍ ଆମ ଆଦେଶ ପ୍ରତିପାଳନର ପ୍ରତୀକ୍ଷାରେ ଠିଆ ସତେ ଯେପରି ଏକ ନିଥର ମଣିଷ ! ଆମେ ଜାଣୁ, ନାରୀଟିଏ ନିଜ ଘର ଛାଡ଼ି ଯେଉଁ ଘରକୁ ଯାଏ, ସେ ଘରକୁ ଅବିଳମ୍ବେ ସେ 'ଆମଘର' ବୋଲି କହେ । କହିପାରେ । ଖାଲି କହେ ନାହିଁ ଭାବେ ମଧ୍ୟ । ଅପରର ଘରକୁ 'ଆମଘର' ବୋଲି ଭାବି ପାରୁଥିବା ଜଣେ ନାରୀକୁ ଆମେ କ'ଣ କେବେ ଦେଉ ତା'ର ସ୍ୱପ୍ନର ଅଧିକାର ? ତା'ର ଈପ୍ସିତ ପୃଥିବୀର ଘର ? ଆମେ କେବେ ସେଇ ନାରୀଟିର ଘରକୁ 'ଆମ ଘର' କହୁନା ! କହି ପାରୁନା । ଆମ ଭିତରେ 'ଅହଂ' ଓ 'ସ୍ୱାଭିମାନ' ଥାଏ । ଆମ କହିବାରେ ନାରୀର ସେ ଘରଟି, ତା'ର ଘର । ଅର୍ଥାତ୍ ଯେଉଁ ପୁରୁଷଟିକୁ ବିବାହ କରି ନାରୀଟି ସେଇ ପୁରୁଷର ଘରକୁ 'ଆମଘର' କହିପାରେ, ସେ ଘରକୁ 'ସ୍ୱର୍ଗ' ବନାଇ ପାରେ ବି, ସେଇ ପୁରୁଷଟି କେବେ କହେନି ସେ ନାରୀର ଘରଟିକୁ 'ଆମଘର' ବୋଲି ! ତା'ର ମାନସିକତାରେ ସେଇଟା ତା'ର 'ଶ୍ୱଶୁରଘର' । ଏ ପ୍ରକାର ଏକ ମହାମାନବୀୟ ମହିମା ନାରୀକୁ କେବଳ ମହୀୟସୀ କରେ ନାହିଁ, ନାରୀକୁ ଶ୍ରେଷ୍ଠ କରି ତୋଳେ । ନାରୀର ସ୍ୱାଧୀନତା କ'ଣ ? ସେ ତ ଆଜୀବନ ଅନ୍ୟ ପାଇଁ ଉତ୍ସର୍ଗୀକୃତ ଏକ ଦୈବୀ ଉପହାର । ସେ ତ ପରାଧୀନତାକୁ ହିଁ ନିଜର ସ୍ୱାଧୀନତା ବୋଲି ଭାବି କୁରୁଳି ଉଠେ । ସେଇ ପରାଧୀନତାର ପୃଥିବୀରେ ପଦ୍ମଫୁଲ ଫୁଟାଇ ସେ ବାଣ୍ଟିପାରେ ସ୍ୱାଧୀନତାର ମନ୍ତ୍ର ! ପାରିବାରିକ ସ୍ୱାଧୀନତା ଟିକକ ସେ ନାରୀର ତ୍ୟାଗ ଯୋଗୁଁ ହିଁ ପ୍ରାପ୍ତ ହୋଇଥାଏ । ଆମେ ଭାବିଛୁ କେବେ, ଯଦି ଜଣେ ନାରୀ ସତରେ ସ୍ୱାଧୀନ ହୋଇଯାଏ, ତେବେ ସଂସାର ବୋଲି କିଛି ରହିବ ନାହିଁ । କାରଣ ସଂସାରର ପ୍ରତିଟି ରେଣୁକୁ ସେ ତା ହାତରେ ଗଢ଼େ । ଏ ଗଢ଼ିବା କାର୍ଯ୍ୟଟି ନାରୀର ସହଜାତ । ଏଥିପାଇଁ ସେ ସ୍ୱତନ୍ତ୍ର । ତା'ର ଏ ସ୍ୱାତନ୍ତ୍ର୍ୟ, ତାକୁ ଜନ୍ମରୁ ମିଳିଛି । ତେଣୁ ଯିଏ ଜନ୍ମରୁ ସ୍ୱତନ୍ତ୍ରତା ଧରି ଆବିର୍ଭୂତା, ତାକୁ କେଉଁ ସ୍ୱାଧୀନତା ଆମେ ଦେଇପାରିବା ! ଜଣେ ପୁରୁଷ ପାଖରେ ନଥିବା କଥାଟି ପୁରୁଷକୁ ମଗାଯାଏ କାହିଁକି ! ପରାଧୀନତା ଭିତରେ ନାରୀ ନିଜେ ସଂସାରର ସ୍ୱାଧୀନତାକୁ ପରିବାରର ସମସ୍ତ ସଦସ୍ୟ ଭିତରେ ବିତରି ଦିଏ, ଏହା ହିଁ ତା'ର ଆନନ୍ଦ । ଏହା ହିଁ ଯଥାର୍ଥରେ ମୁକ୍ତିର ଆନନ୍ଦ ।

ନାରୀଟିଏକୁ ସ୍ୱାଧୀନତା ଦେବା କଥା ଭାବିବା ହିଁ ଭୁଲ୍ । କାରଣ ନାରୀ ନିଜେ ସ୍ୱାଧୀନ । ସେ ହିଁ ଏ ପରିବାର, ଏ ସମାଜର ଏକ ବଳିଷ୍ଠ ଅଙ୍ଗ । ସେ ନଥାଆନ୍ତା ତ ସୃଷ୍ଟି ନଥାଆନ୍ତା । ସୃଷ୍ଟି ବିନା କେଉଁ ସ୍ୱାଧୀନତାକୁ ନେଇ ଆମେ ଉତ୍ସବ ମନାଇ ପାରିଥାନ୍ତେ ! ସୁତରାଂ ନାରୀଟିଏ ନିଜକୁ ପରାଧୀନ କରେ ତା' ଇଚ୍ଛାରେ, କାରଣ ସେ ତା'ର ପରିବାର ମାଧ୍ୟମରେ ବାପାମାଆ ଠୁ ଆରମ୍ଭ କରି ସ୍ୱାମୀ, ସନ୍ତାନକୁ ସ୍ୱାଧୀନତା ଅର୍ପଣ କରିବାକୁ ଶପଥବଦ୍ଧା । ତାକୁ ତାହା ହିଁ କହିବା ପାଇଁ ତାର ଚେତନା ପ୍ରଚୋଦିତ କରେ ବାରମ୍ବାର । ତେଣୁ ପ୍ରତିଟି ସଂଘାତ, ପ୍ରତିଟି ପ୍ରତାରଣା, ପ୍ରତିଟି ଆତ୍ମବଳିଦାନ, ପ୍ରତିଟି ଆଘାତ ପରେ ମଧ୍ୟ ନାରୀ ସ୍ୱଭାବତଃ ଆମ ପାଇଁ କ୍ଷମାଶୀଳା ଭୂମିକାରେ ଉଭା ହୁଏ । ଏହା ହିଁ ତ ତା'ର ସ୍ୱାଧୀନତା ବାଣ୍ଟିବାର ମହାନ ମାର୍ଗ । ଏତିକି ନଥିଲେ ବୋଧେ ଏ ପରିବାର, ଏ ସମାଜ ବୋଲି କିଛି ନଥାନ୍ତା ।

ପାରିବାରିକ ସ୍ୱଚ୍ଛନ୍ଦତା ଭିତରେ ନାରୀଟିଏ ଯେତେ ବି ଘାଣ୍ଟି ଚକଟି ହେଉ ପଛେ, ସେ କେବେ ହେଲେ ବିରତ ହୁଏ ନାହିଁ ଏହି ପରିବାର ଗଠନର ଯାତ୍ରାରୁ । ଅନବରତ ବରଣ କରି ଚାଲେ ଯାବତୀୟ ଯନ୍ତ୍ରଣା, ଯାବତୀୟ ଲାଞ୍ଛନା, ଯାବତୀୟ କଳଙ୍କ ଓ ଯାବତୀୟ ଭର୍ତ୍ସନା । ଆମେ କେବେ ବି ବୁଝି ପାରୁନା ଯେ, ଜଣେ ନାରୀର ସ୍ୱାଧୀନତା ଥାଏ ତା'ର ଭାବନାରେ । ତା'ର ଭାବନାର ଭୂଗୋଳକୁ ଭାଗ ଭାଗ କରି ଆମେ ତାକୁ କେବଳ କ୍ଷତାକ୍ତ କରୁ ସିନା, ସେ କେବେ ସୁଖୀ ହୁଏନା । ତାକୁ ସ୍ୱଚ୍ଛ ଓ ସୀମାରେଖା ବିହୀନ ଏକ ଭାବନା ଭିତରେ ବଞ୍ଚିବାକୁ ଦେବା ହିଁ ହେଉ ଆମର ଧ୍ୟେୟ । ନାରୀକୁ 'ଦେଶ' ପରି ଦେଖିବା ଆସନ୍ତୁ । ଦେଶ ହିଁ ତା'ର ଆତ୍ମା । ଦେଶ ପରି ସେ ଭାଗ ଭାଗ ହୁଏ ଆମ ପାଇଁ । ତାହା ହିଁ ତାର ସ୍ୱାଧୀନତା । ତାହା ହିଁ ତାର ସୁଖ ।





Aiming to be a
world class power utility

Committed to:

- Generate clean, safe and reliable power
- Adopt global best practices and strive for excellence
- High standard environment, health, safety practices
- Strengthen state power sector and economy
- Contribute to national growth

OPGC
*Power for Progress*

Odisha Power Generation Corporation Ltd.
(A Government Company of the State of Odisha)
7th Floor, Fortune Towers, Bhubaneswar - 751 023



ମୋ ଗାଥା

# ମହାପୁରୁଷ ମଦନମୋହନ



# ମୋ ନନା : ମୋର ପ୍ରିୟତମ ମଣିଷ


**ହିରଣ୍ମୟୀ ମିଶ୍ର**

ଠିକଣା: ଜି-୪୯, ଡୁପ୍ଲେକ୍ସ, ଗତିକୃଷ୍ଣ ଗ୍ରୀନ୍ସ, ଅଲାରପୁର, ରଙ୍ଗବଜାର, ଭୁବନେଶ୍ୱର-୭୫୨୧୦୦


ଫଟୋ ସୌଜନ୍ୟ : ଲେଖିକା
ମିଖ୍ୟପୃଷ୍ଠ ପୋଟ୍ରେଟ୍ ଅଙ୍କନ : ସଞ୍ଜୟ ରାଉଳ

**ସେ ଥିଲେ ଜଣେ ଯୁଗପୁରୁଷ । କେବଳ ଭଲ ବାପା ନଥିଲେ, ସେ ଥିଲେ ଜଣେ ଭଲ ଶିକ୍ଷକ ବି । ବାପା ଭାବରେ ତାଙ୍କ ଜୀବନର କିଛି ଅଭୁଲା ଅତୀତକୁ ତାଙ୍କର ସୁଯୋଗ୍ୟା କନ୍ୟା ତଥା ଓଡ଼ିଆ କଥା-ସାହିତ୍ୟର ଜଣେ ସୁନାମଧନ୍ୟା ଲେଖିକା ଡକ୍ଟର ହିରଣ୍ମୟୀ ମିଶ୍ର ତୋଳି ଧରିବା ବେଳେ ବେଶ୍ ନଷ୍ଟାଲଜିକ୍ ହୋଇଛନ୍ତି । ସେ ହେଲେ ତାଙ୍କ ବାପା ଶ୍ରୀଯୁକ୍ତ ମଦନମୋହନ ମିଶ୍ର । ୧୯୩୪ ମାର୍ଚ୍ଚ ୧୩ ତାରଖରେ ଖୋର୍ଧା ବାଣପୁର ସ୍ଥିତ ଅଚ୍ୟୁତରାଜପୁର ଶାସନରେ ଜନ୍ମ । ଶିକ୍ଷା ବିଭାଗର ବିଭିନ୍ନ ଦାୟିତ୍ୱରେ କାର୍ଯ୍ୟ କରି ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ । ତାଙ୍କର ତିନି ପୁଅ ସମ୍ବିତ, ସଚ୍ଚିତ ଓ ସଂଜିତ ଏବଂ ଦୁଇ ଝିଅ ଚିନ୍ମୟୀ ଓ ହିରଣ୍ମୟୀ । ଦୁଇ ଝିଅଙ୍କର ଓଡ଼ିଆ ସାହିତ୍ୟ ସହିତ ସଂପୃକ୍ତି ଥିବା ବେଳେ ହିରଣ୍ମୟୀ ଏଥର 'ମୋ ବାପା' କ୍ରମରେ ଏହି ଆଲେଖଟି ପ୍ରସ୍ତୁତ କରିଛନ୍ତି ।**



ଲେଖିକା ହିରଣ୍ମୟୀ ମିଶ୍ର



ପତ୍ନୀ ଅନୁସୂୟାଙ୍କ ସହ ମଦନମୋହନ

## ଦୃଶ୍ୟ ନମ୍ବର ୧ :

ଗୋରା ତକ୍‌ତକ୍ ଜେଜେମା' ମୋର ଗୀତ ଗାଉଛି । ଗୀତ ଗାଉଛି, ଦୋହରେଇ ଦୋହରେଇ, 'ଜାଣୁ ଜାଣୁ ହରେଇଲି ମୋର ବୁଦ୍ଧି, ରେ ରତ୍ନମୁଦି' ତା ଗୀତକୁ ଶୁଣୁଛନ୍ତି ନାତି, ନାତୁଣୀ ପଲେ । ଶୁଣୁଶୁଣୁ, କିଏ ହସୁଛି, କିଏ ରେକର୍ଡ଼ କରୁଛି, କିଏ ଆଉଥରେ ଶୁଣିବାକୁ ଆଳ କରୁଛି । କାନ୍ଦଣା ଲହରୀ ଭଳି ଶୁଭୁଛି ଜେଜେମାର ସ୍ୱର । ସେ ଏଥର ଗାଉଛି, ଗୀତ ପରି, କରୁଣ ସ୍ୱରରେ:

"ଚୈତ୍ର ମାସର ସେଇ ଏକାଦଶୀ ଦିନ / ରାତ୍ର ଦଶ ଘଡ଼ିରେ ତୁ ହୋଇଲୁ ଜନମ ।
ସେଦିନ ନନା ତୋର ପାଖରେ ଥିଲେ, / ଭଗବତୀଙ୍କ ଠେଇଁ କରମ କଲେ ।"

ଝରଝର ହେଇ ବହି ଆସୁଛି ଲୁହ । ଆଉ ଆଗକୁ ଯାଇପାରୁନି ଗୀତ, ଗପର ଆସର । ମୋ ଜେଜେମା' ଆଖିରୁ ଲୁହ ବହୁଛି । ଆମକୁ କଷ୍ଟ ହେଉଛି । ବୟସ ଟିକିଏ ବୁଝିବାର ହେଇଥିବା ନାତି, ନାତୁଣୀମାନେ ଉଠି ଯାଉଛନ୍ତି । ଆମେ ଲୁହ ପୋଛି ଦେଉଛୁ ଆମ କୁନିକୁନି ହାତରେ । ଟିକିଏ ବିରାମ ପରେ ଜେଜେମା ପୁଣି ବଖାଣୁଛି ତମ୍ବା ରଂଗର ଦୀର୍ଘ ଦେହୀ ସେଇ ସଂସାରତ୍ୟାଗୀ ପୁରୁଷଙ୍କ କଥା । ତା ସ୍ୱାମୀ, ମୋ ନନାଙ୍କ ନନା । ଜେଜେମା' ସେତେବେଳେ ବି, ଏତେବର୍ଷ ପରେ ବି ନାଁ ଧରେନା ମୁହଁରେ । କିଛି ଅଭିଯୋଗ ବାଢ଼େନା କି କେବେ ରାଗରେ, ଅଭିମାନରେ କିଛି କହିଦିଏନା ଆମେ ନଦେଖିଥିବା ସେଇ ଜେଜେବାପାଙ୍କ ବିଷୟରେ । ଆମେ କେହି ଦେଖିନୁ ତାଙ୍କୁ । ମୋ ନନାଙ୍କୁ ଦଶମାସ ହେଇଥିଲା, ସେ ଘର ଛାଡ଼ି ଚାଲି ଯାଇଥିଲେ । ଜମିବାଡ଼ି ପର୍ଯ୍ୟାପ୍ତ ଥିଲା, କିନ୍ତୁ ଜେଜେମା'ର ବୟସ ଜମାରୁ ଏକୋଇଶ ବର୍ଷ ଥିଲା ସେତେବେଳେ । କୋଳରେ ଦଶମାସର ପୁତ୍ର ସନ୍ତାନ, ସାତ ପୁରୁଷ ପରେ ବଂଶରକ୍ଷା ପାଇଁ ଏ ଘରେ ଜନ୍ମ ନେଇଥିବା ପ୍ରଥମ ପୁଅ । ସେଥିପାଇଁ ଏ କୃଚ୍ଛ୍ର ସାଧନା, ଏ ତ୍ୟାଗ । କେହି ଜଣେ ଭବିଷ୍ୟଦ୍ରଷ୍ଟା ମହାପୁରୁଷ ଜେଜେବାପାଙ୍କୁ କହିଥିଲେ, "ତମ ପୁଅକୁ ବର୍ଷେ ପୂରିବା ପୂର୍ବରୁ ତମକୁ ସନ୍ନ୍ୟାସ ଗ୍ରହଣ କରିବାକୁ ପଡ଼ିବ, ନହେଲେ ସନ୍ତାନହୀନତାର ଏକ ଚକ୍ର ପୁଣି ଆଉ ସାତପୁରୁଷ ଯାଏଁ ରହିବ ।" ଏତିକି କଥାରେ ତରୁଣୀ ପତ୍ନୀର ମାୟା, ସଂସାରର ମୋହ ଛାଡ଼ି ଗୃହତ୍ୟାଗୀ ହେଇ ଯାଇଥିଲେ ରାମକୃଷ୍ଣ ମିଶ୍ର, ମୋ ଜେଜେବାପା' । ଜେଜେମା' ତାର ଭାଇମାନଙ୍କୁ ଆଣି ଆମ ଗାଁରେ ଥିବା ଆମ ପୈତୃକ ସମ୍ପତ୍ତିର ରକ୍ଷଣାବେକ୍ଷଣର ଦାୟିତ୍ୱ ଦେଇଥିଲା । ସେଇ ପିଲାବେଳୁ ମାମୁଁମାନେ ମୋ ନନାଙ୍କର ଅଭିଭାବକ । ବାପା ଥାଇ ମଧ୍ୟ ପିତୃସ୍ନେହରୁ ବଂଚିତ ଥିଲେ ମୋ ନନା । ସେଇଥିପାଇଁ ଜେଜେମା'ର ନୟନର ମଣି ଥିଲେ ସେ । ଆମେ ନନାଙ୍କ ବଦଳି ସହ ଯେତେ ଯେତେ ଜାଗାକୁ, ଯେତେ ଯେତେ ସହରକୁ ଯାଇଛୁ, ଗାଁଠୁ ଦୂର ବା ନିକଟ, ମୋ ଜେଜେମା କେବେବି ନନାଙ୍କୁ ତା' ଆଖିରୁ ଅନ୍ତର କରିନି । ତାକୁ ଅଟକେଇ ରଖି ପାରିନି ସେତେବେଳର ମଣିଷମାନଙ୍କୁ ଲୋଭ ଦେଖଉଥିବା ଗାଁ ପରିବେଶ ବା ଗାଁ ଘର; ତା ପୁଅ ହିଁ ଥିଲେ ତା' ପାଇଁ ସମଗ୍ର ପୃଥିବୀ । ଆଜୀବନ ପିତୃସ୍ନେହରୁ ବଂଚିତ ମୋ ନନା ସମ୍ଭବତଃ ସେଇଥିପାଇଁ ସବୁବେଳେ ଭଲ ବାପା ହେବା ପାଇଁ ଚାହିଁଛନ୍ତି । ପିଲାମାନଙ୍କର ଅଭିଭାବକ ନୁହେଁ, ବରଂ ବନ୍ଧୁ ପରି ହେବାକୁ ଚେଷ୍ଟା କରିଛନ୍ତି ଶେଷଯାଏଁ । ସେତେବେଳର ବାପାମାନଙ୍କ ଢାଞ୍ଚାରେ ନିଜକୁ ନପକେଇ ମୋ ନନା **ଶ୍ରୀଯୁକ୍ତ ମଦନମୋହନ ମିଶ୍ର** ଆମ ପାଇଁ, ଆମର ଟିକିନିଖି କଥା ବୁଝିପାରୁଥିବା ଭଳି ବନ୍ଧୁ, ହେଇଯାଇଥିଲେ ।

## ଦୃଶ୍ୟ ନମ୍ବର ୨ :

ଗୋଟେ ରୋଝ ରୋଝ ବର୍ଷା ଗାଳୁଥିବା ସମୟର ଦୃଶ୍ୟ । ମୁଁ, ବୋଉ ଓ ମୋ ସାନଭାଇ ନନାଙ୍କ ସହ ପହଞ୍ଚିଥିଲୁ ବିଷମକଟକରେ । ମତେ ସେତେବେଳେ ପାଞ୍ଚବର୍ଷ ଓ ମୋ ସାନଭାଇଟିକୁ ଚାରିବର୍ଷ । ନନା ଖବର ପାଇଥିଲେ, ଉତ୍ତର ଭାରତରୁ ଜଣେ ସନ୍ନ୍ୟାସୀ ତାଙ୍କର ଶିଷ୍ୟ ଓ ଶିଷ୍ୟାମାନଙ୍କୁ ନେଇ




ଲେବର୍ଟ ଆମ ମାଟିର ସ୍ୱର

ମଝିଆ ପୁଅ ସଚିତ୍, ବଡ଼ ଝିଅ ଚିନ୍ମୟୀ, ଜାମାତା ରବିନାରାୟଣ ଓ ଛାତ୍ର ପ୍ରଶାନ୍ତ ପଟ୍ଟନାୟକଙ୍କ ସହ ମଦନମୋହନ▼



ଗୋଟିଏ ଆଶ୍ରମର  ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଆସୁଛନ୍ତି । କୋଉ ସୂତ୍ରରୁ ଜଣା ପଡ଼ିଲା ଯେ ସନ୍ନ୍ୟାସୀଙ୍କର ନାଁ ନିର୍ମଳ ଚୈତନ୍ୟ ବ୍ରହ୍ମଚାରୀ । କହିରଖେ, ଜେଜେବାପା ସନ୍ନ୍ୟାସ ନେବା ପରେ ଏଇ ନାଁ ଗ୍ରହଣ କରିଥିଲେ ବୋଲି ନନା ଜାଣିଥିଲେ । ମୋ ସାନଭାଇଟିକୁ ଜରରେ ଖଇ ଫୁଟୁଥାଏ । ବର୍ଷାରେ ଆମେ ଭିଜିଭିଜି ପୂରା ଓଦା ହେଇ ପହଞ୍ଚିଥିଲୁ ଆଶ୍ରମରେ । ଶୁଣିଲୁ, ସନ୍ନ୍ୟାସୀ ଫେରିଯାଇଛନ୍ତି ପୂର୍ବ ରାତିରେ । ସେଦିନ ନନାଙ୍କର ବିଷର୍ଣ୍ଣତା ମନେ ଅଛି ଏଯାବତ୍ ମୋର । ସେଇ ଛୋଟ ବୟସରେ, ସେଇ ପ୍ରଥମଥର ଶୁଣିଲି କେତେଥର କେତେ ଚେଷ୍ଟା କରିଛନ୍ତି ନନା ତାଙ୍କ ବାପାଙ୍କୁ କେବଳ ଥରେ ଦେଖିବା ପାଇଁ । କେବେ ଥରେ କେମିତି କଲେଜ୍‌ରୁ ଷ୍ଟଡ଼ି ଟୁର୍‌ରେ ଯାଉଥିବା ସମୟରେ ଟ୍ରେନ୍‌ରେ ଜଣେ ଉତ୍ତର ଭାରତର ସନ୍ନ୍ୟାସୀଙ୍କର ଅସୁସ୍ଥତା କଥା ଶୁଣି ସେଇ ଟ୍ରେନ୍‌ରେ ହିଁ ଯାଇଥିଲେ ବହୁତ ଦୂର । ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଅନ୍ୟ ଜଣେ ସହକର୍ମୀଙ୍କୁ ଦେଇ ବହୁଦୂର ଯାଏଁ ସେଥର ଯାତ୍ରା କରିଥିଲେ ସେ । ତାଙ୍କର ପୂର୍ଣ୍ଣବିଶ୍ୱାସ ଥିଲା ଯେ ସେ ସନ୍ନ୍ୟାସୀ ଜଣଙ୍କ ତାଙ୍କର ପିତା । ଅନେକଥର, ଯୋଉଠି ଯେତେବେଳ ଗୃହତ୍ୟାଗୀ ସନ୍ନ୍ୟାସୀଙ୍କୁ ଭେଟିଛନ୍ତି, ବିବ୍ରତ ହେଇ ଖୋଜିଛନ୍ତି ତାଙ୍କର ଠିକଣା । ବଡ଼ ଭାଇମାନଙ୍କର ବ୍ରତୋପନୟନ ନକରି ବହୁ ଡେରିଯାଏଁ ଅପେକ୍ଷା କରିଥିଲେ ଯେ କେବେନା କେବେ ଦର୍ଶନ ମିଳିବ ତାଙ୍କ ବାପାଙ୍କର । ଅଦ୍ଭୂତ ଭାବରେ ଚିଠିପତ୍ରରେ ଥରେ ଜଣେ ସନ୍ନ୍ୟାସୀଙ୍କ ସହ ଯୋଗାଯୋଗ ହେଇଥିଲା, ଯାହାଙ୍କଠୁ କିଛି ଖବର ବି ମିଳିଥିଲା ।

ନନାଙ୍କର କେମିତି ଗୋଟେ ବିଶ୍ୱାସ ଆସିଯାଇଥିଲା ଯେ ଭାଇମାନଙ୍କର ବ୍ରତଘର ଦିନ ତାଙ୍କ ବାପା ପହଞ୍ଚିବେ, ଆଶୀର୍ବାଦ ଦେବାକୁ । ସେଇ ଅନୁସାରେ ଭାଇମାନଙ୍କର ବ୍ରତଘର ପାଇଁ ତିଥି ନିଧାର୍ଯ୍ୟ ହେଲା । ବଡ଼ଭାଇଙ୍କୁ ସେତେବେଳେ ସମ୍ଭବତଃ ୧୪ବର୍ଷ ଓ ସାନଭାଇଙ୍କୁ ୧୧ବର୍ଷ । କିନ୍ତୁ ବ୍ରତଘର ଆୟୋଜନ ଆରମ୍ଭ ହେବା ବେଳକୁ ଟେଲିଗ୍ରାମ୍‌ରେ ପହଞ୍ଚିଲା ସେଇ ଦୁଃସମ୍ବାଦ । ସନ୍ନ୍ୟାସୀ ନିର୍ମଳ ଚୈତନ୍ୟଙ୍କର ମହାପ୍ରୟାଣ, ସମାଧିସ୍ଥ ହେଇଛନ୍ତି ସେ । କେବେ ଦେଖିନଥିବା ବାପାଙ୍କ ପାଇଁ ବିକଳ ହେଇ କାନ୍ଦିଲେ ନନା; ଖସିଗଲା ଜେଜେମା’ ହାତରୁ କେବେ କମୁନଥିବା ଗୋଛାଏ ପାଣିଚୂଡ଼ି ଓ ସିନ୍ଦୂର । ନନା ଦେଖି ପାରୁନଥିଲେ ତାଙ୍କ ବୋଉଙ୍କର ଏ କଷ୍ଟ । ‘ସନ୍ନ୍ୟାସୀର ସଂସାର ନାହିଁ, ସନ୍ନ୍ୟାସୀର ପୁତ୍ର ନାହିଁ, ପତ୍ନୀ ନାହିଁ । ଚାଳିଶ ବର୍ଷ ତଳୁ ସନ୍ନ୍ୟାସୀ ନେଇଥିବା ଗୃହତ୍ୟାଗୀଙ୍କ ପାଇଁ କ୍ରିୟାକର୍ମ କିଛି ହେବାର ବ୍ୟବସ୍ଥା ନାହିଁ ଶାସ୍ତ୍ରରେ । ଏମିତିକି ପତ୍ନୀ ବି ବିଧବା ହେବାର ଆବଶ୍ୟକତା ନାହିଁ ।’ ପୁରୀ ଶ୍ରୀମନ୍ଦିରର ମୁକ୍ତିମଣ୍ଡପ ସଭା ଏ ବିଚାର ଶୁଣେଇଲେ । ନନା ଫେରି ଆସିଲେ ପୁରୀରୁ । ଗାଁରେ କେବଳ ମହାପ୍ରସାଦର ବନ୍ଦୋବସ୍ତ  ହେଲା ଗୋଟିଏ ଦିନ । ସନ୍ନ୍ୟାସୀର ପୁଅ ସେ, ମୋ ନନା, ସେଦିନଠୁ ସତସତିକା ପିତୃହରା ହେଇଗଲେ । ପୂର୍ଣ୍ଣଚ୍ଛେଦ ପଡ଼ିଲା ଜେଜେବାପାଙ୍କୁ ଖୋଜିବାର ଅସଫଳ ଯାତ୍ରା ସବୁରେ । ନିଜ ବାପାଙ୍କୁ ନେଇ ସବୁ ପ୍ରଶ୍ନ, ସବୁ ଦ୍ୱନ୍ଦ୍ୱ, ସବୁ ଆଶାର ସମାପ୍ତି ହେଲା ଜଣେ ଜନ୍ମରୁ ବାପାଙ୍କୁ ଦେଖିନଥିବା ପୁଅର । ଘରକୁ ଫେରିଲା କିଛିଦିନ ପରେ ଜେଜେବାପା ତାଙ୍କ ସାଙ୍ଗରେ ଘର ଛାଡ଼ି ଯିବା ବେଳେ ନେଇଯାଇଥିବା ଗୋଟିଏ ଛୋଟ ହିସାବ ଖାତା, ହଳେ କଠଉ ଏବଂ ସନ୍ନ୍ୟାସୀ ନେବା ସମୟର ଫଟୋଟିଏ । ଏତିକି ଜିନିଷ ପ୍ରମାଣ ଦେଲେ ଯେ ଏଇ ଜିନିଷ ସବୁର ମାଲିକ ସେଇ ସନ୍ନ୍ୟାସୀ ଜଣଙ୍କ, ଯାହାଙ୍କ ଗୃହସ୍ଥ ଆଶ୍ରମରେ ନାଁ ଥିଲା ଶ୍ରୀଯୁକ୍ତ ରାମକୃଷ୍ଣ ମିଶ୍ର । ମୋ ଜେଜେମା’ର ସବୁ ଗପର ନାୟକ ସେଇ ତମ୍ବା ରଂଗର, ଦୀର୍ଘଦେହୀ, ନୀତିନିଷ୍ଠ ସ୍ୱାମୀ, ଯାହାଙ୍କୁ ଏତେବର୍ଷ ପରେ ବି ମନେ ପକାଏ ସେ ଅନେକ ସମୟରେ, ଶ୍ରଦ୍ଧା ଓ ସମ୍ମାନର ସହ । ଯାହାର ତ୍ୟାଗ ପାଇଁ ବଂଶରକ୍ଷା ହେଇଥିବା ସେ ବିଶ୍ୱାସ କରୁଥିଲା ଶେଷଯାଏଁ । ଯେଉଁ ମଣିଷଟିର ପ୍ରେମର ପ୍ରତୀକକୁ ସେ ଆଖିର ମଣି କରି ଜଗି ରହିଥିଲା, ସବୁବେଳେ । ମୋ ନନା ଆଉ କୌଣସି ସଂପର୍କରେ ପରିଚିତ ହେବା ପୂର୍ବରୁ ଓ ପରେ, ତାଙ୍କ ସ୍ନେହମୟୀ ମା’ର ସର୍ବସ୍ୱ ଥିଲେ । ନନାଙ୍କୁ ତାଙ୍କ ବୋଉଙ୍କର ପୁଅ ଭାବେ ଆମେ ଦେଖିଛୁ, ଜେଜେମା’ବଞ୍ଚିଥିବା ଯାଏଁ ।

ମୋ ନନା- ଗୋଟେ ଶେଷ ହେଉନଥିବା ଗପ, ସରି ବି ସରୁ ନଥିବା କାହାଣୀ, କୋଉଠୁ ଆରମ୍ଭ କଲେ ବି ସରେନି ତାଙ୍କର ଜୀବନକାହାଣୀ । ଗପ ପରି ଜୀବନ ଓ ଜୀବନକୁ ଗପ କରିପାରିବାର କଳା ଥିଲା ତାଙ୍କ ପାଖରେ ।

ଆମେ ପାଞ୍ଚ ଭାଇ, ଭଉଣୀ, ଅଥଚ ନନାଙ୍କର ଅଗାଧ ପାଣ୍ଡିତ୍ୟରୁ ବିନ୍ଦୁଏ ବି କେହି ଅଧିକାର କରିପାରିନୁ । ସକାଳ ହୁଏ ତାଙ୍କର ଖୁବ୍ ଶୀଘ୍ର, ବ୍ରାହ୍ମ ମୁହୂର୍ତ୍ତରୁ । ରାତିରେ ପଢ଼ାପଢ଼ି କରି ଯେତେ ଡେରିରେ ଶୋଇଥିଲେ ବି ସକାଳ ଛ’ଟା ପୂର୍ବରୁ ଦିଅଁଘରେ ଶୁଭେ ତାଙ୍କର ସ୍ୱର- “ହରେ ମୁରାରେ ମଧୁକୈଠଭାରେ, ଗୋବିନ୍ଦ, ଗୋପାଳ ମୁକୁନ୍ଦ ସୌରେ, ଯଜ୍ଞେସ ନାରାୟଣ କୃଷ୍ଣବିଷ୍ଣୁ, ନିରାଶ୍ରୟ ମାଂ ଜଗଦୀଶ ରକ୍ଷ ।” ଆମେ ଯିଏ ଯୋଉ ଘରେ ଶୋଇଥାଉ ବା ଶୋଇବାର ଚେଷ୍ଟା କରୁଥାଉ, ଶୀତଦିନିଆ ପାହାନ୍ତି ନିଦକୁ ଆହୁରି ପ୍ରଲମ୍ବିତ କରିବାର ଚେଷ୍ଟାରେ ଥାଉ, ଏ ସ୍ୱର ଭେଦିଯାଏ ମନ ଆଉ ଆତ୍ମା ଭିତରକୁ । ନନାଙ୍କର ସ୍ୱଷ୍ଟ ଶ୍ଳୋକର ପାଠରେ ମିଶିଥାଏ ତାଙ୍କର ଅଶ୍ରୁସିକ୍ତ ଭାବନା । କେମିତି ଘଣ୍ଟା ଘଣ୍ଟା ଧରି ନିର୍ଭୁଲ୍ ଭାବରେ ଏତେ ସୁନ୍ଦର ଶ୍ଳୋକପାଠ କରିପାରନ୍ତି ସେ ? କେମିତି ଆମ ମାନଙ୍କର ଜନ୍ମଦିନରେ ବରୁଣ ପୂଜା, ଷଷ୍ଠୀଓଷାରେ ଷଷ୍ଠୀପୂଜା, ପୁଣି ଅସୁସ୍ଥତା ବେଳେ ଶ୍ରୀ ବଗଳାମୁଖୀ ସ୍ତୋତ୍ର ପାଠ କରନ୍ତି ସଂପୂର୍ଣ୍ଣ ମନରୁ ? ଘରେ ନିତ୍ୟକର୍ମ ପଦ୍ଧତି ବହି ରହିଥାଏ ଦିଅଁଘରେ, କିନ୍ତୁ କୌଣସି ବେଳେ ସେ ବହିଦେଖି ପୂଜା କରନ୍ତିନି । ସବୁ ମୁଖସ୍ଥ ଥାଏ ତାଙ୍କର; ଅନର୍ଗଳ ବୋଲି ପାରନ୍ତି ସେ ସେମିତି ଅନେକ ଛାନ୍ଦ ଓ ଚମ୍ପୂ ।

ମନେଥାଏ ସେକ୍‌ସ୍‌ପିଅର୍‌ଙ୍କ ନାଟକ ଠାରୁ ଆରମ୍ଭ କରି ମନୋଜ ଦାସଙ୍କ ଗପ ଯାଏଁ । ସେ ମନତଳେ ଏତେକଥା ସାଇତା ଥାଏ ଯେ ମୁଁ ବହୁବାର ଆଶ୍ଚର୍ଯ୍ୟ ହୁଏ ନନାଙ୍କର ସ୍ମରଣଶକ୍ତି ପାଇଁ । ଚମତ୍କାର ବକ୍ତୃତା ଦିଅନ୍ତି ସେ । ଯେ କୌଣସି ବିଷୟ ଉପରେ ଘଣ୍ଟା ଘଣ୍ଟା ଧରି ଗପି ପାରନ୍ତି । ପୁଣି ପିଲାଙ୍କଠୁ ତରୁଣ ଯାଏଁ, ସମବୟସ୍କଙ୍କ ଠାରୁ ବୟସ୍କଙ୍କ ଯାଏଁ, ସମସ୍ତଙ୍କ ସହ ସାଙ୍ଗ ହେଇ ପାରନ୍ତି, ନିଷ୍କପଟ ଭାବେ ।

ନନାଙ୍କର ସାଙ୍ଗମାନେ ଖୁବ୍ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଓଡ଼ିଶାର । ମନୋଜ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବ୍ରଜନାଥ ରଥଙ୍କ ଠାରୁ ଆରମ୍ଭ କରି ରାଧାମୋହନ ଗଡ଼ନାୟକ, ହରିହର ପଣ୍ଡା ଓ ମହେନ୍ଦ୍ର ମିଶ୍ର ଏବଂ ଆହୁରି ଅନେକ । ବିଶିଷ୍ଟ କବି ରମାକାନ୍ତ ରଥ ଏବେବି ଦେଖା ହେବା ମାତ୍ରେ ପ୍ରତିଥର ନନାଙ୍କର ଖୋଲାପଣ, ଖୋଲାହସ କଥା ମନେପକାନ୍ତି ।  ଏତେବର୍ଷ ପରେ ବି ମନୋଜ ଦାସ ମନେରଖିଥିଲେ ନନାଙ୍କୁ ଖୁବ୍ ଭଲ ଭାବରେ । ଏକାଠି  ପାଠ ପଢ଼ିବା

ବେଳେ ଛାତ୍ର ଫେଡେରେସନ୍‌ର ସଭ୍ୟ ସଂଗ୍ରହ ପାଇଁ ସେମାନେ ଦୁହେଁ ସାଙ୍ଗ ହେଇ ଓଡ଼ିଶାର ସବୁ ମହାବିଦ୍ୟାଳୟକୁ ଯାଉଥିଲେ ଓ ନନା କେଡ଼େ ଚମତ୍କାର ବକ୍ତୃତା ଦେଉଥିଲେ ସେକଥା ଏତେବର୍ଷ ପରେ ବି ସେ ସ୍ପଷ୍ଟ ମନେ ରଖିଥିଲେ । ଆମେ ଯିଏ ଯୋଉଠି ଥିଲେ ବି, ଛତା ପରି ଢାଙ୍କି ରଖୁଥିଲା ଆମକୁ ତାଙ୍କର ସଂପର୍କର ବଳୟ । ରେଭେନ୍ସାରେ ଛାତ୍ର ଥିବା ସମୟରେ ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର ଓ ମାୟାଧର ମାନସିଂହଙ୍କ ସହ ଖୁବ୍ ଭଲ ସଂପର୍କ ଥିଲା ତାଙ୍କର । ଗୋଦାବରୀଶ ମିଶ୍ର ଚାହୁଁଥିଲେ ନନା ରାଜନୀତିରେ ରହିବାକୁ । ଅଥଚ ସାତ ପୁରୁଷର ସନ୍ତାନଶୂନ୍ୟତା ପରେ ଯେ ସେ ଏ ବଂଶର ଦାୟାଦ । ତେଣୁ ଜେଜେମା'ର ଇଚ୍ଛାକୁ ସମ୍ମାନ ଦେବାକୁ ଯାଇ ସେ ଅଧ୍ୟାପନା କରିବାକୁ ଚାହିଁଲେ । ଅଧ୍ୟାପକ ଭାବେ ଯୋଗଦେବା ପୂର୍ବରୁ ସେ ଓଳସିଂର ହାଇସ୍କୁଲରେ ପ୍ରଥମେ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ସେଇଠି ତାଙ୍କର ଛାତ୍ର ଥିଲେ ଆଜିର ବିଶିଷ୍ଟ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ ଓ ତାଙ୍କର ପତ୍ନୀ । ପ୍ରଶାନ୍ତ ଭାଇ ଏଯାବତ୍ ନାନାଙ୍କ ଛାତ୍ର ଭାବେ ଖୁବ୍ ଗୌରବାନ୍ୱିତ ମନେ କରନ୍ତି । ଯେଉଁ ସହରକୁ ଗଲେ ନନାଙ୍କର ଛାତ୍ର, ଛାତ୍ରୀ ସବୁ ଆମ ଘରକୁ ଆସନ୍ତି । ସମସ୍ତେ ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ।

ନନାଙ୍କର ନିଜର କେହି ଭାଇ ନଥିଲେ । ଅଥଚ ନନା ଏତେ ମେଳାପୀ ଥିଲେ ଯେ ଆମେ ପିଲାଦିନ ସାରା ଆମ ଘର କକେଇ ମାନଙ୍କର ଭିଡ଼ । କେତେକେତେ ଦୂର ସଂପର୍କକୁ ତାଙ୍କ ସ୍ନେହସଜଳ ସ୍ପର୍ଶରେ ସେ ନିକଟକରି ଦେଇପାରୁଥିଲେ । ଏମିତିକି ଜେଜେବାପା ଯେଉଁ ପରିବାରରୁ ପୁଅ ହେଇ ଆସିଥିଲେ, ସେ ପରିବାର ସହ କୌଣସି ସଂପର୍କ ନଥିଲା ଅନେକ ବର୍ଷ ଧରି । ଜେଜେମା ଏକୁଟିଆ ତା' ପୁଅଟିକୁ ବଡ଼ କରିବାର କଷ୍ଟସାଧ୍ୟ ସାଧନାରେ ଏମିତି ମଗ୍ନ ଥିଲା ଯେ କିଛି ସଂପର୍କ ରଖିବା ସମ୍ଭବ ନଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ନନା ସେସବୁ ସଂପର୍କକୁ ଖୋଜି ଲୋଡ଼ି ନିକଟ କରି ନେଇଥିଲେ । ନନାଙ୍କ ସଂସ୍ପର୍ଶରେ ଯିଏ ବି ଆସିଛି, ସହକର୍ମୀ, ଛାତ୍ର, ଏମିତିକି ଆମ ଗାଁର ପିଲାମାନେ ବି ସମସ୍ତେ ତାଙ୍କର ହୃଦୟବତ୍ତା ଓ ସ୍ନେହଶୀଳ ଆଚରଣକୁ ଝୁରି ହୁଅନ୍ତି । ଚାକିରୀ ଜୀବନରେ ସେ ଅନେକ ଜାଗାକୁ ବଦଳି ହେଇ ଯାଇଛନ୍ତି । ସେସବୁ ଜାଗାମାନଙ୍କୁ ଗଲେ ଏବେ ବି ସେଠିକା ଲୋକମାନେ ନନାଙ୍କର ଚମତ୍କାର ବ୍ୟକ୍ତିତ୍ୱ ସଂପର୍କରେ କହନ୍ତି ।

ଘର ଭିତରେ ନନା ଯେତିକି ସ୍ନେହ ଛଳଛଳ, ଆବେଗ ପ୍ରବଣ, ସେତିକି ବି ଅନ୍ୟମନସ୍କ । ସଂସାର ଭିତରେ ଗୋଟିପଣେ ବାନ୍ଧି ହେଇ ବି ତାଙ୍କ ବହିପଢ଼ାର ସମୟ ସବୁରେ ସତେ ଯେମିତି ସେ ସନ୍ନ୍ୟାସୀ, ସିଦ୍ଧଯୋଗୀ । ମନେପଡୁଛି, ମୋର ମାଟ୍ରିକୁଲେସନ୍ ପରୀକ୍ଷାର ଅଳ୍ପଦିନ ପୂର୍ବର ଘଟଣା । ମତେ ଟାଇଫଏଡ୍ ହେଇଗଲା । ମେଧାବୀ ଛାତ୍ରୀ ଥିବାରୁ ସ୍କୁଲ୍‌ରେ ସମସ୍ତେ ଖୁବ୍ ଭଲ ଫଳର ଆଶା କରୁଥିଲେ । ନନା ରାତି ରାତି ଅନିଦ୍ରା ରହି ଖଟ ପାଖେ ବସି ଥାଆନ୍ତି । ରାତିରେ ଯେତେବେଳେ ବି ମୁଁ ଆଖି ଖୋଲିଲେ ଦେଖିପାରେ, ନନା ବହି ଖଣ୍ଡେ ଧରି ମୋ ମୁଣ୍ଡ ପାଖରେ । ପିଲାମାନଙ୍କର କାହାର ଟିକିଏ କଣ ଅସୁସ୍ଥତା ହୋଇଗଲେ ସେ ଶୋଇ ପାରନ୍ତିନି । ସେମିତି ବି ଗାଁରେ ଥିବା ସମୟରେ କାହା ଘରେ କେହି ରୋଗାକ୍ରାନ୍ତ ହେଲେ ନନା ଯାଇ ପହଞ୍ଚି ଯାଆନ୍ତି । କେତେବେଳ କେତେବେଳେ ଆମ ଘରୁ ବି ଅନ୍ୟମାନେ ଆସି ଔଷଧ ନେଇ ଯାଆନ୍ତି । ସବୁ ଔଷଧର ରାସାୟନିକ ଜ୍ଞାନ ତାଙ୍କ ମୁହଁରେ ଥାଏ । ଅଥଚ ବହିପଢ଼ାରେ ଥିବାବେଳେ, ସମଧର୍ମୀମାନଙ୍କ ସହ ଗପ, କବିତା ସଂପର୍କରେ ଆଲୋଚନା ହେବା ବେଳେ ଖାଇବା ବେଳ ଗଡ଼ି ଯାଉଥିବ, ଉଠୁନଥିବେ । ବୋଉ ଡାକିଲେ ବି ଶୁଭୁନଥିବ ତାଙ୍କୁ । ରାତି ଖାଇବା ପରେ ଅନେକ ଡେରି ଯାଏଁ ସେ ପଢ଼ାପଢ଼ି କରନ୍ତି । ଚେୟାର୍ ଉପରେ ବହି ଖଣ୍ଡିଏ ଧରି ଧ୍ୟାନସ୍ଥ ଋଷି ପରି ବସିଥାନ୍ତି । ଘରେ ହେଉ କି ବାହାରେ, ବହି ଥାଏ ତାଙ୍କ ପାଖରେ । ଘରେ ଆମର କେତେ କେତେ ଆଲମୀରା ଭର୍ତ୍ତି ହେଇଥାଏ ବହିରେ । ବଙ୍ଗଳା ସାହିତ୍ୟ ଓ ଇଂରାଜୀ ସାହିତ୍ୟ ପଢ଼ିବା ତାଙ୍କର ନିଶା ଥିଲା । ସେ ଶରତଚନ୍ଦ୍ରଙ୍କର 'ଶେଷ ପ୍ରଶ୍ନ' ଓ 'ପଥେର୍ ଦାବୀ'ର ଅନୁବାଦ କରିଥିଲେ । ଉଭୟ ପୁସ୍ତକ 'ଗ୍ରନ୍ଥମନ୍ଦିର' ପ୍ରକାଶିତ କରିଥିଲେ । 'ବହ୍ନିବଳୟ' ଓ 'ଋତୁପର୍ଣ୍ଣା'– ଏଇ ଦୁଇଟି ମୌଳିକ ଉପନ୍ୟାସର ରଚୟିତା ସେ । ବହ୍ନିବଳୟ ଉପନ୍ୟାସ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । 'ଏକାଦଶୀ' ଶୀର୍ଷକରେ ଗଳ୍ପ ସଂକଳନଟିଏ ଥିଲା । କିନ୍ତୁ ଏସବୁ ସତ୍ତ୍ୱେ ସେ କବିପ୍ରାଣ ଥିଲେ । କଥା କହୁକହୁ କବିତାର ପଂକ୍ତି ସବୁ କହି ଯାଉଥିଲେ । କେତେ ଶହଶହ କବିତା ଲେଖି ଏପଟ ସେପଟ କରି କୋଉଠି ରଖି ଦେଉଥିଲେ । ଛପା ଅକ୍ଷରରେ ନିଜ ନାଁ ଦେଖିବାକୁ ତାଙ୍କର ଯେମିତି ଆଦୌ ମୋହ ନଥିଲା । କିନ୍ତୁ ସାହିତ୍ୟମନସ୍କ ଜୀବନଟିଏ ଅହରହ ବଂଚିବାକୁ ଭଲ ପାଇଥିଲେ ସେ । କବି ମାୟାଧର ମାନସିଂହଙ୍କ ତତ୍ତ୍ୱାବଧାନରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ଓଡ଼ିଆ ଜ୍ଞାନକୋଷ' ସଂକଳନ କାର୍ଯ୍ୟରେ ସେ ୧୯୬୦ରୁ ୧୯୬୨ ମସିହା ଯାଏଁ ସହ ସଂକଳକ ଭାବେ କାମ କରିଥିଲେ । ଓଡ଼ିଶା ଯୁବଲେଖକ ସମ୍ମେଳନର ସେ ଥିଲେ ପ୍ରତିଷ୍ଠାତା ସଦସ୍ୟ । ଓଡ଼ିଆ ବ୍ୟାକରଣ, ଇଂରାଜୀ ଓ ସଂସ୍କୃତ ଭାଷାରେ ତାଙ୍କର ଖୁବ୍ ପାଣ୍ଡିତ୍ୟ ଥିଲା । ଶେଷବେଳକୁ ସେ ନିଜର ଆତ୍ମଜୀବନୀ ଲେଖୁଥିଲେ, ଯାହା ଅସଂପୂର୍ଣ୍ଣ ରହିଗଲା । ଚାହିଁଥିଲେ ସେ ସାହିତ୍ୟରେ ମନୋନିବେଶ କରି ଖୁବ୍ ପ୍ରତିଷ୍ଠା ଓ ଆହୁରି ଅଧିକ ପରିଚିତି ହାସଲ କରିପାରିଥାନ୍ତେ । କିନ୍ତୁ ସେସବୁ ଉଚ୍ଚ ଆକାଂକ୍ଷା ତାଙ୍କର ନଥିଲା । ଲେଖିବା ଓ ପଢିବା ତାଙ୍କର ସବୁଠୁ ପ୍ରିୟ ଥିଲା । ନିଜର ପ୍ରଚାର ଓ ପ୍ରସାର ପାଇଁ ସେ ଖୁବ୍ ନିସ୍ପୃହ ଥିଲେ । ପ୍ରତିଷ୍ଠିତ କବି ହରପ୍ରସାଦ ଦାସ ଥରେ ମତେ କହିଥିଲେ ଯେ, "ତୋ ନନା ମୋର ପ୍ରଥମ ଲେଖାକୁ ଛିନ୍‌ଭିନ୍ କରି ସମାଲୋଚନା କରିନଥିଲେ ମୁଁ ଆଜି ସାହିତ୍ୟରେ ଏଇଠି ପହଞ୍ଚିପାରି ନଥାନ୍ତି । ଶବ୍ଦ ଓ କବିତାରେ କଳାଦୃଷ୍ଟି ହାତଧରି ବତେଇଥିଲେ ମୋତେ ସେ- ଏଯାଏଁ ଭୁଲିନାହିଁ ମୁଁ ।"

ବିଶିଷ୍ଟ ଲେଖକ ଶାନ୍ତନୁ ଆଚାର୍ଯ୍ୟ ତାଙ୍କ ଶ୍ରଦ୍ଧାଞ୍ଜଳିରେ ଲେଖିଥିଲେ: "ମୋର 'ନର-କିନ୍ନର' ପ୍ରକାଶ ପାଇବା ପରେ ତାଙ୍କ ସହିତ ଦେଖା ହେବା ସମୟରେ ଏ ଉପନ୍ୟାସକୁ ନେଇ ତାଙ୍କର ଅଭିମତ ଥିଲା ଯେ ଚମତ୍କାର । କିନ୍ତୁ ତମକୁ ଆହୁରି ଆଗକୁ ଯିବାକୁ ଅଛି । ମୋ ମତରେ ତମେ ବିଶ୍ୱର ମାନବ ସଭ୍ୟତାର ବିକାଶ ଧାରା ସମ୍ପର୍କରେ ଅଧିକ ଅଧ୍ୟୟନ ପାଇଁ କିଛି ତାତ୍ତ୍ୱିକ ପୁସ୍ତକ ପଢ଼ । ସ୍ପେଙ୍ଗଲରଙ୍କର 'The decline of the west' ବହିଟି କନିକା ଲାଇବ୍ରେରୀରେ ଅଛି । ପଢ଼ ।" ଅନେକ ସ୍ଥାନରେ ସାହିତ୍ୟିକମାନେ ନନାଙ୍କ ସହ ବିତିଥିବା ସମୟର ସ୍ମୃତିଚାରଣ କରନ୍ତି ।

ନନାଙ୍କର ହାସ୍ୟରସ ବି ଥିଲା ଅଦ୍ଭୁତ । ଖୁବ୍ ମଜାମଜା କଥା କହି ସେ ଆମକୁ ଶିଖେଇଛନ୍ତି ଜୀବନକୁ

ମଦନମୋହନ : ସଦା ପ୍ରସନ୍ନ



ଝିଅ ହିରଣ୍ମୟୀ (ମଝି) ଓ ପତ୍ନୀ ଅନସୂୟାଙ୍କ ସହ ମଦନମୋହନ▼



ସହଜ ଭାବରେ ନେବାକୁ । କଥା କଥାକେ ସେ ଯୋଡ଼ିଦେଇ ପାରନ୍ତି ମଜା କଥା ସବୁ ସଂସ୍କୃତ ଶ୍ଳୋକରେ । ଆଇଁଷ ପ୍ରିୟ ଥିବାରୁ ଆମ ଘରେ ତିଥି, ବାର ନିର୍ବିଶେଷରେ ଆମିଷ ରୋଷେଇ ହେଉଥିଲା । ଏମିତିକି ମାଣବସା ଗୁରୁବାରରେ ବି ସେ ପଚାରୁଥିଲେ, "ମା ଲକ୍ଷ୍ମୀ ଏବେ ଠିଆ ହେଲେଣି କି ?" ବୋଉ ତରବରରେ ପୂଜା ପାଇଁ ସଜାଡ଼ିବା ବେଳେ ଉତ୍ତର ଦିଏ, "ଗୃହଲକ୍ଷ୍ମୀଙ୍କୁ ବସେଇ ସାରେ ।" ସେ କୁହନ୍ତି, "ହଉ ଲକ୍ଷ୍ମୀ ଦେବୀ ଠିଆ ହେଲେ ମାଛ ଖାଇବା ।" କାର୍ତ୍ତିକ ମାସ ସାରା ମାଛ ଖାଉଥିବାରୁ ଗାଁରେ କେହି କେହି ସେ କଥା ପଚାରିଲେ ସେ ତତ୍‌କ୍ଷଣାତ୍ ଉତ୍ତର ଦିଅନ୍ତି, "ଶାସ୍ତ୍ରରେ ଅଛି, ଚିଲିକା ହ୍ରଦ ସମ୍ଭୂତା, ସର୍ବେ ମତ୍ସାଃ ନିରାମିଷାଃ ।"

ଠିକ୍ ସେମିତି ପୋଷାକ ପତ୍ର ଓ ଜୋତାରେ ତାଙ୍କ ଖୁବ୍ ସଉକ ଥିଲା । ମୋ ନନା ବାଟା କମ୍ପାନୀର ଆମ୍ବାସାଡ଼ର୍ ବ୍ରାଣ୍ଡର ଜୋତା ପିନ୍ଧୁଥିଲେ । ଜୋତା ନପିନ୍ଧି ସେ କେବେ ଅଫିସ୍‌କୁ ଯାଉ ନଥିଲେ । ସେମିତି ବିଭିନ୍ନ ରଙ୍ଗର ଟାଇ ପିନ୍ଧିବାରେ ରୁଚି ଥିଲା ତାଙ୍କର । କହୁଥିଲେ, "ଆମକୁ ରେଭେନ୍ସାରେ ଇଂରାଜୀ ଅନର୍ସରେ ସାହେବ ଅଧ୍ୟାପକ ମାନେ ପାଠ ପଢ଼ଉଥିଲେ । ଟାଇ ପିନ୍ଧି ଇଂରାଜୀ ଅନର୍ସ ପିଲାମାନେ କ୍ଲାସ୍‌କୁ ଆସୁଥିଲେ ।" ସେହି ପାଠ ପଢ଼ିବାଦିନୁ ହିଁ ଟାଇ ପିନ୍ଧିବା ଓ ଧଳାସାର୍ଟ ପିନ୍ଧିବାକୁ ଅଭ୍ୟାସ କରିଥିଲେ ସେ । ଧଳାରଂଗ ଓ ମଠାରଂଗର ଫୁଲ୍ ହାତ ସାର୍ଟ ତାଙ୍କର ଭାରି ପ୍ରିୟ ଥିଲା । ସବୁବେଳେ ଇସ୍ତ୍ରୀକରା ସାର୍ଟ, ପ୍ୟାଣ୍ଟ ପିନ୍ଧୁଥିଲେ । ପୂଜା, ପର୍ବ ଦିନରେ ଧୋତି, ପଞ୍ଜାବୀ ବାହାରୁଥିଲା ।

ଗାଁ ଓ ଗ୍ରାମଦେବତୀ ଭଗବତୀଙ୍କ ପ୍ରତି ତାଙ୍କର ଅସମ୍ଭବ ଶ୍ରଦ୍ଧା ଥିଲା । ଚାକିରୀ ଜୀବନରେ ବଦଳି ଲାଗି ରହିଥିଲେ ବି ଆମର ସବୁ ଖରାଦିନିଆ ଛୁଟି ଓ ପୂଜାଛୁଟିରେ ଗାଁକୁ ଆସିବା ପ୍ରାୟ ନିଶ୍ଚିତ ଥିଲା । ଗାଁର ପିଲା, ବୟସ୍କ, ଯୁବକ ସମସ୍ତଙ୍କ ସହ ତାଙ୍କର ସଂପର୍କ ଥିଲା । ଦୋଳପୂର୍ଣ୍ଣମୀରେ ମା ଭଗବତୀଙ୍କର କାଠି ପ୍ରତିମା ଆମ ଗାଁରେ ଦୁଆରକୁ ଆସି ଭୋଗ ଖାଆନ୍ତି । ପ୍ରତିବର୍ଷ ଦୋଳପୂର୍ଣ୍ଣମୀର ଦୁଇଦିନ ପୂର୍ବରୁ ଆମେ ଗାଁକୁ ଯାଉଥିଲୁ । ମା' ଭଗବତୀ ଗାଁ ସାରା ଭୋଗ ଖାଇ ଆସିବା ପରେ ଆମ ଘର ପାଖରେ ସକାଳ ହୁଏ ଓ ସକାଳର ସ୍ନାନକାର୍ଯ୍ୟ ହୁଏ । ଭଗବତୀଙ୍କର ସେବକ, ପୂଜକ ସମସ୍ତେ ଅପେକ୍ଷା କରିଥାନ୍ତି ପ୍ରତିବର୍ଷ ନନାଙ୍କ ଠାରୁ ପାଉଣା ପାଇବା ପାଇଁ । ନନାଙ୍କ ନାଁ ନେଇ ଏବେ ବି ସେମାନେ ଆଶୀର୍ବାଦ କରନ୍ତି ଆମକୁ । ଏବେବି ଦୋଳପୂର୍ଣ୍ଣମୀର ଭଗବତୀଙ୍କ ବିଜେ ସମୟରେ ଘରର ସମସ୍ତେ ନନାଙ୍କୁ ଝୁରି ହେଉଥାନ୍ତି ।

## କିଛି ଛିଣ୍ଡା, ଅଛିଣ୍ଡା ସ୍ମୃତି

ନନାଙ୍କର ମୁହଁରେ, ଓଠର କିଛିଟା ତଳେ ଗୋଟେ ଫଟା ଦାଗ ଥାଏ । ସେଇଟା ମୋ ଜନ୍ମବେଳେ ନନା ପଡ଼ି ଯାଇଥିଲେ, ସେତେବେଳେ ଖୁବ୍ ବଡ଼ କ୍ଷତ ହେଇଥିଲା, ସେଇ ଦାଗ । ଯେତେବେଳେ ବି ସେଇ ଦାଗ ଉପରେ ମୋର ନଜର ପଡ଼େ, ମତେ ସେ ଦୃଶ୍ୟ ଦିଶେ । ମୋ ଜନ୍ମ ପୂର୍ବରୁ ଆମର ଭାଇଟିଏ ଚାଲି ଯାଇଥିଲା ଏଗାର ମାସରେ । ନନା କାହାକୁ ହାତ ଦେଖେଇଥିଲେ ମୋ ଜନ୍ମ ପୂର୍ବରୁ । ଜ୍ୟୋତିଷ ଜଣକ କହିଥିଲେ ଯେ "ପୁଅ ହେଲେ ମୃତ୍ୟୁ ହେବ ସନ୍ତାନଟିର ଓ ଝିଅ ହେଲେ ଗୃହତ୍ୟାଗୀ ହେବ ।" ତେଣୁ ଗୃହତ୍ୟାଗୀ ହେଉ ପଛେ, ଝିଅଟିଏ ହେଉ ବୋଲି ନନା ଓ ବୋଉ ଉଭୟ କାମନା କରୁଥିଲେ । କଟକ ଶିଶୁ ଭବନରେ ଥିବା ମୋ ବୋଉର ଅବସ୍ଥା ସେତେବେଳେ ସାଂଘାତିକ । ଡାକ୍ତରମାନେ ଜାଣି ପାରିଲେ ଯେ ଛୁଆର ଗୋଡ଼ଟି ପ୍ରଥମେ ବାହାରିବା ଅବସ୍ଥାରେ ଅଛି, ଯାହା ମା' ଓ ଶିଶୁ ଉଭୟଙ୍କ ପାଇଁ ବିପଦଜନକ । ଛୁଆର ଅବସ୍ଥା ବଦଳେଇବାକୁ ବୋଉ ମୋର ସପ୍ତାହେ ରହିଥିଲା ସେତେବେଳେ ଡାକ୍ତରଖାନାରେ, ଯାହା ସର୍ବାଧିକ ସମୟ ଥିଲା ତା'ପାଇଁ । ଶେଷରେ ମୋର ଜନ୍ମହେବା ଖବର ପାଇ ନନା ତରବରରେ ଆସୁଥିବା ସମୟରେ ଏଇ ଦୁର୍ଘଟଣା ହେଇ ତାଙ୍କର ଓଠ ଫାଟି ଯାଇଥିଲା । ଏ କଥାଟି ନନା ମତେ ଅନେକଥର ଶୁଣାନ୍ତି । ଏ କଥାଟି ପୁଣିଥରେ ସେ ମନେ ପକେଇଥିଲେ, ଯେତେବେଳେ ମୁଁ, ପରିବାର ଛାଡ଼ି ଚାଲି ଆସିଥିଲି ବାହା ହେବାକୁ ଓ ଅନେକବର୍ଷ ଘର ଠୁ ଦୂରରେ ରହିଲି ବିଭିନ୍ନ ସାମାଜିକ ପ୍ରତିବନ୍ଧକ ପାଇଁ । ସେ ଭାବୁଥିଲେ ଯେ ମୋ ଜନ୍ମପୂର୍ବରୁ ଜ୍ୟୋତିଷ କହିଥିବା କଥାଟି ସତ ହେଇଛି ଓ ସେଥିପାଇଁ ଘର ସହ ମୋର ସଂପର୍କ ଏତେ ଦୀର୍ଘବର୍ଷ ଧରି ଛିନ୍ନ ହେଇଗଲା ।

ସେ ଏକାଧାରରେ ପ୍ରଗତିବାଦୀ ଥିଲେ, ପୁଣି ପରମ୍ପରା ପ୍ରିୟ ବି ଥିଲେ । ସେ କାହାରି ଦୁଃଖ ସହିପାରୁ ନଥିଲେ । ଟିଭି ପରଦାରେ ବି ଦୁଃଖାନ୍ତକ ଦୃଶ୍ୟଟିଏ ଦେଖିଲେ ସେ କାନ୍ଦି ପକଉଥିଲେ । ପୁଣି ଅଲମ୍ପିକ୍ ବା ସେଇଭଳି କିଛି ଆନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ଗୌରବର ମୁହୂର୍ତ୍ତରେ ବି ସେ କାନ୍ଦି ପକଉଥିଲେ । ସେ ଲୁହ ତାଙ୍କର ସ୍ୱତଃସ୍ଫୂର୍ତ୍ତ ଥିଲା । ଭଲ ଖାଇବା ଓ ଖୁଆଇବା ତାଙ୍କର ବଡ଼ ରୁଚି ଥିଲା । ସେ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇବାକୁ ଭଲ ପାଉଥିବାରୁ ମୋ ବୋଉ ରୋଷେଇ କରିବାରେ ବହୁତ ସମୟ ଦେଉଥିଲେ । ଘରେ ରୋଷେୟା ଥିବା ସତ୍ତ୍ୱେ ବି ନନାଙ୍କର ରୁଚିର ଖାଦ୍ୟ ପ୍ରସ୍ତୁତିର ଦାୟିତ୍ୱ ବୋଉ ନିଜ ଉପରକୁ ନେଇ ଯାଉଥିଲେ । ଘରକୁ କେହି ଆସିଲେ ତାଙ୍କର ଖୁବ୍ ଆନନ୍ଦ । ସେ ଅନୁଗୁଳ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଥିବା ସମୟରେ ଆମେ କ୍ୟାମ୍ପସ୍ ଭିତରେ ରହୁଥିଲୁ । କଲେଜ୍ ଛୁଟି ହେବା ପରେ ପ୍ରାୟ ପ୍ରତିଦିନ ସେ ତାଙ୍କର ସହକର୍ମୀମାନଙ୍କୁ ନେଇ ଘରକୁ ଫେରୁଥିଲେ । ସନ୍ଧ୍ୟା ଯାଏ ବିଭିନ୍ନ ଚର୍ଚ୍ଚା ସହ ଲାଗି ରହିଥିଲା ଚା' କଫି ଓ ଜଳଖିଆର ଆସର ।

## ଆଉ ଯାହା ପ୍ରିୟ ଦୃଶ୍ୟ ସବୁ

ଗୋଟେ ସୁନା ଚିକ୍ ଚକ୍ ସୋରିଷ ଫୁଲିଆ ଖରାଦିନର ସକାଳ । ମୋ ନନା ମତେ ପିନ୍ଧେଇ ଦେଇଥିଲେ ଗୋଟେ ହଳଦି ରଙ୍ଗର ଛୋଟ ଗାଉନ୍ । ସେଥିରେ ବେକରୁ ଝୁଲୁଥିଲା ଟାଇ ଭଳି ଦିଶୁଥିବା କପଡ଼ାଟିଏ । ନନା ମତେ ନେଇଯାଇଥିଲେ ଗାଁ ସ୍କୁଲରେ ପ୍ରଥମ ଅକ୍ଷର ଶିଖିବା ପାଇଁ । ମୋର ଆଜି ବି ମନେଅଛି ସେ ପୋଷାକ, ସେଇ ଦିନ, ଆଉ ନନାଙ୍କ ହାତଧରି ଗାଁ ଦାଣ୍ଡରେ ଚାଲି ଚାଲି ଯିବାର ସେ ଗୌରବ । ସେତେବେଳେ ଆମ ପାଇଁ ପୋଷାକ ସବୁ କପଡ଼ା କିଣା ହେଇ ତିଆରି ହେଉଥିଲା ମାପ ଅନୁସାରେ ଦର୍ଜୀ ପାଖରେ । ସେଭଳି ସମୟରେ ନନା ବାଙ୍ଗାଲୋର ଯାଇଥିଲେ ଷ୍ଟଡ଼ି ଟୁର୍‌ରେ ତାଙ୍କ କଲେଜର ପିଲାମାନଙ୍କୁ ନେଇ, ସେଇଠୁ ଆସିଥିଲା ମୋର ସେ ଗାଉନ୍, ଯାହା ବହୁଦିନ ଯାଏଁ ମୋ ସାଙ୍ଗମାନଙ୍କର ଇର୍ଷାର କାରଣ ହୋଇଥିଲା, ଆଉ ମୁଁ ସାଇତି ରଖିଥିଲି କେତେ ବର୍ଷଯାଏଁ ।

ମନେପଡୁଛି, ନାନୀ ବାହାଘର ପରେ କନ୍ୟା ବିଦା ହେବାର ବେଳ । ମନେପଡୁଛି, ନନା ମୁଣ୍ଡ ପିଟିପିଟି କାନ୍ଦିବାର ଦୃଶ୍ୟ । ଶୁଭିଯାଉଛି ବୋଉକୁ କହୁଥିବା ସେକଥାଟି ମତେ ମୋ ସାନଝିଅକୁ ବାହା କରିବା କଥା ଆଉ କହିବନି । ଭାରି କଷ୍ଟ ଝିଅକୁ ବିଦା ଦେବା ।"

ଖରାଦିନିଆ ଛୁଟିରେ ଆମେ ଗାଁକୁ ଯାଉ । ଟିକିଏ ବଡ଼ ହେଇଯାଇଥାଏ ସେତେବେଳକୁ ମୁଁ । ଆମ ଗାଁର ବେଢ଼ିଆ ପୋଖରୀରେ ମାଛଧରା ହୁଏ । ସବୁଠୁ ବଡ଼ ମାଛଟି ଆସେ ନନାଙ୍କ ପାଇଁ । ବୋଉର ରୋଷେଇ ସରି ଯାଇଥାଏ; ସରି ଯାଇଥାଏ ବି ଆମର ଖିଆପିଆ । ଦିନ ଦୁଇଟା ପରେ ବିରାଟ ସାଢ଼େ ତିନିକିଲିଆ ଭାକୁରକୁ ଦେଖି ବୋଉ ବିରକ୍ତ ହୁଏ । ମୁଁ ପନିକି ଧରି ବସିପଡ଼େ ମାଛ କାଟିବାକୁ । ମାଛ କାଟି ସଫାକରି ଭାଜିବା ଆରମ୍ଭ କରେ । ଅଦ୍ଧ ଭଜା ହେବା ପରେ ବୋଉ ଆସି ଦାୟିତ୍ୱ ସମ୍ଭାଳେ ସତ, ହେଲେ ନବମ ଶ୍ରେଣୀରେ ପଢୁଥିବା ଝିଅର ଘରକାମ ଓ ରୋଷେଇ ନିପୁଣତାରେ ବି ନନାଙ୍କର ଗର୍ବ !

ଖରାଛୁଟିରେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ନିଆହୁଏ ହାତକୁ । ଗୋଟେ ଥର ଠିକ୍ ହେଲା ୧୯୫୦ ମସିହାରୁ ସେ ଯାବତ୍ ଘରେ ଗଦାହେଇ ରହିଥିବା ରିଡରର୍ସ ଡାଇଜେଷ୍ଟ (Readers Digest) ପତ୍ରିକା ସବୁକୁ ବାଇଣ୍ଡିଂ କରାହେବ । ସେତେବେଳେ ସମସ୍ତେ ଏସବୁ କାମ ନିଜ ହାତରେ ପ୍ରାୟ କରୁଥିଲେ । ଆମେ ବାପାଝିଅ ସାଙ୍ଗ ହେଇ ବାଣପୁର ବଜାରର ଜଣେ ପ୍ରେସବାଲାଠୁ ପଚାରି ବୁଝି ଆସିଲୁ ବହି ବାଇଣ୍ଡିଙ୍ଗ୍ କରିବାର କଳା ଓ କୌଶଳ । ତା'ପରେ ନନାଙ୍କର ତତ୍ତ୍ୱାବଧାନରେ ଆରମ୍ଭ ହେଲା କାମ । ସେ କପଡ଼ା ସାଇଜ କରି କାଟନ୍ତି ମୁଁ ଅଠା ପ୍ରସ୍ତୁତ କରେ । ବହିର ମାପ ଅନୁସାରେ ହାଲକା ହାଲକା ଅଠା ଦେଇ ପ୍ରଥମେ କପଡ଼ା ମରାହେଇ ଶୁଖାହୁଏ । ତାପରେ ନନା ସାଇଜ୍ କରି କାଟି ଦିଅନ୍ତି କାର୍ଡ଼ବୋର୍ଡ଼ । ମନେଅଛି, କି ନିଶାରେ ଆମେ ଛୁଟିସାରା ଲାଗିଥିଲୁ ସେ କାମରେ । ସେତେବେଳେ ସେ ଯେମିତି ମୋର ସାଙ୍ଗ ! ଛଫୁଟ ଦୁଇ ଇଞ୍ଚ ଉଚ୍ଚତା । ବେଶ୍ ଚଉଡ଼ା ଦେହରେ ମୋ ନନା ଥିଲେ ଖୁବ କୋମଳ ହୃଦୟର ଅଧିକାରୀ ।

## ଏବଂ ଶେଷ ଦୃଶ୍ୟ

ସେଦିନ ଥିଲା ଡିସେମ୍ବର ୨୦ ତାରିଖ, ୨୦୧୪ ମସିହା । ସକାଳୁ ସକାଳୁ ବଡ଼ ଭଉଣୀର ଫୋନ୍ ଆସିଲା ଯେ ନନା ଆଉ ନାହାନ୍ତି । ସେତେବେଳକୁ ସେ ବହୁବାର ଚେଷ୍ଟା କରି ସାରିଲାଣି ମତେ ଡାକିବାକୁ, ଫୋନ୍ ବନ୍ଦ ଥିବାରୁ ସେ ବାନ୍ଧବୀ ଚିରଶ୍ରୀଙ୍କୁ ଫୋନରେ ଏ ଖବର ଜଣେଇଲା । ମୋ ପାଇଁ ସାରା ପୃଥିବୀ ଯେମିତି ଅନ୍ଧକାରାଚ୍ଛନ୍ନ ହେଇଗଲା । ବିଶ୍ୱାସ କରିପାରୁ ନଥିଲି ଯେ ନନାଙ୍କ ସ୍ୱରରେ ଆଉ 'ଝିଅ ଝିଅ' ଡାକ ଶୁଭିବନି । ପ୍ରତିଦିନ ଆଉ ଫୋନ୍ ଆସିବନି । ଫୋନ୍ ଧରିବାରେ ଟିକିଏ ଡେରି ହେଇଗଲେ ଅରୁଣ(ମୋ ସ୍ୱାମୀ)ଙ୍କ ଫୋନ୍‌ରେ ରିଙ୍ଗ୍ କରି ଆଉ କେହି ପଚାରିବେନି "କାହିଁକି ଫୋନ୍ ଧରୁନି ଝିଅ ?" ଏଇତ, କାଲି ସଂଧ୍ୟାରେ କଥା ହେଇଥିଲେ । ମା' ଭଗବତୀଙ୍କ ପାଖକୁ ଯାଇ ମୋ ଦେହ ଖରାପ ପାଇଁ ମାନସିକ କରିଥିଲେ ବୋଲି ମୁଆଁ ଭୋଗ କରି ଆସିଥିଲେ । କହୁଥିଲେ "ଏଥର



୧୯୯୩ ମସିହାରେ ଉପନ୍ୟାସ ବହ୍ନିବଳୟ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କା[ର] ଗ୍ରହଣ କରୁଥିବା ଅବସରରେ ପ୍ରଫେସର ମଦନ ମୋହନ ମିଶ୍ର ।

ଭଲ ହେଇଯିବ ଦେହ, ମା ଭଗବତୀଙ୍କ ପୁଷ୍ପ ଝରିଛି ।"

ଦେହ ଖରାପ ନଥିଲା କିଛି ବି । ସୁସ୍ଥ ଥିଲେ, ଭଲରେ ଖାଇ ପିଇ ଶୋଇଥିଲେ, ହଠାତ୍ ସକାଳୁ ପ୍ରଥମ ହୃଦ୍‌ଘାତରେ ହିଁ ଚାଲିଗଲେ । ବିଶ୍ୱାସ କରିପାରୁ ନଥିଲି ।

ମନେ ହେଉଥାଏ, ନିଶ୍ଚଳ ହେଇଯାଇଛି ହାତ, ପାଦ । ଛାତି ଭିତରଟା କେହି ଯେମିତି କୋରି ପକାଉଛି । ଗୋଡ଼ ପଡୁନଥାଏ ଠିକ୍‌ରେ । ଜାଣିନି, କେମିତି ଅରୁଣ ସିଦ୍ଧାନ୍ତ ନେଲେ, ଆମକୁ ଯିବାକୁ ହେବ ।

ବାଇଶ୍ ବର୍ଷ ! ୨୨ ବର୍ଷ ହେଲା ଏ ଘରକୁ ଆସିନଥିଲି ମୁଁ । ଶେଷଥର କିନ୍ତୁ ନନା ଓ ବୋଉ ଆସିଥିଲେ ମୋ ପାଖକୁ ଅଗଷ୍ଟ ମାସରେ, ପନ୍ଦର ଦିନ ରହିଥିଲେ । ଜାଣିନଥିଲି, ସେଇ ଆସିବା ଓ ଏମିତି ଦୁଇ ସପ୍ତାହ ମୋ ପାଖରେ ରହିବା ପ୍ରଥମ ଓ ଶେଷଥର ହେଇଯିବ । ୨୨ ବର୍ଷ ପରେ ସେଇଘରକୁ ଫେରୁଥିଲି ମୁଁ, ଗୋଟେ ଭୂମିକମ୍ପର ପରେ । ଦୋହଲି ଯାଉଥିଲା ଆତ୍ମା ! ସବୁଠୁ ପ୍ରିୟ ମଣିଷଟ ଶୋଇଥିଲେ ଚିରନିଦ୍ରାରେ । ୨୨ ବର୍ଷ ପରେ ଘରକୁ ଫେରିଲି ତ ଦେଖିଲି ସେଇ ମଣିଷଟିର ମୃତଦେହ, ଯିଏ ଏତେ ବର୍ଷ ଭିତରେ କେତେ ଥର ମତେ ଦେଖିବାକୁ ଅପେକ୍ଷା କରିଛନ୍ତି, ଏଠିସେଠି । କେବେ ପୁରୀର ଶ୍ରୀମନ୍ଦିରରେ ତ କେବେ ସମୁଦ୍ରକୂଳରେ, କେବେ ନାନୀ ଘରେ ତ କେବେ ଷ୍ଟେସନ୍‌ରେ । ଖୁବ୍ କମ୍ ବର୍ଷ ହେଲା ସେ ଆସୁଥିଲେ ସିଧା ମୋ ଘରକୁ । ତଥାପି କେବେ ମୁଁ ଆସିନଥିଲି ଏ ଘରକୁ । ଏ ଘରର ସବୁଠି ମୋ ପିଲାବେଳ, କୈଶୋର ଓ ତାରୁଣ୍ୟର ସ୍ମୃତି ସବୁ ଥିଲା । ଘରର ପଛପଟେ ସିମେଣ୍ଟ ଉପରେ ତଥାପି ଅକ୍ଷତ ଥିଲା ମୋ ପାଦଚିହ୍ନ । ଶୋଇବା ଘର କବାଟରେ ଏତେବର୍ଷ ପରେ ବି ମୋ ହାତଲେଖା ଅକ୍ଷର ଥିଲା । ମୁଁ କିନ୍ତୁ ଆଉ ଆସି ନଥିଲି । କୋଉ ଅଭିମାନରେ, କୋଉ ଡରରେ, କୋଉ କାରଣରୁ କେଜାଣି ମତେ ସେ ଘରକୁ ଆସିବା ନିଷେଧ ଥିଲା । ଘରକୁ ଏତେ ବର୍ଷ ପରେ ଫେରିବା ପାଇଁ କଣ ଏମିତି ଦୁର୍ଘଟଣାଟିଏ ଲୋଡ଼ା ଥିଲା ?

ଛିଣ୍ଡା ଛିଣ୍ଡା ଦୃଶ୍ୟ ସବୁ ମନ ଭିତରେ ଏପଟ ସେପଟ ହେଉଥିଲେ । ଏତେବର୍ଷର କେତେକଥା, କେତେ ସ୍ମୃତି । ହାତରେ ମୋର ଏବେ ବି ଥିଲା ସେଇ ଦୁଇଟି ସୁନାଚୁଡ଼ି, ଯାହାକୁ ନନା କିଣି ଦେଇଥିଲେ ତାଙ୍କ ସାହିତ୍ୟ ଏକାଡ଼େମୀ ପୁରସ୍କାର ବାବଦରେ ପାଇଥିବା ଟଙ୍କାରେ, ସେଇଦିନ । ମନେପଡୁଥିଲା ପିଲାବେଳର କଥାସବୁ । ମନ ଭିତରେ ଧାଁ ଧପଡ଼ କରୁଥିଲେ ଦ୍ରୁତ ଗତିରେ ଚିତ୍ରସବୁ, ଦୃଶ୍ୟସବୁ, ଯାହା ପାଇଁ ଶବ୍ଦ ନାହିଁ । ଯେତେବେଳେ ସବୁଠୁ ବେଶୀ ଚାହୁଁଥିଲେ ସେ ମୋର ଉପସ୍ଥିତି, ସେଇ ବୟସରେ ମୁଁ ନଥିଲି ତାଙ୍କ ପାଖରେ । ଯେତେବେଳେ ମୋର ବ୍ୟବସ୍ଥିତ ହେଲା ଜୀବନ, ଯେତେବେଳେ ଲୋଡୁଥିଲି ତାଙ୍କର ଆଶୀର୍ବାଦ, ସ୍ନେହ, ସେତେବେଳେ ସେ ନାହାନ୍ତି ମୋ ପାଖରେ,ସ୍ୱଦେହରେ । ଆଖି ବୁଜିଦେଲେ ଏବେ ବି ଲାଗେ ଅଛନ୍ତି ସେ, ଦୂରରେ ଟିକିଏ ପଛେ, କିନ୍ତୁ ଅଛନ୍ତି ମୋ ପାଇଁ । ନନାଙ୍କୁ ବୁଝିବା ପାଇଁ ଏ ଜନ୍ମ ଅକୁଳାଣ । ନନାଙ୍କର ନିଃସର୍ତ୍ତ ସ୍ନେହକୁ ବୁଝିବା ଆରମ୍ଭ କରିବା ବେଳକୁ ସେ ନାହାନ୍ତି ମୋ ପାଖରେ । ବାପାର ଅସହାୟତାକୁ ଚିହ୍ନିବା ବେଳକୁ ତାଙ୍କ ହାତ ନାହିଁ ମୋ ମୁଣ୍ଡ ଉପରେ । ପରଜନ୍ମ ପୂର୍ବଜନ୍ମରେ ବିଶ୍ୱାସ ନାହିଁ ମୋର । ଏ ଜନ୍ମରେ ଯେ ତାଙ୍କ ଝିଅ ହେଇ ଜନ୍ମ ହେଇଥିଲି, ସେଇ ଗୌରବକୁ ନେଇ ବଂଚିବାକୁ ହୁଏ ଅବଶିଷ୍ଟ ଆୟୁଷ । ମୋର ଚିରକାଳର ଈଶ୍ୱର, ମୋ ନନା, ଆଉ ତାଙ୍କର ସବୁଠାରୁ ଗେହ୍ଲାଝିଅ ମୁଁ । ମୋର ସବୁ ଭୁଲ୍‌କୁ କ୍ଷମା କରିଦେଇ ମତେ ପୁଣିଥରେ ତାଙ୍କ ସାନ୍ନିଧ୍ୟର ସୁଖ ଫେରେଇ ଦେଇଥିବା ମୋ ନନା ଚିରକାଳ ରହିବେ ମୋ ଭିତରେ,ଏ ଜୀବନର ଶେଷ ମୁହୂର୍ତ୍ତଯାଏଁ ।


ପ୍ରସଙ୍ଗ
ମିଖ୍ୟପୃଷ୍ଠ ରୂପାୟନ : ରୋହିମା ନିଶା (ବାମ) ଓ ତପସ୍ୱିନୀ ମହାଲିକ (ଡାହାଣ)
ସ୍ୱାଧୀନତାର ସ୍ୱାକ୍ଷର

ପ୍ରସଙ୍ଗ - ୧

# ମହାତ୍ମା ଓ ବାଲେଶ୍ୱର



# ଏ ମାଟିରେ ମହାତ୍ମା

**ଦାଶ ବେନହୂର**

'କଥାକାର',୧୬୧- ଶୈଳଶ୍ରୀ ବିହାର,
ଭୁବନେଶ୍ୱର-୭୫୧୦୨୧
ଫୋନ: ୯୪୩୭୬୨୭୧୯୬

ଫଟୋ ସୌଜନ୍ୟ : ଗୁଗୁଲ୍
ମୁଖ୍ୟପୃଷ୍ଠ : ରୋହିମା ନିଶା, ତପସ୍ୱିନୀ ମହାଳିକ

**ଗାନ୍ଧୀ ଓଡ଼ିଶା ଆସିଥିଲେ ଆଠଥର । ସାତଥର ରହିଥିଲେ । ୧୯୩୪ର ହରିଜନ ପଦଯାତ୍ରା ସମୟରେ ଥରେ ଯାଇ ପୁଣିଥରେ ଫେରିଥିଲେ ଓଡ଼ିଶା । ସେ ଓଡ଼ିଶାକୁ କହୁଥିଲେ ତୀର୍ଥଭୂମି । ଓଡ଼ିଶାର ପ୍ରାଣ-ଉଲଗ୍ନକାରୀ ଦାରିଦ୍ର୍ୟ ତାଙ୍କୁ ବି ଲଙ୍ଗଳା କରିଦେଇଥିଲା । ସେ ନିଜେ ସ୍ୱୀକାର କରିଥିଲେ ପୁରୀରେ ଦାରିଦ୍ର୍ୟର କଙ୍କାଳ ରୂପ ଦେଖି: "ମୁଁ ତଳ ଦେଖିଛି ମାତ୍ର ଦାରିଦ୍ର୍ୟର ଏ ସାତତାଳ ତଳର ରୂପ କେବେ କଳ୍ପନା କରି ନଥିଲି ।" ଆଠଥର ଆସିବା ଭିତରେ ତିନିଥର ତାଙ୍କର ସାକ୍ଷାତ ହୋଇଛି ବାଲେଶ୍ୱରର ଏ ଉନ୍ମେଷକୀ ମାଟି ସହ । ପ୍ରଥମେ ୧୯୨୭, ଡିସେମ୍ବର ୧୪ ଓ ୧୫ ରେ । ଦ୍ୱିତୀୟଥର ଜୁନ୍ ୮ ତାରିଖରେ ଓଡ଼ିଶାରୁ ହରିଜନ ପଦଯାତ୍ରା ସାରି ଫେରିଯିବା ବେଳେ ଓ ତୃତୀୟଥର ୧୯୪୬ ଜାନୁଆରୀ ୨୦, ରେଳଗାଡ଼ିରେ ବସି କଲିକତାରୁ ମାନ୍ଦ୍ରାଜ ଯିବାବେଳେ ।**



ଲେଖକ ଦାଶ ବେନହୂର

କଥାଟି ପହିଲେ ବାଲେଶ୍ୱରରୁ ଆରମ୍ଭ ହେବା ଆବଶ୍ୟକ ।

ବାଲେଶ୍ୱର ପ୍ରାଚୀନ ଓଡ଼ିଶାର ବାଣିଜ୍ୟଭୂମି ପୁଣି ସ୍ୱାଧୀନତା ପ୍ରାପ୍ତି ପୂର୍ବର ଯେଉଁ ଓଡ଼ିଶା ତା'ର ନବ-ଉନ୍ମେଷ ଭୂମି । ଗତ ଶତାବ୍ଦୀରେ ସେଇଠି ଗଡ଼ଗଡ଼ିଆ ଠାରେ ଯେଉଁ ତିନିଜଣ ଉତ୍କଳୀୟ ମହାମନିଷୀଙ୍କର ଭେଟ ହୋଇଥିଲା ସେ ତିନିଜଣ ଓଡ଼ିଶାକୁ ଦେଇଥିଲେ ନୂଆ ଆଗାମୀର ମୂଳଦୁଆ । ସାହିତ୍ୟ ଓ ଶିକ୍ଷା ଶାସନରେ ରାଧାନାଥ ଆଣିଥିଲେ ଯୁଗାନ୍ତକାରୀ ପରିବର୍ତ୍ତନର ସ୍ରୋତ । ସ୍ୱଦେଶୀ ଶାସନରେ ବିଦ୍‌ବତ୍ତା ଓ ଲୋକଭାଷାରେ ଲିଖିତ ସାହିତ୍ୟର ଉଚ୍ଛଳ ସୃଷ୍ଟି ଥିଲା ଫକୀରମୋହନଙ୍କର ଅମଳିନ ଦାନ । ପୁଣି ଶିକ୍ଷା, ସ୍ୱାଭିମାନ, ସ୍ୱଦେଶୀ ସାଙ୍ଗକୁ ନବଉତ୍କଳ ବା ନୂଆ ଓଡ଼ିଶାର ମୂଳଦୁଆ ପକାଇଥିଲେ ମଧୁସୂଦନ ।

ଭଲ ମାଟିରେ ଭଲ ଗଛ ଉଠେ । ଭୂମିର ବି ଗୋଟାଏ ଉନ୍ମେଷନୀ ଅବଦାନ ଅଛି । ନୀଳକଣ୍ଠ ତ 'କୋଣାର୍କ'ରେ ବାଲେଶ୍ୱରର ବଣିକମାନେ ସିଂହଳ ଆଦି ଅଞ୍ଚଳକୁ ସମୃଦ୍ଧ ଉତ୍କଳ ସହ ଯୋଡ଼ିଥିଲେ ବୋଲି ତା'ର ସୁନ୍ଦର ସୂଚନା ଦେଇ ଅତୀତ ବାଲେଶ୍ୱରର ସ୍ମୃତି ଉନ୍ମୁଖ କରିଛନ୍ତି ।

ଗାନ୍ଧୀ ଓଡ଼ିଶା ଆସିଥିଲେ ଆଠଥର । ସାତଥର ରହିଥିଲେ । ୧୯୩୪ର ହରିଜନ ପଦଯାତ୍ରା ସମୟରେ ଥରେ ଯାଇ ପୁଣିଥରେ ଫେରିଥିଲେ ଓଡ଼ିଶା । ଓଡ଼ିଶାକୁ କହୁଥିଲେ ତୀର୍ଥଭୂମି । ଓଡ଼ିଶାର ପ୍ରାଣ-ଉଲଗ୍ନକାରୀ ଦାରିଦ୍ର୍ୟ ତାଙ୍କୁ ବି ଲଙ୍ଗଳା କରିଦେଇଥିଲା । ସେ ନିଜେ ସ୍ୱୀକାର କରିଥିଲେ ପୁରୀରେ ଦାରିଦ୍ର୍ୟର କଙ୍କାଳ ରୂପ ଦେଖି: "ମୁଁ ତଳ ଦେଖିଛି ମାତ୍ର ଦାରିଦ୍ର୍ୟର ଏ ସାତତାଳ ତଳର ରୂପ କେବେ କଳ୍ପନା କରି ନଥିଲି ।"

ଦୁଃଖ ଶିଖାଏ । ଦାରୁଣ ଦାରଦ୍ର୍ୟର ଆଖିଦେଖା ଦୁଃଖ ଗାନ୍ଧୀଙ୍କ ଭିତରେ ଥିବା ମଣିଷଟିକୁ ଅଧିକ କରୁଣାମୟ କରିବାରେ କେତେ ଯେ ସାହାଯ୍ୟ କରିଥିଲା, ସେକଥା ଗାନ୍ଧୀଜୀଙ୍କୁ ପଚାରିଥିଲେ ସେ ବୁଝେଇ ଦେଇଥାନ୍ତେ ନିଶ୍ଚୟ ।

ଆଠଥର ଆସିବା ଭିତରେ ତିନିଥର ତାଙ୍କର ସାକ୍ଷାତ ହୋଇଛି ବାଲେଶ୍ୱରର ଏ ଉନ୍ମେଷକୀ ମାଟି ସହ । ପ୍ରଥମେ ୧୯୨୭, ଡିସେମ୍ବର ୧୪ ଓ ୧୫ ରେ । ଦ୍ୱିତୀୟଥର ଜୁନ୍ ୮ ତାରିଖରେ ଓଡ଼ିଶାରୁ  ହରିଜନ ପଦଯାତ୍ରା ସାରି ଫେରିଯିବା ବେଳେ ଓ ତୃତୀୟଥର ୧୯୪୬ ଜାନୁଆରୀ ୨୦, ରେଳଗାଡ଼ିରେ ବସି କଲିକତାରୁ ମାନ୍ଦ୍ରାଜ ଯିବାବେଳେ ।

ଗାନ୍ଧିଜୀଙ୍କର ପ୍ରଥମ ଗସ୍ତ ଥିଲା ଅସହଯୋଗ ଆନ୍ଦୋଳନ ପ୍ରଚାରର ଗସ୍ତ । ଦ୍ୱିତୀୟ ଥିଲା ଉତ୍କଳ ଟ୍ୟାନେରି ଗସ୍ତ । ତୃତୀୟଥର ଖଦଡ଼ର ପ୍ରଚାର ଓ ଚତୁର୍ଥଥର ସମ୍ବଲପୁର ଗସ୍ତ । ପଞ୍ଚମ ଓ ଷଷ୍ଠ ଗସ୍ତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ସମୟରେ ସେ ଥରେ ଯାଇ ପୁଣି ଆସିଛନ୍ତି ଓ ପାଖାପାଖି ମାସେ କାଳ ଓଡ଼ିଆ ମାଟିରେ କଟାଇଛନ୍ତି । ତାହା ଥିଲା ହରିଜନ ପଦଯାତ୍ରା ଗସ୍ତ । ସପ୍ତମ ଗସ୍ତରେ କୃଷି ଓ ଗ୍ରାମ୍ୟ ଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରି କୁଟୀରଶିଳ୍ପକୁ ଯେଉଁ ମାନ୍ୟତା ଦେଇଛନ୍ତି ସେ, ତାହାକୁ ଆମେ ସ୍ୱଦେଶୀ ଶିଳ୍ପଗସ୍ତର ନାମ ଦେଇପାରିବା । ଅଷ୍ଟମ ଗସ୍ତଟି ପ୍ରକୃତରେ ଗସ୍ତ ହିଁ ନଥିଲା । ଟ୍ରେନ୍ ଯୋଗେ ଓଡ଼ିଶା ଭିତର ଦେଇ ଗଲାବେଳେ ସେ ବକ୍ତବ୍ୟ ମାଧ୍ୟମରେ ଲୋକ-ସମୁଦ୍ରକୁ ଛୁଇଁ ନଥିଲେ ଯାହା ।

ଏଇଠି ମନେରଖିବା ଆବଶ୍ୟକ ଯେ ଗାନ୍ଧୀଜୀଙ୍କର ଏ ବାରମ୍ବାର ଗସ୍ତ ଥିଲା ଅଭାବୀ ଓଡ଼ିଶାର ବିଚାରରେ ସମ୍ପନ୍ନତା ଆଣିବା । ବୋଲ୍‌ଗଡ଼ର ସେ ଦଳିତ ବର୍ଗର ବୁଢ଼ାଟିକୁ ଯେ ତିନିଗୋଟି ଶପଥ ପାଇଁ ଭିକ୍ଷା ମାଗିଥିଲେ ତା' ଭିତରେ ଥିଲା ନିଶା, ଆଳସ୍ୟ ଓ ଛୁଆଁଅଛୁଆଁ ଭେଦଭାବ ତ୍ୟାଗର କଥା । ଲୋକଟି ଦାନ୍ତରେ ତିରଣ ଧରି ତାଙ୍କ ପାଦତଳେ ପଡ଼ି ଯେ ସମ୍ଭାଷଣ ଜଣାଇଥିଲା ତା'ର ପ୍ରତିବାଦରେ ସେ କହିଥିଲେ, "ଈଶ୍ୱରଙ୍କ ଛଡ଼ା ଆଉ କାହାର ପାଦ ତଳେ ଏମିତି ପ୍ରଣତି ବାଢ଼ିବ ନାଇଁ ।"

ଏକଥା ଥିଲା ସାରା ଓଡ଼ିଶା ପାଇଁ ଅଭିପ୍ରେତ ।

ଓଡ଼ିଶା ମାନଚିତ୍ରରେ ବାଲେଶ୍ୱର ସମ୍ଭବତଃ ସେତେବେଳେ ଗୋଟାଏ ଅଭାବୀ ଅଞ୍ଚଳ ଭଳି ଦିଶି ନାହିଁ ତାଙ୍କୁ । ମାଟି ଉର୍ବର, ଭାରତର ରାଜଧାନୀ ତଥା ସେତେବେଳେ ପ୍ରଗତିଶୀଳ କଲିକତାର ନିକଟ । ଏ ମାଟିକୁ ସେ ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ମୌଳିକ ଭାବେ ରଚନାତ୍ମକତାର ବାର୍ତ୍ତା । ୧୯୨୬ରୁ ଗାନ୍ଧୀଜୀ ଆରମ୍ଭ କରିଥିଲେ ଖଦଡ଼ର ପ୍ରଚାର । ସେଥିରେ ଥିଲା ସ୍ୱଦେଶୀ ତଥା କର୍ମନିଯୁକ୍ତି ସହ ରଚନାତ୍ମକତାର ପ୍ରଚାର । ଅନେକଙ୍କର ଧାରଣା ସତେ ଯେମିତି ଖଦଡ଼ ବା ତନ୍ତବୁଣା ଲୁଗା ଓଡ଼ିଶାରେ ଆଗରୁ ନଥିଲା, ଗାନ୍ଧିଜୀ ପ୍ରଥମେ ତାହା ଓଡ଼ିଶାକୁ ଆଣିଲେ । ନା । ଓଡ଼ିଶା କାଳେ କାଳେ ଥିଲା ଖାଦ୍ୟ ଓ ବସ୍ତ୍ରର ଭୂମି । ତା' ସହିତ

ଯୋଡ଼ା ହୋଇଥିଲା କଳା ଓ କାରିଗରୀ । ଯେଉଁଦିନୁ ବାହାରର ଲୋକ ଆସି ଓଡ଼ିଶାର ଭୂମ୍ୟାଧିକାର ହରଣ କଲେ ସେଇଦିନୁ ଓଡ଼ିଶା ଗରିବ ହେବା ଆରମ୍ଭ ହୋଇଥିଲା । ଅନ୍ୟଥା ଓଡ଼ିଆ-ଗୃହସ୍ଥ-ଚାଷୀ ଜମିରେ ଧାନ ଓ ହିଡ଼ରେ କପାଚାଷ କରିବା ଥିଲା ଏକ ସାଧାରଣ କଥା । ଏ ଦୁଇକୁ ଛାଡ଼ିଦେଲେ ତା'ର ବିଳାସ ଥିଲା କଳା ଓ କାରିଗରୀ ।

ଏ ତିନିଦିନରୁ ପ୍ରାଚୀନ ଉତ୍କଳ ଥିଲା ସମୃଦ୍ଧ ଓ ଓଡ଼ିଶାର ଏ ଉତ୍ତର-ଭୂମ୍ୟାଞ୍ଚଳ ଥିଲା ବେଶ୍ ଆଗୁସାର । ଖଦୀଗସ୍ତ ସମୟରେ ଡିସେମ୍ବର ୧୩, ୧୯୨୭ରେ ପୁରୀରୁ ସାକ୍ଷୀଗୋପାଳ ଦେଇ ଗାନ୍ଧୀଜୀ ସିଧା ଯାଇଥିଲେ ଜଳେଶ୍ୱର । ସେଠାରୁ ଫେରି ସେ ୧୪,୧୫ରେ ବାଲେଶ୍ୱର, କଣ୍ଟାପାଡ଼ି, ସୋରରେ ଅବସ୍ଥାନ କରି ୧୬ ତାରିଖରେ ଯାଇଥିଲେ ଭଦ୍ରକ, ପୀରହାଟ ଓ ଇଟାମାଟି ।

ଆଜି ବାଲେଶ୍ୱର ବିଭକ୍ତ । ମାତ୍ର ସେବକା ବାଲେଶ୍ୱର ଥିଲା ଅଧିକ ବିସ୍ତାରିତ ଓ ସମୃଦ୍ଧ ।

ଏଠାରେ ୧୨.୫.୧୯୨୦ରେ 'ୟଙ୍ଗ୍ ଇଣ୍ଡିଆ' ପତ୍ରିକାରେ 'ଓଡ଼ିଶାରେ ଦୁର୍ଭିକ୍ଷ' ଶୀର୍ଷକ ଯେଉଁ ଲେଖାଟି ସେ ଲେଖିଥିଲେ ତାହା ବିଶେଷ ପ୍ରଣିଧାନଯୋଗ୍ୟ । "ଗତ ଆଠଦିନ ହେଲା ମୁଁ ଗ୍ରାମମାନଙ୍କରେ ବୁଲୁଛି । ଓଡ଼ିଶାରେ ବାସ୍ତବିକ ଦୁର୍ଭିକ୍ଷ ପଡ଼ିଛି । ଜାମସେଦପୁରରେ ଥିବାବେଳେ ମୋର ବିଶ୍ୱାସ ଥିଲା ଯେ ଓଡ଼ିଶା ହେଉଛି ଭାରତର ଶସ୍ୟ ଭଣ୍ଡାର, କାରଣ ବାଲେଶ୍ୱରରୁ ବହୁ ପରିମାଣରେ ଚାଉଳ ସେଠାକୁ ଯାଉଥିଲା; କିନ୍ତୁ ଆଜି ମୁଁ ଦେଖୁଛି ଯେ ଏ ଦୁର୍ଭିକ୍ଷଗ୍ରସ୍ତ ଜିଲ୍ଲାକୁ କଲିକତା, ସମ୍ବଲପୁର ପ୍ରଭୃତିରୁ ଚାଉଳ ଆସିବା ଦରକାର ହେଉଛି ।"

୧୯୨୦ ପୂର୍ବର ବାଲେଶ୍ୱର, ଗାନ୍ଧୀଜୀଙ୍କ ମ୍ୟାପରେ ଥିଲା ବେଶ୍ ସମୃଦ୍ଧ ।

ମନୁଷ୍ୟ ମାଟି ଓ ଘଟଣା ଦ୍ୱାରା ଯେମିତି ପ୍ରଭାବିତ ହୁଏ, ସେମିତି ବି ନୂଆ କଥା ଶିଖେ, ନାନା ସମ୍ପର୍କରୁ । ହିସାବ କରି ଦେଖାଯାଇଛି ଯେ ଗାନ୍ଧୀଜୀଙ୍କ ସହ ଓଡ଼ିଶାର ବ୍ୟକ୍ତିବିଶେଷଙ୍କ ସହ ଯେ ସମ୍ପର୍କ ଓ ବ୍ୟକ୍ତି-ବିଶେଷଙ୍କ ଉପରେ ଗାନ୍ଧୀଜୀଙ୍କ ଯେ ପ୍ରଭାବ ତାହା ଅଧିକ ପଡ଼ିଥିଲା ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଉପରେ । ମୁକୁନ୍ଦପ୍ରସାଦ ଦାସ, ହରେକୃଷ୍ଣ ମହତାବଙ୍କ ଭଳି ନେତା ତ ଥିଲେ ହେଲେ ସାରା ଜିଲ୍ଲାରେ ଗୋଟାଏ ନୂଆ ଉଦାରବାଦ ଜନ୍ମ ନେଇଥିଲା





ଗାନ୍ଧୀଜୀଙ୍କର ଚିନ୍ତାଧାରାକୁ ନେଇ । ଆଜି ବି ବାଲେଶ୍ୱର ତଥା ଭଦ୍ରକ ଜିଲ୍ଲାରେ ଗାନ୍ଧୀ-ଉଦାରବାଦର ନମୁନା ବେଶ୍ ବ୍ୟାପକ । ଜାତିଆଣ-ଭାବର ଉଗ୍ରତାରେ ଭଟ୍ଟା ପଡ଼ିଛି ନିଶ୍ଚୟ ।

ସେତେବେଳେ କାନ୍ତକବି ଲକ୍ଷ୍ମୀକାନ୍ତ ବୋଲି କହିଲେ ସେ, ବାଲେଶ୍ୱରର । କାରଣ ଭଦ୍ରକ ପାଖ ତାଙ୍କ ଘରଟି ବାଲେଶ୍ୱର ଜିଲ୍ଲାରେ ଓ ସେ ବିବାହ କରିଥିଲେ ବାଲେଶ୍ୱର ସହରରେ । ନିଜ ଲେଖା 'ଅସହଯୋଗୀର ଆତ୍ମକଥା'ରେ ସେ ଲେଖିଛନ୍ତି, "ଗାନ୍ଧୀଙ୍କ ନାଁ'ଟା ଏକା ଏପରି ମନ୍ତ୍ରଶକ୍ତିବତ୍ କାର୍ଯ୍ୟ କରୁଥିଲା ଯେ ଗାନ୍ଧୀଲୋକ ଆସିଛନ୍ତି ବୋଇଲେ ଅଦିଆ ବ୍ୟକ୍ତି ସୁଦ୍ଧା ପକେଟ୍ ଅଣ୍ଡାଳି ପକାଉଥିଲା ।"

ଗାନ୍ଧୀଜୀଙ୍କର ଲବଣ ସତ୍ୟାଗ୍ରହର ସଫଳତାରେ ଓଡ଼ିଶାର ଅବଦାନ ଅବିଭକ୍ତ ବାଲେଶ୍ୱର ଜିଲ୍ଲାକୁ ନେଇ ଅଧିକ ହୋଇଥିଲା । ଇଞ୍ଚୁଡ଼ି, ଇରମ୍, ଲୁଣିଆର କାହାଣୀ ହିଁ ବର୍ଣ୍ଣନାରେ ସେମାନଙ୍କ ଉପରେ ଗାନ୍ଧୀ-ପରାକାଷ୍ଠାର ପ୍ରଭାବ । ଗାଆଁ ଗାଆଁରେ, ଲୋକ ଲୋକରେ ଗାନ୍ଧୀ ବିଚାରଧାରାର ଓଜନ



ଖୁବ୍ ବଳବତ୍ତର ହୋଇଥିଲା । ତାଙ୍କର ଯେ ମହାବାଣୀ- "ଭୟ କରିବା ମହାପାପ, ମନୁଷ୍ୟ ହୃଦୟରେ ସତ୍ୟ ସାହସ ନଥିଲେ ସେ ମନୁଷ୍ୟ ପଦବାଚ୍ୟ ନୁହେଁ ।" ତାହାର ଗୁଣ ସହର ଠାରୁ ଆରମ୍ଭ କରି ଗ୍ରାମମାନଙ୍କୁ ବି ଛୁଇଁଥିଲା ।

ପୂର୍ବ ବର୍ଣ୍ଣନା ଅନୁଯାୟୀ ୧୯୨୭ ଡିସେମ୍ବର ୧୪ରେ ସେ ଜଳେଶ୍ୱରରେ ପହଞ୍ଚି ସେଠାରୁ ବାଲେଶ୍ୱର ଆସିଥିଲେ । ବାଲେଶ୍ୱରରେ ସେତେବେଳେ ମୁକୁନ୍ଦ ପ୍ରସାଦ ଦାସ ଜଣେ ପ୍ରସିଦ୍ଧ ଆଇନଜୀବୀ । ଗାନ୍ଧୀ ବିଚାରଧାରାରେ ସେ ବୁଡ଼ି ରହିଥିଲେ । ୧୯୨୦ରେ ଉତ୍କଳ ସମ୍ମିନୀର ସର୍ବଭାରତୀୟ ଜାତୀୟ କଂଗ୍ରେସ ଭାବଧାରାରେ ମିଶ୍ରଣ ପର ଠାରୁ ସେ ପାଲଟି ଯାଇଥିଲେ ଖଦଡ଼ ପିନ୍ଧା, ଶୁଦ୍ଧ ଗାନ୍ଧୀଭକ୍ତ । ଗାନ୍ଧୀଜୀ ବାଲେଶ୍ୱର ଆସି ତାଙ୍କରି ଘରେ ଅତିଥି ହୋଇଥିଲେ । ସେଇ ୧୪ ତାରିଖ ସଞ୍ଜବେଳେ ନାରୀ ସଭା ଓ ସାଧାରଣ ସଭାରେ ଗାନ୍ଧୀଜୀ ଯେଉଁ ଜନଜାଗରଣ ସୃଷ୍ଟି କରିଥିଲେ ତାହା ଥିଲା ଅଭୂତପୂର୍ବ । ଖଦୀ କାର୍ଯ୍ୟକ୍ରମ ଲାଗି ଅର୍ଥ ସଂଗ୍ରହ ହୋଇଥିଲା । ବେଶ୍ ପ୍ରୀତ ହୋଇଥିଲେ ମହାତ୍ମା ।

ତା'ପରଦିନ ୧୫ ତାରିଖରେ ଭଦ୍ରକ ଯିବାର କଥା । ମାତ୍ର ନିୟତିର ବିଧାନ । ରକ୍ତଚାପ ବୃଦ୍ଧି ଯୋଗୁଁ ବାଲେଶ୍ୱରରେ ରହି ବିଶ୍ରାମ ନେବା ସକାଶେ ଡାକ୍ତରମାନେ ଗାନ୍ଧୀଜୀଙ୍କୁ ପରାମର୍ଶ ଦେଲେ । ମୁକୁନ୍ଦ ପ୍ରସାଦ ଦାସଙ୍କ ଘରେ ରହିବାର ଅବଧି ବଢ଼ିଗଲା ।

ସେଠାରେ ସେଇଦିନ ଘଟିଥିବା ଗୋଟିଏ ଘଟଣା ଗାନ୍ଧୀଜୀଙ୍କ ଜୀବନର ଏକ ଆଲୋକିତ ପୃଷ୍ଠାକୁ ଉନ୍ମୋଚିତ କରେ । ସେତିକିବେଳେ ଗାନ୍ଧୀଜୀଙ୍କ ସହ ଥିଲେ କାକା ସାହେବ କାଲେଲ୍କର୍ । ତାଙ୍କର ପୂରା ନାମ ଥିଲା ଦତ୍ତାତ୍ରେୟ ବାଳକୃଷ୍ଣ କାଲେଲ୍କର । ଜଣେ ବିଖ୍ୟାତ ସମାଜସେବୀ ହେବା ସାଙ୍ଗକୁ ସେ ଥିଲେ ଜଣେ ସଂସ୍କାରକ ଓ ସାମ୍ବାଦିକ । ଗାନ୍ଧୀଜୀଙ୍କୁ ଭେଟିବା ଆଗରୁ ୧୯୧୦ରେ ପାଦରେ ଚାଲି ଚାଲି ସେ ବରୋଦାରୁ ଯାଇଥିଲେ ହିମାଳୟର ପାଦଦେଶ ଯାଏଁ, ସେଠାରୁ ବ୍ରହ୍ମଦେଶ ବା ବର୍ମା, ଆଜିର ମିଆଁମାର୍ । ୧୯୧୫ରେ ଗାନ୍ଧିଜୀଙ୍କ ସହ ତାଙ୍କର ସାକ୍ଷାତ । ସେଇଦିନୁ ଛାଇ ପରି ରହିଥିଲେ ସେ ଗାନ୍ଧୀଜୀଙ୍କ ସହ । ସାବରମତୀ ଆଶ୍ରମରୁ ତାଙ୍କୁ ଏ 'କାକାସାହେବ' ଡାକ ମିଳିଥିଲା ।

ଗାନ୍ଧୀଜୀ ଶୋଇ ରହିଥାନ୍ତି । ସେଇ ପନ୍ଦର ତାରିଖରେ ଭଦ୍ରକରେ ଏକ ସାଧାରଣ ସଭା ହେବାର ଥାଏ । ଲୋକେ ଅନେଇ ବସିଥିବେ । କେଉଁ ଆଜିକାଲିକା ପରି ଫୋନ୍ ବା ଅନ୍ୟ ଗମନାଗମନ ସୁବିଧା ଅଛି ଖବର ଜଣେଇବା ପାଇଁ ! ଅତଏବ୍ ଗାନ୍ଧୀଜୀ କାଲେଲ୍କରଙ୍କୁ କହିଲେ, "ମୁଁ ଭଦ୍ରକ ସଭାରେ ଯୋଗ ଦେଇପାରୁ ନାହିଁ । କିନ୍ତୁ ତୁମେ ନିଶ୍ଚୟ ଯାଅ ଏବଂ ମୋ ବାର୍ତ୍ତା ସଭାରେ ଲୋକଙ୍କୁ ଶୁଣେଇ ଦିଅ ।"

କାକାସାହେବ ପ୍ରସ୍ତୁତ ହୋଇଗଲେ । ଅପେକ୍ଷା କରି ରହିଲେ, କିଏ ଆସିଲେ ଯିବେ । ମାତ୍ର କେହି ଆସିଲେ ନାହିଁ ନେବାକୁ । ନା ଲୋକ, ନା ଗାଡ଼ି ମଟର । ଅପେକ୍ଷାରେ ଘଣ୍ଟାଏ ବିତିଗଲା ।

ହଠାତ୍ ଗାନ୍ଧୀଜୀଙ୍କର ନଜର ପଡ଼ିଲା କାକାଙ୍କ ଉପରେ । ସେ ତାଙ୍କୁ ପାଖକୁ ଡାକି କହିଲେ, "ଗଲ ନାହିଁ କି ?"

କାକା ଉତ୍ତର ଦେଲେ, "ମୁଁ ତ ଯିବା ପାଇଁ ପ୍ରସ୍ତୁତ ହୋଇ ବସିଛି, ହେଲେ ମୋତେ ନେବା ଲାଗି କିଏ ଆସୁଛି କାହିଁ ?"

ଏହା ଶୁଣି ଗାନ୍ଧୀଜୀ ମନଦୁଃଖ କଲେ । କହିଲେ, "ନା, ନା, ଠିକ୍ ହେଲା ନାହିଁ । କେହି ନ ଆସିଲେ ତ କ'ଣ ହେଲା ? ଗାଡ଼ି ନ ଆସିଲେ ଯଥା ସମୟରେ ପାଦରେ ଚାଲି ଚାଲି ବାହାରି ଯିବାର ଉଚିତ୍ ଥିଲା । କାରଣ ଲକ୍ଷ୍ୟ ଆମର ଗନ୍ତବ୍ୟ ସ୍ଥଳ । ସେହି କାର୍ଯ୍ୟାରମ୍ଭ ପାଇଁ କାହାକୁ ଅପେକ୍ଷା କରିବା ଅନୁଚିତ୍ ।

କାକାଙ୍କ ମୁହଁ ଲାଲ୍ ପଡ଼ିଗଲା । ସେ ଲଜ୍ଜିତ ହେଲେ ଏବଂ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଚାଲି ଚାଲି ବାହାରି ପଡ଼ିଲେ । ଶୁଣାଯାଏ ଢେର୍ ରାତିଯାଏଁ ଲୋକେ ଭଦ୍ରକରେ ଅପେକ୍ଷା କରି ବସିଥିଲେ । ସଭା ହେଲା ।

ଏ କଥାଟି ପରଦିନ ବାଲେଶ୍ୱର ସାରା ରାଷ୍ଟ୍ର ହୋଇ ଯାଇଥିଲା । ଗାନ୍ଧୀଙ୍କ ନିଷ୍ଠା ଓ କର୍ତ୍ତବ୍ୟବୋଧର ଆଉ ଗୋଟିଏ ପୃଷ୍ଠା ଯୋଡ଼ି ହୋଇ ଯାଇଥିଲା ସେଦିନ । ସେଇ ବାଲେଶ୍ୱରରେ ।



# ବାଘାଯତୀନ୍‌ଙ୍କ ବାସ୍ନା



# ବୀର ବାଘାଯତୀନ ଓ ଚଷାଖଣ୍ଡ ଚିତ୍ର

ସରକାରୀ ଚାକିରୀ କରିଥିବା ସମୟରେ କେତେଥର ଚଷାଖଣ୍ଡ ଗ୍ରାମରେ ନିର୍ମିତ ବାଘାଯତୀନ ପାର୍କକୁ ଯାଉଥିଲି । ପାର୍କଟି ସେଇ ମାଟିରେ ତିଆରି ହେଇଛି, ଯେଉଁଠି ଛୋଟ ଉଇହୁଙ୍କାର ପାହାଡ଼ଟେ ଥିଲା ଓ ବାଘାଯତୀନ ଏବଂ ତାଙ୍କ ସହଯୋଗୀମାନେ ବ୍ରିଟିଶ୍ ଫୌଜକୁ ଅପେକ୍ଷା କରିଥିଲେ ଯୁଦ୍ଧ ପାଇଁ ୯-୯-୧୯୧୫ରେ । ୨୮-୦୨-୨୦୧୯ରେ ଚାକିରୀରୁ ଅବସର ପରେ କେତେବେଳେ ମନ ଅସ୍ଥିର ହେଲେ ମୁଁ ସ୍କୁଟି ଧରି ଏହି ପାର୍କକୁ ଆସେ, କିଛି ସମୟ ବସି ସେଇ ବୀର ଯୋଦ୍ଧାଙ୍କ ବିଷୟରେ ଟିକେ ଭାବିବା ପାଇଁ । ୬-୭-୨୦୨୧ର ଅପରାହ୍ନ । ଆକାଶରେ ସାମାନ୍ୟ ମେଘର ପଟୁଆର । କାହିଁକି କେଜାଣି ମନଟା ଅସ୍ଥିର ହେଲା ଓ ଭିତରୁ କିଏ ଜଣେ ଡାକୁଥିଲା ସେହି ପାର୍କକୁ ଯିବା ପାଇଁ । ମୁଁ ଏକ୍ଲା ମୋ ସ୍କୁଟି ଧରି ବାହାରି ପଡ଼ିଲି, ପାଖରେ ଥିଲା ମୋ ଡାଇରି, ମୋବାଇଲ୍ ଓ କିଛି ଟଙ୍କା । ଇଚ୍ଛା ଥିଲା ସହିଦ୍‌ଙ୍କୁ ନେଇ ସଂଦର୍ଭଟେ ପ୍ରସ୍ତୁତ କରିବି ।

ବାଲେଶ୍ୱର ସହରରୁ ଫୁଲାଡ଼ି ପାଞ୍ଚ କିଲୋମିଟର ରାସ୍ତା । ଫୁଲାଡ଼ି ଛକରୁ ଗୋଟେ ତଳ କଂଚି ରାସ୍ତାରେ ଅଢ଼େଇ କିଲୋମିଟର ଗଲେ ପଡ଼ିବ ବାଘା ଯତୀନ ପାର୍କ । ରାସ୍ତା ସାଇଡ଼୍‌ରେ ବୁଢ଼ାବଳଙ୍ଗ ନଦୀର ହିଲ୍ଲୋଳ ପବନ ମୋ ଦେହକୁ ଶିହରିତ କରୁଥିଲା । ପାର୍କ ଆଉ ଖୁବ୍ କମ୍ ବାଟ ଥାଏ, ଅକସ୍ମାତ ବର୍ଷା ହେଲା । ମୁଁ ଆଶ୍ରୟ ନେବା ପାଇଁ କିଛି ବି ଘର ବା ଗଛ ପାଇ ନଥିଲି । ସେଇ ଅନ୍ଧାର ଓ ଘଡ଼ଘଡ଼ି ବର୍ଷା ଭିତରେ ଭିଜି ଭିଜି ମୁଁ ପହଞ୍ଚିଥିଲି ପାର୍କ ପାଖରେ । ପାର୍କର ସୌଭାଗ୍ୟକୁ ଗେଟ୍ ଖୋଲା ଥିଲା । ମୁଁ ଅତର୍କିତ ଭାବରେ ଭିତରକୁ ପଶିଗଲି ।

ପାର୍କକୁ ଲାଗି ଗୋଟେ ବିଲ୍‌ଡ଼ିଂ । ତା' କରିଡର୍‌ରେ ୪/୫ଜଣ ଲୋକ ବସି ଗପସପ ହେଉଥିଲେ । ସେମାନେ ମୋତେ ଏପରି ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହେଇଯିବା ସ୍ୱାଭାବିକ ଥିଲା । ମୁଁ ସେମାନଙ୍କୁ ମୋର ପରିଚୟ ଓ ଆସିବାର ଅଭିପ୍ରାୟ କହିଥିଲି । ସେମାନଙ୍କ ଭିତରୁ ଜଣେ ବୃଦ୍ଧ ଲୋକ ଥିଲେ ଓ ଅନ୍ୟମାନେ ଯୁବକ । କଥାରୁ ଜାଣିଲି ସେମାନେ ସମସ୍ତେ ଚଷାଖଣ୍ଡ ନିବାସୀ । ବୃଦ୍ଧ ଜଣକର ନାମ ଦେବେନ୍ଦ୍ର ନାୟକ, ବୟସ ୭୭ ପାଖାପାଖି । ସେ ସେଇ ପାର୍କର କେୟାର୍ ଟେକର୍ । କିନ୍ତୁ ଇଂରାଜୀ ଜାଣିଛନ୍ତି ଭଲ କରି । ବର୍ଷା କମୁ ନଥିଲା । ସେ ମୋତେ କହିଲେ, "ଆପଣ ରାତିରେ ଏଇଠି ରହି ଯାଆନ୍ତୁ । ଗାଡ଼ି ଧରି ଏ କଂଚି ରାସ୍ତାକୁ ଆପଣ ଅତିକ୍ରମ କରିବା କଷ୍ଟ ହେବ ।"

ମୋ ପାଖରେ ଆଉ କିଛି ଉପାୟ ନଥିଲା । ମୁଁ ରାତିରେ ସେଇଠି ରହିଲି । ରାତି ଘଡ଼ିଏ ପାଖାପାଖି ବର୍ଷା ଛାଡ଼ି ଯାଇଥିଲା । ଆକାଶ ନିର୍ମଳ ହୋଇ ଯାଇଥିଲା । ମୁଁ ଚନ୍ଦ୍ର ବିଧୌତ ରାତିରେ ଦେବେନ୍ଦ୍ର ବାବୁଙ୍କ ସହ ସେ ପାର୍କ ବୁଲିଲି । ସେଇ ଅଂଚଳର ୩୭ଜଣଙ୍କୁ ନେଇ ପାର୍କ ପରିଚାଳନା କମିଟିଟେ ଅଛି । କମିଟି ପାର୍କଂର ରକ୍ଷଣାବେକ୍ଷଣ କରୁଛି । ଏହା ଭିତରେ ନଡ଼ିଆ, ଜାମୁ, ପିଜୁଳି, ଲିଚୁ, ଆମ୍ବ ଇତ୍ୟାଦି ଫଳଗଛ ସାଙ୍ଗକୁ ହରେକ୍ ଫୁଲ ଗଛ ବି ଅଛି । ଚମ୍ପା, ଗୋଲାପ, ଗେଣ୍ଡୁ, ମଧୁମାଳତୀର ବିପଣୀ ଏଠି । ସମଗ୍ର ଅଂଚଳଟି ଗୋଟେ ଋଷିଙ୍କ ତପୋବନ ପରି ଦେଖା ଯାଉଥାଏ । ଯହୁଁ ଯହୁଁ ରାତି ବଢୁଥିଲା, ଲାଗୁଥିଲା ଯେମିତି ସେଇ ବୀର ଆତ୍ମାଙ୍କ ସତ୍ତା ସେ ପାର୍କ ଭିତରକୁ ପଶି ଆସୁଛି । କିଛି ଭୟ କିଛି ଆଶଙ୍କା ବି ଆସୁଥିଲା ମନକୁ ।

ଯେଉଁଠି ଉଇ ପାହାଡ଼ ଥିଲା, ସେଠି ନିର୍ମିତ ହୋଇଛି ବାଘାଯତୀନ ସ୍ମୃତିପୀଠ । ତା' ପାଖକୁ ଲାଗି ବିଦ୍ରୋହୀମାନଙ୍କ ଯୁଦ୍ଧ କରୁଥିବାର ଡମି ମୂର୍ତ୍ତି ନିର୍ମିତ ହୋଇଛି । ତା ପାଖକୁ ଗୋଟେ ବାଘ ସହ ଯତୀନ୍ଦ୍ରଙ୍କ ଲଢ଼େଇର ମୂର୍ତ୍ତି । ଗୋଟେ ସେଠି ଡମି ପାହାଡ଼ ବି କରାଯାଇଛି । ମୁଁ ସେଇ ପାହାଡ଼ ପାଖକୁ ଯାଉଥିବା ବେଳେ, ଦେବେନ୍ଦ୍ର ବାବୁ ରୋକି ଦେଇ କହିଲେ, "ଆଜ୍ଞା ଏଠି ପ୍ରବଳ ସାପ ଅଛନ୍ତି । ସେ ଆଡ଼େ ଯାଆନ୍ତୁ ନାହିଁ ।"

ଦେଶୁଆଁ ପୋଖରୀର କାଚକେନ୍ଦୁ ପାଣିରେ ରୂପା ମାଛମାନେ ଚନ୍ଦ୍ରସ୍ନାତ ରଜନୀରେ ଝଟକୁଥିଲେ । ମୁଁ ପୋଖରୀ ହୁଡ଼ାରେ ନିର୍ମିତ ବେଂଚ୍‌ରେ ବସି ସମଗ୍ର ପାର୍କର ରାତ୍ରୀକାଳିନ ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲି । ଦେବେନ୍ଦ୍ର ବାବୁ ସେଠି କିପରି ଯୁଦ୍ଧ ହେଇଥିଲା ସେ ବିଷୟରେ ପୁଙ୍ଖାନୁପୁଙ୍ଖ କହୁଥିଲେ ଅନର୍ଗଳ । ଯେମିତି ତାଙ୍କ ଭିତରେ ସହିଦ୍‌ଙ୍କ ଆତ୍ମା ସବାର୍ ହୋଇଛି । ସେ ବି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ଓ ଗୋଟେ ନଥି ଆଣି ମୋତେ ଦେଲେ ଓ ସେ ରାତି ପାଇଁ ଭୋଜନ ପ୍ରସ୍ତୁତ କରିବାକୁ ଘର ଭିତରକୁ ଗଲେ ।

ମୁଁ ଏକା ଏକା ବସି ଡାଏରୀରେ ସହିଦମାନଙ୍କ ବିଷୟରେ ସନ୍ଦର୍ଭ ପ୍ରସ୍ତୁତି କରିବାରେ ଲାଗିଥିଲି । ଦେବେନ୍ଦ୍ର ବାବୁ ରୋଷେଇ ସାରି ମୋତେ ଡାକୁଥିଲେ । କିନ୍ତୁ ତାଙ୍କୁ ଖାଇବାକୁ କହି ମୁଁ ଲେଖିବା ଜାରି ରଖିଥିଲି । ସେ କିନ୍ତୁ ନଖାଇ ବହୁ ରାତିଯାଏଁ ମୋର ସାଥ୍ ଦେଇଥିଲେ । ସେପରି ଭଲ ମଣିଷ ମୁଁ ପୃଥିବୀରେ ଖୁବ୍ କମ ଦେଖିଛି । ସେ ଥିଲେ ମୋର ସେଇ ଗୋଟିଏ ରାତିର ପ୍ରିୟ ପରିଜନ ।

ଠିକ୍ ପ୍ରତ୍ୟୁଷର ଫର୍ଚ୍ଚା ଆଲୁଅ ପଡ଼ିବା ମାତ୍ରେ ମୁଁ ପାର୍କ ଛାଡ଼ି ଘରକୁ ଆସିଥିଲି । କିନ୍ତୁ ଦେବେନ୍ଦ୍ର



▶ଲେଖକ ଉଦୟନାରାୟଣ ଦାସ

**ଉଦୟ ନାରାୟଣ ଦାସ**
ଚୂନଭାଟୀ କଲୋନୀ, ଗୋପାଳଗାଁ, ବାଲେଶ୍ୱର
ଫୋନ:୭୭୩୫୯୫୧୩୮୪

ଫଟୋ ସୌଜନ୍ୟ : ଲେଖକ

ବାବୁଙ୍କ ଛବି ମୋ ଭିତରେ କେବେ ବି ଲିଭି ନଥିଲା । ମୁଁ ସେଇ ରାତିରେ ପ୍ରସ୍ତୁତି କରୁଥିବା ଆଖ୍ୟାନ ଏହି ନିମ୍ନରେ ପ୍ରଦାନ କରିଛି ।

## ଆଖ୍ୟାନର ଉପକ୍ରମଣିକା

ଇଂରେଜମାନେ ଅନ୍ୟ ୟୁରୋପୀୟ ଦେଶର ବଣିକମାନଙ୍କ ପରି ପ୍ରଥମେ ଆମ ଦେଶକୁ ବାଣିଜ୍ୟ କରିବାକୁ ଆସିଥିଲେ । କିନ୍ତୁ କାଳକ୍ରମେ ସେଇ ଚତୁର ଜାତି ବାଣିଜ୍ୟର ମୂଳ ଲକ୍ଷ୍ୟକୁ ବିସ୍ମରି ଯାଇ ଆମ ଦେଶର ଶାସନକୁ ଅକ୍ତିଆର କଲେ । ଶହଶହ ବର୍ଷ ଧରି ସାତ ଦରିଆ ଆର ପାରିରୁ ଇଂଲଣ୍ଡର ପାର୍ଲାମେଣ୍ଟ ଓ ମହମହିମ ସାମ୍ରାଜ୍ଞୀ ଆମ ଦେଶ ପାଇଁ ଶାସନ ପ୍ରଣୟନର ଖସଡ଼ା ଓ ଆଇନରେ ମୋହର ମାରିଲେ ଏବଂ ସେ ଦେଶରୁ ଶାସକ ଆସି ଆମ ଦେଶବାସୀଙ୍କୁ ଶାସନ ନାଁରେ ଲୁଣ୍ଠନ ଓ ଅତ୍ୟାଚାର କଲେ ।

ଧୀରେ ଧୀରେ ଆମ ଦେଶବାସୀଙ୍କ ଚେତା ଉଦ୍ରେକ ହେଲା । ବିଦେଶୀ ଶାସନର ଶୃଙ୍ଖଳରୁ ସେମାନେ ମୁକ୍ତି ହେବା ପାଇଁ ତ୍ରାହି ତ୍ରାହି ହେଲେ । ୧୮୫୭ରେ ଆରମ୍ଭ ହେଲା ସିପାହି ବିଦ୍ରୋହ । ଦେଶବାସୀମାନେ ବୁଝିଥିଲେ ପରାଧୀନତାର କଷଣ ।

ଦେଶରେ ବିଭିନ୍ନ ସ୍ଥାନରେ ଜନ୍ମ ନେଇଥିଲେ ଦେଶପ୍ରେମୀ ବୀର ବିପ୍ଳବୀମାନେ । ସେଇମାନେ ଧୀରେ ଧୀରେ ସ୍ୱାଧୀନତାର ମଶାଲକୁ ତେଜିଆନ କରୁଥିଲେ । ସେଇମାନଙ୍କ ମଧ୍ୟରେ ବଙ୍ଗଳା ପ୍ରଦେଶର ସଂଗ୍ରାମୀ ଯୁବକ ଯତୀନ୍ଦ୍ର ମୁଖାର୍ଜୀଙ୍କ କଥା ପ୍ରଣିଧାନଯୋଗ୍ୟ । ଯଦିଓ ସେ ଭାରତ ସ୍ୱାଧୀନ ପାଇଁ ତାଙ୍କ ସହଯୋଗୀମାନଙ୍କ ସହ ବ୍ରିଟିଶ୍ ଫୌଜ ସହ ସମ୍ମୁଖ ଯୁଦ୍ଧ କରି ଏଇ ବାଲେଶ୍ୱର ମାଟିରେ ପ୍ରାଣ ବିସର୍ଜନ କରିଥିଲେ, ତଥାପି ଇତିହାସ ତାଙ୍କର ଏଯାଏଁ ପ୍ରକୃତ ମୂଲ୍ୟାୟନ କରିନାହିଁ ।

## ପରାଧୀନ ଭାରତର ଆର୍ତଚିତ୍କାର ଓ ବାଘାଯତୀନଙ୍କ ଆବିର୍ଭାବ

ପରାଧୀନ ଭାରତର ଆକାଶରେ ଘୋର ଅନ୍ଧକାରର ବାଦଲ ଘୋଟି ଯାଇଥିଲା । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକମାନଙ୍କର ହାହାକାର ରଡ଼ି ଖାଲି ଶୁଣା ଯାଉଥିଲା ବେଳେ ୮ ଡିସେମ୍ବର ୧୮୭୯ ମସିହାରେ ବଙ୍ଗ ପ୍ରଦେଶର କୁଷ୍ଟିଆ ଜିଲ୍ଲାର ପୟା ଗ୍ରାମରେ ଜନ୍ମ ନେଇଥିଲେ ଯୁଗଜନ୍ମା ଯତୀନ୍ଦ୍ର ମୁଖାର୍ଜୀ । ତାଙ୍କ ଜନ୍ମର ମାତ୍ର ପାଞ୍ଚ ବର୍ଷ ବୟସରେ ପିତା ଉମେଶ ମୁଖାର୍ଜୀ ଇହଧାମ ତ୍ୟାଗ କରିଥିଲେ ।

ଯତୀନ୍ଦ୍ରଙ୍କୁ ଯେତେବେଳେ ୨୭ ବର୍ଷ ବୟସ, ଗାଁରେ ବ୍ୟାଘ୍ର ଉପଦ୍ରବ ପ୍ରବଳ ମାତ୍ରାରେ ବଢ଼ି ଯାଇଥିଲା । ଗ୍ରାମବାସୀ ଭୟତ୍ରସ୍ତ ଅବସ୍ଥାରେ ଥିଲେ । କିନ୍ତୁ ନିର୍ଭୀକ ଯତୀନ୍ଙ୍କ ଏଥି ପ୍ରତି ଟିକେ ବି ଭୟ ନଥିଲା । ସେ ହାତରେ ଭୁଜାଲିଟେ ଧରି ପାଖ ଜଂଗଲକୁ ଚିରାଚରିତ ଭାବେ ବୁଲିବାକୁ ବାହାରି ଯାଉଥିଲେ ।

ହଠାତ୍ ଦିନେ ବଣ ଭିତରେ ଗୋଟେ ବ୍ୟାଘ୍ର ତାଙ୍କୁ ଅତର୍କିତ ଆକ୍ରମଣ କଲା । କିନ୍ତୁ ସାହସୀ ଯତୀନ ଏଥିରେ ବ୍ୟତିବ୍ୟସ୍ତ ନହୋଇ ବ୍ୟାଘ୍ରର ବେକକୁ ବାମ ହାତରେ ଚାପି ଧରି ଡାହାଣ ହାତରେ ଭୁଜାଲି ମାରି ତାକୁ ଶେଷ କରି ଦେଇଥିଲେ । କିନ୍ତୁ ବ୍ୟାଘ୍ରର ଆକ୍ରମଣରେ ତାଙ୍କ ଦେହ ବିଷାକ୍ତ ହେଇଯାଇଥିଲା । ଅବଶ୍ୟ ଜଣେ ଅଭିଜ୍ଞ ଡାକ୍ତରଙ୍କ ଚିକିତ୍ସାରେ ସେ ସୁସ୍ଥ ହେଇଥିଲେ ଓ ତାଙ୍କର



ସାହସିକତା ସର୍ବତ୍ର ଚର୍ଚ୍ଚାକୁ ଆସି ଯାଇଥିଲା ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ କୀର୍ତ୍ତି ପ୍ରଥମରୁ ଜଣା ପଡ଼ି ଯାଇଥିଲା । ଲୋକମାନେ ତାଙ୍କୁ 'ବାଘାଯତୀନ୍' ବୋଲି ଡାକିବାକୁ ଆରମ୍ଭ କରିଥିଲେ । ତାଙ୍କ ପରୋପକାରିତାର ଏକ ଦୃଷ୍ଟାନ୍ତ ଜଣା ପଡ଼ିଥିଲା ସେ ଯେତେବେଳେ ଥରେ କଲିକତାରୁ ଦାର୍ଜିଲିଂକୁ ଟ୍ରେନ୍ ଯାତ୍ରା କରୁଥିଲେ । ତାଙ୍କ କମ୍ପାର୍ଟମେଣ୍ଟରେ ଜଣେ ଭଦ୍ରମହିଳା ଅସୁସ୍ଥ ହୋଇ ପଡ଼ିଲେ ହଠାତ୍ । ଗାଡ଼ି ସିଲିଗୁଡ଼ି ଷ୍ଟେସନରେ ରହିବା ମାତ୍ରେ ସେ ଗାଡ଼ିରୁ ଓହ୍ଲାଇ ପଡ଼ି ପାଣି ଅନ୍ୱେଷଣରେ ଯାଇଥିଲେ । ଗୋଟେ ଗ୍ଲାସ୍‌ରେ ପାଣି ଧରି ଫେରୁଥିଲା ବେଳେ ଜଣେ ଅବିମୃଶ୍ୟକାରୀ ଗୋରା ସୈନ୍ୟ ତାଙ୍କ ସହ ବେପରବାୟ ଧକ୍କା ଦେବାରୁ ଗ୍ଲାସ୍‌ଟି ଭାଙ୍ଗି ଯାଇଥିଲା । ଯତୀନ୍ ଏହାର ଦୃଢ଼ ପ୍ରତିବାଦ କଲାରୁ ସଙ୍ଗେ ସଙ୍ଗେ ଚାରିଜଣ ଗୋରା ସୈନ୍ୟ ତାଙ୍କ ଉପରକୁ ମାଡ଼ି ଆସିଥିଲେ । କିନ୍ତୁ ସେ ଏଥିରେ ଆଦୌ ବିଚଳିତ ନହୋଇ ଏକା ସେଇ ଚାରିଜଣକୁ ଭୂଷିମାରି ଭୂପତିତ କରାଇ ଦେଇଥିଲେ । ଗୋରା ସୈନ୍ୟମାନେ କ୍ଷୁବ୍ଧ ହୋଇ ଯତୀନ୍‌ଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରିଥିଲେ । ପତ୍ରପତ୍ରିକାରେ ଏ ଖବର ପ୍ରଚାରିତ ହେଲା ଏବଂ ଏ କଥା ଇଂଲଣ୍ଡ ପର୍ଯ୍ୟନ୍ତ ଚାଲିଗଲା । ଜଣେ ସାଧାରଣ ଭାରତୀୟ ଯୁବକ ଚାରିଜଣ ଗୋରା ସୈନ୍ୟଙ୍କୁ କାବୁ କରିବା କଥା ଇଂରେଜ ଶାସନକୁ ଘୋର ଅପମାନ ଥିଲା । ଏଥିପାଇଁ ଏ କଥାକୁ ଚାପିଦେବା ଉଦ୍ଦେଶ୍ୟରେ ବିଦେଶୀ ସରକାର ସେଇ କେସ୍‌କୁ ପ୍ରତ୍ୟାହାର କରି ନେଇଥିଲେ । ଏହା ମଧ୍ୟ ଯତୀନ୍‌ଙ୍କ ସମ୍ମାନ ଓ ବିକ୍ରମକୁ ଆହୁରି ଉଜ୍ଜୀବିତ କରିଥିଲା ।



## ବହୁ ମହାପୁରୁଷଙ୍କ ସଂସ୍ପର୍ଶରେ ଯତୀନ ମୁଖାର୍ଜୀ

୧୯୦୫ ମସିହାରେ ବଙ୍ଗଳାର ପ୍ରଖ୍ୟାତ ପୁରୁଷ ଶ୍ରୀ ଅରବିନ୍ଦ ଘୋଷ୍ ଜଣେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ଥିଲେ । ବିଦେଶୀ ଶାସନକୁ ସେ ଦୃଢ଼ ହସ୍ତରେ ନିନ୍ଦା କରୁଥିଲେ ଏବଂ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୁଦ୍ଧରେ ଗଦା ଗଦା ସଂଦର୍ଭ ରଚନା କରି ବିଭିନ୍ନ ବଡ଼ବଡ଼ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ କରୁଥିଲେ । ଏସବୁ ପଢ଼ିଲା ପରେ ଯତୀନ କେତେଥର କଲିକତାରେ ଶ୍ରୀ ଅରବିନ୍ଦଙ୍କୁ ସାକ୍ଷାତ କରିଥିଲେ ତାଙ୍କ ବିଦ୍ରୋହାତ୍ମକ ଦର୍ଶନରେ ପ୍ରଭାବିତ ହେଇ । ସେତେବେଳକୁ ଭାରତ ସ୍ୱାଧୀନ କରିବା ପାଇଁ ବିଦ୍ରୋହର ବହ୍ନି ଭାରତର



କୋଣ ଅନୁକୋଣରେ ହୁତ୍‌ହୁତ୍ ହେଇ ଜଳିବାକୁ ଆରମ୍ଭ କରିସାରିଥିଲା । ବିଦ୍ରୋହୀ ନେତାମାନେ ସଭା ସମିତି କରି ସାଧାରଣ ଜନତାଙ୍କୁ ସ୍ୱାଧୀନତା ସଂପର୍କରେ ବୁଝାଉଥିଲେ । କିନ୍ତୁ ବିଦ୍ରୋହର ଗତି ଓ ସ୍ୱରୂପ କିପରି ହେବ ତାହା ଠିକ୍ ଜଣାନଥିଲା । ବିଦ୍ରୋହୀମାନେ ଠାଏ ଠାଏ ଗୋରା ଅଫିସର୍ ଓ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ ବି କରି ଦେଉଥିଲେ । ଏଇସବୁ ବିପ୍ଳବର ସୂତ୍ରକୁ ଶ୍ରୀ ଅରବିନ୍ଦ ବି ଆହୁରି ଇନ୍ଧନ ଯୋଗାଉଥିଲେ ।

ଯେତେବେଳେ ବିପ୍ଳବୀ ଅରବିନ୍ଦ ଯୁବକ ଯତୀନ୍‌ଙ୍କୁ ଦେଖିଲେ ଓ ତାଙ୍କ ସହିତ କଥା ହେଲେ, ସେ ହୃଦ୍‌ବୋଧ କଲେ ଇଏ ହିଁ ତାଙ୍କ ଆଦର୍ଶକୁ ଠିକ୍ ଭାବେ ପାଳନ କରିପାରିବେ ।

ଆହୁରି ମଧ୍ୟ ଭଗ୍ନୀ ନିବେଦିତାଙ୍କ ଆନୁକୂଲ୍ୟରେ ସେ ସନ୍ଥ ବିବେକାନନ୍ଦଙ୍କୁ ବି ଭେଟିଥିଲେ । ଶ୍ରୀ ଅରବିନ୍ଦ, ବିବେକାନନ୍ଦ, ବଙ୍କିମଚନ୍ଦ୍ରଙ୍କ ଦର୍ଶନ ଓ ସାହିତ୍ୟ ଏବଂ ଶ୍ରୀମଦ୍ ଭାଗବତ ଗୀତାର ବାଣୀ ତାଙ୍କୁ ଧୀରେ ଧୀରେ ଏକ ଭିନ୍ନ ସଂଗ୍ରାମୀ ମଣିଷ କରି ଗଢ଼ିଥିଲା ।

## ବିଦ୍ରୋହୀ ଯତୀନ ମୁଖାର୍ଜୀ

ପ୍ରାରମ୍ଭିକ ଜୀବନରେ ଯତୀନ କଲିକତାରେ ସରକାରୀ ସେକ୍ରେଟେରିଏଟ୍‌ରେ ଅର୍ଥ ବିଭାଗର କର୍ମଚାରୀ ଥିଲେ । କିନ୍ତୁ ସେ ସରକାରୀ ଚାକିରିର Code of Conduct ଭିତରେ ଅର୍ଥ ରୋଜଗାର କରି ପରିବାର ପ୍ରତିପୋଷଣ ପାଇଁ ଜନ୍ମ ହେଇ ନଥିଲେ । ତାଙ୍କ ଭିତରେ ଗୋଟେ ପ୍ରବଳ ବିଦ୍ରୋହର ସ୍ୱର ଦେଶ ସ୍ୱାଧୀନ କରିବା ପାଇଁ ନିର୍ଗତ ହେଉଥିଲା, ଯାହାକୁ ସେ ଅବଦମିତ କରିବା ସମ୍ଭବ ନଥିଲା । ସେ ପ୍ରଚ୍ଛନ୍ନରେ ଯୁଗାନ୍ତର ପାର୍ଟିରେ ମୁଖ୍ୟ ପୁରୋଧା ଥିଲେ । ସେ ବିଦ୍ରୋହାତ୍ମକ ଏକ ଅନୁଷ୍ଠାନ ବି ଗଢ଼ିଥିଲେ ଯାହାର ନାମ ରଖିଥିଲେ 'ଅନୁଶୀଳନ ସମିତି' । ଏଥିରେ ସେ ଉଗ୍ରବାଦୀ Indian Liberation Movement କୁ ଗତିଶୀଳ କରାଇବାର ପ୍ରୟାସ କରିଥିଲେ । 'ପୂର୍ଣ୍ଣ ସ୍ୱରାଜ' ପାଇଁ ହିଂସାର ପଥକୁ ଗ୍ରହଣ କରିବାକୁ ସେ ପ୍ରାଧାନ୍ୟ ଦେଇଥିଲେ । ସେ ଗୁପ୍ତ ଭାବେ ବେଙ୍ଗଲ୍‌ର ବହୁ ଯୁବ ବିଦ୍ରୋହୀଙ୍କୁ ଭାରତ ସ୍ୱାଧୀନତା ସଂଗ୍ରାମରେ ଅବତୀର୍ଣ୍ଣ ହେବା ପାଇଁ ଏକ୍‌ଜୁଟ କରାଉଥିଲେ ଓ ସେହି ସଂସ୍ଥାର ନାମ ଥିଲା 'ଛତ୍ର ଭଣ୍ଡାର' ।

ସେହି ସମୟରେ ବଂଗଳାର ବିଦ୍ରୋହୀ ନେତା ଏମ୍.ଏନ୍.ରୟଙ୍କ ଦୃଷ୍ଟିରେ ଯତୀନ୍ଦ୍ର ଆସିଥିଲେ । ସେ ଜାଣିପାରି ଥିଲେ ଯତୀନ୍ଦ୍ର ହେଉଛନ୍ତି ଜଣେ ଦକ୍ଷ ଓ ପାରଙ୍ଗମ ଯୁବକ ଭାରତ ସ୍ୱାଧୀନତା ସଂଗ୍ରାମକୁ ଆଗକୁ ନେଇଯିବା ପାଇଁ ।

୧୯୧୪ ମସିହା ବେଳକୁ ଭାରତର ବିଶେଷ କରି ବଙ୍ଗଳାର ଲୋକମାନେ ଅତିଷ୍ଠ ହୋଇ ପଡ଼ିଥିଲେ ଆଉ ଅଧିକ ଦିନ ବ୍ରିଟିଶ୍ ଶସାନରେ ବନ୍ଧା ହୋଇ ପଶୁ ଭଳି ଜୀବନ ଜିଇଁବା ପାଇଁ । ଠିକ୍ ସେତିକି ବେଳକୁ ଆମେରିକା ଓ କାନାଡ଼ାରେ ଗଦର movement ଆରମ୍ଭ ହେଇଯାଇଥିଲା ଯାହାର ପ୍ରବାହ ଭାରତର ସାଧାରଣ ଲୋକଙ୍କ ଉପରେ ପଡ଼ିଥିଲା । ଲୋକମାନେ ଉଦ୍‌ଭ୍ରାନ୍ତ ହେଇ ପଡ଼ିଥିଲେ ମୁକ୍ତିର ପଥ ଅନୁସନ୍ଧାନ କରିବାକୁ ।

ଅପ୍ରିୟ ସତ କହିଲେ ସେତେବେଳେ ପ୍ରଥମ କରି ମୁକ୍ତିର ବିପ୍ଳବ ଆରମ୍ଭ ହେଇଥିଲ ବଙ୍ଗଳାରୁ । ସେଥିପାଇଁ ଯଥାର୍ଥରେ କୁହାଯାଏ 'ଆଜି ଯାହା ବଙ୍ଗ ଦେଖେ, ତାହା ଆସନ୍ତାକାଲି ଦେଖେ ଭାରତ ।'

ଆହୁରି ଭୟଙ୍କର କଥା ଥିଲା ଯେ ଯତୀନ୍ କଲିକତାର ଅନେକ ହତ୍ୟା ଓ ଲୁଣ୍ଠନର ଷଡ଼ଯନ୍ତ୍ର ମାମଲାରେ ଧୀରେ ଧୀରେ ଜଡ଼ିତ ହେଇ ଯାଉଥିଲେ । ଯେଉଁମାନ ଇଂରେଜ ସରକାରଙ୍କ ଅନୁଗାମୀ ଓ ପ୍ରଚୁର ଅର୍ଥର ଅଧିକାରୀ, ସେମାନଙ୍କୁ ହତ୍ୟା କରିବା ପାଇଁ ସେ ଭୟଙ୍କର ପଦକ୍ଷେପ ନେଇଥିଲେ । ଏହା କଲେ ସ୍ୱାଧୀନତା ସଂଗ୍ରାମ ପାଇଁ ଅର୍ଥ ସଂଗୃହୀତ ହୋଇ ପାରିବ ଓ ସରକାର ବି ଭୟଭୀତ ହୋଇଯିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା । କଲିକତା,Garden Reach Dacoity Caseରେ ଯତୀନ ଓ ବିପିନ ଗାଙ୍ଗୁଲିଙ୍କ ସଂପୃକ୍ତି ଥିଲା । ତତ୍ ସହ କଲିକତାରୁ Rice Merchant Cashier ଠୁଁ ୨୦,୦୦୦ଟଙ୍କା ଲୁଟ୍ କରିବାରେ ଯତୀନ୍ ଥିଲେ ମୁଖ୍ୟ ପୁରୋଧା । ମହାନଗରର ବ୍ରିଟିଶ୍ ସମର୍ଥକ ନିପେନ ହାଲ୍‌ଦାର୍ ଓ ସୁରେଶ ଚନ୍ଦ୍ର ମୁଖାର୍ଜୀଙ୍କୁ ହତ୍ୟା କରିବାରେ ବାଘାଯତୀନଙ୍କ ପ୍ରଚ୍ଛନ୍ନ ହାତ ବି ଥିଲା । ଏସବୁ ହତ୍ୟା ଓ ଲୁଟ୍‌ର ଏକମାତ୍ର ଉଦ୍ଦେଶ୍ୟ ଥିଲା ଆତଙ୍କ ସୃଷ୍ଟି ଓ ଅର୍ଥ ସଂଗ୍ରହ । ସେଇ ଅର୍ଥକୁ ନେଇ ସ୍ୱାଧୀନତା ସଂଗ୍ରାମର ଭିତ୍ତି ପ୍ରସ୍ତୁତି ହେବ ।

୧୯୧୪ ମସିହାରେ ବି ସମଗ୍ର ପୃଥିବୀରେ ପ୍ରଥମ ବିଶ୍ୱଯୁଦ୍ଧ ସଂଘଟିତ ହେଇ ଯାଇଥିଲା । ଜର୍ମାନୀ ଚାହୁଁଥିଲା ଇଂରେଜମାନେ ଭାରତରୁ ପ୍ରତ୍ୟାଖ୍ୟାତ ହୁଅନ୍ତୁ । କୁଟନୈତିକ M.N.Roy ଏହାର ସୁଯୋଗକୁ ହାତଛଡ଼ା ନକରି ସେ ଜର୍ମାନୀ ସରକାରଙ୍କ ସହ ମଧ୍ୟସ୍ଥତା କରି ପ୍ରଚୁର ଅସ୍ତ୍ର ଆଣି ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼େଇ କରିବାକୁ ଯୋଜନା କରୁଥିଲେ । ତାଙ୍କର ବିଶ୍ୱାସ ଥିଲା ଜର୍ମାନୀ ଅସ୍ତ୍ର ଦେଲେ ଭାରତୀୟ ବିପ୍ଳବୀମାନେ ବ୍ରିଟିଶ ସରକାରକୁ ଭାରତରୁ ପରାହତ କରିପାରିବେ ।

M.N.Roy ଜର୍ମାନୀ ସହ ଠିକ୍ କଥା ଚୂଡ଼ାନ୍ତ କରି ଗୋଟେ ଜାହାଜରେ



୩୦,୦୦୦ ରାଇଫଲ, ୪୦୦ ରାଉଣ୍ଡ ଗୁଳି ଓ ୨ଲକ୍ଷ ଟଙ୍କା ଆଣିବାର ସୁବନ୍ଦୋବସ୍ତ କରିଥିଲେ । ଯୋଜନା ଥିଲା ସେଇ ଜାହାଜ କଲିକତା ପହଞ୍ଚିବା ମାତ୍ରେ ସେଥିରୁ ଅସ୍ତ୍ରସବୁ ବାହାର କରି ତିନିସ୍ଥାନକୁ ପଠାଇ ଦିଆଯିବ ।



ସେତେବେଳକୁ ବାଘାଯତୀନ ଲୁଟ୍ ଓ ହତ୍ୟା କେସ୍‌ରେ ସଂଶ୍ଳିଷ୍ଟ ହେଇଥିବାରୁ ସେ ଓ ତାଙ୍କର ସହଯୋଗୀମାନେ କଲିକତା ଛାଡ଼ି ବାଲେଶ୍ୱରରେ ଆତ୍ମଗୋପନ କରିଥିଲେ । ପ୍ରଥମେ ସେ (ବାଲେଶ୍ୱର)ଆର୍ତ୍ତ କବିରାଜ ରୋଡ଼ରେ Universe Emporium ନାମରେ ଗୋଟେ ବ୍ୟବସାୟ ସଂସ୍ଥା ଚଳାଉଥିଲେ । ସେଠି ସାଇକେଲ୍ ମରାମତି ହେବା ସହ ଗ୍ରାମ୍‌ଫୋନ୍ ଓ କେସେଟ୍ ବିକ୍ରି କରା ଯାଉଥିଲା ।

ସମସ୍ତ ବିଦ୍ରୋହୀମାନଙ୍କ ଭିତରେ ସଂପର୍କ ଗୁପ୍ତରେ ରହି ଆସିଥିଲା । ବାଘାଯତୀନ ଥିଲେ ଏଇ ଷଡ଼ଯନ୍ତ୍ରର ମୁଖ୍ୟ । ତାଙ୍କର ପ୍ରମୁଖ ସହଯୋଗୀ ଥିଲେ ଯଦୁ ଗୋପାଳ ମୁଖାର୍ଜୀ, ଭୋଳାନାଥ ଚାଟାର୍ଜୀ, ଅତୁଲ ଚନ୍ଦ୍ର ଘୋଷ ଇତ୍ୟାଦି ।

ଜର୍ମାନୀ ଅସ୍ତ୍ରସବୁ ପୂର୍ବ ବଂଗର ହାଟିଆ ଘାଟି, କଲିକତା ଓ ବାଲେଶ୍ୱରକୁ ଯାଇଥାନ୍ତା । ଯୋଜନା ଥିଲା ଏକ ସମୟରେ ତିନି ଜାଗାରେ ରେଳ ଲାଇନ ଓ ବଡ଼ବଡ଼ ପୋଲ ସବୁ ଉଡ଼ାଇ ଦିଆଯିବ ।

ଯଦୁଗୋପାଳ କଲିକତା ବନ୍ଦରରେ ଜାହାଜରୁ ମାଲ ଓହ୍ଲାଇବା ପାଇଁ ଲୋକ ଓ ଆଲୋକର ବ୍ୟବସ୍ଥା କରିଥିଲେ । ୧୬-୬-୧୯୧୫ରେ M.N.Roy ମାନ୍ଦ୍ରାଜରେ ପହଞ୍ଚି ଯଦୁଗୋପାଳ ମୁଖାର୍ଜୀଙ୍କୁ ଗୋଟେ ଟେଲିଗ୍ରାମ୍ ପଠାଇଥିଲେ । ସେଥିରେ ଲେଖାଥିଲା, 'Arrived here, starting to night for Balasore, expect to meet some one there'.

କିନ୍ତୁ ଏ ଟେଲିଗ୍ରାମ୍ ସରକାରଙ୍କ ଗୋଇନ୍ଦା ସଂସ୍ଥା ହାତରେ ପଡ଼ି ଯାଇଥିବା ହେତୁ ଜାହାଜ ଆସିବା କଥା ଜଣା ପଡ଼ିଯାଇଥିଲା । ତତ୍‌ସହ ବାଲେଶ୍ୱରରେ ବିଦ୍ରୋହୀମାନେ ଆତ୍ମଗୋପନ କରିଥିବା କଥା ବି । ଏହି ସମୟରେ ବାଘାଯତୀନ ଓ ତାଙ୍କ ସହଯୋଗୀମାନେ ପୁଲିସ୍ ହାତରେ ଧରା ପଡ଼ିଯିବା ଆଶଙ୍କାରେ କପ୍ତିପଦା ଚାଲି ଯାଇଥିଲେ । ସେଠି ଜଣେ ବଙ୍ଗାଳୀ ଜମିଦାର ଥିଲେ ମନୀନ୍ଦ୍ର ଚକ୍ରବର୍ତ୍ତୀ । ସେ ବାଘାଯତୀନ ଓ ତାଙ୍କ ଲୋକମାନଙ୍କୁ ନେଇ ମହୁଲଡିହା କୁଡ଼ିଆ ଘର ଭିତରେ ରଖିଥିଲେ । ସେଇସବୁ କୁଡ଼ିଆ ଘର ଘଞ୍ଚଜଙ୍ଗଲ ଭିତରେ ହିଁ ଥିଲା । ସମସ୍ତେ ସେଠି ସନ୍ୟାସୀ ବେଶରେ ଆତ୍ମଗୋପନ କରିଥିଲେ । କିନ୍ତୁ କଲିକତା ସହିତ ସଂପର୍କର ଆଦାନପ୍ରଦାନ ହିଁ ରହିଥିଲା ।

ଦୁର୍ଭାଗ୍ୟ ଯେ ସେଇ ସମୟରେ ପୁଲିସ୍ କଲିକତାରୁ ସହଯୋଗୀ ବିଦ୍ରୋହୀ ଶୈଳେଶ୍ୱର ବୋଷଙ୍କୁ ଧରି ନେଇଥିଲା । ତାଙ୍କୁ ପଚରା ଉଚୁରାରୁ ଜଣା ପଡ଼ିଥିଲା ବିଦ୍ରୋହୀମାନଙ୍କର ଆଡ୍ଡାସ୍ଥଳି କପ୍ତିପଦା ବୋଲି ।

## ବାଲେଶ୍ୱର ଓ ବାଘାଯତୀନ

୬-୯-୧୫: ବିକ୍ଷିପ୍ତ ତଦନ୍ତ ଓ ଅନୁଧ୍ୟାନ ପରେ ବାଲେଶ୍ୱର ମାଜିଷ୍ଟ୍ରେଟ୍ ପାଖକୁ ତୁରନ୍ତ ନିର୍ଦ୍ଦେଶ ଆସିଥିଲା କପ୍ତିପଦା ଛିନ୍‌ଭିନ୍ କରି ବିଦ୍ରୋହୀମାନଙ୍କୁ ଧରିବା ପାଇଁ ।

ମାଜିଷ୍ଟ୍ରେଟ୍ ଓ ଅଭିଜ୍ଞ ପୋଲିସ୍ ଅଧିକାରୀ ଏବଂ ପୁଲିସ୍ ଫୌଜ କପ୍ତିପଦା ଯାଇଥିଲେ । ସେଠି ଜଣା ପଡ଼ି ଯାଇଥିଲା କଲିକତାରୁ ବଙ୍ଗାଳୀମାନେ ଆସି ଜଂଗଲ ଭିତରେ ବାସ କରୁଛନ୍ତି । ତା ପରଦିନ ସକାଳେ ଅର୍ଥାତ ୭-୯-୧୫ରେ ସମଗ୍ର ଟିମ୍ ଜଂଗଲ Search Operationରେ ବାହାରି ପଡ଼ିଥିଲେ । କିନ୍ତୁ ସେଠି ପହଞ୍ଚିଲା ପୂର୍ବରୁ ବିଦ୍ରୋହୀ ବାଘାଯତୀନ ଓ ତାଙ୍କ ସହଯୋଗୀମାନେ ସେ ଅଂଚଳ ଛାଡ଼ି ଚାଲି ଯାଇଥିଲେ । ପୁଲିସ୍ କିନ୍ତୁ ସର୍ଚ୍ଚ କରି ବହୁ ତଥ୍ୟ, ନଥି, ଗୁରୁତ୍ୱପୂର୍ଣ୍ଣ ନକ୍ସା ଓ ଅସ୍ତ୍ରଶସ୍ତ୍ର ମହଜୁଦ ସଂପର୍କିତ ତଥ୍ୟ ସବୁ ପାଇ ଯାଇଥିଲେ । ପୁଲିସ୍ ଏସବୁ ତଥ୍ୟରୁ ଦୃଢ଼ ନିଶ୍ଚିତ ହୋଇ ଯାଇଥିଲା ସେଠି ରହିଥିବା ବଙ୍ଗାଳୀମାନେ ସମସ୍ତେ Arm Men ।



ସଙ୍ଗେ ସଙ୍ଗେ ମାଜିଷ୍ଟ୍ରେଟ୍ ସମଗ୍ର ବାଲେଶ୍ୱର ଏରିଆକୁ ଫୌଜରେ ଘେରାଇ ଦେଇଥିଲେ । କଡ଼ା ନିର୍ଦ୍ଦେଶ ଥିଲା ଯେମିତି ଉପାୟରେ ହେଉ ବାଘାଯତୀନଙ୍କୁ ଧରିବାକୁ ହବ ।

୯-୯-୧୯୧୫: ବାଲେଶ୍ୱର ମାଜିଷ୍ଟ୍ରେଟ୍ ଖବର ପାଇଥିଲେ ବିଦ୍ରୋହୀମାନେ ବାଲେଶ୍ୱର ସହର ଆସି ପୁଣି ଚଷାଖଣ୍ଡ ଜଂଗଲ ଭିତରକୁ ଚାଲି ଯାଇଛନ୍ତି । ହରିପୁର ବିଲ ଭିତରେ ସେମାନେ ଯାଇ ଅମୃତିଆ ନଦୀ ପାଖରେ ପହଞ୍ଚିଥିଲେ । ନଈରେ ପଡ଼ିଥିବା ନାଆର ନାଉରିଆ ବିଦ୍ରୋହୀମାନଙ୍କ ଖବର ପାଇ ଯାଇଥିବାରୁ ନାଆ ଛାଡ଼ି ଦୌଡ଼ି ପଳାଇ

ଯାଇଥିଲେ । କିନ୍ତୁ ଏମାନଙ୍କୁ ଧରାଇ ବକ୍ସିସ୍ ପାଇବା ପାଇଁ ଚୌକିଦାର ରାଜୁ ମହାନ୍ତି ଅନୁସରଣ କରୁଥିଲା । ବିଦ୍ରୋହୀମାନେ ତାକୁ ଘଉଡ଼ାଇବା ପାଇଁ ଫାଙ୍କା ଗୁଳି ଚାଳନା କରୁଥିଲା ବେଳେ ରାଜୁ ଦେହରେ ଗୁଳି ବାଜିବାରୁ ସେ ଟଳି ପଡ଼ିଥିଲା । ଅମୃତିଆ ନଦୀରେ ବିଦ୍ରୋହୀମାନଙ୍କର ଗୁଳିବାକ୍ସର ଚାବି ଖସି ପଡ଼ିଥିଲା । ତଥାପି ସେମାନେ ଯାଇ ପହଞ୍ଚି ଯାଇଥିଲେ ଚଷାଖଣ୍ଡ ଗାଁର ଦେଶୁଆଁ ପୋଖରୀ ପାଖ ଜଙ୍ଗଲରେ ।

ମାଜିଷ୍ଟ୍ରେଟ୍, ଏସ୍.ପି ଓ DRDO Dept Sergent ସମସ୍ତେ Armed Force ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେତେବେଳକୁ ବିପ୍ଳବୀମାନେ ଦୁଇଦିନ ଧରି ପାଣି କାଦୁଅ ଶସ୍ୟଘେରା କ୍ଷେତ ଓ ବଣ ଭିତରେ ଘୁରି ଘୁରି ନୟାନ୍ତ ହେଇ ପଡ଼ିଥିଲେ । ଗୋଡ଼ ହାତ ଜଂଗଲ ଭିତରେ ଯାଉଥିବାରୁ ରକ୍ତାକ୍ତ ହେଇ ଯାଇଥିଲେ । ଦେଶୁଆଁ ପୋଖରୀକୁ ଲାଗି ଗୋଟେ ଛୋଟ ପାହାଡ଼ ଥିଲା । ପ୍ରକୃତରେ ତାହା ପାହାଡ଼ ନଥିଲା । ଥିଲା ଏକ ବିରାଟ ଉଇହୁଙ୍କା । ତାହାରି ଆଢୁଆଳରେ ସେମାନେ ରହି ଯାଇଥିଲେ, ଆସନ୍ନ ଯୁଦ୍ଧକୁ ଅନିଷା କରି ।

ମାଟି ମାଆର ସ୍ୱାଧୀନତା ପାଇଁ ସେଇ ଯୁବକମାନେ ନିଜ ଜୀବନକୁ ପାଣି ଛଡ଼ାଇ ବିରାଟ ବ୍ରିଟିଶ୍ ଫୌଜ ବିରୁଦ୍ଧରେ ଛିଡ଼ା ହେଇଥିଲେ । ସେମାନଙ୍କ ଭିତରେ ତଥାପି ପ୍ରବଳ ସାହସ ଓ ଆତ୍ମବିଶ୍ୱାସ ଥିଲା, ସେମାନେ ଯେମିତି ହେଲେ ବି ବ୍ରିଟିଶ୍ ଫୌଜକୁ ନିପାତ କରିଦେବେ । ନା ଜୀବନ ପ୍ରତି ସେମାନଙ୍କର ଥିଲା ଭୟ ନା ମମତା । 'ମର ବା ମାର' ଥିଲା ସେମାନଙ୍କର ଏକମାତ୍ର ଲକ୍ଷ୍ୟ । ସମ୍ମୁଖ ଲଢ଼େଇ ପାଇଁ ସେମାନଙ୍କର ଥିଲା ଅଦମ୍ୟ ସାହସ । ସୁଯୋଗକୁ ଅପେକ୍ଷା କରିଥିଲେ କେବଳ । ସେମାନେ ଦୂରରୁ ଶୁଣି ପାରିଥିଲେ ଫୌଜର ବିଗୁଲ୍ ଶବ୍ଦ । ଯୁବକମାନେ ତୟାର୍ ହେଇଗଲେ ଯୁଦ୍ଧ ପାଇଁ । ବାଘାଯତୀନ ପାହାଡ଼ ଉପରକୁ ନିର୍ଭୟରେ ଉଠି ଯାଇ ଫୌଜର ଗତି ଲକ୍ଷ୍ୟ କରୁଥିଲେ । ନିଜେ ବି ବନ୍ଧୁକକୁ ତୟାର୍ କରି ଧରିଥିଲେ । ଇଂରେଜ ସୈନ୍ୟ ଖୁବ୍ ନିକଟତର ହେବାର ଦେଖି ଯତୀନ୍ ନିର୍ଦ୍ଦେଶ ଦେଇଥିଲେ– 'ଚଳାଅ ଗୁଳି– ବନ୍ଦେ ମାତରମ୍ ।'

ଚାରି ପାଖରୁ ଫୌଜ ଘେରି ଆସିଥିଲେ ସେଇ ପାହାଡ଼କୁ । ତଥାପି ଭୟ ନଥିଲା ସେଇ ପାଞ୍ଚଜଣ ବିଦ୍ରୋହୀ ଯୁବକଙ୍କର । ଶହ ଶହ ଫୌଜ ବିରୁଦ୍ଧରେ ୭୫ମିନିଟ୍ ଧରି ଗୁଳି ବିନିମୟ କରି ଚାଲିଥିଲେ ସେମାନେ । ଉଭୟ ପକ୍ଷରୁ ବହୁ ଲୋକଙ୍କର ମୃତ୍ୟୁ ହେଇଥିଲା । ବିଦ୍ରୋହୀ ପକ୍ଷରୁ ଚିତ୍ତପ୍ରିୟ ରାୟ ଚୌଧୁରୀ ଘଟଣା ସ୍ଥଳରେ ଟଳି ପଡ଼ିଥିଲେ । ମନୋରଂଜନ ସେନ୍‌ଗୁପ୍ତ ଓ ନିରେନ୍ ଦାସ ଗୁପ୍ତଙ୍କର ବନ୍ଧୁକରୁ ଗୁଳି ନିଃଶେଷ ହେଇଗଲା ପରେ ଫୌଜ ହାତରେ ଧରା ପଡ଼ିଥିଲେ ।

ଯତୀନ ଓ ଯତିଶ୍ ପାଲ୍ ଫୌଜ ଗୁଳିରେ କ୍ଷତାକ୍ତ ହେଇ ସଂଜ୍ଞାହୀନ ହେଇ ଯାଇଥିଲେ । ଯତୀନ୍‌ଙ୍କ ଡାହାଣ ହାତରେ ଗୁଳି ବାଜିଥିବାରୁ ସେ ହାତ ଅଚଳ ହେଇ ଯାଇଥିଲା । ତଥାପି ଶେଷଯାଏଁ ସେ ବାମ ହାତରେ ବନ୍ଧୁକ ଚଳାଉଥିଲେ ।

ଫୌଜର ନେତୃତ୍ୱ ନେଉଥିବା ଏସ୍.ପି. ଟେର୍ଗୋଟ୍ ସାହେବ ହୁକୁମ୍ ଦେଲେ– 'ଜୀବିତମାନଙ୍କୁ ବନ୍ଦୀ କର' । ବୀର ଯତୀନ୍ଦ୍ର ଓ ସହଯୋଗୀ ତିନିଜଣଙ୍କ ହାତରେ ହାତକଡ଼ି ପଡ଼ିଲା ଓ ସେମାନଙ୍କୁ ବାଲେଶ୍ୱର ଅଣାଗଲା ।

## ବାରବାଟୀ ଡାକ୍ତରଖାନା ଓ ବାଘାଯତୀନ

ବାରବାଟୀ ଡାକ୍ତରଖାନାରେ ଯତୀନ୍ ଚେତାଶୂନ୍ୟ ହେଇ ଅନେକ ସମୟ ପଡ଼ି ରହିଥିଲେ । ତାଙ୍କ ପେଟ ଅପରେସନ୍ ହେଇ ବିଦ୍ଧ ହେଇଥିବା ଗୁଳି ସବୁ ବାହାର କରା ଯାଇଥିଲା । ସମଗ୍ର ଶରୀର ତାଙ୍କର ଖଣ୍ଡିଆ ଖାବରା ହେଇ ଯାଇଥିଲା । କନା ପଟିରେ ସେସବୁ କ୍ଷତକୁ ବନ୍ଧା ଯାଇଥିଲା । ସମଗ୍ର ଶରୀରରେ କ୍ଷତ ଯୋଗୁଁ ସେ ଖୁବ୍ ଯନ୍ତ୍ରଣା ବି ପାଉଥିଲେ । ଧୀରେ ଧୀରେ ତାଙ୍କ ଚେତା ଫେରି ଆସୁଥିଲା । ଚେତା ଫେରିବା କ୍ଷଣି ହଠାତ୍ ତାଙ୍କର ଦୃଷ୍ଟି ପଡ଼ିଲା ତାଙ୍କ ଦେହରେ ବନ୍ଧା ହେଇଥିବା ପଟି ଗୁଡ଼ିକ ଉପରେ । ସେ କାନ୍ଦ କାନ୍ଦ ହେଇଗଲେ । ତାଙ୍କର ଦେଶ ସ୍ୱାଧୀନ କରିବାର ପ୍ରୟାସ ଭାଙ୍ଗି ଯାଇଥିବାରୁ । ସେ ନିର୍ବଳ ହେଇ ଡାକ୍ତରଖାନାରେ ଫୌଜ ଦୟାରେ ଆସିଥିବାରୁ ନିଜକୁ ଧିକ୍କାର କଲେ ଓ କ୍ରୋଧାନ୍ୱିତ ବି ହେଇଥିଲେ । ସେ ଦମ୍ଭ ଧରି ଉଠି ବସିଲେ ଓ ଅଟ୍ଟହାସ୍ୟ କରି କହିଲେ– "ମୁଁ ଶେଷ ରକ୍ତ ବିନ୍ଦୁ ଦେଇ ମାଟି ମାଆର ମୁକ୍ତି ଲାଗି ଲଢ଼େଇ କରିବି ବୋଲି ଶପଥ କରିଥିଲି । ଏବେ ମୁଁ ବ୍ରିଟିଶ୍ ହାତରେ ବନ୍ଦୀ ହୋଇ କିପରି ଡାକ୍ତରଖାନାରେ ପଡ଼ି ରହିବି ଭଲ ହେବା ପାଇଁ । ଏପରି ତୁଚ୍ଛ ଜୀବନରେ କି ମୂଲ୍ୟ ?"

ଏତିକି କହୁକହୁ ସେ ସଂଗେସଂଗେ ତାଙ୍କ ଦେହରୁ ପଟି ଗୁଡ଼ିକ ଟାଣି ଓଟାରି ଛିଣ୍ଡାଇ ଦେଲେ । ତାଙ୍କ ଦେହରୁ କ୍ଷତ ସ୍ଥାନମାନଙ୍କରୁ ରକ୍ତର ସୁଅ ଛୁଟି



## ବିପ୍ଳବୀ ବାଘାଯତୀନ ଶକ୍ତି ଦିଏ: ସ୍ନିଗ୍ଧା ପଣ୍ଡା

"କ୍ରାନ୍ତିର-ମଶାଲ ଦୀପ ସମ ହୋଇ ଆଜି ବି ଜୀବିତ ଏ ପରିବେଶ,/ ରକ୍ତରଞ୍ଜିତ ଭିଜା ମାଟି ଏଠି ତ୍ୟାଗ ବୀରତ୍ୱର ଗଣିତ କଷେ ।/ ଧନ୍ୟ ତୁମେ ବୀର ସୁଦୃଢ଼ ପ୍ରାଚୀର ପରି ବିରାଜିଲ ଶତ୍ରୁର ଆଗେ,/ ଦେଶର ସନ୍ତାନ ହାତ ଯୋଡ଼ି ଆଜି ତୁମ ପ୍ରେରଣାର ଭିକ୍ଷା ମାଗେ ।"

ଜୀବନର ଅନ୍ୟତମ ପାହାଚ ଓ ଚାକିରି ଜୀବନର ପ୍ରାରମ୍ଭ ମୁହୂର୍ତ୍ତ ଏଭଳି ଏକ ଐତିହାସିକ ସ୍ମୃତିସମ୍ପନ୍ନ ଶହୀଦର ରକ୍ତଭିଜା ମାଟିରେ ପ୍ରତିଷ୍ଠିତ ବିଦ୍ୟାଳୟରୁ ଆରମ୍ଭ ହେବ- ଏ କଥା ମୁଁ ଭାବିପାରି ନଥିଲି । ତେଣୁ ଦୀର୍ଘ ୫ବର୍ଷ ଆଗରୁ ଶହୀଦର ମାର୍ମିକ ଭାବନାରେ ସିକ୍ତ ଏ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିବାରୁ ମୁଁ ସର୍ବଦା ଗର୍ବିତ । ଏ ମାଟି ହେଉଛି ଶହୀଦର ରକ୍ତଭିଜା ମାଟି, ଏ ବାତାବରଣ ମଧ୍ୟରେ ଆଜି ବି ବାଘାଯତୀନ ଜୀବିତ ଅଛନ୍ତି ଓ ଏହି ବାୟୁମଣ୍ଡଳରେ ଆଜି ବି ଅଛି ତାଙ୍କ ଅସୀମ ପରାକ୍ରମ, ବୀରତ୍ୱ, ଦେଶଭକ୍ତି ଓ ଆତ୍ମତ୍ୟାଗର ଅସରନ୍ତି ବାସ୍ନା ।

୧୯୧୫ ମସିହା ସେପ୍ଟେମ୍ବର ମାସ ୯ ତାରିଖ ଦିନ ପାଞ୍ଚଜଣ ସ୍ୱାଧୀନତା-ପାଗଳ ଦେଶପ୍ରେମୀଙ୍କ ସହ ପାଞ୍ଚ ଶହ ଜଣ ଇଂରେଜ ସୈନ୍ୟଙ୍କର ସମ୍ମୁଖ ସଂଗ୍ରାମର ମୂକସାକ୍ଷୀ ହୋଇ ବୁଢ଼ାବଳଙ୍ଗ ନଦୀ ଏବେ ମଧ୍ୟ ପ୍ରବାହିତ । ନିଜ ଜୀବନର ସୁଖ ସମ୍ପଦକୁ ତିଳତିଳ କରି ଜାଳିଦେଇ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରି ନିଜକୁ ଉତ୍ସର୍ଗୀକୃତ ରଖିଥିବା ବାଘାଯତୀନ୍‌ଙ୍କର ଚିନ୍ତା, ଚେତନା, ବୀରତ୍ୱର ଗାଥା ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ରହିବ ମଧ୍ୟ ।

ଆଜି ବି ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟର ସେ ୩ ନଂ କକ୍ଷକୁ ଗଲେ, ଯେଉଁଠି ଏକଦା ବାଘାଯତୀନ୍ ତାଙ୍କର ଶେଷନିଃଶ୍ୱାସ ତ୍ୟାଗ କରିଥିଲେ, ଦେହରେ ଏକ ଶିହରଣ ଖେଳିଯାଏ ଏବଂ ଅପୂର୍ବ ଆତ୍ମାହୁତିର ମହକ ଆଜି ମଧ୍ୟ ସେ କକ୍ଷରୁ ଅନୁଭବ କରିହୁଏ । ମନେହୁଏ ଯେପରି ବାଘାଯତୀନ୍‌ଙ୍କ ଆଶୀର୍ବାଦ ହିଁ ମୋତେ ଶକ୍ତି ଓ ପ୍ରେରଣା ଦିଏ ଏହି ବିଦ୍ୟାଳୟର ସମସ୍ତ ପ୍ରତିକୂଳ ପରିସ୍ଥିତି ସହ ସଂଗ୍ରାମ କରିବା ପାଇଁ । ତେଣୁ ମନ ଭିତରେ ଦେଶଭକ୍ତିର ଦୀପଟିଏ ଜାଳି ମୋର ଏହି ବିଦ୍ୟାଳୟରୂପୀ ପରିବାରର ପ୍ରତ୍ୟେକ ସଦସ୍ୟ ଆଗେଇ ଚାଲିଛୁ ଏକ ଶୃଙ୍ଖଳିତ, ସମୃଦ୍ଧ, ଜାଗ୍ରତ ଓ ପ୍ରସ୍ଫୁଟିତ ଭବିଷ୍ୟତ ଆଡ଼କୁ ।



**ଶ୍ରୀମତୀ ସ୍ନିଗ୍ଧା ପଣ୍ଡା**
(ଓଶିସେ-୦୧-କନିଷ୍ଠ)
ପ୍ରଧାନ ଶିକ୍ଷୟିତ୍ରୀ: ବାରବାଟୀ ବାଳିକା ଉଚ୍ଚବିଦ୍ୟାଳୟ, ବାଲେଶ୍ୱର



ଚାଲିଥିଲା । ସେ ରାଗରେ କହି ଚାଲିଥିଲେ, "ଏସ୍.ପି. ଟେଗାର୍ଟେ, ତୁମେ ଭାବିଛ ଆମକୁ ଫାସି ଖୁଣ୍ଟରେ ଝୁଲାଇ ବାହାଦୂରୀ ନେବ? ଆମ ଆନ୍ଦୋଳନକୁ ଦବାଇ ଦେଇ ଇଂରେଜ ଶାସନକୁ ମଜବୁତ କରିବ? କିନ୍ତୁ ମନେରଖ ଏସ୍.ପି, ଆମ ଭିତରୁ ଜଣେ ମଲେ କୋଟିଏ ବୀରସନ୍ତାନ ତୁମ ବିରୁଦ୍ଧରେ ସଂଗ୍ରାମ କରିବାକୁ ବାହାରି ଆସିବେ ।"

ତାଙ୍କର ପ୍ରଳାପ ଶୁଣି କାର୍ଯ୍ୟରତ ଡାକ୍ତର ଓ ଏସ୍.ପି. ସାହେବ ଧାଇଁ ଆସିଥିଲେ । କିନ୍ତୁ ସେତେବେଳକୁ ସମଗ୍ର କୋଠରୀଟା ରକ୍ତରେ ଭରି ହେଇ ଯାଇଥିଲା । ଡାକ୍ତରଙ୍କ ଶତ ଚେଷ୍ଟା ସତ୍ୱେ ସେ ରକ୍ତସ୍ରାବକୁ ରୋକି ପାରି ନଥିଲେ । ଯତୀନ୍ ତଥାପି ପ୍ରଳାପ କରି କହୁଥିଲେ, "ତୁମେ ଏ ବାଜେ ପ୍ରୟାସ ବନ୍ଦ କର ଡାକ୍ତର? ମୋତେ ତୁମେ କେବେ ବି ପରାସ୍ତ କରି ପାରିବ ନାହିଁ । ଏ ଦେହରୁ ମୋର ସବୁ ରକ୍ତ ମାଟିରେ ମିଶିଯାଉ । ମୁଁ ହସି ହସି ଏ ମାଟି ମାଆ ପାଇଁ ଜୀବନ ସମର୍ପି ଦେଉଛି । ଏ ତ୍ୟାଗ ବ୍ରିଟିଶ୍ ଜାତି ଦେଖୁ ଓ ଶିଖୁ ମାଟି ପ୍ରତି ଆମମାନଙ୍କର ତ୍ୟାଗ । ବନ୍ଦେ ମାତରମ । ବନ୍ଦେ..."

ଏତିକି କହୁଥିଲା ବେଳେ ତାଙ୍କ ସ୍ୱର ବନ୍ଦ ହେଇ ଯାଇଥିଲା । ସେ ସବୁଦିନ ପାଇଁ ପ୍ରିୟ ମାଟି ମାଆ କୋଳରୁ ଚିର ବିଦାୟ ନେଇଥିଲେ । ଉପସ୍ଥିତ ଡାକ୍ତର ଓ ଏସ୍.ପି. ବିଦେଶୀ ହୋଇ ବି ବାଘାଯତୀନଙ୍କ ଅପୂର୍ବ ସାହସ, ଦେଶଭକ୍ତି ଓ ମାଟି ପାଇଁ ମମତା ଦେଖି ମୁଣ୍ଡନତ କରି ଦେଇଥିଲେ । ସରକାରୀ ଟୋପି ବାହାର କରି ସେମାନେ ମଣିଷ ହିସାବରେ ଯତୀନଙ୍କୁ ସେମାନଙ୍କର ଶେଷ ସମ୍ମାନ ଜଣାଇଥିଲେ ।

ବାଲେଶ୍ୱର କୋର୍ଟରେ ଯତୀନଙ୍କ ତିନିଜଣ ଜୀବିତ ସହଯୋଗୀଙ୍କ ବିଚାର ହେଲା । ବାସ୍ତବିକ ବିଚାର ଥିଲା ଇଂରେଜ ଶାସନର ଏକ ପ୍ରହସନ । ନିରେନ ଓ ମନୋରଂଜନଙ୍କୁ ବାଲେଶ୍ୱର ଜେଲ୍ ଭିତରେ ଫାଶି ଦିଆଗଲା । ଯତିଶଙ୍କୁ କଳାପାଣି ପଠାଇ ଦିଆଗଲା ।

ସତରେ ସେହି ସାହସୀ ଯୁବକମାନଙ୍କ ବଳିଦାନ କେବେ କ'ଣ ଏ ଜାତି ବିସ୍ମରି ପାରିବ? ସେମାନଙ୍କ ରକ୍ତରେ ଯେଉଁ ଚଷାଖଣ୍ଡ ଗାଁ, ରକ୍ତରଂଜିତ



ହୋଇଥିଲା, ସେ ମାଟିକୁ ଏବେ 'ରକ୍ତତୀର୍ଥ' କୁହାଯାଏ ।

### ବଡ଼ଲୋକମାନେ ଶହୀଦ ଯତୀନଙ୍କ ପାଇଁ ଯାହା କହନ୍ତି

ଯତୀନଙ୍କ ବିଦ୍ରୋହୀ ବନ୍ଧୁ M.N.Roy ୧୯୪୯ ମସିହାରେ ଲେଖନ୍ତି, 'The man who earned Fame as a great consprirator against the imperialist state and extraordinarily by bold terrorist is now to be memorialized as a great man in the history of modern India.

...He was the first Indian to die fighting arm in hand.''

ଥରେ ମହାତ୍ମା ଗାନ୍ଧୀ ମଧ୍ୟ ତାଙ୍କ ବିଷୟରେ ମତ ଦେଇ କହିଥିଲେ, 'ସେ ଜଣେ ପବିତ୍ର ବିଦ୍ରୋହୀ' । ପ୍ରସିଦ୍ଧ ବଂଗଳା ଲେଖକ ହୀରେନ୍ଦ୍ର ନାଥ ମୁଖାର୍ଜୀ ଲେଖିଥିଲେ, 'The Balasore battle where Jatin with select comrades, laid down his life, remains a luminous land mark in India's struggle for Freedom'

ସେହିପରି ଐତିହାସିକ ଅଜୟ ଚନ୍ଦ୍ର ବାନାର୍ଜୀ ଲେଖିଛନ୍ତି, 'He represented the zenith of a revolutionary war of international dimensions...'

### ବାରବାଟୀ ସରକାରୀ ବିଦ୍ୟାଳୟ ଓ ବାଘାଯତୀନଙ୍କ ସ୍ମୃତି

ସେ ସମୟରେ ବାରବାଟୀ ଡାକ୍ତରଖାନାର କୋଠାଘର ଯେଉଁଠି ଯତୀନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ, ସେ କୋଠରୀ ସବୁ ଏବେ ବି ଅଛି, ହେଲେ ତାହା ଏବେ 'ବାରବାଟୀ ବାଳିକା ବିଦ୍ୟାଳୟ'କୁ ପରିବର୍ତ୍ତିତ ହୋଇ ଯାଇଛି । ଯେଉଁ ପ୍ରକୋଷ୍ଠରେ ବାଘାଯତୀନଙ୍କ ଶେଷ ପ୍ରାଣବିନ୍ଦୁ ଲିଭି ଯାଇଥିଲା, ସେଠି ତାଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେଇଛି । ପ୍ରତିଦିନ ଶିକ୍ଷକ ଓ ପିଲାମାନେ ଚନ୍ଦନ, ଧୂପ, ନୈବେଦ୍ୟ ଓ ଫୁଲମାଳ ଦେଉଛନ୍ତି ସେଇ ବୀରଙ୍କ ଅବୟବରେ । ସେ କୋଠରୀକୁ କେବଳ ବାଘାଯତୀନଙ୍କ ଆତ୍ମାର ଚଳପ୍ରଚଳ ପାଇଁ ଛାଡ଼ି ଦିଆ ଯାଇଛି । ସେଇ ଘରଟି କେବଳ ସ୍କୁଲ୍ ପାଇଁ ନୁହେଁ ସମଗ୍ର ଦେଶବାସୀ ପାଇଁ ପବିତ୍ର ମାଟି । ସେଠି ପ୍ରତିବର୍ଷ ସହରର ମାନ୍ୟଗଣ୍ୟ ବ୍ୟକ୍ତି ସ୍କୁଲ୍‌ର ପିଲାମାନେ ଓ ବଂଗଳାର କିଛି ଯତୀନ୍ ପ୍ରେମୀ ମଣିଷ ପ୍ରତିବର୍ଷ ୧୦ ସେପ୍ଟେମ୍ବର ବା ସ୍ୱାଧୀନତା ଦିବସରେ ଆସି ତାଙ୍କ ମସ୍ତକରେ ଫୁଲମାଳ ଅର୍ପଣ କରି ଭକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥାନ୍ତି । ସ୍କୁଲ୍ ହତା ଭିତରେ ବି ଶହୀଦ ଯତୀନଙ୍କର ଆଉ ଏକ ସ୍ମୃତି ଅବୟବ ନିର୍ମିତ ହେଇଛି, ତାଙ୍କ ସମ୍ମାନ ପାଇଁ ।

ସ୍କୁଲ୍‌ର ଅନ୍ତେବାସୀମାନେ କୁହନ୍ତି, ରାତି ହେଲେ ସେଇ ପ୍ରକୋଷ୍ଠ ଦେଇ ଗଲେ ଜଣାଯାଏ, କିଏ ଯେମିତି କୋଠରୀ ଭିତରେ ଦୌଡ଼ୁଛି, ବେଳେବେଳେ ବି ଗଭୀର ରାତିରେ ଯୁଦ୍ଧର ଆହ୍ୱାନ ଶୁଣାଯାଏ ସେଇ ପ୍ରକୋଷ୍ଠ ଭିତରୁ । ଗୁଳି ବିନିମୟର ଗୁଡୁମ୍ ଗୁଡୁମ୍ ଶବ୍ଦ ଲୋକେ କୁହନ୍ତି ଏବେ ବି ତାଙ୍କ ଆତ୍ମା ସେଇ ପରିସର ଭିତରେ ରହିଛି । ତେଣୁ ରାତି ହେଲେ ସେଇ ପରିବେଶ ଗମ୍ଭୀର ହେଇଯାଏ ।

### ବାଘାଯତୀନ ହାଇସ୍କୁଲ୍ ଓଡଙ୍ଗି, ଏକମାତ୍ର ସ୍ମାରକୀ ସ୍କୁଲ

ବାଘାଯତୀନଙ୍କ ସ୍ମୃତିକୁ ବହନ କରି ଚଷାଖଣ୍ଡ ଗ୍ରାମର ଅନତି ଦୂରରେ ଓଡଙ୍ଗି ଗ୍ରାମରେ ବାଘାଯତୀନଙ୍କ ନାମ ଅନୁସାରେ 'ବାଘାଯତୀନ ସରକାରୀ ବିଦ୍ୟାଳୟଟେ ରହିଛି । ସେଇ ସ୍କୁଲ୍ ପଛପଟେ ବି ଏକ ବିରାଟ ପୋଖରୀ ଅଛି, ଯାହାର ନାମ ଦେଶୁଆଁ ପୋଖରୀ । ସ୍କୁଲ୍ ପରିସର ସାମ୍ନାରେ ବାଘାଯତୀନଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେଇଛି । ଏଠିକାର ଗ୍ରାମବାସୀମାନେ କୁହନ୍ତି ବାଘାଯତୀନ ଓ ତାଙ୍କ ସହଯୋଗୀମାନେ ଏଇ ପୋଖରୀ କୂଳକୁ ବି ଆସିଥିଲେ । କିନ୍ତୁ ଏହାର ସତ୍ୟତା ଏଯାଏଁ କୁହେଳିକା ଭିତରେ ଅଛି ।

ବାସ୍ତବିକ ବାଘାଯତୀନଙ୍କ ସାହସ ଓ ସଂଗ୍ରାମ ପାଖରେ ଆମ ଜାତିର ମଥା ଅବନତ ହେଇଯାଏ । ସେଇ ଅମର ଆତ୍ମାଙ୍କ ତ୍ୟାଗ ପାଖରେ ଭାରତ ଇତିହାସ ଯେମିତି ସେମାନଙ୍କୁ ଆଗକୁ ନେବା କଥା ସେମିତି ନେଇ ପାରିନାହିଁ । ତାଙ୍କର କୀର୍ତ୍ତି କେବଳ ବାଲେଶ୍ୱର ଓ କଲିକତା ଭିତରେ ସୀମିତ ହେଇ ରହିଗଲା ପରି ମନେହୁଏ । ଭାରତ ସରକାରଙ୍କ ମାନବ ସମ୍ବଳ ବିଭାଗ ଏହାକୁ ଗମ୍ଭୀରତାର ସହ ବିଚାର କରି ସ୍କୁଲ୍ / କଲେଜ୍ ପାଠ୍ୟ ପୁସ୍ତକରେ ତାଙ୍କ ଗାରିମାକୁ ବୃହତ୍ତର ପରିସରକୁ ଆଣିବାର ଆବଶ୍ୟକତା ଅଛି । ତତ୍‌ସହ ବାଘାଯତୀନଙ୍କର ଏକ ମିଉଜିୟମ ବାଲେଶ୍ୱରରେ ନିର୍ମାଣ କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ନୈତିକ କର୍ତ୍ତବ୍ୟ ଅଟେ ।

ପ୍ରସଙ୍ଗ-୩

# ମରଣଜୟୀ ମାଧୋ ସିଂହ



# ତିନି ପିଢ଼ିର ଶହୀଦ : ମାଧୋ ସିଂହ ପରିବାର

**ଅଭୟ ଦ୍ୱିବେଦୀ**
'ଭଦ୍ରାଣୀ', ସାଳନ୍ଦୀ ନଗର
ଭଦ୍ରକ-୭୫୬୧୦୦
ଫୋନ : ୯୪୩୭୧ ୯୧୩୫୦

ଫଟୋ ସୌଜନ୍ୟ : ଲେଖକ

**ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ବହୁ ପରିବାରର ତିନି ପିଢ଼ି ଦେଶ ପାଇଁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବାର ନଜିର୍ ଅଛି । ଶହୀଦ ଭଗତ ସିଂହ ପରିବାର ତହିଁ ମଧ୍ୟରୁ ଅନ୍ୟତମ କିନ୍ତୁ ମାଧୋ ସିଂହ ହେଉଛନ୍ତି ବିରଳ ସଂଗ୍ରାମୀ ଯାହାଙ୍କର ତିନି ପିଢ଼ି ଶହୀଦ ମାନ୍ୟତା ଅର୍ଜନ କରିଛନ୍ତି । ବିରଳ ଏହି ଦୃଷ୍ଟିରୁ ସେ ଏବଂ ତାଙ୍କର ଚାରି ସନ୍ତାନ ହାତୀ ସିଂହ, କୁଞ୍ଜଲ ସିଂହ, ବୈରୀ ସିଂହ, ଐରୀ ସିଂହ ଏବଂ ନାତୁଣୀ ଜ୍ୱାଇଁ ଗୋବିନ୍ଦ ସିଂହ, ଏହିପରି ତିନି ପିଢ଼ି, ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିଲେ ।**

## ସମ୍ବଲପୁର ଘେଁଷ ଜମିଦାର ଶହୀଦ ମାଧୋ ସିଂହ

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ସମ୍ମାନଜନକ ବିରଳ ସନ୍ତକ । ବିରଳ ଏହି ଦୃଷ୍ଟିରୁ ସେ ଏବଂ ତାଙ୍କର ଚାରି ସନ୍ତାନ ହାତୀ ସିଂହ, କୁଞ୍ଜଲ ସିଂହ, ବୈରୀ ସିଂହ, ଐରୀ ସିଂହ ଏବଂ ନାତୁଣୀ ଜ୍ୱାଇଁ ଗୋବିନ୍ଦ ସିଂହ, ଏହିପରି ତିନି ପିଢ଼ି, ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିଲେ । ଜ୍ୟେଷ୍ଠ ପୁତ୍ର ହାତୀ ସିଂହ କଳାପାଣିରେ ନିର୍ବାସନ ଦଣ୍ଡ ଭୋଗୁଥିବା ବେଳେ ଆଣ୍ଡାମାନର ଭେପର ଦ୍ୱୀପପୁଞ୍ଜରେ ପ୍ରାଣ ତ୍ୟାଗ କରିଥିଲେ ।  କୁଞ୍ଜଲ ସିଂହ ଏବଂ ବୈରୀ ସିଂହ ଫାଶୀ ପାଇଥିବା ବେଳେ କନିଷ୍ଠ ସନ୍ତାନ ଐରୀ ସିଂହଙ୍କୁ ଜୀବନ୍ତ ଦଗ୍ଧ କରା ଯାଇଥିଲା । କୁଞ୍ଜଲ ସିଂହଙ୍କ କନ୍ୟା ପୂର୍ଣ୍ଣିମା  ନିକଟବର୍ତ୍ତୀ ସୋନାଖାନ୍ ଇଷ୍ଟେଟ୍‌ର ଜମିଦାର ଗୋବିନ୍ଦ ସିଂହଙ୍କୁ ବିବାହ କରିଥିଲେ ଏବଂ ଗୋବିନ୍ଦ ସିଂହ ମଧ୍ୟ ଫାଶୀ ପାଇ ଶହୀଦ ହୋଇଥିଲେ । ବହୁ ପରିବାରର ତିନି ପିଢ଼ି ଦେଶ ପାଇଁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ । ଶହୀଦ ଭଗତ ସିଂହ ପରିବାର ତହିଁ ମଧ୍ୟରୁ ଅନ୍ୟତମ । ଶହୀଦ ଭଗତ ସିଂହଙ୍କ ଜେଜେବାପା ଅର୍ଜୁନ ସିଂହ ଥିଲେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଆଦର୍ଶରେ ଅନୁପ୍ରାଣୀତ ଏବଂ ଦୁହେଁ ୧୮୫୭ ମସିହା ସଂଗ୍ରାମରେ ଯୋଗ ଦେଇଥିଲେ । ଶହୀଦ ଭଗତ ସିଂହଙ୍କ ବାପା କିଷନ ସିଂହ ଏବଂ କକା ଅଜିତ ସିଂହ ଉଭୟ ଘଦାର ପାର୍ଟି (କ୍ରାନ୍ତି ଦଳ)ରେ ସକ୍ରିୟ ଥିଲେ ଏବଂ ବହୁବାର ଜେଲ ଯାଇଥିଲେ । କିନ୍ତୁ  ମାଧୋ ସିଂହ ହେଉଛନ୍ତି ବିରଳ ସଂଗ୍ରାମୀ ଯାହାଙ୍କର ତିନି ପିଢ଼ି ଶହୀଦ ମାନ୍ୟତା ଅର୍ଜନ କରିଛନ୍ତି ।

ଆମ ରାଜ୍ୟର ବରଗଡ ଜିଲା ପଦ୍ମପୁର ସବ୍ ଡିଭିଜନ ଅନ୍ତର୍ଗତ ଘେଁଷ ଗୋଟିଏ ବଡ ଗ୍ରାମ । ଘର ସଂଖ୍ୟା ପ୍ରାୟ ୧୦୦୦ ଏବଂ ଜନସଂଖ୍ୟା ୫୦୦୦ । ପ୍ରାୟ ଦୁଇ ଶତାବ୍ଦୀ ପୂର୍ବେ ଆଦିବାସୀ ଅଧ୍ୟୁଷିତ ଘେଁଷ,  ୨୫ଟି ଗ୍ରାମକୁ ନେଇ ଏକ ଛୋଟ ଜମିଦାରୀ ଥିଲା ଏବଂ ଏହାର ଜମିଦାର ଥିଲେ ମାଧୋ ସିଂହ ବରିହା । ତାଙ୍କ ଜନ୍ମ ୧୭୮୬ ମସିହା । ପିତା ଅର୍ଜୁନ ସିଂହ ଥିଲେ ନୀତିବାନ, ଆଦର୍ଶ ବ୍ୟକ୍ତି । ସେ ପ୍ରଜାମାନଙ୍କୁ ପୁତ୍ରବତ୍ ଶାସନ କରୁଥିଲେ ଏବଂ ପୁତ୍ର ମାଧୋ ସିଂହଙ୍କୁ ସେହି ଆଦର୍ଶରେ ଲାଳନପାଳନ କରିଥିଲେ । ମାଧୋ ସିଂହ ଯୋଗ୍ୟ ହେବା ପରେ ପିତା ଅର୍ଜୁନ ସିଂହ ତାଙ୍କୁ ଜମିଦାର ଘୋଷଣା କରିଥିଲେ । ସେ ଥିଲେ ବିଞ୍ଝଲ ଜନଜାତି ଅନ୍ତର୍ଗତ ।

ସେତେବେଳେ ଘେଁଷ ଜମିଦାରୀ ଅଧୀନରେ ଥିଲା ମାତ୍ର ୨୫ଟି ଗ୍ରାମ । ୧) ଘେଁଷ, ୨)ପେତୁପାଲୀ, ୩) ଘୁମୁରୀପାଲି ୪) ଝଙ୍କରାପାଲୀ, ୫)ତିଳେଇମାଳ ୬)ବରପଦର ୭)ତୁରୀମୁଣ୍ଡା, ୮)ବଡମାଳ ୯)କଟାପାଲୀ ୧୦)କୁଚିପାଲୀ ୧୧) ସିଧିରା ୧୨)କଳଗାପଲୀ ୧୩) ନୂଆପଲୀ ୧୪) ଭିଦେଶପାଲୀ, ୧୫) ବ୍ରାହ୍ମଣୀପାଠ ୧୬) ବାଲିପତା ୧୭) ବେହେରାପଲି ୧୮)ତୁମେରପାଲୀ ୧୯) ବଣ୍ଡପାଲୀ ୨୦) ଚରାପାଲୀ । ଏଗୁଡିକ 'ଖଲସା' ନାମରେ ଅଭିହିତ ଥିଲା । ମାଧୋ ସିଂହଙ୍କ ଦ୍ୱିତୀୟ ସନ୍ତାନ କୁଞ୍ଜେଲ ସିଂହ ବିବାହ ସମୟରେ ପାଞ୍ଚଟି ଗ୍ରାମ ଯୌତୁକ ବାବଦକୁ ପାଇଥିଲେ ଯଥା :  ଗ୍ରିଞ୍ଜଲ, ବୁଢ଼ାମାଳ, କେନ୍ଦୁମୁଡି,ରେଙ୍ଗାଲି ଓ ବିରିପାଲି ।

ମାଧୋ ସିଂହ ଜମିଦାରୀ ଦାୟିତ୍ୱ ନେବା ପରେ କନ୍ଧ,ବିଞ୍ଝଲ,ଗୋନ୍ଦ, ଚୌହାନ ଆଦି ସ୍ଥାନୀୟ ବିଭିନ୍ନ ଜନଜାତିର ଯୁବକମାନଙ୍କୁ ଯୁଦ୍ଧରେ ତାଲିମ ଦେଇଥିଲେ । ପୌଷ ପୂର୍ଣ୍ଣିମା ଠାରୁ ଚୈତ୍ର ମାସ ପର୍ଯ୍ୟନ୍ତ ଯୁଦ୍ଧ ତାଲିମ ଦିଆ ଯାଉଥିଲା । ଏହି ସମୟରେ ସମଗ୍ର ଘେଁଷର ସମସ୍ତ ଜନଜାତି ଏକତା ସୂତ୍ରରେ ଆବଦ୍ଧ ହୋଇ  ଉଗ୍ର ଜାତୀୟତାବାଦ ଏବଂ ବ୍ରିଟିଶ ବିରୋଧି କାର୍ଯ୍ୟଧାରାରେ ଲିପ୍ତ ଥିଲେ । କେଶପାଲି, ପାଟକୁଲୁନ୍ଦା, ଭେଦେଁ, ପଦ୍ମପୁର, ସୋନାଖାଁ, ରାଜବଡାସମ୍ବର ଆଦି  ନିକଟବର୍ତ୍ତୀ ଅଞ୍ଚଳ ଏଥିରେ ବହୁ ଭାବରେ ପ୍ରଭାବିତ ହୋଇଥିଲା ।

## ମାଧୋ ସିଂହ: ସଂଗ୍ରାମର ପୃଷ୍ଠଭୂମି

ମାଧୋ ସିଂହ ଜମିଦାରୀ ଦାୟିତ୍ୱ ନେବାବେଳକୁ ଇଷ୍ଟ ଇଣ୍ଡିଆ କଂପାନୀ ଓଡିଶା ଅକ୍ତିଆର କରି ସାରିଥିଲା । ପ୍ରଥମରୁ ବ୍ରିଟିଶ ଶାସନ ଉପରେ ମାଧୋ ସିଂହଙ୍କର ଆସ୍ଥା ନ ଥିଲା । ସେ ଜାଣିଥିଲେ,ଏମାନେ ଭାରତୀୟଙ୍କ ରକ୍ତଶୋଷଣ ପାଇଁ ଆସିଛନ୍ତି । ଯେଉଁ ସମସ୍ତ କାରଣ ପାଇଁ ମାଧୋ ସିଂହ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ କରିଥିଲେ, ସେଥିରୁ ପ୍ରମୁଖ ହେଉଛି – ୧) ସୁରେନ୍ଦ୍ର ସାଏଙ୍କ ପ୍ରତି ବ୍ରିଟିଶଙ୍କ ଅନ୍ୟାୟ ଆଚରଣ ୨) ସୋନାଖାଁ ଜମିଦାର ନାରାୟଣ ସିଂହଙ୍କୁ ନିର୍ମମ ହତ୍ୟା ୩) ବାର୍ଷିକ ରାଜସ୍ୱ ପରିମାଣ  ବୃଦ୍ଧି । ଏହାରି ପ୍ରତିବାଦରେ



▲ ଲେଖକ ଅଭୟ ଦ୍ୱିବେଦୀ

ମାଧୋ ସିଂହ ପରିବାର ବ୍ରିଟିଶ୍ ବିରୋଧୀ ସଂଗ୍ରାମର ନେତୃତ୍ୱ ନେଇଥିଲେ ।

ବୀର ସୁରେନ୍ଦ୍ର ସାଏଙ୍କ ପ୍ରସଙ୍ଗ ଅବତାରଣା ନ କଲେ ମାଧୋ ସିଂହଙ୍କ କାହାଣୀ ଅସଂପୂର୍ଣ୍ଣ ରହିଯିବ । ସମ୍ବଲପୁର ଅଞ୍ଚଳରେ ବ୍ରିଟିଶ୍ ବିରୋଧୀ ସଂଗ୍ରାମର ମହାନାୟକ ଥିଲେ ବୀର ସୁରେନ୍ଦ୍ର ସାଏ । ୧୮୦୪ ମସିହା ଜାନୁୟାରୀ ୨ ତାରିଖରେ ଇଷ୍ଟ ଇଣ୍ଡିଆ କଂପାନୀ ସମ୍ବଲପୁର ଜିଲା ଅକ୍ତିଆର କଲେ ମଧ୍ୟ ୧୮୨୦ ମସିହାରେ ସମସ୍ତ ଅଞ୍ଚଳ ବ୍ରିଟିଶ ଅଧୀନକୁ ଆସିଥିଲା । ୧୮୧୮ ମସିହାରେ ମହାରାଜା ଜୟନ୍ତ ସିଂହଙ୍କ ଦେହାନ୍ତ ପରେ ତାଙ୍କ ପୁତ୍ର ମହାରାଜା ସାଇ ଶାସନ ଭାର ଗ୍ରହଣ କଲେ । ସେ ଥିଲେ ନାମକୁ ମାତ୍ର ଶାସକ । ଶାସନର ଡୋରି ବାସ୍ତବରେ ଇଂରେଜଙ୍କ ହାତରେ ଥିଲା । ୧୮୨୭ ମସିହାରେ ମହାରାଜା ସାଇ ସନ୍ତାନ-ଶୂନ୍ୟ ମୃତ୍ୟୁବରଣ କରିବା ପରେ ଶାସନ ଗାଦି ନିଜ ହାତରେ ରଖିବା ପାଇଁ ଇଂରେଜ ସରକାର, ରାଣୀ ମୋହନ କୁମାରୀଙ୍କୁ ସିଂହାସନରେ ଅଧିଷ୍ଠିତ କରାଇଲେ । ସେ ସମୟର ପରଂପରା ଅନୁଯାୟୀ ଏହା ଥିଲା ବ୍ୟତିକ୍ରମ । କେବଳ ପୁରୁଷମାନେ ହିଁ ସିଂହାସନର ହକ୍‌ଦାର ଥିଲେ ଏବଂ ଏହି ପରଂପରାର ପ୍ରଥମ ଦାବୀଦାର ଥିଲେ ସୁରେନ୍ଦ୍ର ସାଏ । ତେଣୁ ସୁରେନ୍ଦ୍ର ସାଏ ବ୍ରିଟିଶ ନିଷ୍ପତ୍ତିକୁ ବିରୋଧ କଲେ । ସେତେବେଳେ ତାଙ୍କୁ ମାତ୍ର ଅଠର ବର୍ଷ ।

ମୋହନ କୁମାରୀଙ୍କ ଶାସନକାଳରେ ଗୋନ୍ଦ ଏବଂ ବିଞ୍ଝାଲ ଜାତିର ଆଦିବାସୀ ଜମିଦାରମାନେ ବିଦ୍ରୋହ ଆରମ୍ଭ କଲେ । ବ୍ରିଟିଶ୍ ସରକାର ସୁରେନ୍ଦ୍ର ସାଏଙ୍କ ଦାବୀକୁ ଅଣଦେଖା କରି ବଂଶ ପରଂପରାରେ ନିକୃଷ୍ଟ ନାରାୟଣ ସିଂହଙ୍କୁ ସିଂହାସନ ଅର୍ପଣ କଲେ । ତେଣୁ ସୁରେନ୍ଦ୍ର ସାଏ ଓ ବ୍ରିଟିଶ ସରକାର ମଧ୍ୟରେ ସଂଗ୍ରାମ ଆରମ୍ଭ ହେଲା । ୧୮୪୦ ମସିହା ଯୁଦ୍ଧରେ ସୁରେନ୍ଦ୍ର ସାଏ ପରାସ୍ତ ହେବା ପରେ ବ୍ରିଟିଶ ସରକାର ତାଙ୍କୁ ଏବଂ ତାଙ୍କ କକା ବଳରାମ ସିଂହ ଓ ଭାଇ ଉଦାନ୍ତ ସିଂହଙ୍କୁ ହଜାରୀବାଗ ଜେଲରେ ବନ୍ଦୀ କରି ରଖିଲେ । ଦୀର୍ଘ ସତର ବର୍ଷ ଜେଲ ଦଣ୍ଡ ଭୋଗିବା ପରେ ୧୮୫୭ ମସିହା ଜୁଲାଇ ୩୦ ତାରିଖରେ ସ୍ୱାଧୀନତା ସଂଗ୍ରାମ ଅବସରରେ ସଂଗ୍ରାମୀମାନେ ଜେଲ ଭାଙ୍ଗି ସୁରେନ୍ଦ୍ର ସାଏ ଏବଂ ଉଦାନ୍ତ ସିଂହଙ୍କୁ ମୁକ୍ତ କରିଥିଲେ । ସୁରେନ୍ଦ୍ର ସାଏ ତାଙ୍କ ଭାଇ ଏବଂ ପୁତ୍ରଙ୍କ ସହ ସମ୍ବଲପୁରରେ ପହଞ୍ଚିଲେ ।

ତୁରନ୍ତ ସମ୍ବଲପୁରର ଆସିଷ୍ଟାଣ୍ଟ କମିଶନର୍ ଆର୍.ଟି.ଲେହ (R.T. Leigh) ସମସ୍ତ ରାଜା ଓ ଜମିଦାରଙ୍କୁ ସୁରେନ୍ଦ୍ର ସାଏଙ୍କ ସହିତ ସଂପର୍କ ଛିନ୍ନ କରିବା ପାଇଁ ପରୱାନା ଜାରି କଲେ । ୧୮୫୭ ଅଗଷ୍ଟ ୧୪ ତାରିଖରେ ଏହିଭଳି ଏକ ପରୱାନା ମାଧୋ ସିଂହ ପାଇଲେ । ସୁରେନ୍ଦ୍ର ସାଏଙ୍କ ମୁକ୍ତ ହେବା ଖବର ଶୁଣି ସେ ଆନନ୍ଦରେ ବିଭୋର ହୋଇଗଲେ । ଏ ଖବର ବ୍ରିଟିଶ ନଜରରୁ ବର୍ତ୍ତି ପାରିଲା ନାହିଁ । ସେମାନେ ପୁନଶ୍ଚ ଅଗଷ୍ଟ ୨୦ ତାରିଖରେ ମାଧୋ ସିଂହଙ୍କୁ ଆଉ ଏକ ଧମକପୂର୍ଣ୍ଣ ଚେତାବନୀ ପତ୍ର ପଠାଇଲେ । ସେତେବେଳକୁ ସେ ଗୋନ୍ଦ ଏବଂ ବିଞ୍ଝାଲ ଜନଜାତିର ନେତାଙ୍କ ସହିତ ଯୋଗାଯୋଗ କରି ସୁରେନ୍ଦ୍ର ସାଏଙ୍କୁ ସିଂହାସନରେ ବସାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଥିଲେ ।

## ସଂଗ୍ରାମର ଦ୍ୱିତୀୟ କାରଣ

ସୋନାଖାଁ ଜମିଦାର ନାରାୟଣ ସିଂହଙ୍କୁ ବ୍ରିଟିଶ୍ ସରକାରଙ୍କ ନିର୍ମମ ହତ୍ୟା । ସୋନାଖାଁ ଜମିଦାର ନାରାୟଣ ସିଂହଙ୍କ ପୁତ୍ର ଗୋବିନ୍ଦ ସିଂହଙ୍କୁ ମାଧୋ ସିଂହଙ୍କ ପୁତ୍ର କୁଞ୍ଜଲ ସିଂହଙ୍କ କନ୍ୟା ପୂର୍ଣ୍ଣିମା ବିବାହ କରିଥିଲେ । ଏହି ଦୃଷ୍ଟିରୁ ଦୁଇ ପରିବାର ଥିଲେ ବ୍ରିଟିଶ ବିରୋଧୀ ଏବଂ ଅନ୍ତରଙ୍ଗ ଆତ୍ମୀୟ । ସେହି ସମୟରେ ସୋନାଖାଁ ରାଜ୍ୟକୁ ଅକାଳ ଦୁର୍ଭିକ୍ଷ ଗ୍ରାସ କରିଥିଲା । ରାଜ୍ୟର ସବୁଠାରୁ ବିତ୍ତଶାଳୀ ବ୍ୟକ୍ତି ଥିଲେ ଶେଠ୍ ମାଖନଲାଲ । ତାଙ୍କ ଅମାରରେ ଧାନ, ଗହମ ଭର୍ତ୍ତି ରହିଥିଲା । ଦୁର୍ବିପାକ ସମୟରେ ବୁଭୁକ୍ଷୁ ଜନତାଙ୍କୁ ସାହାଯ୍ୟ କରିବା ପାଇଁ ରାଜା ନାରାୟଣ ସିଂହ, ଶେଠ୍ ମଖନଲାଲଙ୍କୁ ଅନୁରୋଧ କଲେ । କିନ୍ତୁ ସେ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ରାଜା ନାରାୟଣ ସିଂହ, ଶେଠ୍ ମଖନଲାଲଙ୍କ ଅମାରରୁ ଅନ୍ନ ଲୁଟ୍ କରି ସାଧାରଣ ଜନତାଙ୍କୁ ବିତରଣ କରିଥିଲେ । ଫଳରେ ଶେଠ୍, ବ୍ରିଟିଶ୍‌ଙ୍କ ନିକଟରେ ଗୁହାରୀ ହେଲେ । କଂପାନୀ ସରକାର ତଥ୍ୟ ଯାଞ୍ଚ୍ ନ କରି ନାରାୟଣ ସିଂହଙ୍କୁ ଆରେଷ୍ଟ୍ କରି ଫାଶୀ ଦେଇଥିଲେ । ଏହି ଅନ୍ୟାୟର ପ୍ରତିବାଦରେ ସମଗ୍ର ଅଞ୍ଚଳରୁ ବ୍ରିଟିଶ୍ ଶାସନର ଅନ୍ତ ନିମନ୍ତେ ମାଧୋ ସିଂହ ସଂକଳ୍ପ ନେଇଥିଲେ ।

## ସଂଗ୍ରାମର ତୃତୀୟ କାରଣ

ଅହେତୁକ ରାଜସ୍ୱ ବୃଦ୍ଧି । ୧୮୪୯ ମସିହାରେ ସମ୍ବଲପୁରର ଜମିଦାରମାନେ ବାର୍ଷିକ ରାଜସ୍ୱ ୮୮୦୦ ଟଙ୍କା କଂପାନୀ ସରକାରକୁ ପୈଠ କରୁଥିଲେ । ୧୮୫୪ ମସିହାରେ ଏହି ପରିମାଣ ୭୪,୦୦୦ଟଙ୍କାକୁ ବୃଦ୍ଧି ପାଇଥିଲା । ପୁନଶ୍ଚ, ରାଜସ୍ୱ ପୈଠ କରିବା ପାଇଁ ସମସ୍ତଙ୍କୁ ସମ୍ବଲପୁର ଆସିବା ନିମନ୍ତେ କଂପାନୀ ସରକାର ନିର୍ଦ୍ଦେଶନାମା ଜାରି କଲା । ଏଥିରେ ସମସ୍ତେ କ୍ଷୁବ୍ଧ ହୋଇଥିଲେ ସୁଦ୍ଧା ପ୍ରତିବାଦ ନିମନ୍ତେ କେହି ସାହସ ଜୁଟେଇ ପାରୁ ନଥିଲେ । ଅଧିକ ରାଜସ୍ୱ ଦେବାକୁ ହେଲେ ପ୍ରଜାମାନଙ୍କ ଠାରୁ ଅଧିକ ରାଜସ୍ୱ ଆଦାୟ କରିବାକୁ ପଡିବ । ତେଣୁ ମାଧୋ ସିଂହ ରାଜସ୍ୱ ବୃଦ୍ଧି ସହିତ ସମ୍ବଲପୁର ଆସିବା ପାଇଁ ପ୍ରକାଶ୍ୟରେ ପ୍ରତିବାଦ ଆରମ୍ଭ କଲେ । ଅସନ୍ତୋଷର ମୂଳ ଉତ୍ପାଟନ ନିମନ୍ତେ କଂପାନୀ କମିଶନର୍ କକ୍‌ବର୍ଣ୍ଣ ଘୋଷଣା କଲେ- ଯେଉଁ ରାଜା ଓ ଜମିଦାରମାନେ ନିର୍ଦ୍ଧାରିତ ସମୟରେ ରାଜସ୍ୱ ପୈଠ କରି ନାହାନ୍ତି, ସେମାନଙ୍କର ସଂପତ୍ତି ବ୍ୟାଜାପ୍ତ କରାଯିବ । ଏହି ଘୋଷଣାନାମା ଅଗଷ୍ଟ ୨୫ ତାରିଖରେ ପ୍ରକାଶ ପାଇଲା ଏବଂ ତାଲିକାର ଅଗ୍ରରେ ଥିଲେ ମାଧୋ ସିଂହ । ଏଥି ସହିତ ଅନ୍ୟ ଏକ ପ୍ରସଙ୍ଗରେ ମଧ୍ୟ ମାଧୋ ସିଂହ ବ୍ରିଟିଶ୍ ପ୍ରତି ଉତ୍କ୍ଷିପ୍ତ ଥିଲେ । ବିଜେପୁର ଏବଂ ଘେଁଷ ମଧ୍ୟରେ ଭାଟିବାହାଲ ଅଞ୍ଚଳକୁ ନେଇ ବିବାଦ ଲାଗି ରହିଥିଲା । ବିଜେପୁରର ଜମିଦାର କୌଶଳକ୍ରମେ ସମ୍ବଲପୁରରେ ପହଞ୍ଚି ବ୍ରିଟିଶ ଅଧିକାରୀଙ୍କୁ ଖୋସାମଦ କରି ଏବଂ ମାଧୋ ସିଂହଙ୍କ ବିରୋଧରେ ବିଷ-ଅଗ୍ନି ଉଦ୍‌ଗୀରଣ କରି ଭାଟିବାହାଲ ଅଞ୍ଚଳକୁ ନିଜ ଜମିଦାରୀ ସହିତ ମିଶାଇ ଦେଲେ । ପୂର୍ବରୁ ମଧ୍ୟ ସେ ମାଧୋ ସିଂହଙ୍କ ବ୍ରିଟିଶ ବିରୋଧୀ କାର୍ଯ୍ୟଧାରା ସଂପର୍କରେ କମିଶନରଙ୍କୁ ନିୟମିତ ଖବର ଦେଉଥିଲେ । ଫଳରେ ବ୍ରିଟିଶଙ୍କ ପ୍ରତି ମାଧୋ ସିଂହଙ୍କର କ୍ରୋଧ ଆହୁରି ବୃଦ୍ଧି ପାଇଥିଲା ।

## ମାଧୋ ସିଂହଙ୍କ ସଂଗ୍ରାମ

୧୮୫୯ ମସିହା ଅକ୍ଟୋବର ୭ ତାରିଖରେ ପଶ୍ଚିମ ଓଡିଶାର ସମସ୍ତ ସଂଗ୍ରାମୀ, ବ୍ରହ୍ମପୁର ମନ୍ଦିରରେ ଉପସ୍ଥିତ ରହି ସୁରେନ୍ଦ୍ର ସାଏଙ୍କ ସପକ୍ଷରେ ବ୍ରିଟିଶ ବିରୋଧରେ ସଂଗ୍ରାମ ନିମନ୍ତେ ସଂକଳ୍ପ ନେଇଥିଲେ । ଏମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ- କରୋଣ୍ଡାଲାର ଗୋନ୍ତିଆ, ବାମଣ୍ଡାର ଶ୍ରୀକୃଷ୍ଣ ବେହେରା, ଖାରସେଲର ଜମିଦାର ଦିଆନ୍ ସର୍ଦ୍ଦାର, କୁଶେଇକଳାର ମନୋହର ସିଂହ, ଲୋଇସିଙ୍ଗାର ଚନ୍ଦନ ଗର୍ତ୍ତିଆ, ପାହାଡ ସିରଗିଦାର ଜନାର୍ଦ୍ଦନ ସିଂହ, ମୁଡୋମହଲର ଅନନ୍ତ ସିଂହ, କୋଡବଙ୍ଗାର ଅଞ୍ଜରି ସିଂହ, ମଚ୍ଛିଦାର ଧନସିଂହ, ଲଖନପୁରର କମଲ ସିଂହ, ନୀଳାମ୍ବର ସିଂହ ଏବଂ ଖଗେଶ୍ୱର ସିଂହ, କୋଲାବିରାର ଗୋନ୍ଦ ଜମିଦାର କାମ ଗର୍ତ୍ତିଆ, ଚନ୍ଦ୍ରପୁର ପଦ୍ମପୁରର ବଳବନ୍ଧୁ ରାଓ, ପାତ୍ରପଲ୍ଲୀର ରାମଚନ୍ଦ୍ର ଗୁନ୍ତିଆ, ରାମପେଲାର ଲୋକନାଥ ଗୋନ୍ତିଆ, ବରଗାଉଁର ଗୋନ୍ତିଆ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସୋନାଖାଁର ଜମିଦାର ଗୋବିନ୍ଦ ସିଂହ, ଲାଇଡାର ଜମିଦାର ଜୟ ସିଂହ, ତନତର ଜମିଦାର ଲାଲ ସାଇ, ସିଂହବାଗର ଜମିଦାର ଗଣେଶ ଉପାଧ୍ୟାୟ ।

ସଂଗ୍ରାମୀମାନେ ବୀର ଦର୍ପରେ ମାଡ଼ିଯାଇ ଜୁନହଜିଲ୍ଲା ଅଞ୍ଚଳ ବିନା ରକ୍ତପାତରେ ଅକ୍ତିଆର କରିନେଲେ । ସଂଗ୍ରାମୀଙ୍କ ରଣ ହୁଙ୍କାରରେ ବ୍ରିଟିଶ ସରକାର ବିବ୍ରତ ହୋଇ ପଡିଲା । ଆସିଷ୍ଟାଣ୍ଟ କମିଶନର୍ ଆର.ଟି.ଲେହ ଅନନ୍ୟୋପାୟ ହୋଇ ଛଳନା ଓ ପ୍ରବଞ୍ଚନାର ସାହାଯ୍ୟ ନେଲେ । ସୁରେନ୍ଦ୍ର ସାଏଙ୍କୁ ସିଂହାସନ ଅର୍ପଣ କରାଯିବ- ଏହା ଘୋଷଣା କରି ସେହି ସର୍ତ୍ତରେ ସଂଗ୍ରାମୀଙ୍କ ସହିତ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଛକଡି ମହାପାତ୍ର ନାମକ ଜଣେ

ଅନୁଗତଙ୍କୁ ଦାୟିତ୍ୱ ଦେଲେ । ଅଧିକ ସୈନ୍ୟ ଆସିବା ପାଇଁ ଯେତିକି ସମୟ ଆବଶ୍ୟକ, ସେହି ସମୟ ବାର୍ତ୍ତାଳାପରେ ବିତେଇବା ପାଇଁ ସେ ଯୋଜନା କରିଥିଲେ । କାରଣ ସେ ଜାଣିଥିଲେ ସଂଗ୍ରାମୀଙ୍କ ସହିତ ସାମ୍ନା ଯୁଦ୍ଧରେ ଜିତିବା ସମ୍ଭବ ନୁହେଁ । ସୁରେନ୍ଦ୍ର ସାଏଙ୍କ ସମେତ କେହି ସଂଗ୍ରାମୀ ଏହି ଛଳନାର ଭାଷା ବୁଝିବା ପାଇଁ ସମର୍ଥ ନଥିଲେ । ଇତିମଧ୍ୟରେ ବିଭିନ୍ନ କେନ୍ଦ୍ରରୁ ସୈନ୍ୟମାନେ ସମ୍ବଲପୁରରେ ଏକତ୍ର ହେବାକୁ ଲାଗିଲେ । ଏହା ଦେଖିବା ପରେ ସଂଗ୍ରାମୀଙ୍କର ସନ୍ଦେହ ଜାଗ୍ରତ ହେଲା ।

ଦିନେ ସଂଗ୍ରାମୀମାନେ ମହାନଦୀରେ ସ୍ନାନ କରୁଥିବା ବେଳେ, ବ୍ରିଟିଶ ସେନା ଅତର୍କିତ ସେମାନଙ୍କ ଉପରେ ଆକ୍ରମଣ କଲେ । ସେମାନେ ଏହି ଆକ୍ରମଣ ପାଇଁ ପ୍ରସ୍ତୁତ ନଥିବାରୁ ପଳାୟନ କଲେ । କିନ୍ତୁ ବ୍ରିଟିଶ୍ ସେନା ସେମାନଙ୍କ ଅସ୍ତ୍ରଶସ୍ତ୍ର ଜବତ କରିନେଲେ । ସମସ୍ତ ସଂଗ୍ରାମୀ ବୁଢ଼ାରାଜା ପର୍ବତର ପାଦ ଦେଶରେ ଏକତ୍ର ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରୁଛନ୍ତି, ବ୍ରିଟିଶ୍ ସେନା ପୁନଶ୍ଚ ଆକ୍ରମଣ କଲେ । ଏଥି ନିମନ୍ତେ ସେମାନେ ସଜାଗ ରହିଥିବାରୁ ଘମାଘୋଟ ଲଢ଼େଇରେ ବ୍ରିଟିଶ୍ ସେନା ପ୍ରାଣ ଭୟରେ ପଳାୟନ କଲେ । ଏହି ଯୁଦ୍ଧରେ ଜିତିବା ପରେ ସଂଗ୍ରାମୀଙ୍କ ମନୋବଳ ଆଶାତୀତ ବୃଦ୍ଧି ପାଇଥିଲା ।

ବ୍ରିଟିଶ ସେନା ନିମନ୍ତେ ସମ୍ବଲପୁରର ପ୍ରବେଶ ଦ୍ୱାର ଥିଲା- ସିଙ୍ଘୋଡା ପାର୍ବତ୍ୟ ଘାଟି । ନାଗପୁର-ସମ୍ବଲପୁର ରାସ୍ତା ସିଙ୍ଘୋରା ପାର୍ବତ୍ୟ ଘାଟି ଦେଇ ଅତିକ୍ରମ କରିବାକୁ ହେଉଥିଲା । ଏହି ଘାଟିର ଦାୟିତ୍ୱ ମାଧୋ ସିଂହ ଏବଂ ତାଙ୍କର ଚାରି ସନ୍ତାନ ଗ୍ରହଣ କରିଥିଲେ । ଗରିଲା ଯୁଦ୍ଧରେ ମାଧୋ ସିଂହଙ୍କ ସେନା ବ୍ରିଟିଶ୍‌କୁ ସହଜରେ ପରାସ୍ତ କରି ପାରୁଥିଲେ । କାରଣ ପାର୍ବତ୍ୟ ଅଞ୍ଚଳର ପ୍ରତିଟି ବୃକ୍ଷରାଜି ସହିତ ସେମାନଙ୍କର ଆତ୍ମୀୟତା ଥିଲା । ତେଣୁ ସେମାନେ ଘାଟିରେ ଜଗି ରହି ଆରାମରେ ବ୍ରିଟିଶ୍ ସେନାକୁ ପରାହତ କରି ପାରୁଥିଲେ ।



ସିଙ୍ଘୋରା ପାର୍ବତ୍ୟ ଘାଟି କୌଣସି ମତେ ଅକ୍ତିଆର କରିବା ପାଇଁ ବ୍ରିଟିଶ୍ ସରକାର ପ୍ରାଣାନ୍ତକ ଉଦ୍ୟମ ଜାରି ରଖିଥିଲା । କିନ୍ତୁ ମାଧୋ ସିଂହ ଓ ତାଙ୍କ ଚାରି ସନ୍ତାନଙ୍କ କବଳରୁ ଉଦ୍ଧାର କରିବା ସମ୍ଭବ ନ ଥିଲା । ତେଣୁ ସେମାନେ ସମ୍ବଲପୁର ତରଫରୁ ଆକ୍ରମଣ ନ କରି ନାଗପୁର ଆଡୁ ଲଢ଼େଇ କରିବା ପାଇଁ ଉଦ୍ୟମ କଲେ । ୧୮୫୭ ଡିସେମ୍ବର ୮ ତାରିଖରେ କାପଟେନ୍ ଇ.ଜି.ଉଡ୍ ନାଗପୁରରୁ ଯାତ୍ରା ଆରମ୍ଭ କରି ୧୯ ଦିନ ପରେ ସିଙ୍ଘୋଡା ଘାଟିରେ ପହଞ୍ଚିଲେ । ସେଠାରେ ପ୍ରାୟ ସମସ୍ତ ସୈନ୍ୟ ପ୍ରାଣ ହରାଇଥିବା ବେଳେ, କାପଟେନ୍ ଉଡ୍ କୌଣସିମତେ ପ୍ରାଣ ବଞ୍ଚାଇ ସମ୍ବଲପୁରରେ ପହଞ୍ଚିଗଲେ । ଏହା ପରେ ଆଉ ସିଙ୍ଘୋଡା ଘାଟି ଆକ୍ରମଣ କରିବା ପାଇଁ କେହି ସାହସ କରି ନଥିଲେ ।

ସେହି ବର୍ଷ ଡିସେମ୍ବର ୩୦ରେ କାପ୍ଟେନ୍ ଡାଏର କିଛି ସୈନ୍ୟ ଧରି ସମ୍ବଲପୁରରେ ପହଞ୍ଚିଲେ । କାପ୍ଟେନ୍ ଡାଏର,କାପ୍ଟେନ୍ ଉଡ୍ ଏବଂ ଆସିଷ୍ଟାଣ୍ଟ କମିଶନର୍ ଆର.ଟି.ଲେହ ମିଳିତ ଭାବେ ସିଙ୍ଘୋଡା ଘାଟିକୁ ବାଦ୍ ଦେଇ ଅନ୍ୟ ସମସ୍ତ ଘାଟି ଉପରେ ଆକ୍ରମଣ ଜାରି କଲେ । ଏହି ଆକ୍ରମଣରେ ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳା ସାଏ ପ୍ରାଣ ତ୍ୟାଗ କରିଥିଲେ ।

ଏହାପରେ ସରକାରଙ୍କ ତରଫରୁ ଦୁର୍ଦ୍ଦାନ୍ତ କାପ୍ଟେନ୍ ଶେକ୍ସପିୟରଙ୍କୁ ସିଙ୍ଘୋଡା ଘାଟି ଅକ୍ତିଆର କରିବା ପାଇଁ ପଠାଗଲା । ପ୍ରଥମ ଆକ୍ରମଣରେ ସେ ବିଫଳ ହେଲେ । ଦ୍ୱିତୀୟ ଆକ୍ରମଣରେ ମାଧୋ ସିଂହଙ୍କ ପୁତ୍ର ହାତୀ ସିଂହ ଗୁରୁତର ଆହତ ହେବା ପରେ ମଧ୍ୟ ଘାଟି ସୁରକ୍ଷିତ ଥିଲା । ଏହି ସମୟରେ ବ୍ରିଟିଶ୍ ଅଧିକାରୀ ଖବର ପାଇଲେ, ମାଧୋ ସିଂହ ପାହାଡଶ୍ରୀଗୃହ ଘାଟିରେ ଅବସ୍ଥାନ କରୁଛନ୍ତି । ବାସ୍ତବରେ ସେ ଅସ୍ତ୍ରଶସ୍ତ୍ର ଆଣିବା ପାଇଁ ସେଠାକୁ ଯାଇଥିଲେ । ଏହି ମଉକାରେ କାପ୍ଟେନ୍ ସେକ୍ସପିୟର, ପାଡାହଶ୍ରୀଗୃହ ଘାଟି ଉପରେ ଆକ୍ରମଣ କଲେ । ବୀର ମାଧୋ ସିଂହ ଯୁଦ୍ଧରେ କାପ୍ଟେନ୍ ସେକ୍ସପିୟରଙ୍କୁ ପରାସ୍ତ କରି ତାଙ୍କ ମସ୍ତକ ବିହୀନ ଶରୀର ଗୋଟିଏ ବୃକ୍ଷରେ ଟାଙ୍ଗି ଦେଇଥିଲେ । ଏ ଥିଲା ୧୮୫୮ ମସିହା ଫେବୃୟାର ୨ ତାରିଖ ଘଟଣା । ଏହା ପରେ କେହି ବ୍ରିଟିଶ୍ ଅଧିକାରୀ ପାହାଡଶ୍ରୀଗୃହ ଘାଟି ଆକ୍ରମଣ ପାଇଁ ସାହସ କରି ନଥିଲେ ।

ସେହି ବର୍ଷ କାପ୍ଟେନ୍ ଏନ୍ସିଙ୍ଗ୍ ଓ୍ୟାର୍‌ଲୋ ସିଙ୍ଘୋଡା ଘାଟି ଯାତ୍ରା କରିଥିଲେ । ସେଠାରେ ସେ ଯାହା ଦେଖିଲେ ପ୍ରାଣ ବିକଳରେ ଫେରି ଆସିଲେ । ଅନେକ ବ୍ରିଟିଶ୍ ସେନାଙ୍କ ମସ୍ତକବିହୀନ ଶରୀର ଗଛରେ ଝୁଲୁଥିଲା ଏବଂ ସେଥି ମଧ୍ୟରୁ ସେ କାପ୍ଟେନ୍ ଉଡ୍‌ବ୍ରିଜ୍‌ଙ୍କ ଶରୀର ଚିହ୍ନି ପାରି ସାଥିରେ ନେଇ ସମ୍ବଲପୁର ଫେରି ଆସିଥିଲେ । ଏହାପରେ ମାଧୋ ସିଂହଙ୍କୁ ଧରିବା ପାଇଁ ବ୍ରିଟିଶ୍ ସରକାର ନୂଆ ନୂଆ ଯୋଜନା ଜାରି କଲେ । ମେଜର୍ ଫୋଷ୍ଟର୍ ସମ୍ବଲପୁରର ନୂଆ କମିଶନର୍ ଭାବେ ଯୋଗ ଦେବା ପରେ ଘେଁଷ ଯାତ୍ରା କରି କାହାରିକୁ ନପାଇ ସମସ୍ତ ବାସଗୃହ ତୋପ କମାଣରେ ଉଡେଇ ଦେଇଥିଲେ ।

ସେତେବେଳକୁ ମାଧୋ ସିଂହଙ୍କର ବୟସ ୭୦ ବର୍ଷରୁ ଅଧିକ । ବଣ ଜଙ୍ଗଲରେ ବୁଲି ବୁଲି ସେ କ୍ଳାନ୍ତ ହୋଇ ଯାଇଥିଲେ । ମାଟିଆ ଭାଟ୍‌ରେ କିଛି ଦିନ ବିଶ୍ରାମ ନେବା ପାଇଁ ଯାତ୍ରା କରୁଥିବା ବେଳେ, ୧୮୫୮ ମସିହା ଡିସେମ୍ବର ୧୪ ତାରିଖରେ ବ୍ରିଟିଶ୍ ହାତରେ ଧରା ପଡି ତୁରନ୍ତ ଡିସେମ୍ବର ୧୬ ତାରିଖରେ ଫାଶୀଖୁଣ୍ଟରେ ଶହୀଦ ହୋଇଥିଲେ ।

କିନ୍ତୁ ବ୍ରିଟିଶ୍ ବିରୋଧୀ ସଂଗ୍ରାମର ଅନ୍ତ ହୋଇନଥିଲା । ମାଧୋ ସିଂହଙ୍କର ଚାରି ସନ୍ତାନ ଏବଂ ନାତୁଣୀ କ୍ୱାଇଁ ଏହାକୁ ଆଗେଇ ନେଇଥିଲେ । ମାଧୋ ସିଂହଙ୍କ ଅନ୍ତେ ହାତୀ ସିଂହ ସିଙ୍ଘୋଡା ଘାଟି ଦାୟିତ୍ୱରେ ରହିଲେ । ସେ ବୀରତ୍ୱର ସହିତ କାପଟେନ୍ ଶେକ୍‌ସପିୟରଙ୍କ ସେନାକୁ ମୁକାବିଲା କରିଥିଲେ । ଥରେ ଯୁଦ୍ଧ ସମୟରେ ତୋପ ଆକ୍ରମଣରେ ଅଚେତ ହୋଇ ପଡିଥିଲେ । ସୁରେନ୍ଦ୍ର ସାଏଙ୍କ ଚିକିତ୍ସା ବଳରେ ସେ ଆରୋଗ୍ୟ ହେଲେ ସତ କିନ୍ତୁ ଉଦ୍ଦାନ୍ତ ସାଏଙ୍କ

ପରାମର୍ଶ କ୍ରମେ ବ୍ରିଟିଶ୍ ନିକଟରେ ଆତ୍ମ ସମର୍ପଣ କରିଥିଲେ । ଉଦ୍ଦେଶ୍ୟ ଥିଲା - ଜମିଦାରୀ ଫେରି ପାଇଲେ, ସଂଗ୍ରାମ ଆହୁରି ଶକ୍ତିଶାଳୀ ହେବ। ୧୮୬୨ ମସିହାରେ ବ୍ରିଟିଶ୍ ସରକାର ହାତୀ ସିଂହଙ୍କୁ ଘେଁଷ ଜମିଦାରୀ ଫେରାଇ ଦେଲେ । କିନ୍ତୁ ୧୮୬୪ ମସିହାରେ ବ୍ରିଟିଶ୍ ସରକାର ତାଙ୍କୁ କୁଞ୍ଜଲ ସିଂହଙ୍କୁ ସୁରକ୍ଷା ଦେବା ଆଳରେ ପୁନଶ୍ଚ ଆରେଷ୍ଟ କରି କଳାପାଣିରେ ଆଜୀବନ କାରାଦଣ୍ଡ ଦେଇଥିଲେ । ଆଣ୍ଡାମାନର ଭେପର ଦ୍ୱୀପପୁଞ୍ଜରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । କଳାପାଣିରେ ମୃତ୍ୟୁବରଣ କରିଥିବା ସେ ହେଉଛନ୍ତି ପ୍ରଥମ ଓଡ଼ିଆ ।



ମାଧୋ ସିଂହଙ୍କ ଦ୍ୱିତୀୟ ସନ୍ତାନ କୁଞ୍ଜଲ ସିଂହ ଥିଲେ ଅସୀମ ବୀରତ୍ୱର ସନ୍ତକ । ତାଙ୍କ ପତ୍ନୀ ଥିଲେ ବିଷ୍ଣୁପ୍ରିୟା ଓ କନ୍ୟା ପୂର୍ଣ୍ଣିମା । ସୋନଖାନ୍ ଜମିଦାର ନାରାୟଣ ସିଂହଙ୍କ ପୁତ୍ର ଗୋବିନ୍ଦ ସିଂହ ଥିଲେ ତାଙ୍କ ଜାମାତା । ପ୍ରଥମରୁ ଏମାନେ ଥିଲେ ବ୍ରିଟିଶ୍ ବିରୋଧୀ । ନାରାୟଣ ସିଂହଙ୍କୁ ଧରିବା ପାଇଁ ୧୮୫୭ ମସିହା ନଭେମ୍ବର ମାସରେ ଦେଓରୀ ଜମିଦାର ମହାରାଜା ସାଇ ବ୍ରିଟିଶ ଅଧିକାରୀଙ୍କୁ ସହାୟତା କରିଥିଲେ । ନାରାୟଣ ସିଂହ କିଛି ଦିନ ଜେଲରେ ରହିବା ପରେ ଫାଶୀ ପାଇଥିଲେ । ତେଣୁ ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ସୋନଖାନ୍ ଜମିଦାରୀ ଦେଓରୀ ଜମିଦାରଙ୍କ ଅଧୀନକୁ ଆସିଥିଲା ।

୧୮୫୮ ଜୁଲାଇ ୬ ତାରିଖରେ କୁଞ୍ଜଲ ସିଂହ ଓ ବୈରୀ ସିଂହଙ୍କ ନେତୃତ୍ୱରେ ୫୦୦ ସଂଗ୍ରାମୀ ସେନା ମହରାଜା ସାଇଙ୍କ ବାସଭବନ ଘେରାଉ କରି ତାଙ୍କୁ ଅକ୍ତିଆର କରିଥିଲେ । ଗୋବନ୍ଦ ସିଂହ ତାଙ୍କ ପିତାଙ୍କ ପ୍ରତିଶୋଧ ବାବଦକୁ ଦେଶଦ୍ରୋହୀ ମହାରାଜା ସାଇଙ୍କ ଶରୀରରୁ ମସ୍ତକ ଛିନ୍ନ କରିଥିଲେ । ଏହାପରେ ସମ୍ବଲପୁର କମିଶନର କାପଟେନ୍ ଫୋଷ୍ଟର, କୁଞ୍ଜଲ୍ ସିଂହଙ୍କୁ ଧରିବା ପାଇଁ ପୁରସ୍କାର ରାଶି ଘୋଷଣା କଲେ ଏବଂ ତାଙ୍କ ସହିତ ସଂପର୍କ ନ ରଖିବା ପାଇଁ ଅନ୍ୟ ଜମିଦାରଙ୍କୁ ସତର୍କ କରାଇ ଦେଇଥିଲେ । ତଥାପି କୁଞ୍ଜଲ ସିଂହଙ୍କୁ ଧରିବା ବ୍ରିଟିଶ୍ ପକ୍ଷେ ସମ୍ଭବ ନ ଥିଲା ।

୧୮୬୦ ଅଗଷ୍ଟ ୨୪ ତାରିଖରେ କୁଞ୍ଜଲ ସିଂହ, ବୈରୀ ସିଂହ ଏବଂ ସୁରେନ୍ଦ୍ର ସାଏ ଡିମ୍ରୋଦା ଏବଂ ବୃନ୍ଦାବନ ଆକ୍ରମଣ କରି ୧୨ ଜଣ ବ୍ରିଟିଶ ସେନାଙ୍କୁ ହତ୍ୟା କରିଥିଲେ । ଏହା ପରେ ବିବ୍ରତ ହୋଇ ସମ୍ବଲପୁରର ଡେପୁଟୀ କମିଶନର ଲେଫ୍‌ଟନାଣ୍ଟ କୁକ୍‌ବର୍ଣ୍ଣ ଖୁଲାରୀ ପ୍ରଗଣାରେ କୁଞ୍ଜଲ ସିଂହଙ୍କ ଅବସ୍ଥାନ ସଂପର୍କରେ ଖବର ପାଇ ବିଶାଳ ସେନା ନେଇ ଆକ୍ରମଣ କରିଥିଲେ । କିନ୍ତୁ ସଫଳତା ପାଇ ନ ଥିଲେ । ଲେଫ୍‌ଟନାଣ୍ଟ ଟେଲର ମଧ୍ୟ ମାନିକଗଡରେ କୁଞ୍ଜଲ ସିଂହଙ୍କ ଅବସ୍ଥାନ ସଂପର୍କରେ ଖବର ପାଇ ଆକ୍ରମଣ କରିଥିଲେ । ସେଥିରେ ମଧ୍ୟ ସଫଳତା ମିଳି ନ ଥିଲା । ଏହାପରେ ହତାଶ ହୋଇ ଖଇରାର ଘାଟୀ ଦେଇ ମାଡ୍ରାସରୁ ବିଶାଳ ସେନା ମଗାଇବା ପାଇଁ ସମ୍ବଲପୁର କମିଶନର ଯୋଜନା କଲେ । ଏହା କୁଞ୍ଜଲ ସିଂହଙ୍କୁ ଅଛପା ରହିଲା ନାହିଁ । ତେଣୁ ସୁରେନ୍ଦ୍ର ସାଏ ଓ କୁଞ୍ଜଲ ସିଂହଙ୍କ ନେତୃତ୍ୱରେ ସଂଗ୍ରାମୀ ସେନା ଖଇରାର ଘାଟୀ ଜଗି ବ୍ରିଟିଶ ସେନାଙ୍କୁ ସମ୍ବଲପୁରରେ ପ୍ରବେଶ କରାଇ ଦେଇ ନ ଥିଲେ ।

ଏହାପରେ ବ୍ରିଟିଶ୍ ସରକାର ବାଧ୍ୟ ହୋଇ କୁଞ୍ଜଲ ସିଂହଙ୍କୁ ସନ୍ଧି ପ୍ରସ୍ତାବ ଦେଇଥିଲେ । କିନ୍ତୁ ଦେଓରୀ ଜମିଦାରଙ୍କ ହତ୍ୟା ଅଭିଯୋଗରେ ରାୟପୁର ଡେପୁଟୀ କମିଶନର୍ ଏହାର ବିରୋଧ କରିଥିଲେ । କୁଞ୍ଜଲ ସିଂହ ଓ ବୈରୀ ସିଂହ ବ୍ରିଟିଶ ପାଇଁ ମୁଣ୍ଡବଥାର କାରଣ ପାଲଟିଗଲେ । ଏହା ପରେ ଛଳନା ଓ ପ୍ରବଞ୍ଚନାର ସାହାରା ନେଇ ୧୮୬୫ ମସିହାରେ ଦୁଇ ଭାଇ ସିଧିରା ଗ୍ରାମରେ ଅବସ୍ଥାନ କରୁଥିବାବେଳେ, ଶ୍ରୀମତ୍ ଚୌକିଦାର ନାମକ ଜଣେ ବିଶ୍ୱାସଘାତକ ବ୍ରିଟିଶ୍ ଅଧିକାରୀଙ୍କୁ ଏ ତଥ୍ୟ ପ୍ରଦାନ କରିଥିଲେ । କୁଞ୍ଜଲ ସିଂହ ଓ ବୈରୀ ସିଂହ ଆରେଷ୍ଟ ହୋଇ କିଛିଦିନ ସମ୍ବଲପୁର ଜେଲ୍‌ରେ ରହିବା ପରେ ଫାଶୀଖୁଣ୍ଟରେ ଝୁଲି ଶହୀଦ ହୋଇଥିଲେ ।

ମାଧୋ ସିଂହଙ୍କ କନିଷ୍ଠ ସନ୍ତାନ ଐରୀ ସିଂହ ଥିଲେ ଦମ୍ଭ ଓ ସାହସିକତାର ଜ୍ୱଳନ୍ତ ଅଗ୍ନିପିଣ୍ଡ । ମାଧୋ ସିଂହଙ୍କ ଜୀବଦ୍ଦଶାରେ ସେ ଶହୀଦ ହୋଇଥିଲେ । ତାଙ୍କ ପ୍ରାଣବଳିର କାହାଣୀ ଯେତିକି ମର୍ମନ୍ତୁଦ ବହୁ ଅଧିକ ଲୋମହର୍ଷଣକାରୀ । ସେ ସମୟରେ ସିଙ୍ଗୋଡା ଘାଟୀର ସତର୍କ ପ୍ରହରୀ ଥିଲେ ମାଧୋ ସିଂହ । ସେମାନଙ୍କ ପାଇଁ ଖାଦ୍ୟ ପାନୀୟ ଓ ଯୋଗାଯୋଗ ଦାୟିତ୍ୱରେ ଥିଲେ ଐରୀ ସିଂହ । ସେ ସାହେବ ଡେରାରେ ସୁଡଙ୍ଗ ନିର୍ମାଣ କରି ଅବସ୍ଥାନ କରୁଥାନ୍ତି । ଶ୍ରୀମତ୍ ଚୌକିଦାର ଏବଂ ଭାଟ ଦମ୍ପତି ସାନୁ ଭାଟ ଓ ଫଗୁନି ଭାଟ ବ୍ରିଟିଶଙ୍କ ଠାରୁ ଜମିଦାରୀ ପାଇବା ପ୍ରଲୋଭନରେ ଐରୀ ସିଂହଙ୍କ ଗୁପ୍ତ ରହଣୀ ସ୍ଥଳୀ ବ୍ରିଟିଶଙ୍କୁ ଜଣାଇଦେଲେ । ବ୍ରିଟିଶ୍ ସେନା ସେ ସ୍ଥାନରେ ପହଞ୍ଚି କାହାରିକୁ ନପାଇ ଫେରି ଆସୁଥିବା ବେଳେ ଗୋଟିଏ ଗାତରୁ ଐରୀ ସିଂହଙ୍କ ଅନୁଗତ କୁକୁର ବାହାରି ଆସିଲା । ବ୍ରିଟିଶ୍ ସେନା ନିଶ୍ଚିତ ହୋଇଗଲେ, ସେହି ଗାତରେ ଐରୀ ସିଂହ ବାସ କରୁଛନ୍ତି । ଗାତ ଭିତରେ ଶୁଖିଲା ପତ୍ର ଭର୍ତ୍ତି କରି ସେଥିରେ ଅଗ୍ନି ସଂଯୋଗ କରି ଗାତ ମୁହଁରେ ବିରାଟ ପଥର ଲଦି ଦେଇଥିଲେ । ଜ୍ୱଳନ୍ତ ଅଗ୍ନିରେ ଐରୀ ସିଂହ ଜୀବନ୍ତ ଶହୀଦ ହୋଇଥିଲେ ।

କୁଞ୍ଜଲ ସିଂହ 'ପୀଠଖବରି' ମାଧ୍ୟମରେ ଏ ଖବର ପାଇବା ମାତ୍ରେ ତୁରନ୍ତ ସେହି ତିନି ବିଶ୍ୱାସଘାତକଙ୍କୁ ଖୋଜି ବୁଲିଲେ । ଫଗୁନି ଭାଟ ମୃତ୍ୟୁବରଣ କଲେ, ସାନୁ ଭଟ ଆହତ ହୋଇ ପଳାୟନ କରିଥିଲେ । ଯେଉଁ ସ୍ଥାନରେ ଫଗୁନି ନିହତ ହୋଇଥିଲେ, ତାହା ଆଜି 'ଭାଟ ଡୁଙ୍ଗୁରି' ଏବଂ କୁଞ୍ଜଲ ସିଂହଙ୍କ ଜାମାତା ଗୋବିନ୍ଦ ସିଂହ ବ୍ରିଟିଶ୍ ହାତରେ ଧରାପଡି ରାୟପୁରର ଯେଉଁ ସ୍ଥାନରେ ଫାଶୀ ପାଇଥିଲେ ତାହା 'ବିଜୟ ଚୌକ୍' ନାମରେ ଅଭିହିତ ।

ବରଗଡର ହଳଦୀପାଲି ଠାରେ ଶହୀଦ ପରିବାରଙ୍କ ସ୍ମୃତିରେ 'ଶହୀଦ ସ୍ତମ୍ଭ' ନିର୍ମାଣ କରାଯାଇଛି । ୧୯୯୩ ମସିହାରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଘେଁଷରେ ଏକ ସ୍ମାରକୀ ସ୍ତମ୍ଭ ଉଦ୍‌ଘାଟନ କରିଥିଲେ ଏବଂ ୧୯୯୭ ମସିହାରେ ରାଜ୍ୟ ସରକାର ମାଧୋ ସିଂହଙ୍କ ବଳିଦାନ ଦିବସ ଡିସେମ୍ବର ୩୧ ତାରିଖକୁ 'ବୀରତା ଦିବସ' ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି । ଏହା କେବଳ ସରକାରୀ ନଥିପତ୍ରରେ ସୀମିତ ରହିଛି । ହୁଏତ ଜୟଦେବ ଭବନରେ ସୀମିତ ବୁଦ୍ଧିଜୀବୀଙ୍କ ଗହଣରେ ଏହା ପାଳନ କରାଯାଉଥିବ । କିନ୍ତୁ ସେହି ଦିନ ଯଦି ସମସ୍ତ ବିଦ୍ୟାଳୟରେ ଗୋଟିଏ ପିରିୟଡ୍ ଶହୀଦଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇ ଛାତ୍ର/ଛାତ୍ରୀଙ୍କୁ ତାଙ୍କ ସଂପର୍କରେ ସୂଚନା ପ୍ରଦାନ କରାଯାଆନ୍ତା, ଅନ୍ତତଃ ପରପିଢ଼ି ଅମର ଶହୀଦଙ୍କ ସଂପର୍କରେ ଅବଗତ ହୋଇପାରନ୍ତେ ଏବଂ ତାହା ହିଁ ହୁଅନ୍ତା ଶହୀଦଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

# ପାଇକ



# ଆଗଡ଼ା



# ଖୋର୍ଧାର ପାଇକଯୁଦ୍ଧ

**ଦେବଯାନୀ ରାୟ**
ଠିକଣା : ଜଟଣୀ, ଖୋର୍ଦ୍ଧା
ଫୋନ: ୯୪୩୭୪୧୩୩୧୪

ଫଟୋ ସୌଜନ୍ୟ : ଲେଖିକା



ଖୋର୍ଦ୍ଧା-ପୁରୀ ଜିଲ୍ଲାରୁ ଅଲଗା ହୋଇ ଖୋର୍ଦ୍ଧା ୧୯୯୩/୦୪/୦୧ ମସିହାରେ ନିଜର ସ୍ୱତନ୍ତ୍ର ପରିଚୟ ପ୍ରାପ୍ତି କରିଥିଲା । ନୟାଗଡ଼ ହେଉଛି ଅନ୍ୟ ଏକ ଜିଲ୍ଲା ଯିଏକି ପୁରୀ ଠାରୁ ଅଲଗା ହୋଇ ପରିଚିତ ହୋଇଥିଲା । ୨୦୦୦ ମସିହାରେ ଖୋର୍ଦ୍ଧା ନିଜର ନୂତନ ପରିଚୟରେ ଖୋର୍ଦ୍ଧା ନାମରେ ପରିଚିତ ହୋଇଥିଲା । ଖୋର୍ଦ୍ଧାର ମୁଖ୍ୟ କାର୍ଯ୍ୟାଳୟ ଖୋର୍ଦ୍ଧା ଟାଉନରେ ଅବସ୍ଥିତ । ଖୋର୍ଦ୍ଧା ନାମଟି ଦୁଇଟି ଶବ୍ଦକୁ ନେଇ ଗଠିତ । (ଖୁର+ଧାର) କାହିଁକି ନା ଖୋର୍ଦ୍ଧାର ପାଇକ ଗଣ ଖଣ୍ଡାର ଧାର ପରି ଦ୍ରୁତ ଓ ସମର ପ୍ରବୀଣ ଅଟନ୍ତି ।

ଖୋର୍ଦ୍ଧାର ଗୋଟେ ପାର୍ଶ୍ୱରେ ବରୁଣେଇ ପାହାଡ଼ ଏବଂ ଅନ୍ୟ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ । ଏହାର ସ୍ଥାପନା ଶୈଳୀ ଅତ୍ୟନ୍ତ ମନୋରମ ଥିବା ଯୋଗୁଁ ରାଜା ରାମଚନ୍ଦ୍ର ଦେବ ଖୋର୍ଦ୍ଧାକୁ ଓଡ଼ିଶାର ରାଜଧାନୀ ଭାବେ ଘୋଷଣା କରିଥିଲେ । ମୁସ୍‌ଲିମ୍ ଓ ମରାଠାଙ୍କ ଠାରୁ ନାନା ଅତ୍ୟାଚାର ସହିବା ସତ୍ତ୍ୱେ ଖୋର୍ଦ୍ଧା ତାହାର ସ୍ୱାଧୀନତା ୧୮୦୩ ମସିହା ପର୍ଯ୍ୟନ୍ତ ବଜାୟ ରଖିଥିଲା । ସେଥିପାଇଁ Royal Fort ଖୋର୍ଦ୍ଧା ଗଡ଼ ନାମରେ ନାମିତ । ଯାହାକି ଶେଷ ସ୍ୱାଧୀନ ଗଡ଼ ଭାବରେ ପରିଚିତ । ୧୮୧୦ରୁ ୧୮୫୭ ମସିହା ମଧ୍ୟରେ ପାଇକ ଯୁଦ୍ଧର ମୂଳ ପ୍ରସ୍ତୁତି ଜନଜାଗରଣ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହା ଏକ ଭ୍ରମଣସ୍ଥାନ । ଏଠାରେ ଶୂନ୍ୟଗଙ୍ଗା ନାମରେ ଏକ ଝରଣା ବହୁ ପ୍ରସିଦ୍ଧ । ବରୁଣେଇ ପାହାଡ଼ର ଲମ୍ବ ସାତ କିଲୋମିଟର ଓ ଓସାର ୮୦୦ ମିଟର । ସମୁଦ୍ର ପତନ ଠାରୁ ତିନିଶହ ପାଞ୍ଚ ଫୁଟ୍ ଉଚ୍ଚତା ଏବଂ ଭୂମି ଠାରୁ ୧୫୦ ମିଟର ଉଚ୍ଚ । ଏହି ପାହାଡ଼ରେ ମା' ବରୁଣେଇ ଏବଂ କରୁଣେଇ ଦୁଇଜଣ ପୂଜା ପାଆନ୍ତି । ଏଠାରେ ବହୁତ ପୁରୁଣା ଗୁମ୍ଫାମାନ ରହିଛି । ଏମାନଙ୍କ ମଧ୍ୟରୁ ପାଣ୍ଡବ ଗୁମ୍ଫା ଅନ୍ୟତମ । ଏହି ଜାଗା ସମ୍ପୂର୍ଣ୍ଣ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଏହି ଜିଲ୍ଲା କୁଟୀର ଉଦ୍ୟୋଗ, ଚରଖା ମିଲ୍, ତୈଳ ଉଦ୍ୟୋଗ ଇତ୍ୟାଦି ପାଇଁ ପ୍ରସିଦ୍ଧ । ଏଠାକାର ହସ୍ତତନ୍ତ ତଥା ହାତବୁଣା ଲୁଙ୍ଗି, ଗାମୁଛା, ଶାଢ଼ି ଭାରତର କୋଣ ଅନୁକୋଣରେ ବିଖ୍ୟାତ । ତେଣୁ ଖୋର୍ଦ୍ଧା ଜିଲ୍ଲାର ଲୋକମାନଙ୍କର ମୁଖ୍ୟ କାର୍ଯ୍ୟ କୃଷି ଏବଂ ହସ୍ତତନ୍ତ । ଅତ୍ରି, ବାଣପୁର, ବରୁଣେଇ, ନିଳାମ୍ବୁ ଚିଲିକା, ହୀରାପୁର ଏବଂ ନନ୍ଦନକାନନ, ଚନ୍ଦକା ହାତୀ ଅଭୟାରଣ୍ୟ ପ୍ରମୁଖ ଦର୍ଶନୀୟ ସ୍ଥାନ ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ । ଏହି ଜିଲ୍ଲାରେ ବିଭିନ୍ନ ନାମୀଦାମୀ ସ୍କୁଲ୍ କଲେଜ, ଡାକ୍ତରଖାନା ରହିଛି । ଜଟଣୀରେ ଆଇଆଇଟି, ଧାର୍ମିକ ଆଖଡ଼ା, ନାଇଜର୍ ସର୍ବଭାରତୀୟ ଶିକ୍ଷାନୁଷ୍ଠାନ ଅବସ୍ଥିତ । ଏହି ଜିଲ୍ଲାରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର



▲ ଲେଖିକା ଦେବଯାନୀ ରାୟ




ଅବସ୍ଥିତ । ଏଠାରେ ଧଉଳିଗିରି, ଖଣ୍ଡଗିରି, ଉଦୟଗିରି ଆଦି ଦର୍ଶନୀୟ ସ୍ଥାନ ଅବସ୍ଥିତ । ଧଉଳିର ଶାନ୍ତିସ୍ତୂପ ବିଶ୍ୱପ୍ରସିଦ୍ଧ । ଏପ୍ରିଲ ୧ ତାରିଖ ୧୯୯୩ ମସିହାରେ ଖୋର୍ଦ୍ଧା ଜିଲ୍ଲାରେ ପରିଣତ ହୋଇଥିଲା । ୧୫୬୮ରୁ ୧୮୦୩ ପର୍ଯ୍ୟନ୍ତ ଓଡ଼ିଶାର ରାଜଧାନୀ ହୋଇ ରହିଥିଲା । ଖୋର୍ଦ୍ଧା ରେଳଡବା ମରାମତି, କଂସାବାସନ କାମ ପାଇଁ ମଧ୍ୟ ଅନ୍ୟତମ । ଏହି ଜିଲ୍ଲାରେ ୧୫୬୧ଟି ଗ୍ରାମ ରହିଛି । ଏହି ଗ୍ରାମ ୧୬୮ ଗ୍ରାମ ପଞ୍ଚାୟତରେ ରହିଛି । ଏହାକୁ ୧୦ଟି ବ୍ଲକ୍‌ରେ ବିଭକ୍ତ କରାଯାଇଛି । ଏଠାରେ ୮ଟି ତହସିଲ୍ ଏବଂ ଦୁଇଟି ସବ୍‌ଡିଭିଜନ ରହିଛି । ଖୋର୍ଦ୍ଧାକୁ ୬ଟି ବିଧାନସଭା ମଣ୍ଡଳୀ ଏବଂ ଦୁଇଟି ରାଜ୍ୟସଭା ମଣ୍ଡଳୀରେ ବିଭକ୍ତ କରାଯାଇଛି ।

## ପାଇକ ଆଖଡ଼ା

ପାଇକ ଆଖଡ଼ା ବା ପାଇକ ଆଖରା ଏକ ଓଡ଼ିଆ ଶବ୍ଦ, ଯାହାର ଅର୍ଥ ପ୍ରାୟ 'ଯୋଦ୍ଧା ପାଠଶାଳା' ବା 'ଯୋଦ୍ଧା ବ୍ୟାୟାମଶାଳା' । ଆଗ କାଳରେ ପୂର୍ବଭାରତ, ଓଡ଼ିଶାରେ ଏହା ଏକ ଯୋଦ୍ଧା ଶିକ୍ଷା କେନ୍ଦ୍ର ରୂପେ ବ୍ୟବହୃତ ହେଉଥିଲା । ଅଧୁନା ଆଖଡ଼ାରେ ପାଇକ ନାଚ ସହ ପାରମ୍ପରିକ ଶାରୀରିକ ବ୍ୟାୟାମ ଶିକ୍ଷା ଦିଆଯାଏ ଓ ଏଥିରେ ବାଦ୍ୟର ତାଳରେ ଅଙ୍ଗଭଙ୍ଗୀ ସହିତ ବିଭିନ୍ନ ଅସ୍ତ୍ର ଚାଳନା କରାଯାଏ । ବିଭିନ୍ନ କଳାବାଜି ସହିତ ବିଭିନ୍ନ ପ୍ରକାର ଖଣ୍ଡା ଚାଳନା, ବାଡ଼ିଚାଳନା ଓ ଅନ୍ୟାନ୍ୟ ଅସ୍ତ୍ରଚାଳନା ଶିକ୍ଷା ଦିଆଯାଏ ।

ସଂସ୍କୃତ ଭାଷାର ପ୍ରଜାତିକ ଶବ୍ଦରୁ 'ପାଇକ' ଶବ୍ଦ ଆସିଛି ଓ ଏହିଭଳି ଶିକ୍ଷାକେନ୍ଦ୍ରକୁ ଆଖଡ଼ା କୁହାଯାଏ । ସଂସ୍କୃତର 'ର' ଶବ୍ଦ ବଦଳରେ 'ଡ଼' ଶବ୍ଦ ବ୍ୟବହାର ହୋଇ ଆଖଡ଼ା ହୋଇଅଛି ।

ପାଇକ ଆଖଡ଼ା ମୂଳରୁ ପାଇକ ଶ୍ରେଣୀର ଯୋଦ୍ଧାମାନଙ୍କର ପ୍ରଶିକ୍ଷଣ ବିଦ୍ୟାଳୟ ରୂପେ ବ୍ୟବହୃତ ହେଉଥିଲା । ପାଇକମାନେ ସୈନିକ ରୂପେ କାର୍ଯ୍ୟ କରୁଥିଲେ ଓ ସେବା ବିନିମୟରେ ସେମାନଙ୍କୁ କର ବା ଖଜଣା ଦେବାକୁ ପଡୁନଥିଲା । ସୈନ୍ୟମାନଙ୍କ ଭଳି ସେମାନେ ବେତନଭୋଗୀ ନଥିଲେ । କିନ୍ତୁ ସେମାନେ ରାଜାଙ୍କ ଠାରୁ ବହୁତ ଜମି ଅନୁଦାନ ପାଉଥିଲେ । କୃଷି ସେମାନଙ୍କ ଆୟର ମୁଖ୍ୟ ଉତ୍ସ ଥିଲା । ସେମାନଙ୍କର ଜୀବିକା ଓ ଆୟ ଅନୁସାରେ ସେମାନଙ୍କୁ ତିନି ଭାଗରେ ବିଭକ୍ତ କରାଯାଇଥିଲା । ୧. ଖଣ୍ଡା ଓ ଢାଲି ଧରୁଥିବା ଲୋକଙ୍କୁ ପାହାଡ଼ି, ଦୂର ଅଭିଯାନ ନେତୃତ୍ୱ ନେଉଥିବା ଲୋକଙ୍କୁ ବାଣୁଆ ଓ ଧନୁର୍ଦ୍ଧାରୀଙ୍କୁ ଡେଙ୍କିଆ ନାମ ଦିଆ ଯାଇଥିଲା । ସେମାନେ ଓଡ଼ିଆ ସୈନିକ ରୂପେ ସମସ୍ତ କାର୍ଯ୍ୟ କରୁଥିଲେ । ଏହି ପାଇକମାନଙ୍କୁ ନେତୃତ୍ୱ ଦେଉଥିବା ନିର୍ଦ୍ଦିଷ୍ଟ କ୍ଷତ୍ରୀୟ ଜାତିର ଲୋକ, ଯାହାଙ୍କୁ ଖଣ୍ଡାୟତ କୁହା ଯାଇଥିଲା । ଖଣ୍ଡାକୁ ଯେ ଆୟତ କରିପାରେ ତାଙ୍କ ନାମ 'ଖଣ୍ଡାୟତ' । ପାଇକମାନଙ୍କର ଅନେକ ଗ୍ରାମକୁ ଯେଉଁମାନେ ନିୟନ୍ତ୍ରଣ କରନ୍ତି ସେମାନଙ୍କୁ ଦଳବେହେରା କୁହନ୍ତି । ଖଣ୍ଡାୟତ ଓଡ଼ିଶାର ଏକ ପାରମ୍ପରିକ ଯୋଦ୍ଧା ଜାତି । ଖଣ୍ଡାୟତମାନେ ଭାରତ ସ୍ୱାଧୀନ ହେବା ଆଗରୁ ରାଜାଙ୍କ ଦ୍ୱାରା ନିଯୋଜିତ ସେନାରେ ଯୁଦ୍ଧ କରୁଥିଲେ ।

ପୁରୀ ଗଜପତିଙ୍କ ନିର୍ଦ୍ଦେଶ ଅନୁସାରେ ଖଣ୍ଡାୟତମାନେ ଯୁଦ୍ଧ ବିଦ୍ୟାରେ ନିପୁଣ ହେଇଥିବେ, ରାଜ୍ୟ ଶାସନରେ ମହାରଥୀ ପଦ ହାସଲ କରିଥିବେ ଏବଂ ନିଜେ ମଧ୍ୟ ଶୃଙ୍ଖଳିତ ହୋଇଥିବେ । ଖଣ୍ଡାୟତମାନେ କ୍ଷତ୍ରୀୟ ଅନ୍ତର୍ଭୁକ୍ତ । ଖଣ୍ଡାୟତମାନଙ୍କ ୨୫୦୦ବର୍ଷରୁ ଉର୍ଦ୍ଧ୍ୱ ଲିଖିତ ଇତିହାସ ଭିତରୁ କଳିଙ୍ଗ ଯୁଦ୍ଧ ଓ ପାଇକ ବିଦ୍ରୋହ କେତେକ ଐତିହାସିକ ଘଟଣା ଭାବେ ଅନ୍ୟତମ । ଯେଉଁ ଖଣ୍ଡାୟତମାନେ ଯୁଦ୍ଧରେ ଲଢୁଥିଲେ ସେମାନଙ୍କୁ ପଦ ଅନୁସାରେ ଜମି ପ୍ରଦାନ କରା ଯାଉଥିଲା । ତାହା ଜାଗିରି ବୋଲି ମଧ୍ୟ ଜଣା । ଏହାଫଳରେ ୧୯ଶ ଶତାବ୍ଦୀ ଶେଷ ସୁଦ୍ଧା ଅଧିକାଂଶ ଜମିଦାରୀ ଖଣ୍ଡାୟତ ସମୁଦାୟର ଲୋକମାନଙ୍କ ପାଖେ ଥିଲା । ବିଂଶ ଶତାବ୍ଦୀର ମଧ୍ୟଭାଗରେ ଜମିଦାରୀ ପ୍ରଥାକୁ ଉଚ୍ଛେଦ ହେଲା ପରେ ଓଡ଼ିଶାର ଖଣ୍ଡାୟତ ଓ ବ୍ରାହ୍ମଣ ସଂପ୍ରଦାୟର ଲୋକ ସେବା, ରାଜନୀତି ଓ ବିଭିନ୍ନ ଅନ୍ୟ ବୃତ୍ତିରେ ନିଯୋଜିତ ହେଲେ ।



ବର୍ତ୍ତମାନ ଖଣ୍ଡାୟତମାନେ ଧାର୍ମିକତା ଅନୁସାରେ ବିଭକ୍ତ ନହୋଇ ସାମାଜିକ ସ୍ଥିତି ଅନୁସାରେ ମୁଖ୍ୟତଃ ଅଗ୍ନିବେଶୀ, ସୂର୍ଯ୍ୟବଂଶୀ, ନାଗବଂଶୀ ଏବଂ ଚନ୍ଦ୍ରବଂଶୀ ଆଦିରେ ବିଭକ୍ତ । ଅନ୍ୟାନ୍ୟ ଶ୍ରେଣୀ ବିଭାଗ ମତେ ସେମାନେ ରାଜପୁତିଆ ଖଣ୍ଡାୟତ (ରାଜପରିବାର ସଦସ୍ୟ), ଶ୍ରେଷ୍ଠ ଖଣ୍ଡାୟତ (ଯେଉଁ ପରିବାରର ସଦସ୍ୟ ଅଥବା ପୂର୍ବପୁରୁଷମାନେ ରାଜ୍ୟ ପାଇଁ କିଛି ବିଶିଷ୍ଟ କାର୍ଯ୍ୟ କରିଥିଲେ) ଏବଂ ସାଧାରଣ ଖଣ୍ଡାୟତ (ଯେଉଁମାନେ ଯୋଦ୍ଧା ଥାଇ ପରେ ଶାନ୍ତି ସମୟରେ କୃଷି, ଶିକ୍ଷା ଇତ୍ୟାଦି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି) ନାମରେ ବିଭକ୍ତ । ପୂର୍ବେ ଖଣ୍ଡାୟତମାନେ ବିଶେଷକରି କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ନୟାଗଡ଼, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ସମ୍ବଲପୁର ଓ ମଧ୍ୟ-ଓଡ଼ିଶାର ବିଭିନ୍ନ ସ୍ଥାନରେ ବସବାସ କରୁଥିଲେ । ଏମାନଙ୍କ ସଂସ୍କୃତି ଓ ପରମ୍ପରା ବ୍ରାହ୍ମଣମାନଙ୍କ ରୀତିନୀତି ପରି ହୋଇଥାଏ । ଓଡ଼ିଶାରେ ପାଇକ ଅର୍ଥ ଯୋଦ୍ଧା । ପାଇକମାନେ ଖଣ୍ଡାୟତ ଥିଲେ ଓ ଯୁଦ୍ଧ ବିଦ୍ୟାରେ ନିପୁଣ ଥିଲେ । ପାଇକ ଆଖଡ଼ାରେ ପାଇକମାନେ ଯୁଦ୍ଧ ବିଦ୍ୟାର ଅଭ୍ୟାସ ଏବଂ ଯୁଦ୍ଧକଳାର ପ୍ରଶିକ୍ଷଣ କରିଥାନ୍ତି ।

## ବେଶଭୂଷା

ପାଇକମାନେ ଭାରତୀୟ ମୁକ୍ତି ସଂଗ୍ରାମର ସାମରିକ ପଦାତିକ ଯୋଦ୍ଧା ଥିଲେ । ଏମନେ ମୁଖ୍ୟତଃ ଓଡ଼ିଶାର ଖୋର୍ଦ୍ଧା ଅଞ୍ଚଳର ଏବଂ ଭିନ୍ନ ଭିନ୍ନ ପେସାଧାରୀ ଥିଲେ । କିନ୍ତୁ ଯୁଦ୍ଧ ସମୟରେ ଏମାନେ ସୈନିକର ଭୂମିକା ନେଉଥିଲେ । ଉତ୍କଳର ରାଜା ପ୍ରତାପ ରୁଦ୍ରଙ୍କ ସମୟରେ ପାଇକମାନେ ଥିଲେ ଯୁଦ୍ଧର ମୁଖ୍ୟ ବଳ । ଇଟାକାର (ସାମରିକ ପାଇକ ନାଚ ପ୍ରଦର୍ଶନ କାରୀ), ଫେଡ଼ିକାର (ଧନୁର୍ଦ୍ଧାରୀ) ଓ ଧନୁକୀ ନାମରେ ତିନି ଭାଗରେ ବିଭକ୍ତ । ୭୦ଜଣ ପାଇକ ଦଳଙ୍କୁ ଭୂୟାଁ କୁହାଯାଏ । ପାଇକମାନେ ନିଜ ବେଶଭୂଷାରେ ମୁଣ୍ଡରେ ମୁକୁଟ, କାନ୍ଧରେ 'କପ', ଏକ କାନ୍ଧରେ ତେଣ୍ଣ (ଧନୁ) ଓ ଆର କାନ୍ଧରେ କାଣ୍ଡଶର ଝୁଲୁଥାଏ । ଛାତିରେ ପଟି ବନ୍ଧା ହୋଇ ଏକ 'କଟାରି' ଖୋସା ଯାଇଥାଏ । ବାହା ଓ ହାତରେ ବାହୁଟି ପିନ୍ଧା ଯାଇଥାଏ । ବାହୁଟି ତଳକୁ 'କବଚ' ଓ ତା ତଳକୁ 'କଲିଙ୍ଗି' । କଟଟିରୁ କହୁଣିର ଟିକେ ତଳକୁ ହୋଡା, ବାହାତା ପିନ୍ଧାଯାଏ । ଗୋଟେ ହାତରେ ପାଇକମାନେ ଖଣ୍ଡା ଓ ଆର ହାତରେ ଢାଲ ଧରିଥାନ୍ତି । ଅଣ୍ଟାରେ ପେଟି ପିନ୍ଧା ଯାଇଥାଏ । କାନ୍ଧରୁ ଆସିଥିବା କପ ଏଥିରେ ଖୋସାଯାଏ । ଏଥିସହିତ ଏକ ତିନି କୋଣିଆ ସିଙ୍ଗଡ଼ା, ଏକ 'ବାଙ୍କଛୁରୀ' ଓ ମଇଁଷି ଶିଙ୍ଗରେ ତିଆରି ଶିଙ୍ଗ ଅଣ୍ଟାରୁ ଝୁଲୁଥାଏ । ଅଣ୍ଟା ତଳକୁ ଆଣ୍ଠୁଯାଏଁ ଏକ ପୋଷାକ ପିନ୍ଧିଥାନ୍ତି । ଏଥିରେ ମଝି ଅଂଶରେ ଏକ 'ଗୁଡ଼ିମାଳ' ଅଣ୍ଟାରୁ ଝୁଲୁଥାଏ । ଅଣ୍ଟାର ଟିକେ ତଳକୁ 'କଟିଢାଳ' ଓ ତା ତଳକୁ 'ରଞ୍ଜକ ପଟି' ଝୁଲୁଥାଏ । ଏକ କାନ ପରି ଦିଶୁଥିବା 'ଓଜମାଳ' ଓ ତହିଁରେ ଥିବା 'ଗଣ୍ଠିଆ' ଦେହର ପଛ ପାଖରେ ଝୁଲୁଥାଏ । ପାଇକମାନେ ଗୋଡ଼ରେ ଏକ ପ୍ରକାର ମୋଜା ଓ ଜୋତା ପିନ୍ଧିଥାନ୍ତି ।

## ପାଇକ ବିଦ୍ରୋହ

ଇଂରେଜମାନେ ୧୮୦୪ ଖ୍ରୀଷ୍ଟାବ୍ଦର ଖୋର୍ଦ୍ଧାର ରାଜା ମୁକୁନ୍ଦଦେବଙ୍କୁ ଗାଦିଚ୍ୟୁତ କରି ରାଜ୍ୟକୁ 'ଖାସ୍' କଲେ ଅର୍ଥାତ୍ ପ୍ରତ୍ୟେକ୍ଷ ଇଂରେଜ୍ ଶାସନାଧୀନ ଅଞ୍ଚଳ ସହିତ ତାକୁ ମିଶାଇ ଦିଆଗଲା । ପାଇକଙ୍କ ନିଷ୍କର ଜମି ଉପରେ ଉଚ୍ଚ ହାରରେ କର ଧାର୍ଯ୍ୟ ହେଲା । ଫଳରେ ପାଇକମାନେ ତାଙ୍କର ବଂଶାନୁକ୍ରମିକ ନିଷ୍କର ବୃତ୍ତିରୁ ବଞ୍ଚିତ ହେଲେ । ଖୋର୍ଦ୍ଧା 'ଖାସ୍' ହେବାପରେ ସେହି ଜମିଦାରୀର ରାଜସ୍ୱ ଅନେକ ପରିମାଣରେ ବୃଦ୍ଧି କରାଯାଇ ଜଣେ ବିଦେଶୀ ଜିଦାରଙ୍କୁ ପଟ୍ଟା ଦିଆଗଲା । ଅନେକ ସର୍ବସ୍ୱାନ୍ତ ହୋଇ ନିଜର ଘରଦ୍ୱାର ଛାଡ଼ି ନିକଟବର୍ତ୍ତୀ କରଦ ରାଜ୍ୟମାନଙ୍କରେ ଆଶ୍ରୟ ନେଲେ । ଯେଉଁ ବାକି ରହିଗଲେ, ସେମାନଙ୍କର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଲା । ୧୮୧୭ ମସିହାରେ ଇଂରେଜମାନେ ଘୁମୁସର ଛଡ଼ା ଧନଞ୍ଜୟ ଭଞ୍ଜଙ୍କୁ ଗୋଟିଏ ହତ୍ୟା ମାମଲା ସମ୍ପର୍କରେ ଗିରଫ କଲେ । ସେହି ଘଟଣାର ପ୍ରତିବାଦରେ ଘୁମୁସରର ୨୦୦/୪୦୦ କନ୍ଧ ବାଣପୁରରେ ପଶି ସରକାରୀ ଖଜଣା ଖଳା ଲୁଟ୍ କଲେ ଓ ସରକାରୀ ଦପ୍ତର ସବୁ ଆକ୍ରମଣ କଲେ । କୁହୁଳୁଥିବା ବିଦ୍ରୋହାଗ୍ନି ଜଳି ଉଠିଲା । ଖୋର୍ଦ୍ଧାର ପାଇକମାନେ ଏହି ସୁଯୋଗ ନେଇ ବକ୍ସି ଜଗବନ୍ଧୁଙ୍କର ନେତୃତ୍ୱରେ ଇଂରେଜମାନଙ୍କ ଅନ୍ୟାୟ ନୀତି ଓ ନିର୍ଯ୍ୟାତନା ବିରୁଦ୍ଧରେ ବିଦ୍ରୋହ କଲେ । ବକ୍ସି ଜଗବନ୍ଧୁଙ୍କର ପରମ ଶତ୍ରୁ ଚରଣ ପଟ୍ଟନାୟକ ତାଙ୍କର କ୍ରୋଧାଗ୍ନିର ପ୍ରଥମ ଶିକାର ହେଲେ ।



## ବିଦ୍ରୋହର ଦମନ

ହଠାତ୍ ପାଇକ ବିଦ୍ରୋହ ହେବାରୁ ଇଂରେଜ କର୍ତ୍ତୃପକ୍ଷ ବିବ୍ରତ ହୋଇ ପଡ଼ିଲେ । ପାଇକମାନେ ଇଂରେଜମାନଙ୍କର ବାଣପୁର ଖୋର୍ଦ୍ଧାରେ ଥିବା ସବୁ ସରକାରୀ ଅଫିସ୍ ଭାଙ୍ଗିଦେଲେ, ଖଜଣାଖାନା ଲୁଟ୍ କଲେ । ପାଇକମାନଙ୍କ ସାଙ୍ଗରେ ଇଂରେଜ ସୈନ୍ୟଙ୍କର ଗଙ୍ଗପଡ଼ା, ବାଲକାଟି, ପିପିଲି ଇତ୍ୟାଦି ସ୍ଥାନମାନଙ୍କରେ ସଂଘର୍ଷ ହୋଇଥିଲା । ତଦ୍ୱାରା ପାଇକମାନଙ୍କରେ ଗତିରୋଧ ହୋଇପାରିଲା ନାହିଁ । ପାଇକମାନେ ପୁରୀ ଆଡ଼କୁ ଅଗ୍ରସର ହେଲେ । ପୁରୀରେ ପାଇକମାନେ ଇଂରେଜ ସୈନ୍ୟଙ୍କ ଗତିରୋଧ କରି ପାରିଲେ ନାହିଁ । ଇଂରେଜମାନେ ରାଜା ମୁକୁନ୍ଦଦେବଙ୍କୁ ବନ୍ଦୀ କରି କଟକ ଆଣିଲେ । ୧୮୧୭ ମସିହା ଏପ୍ରିଲ୍ ମାସ ୧୨ ତାରିଖରେ ସାମରିକ ଆଇନ୍ ପ୍ରବର୍ତ୍ତନ କରାଗଲା । କ୍ରମଶଃ ସେ ଆଇନ ପୁରୀ ଓ ପିପିଲିରେ କରାଗଲା । ମେଜର୍ ସାର୍ ଜି.ମାଟିନେଡଲ୍‌ଙ୍କୁ ସାମରିକ କମିଶନର୍ ରୂପେ ନିଯୁକ୍ତ କରାଗଲା । ସେହିବର୍ଷ ଅକ୍ଟୋବର ମାସ ଶେଷ ବେଳକୁ ଇଂରେଜମାନେ ବିଦ୍ରୋହକୁ ସମ୍ପୂର୍ଣ୍ଣ ସ୍ଥାନରେ ଦମନ କରି ଦେଇଥିଲେ । କିନ୍ତୁ ଇଂରେଜ କର୍ତ୍ତୃପକ୍ଷ ଶାନ୍ତିରେ ନିଃଶ୍ୱାସ ମାରି ପାରିଲେ ନାହିଁ । କାରଣ ଜଗବନ୍ଧୁ ବିଦ୍ୟାଧର, କୃଷ୍ଣଚନ୍ଦ୍ର ଭ୍ରମରବର ଓ ସେମାନଙ୍କ ଅନ୍ତରମାନେ ଜଙ୍ଗଲରେ ଆତ୍ମଗୋପନ କରି ରହିଥିଲେ । ପୁଣି କେତେବେଳେ ବିଦ୍ରୋହର ନିଆଁ ଜଳି ଉଠିବ- ଏହି ଭୟରେ କର୍ତ୍ତୃପକ୍ଷ ସବୁବେଳେ ସତର୍କ ହୋଇ ରହିଥିଲେ ।



## ବକ୍ସି ଜଗବନ୍ଧୁ

ବକ୍ସି ଜଗବନ୍ଧୁଙ୍କର ପୁରାନାମ ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାଏ । ତାଙ୍କର ଅନ୍ୟ ନାମ ମଧ୍ୟ ପାଇକ ବକ୍ସି । ଖୋର୍ଦ୍ଧା ମହାରାଜାଙ୍କର ସେନାପତି ଥିଲେ । ଭାରତୀୟ ମୁକ୍ତି ସଂଗ୍ରାମର ଆଦ୍ୟକାଳରେ ସେ ଥିଲେ ଜଣେ ଯୋଦ୍ଧା । ପାଇକ ବିପ୍ଳବୀମାନେ ତାଙ୍କର ନେତୃତ୍ୱରେ ୧୮୧୭ ମସିହାରେ ଫିରିଙ୍ଗି ଶାସନ ବିରୁଦ୍ଧରେ ପାଇକ ବିଦ୍ରୋହ ଆରମ୍ଭ କରିଥିଲେ । ବକ୍ସି ଜଗବନ୍ଧୁଙ୍କର ଜନ୍ମ ୧୭୭୩ ମସିହା ଏବଂ ମୃତ୍ୟୁ ୨୪ ଜାନୁଆରୀ ୧୮୨୯ରେ କଟକରେ ହୋଇଥିଲା । ତାଙ୍କର ପୂର୍ବପୁରୁଷଙ୍କ ଠାରୁ ବଂଶାନୁକ୍ରମେ 'ବକ୍ସି' ଉପାଧି ଲାଭ କରି ଖୋର୍ଦ୍ଧା ରାଜାଙ୍କର ସେନାପତି ଭାବେ ଦାୟିତ୍ୱ ବହନ କରିଥିଲେ । ତାଙ୍କ ପରିବାର ପାଇଁ ଜମି ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷପତ୍ର ସହିତ 'ରରଙ୍ଗ ଜିଲ୍ଲା'ର ଜମିଦାରୀ ପ୍ରଦାନ କରା ଯାଇଥିଲା । ତାଙ୍କର 'ସେରଗଡ଼' ଓ 'ବଡ଼ମ୍ବା' ରାଜାଙ୍କ ସହିତ ବୈବାହିକ ସମ୍ବନ୍ଧ ଥିଲା । ଷ୍ଟାର୍ଲିଂ ସାହେବ ତାଙ୍କର 'ଓଡ଼ିଶା ଇତିହାସ'ରେ ଗୋଟିଏ କିମ୍ବଦନ୍ତୀ ଉପରେ ଭିତ୍ତି କରି ଲେଖିଛନ୍ତି ଯେ, ଜଗବନ୍ଧୁଙ୍କର ଶାରୀରିକ ଗଠନ ସୁନ୍ଦର ଓ ବଳିଷ୍ଠ ଥିଲା ଏବଂ ସେ ଶକ୍ତିମାନ ପୁରୁଷ ଥିଲେ ।



## ପିଣ୍ଡାଳୀ ବାହୁବଳେନ୍ଦ୍ର

ପିଣ୍ଡାଳୀ ବାହୁବଳେନ୍ଦ୍ର ଓଡ଼ିଶାର ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ୧୮୧୭ ପାଇକ ବିଦ୍ରୋହରେ ସେ ବକ୍ସି ଜଗବନ୍ଧୁଙ୍କର ବିଶ୍ୱସ୍ତ ସହଯୋଗୀ ଥିଲେ । ଅନେକ ଚେଷ୍ଟା ପରେ ତାଙ୍କୁ ଇଂରେଜମାନେ କଳାପାଣି ପଠାଇ ଦେଶାନ୍ତର କରିଥିଲେ । ମାତ୍ର ସେ ସେଠାରୁ ଖସି ଚାଲି ଆସିଥିଲେ । ପରେ ତାଙ୍କୁ ହତ୍ୟା କରା ଯାଇଥିଲା ।

## କୃତିବାସ ପାଟଶାଣୀ

କୃତିବାସ ପାଟଶାଣୀ ଓଡ଼ିଶାର ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ୧୮୩୬ ମସିହାରେ ବାଣପୁରରେ ସଶସ୍ତ୍ର ସଂଗ୍ରାମ କରି ତିନିଦିନ ପାଇଁ ଏହାକୁ ସ୍ୱାଧୀନ କରି ଦେଇଥିଲେ । ବାଣପୁର ପାଇକ ବିଦ୍ରୋହରେ ସେ ମୁଖ୍ୟ ନେତା ଥିଲେ । ଆତ୍ମୀୟ ବିଶ୍ୱାସ ଘାତକତା ପାଇଁ ତାଙ୍କୁ ଫାଶୀ ଦିଆ ଯାଇଥିଲା ।

## ଜୟୀ ରାଜଗୁରୁ

ଜୟକୃଷ୍ଣ ରାଜଗୁରୁ ମହାପାତ୍ର ଓଡ଼ିଶାରେ ଜନ୍ମିତ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ଖୋର୍ଦ୍ଧାର ରାଜା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜ ଦରବାରରେ ରାଜକୀୟ ରାଜଗୁରୁ (ପୂଜାରୀ) ହେବା ସହ ରାଜାଙ୍କ ସେନା ବାହିନୀର ମୁଖ୍ୟ ସେନାପତି ଓ ରାଜାଙ୍କ ପ୍ରଶାସନିକ ପ୍ରତିନିଧି ମଧ୍ୟ ଥିଲେ ।

## ଆତ୍ମ ସମୀକ୍ଷଣ

୧୮୧୮ ମସିହାରୁ ଇଂରେଜ ସୈନ୍ୟ ଓ ଆତ୍ମଗୋପନକାରୀ ପାଇକମାନଙ୍କ ମଧ୍ୟରେ ଲୁଚକାଳି ଖେଳ ଚାଲିଲା । ବହୁଦିନ ଜଙ୍ଗଲରେ ଲୁଚି ରହି ସଂଘର୍ଷ କଲା ପରେ ବକ୍ସି ନିଜେ ଆତ୍ମ ସମର୍ପଣ କରିଥିଲେ । ଏହି ବିଦ୍ରୋହରେ ଗୋପର କରୁଣାକର ସର୍ଦ୍ଦାରଙ୍କୁ ବନ୍ଦୀ କରା ଯାଇଥିଲା । କୁଜଙ୍ଗର ନାରାୟଣ ପରମଗୁରୁ ଓ କନିକାର ବାମଦେବ ପାଟଯୋଶୀଙ୍କୁ ଦ୍ୱୀପାନ୍ତର ଏବଂ ଜୟୀ ରାଜଗୁରୁ ଫାଶୀ ପାଇଲେ । ବିପ୍ଳବୀ ବକ୍ସି ଜଗବନ୍ଧୁ ବିଶ୍ୱାସଘାତକତାର ଶିକାର ହୋଇ ମୃତ୍ୟୁବରଣ କଲେ । ପରିଶେଷରେ ମୁକୁନ୍ଦଦେବ ବନ୍ଦୀ ହେଲେ । ଅଳ୍ପ ଅବଧି ହେଉ ପଛେ ପାଇକମାନେ ବହୁତ ସକ୍ରିୟ ଥିଲେ । ଏହା ଓଡ଼ିଶାରେ ନୂଆ କରି ପ୍ରତିଷ୍ଠା ପାଇଥିବା ଇଂରେଜ ଶାସନକୁ ଥରହର କରି ଦେଇଥିଲା ।

## ଶେଷରେ

୨୦୧୭ ମସିହାରେ ପାଇକ ବିଦ୍ରୋହର ଦୁଇଶତ ପୂର୍ତ୍ତି ଅବସରରେ ଖୋର୍ଦ୍ଧା ଠାରେ ଏକ ସ୍ମାରକୀ ନିର୍ମାଣ କରିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ । ୨୦୧୯ ଡିସେମ୍ବର ୮ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପାଇକ ସ୍ମାରକୀ ପାଇଁ ୯.୬୮୫ ଏକର ସ୍ଥାନ ଚିହ୍ନଟ କରାଯାଇଛି ।

ପ୍ରସଙ୍ଗ - ୪




# କୀର୍ତ୍ତିମନ୍ଦିରର ମହାତ୍ମା

# କୀର୍ତ୍ତିମନ୍ଦିର


## ଲକ୍ଷ୍ମୀପ୍ରିୟା ଓଝା

ଟାୱାର୍ - ବି/୪୦୧, ଦି ଆଟ୍‌ଲାଣ୍ଟିକ୍, ମକରପୁରା ରୋଡ୍, ବରୋଦା-୩୯୦୦୧୦, ଗୁଜରାଟ,
ଫୋନ:୭୪୯୦୯୯୬୮୬୫


ଫଟୋ ସୌଜନ୍ୟ : ଗୁଗୁଲ୍





▲ଲେଖିକା ଲକ୍ଷ୍ମୀପ୍ରିୟା ଓଝା

ସମ୍ଭାବ୍ୟ ଦୂରତାରେ ଗାଡ଼ି ରଖି ଏକ ସଂକୀର୍ଣ୍ଣ ଗଳିରେ ପାଦରେ ଚାଲିଚାଲି କିଛିବାଟ ଗଲା ପରେ ଆଖିରେ ପଡ଼େ ସାମ୍ନାରେ ମନମୁଗ୍ଧକର କାରୁକାର୍ଯ୍ୟ ପୂର୍ଣ୍ଣ ଏକ ଭବ୍ୟ ଭବନ । କୌଣସି ଏକ ପ୍ରସିଦ୍ଧ ମନ୍ଦିରର ଧର୍ମଶାଳା ପରି ପ୍ରତୀତ ହୁଏ ବାହାରୁ । ଭବନର କାରୁକାର୍ଯ୍ୟ ପୂର୍ଣ୍ଣ ଶିଖରରେ ଫରଫର ହେଇ ଉଡୁଛି ଭାରତର ତ୍ରିରଙ୍ଗା ପତାକା । ପ୍ରବେଶ ଦ୍ୱାରରେ ସୁନେଲି ଅକ୍ଷରରେ ଲିପିବଦ୍ଧ 'କୀର୍ତ୍ତି ମନ୍ଦିର' । ଗାନ୍ଧିଜୀଙ୍କର ଜନ୍ମସ୍ଥାନ । ମନରୁ ସ୍ୱତଃ ଉଛରି ଆସେ ଶବ୍ଦପୁଞ୍ଜ 'ଆଃ ! ଏତେ ଭବ୍ୟ ବାପୁଙ୍କର ଜନ୍ମସ୍ଥାନ !'

ଗେଟ୍ ପାଖରେ ଚପଲ୍ ଖୋଲି ଭିତରକୁ ଗଲେ ଜଣାପଡ଼େ, ନା ଏ ତ ସଂଗ୍ରହାଳୟଟିଏ । ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଆଗା ଖାଁ ପ୍ୟାଲେସ୍‌ରେ ବନ୍ଦୀର ଜୀବନ ବିତେଇ ସାରି ୧୯୪୪ମସିହାରେ ଗାନ୍ଧିଜୀ ମୁକ୍ତ ହେଲା ପରେ ସ୍ଥାନୀୟ ଲୋକେ ତାଙ୍କ ପାଇଁ ଏକ ସ୍ମାରକୀ ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଯାହାର ଫଳଶ୍ରୁତି ଏ ଭବନ ।

ଏଥିରେ ଅଛି ଗାନ୍ଧିଜୀ ଏବଂ ତାଙ୍କ ପରିବାର ଦ୍ୱାରା ବ୍ୟବହୃତ ଅନେକ ଘରକରଣା ଜିନିଷ, ଆସବାବପତ୍ର, ଗାନ୍ଧିଜୀଙ୍କର ଚଷମା, ତିନି ମାଙ୍କଡ଼, ବିଭିନ୍ନ ସ୍ଥାନରୁ ପ୍ରାପ୍ତ ଅନେକ ଉପଢ଼ୌକନ । ଫଟୋ ଗ୍ୟାଲେରୀରେ ବନ୍ଧେଇ ହେଇ ରହିଛି ଗାନ୍ଧିଜୀଙ୍କର ପାରିବାରିକ ଜୀବନର ସୁଖଦ ମୁହୂର୍ତ୍ତ ସବୁ । ତତ୍‌ସହ ଦେଶବିଦେଶର ଅଗ୍ରଣୀ ରାଜନେତା ଓ ମହାମାନବମାନଙ୍କ ସହ ଆଲୋଚନାର ବିରଳ ଫଟୋସବୁ । ଦେଶର ସାମାଜିକ, ସାଂସ୍କୃତିକ ପରିବର୍ତ୍ତନ ପାଇଁ ପ୍ରଚେଷ୍ଟା, ରାଜନୈତିକ ନିଷ୍ପତ୍ତି, ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧିତ ଘଟଣାର ଅନେକ ଦୁର୍ଲଭ ଫଟୋରେ ବିମଣ୍ଡିତ ଏ ଫଟୋ ଗ୍ୟାଲେରୀ । ଗାନ୍ଧିଜୀଙ୍କ ଦ୍ୱାରା ଲିଖିତ ବା ତାଙ୍କ ଦର୍ଶନ ଉପରେ ଆଧାରିତ ଅନେକ ପୁସ୍ତକ ପୁସ୍ତକ ଭଣ୍ଡାରର ଶୋଭା ମଣ୍ଡନ କରୁଛି ।

ପୋର୍ ବନ୍ଦରର ସେ ସମୟର ପ୍ରଖ୍ୟାତ ବ୍ୟବସାୟୀ ନାନ୍‌ଜୀ ଭାଇ କାଳିଦାସ ମେହେତା ଏବଂ ତାଙ୍କ ଧର୍ମପତ୍ନୀ ଗାନ୍ଧିଜୀଙ୍କର ପୈତୃକ ବାସଗୃହକୁ ଗାନ୍ଧିଜୀ ଏବଂ ତାଙ୍କ ଭାଇଙ୍କ ଠାରୁ କିଣି ନେଇଥିଲେ । କିଣି ନେଲା ପରେ ବାସଗୃହକୁ ସେମିତି ଅକ୍ଷୁର୍ଣ୍ଣ ରଖି ତା ପାଖକୁ ଲାଗି ନିର୍ମାଣ କରିଥିଲେ ଏଇ ଭବ୍ୟ ଭବନଟି । ଏହାର ସ୍ଥପତି ଥିଲେ ପୁରୁଷୋତ୍ତମ ଭାଇ ମିସ୍ତ୍ରୀ । ସେ ଦିନ ରାତି ଏକ କରି ଏହି ଭବନ ନିର୍ମାଣରେ ନିଜକୁ ନିୟୋଜିତ କରିଥିଲେ । ଗାନ୍ଧିଜୀଙ୍କ ଜୀବିତାବସ୍ଥାରେ ୧୯୪୭ ମସିହାରେ ଏହି ଭବନର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଇଥିଲା । ଶିଳାନ୍ୟାସ କରିଥିଲେ ଶ୍ରୀ ଗୋପାଳ ଦାସ ଦେଶାଇ । ୧୯୫୦ ମସିହାରେ ନିର୍ମାଣ କାର୍ଯ୍ୟ ସମାପ୍ତ ହେଲା ବେଳକୁ ଗାନ୍ଧିଜୀ ଇହଧାମ ତ୍ୟାଗ କରି ସାରିଥିଲେ । ଗାନ୍ଧିଜୀଙ୍କର ଅତି ପ୍ରିୟ, ସ୍ୱାଧୀନ ଭାରତର ପ୍ରଥମ ଗୃହମନ୍ତ୍ରୀ ଲୌହପୁରୁଷ ସର୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ଉଦ୍‌ଘାଟିତ ହେଇ ଏହି ଭବନର ନାମ 'କୀର୍ତ୍ତି ମନ୍ଦିର' ରଖା ଯାଇଥିଲା । ଏହି ଭବନ ଗାନ୍ଧିଜୀଙ୍କୁ ସମର୍ପିତ ହେଇ ମିୟୁଜିୟମ୍‌ର ରୂପ ନେଇଥିଲା ଏବଂ ପର୍ଯ୍ୟଟକଙ୍କ ପାଇଁ ଖୋଲି ଦିଆ ଯାଇଥିଲା । ନାନଜୀ ଭାଇଙ୍କୁ ନିଜର

ପୈତୃକ ସମ୍ପତ୍ତି ବିକ୍ରୀ କରିଥିବାର ଗାନ୍ଧିଜୀଙ୍କର ହସ୍ତାକ୍ଷରଯୁକ୍ତ ସେଲ୍‌ଡିଡ୍ ଏଇ ମ୍ୟୁଜିୟମ୍ କାନ୍ଥରେ ଏବେବି ଝୁଲୁଛି । ଭବନଟି ଖୁବ୍ ପରିଷ୍କାର ପରିଚ୍ଛନ୍ନ । ପରିବେଶ ଖୁବ୍ ଶାନ୍ତ ।

ଏହି ଭବନ ଠାରୁ ଭିନ୍ନ ଲାଗୁଥିବା ବାଁ ପଟେ ତିନି ମହଲା ବିଶିଷ୍ଟ ଆଉ ଗୋଟେ କୋଠା । ଲେଖା ଅଛି, 'ପୂଜ୍ୟ ମହାତ୍ମା ଗାନ୍ଧିଜୀ କା ଜନ୍ମସ୍ଥାନ' । ଏଇ ଘରଟିକୁ ଗାନ୍ଧିଜୀଙ୍କର ଜେଜେବାପାଙ୍କ ବାପା ହରଜୀବନ ଭାଇ ଦାସ ଗାନ୍ଧୀ ଏକ ସ୍ଥାନୀୟ ମହିଳାଙ୍କ ଠାରୁ ପ୍ରାୟ ୨୦୦ ଶହ ବର୍ଷ ପୂର୍ବେ କିଣିଥିଲେ । ସମୟାନୁକ୍ରମେ ବଡ଼ ଯୌଥ ପରିବାର ଯୋଗୁଁ ଆବଶ୍ୟକତା ଅନୁସାରେ ଉପର ମହଲା ସବୁ ନିର୍ମାଣ ହେଇଥିଲା ।




ହିଂସାକୁ ଅହିଂସାରେ ଜୟ କରି ବିଶ୍ୱରେ ଭାରତର କୀର୍ତ୍ତି ସ୍ଥାପନ କରିପାରିଥିବା ଯୋଗଜନ୍ମା ପୁରୁଷଙ୍କର ପ୍ରଥମ କୁଆଁ କୁଆଁ ସ୍ୱରରେ ନିନାଦିତ ହେଇଥିଲା ଗୁଜୁରାଟ୍‌ର ପୋର୍ ବନ୍ଦରର ଏଇ ଘର ୨ ଅକ୍ଟୋବର ୧୮୬୯ ମସିହାରେ । ଭାରତର ସାମାଜିକ, ରାଜନୈତିକ ପୃଷ୍ଠଭୂମିର ଅଭୂତପୂର୍ବ ପରିବର୍ତ୍ତନ ଏଇ ପିଲାଟି ଯୋଗୁଁ ଯେ ହେବ, ସେ ସମୟରେ ନା ଜାଣିଥିଲେ ମାତା ପୁତୁଲି ବାଇ ନା ଜାଣିଥିଲେ ବାପା କରମଚାନ୍ଦ ଗାନ୍ଧୀ ନା ପରିବାର ବର୍ଗ । ଗାନ୍ଧିଜୀଙ୍କର ବାଲ୍ୟାବସ୍ଥାର ଚପଳାମୀ, ଆଦ୍ୟ କୈଶୋରର ମଧୁର ସ୍ପର୍ଶ, ଜଣାଅଜଣାରେ କରିଥିବା ଭୁଲ୍, ଭୁଲ୍‌ର ପ୍ରାୟଶ୍ଚିତ, ବଡ଼ଙ୍କ ଅନୁଶାସନରେ ଉକୁଟି ଉଠିଥିବା ଚାରିତ୍ରିକ ଗୁଣର ମୂକ ସାକ୍ଷୀ ଏହି ଜନ୍ମସ୍ଥାନ । ଏଇ ଘରୁ ବାକି ଦୁଇ ଭାଇଙ୍କ ସହ ଗାନ୍ଧିଜୀଙ୍କର ବିବାହ ସମ୍ପନ୍ନ ହେଇଥିଲା ମାତ୍ର ତେର ବର୍ଷ ବୟସରେ । କସ୍ତୁରବାଙ୍କ ସହ ବୈବାହିକ ଜୀବନର ଅୟମାରମ୍ଭ ଏଇ ଘରୁ ।

ଗାନ୍ଧିଜୀ ନିଜ ଜୀବନୀ My experiments with truth' ରେ ଲେଖିଛନ୍ତି ତାଙ୍କ ଜେଜେ, ବାପା ଆଉ ଦାଦା ସମସ୍ତେ ତିନି ପିଢ଼ିରୁ ପ୍ରାଇମ୍ ମିନିଷ୍ଟର୍ ଥିଲେ । ତାଙ୍କର ପିତା ବିଧିବଦ୍ଧ ଭାବରେ ବିଶେଷ ଶିକ୍ଷାପ୍ରାପ୍ତ କରିନଥିଲେ ମଧ୍ୟ ପୋର୍‌ବନ୍ଦର, ରାଜ୍‌କୋଟ୍, ଭେରାବଲ୍ ଆଦିରେ ପ୍ରାଇମ୍ ମିନିଷ୍ଟର୍ ଥିଲେ । ରାଜସ୍ଥାନୀ କୋର୍ଟର ମେମ୍ବର୍ ରହି ଅନେକ ମକଦ୍ଦମାର ସମାଧାନ କରୁଥିଲେ । ସେ ଖୁବ୍ ସଚ୍ଚୋଟ, ନିର୍ଭୀକ ଏବଂ କ୍ଷଣକୋପୀ ଲୋକ ଥିଲେ । ମା' ପୁତୁଲି ବାଇ ଧାର୍ମିକ ସ୍ୱଭାବର ମହିଳା ଥିଲେ । ସେ ଚତୁର୍ମାସ ବ୍ରତ କରି ସୂର୍ଯ୍ୟ ନ ଦେଖିଲା ପର୍ଯ୍ୟନ୍ତ ଖାଦ୍ୟ ଖାଉ ନଥିଲେ । ସେଥିପାଇଁ ଗାନ୍ଧିଜୀ ଏବଂ ତାଙ୍କ ଭାଇମାନେ ଆକାଶକୁ ଅନେଇ ବସୁଥିଲେ । ସୂର୍ଯ୍ୟ ଆସିଲେ ଯାଇ ମା'ଙ୍କୁ ଡାକି ଆଣୁଥିଲେ । କିନ୍ତୁ ମା' ଆସିଲା ବେଳକୁ ଯଦି ସୂର୍ଯ୍ୟ ବାଦଲ ଭିତରେ ଢାଙ୍କି ହେଇ ଲୁଚି ଯାଉଥିଲେ ବା ସାରାଦିନ ଦିଶୁ ନଥିଲେ, ତେବେ ସେଦିନ ସେ ଅନ୍ନ ଜଳ ଗ୍ରହଣ କରୁନଥିଲେ । ଗାନ୍ଧିଜୀ ପୁଣି ଲେଖିଛନ୍ତି ତାଙ୍କ ଜେଜେ ଉତ୍ତମ ଚାନ୍ଦ ଗାନ୍ଧୀଙ୍କ ପ୍ରଥମ ପତ୍ନୀଙ୍କ ଠାରୁ ଚାରି ଓ ଦ୍ୱିତୀୟ ପତ୍ନୀଙ୍କ ଠାରୁ ଦୁଇ ପୁଅ ଥିଲେ । ଏଭଳିକି ଗାନ୍ଧିଜୀଙ୍କର ପିତା ମଧ୍ୟ ଚାରିଥର ବିବାହ କରିଥିଲେ ପତ୍ନୀମାନଙ୍କର ବିୟୋଗ ଯୋଗୁଁ । କିନ୍ତୁ ବଡ଼ଲୋକ ବା ପିଲାମାନଙ୍କ ଭିତରେ ସାବତପଣର ଭାବ ସେ କେବେ ପରିଲକ୍ଷିତ କରିନଥିଲେ । ଏତେ ସବୁ କହିବା ବାହୁଲ୍ୟ, ଗାନ୍ଧିଜୀଙ୍କ









ମୋହନ ଦାସ କରମଚାନ୍ଦ ଗାନ୍ଧି

ଭିତରେ ଥିବା ସଚ୍ଚୋଟତା, ନିର୍ଭିକତା, ଧାର୍ମିକତା, ଦାୟିକତାର ଭିତ୍ତିଭୂମି ପଡ଼ିଥିଲା ଏଇ ଘରୁ । ବିଶ୍ୱ ଯେ ଏକ ପରିବାର- ଏ ଭାବନା ଗାନ୍ଧିଜୀଙ୍କ ଭିତରେ ଉଦ୍ରେକ ହେଇଥିଲା ଏଇ ଘରେ ରହୁଥିବା ବିରାଟ ଯୌଥ ପରିବାର ଭିତରୁ । ଗାନ୍ଧିଜୀଙ୍କର ଏଇ ଚାରିତ୍ରିକ ଗୁଣ ଯୋଗୁଁ ଯେ ସେ ଭାରତର ରାଜନୈତିକ, ସାମାଜିକ, ଧାର୍ମିକ ଅବସ୍ଥାରେ ଅଭୂତପୂର୍ବ ପରିବର୍ତ୍ତନ ଆଣି ପାରିଥିଲେ ଏକଥା ସର୍ବଦା ସ୍ୱୀକାର୍ଯ୍ୟ ।

ଯେଉଁ ସ୍ଥାନରେ ଗାନ୍ଧିଜୀ ଜନ୍ମ ହେଇଥିଲେ ସେଠି ସ୍ୱସ୍ତିକର ଏକ ଚିହ୍ନ ଲାଲ୍ ରଙ୍ଗରେ ଅଙ୍କା ଯାଇଛି । ଉପର କାନ୍ଥରେ ଗାନ୍ଧିଜୀଙ୍କର ଏକ ବିରାଟ ତୈଳ ଚିତ୍ର । ଏହି ତିନି ମହଲା ବିଶିଷ୍ଟ ଭବନରେ ଅନେକ ଛୋଟବଡ଼ କୋଠରୀ । ଯୌଥ ପରିବାରରେ ସ୍ୱତନ୍ତ୍ର କୋଠରୀ ବୋଲି କାହାର ନଥାଏ । ସମସ୍ତ କୋଠରୀରେ ସମସ୍ତଙ୍କର ଅବାଧ ପ୍ରବେଶ ଥାଏ । ସେଥିପାଇଁ




କୋଉ କୋଠରୀ କାହାର ଜଣା ପଡୁନି । ତେବେ ଗାନ୍ଧିଜୀଙ୍କ ପଢ଼ାଘର ଚିହ୍ନିତ ଅଛି । ଉପର ମହଲାକୁ ଯିବା ପାଇଁ ଶିଡ଼ି ଗୁଡ଼ିକ ଖୁବ୍ ଉଚ୍ଚା, ତୀଖ ଏବଂ ଅଣଓସାରିଆ । କାଳେ କେହି ପଡ଼ିଯିବ ବୋଲି ମୋଟା ଦଉଡ଼ିଟିଏ ଝୁଲୁଛି । ତାକୁ ଧରି ଶିଡ଼ି ଚଢ଼ିବାକୁ ପଡ଼େ । ସ୍ଥାନେ ସ୍ଥାନେ କାନ୍ଥରେ ଠଣା ସବୁ ଅଛି ଡିବିରି ଜଳେଇ ଘରକୁ ଆଲୋକିତ କରିବା ପାଇଁ । ପ୍ରାଚୀନ କାଠିଆବାଡ଼ି ଶୈଳୀରେ ଘର କବାଟ, ଝରକା ସବୁ କାଠରେ । ଛାତ ତଳୁଆ ଏବଂ କୋଠରୀ ସବୁ ଛୋଟ ଛୋଟ ।

ମୁଖଶାଳାରେ ଶହେ ଫୁଟ୍‌ର ହନୁମାନଙ୍କର ଭବ୍ୟ ମୂର୍ତ୍ତିକୁ ଦେଖି ଅଭିଭୂତ ହେଇ ପଡ଼ିଲା ପରେ ଗର୍ଭଗୃହରେ ରାମସୀତାଙ୍କର ଦଶ ଫୁଟ୍‌ର ମୂର୍ତ୍ତିଙ୍କ ପାଖରେ ସଭକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରା ଯାଇପାରେ । କିନ୍ତୁ ଆଖି ଚାଲିଯାଏ ଆପେ ଆପେ ମୁଖଶାଳାର ହନୁମାନଙ୍କ ପାଖକୁ । 'କୀର୍ତ୍ତି ମନ୍ଦିର'ର ଭବ୍ୟତା ସାମ୍ନାରେ ଗାନ୍ଧିଜୀଙ୍କ ଏହି ଘର କମ ଉଲ୍ଲସିତ କରିବ । ନିଜ ରୁଚି ଆଉ ଆବଶ୍ୟକତାର ପୂର୍ତ୍ତି ପାଇଁ ଗାନ୍ଧିଜୀଙ୍କର ଏ ବାସଗୃହ ନିର୍ମିତ ହେଇଥିଲା ଦୁଇଶହ ବର୍ଷ ତଳେ । କୀର୍ତ୍ତି ମନ୍ଦିର କିନ୍ତୁ ନିର୍ମିତ ହେଇଛି ପଞ୍ଚସ୍ତରି ବର୍ଷ ତଳେ; ସେ ବି ସ୍ମାରକୀ ରୂପରେ ସଚେତନ ମନର ପରିପ୍ରକାଶ ଭାବେ । ତେଣୁ ଭବ୍ୟତାରେ ପାର୍ଥକ୍ୟ ସୁନିଶ୍ଚିନ୍ତ । କିନ୍ତୁ ଏହା ସହ ମୋତେ ଯାହା





ବେଶୀ ଆନ୍ଦୋଳିତ କଲା ଗାନ୍ଧିଜୀଙ୍କ ଘର କାନ୍ଥରୁ ଠାଏ ଠାଏ ଛାଡ଼ି ଯାଇଥିବା ଚୁନ, ଭାଙ୍ଗି ଯାଇଥିବା ଫ୍ଲୋରିଙ୍ଗ୍, ଖାଁ ଖାଁ ପରିବେଶ । ହୁଏତ ଏହା ମୋର ବ୍ୟକ୍ତିଗତ ଅନୁଭବ । ତେବେ କୋଠରୀଗୁଡ଼ିକରେ ଗାନ୍ଧିଜୀ ଓ ତାଙ୍କ ପରିବାର ଦ୍ୱାରା ବ୍ୟବହୃତ ଜିନିଷ ସବୁ ସଜେଇ ରଖି କିଛି ଭିଜୁଆଲ୍ ଇଫେକ୍ଟ ଦେଲେ ଏକ ଆତ୍ମିକ ଅନୁଭୂତି ଆସନ୍ତା । ଦେଶ ବିଦେଶରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଠିକୁ ପ୍ରତିବର୍ଷ ଆସି ଗାନ୍ଧିଜୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତି, ଜ୍ଞାନ ଅର୍ଜନ କରନ୍ତି, ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଫେରନ୍ତି । ତେଣୁ ଭାରତର ଜାତିର ପିତାଙ୍କ ଜନ୍ମସ୍ଥାନର ମୂଳ ସତ୍ତାକୁ ଅକ୍ଷୁର୍ଣ୍ଣ ରଖି ଆଉ ଟିକେ ଆକର୍ଷଣୀୟ କରା ଯାଇପାରନ୍ତା । ମହାତ୍ମା ଗାନ୍ଧୀଙ୍କର ୭୯ ବର୍ଷ ଜୀବନକୁ ସ୍ମରଣ କରିବା ପାଇଁ ପ୍ରତୀକ ରୂପେ କୀର୍ତ୍ତି ମନ୍ଦିରର ଉଚ୍ଚତାକୁ ୭୯ ଫୁଟ୍ ରଖା ଯାଇଛି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ,ବୌଦ୍ଧ, ଜୈନ, ପାର୍ଶି ଭାରତର ଏହି ୬ଟି ମୁଖ୍ୟ ଧର୍ମର ସ୍ଥାପତ୍ୟ ଶୈଳୀକୁ ନେଇ ସର୍ବଧର୍ମର ସମନ୍ୱୟର ସାକ୍ଷର ବହନ କରି କୀର୍ତ୍ତି ମନ୍ଦିର ଦଣ୍ଡାୟମାନ । କୀର୍ତ୍ତି ମନ୍ଦିର ସତରେ ଦେବତା ନଥିବା ଏକ ମନ୍ଦିର । ଯେଉଁଠି ପୂଜ୍ୟଙ୍କ ପୂଜା ହୁଏ ସମର୍ପିତ ମନରେ ।

ପ୍ରସଙ୍ଗ-୨

# ବନବାସୀ ବିପ୍ଳବୀ



# ସ୍ୱାଧୀନତା ସଂଗ୍ରାମର ସ୍ୱର୍ଣ୍ଣିମ ଶିଖା : ସୋନୁ ମାଝି


## ପ୍ରଦୀପ କୁମାର ମିଶ୍ର

ପୂର୍ବତନ ସଦସ୍ୟ: ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଶାନ୍ତିନଗର ଡି.ଏନ୍.କେ.
ଉମର୍‌କୋଟ୍, ନବରଙ୍ଗପୁର-୭୬୪୦୬୩
ଫୋନ : ୯୪୩୭୫୨୫୧୦୪


ଫଟୋ ସୌଜନ୍ୟ : ଲେଖକ

**ଭାରତର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ବନବାସୀମାନଙ୍କର ଦେଶପ୍ରେମ, ସଂଗ୍ରାମ, ତ୍ୟାଗ ଓ ତିତିକ୍ଷାର କାହାଣୀ ଅଭୂତପୂର୍ବ । ବ୍ରିଟିଶ୍ ଜାତିର ନିର୍ମମ ଶୋଷଣ, ସୀମାହୀନ ଅତ୍ୟାଚାରରୁ ବନବାସୀମାନେ ମଧ୍ୟ ମୁକୁଳି ପାରିନଥିଲେ । ବକ୍‌ସାର ଯୁଦ୍ଧ ପରେ ପରେ ସମଗ୍ର ପୂର୍ବ ଭାରତ ଇଂରେଜମାନଙ୍କର କରଗତ ହୋଇଥିଲା । ବଣ ଜଙ୍ଗଲର ଦୁର୍ଗମ ଇଲାକା ଭିତରେ ପଶି ସେମାନେ ନିରୀହ ବନବାସୀଙ୍କୁ ବିଭିନ୍ନ ଭାବେ ଶୋଷଣ କରିବାକୁ ଲାଗିଲେ । ଫଳସ୍ୱରୂପ ବନବାସୀଙ୍କ ଭିତରେ ବିଦ୍ରୋହର ଦାନା ବାନ୍ଧିବା ଆରମ୍ଭ ହେଲା । ଏହି ବିଦ୍ରୋହର ପ୍ରଥମ ବହ୍ନି ଜଳି ଉଠିଲା ୧୭୭୨ ମସିହାରେ । ଜଟିଳ ଷଡ଼ଯନ୍ତ୍ରକାରୀ ଅତ୍ୟାଚାରୀ ଇଂରେଜ ଜାତି ବିରୋଧରେ ସରଳ ବିଶ୍ୱାସୀ ବନବାସୀ ସଂପ୍ରଦାୟ କ୍ରମେ ଏକଜୁଟ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ବନବାସୀମାନଙ୍କୁ ଏ ଦିଗରେ ସଙ୍ଗଠିତ କରି ଯେଉଁ ବନବାସୀ ନେତାମାନେ ଇତିହାସ ସୃଷ୍ଟି କରିଥିଲେ ସେମାନଙ୍କ ମଧ୍ୟରେ ଶହୀଦ ଲକ୍ଷ୍ମଣ ନାୟକ, ସୋନୁ ମାଝି ଏବଂ ବଗା ପୂଜାରୀ ଭଳି ବୀର ପୁରୁଷ ଏ ମାଟିର ଗର୍ବ ଓ ଗୌରବ । ହେଲେ ଏମାନଙ୍କ ମଧ୍ୟରୁ ବିପ୍ଳବୀ ସୋନୁ ମାଝି ଏକ ଅନାଲୋଚିତ ଅଧ୍ୟାୟ ।**


ଲେଖକ ପ୍ରଦୀପ କୁମାର ମିଶ୍ର

ଭାରତର ସ୍ୱାଧୀନତା ଆନ୍ଦୋଳନର ଇତିହାସ ପାରାୟଣ କଲାବେଳେ ଯେଉଁ କେତେଗୁଡ଼ିଏ ଘଟଣା ଆମ ହୃଦୟକୁ ଆଲୋଡ଼ିତ କରେ, ତନ୍ମଧ୍ୟରୁ ବନବାସୀମାନଙ୍କର ଦେଶପ୍ରେମ, ସଂଗ୍ରାମ, ତ୍ୟାଗ ଓ ତିତିକ୍ଷାର କାହାଣୀ ଅନ୍ୟତମ । ବ୍ରିଟିଶ୍ ଜାତିର ନିର୍ମମ ଶୋଷଣ, ସୀମାହୀନ ଅତ୍ୟାଚାରରୁ ବନବାସୀମାନେ ମଧ୍ୟ ମୁକୁଳି ପାରିନଥିଲେ । ବକ୍‌ସାର ଯୁଦ୍ଧ ପରେ ପରେ ସମଗ୍ର ପୂର୍ବ ଭାରତ ଇଂରେଜମାନଙ୍କର କରଗତ ହୋଇଗଲା । ବଣ ଜଙ୍ଗଲର ଦୁର୍ଗମ ଇଲାକା ଭିତରେ ପଶି ସେମାନେ ନିରୀହ ବନବାସୀଙ୍କୁ ବିଭିନ୍ନ ଭାବେ ଶୋଷଣ କରିବାକୁ ଲାଗିଲେ । ଫଳସ୍ୱରୂପ ବନବାସୀଙ୍କ ଭିତରେ ବିଦ୍ରୋହର ଦାନା ବାନ୍ଧିବା ଆରମ୍ଭ ହେଲା । ଏହି ବିଦ୍ରୋହର ପ୍ରଥମ ବହ୍ନି ଜଳି ଉଠିଲା ୧୭୭୨ ମସିହାରେ । ଭାରତର ପୂର୍ବାଞ୍ଚଳ ବିଦ୍ରୋହ ମଧ୍ୟରେ ନେତୃତ୍ୱ ନେଇଥିଲେ ସିଦ୍ଧୁ ଓ କାହ୍ନୁ ନାମକ ଦୁଇଭାଇ । ଏହି ବିଦ୍ରୋହରେ ହଜାର ହଜାର ବନବାସୀ ମୃତ୍ୟୁବରଣ କରିଥିଲେ । ୧୮୧୭ ବେଳକୁ ଘୁମସର ଅଞ୍ଚଳରେ କନ୍ଧମାନଙ୍କ ବିଦ୍ରୋହ ଏବଂ ପାଇକ ବିଦ୍ରୋହର ନିଆଁ ବନାଗ୍ନି ଭଳି ବ୍ୟାପିବାକୁ ଲାଗିଲା । ଯାହାକୁ ୧୮୫୭ ପର୍ଯ୍ୟନ୍ତ ଇଂରେଜମାନେ ବିଭିନ୍ନ ଉପାୟରେ ଦମନ କରିବା ପାଇଁ ଲାଗି ପଡ଼ିଥିଲେ । ତତ୍କାଳୀନ ମଧ୍ୟପ୍ରଦେଶ ଏବଂ ବର୍ତ୍ତମାନର ଛତିଶଗଡ଼ର ବସ୍ତର ଅଞ୍ଚଳର ଧ୍ରୁର୍ବା ରାଓ ନେତୃତ୍ୱରେ ମାରିଆ ଜନଜାତିର ଆନ୍ଦୋଳନ ସେତେବେଳେ ବ୍ରିଟିଶ୍ ଜାତିକୁ ଭୀତତ୍ରସ୍ତ କରି ପକାଇଥିଲା । ୧୮୫୭ ଭାରତର ପ୍ରଥମ ଜାତୀୟ ଆନ୍ଦୋଳନକୁ ବିଭିନ୍ନ ଷଡ଼ଯନ୍ତ୍ର କରି ଯଦିଓ ସେମାନେ ଦମନ କରିଦେଲେ; ତଥାପି ଏହି ନିଆଁ ପୁରା ମାତ୍ରାରେ ବନବାସୀ ଇଲାକାରୁ ନିର୍ବାପିତ ହୋଇନଥିଲା । ଏହାର କାରଣ ଥିଲା ବନବାସୀଙ୍କୁ ମାତ୍ରାଧିକ ଶୋଷଣ, ବେଠିବଗାରୀ ପ୍ରଥା ମାଧ୍ୟମରେ ଅତ୍ୟାଚାର, ୧୮୭୮ ମସିହାର ଜଙ୍ଗଲ ଆଇନ ଦ୍ୱାରା ବନବାସୀଙ୍କୁ ଜଙ୍ଗଲ ଅଧିକାରରୁ ବଞ୍ଚିତ କରିବା, ୧୮୭୧ ମସିହାର ଜନଜାତି ଅପରାଧ ଆଇନ ଦ୍ୱାରା କେତେକ ଜନଜାତିକୁ ଜନ୍ମଜାତ ଅପରାଧୀ ଭାବେ ଘୋଷଣା କରିବା ଆଦି କଳା ଆଇନ ବନବାସୀଙ୍କୁ ବିଭିନ୍ନ ସମୟରେ ରକ୍ତମୁଖା କରିଥିଲା । ଫଳସ୍ୱରୂପ ମୁଣ୍ଡା ଜନଜାତିର ଆନ୍ଦୋଳନ ଥିଲା ସବୁଠାରୁ ଭୟଙ୍କର । ସେହିପରି ଭାବେ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ମୁଣ୍ଡା ଜନଜାତିର ଆନ୍ଦୋଳନ, ୧୯୧୪ରେ ଜତରା ଓରାଓଁ ନେତୃତ୍ୱରେ ଓରାଓଁ ଜନଜାତିର ବିଦ୍ରୋହ ଥିଲା ଅନ୍ୟତମ ।

ଇଂରେଜମାନେ ସାରା ଭାରତକୁ ଶାସନାଧୀନ କରିବା ପରେ ୧୮୦୩ରେ ଓଡ଼ିଶା ଅଧିକାର କଲେ । ତାର ମାତ୍ର ୧୫ ବର୍ଷ ପରେ ସର୍ବପ୍ରଥମେ ଓଡ଼ିଶାରେ ବନବାସୀମାନେ ହିଁ ଇଂରେଜଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଥିଲେ । ସେତେବେଳେ ଓଡ଼ିଶାର ଦକ୍ଷିଣ ପଶ୍ଚିମାଂଶରେ ଅବସ୍ଥିତ ଅବିଭକ୍ତ କୋରାପୁଟ ମଧ୍ୟ ବାଦ୍ ପଡ଼ିନଥିଲା । ମହାତ୍ମାଗାନ୍ଧୀଙ୍କ ଆଇନ ଅମାନ୍ୟ-ଆନ୍ଦୋଳନ ପରେ ପରେ ଗାନ୍ଧି ଆଦର୍ଶବାଦରେ ପ୍ରଭାବିତ ହୋଇ ରାଧାକୃଷ୍ଣ ବିଶ୍ୱାସରାୟ, ସଦାଶିବ ତ୍ରିପାଠୀ ଓ ରାଧାମୋହନ ସାହୁ, ବିଶ୍ୱନାଥ ପଟ୍ଟନାୟକ ଓ ମହମ୍ମଦ ବାଜୀ, ଲକ୍ଷ୍ମୀ ଚନ୍ଦ୍ର ଦାଶ, ସୀମାଞ୍ଚଳ ବେହେରା, ଜଗନ୍ନାଥ ତ୍ରିପାଠୀ, ରବି ସିଂ ମାଝି, ମାଧବ ପ୍ରଧାନୀ, ଆନ୍ନାଜୀ ରାଓ, ସଦାନନ୍ଦ ମହାନ୍ତି, ସ୍ୱାଧୀନତା ଆନ୍ଦୋଳନକୁ କୋରାପୁଟ ଜିଲ୍ଲାରେ ବ୍ୟାପକ କରିଥିଲେ । ସେମାନଙ୍କର ନିଷ୍ଠାପର ଉଦ୍ୟମ, ସାଙ୍ଗଠନିକ ଦକ୍ଷତା ଯୋଗୁଁ ସ୍ୱଳ୍ପ ସମୟ ମଧ୍ୟରେ ଅଖ୍ୟାତ ବନବାସୀ ପଲ୍ଲୀ ପର୍ଯ୍ୟନ୍ତ ଗାନ୍ଧୀଙ୍କ ବାର୍ତ୍ତା ପହଞ୍ଚିଗଲା । ଜଟିଳ ଷଡ଼ଯନ୍ତ୍ରକାରୀ ଅତ୍ୟାଚାରୀ ଇଂରେଜ ଜାତି ବିରୋଧରେ ସରଳ ବିଶ୍ୱାସୀ ବନବାସୀ ସଂପ୍ରଦାୟ କ୍ରମେ ଏକଜୁଟ୍ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ବନବାସୀମାନଙ୍କୁ ଏ ଦିଗରେ ସଙ୍ଗଠିତ କରି ଯେଉଁ ବନବାସୀ ନେତାମାନେ ଇତିହାସ ସୃଷ୍ଟି କରିଥିଲେ



ସେମାନଙ୍କ ମଧ୍ୟରେ ଶହୀଦ ଲକ୍ଷ୍ମଣ ନାୟକ, ସୋନୁ ମାଝି ଏବଂ ବଗା ପୂଜାରୀ ଭଳି ବୀର ପୁରୁଷ ଏ ମାଟିର ଗର୍ବ ଓ ଗୌରବ । ହେଲେ ଏମାନଙ୍କ ମଧ୍ୟରୁ ବିପ୍ଳବୀ ସୋନୁ ମାଝି ଏକ ଅନାଲୋଚିତ ଅଧ୍ୟାୟ ହୋଇ ଏ ମାଟିରୁ ବିଦାୟ ନେବାର ବହୁ ବର୍ଷ ପରେ ଆମେ ତାଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କଲା ବେଳେ ତାଙ୍କ ତୁଙ୍ଗ ବ୍ୟକ୍ତିତ୍ୱର ବହୁ ଅଜ୍ଞାତ ଅଧ୍ୟାୟ ଉନ୍ମୋଚିତ ହେଉଛି ।

## ସୋନୁ ମାଝିଙ୍କ ଅଭ୍ୟୁଦୟ

ଊନବିଂଶ ଶତାବ୍ଦୀ ବେଳକୁ ଦକ୍ଷିଣ ଓଡ଼ିଶାର ବହୁଭାଗ ମାଡ୍ରାସ ପ୍ରେସିଡେନ୍ସିର, ବିଶାଖାପାଟଣା ଜିଲ୍ଲା ଅନ୍ତର୍ଭୁକ୍ତ ଥିଲା । ଜୟପୁର ଇଷ୍ଟେଟ୍ ବା ଜମିଦାରୀ ଥିଲା ସୂର୍ଯ୍ୟବଂଶର ରାଜା ତୃତୀୟ ବିକ୍ରମ ଦେବଙ୍କର ଶାସନାଧୀନ ।

ତାଙ୍କ ରାଜତ୍ୱ କାଳରେ ଜୟପୁର ଜମିଦାରୀ ଅନ୍ତର୍ଗତ ନବରଙ୍ଗପୁର ତାଲୁକାର ଡାବୁଗାଁ ପୂର୍ବ ଦକ୍ଷିଣ ଦିଗରେ, ବଣ ପାହାଡ଼ ଘେରା ଶ୍ୱାପଦଶଙ୍କୁଳ ଏକ ବନବାସୀ ପଲ୍ଲୀ କୁସୁମବନ୍ଧ ଗ୍ରାମରେ ଏକ ଭତରା ପରିବାରରେ ଦୀନୁ ମାଝିଙ୍କ ଘରେ ୧୯୧୯ ମସିହା, ବୈଶାଖ ମାସ କୃଷ୍ଣ ଅମାବାସ୍ୟା (ବକୁଳ ଅମାବାସ୍ୟା) ଦିନ ଜନ୍ମ ଗ୍ରହଣ କରିଥିଲେ ।

ସେତେବେଳର ସମୟ ଥିଲା ଅରାଜକତାର ସମୟ । ଦ୍ୱୈତ ଶାସନର ଜୁଲମ୍ । ଗୋଟିଏ ପଟେ ଜୟପୁର ଜମିଦାରୀର ଶୋଷଣ ଅନ୍ୟପଟେ ଇଂରେଜ । ନାୟକ, ଗଣ୍ଡା, ଚାଲାଣଙ୍କ ରାଜସ୍ୱ ଆଦାୟରେ ଅମାନୁଷିକ ନିର୍ଯ୍ୟାତନା ଓ ଶୋଷଣ, ଅପର ପକ୍ଷରେ ଇଂରେଜ ଅଧୀନସ୍ଥ ପୋଲିସ୍, ଜମାନ୍, ଫରେଷ୍ଟ, ଆର.ଆଇ, ଅମିନଙ୍କ ଜୋର୍‌ଜୁଲମ୍ କର ଆଦାୟରେ ବନବାସୀ ଅଣନିଶ୍ୱାସୀ ହୋଇ ପଡ଼ିଲେ । ବେଠିବଗାରି, ହାଟ ପାହାରି, ଘର ଛପର, ଗାଁ ଖେଦା, ଗଡ଼ମା ପ୍ରଥା ଆଦି କଳଙ୍କିତ ଶାସନ ବ୍ୟବସ୍ଥାରେ ବନବାସୀଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଥିଲା । ଖୁବ୍ ନିକଟତର ଏସବୁ ସୋନୁ ମାଝି ଦେଖି ନିଜକୁ ଧିକ୍କାର କଲେ । ତାଙ୍କୁ ଯେତେବେଳେ ୧୯ ବର୍ଷ ଅନ୍ୟାୟ ବିରୋଧରେ ଲଢ଼ିବାକୁ ତାଙ୍କ ଅନ୍ତରାତ୍ମାରେ ବିଦ୍ରୋହର ନିଆଁ ଜଳି ଉଠିଲା । ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବାକୁ ସେ ନିଷ୍ପତ୍ତି ନେଲେ । ଠିକ୍ ସେତିକି ବେଳେ ସେ ସଂଗ୍ରାମୀ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ସଂସ୍ପର୍ଶରେ ଆସିଲେ ।

## ସୋନୁ ମାଝୀଙ୍କ ଲୋହିତ ସଂକଳ୍ପ

ତରୁଣ ସୋନୁ ମାଝୀଙ୍କ ଚେତନାଗ୍ନିରେ ଦେଶପ୍ରେମର ଘୃତ ଢାଳିଲେ, ଶ୍ରୀ ଲକ୍ଷ୍ମୀଚନ୍ଦ୍ର ଦାସ । ଏହି ସମୟ ଭିତରେ ପ୍ରାୟ ୧୯୩୦ ରୁ ୧୯୩୪ ମଧ୍ୟରେ ନବରଙ୍ଗପୁର ତହସିଲରେ କାମ କରୁଥିବା କିରାଣୀ ରାଧାକୃଷ୍ଣ ବିଶ୍ୱାସରାୟ ଚାକିରି ତ୍ୟାଗ କରି ଗୋପବନ୍ଧୁ ଚୌଧୁରୀଙ୍କ ନିର୍ଦ୍ଦେଶରେ ଚାରି ଅଣିଆ ସଭ୍ୟ ହେଲେ । ହୁମା ଲବଣ ସତ୍ୟାଗ୍ରହରେ ଯୋଗ ଦେଇ କାରାବରଣ କଲେ । ଚାରିବର୍ଷ ପରେ ଜେଲ୍‌ରୁ ଫେରି ପୁନଶ୍ଚ ସ୍ୱାଧୀନତା ଆନ୍ଦୋଳନକୁ କୋରାପୁଟ ଅଞ୍ଚଳରେ ତୀବ୍ର କଲେ । ତାଙ୍କ ସହ ଯୋଗ ଦେଲେ, ରାଧାମୋହନ ସାହୁ ଓ ସଦାଶିବ ତ୍ରିପାଠୀ । ଚାହୁଁ ଚାହୁଁ ଆନ୍ଦୋଳନ ନିଆଁ ଭଳି ବନବାସୀ ଅଞ୍ଚଳ ଯାଏଁ ବ୍ୟାପିଗଲା । ସେହି ସମୟରେ ଏହି ଦେଶପ୍ରେମୀମାନଙ୍କ ନେତୃତ୍ୱରେ ପ୍ରାୟ ୨୬୯୦୦ ଜଣ ବ୍ୟକ୍ତି କଂଗ୍ରେସର ଚାରିଅଣିଆ ସଭ୍ୟ ହୋଇ ଗାନ୍ଧୀ ଗୁମାସ୍ତା ବୋଲାଇଲେ । ସୂତା କାଟିଲେ, ନିଜ ହାତରେ ଲୁଗା ବୁଣିଲେ । ଗାନ୍ଧିଜୀଙ୍କ ପ୍ରଦର୍ଶିତ ଏକାଦଶ ବ୍ରତ ପାଳନ କରି ସ୍ୱାଧୀନତା ଆନ୍ଦୋଳନକୁ ବ୍ୟାପକ କଲେ ।




## କଂଗ୍ରେସକର୍ମୀ ସୋନୁ ମାଝି

ସେଦିନ ଥିଲା ୧୯୩୫ ମସିହା ଜାନୁଆରୀ ମାସ ୨୬ ତାରିଖ, ଡାବୁଗାଁ ନିକଟବର୍ତ୍ତୀ ଅଙ୍ଗୀନଦୀ କୂଳରେ ଥିବା କଂଗ୍ରେସ କାର୍ଯ୍ୟାଳୟ ଆଗରେ ରୁଣ୍ଡ ହୋଇଥିଲେ ୫୦୦୦ ବନବାସୀ । ସଂଗ୍ରାମୀ ସଦାଶିବ ତ୍ରିପାଠୀ କଂଗ୍ରେସ ପତାକା ଉତ୍ତୋଳନ କଲେ । ଲକ୍ଷ୍ମୀଚନ୍ଦ୍ର ଦାଶ ଦେଶୀଆ ଭାଷାରେ ଏହି ଦିନର ଗୁରୁତ୍ୱ ବିଷୟରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଲେ । ଏଥିରେ ବିଶେଷ ଭାବେ ପ୍ରଭାବିତ ହେଲେ ସୋନୁ ମାଝି । ସେ ସେଦିନ ହିଁ କଂଗ୍ରେସର ଚାରିଅଣିଆ ସଭ୍ୟ ହେଲେ । ତାଙ୍କ ସହ ଖଡ଼କାଇର ସୁନା ମାଝି, ଗରୁଡ଼ଗୁଡ଼ାର ରାଇଧର ଜାନୀ ମଧ୍ୟ ଡାବୁଗାଁ ପ୍ରାଥମିକ କଂଗ୍ରେସ କମିଟିର ସଭ୍ୟ ହେଲେ ।

ସାଧାରଣ ବନବାସୀ ଯୁବକ ସୋନୁ ମାଝି କ୍ରମେ ପାଲଟି ଗଲେ ଜଣେ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀ ଓ ନିଷ୍ଠାପର କଂଗ୍ରେସ କର୍ମୀ । ଦୀର୍ଘ ଏକ ବର୍ଷ (୧୯୩୭-୩୮) ଡାବୁଗାଁ ଅଞ୍ଚଳର ବିଭିନ୍ନ ଗାଁକୁ ଯାଇ କଂଗ୍ରେସର ବାର୍ତ୍ତା ପ୍ରଚାର କରିବା ସହ ସ୍ୱରାଜ୍ୟ ଆଣିବାର ବିଭିନ୍ନ କଥା କହିଲେ । ଗାଁ ଗାଁରେ କଂଗ୍ରେସର ୪ ଅଣିଆ ସଭ୍ୟ ସଂଗ୍ରହ କରିବାକୁ



ଉତ୍କର୍ଷ ଆମ ମାଟିର ସ୍ୱର

ଲାଗିଲେ । ତାଙ୍କ ଉଦ୍ୟମରେ ବହୁ ବନବାସୀ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ । ସୋନୁ ମାଝି ଥିଲେ ଅତ୍ୟନ୍ତ ସହିଷ୍ଣୁ, କଂଗ୍ରେସର ନିଷ୍ଠାପର କର୍ମୀ, ପ୍ରଥମ ଶ୍ରେଣୀର ସଙ୍ଗଠକ, ନିର୍ଭୀକ ଓ ସତ୍ୟବାଦୀ ।

ସେତେବେଳେ ସାରା ଓଡ଼ିଶାରେ କୋରାପୁଟ ଜିଲ୍ଲାର ସ୍ୱାତନ୍ତ୍ର୍ୟ ଥିଲା ନିଆରା । କୋରାପୁଟର ଗାନ୍ଧୀ ଭାବେ ପରିଚିତ ରାଧାକୃଷ୍ଣ ବିଶ୍ୱାସରାୟଙ୍କ ନେତୃତ୍ୱରେ ଜୟପୁର ଠାରୁ ୧୦କି.ମି. ଦୂରରେ ଥିବା ନୂଆପୁଟ ଗ୍ରାମ ନିକଟରେ ପ୍ରବାହିତ ହେଉଥିବା କୋଲାବ ଓ ସତୀନଦୀର ସଙ୍ଗମରେ ୩୫୦ଜଣ କଂଗ୍ରେସ କର୍ମୀଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହାକୁ ବରୀ ଆଶ୍ରମ ଢାଞ୍ଚାରେ ଗଢ଼ିବାକୁ ଶ୍ରୀ ବିଶ୍ୱାସରାୟ ଚାହିଁଥିଲେ । ଏହି ତାଲିମ ଶିବିରରେ ନେତୃତ୍ୱ ନେଇ ବହୁ ବନବାସୀଙ୍କ ସହ ସୋନୁ ମାଝି ଯୋଗ ଦେଇଥିଲେ । ତାଙ୍କ ସହ ଅନ୍ୟ ବିଶିଷ୍ଟ ବ୍ୟକ୍ତିଗଣ ହେଲେ, ସଦାଶିବ ତ୍ରିପାଠୀ, ଲକ୍ଷ୍ମୀଚନ୍ଦ୍ର ଦାସ, ରଘୁନାଥ ଚୌଧୁରୀ, ଜି.ଆନ୍ନାଜୀ ରୋ, ମହମ୍ମଦ ବାଜୀ, ଆନନ୍ଦ ବେହେରା, ଚୈତନ୍ୟ ସାଠିଆ, ମାଧବ ପ୍ରଧାନୀ, ଭଦ୍ର ମାଝି, ରାଇଧର ଜାନୀ । ଏହି ତାଲିମ ଶିବିରର ଆଭିମୁଖ୍ୟ ସମ୍ପର୍କରେ ରାଧାକୃଷ୍ଣ ବିଶ୍ୱାସରାୟ ଲେଖନ୍ତି– "କଂଗ୍ରେସ ସଙ୍ଗଠନକୁ ଯେଉଁ ସୁଦୃଢ଼ କରିବା ଯୋଜନା କଲା ତାକୁ କାର୍ଯ୍ୟକାରୀ କରିବାରେ ମନଯୋଗ ଦେଲି । ମୋର ନିଜ ବାସସ୍ଥାନ ନୂଆପୁଟ ଗ୍ରାମରେ ଏକ କର୍ମୀ ତାଲିମ କେନ୍ଦ୍ରର ପରିକଳ୍ପନା ହେଲା ।

ଦୁଇମାସ ଖଣ୍ଡେ ସରିକି କର୍ମୀ ତାଲିମ ପ୍ରାପ୍ତ ହେଲେ । ସେମାନଙ୍କୁ ହିନ୍ଦୁସ୍ଥାନ ସେବାଦଳର ଟ୍ରେନିଂରେ ଲାଠିଚାଳନା, ସେବା ଦଳର ମାର୍ଚ୍ଚିଂ କରି ଗାଁ ଗଣ୍ଡା ବୁଲିବା, ଗ୍ରାମ ସଫେଇ, ଉନ୍ନତ ଧରଣର ଚାଷ, ଗ୍ରାମବାସୀଙ୍କ ରୋଗ ବେମାର କାରଣ ବୁଝି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ନିୟମାବଳୀ ଜାଣି ରଖିବା– ରାଜନୀତିରେ ପ୍ରାଥମିକ ଜ୍ଞାନ ସେ ସମ୍ବନ୍ଧରେ ପାଠପଢ଼ା, ବିଶିଷ୍ଟ ନେତାମାନଙ୍କୁ ଡକାଇ ଶିକ୍ଷାଦାନ ଆଦି ଦିଆ ଯାଇଥିଲା (ରାଧାକୃଷ୍ଣ ବିଶ୍ୱାସରାୟଙ୍କ ସ୍ୱହସ୍ତ ଲିଖିତ ପାଣ୍ଡୁଲିପି)

## ଅନନ୍ୟ ସଂଗ୍ରାମୀ ସୋନୁ ମାଝି

ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ନୂଆପୁଟ ପାଲଟିଗଲା ଏକ ପୁଣ୍ୟ ତୀର୍ଥ । ସୋନୁ ମାଝି ଏଠାରୁ ତାଲିମ ନେଇ ପାଲଟି ଗଲେ ପ୍ରଚଣ୍ଡ ଦେଶପ୍ରେମୀ, ଦକ୍ଷ ସଂଗଠକ ଓ ବ୍ରିଟିଶ୍ ଶାସନ ବ୍ୟବସ୍ଥାର ନିର୍ଭୀକ ସମାଲୋଚକ । ୧୯୩୮ ବେଳକୁ ସେ ଗାଁ ଗାଁ ବୁଲି ୨୦୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ସଂଗ୍ରହ କରି ପାରିଥିବାରୁ ତାଙ୍କୁ କୋରାପୁଟ ଜିଲ୍ଲା ତଥା ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା ।




ଅଖ୍ୟାତ ପଲ୍ଲୀ କୁସୁମବନ୍ଧରୁ ତ୍ରିପୁରା କଂଗ୍ରେସ ଅଧିବେଶନ ଯାଏଁ ସବୁଠି ସୋନୁ ମାଝି ହୋଇଗଲେ ଜଣେ ଚର୍ଚ୍ଚିତ ଚେହେରା । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ କୋରାପୁଟ କଂଗ୍ରେସ କମିଟିର ସଭ୍ୟ ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ, ସଦାଶିବ ତ୍ରିପାଠୀ, କପିଳ ପାତ୍ର, ନୀଳକଣ୍ଠ ପାତ୍ର, ଲକ୍ଷ୍ମୀ ଚନ୍ଦ୍ର ଦାଶ, ମହମ୍ମଦ ବାଜି, ସନୁ ମାଝି ଓ ପ୍ରହ୍ଲାଦ ପାଣିଗ୍ରାହୀ ଆଦି ୨୬ (ଛବିଶ) ଜଣ ସଭ୍ୟଙ୍କୁ ତ୍ରିପୁରା ମହାସଭାକୁ ସଭାପତି ନିର୍ବାଚନରେ ଭାଗ ନେବା ପାଇଁ ୨୦.୦୧.୧୯୩୯ ଦିନ କଟକରେ ପହଞ୍ଚି ସେଠାରୁ ତ୍ରିପୁରା ଯାତ୍ରା ଆରମ୍ଭ କଲେ ।

୧୯୩୯ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଇଂରେଜ ପକ୍ଷର ପ୍ରଭୁତ କ୍ଷତି ଘଟିଲା । ଏହାକୁ ଭରଣା କରିବା ପାଇଁ ଭାରତବାସୀଙ୍କ ଠାରୁ ଅଧିକ କର ଆଦାୟ କରିବା ପାଇଁ ଇଂରେଜ ସରକାର ନିଷ୍ପତ୍ତି ନେଲେ । କଂଗ୍ରେସ ମହାସଭା ଓ ମହାତ୍ମାଗାନ୍ଧୀ ଏହାର ଦୃଢ଼ ପ୍ରତିବାଦ କଲେ । ଗାନ୍ଧିଜୀଙ୍କ ଆହ୍ୱାନରେ ଏହାର ବିରୋଧ କରି ବ୍ୟକ୍ତିଗତ ସତ୍ୟାଗ୍ରହ ପାଇଁ ୧୧୦ ଜଣ କଂଗ୍ରେସ କର୍ମୀ କୋରାପୁଟ ଜିଲ୍ଲାରୁ ମନୋନୀତ ହେଲେ । ସୋନୁ ମାଝି ଥିଲେ ଏଥିରେ ଜଣେ ଅଗ୍ରଣୀ ସତ୍ୟାଗ୍ରହୀ । ୧୯୪୧ ମସିହା ଜାନୁଆରୀ ମାସରେ ତତ୍କାଳୀନ ଡେପୁଟି ମାଜିଷ୍ଟ୍ରେଟ୍ ସୋମନାଥ ମିଶ୍ର ନବରଙ୍ଗପୁର ଠାରେ ଏହାର ବିଚାରଣା କରି ସୋନୁ ମାଝିଙ୍କୁ ୬ ମାସ ଜେଲ୍ ଓ ସଜା ୫୦ ଜୋରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳସ୍ୱରୂପ ୨୯.୦୧.୧୯୪୧ଦିନ ସୋନୁ ମାଝିଙ୍କୁ ନବରଙ୍ଗପୁର ଜେଲ୍‌ରୁ କୋରାପୁଟ ଜେଲ୍‌କୁ ସଜା ଭୋଗିବାକୁ ସ୍ଥାନାନ୍ତର କରି ଦିଆଗଲା । ଯାହାକି ନିର୍ମମ ନିର୍ଯ୍ୟାତନା, ମାନବୀୟ, ନୃଶଂସତାର ଏକ କଳଙ୍କିତ କାରାଗାର ଥିଲା । ଏହି ଜେଲ୍‌ର ଦଣ୍ଡ ବ୍ୟବସ୍ଥା ଥିଲା ଅତ୍ୟନ୍ତ କଠୋର । ଥରେ ସେଠାରେ ଜେଲ୍ ଭୋଗୁଥିବା କଂଗ୍ରେସ କର୍ମୀ ସତ୍ୟାଗ୍ରହୀ ଗଙ୍ଗାଧର ଜୋଲା ଓ ସତ୍ୟାଗ୍ରହୀ ଠାକୁର ଦାଶ ଜେଲ୍‌ରେ ଦିଆ ଯାଉଥିବା ଗନ୍ଧିଆ ମାଣ୍ଡିଆଚୁନା ରୁଟି ଖାଇବାକୁ ମନା କରିବାରୁ ଜେଲର୍ କୁଳମଣି ଦାଶ ରଗିଯାଇ ଦୁହିଁଙ୍କୁ ଭୀଷଣ ଭାବେ ମାଡ଼ ମାରିଲେ । ଏହାର ପ୍ରତିବାଦ କଲେ ସୋନୁ ମାଝି । ଫଳରେ ତାଙ୍କୁ ମଧ୍ୟ ମାଡ଼ ମାରି ଲଣ୍ଡା କରି ଦିଆଗଲା । ଏହାର ପ୍ରତିବାଦ କରି ଜେଲ୍‌ରେ ଥିବା ସବୁ ସତ୍ୟାଗ୍ରହୀ ନଖାଇ ପ୍ରାୟ ୮୦୦ ଜଣ ତିନିଦିନ କାଳ ଅନଶନରେ ବସି ରହିଲେ । ଯଦ୍ୱାରା ଜେଲ୍‌ରେ ପ୍ରଚଳିତ ବ୍ୟବସ୍ଥାର ପରିବର୍ତ୍ତନ ହେଲା । ଅନ୍ୟାୟ ବିରୋଧରେ ପ୍ରତିବାଦ କରିବାରେ ସୋନୁ ମାଝି ଥିଲେ ଜଣେ ଅନନ୍ୟ ସଂଗ୍ରାମୀ ।



## ଶେଷ ସଂଗ୍ରାମ

୧୯୪୨ ମସିହାରେ ସୋନୁ ମାଝି ଜେଲ୍‌ରୁ ଖଲାସ ହେବା ପରେ ୩୧.୦୭.୧୯୪୨ ଦିନ ଜୟପୁର କଂଗ୍ରେସ ଅଫିସ୍‌ରେ ଡାବୁଗାଁ ପ୍ରାଥମିକ କଂଗ୍ରେସର ସଭାପତି ଭାବେ ମନୋନୀତ ହେଲେ ଏବଂ ରାଜତନ୍ତ୍ର ଓ ଗୋରା ସରକାର ବିରୋଧରେ ଲଢ଼େଇ କରିବାକୁ ଶପଥ ନେଲେ । ସେଦିନ ହିଁ ସୋନୁ ମାଝି ଡାବୁଗାଁ ଫେରି ନିଜ ସ୍ତ୍ରୀ ସୁମତୀ (କେହି କେହି ତାକୁ ଗୁରୁବାରୀ ବି କହନ୍ତି)ଙ୍କ ସହ ରାତି ରାତି ଗାଁ ଗାଁ ବୁଲି ହାତରେ କଂଗ୍ରେସ ପତାକା ଧରି ସଭା ସମିତି କରି ଲୋକମାନଙ୍କୁ ଇଂରେଜ ବିରୋଧରେ ଲଢ଼େଇ କରିବାକୁ ମତାଇଲେ । ବିଭିନ୍ନ କର ଦେବାକୁ ମନା କରିଦେଲେ । ତାଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହେଇ ନବରଙ୍ଗପୁରର ସ୍ପେଶାଲ୍ ଅଫିସର୍ ପ୍ରଫୁଲ୍ଲ କୁମାର ତ୍ରିପାଠୀ ସୋନୁ ମାଝୀଙ୍କୁ ବିରୋଧ କରିବାକୁ ଡାବୁଗାଁ ଥାନା ବାବୁଙ୍କୁ ଆଦେଶ ଦେଲେ । ହେଲେ ସୋନୁଙ୍କୁ ଧରିବା ପୋଲିସ୍ ପକ୍ଷରେ ସହଜ ହେଲା ନାହିଁ ।

ଏହି ସମୟରେ ଭାରତ ଛାଡ଼ ଆନ୍ଦୋଳନର ଡାକ ଅଗଷ୍ଟ ୯,୧୯୪୨ ମସିହା ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ସାରା ଦେଶରେ ତୁଙ୍ଗନେତା ଗଣ ଆନ୍ଦୋଳନ କରି ଗିରଫ ହେଲେ । କୋରାପୁଟରେ ବି ରାଧାକୃଷ୍ଣ ବିଶ୍ୱାସରାୟ ଗିରଫ ହୋଇ ଜେଲ୍ ଗଲେ । ଅଗଷ୍ଟ ୧୩ରୁ ୨୪ଯାଏଁ ନବରଙ୍ଗପୁର ତାଲୁକାରେ ବନବାସୀଗଣ ଏହି ଆନ୍ଦୋଳନକୁ ତୀବ୍ର କଲେ । ଜଙ୍ଗଲରେ ଲୁଚି ଛପି ରହି ଏହାର ନେତୃତ୍ୱ ନେଇଥିଲେ ସୋନୁ ମାଝି । ଏ ସଂପର୍କରେ ଏକ ବିବରଣୀ ତତ୍କାଳୀନ କୋରାପୁଟ ଜିଲ୍ଲା ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ଏଫ୍.ଏଫ୍.ଗିଲ୍ ନିମ୍ନୋକ୍ତ ପ୍ରକାରେ ପ୍ରଦାନ କରିଥିଲେ:

On 13.08.42 Lakshmi Chandra Das of Nabarangpur Visited Dabugam and informed Sonu Majhi to break law. At the same time he instigated to damage soraguda Birdge and Jatabal Bridge. Sonu Majhi visited the villages and preached people to cut down trees as a result of which in almost all the villages of Ekamba, Chacharaguda, Patri, Dabugam with mob damaged the sleepers stocked by H.D.R.Company.

ସାରା ଦେଶରେ ଭାରତ ଛାଡ଼ ଆନ୍ଦୋଳନର ହାୱା କୋରାପୁଟରେ ଅନୁଭୂତ ହେଲା । ୧୯.୦୮.୧୯୪୨ ଦିନ ରାତିରେ ଡାବୁଗାଁର ସଂଗ୍ରାମ ମହମ୍ମଦ ବାଜୀ ଓ ଗରୁଡ଼ଗୁଡ଼ା ଗାଁରୁ ରାଇଧର ଜାନୀଙ୍କୁ ଗିରଫ କରି ଆଣିବା ବେଳେ ପୋଲିସ ମାଡ଼ରେ ମହମ୍ମଦ ବାଜୀଙ୍କର ଦୁଇ ପଞ୍ଜରା ହାଡ଼ ଭାଙ୍ଗି ଯାଇଥିଲା । ଏହା ଶୁଣିବା ପରେ ସୋନୁ ମାଝୀ ଉତ୍‌କ୍ଷିପ୍ତ ହୋଇ ସରାଗୁଡ଼ା କାଠ ପୋଲ ଓ ଜଟାବାଲ୍ କାଠପୋଲ୍ ଭାଙ୍ଗିବା ସହ ବହୁ ଗଛ ହାଣି ରାସ୍ତା ଅବରୋଧ କଲେ । ଏହି ଅପରାଧରେ ଡାବୁଗାଁ ଥାନାରେ ୨୦.୦୮.୧୯୪୨ରେ ୩୦ ନମ୍ବର କେସ୍ ଓ କଟାବାଲ୍ ପୋଲ ଭାଙ୍ଗିବାରେ ୩୪ ନମ୍ବର କେସ୍ ଦାୟର କରି, ସୋନୁ ମାଝୀଙ୍କୁ ଭାରତୀୟ ଦଣ୍ଡବିଧି ସଂହିତାର ବିଭିନ୍ନ ଦଫାରେ ଅଭିଯୁକ୍ତ କରି ପୋଲିସ୍ ସୋନୁ ମାଝିଙ୍କୁ ଖୋଜିବାକୁ ଲାଗିଲା । (କାଶୀନାଥ ମିଶ୍ରଙ୍କ ତଥ୍ୟ) ମକଦ୍ଦମା ଦାୟର କଲା ପରେ ପୋଲିସ୍ ଆଖିରେ ଧୂଳି ଦେଇ ଓ ଫଟାଗାଁର ଅର୍ଜ୍ଜୁନ ଘାଟିକୁ ଧରି ପାରିଲେ ନାହିଁ । ୨୦.୦୮.୪୨ରୁ ୦୭.୧୦.୪୨ଯାଏଁ ଏମାନେ କଳାହାଣ୍ଡି ଜିଲ୍ଲାର କାଉଡାଲା ଠାରେ ଆତ୍ମଗୋପନ କରିଥିଲେ । ବ୍ରିଜ୍ ଭାଙ୍ଗିବା, ଥାନା ପୋଡ଼ିବା ଓ ଟେଲିଫୋନ୍ ତାର ଛିଣ୍ଡାଇ ସେ ବ୍ରିଟିଶ୍ ସରକାରକୁ ଅଣନିଶ୍ୱାସୀ କରିଦେଲେ । ପୋଲିସ୍ ଆଖିରୁ ନିଦ ହଜେଇ ଦେଲେ ଦିନରେ ଘଞ୍ଚ ଜଙ୍ଗଲରେ ହନୁ ଭଳି ଲୁଚି ରହିବା ଓ ରାତିରେ ଗାଁ ଗାଁ ବୁଲି ସଭା ସମିତି କରି ଏକଜୁଟ କରିବାରେ ସେ ଥିଲେ ବେଶ୍ ଧୂରୀଣ । ଏଣୁ ଏ ଅଞ୍ଚଳର ଲୋକେ ତାଙ୍କ ସଂପର୍କରେ କହୁଥିଲେ, 'ଦିନରେ ହନୁ ରାତିରେ ସୋନୁ ।' ତାଙ୍କ ଦେଶପ୍ରେମ ଓ ସଙ୍ଗଠନ ଶକ୍ତିରେ ବିଚଳିତ ହୋଇ ଗୋରା ସରକାର ତାଙ୍କୁ ଦେଶଦ୍ରୋହୀ ଘୋଷଣା କଲେ । ତାଙ୍କ ମୁଣ୍ଡ ଓ ବାମ ହାତର କାଣି ଆଙ୍ଗୁଠି ପାଇଁ ଅର୍ଥ ପୁରସ୍କାର ଘୋଷଣା କଲେ । ହେଲେ ଦିନ ଦିନ ଧରି ପୋଲିସ୍‌କୁ ଚକ୍‌ମା ଦେଇ ସୋନୁ ମାଝି ତାଙ୍କ ସଂଗ୍ରାମ କାର୍ଯ୍ୟକଳାପ ଜାରି ରଖିଲେ । ବହୁ ତ୍ୟାଗ ଓ ବଳିଦାନ ପରେ ୧୯୪୭ଅଗଷ୍ଟ ୧୫ ତାରିଖ ଦିନ ଦେଶ ସ୍ୱାଧୀନ ହେବା ଖବର ନିଜ ସ୍ତ୍ରୀଙ୍କ ଠାରୁ ଶୁଣି ବେଶ୍ ଆନନ୍ଦ ଲାଭ କଲେ ଏବଂ ନିଜ ଭିଟାମାଟିକୁ ଫେରିଲେ ।

## ବେସାଲିସ୍ ସଂଗ୍ରାମୀଙ୍କ ଇତିକଥା

ହେଲେ ଦୁର୍ଭାଗ୍ୟର ବିଷୟ ଯେଉଁ ସଂଗ୍ରାମୀଙ୍କ ତମାମ୍ ଜୀବନର ବଳିଦାନରେ ଏ ମାଟି ଗୌରବାନ୍ୱିତ ହେଲା ସେ କ୍ରମେ ସମସ୍ତଙ୍କ ପାଇଁ ଅଲୋଡ଼ା ହୋଇଗଲେ । ସରଳ, ନିଷ୍କପଟ ବନବାସୀ, କୁଟିଳ ରାଜନୀତିର ପଶାପାଲିରେ ଗୋଟି ଚଳାଇବାକୁ ପସନ୍ଦ କଲେ ନାହିଁ । ଗାନ୍ଧୀ ଆଦର୍ଶରେ ବଞ୍ଚିବାକୁ ଶ୍ରେୟ ମଣିଲେ । ଫଳରେ ଦାରିଦ୍ର୍ୟ ଓ ଅନାଟନରେ ସେ ଓ ତାଙ୍କ ପରିବାର, ସ୍ୱାଧୀନତା ପରେ ବି ୪୪ବର୍ଷ ଦୁଃଖ ଓ ନିର୍ଯାତନାରେ ସଢ଼ିଲେ । ଶେଷରେ ୧୯୯୧ ଅଗଷ୍ଟ ୬ ତାରିଖ ଭାରତ ଛାଡ଼ ଆନ୍ଦୋଳନର ୩ଦିନ ଆଗରୁ ଶେଷ ନିଃଶ୍ୱାସ ତ୍ୟାଗ କଲେ । ତାଙ୍କ ମୃତ୍ୟୁରେ ବନବାସୀ କୁଳ ସମେତ ସାଥୀ ଓ ସଂଗ୍ରାମୀ ଆଖିରୁ ଲୁହ ଝରିଲା, କିନ୍ତୁ ଜାତୀୟ ଆନ୍ଦୋଳନରେ ଜଣେ ଅଗ୍ରଣୀ ବୀର ପୁରୁଷଙ୍କୁ ଇତିହାସରେ ଯେଉଁ ସ୍ଥାନ ମିଳିବା କଥା ତାହା ଅଦ୍ୟାବଧି ହୋଇ ପାରିନି । ଏହା ହିଁ ଏ ଜାତିର ବିଡ଼ମ୍ବନା । ଯଦି ତାଙ୍କୁ ତାଙ୍କ ବେସାଲିସ୍ ସଂଗ୍ରାମ, ତ୍ୟାଗ ଓ ସ୍ୱାଭିମାନର ଜୀବନ୍ତ ଗାଥାକୁ ଆମେ ଭବିଷ୍ୟ ପୀଢ଼ିକୁ ନଜଣାଇବା ତେବେ ସମୟ ଆମକୁ କ୍ଷମା ଦେବ ନାହିଁ । ଆସନ୍ତୁ, ମାନବିକତାର ଆହ୍ୱାନରେ ତାଙ୍କ ନିଃସ୍ୱାର୍ଥପର ଦେଶପ୍ରେମକୁ ସ୍ମରଣ କରିବା । ତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରାୟଶ୍ଚିତ କରିବା ଫଳରେ ଆରପାରିରେ ତାଙ୍କ ଆତ୍ମା ଶାନ୍ତି ପାଇବ ଏବଂ ଜଣେ ବୀର ପୁରୁଷ ପାଇଁ ଏହା ହିଁ ହେବ ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି ।


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସର
ମଡେଲ୍ : ରୋହିମା ନିଶା
ଫଟୋଗ୍ରାଫି: ଆଶିଷ ଗିରି
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍
ଶିକ୍ଷା : ସମାଜ ବିଜ୍ଞାନରେ ସ୍ନାତକୋତ୍ତର
ବୃତ୍ତି : ଲୋକ ସମ୍ପର୍କ ଅଧିକାରୀ : ଅଦାନୀ
ମେକ୍ଅପ୍ : ନିଶା ନିଶୁ
ସ୍ଥାନ : ବାରିପଦା

ଲେଣ୍ଡର

# ଅଗଷ୍ଟ - ୨୦୨୧

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

୧୫/୦୮/୨୦୨୧ : ସ୍ୱାଧୀନତା ଦିବସ
୨୦/୦୮/୨୦୨୧ : ମହରମ
୨୨/୦୮/୨୦୨୧ : ଗହ୍ମାପୂର୍ଣ୍ଣିମା ଓ ରାକ୍ଷୀବନ୍ଧନ
୨୯/୦୮/୨୦୨୧ : ଖୁଦୁରୁକୁଣୀ ଓଷା
୩୦/୦୮/୨୦୨୧ : ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

## ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | | | | | | |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

## ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

## ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

## ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

## ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

# ନୀରା କିଏ ଓ କାହିଁକି ?

## ନୀରା ଏକ ଅସମ୍ପୂର୍ଣ୍ଣ ଉପନ୍ୟାସ:ଅକ୍ଷୟ ବେହେରା

ଗତ ବର୍ଷ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ସମୟରେ ଗୃହବନ୍ଦୀ ଜୀବନ..କିଛି ପଢିବାରେ ଆଗ୍ରହ ନାହିଁ, କିଛି ବି ଲେଖି ହୁଏନା..

ଏଇ ଦୁର୍ବିସହ ସମୟ ଖଣ୍ଡରେ ଜୀବନ ଭୟ ଆଶଙ୍କା ଉଦ୍‌ବେଗ ଦେଇ କଟେ.. ପାରିପାର୍ଶ୍ୱିକତା ତ ଆହୁରି ଭୟଙ୍କର.. ସମଗ୍ର ମାନବ ସମାଜ ମୃତ୍ୟୁର ତାଣ୍ଡବ ଲୀଳାରେ ସ୍ତବ୍ଧ..

ସାରା ଦିନ ଟ୍ରେନ୍‌ରେ ବସିଲା ପରି ଘର ଭିତରେ ଏ ଘର ସେ ଘର ଅସ୍ଥିର ପଦପାତ ଅଥଚ ପହଞ୍ଚେନା ଇପ୍‌ସିତ ଷ୍ଟେସନ.. ପୁରୁଣା କାଗଜ, ରାଇଟିଙ୍ଗ୍ ପେଡ୍ ସଜାଡୁ ସଜାଡୁ ମିଳେ ବହୁବର୍ଷ ତଳର ଅନେକ ପୂର୍ଣ୍ଣଅପୂର୍ଣ୍ଣ କବିତା..ଅନେକ ବି ଅସଜଡ଼ା..ଏ ସବୁ କବିତା ପଛରେ କିଏ ଆସିଛି, କାହାକୁ ମୁଁ ଆଙ୍କିଛି ଶବ୍ଦର ପୁଟ ଦେଇ କିଛି ମନେ ପଡେନା..

ବାର ବାର ପଢ଼ିଲି, ସ୍ଥାନ କାଳ ପାତ୍ର ସବୁ ଅସ୍ପଷ୍ଟ..କିନ୍ତୁ ମନେ ହେଲା ସେ ନିଶ୍ଚୟ କବିତା ଯୋଗ୍ୟ ନାୟିକା ଯାହାକୁ ମୁଁ ଭେଟିଛି କେଦାରଗୌରୀ କୁଣ୍ଡରେ, ଛାଇଛାଇ ମାଈ ଅନ୍ଧାରରେ, କେବେ ସୂର୍ଯ୍ୟ ବୁଡିଗଲା ବେଳେ, ତାଙ୍କୁ ବି ଭେଟିଛି ଆସନ୍ନ ସଂଜରେ, ପାର୍କର ଗହଳି ଭିତରେ ନଡ଼ିଆ ବାହୁଙ୍ଗା ଫାଙ୍କରେ ଜହ୍ନ ଉଙ୍କି ମାରୁଥିଲା ବେଳେ ଟିପେ ଟିପେ ଦୂରତାରେ..କେବେ ଚାଲିଛି ପାର୍କର ସରୁ ବାଟରେ ତାଙ୍କ ସହ ପାଦ ମିଳେଇ..ଛାତିର ସ୍ପନ୍ଦନ ବାରିବାରି..

ତାଙ୍କୁ ବି ଭେଟିଛି ସୃଜନ ମେଳାରେ, ଗହଳି ଭିତରେ ସେ ଯେବେ ଉଇଁ ଆସନ୍ତି ସାରା ଆକାଶ ଚକିତ ଦେଖି ତାଙ୍କ ରୂପ ସମ୍ଭାର- କିଏ ଏ ନାରୀ, କିଏ ଯାଙ୍କ ସଂସାର ନାଉରୀ, କାହାର ଏ ପୁଣି ପ୍ରେୟସୀ !

ସେ କାହାକୁ ଖୋଜନ୍ତି ଆଗ ଧାଡିରେ, ମଝି ଧାଡ଼ିରେ ତ ତାଙ୍କୁ ପାଇଯାନ୍ତି ସବା ପଛ ଧାଡ଼ିରେ, ବସନ୍ତି ପାଖକୁ ଆଉଜିଲା ପରି ।

ଗୋଟେ କବିତାରେ ବି ଥାଏ କେଉଁ ସମ୍ବୋଧନରେ ଡାକିବି ତୁମକୁ ତ ଦିନେ ଡାକିଦିଏ ପ୍ରିୟ ନାରୀ, କେବେ ପ୍ରିୟ ସହଚରୀ, କେବେ କଲ୍ୟାଣୀ ତ ପୁଣି କେବେ ରାଗିଣୀ.. କେବେ କବିତା..

ଏମିତି କେତେ କେତେ ନାମ ଧରି ଅଥଚ କିଛି ସମ୍ବୋଧନ ବି ସ୍ଥିର ହୋଇ ରହି ପାରେନା..ଅଥଚ ଦିନେ ଏଇ କରୋନା କାଳରେ ସ୍ୱତଃ ବାହାରି ଆସେ 'ନୀରା'- ନୂଆ ରୂପରେ, ନୂଆ ମନରେ..

ଗୋଟେ କବିତାରେ ଥାଏ- ସେ ଦିନେ ପ୍ରିୟ ଅତିଥିଙ୍କ ପାଇଁ ନାନା ବ୍ୟଞ୍ଜନର ପ୍ରସ୍ତୁତିରେ ବ୍ୟସ୍ତ ଥିଲେ.. 'ମୋର ସେ ସୌଭାଗ୍ୟ କାହିଁ' କହିଦେଲି ତ ଉତ୍ତରରେ ସେ କହିଥିଲେ, ଆର ଜନ୍ମରେ ପରସି ଦେବେ ମନଭରି..ମୁଁ କହିଛି – 'ଆର ଜନ୍ମ ପାଇଁ ତୁମେ ତ ପକ୍ଷୀ ଜନ୍ମ ଇଚ୍ଛିଛ ଆଉ ମୁଁ ପ୍ରଭୁଙ୍କ ବେଢାରେ ହେବି ତୁଳସୀ, ଆମର ଆଉ ଆର ଜନ୍ମରେ ଭେଟ କେମିତି !

ଗୋଟେ କବିତାରେ ଥାଏ- ସେ ଆସିଥିଲେ ମୋତେ ଭେଟିବାକୁ ଗ୍ରୀଷ୍ମ ଶେଷେ ଆଦ୍ୟ ଆଷାଢ଼ରେ କୃଷ୍ଣଚୂଡ଼ାର ସମ୍ଭାର ନେଇ, ହାତରେ ପୂଜା ବେଲ ପତ୍ର, ଆଖିରେ ସତୃଷ୍ଣ ଚାହାଣି ଭରି, ମୁଁ କାଳେ ତାଙ୍କ ପାଖେ ଛିଡା ହୋଇଥିଲି ସତେ ଦିନହୀନ ଏକ ଅକିଞ୍ଚନ ପରି ।

ଗୋଟେ କବିତାରେ ଥାଏ- ତାଙ୍କର ଜଣେ ପରମ ପ୍ରିୟ ମଣିଷଟିଏ ଥିଲେ ଯାହାଙ୍କୁ ସେ ଖୁବ୍ ଭଲ ପାଉଥିଲେ ଅଥଚ ତାଙ୍କ ପାଇଁ ପିନ୍ଧି ପାରି ନାହାନ୍ତି ଶଙ୍ଖା ସିନ୍ଦୂର ତ ଝୁରି ହେଉଛନ୍ତି ଉତ୍ତର ଯୌବନରେ.. ଏବଂ ତାଙ୍କ ପାଖକୁ ନେଇ ଯାଇଛି ଦୂତ ପରି ଚିଟାଉ.. ଦୂତ ପରି ଯାଇ ତାଙ୍କ ପ୍ରିୟ ମଣିଷଙ୍କୁ ଚିଠି ଦେଇ ଫେରିଛି ତ ସେ କିଛି ନ କହିବା ଯେତିକି ବାଧିନି ଚିଠି ବଦଳରେ ସନ୍ଦେଶଟିଏ ତାଙ୍କ ପାଇଁ ନ ଆଣି ଫେରିବା ବେଶି ବାଧିଛି..

ଏମିତି ଆଉ ଗୋଟେ କବିତାରେ ଥାଏ- ଅସୁଖୀ ନାରୀଟିଏ, କେଉଁଆଡ଼େ ଚାଲିଯାଏ ଖରାବେଳ ଡାକରାରେ ସଂସାରକୁ ପଛ କରି ତ ସ୍ୱତଃ ଲେଖି ହୋଇଯାଏ- "ବେଳ କାଳ ଭଲ ନାହିଁ / କେଉଁ ଆଡେ ଚାଲିଯାଅ ରାଗିଣୀ / ଖରା ବେଳ ଭାରି ଅସହିଷ୍ଣୁ ପଡୋଶିନୀ / ଜ୍ୱାଳା ତା'ର ସହି ହୁଏ ନାହିଁ ।"

## ଜାଣେ

### ଅକ୍ଷୟ ବେହେରା

କେତେ ଏକା ଏକା ସମୟ
ଘେରି ରହିଛି ବିଷାଦ ବଳୟ
ଯେଉଁଠି ରହିଲେ ବି
ହୃଦୟରୁ ଝରୁଛି ଠୋପା ଠୋପା
କେବେ ଲହୁ ତ କେବେ ଲୁହ

ଛାତିର କୋରଡ଼ରେ
ବସା ବାନ୍ଧିଛି ସେ ଏକ୍‌ଲା ପକ୍ଷୀଟି
ଯିଏ ଏବେ କାହାର ନୁହଁ

ସେ ଏମିତି ଏକ କ୍ଷତ
ଦୃଶ୍ୟ ହୁଏ ନାହିଁ ସିନା
ସଦା ଆଖିରେ ପ୍ରତିଫଳିତ

ସେ ଏକ ଏମିତି ବେଦନା ଜର୍ଜରିତ ପ୍ରାଣ
ଅହରହ ଝୁରୁଥାଏ
ଗଲା ଯିଏ ଅଫେରା ରାଇଜ

ସେ ଏମିତି ଏକ ଅଶ୍ରୁ
ସଦା ଢଳଢଳ ପ୍ରତିଟି ରାତିର
ନିଃସଙ୍ଗ ବେଳାରେ
ପୋଛିବାକୁ କେହି ନାହିଁ
ନିଜ ହାତ ବି ପୋଛି ପାରେ ନାହିଁ

ସେ ଏମିତି ଏକ ନିଷ୍ଠୁର ବିଚ୍ଛେଦ
ସଦା ଛାଇ ପରି ସାଥେ ଧରି
ବାଟ ଚାଲିଲେ ବି
କେବେ ହୁଏ ନାହିଁ ଅନ୍ତ...

ସେ ଏମିତି ଏକ ଅଭାଗିନୀ ମନ
କାହାର ସାନ୍ତ୍ୱନା କି ସହାନୁଭୂତିରେ
ଟିପେ ଘୁଞ୍ଚେ ନାହିଁ ମନରୁ ବିଷାଦ

କେବଳ ଗୋଟିଏ ହିଁ ସତ୍ୟ
ବାଛି ନେବାକୁ ନିଜ ପାଇଁ
ନୂଆ କରି ଜିଇବାର ପଥ
ଯାହା ଏବେ ତମ ଉପଲବ୍ଧିର
ଦ୍ୱାରଦେଶରେ କଲାଣି ମୃଦୁ କରାଘାତ

ନୀରା
ତାକୁ ଅକୁଣ୍ଠରେ ସ୍ୱାଗତ କର...

♥ ଏମ୍‌ଆଇଜି ୬୫/୫, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର-୭୫୧୦୧୬
ଫୋନ: ୯୪୩୭୨୭୯୯୪୧

ଏଇ କେତୋଟି କବିତା ପରେ ଆଉ କିଛି ନ ଥାଏ, ସେ ନାରୀ ନ ଥାଏ, କେଉଁଠି ସେ ନିରୁଦ୍ଦେଶ ହୋଇଯାନ୍ତି ତ କାହିଁକି କେଦାର ଗୌରୀ କୁଣ୍ଡ,ପାର୍କର ନଡ଼ିଆ ବାହୁଙ୍ଗା ଫାଙ୍କରେ ଜହ୍ନ, ପାର୍କର ସିମେଣ୍ଟ୍ ବେଞ୍ଚରେ ଅସ୍ପଷ୍ଟ ସେ ନାରୀ କେବେ ଭୁଲି ହେଉ ନଥାଏ ତ ଲେଖିଥିବା ଏସବୁ କବିତା କେଉଁଠି କାଗଜପତ୍ରର ଗହଳି ଭିତରେ ହଜିଯାଏ ତ ଏଇ କରୋନା କାଳରେ ପୁରୁଣା କାଗଜ ଘାଣ୍ଟୁ ଘାଣ୍ଟୁ ମିଳିଯାଏ..

ମନରେ ଆସିଲା: ଏମାନେ ପୁଣି ଫେରିଲେ କାହିଁକି ? କେଉଁଠି ପଢ଼ିଥିଲି ଠିକ୍ ସେ ମନେନାହିଁ– ତାହା ପ୍ରେମ ଯାହା ହଜି ଯାଇ ପୁଣି ଫେରିଆସେ.. ସେମିତି ଲାଗିଲା ମୋତେ– ସେ କଣ ଫେରି ଆସୁଛନ୍ତି ଉଡି ଯାଇଥିବା ଭଲ ପାଇବା ନୀଡ଼କୁ ଅତୀତର ସ୍ମୃତିମାନଙ୍କୁ ସାଥିରେ ନେଇ...

ଗତବର୍ଷ ମାର୍ଚ୍ଚ ବାଇଶିରୁ ଲକ୍‌ଡାଉନ୍ ପରେ ଘରର ଛାତ ଖଣ୍ଡିକ ଥିଲା ଗୃହବନ୍ଦୀ ଜୀବନର ସାହାରା.. ସେଠି ଥାଏ ଏକ ନିଃସଙ୍ଗ ଖରାବର୍ଷା ଖିଆ ଖଟ..ସେଇଠି ବସେ, ଆକାଶକୁ ମୁହଁ କରି ଶୁଏ, ଜହ୍ନ ତାରା ସହ ସଂଜରୁ କେତେ ରାତି ଯାଏଁ ଭାବ ଯୋଡ଼ିଲା ପରେ ଦିନେ ଫେରେ ସେଇ ବହୁବର୍ଷର ପୁରୁଣା କବିତା ନୂଆ ରୂପରେ, ନୂଆ ଭାବ ଓ ଭାବନାରେ..ତାପରେ ଓହ୍ଲେଇ ଆସନ୍ତି କବିତା ପରେ କବିତା.. ପାରିପାର୍ଶ୍ୱିକ କରୋନାର ତାଣ୍ଡବକୁ ନେଇ ଆରମ୍ଭ ହୁଏ କବିତା ସେଇ ଅସ୍ପଷ୍ଟାଙ୍କୁ ଉପଜୀବ୍ୟ କରି.. ପରେପରେ ଫିଟି ପଡେ ସତେ ଏକ ଶାନ୍ତ ସ୍ନିଗ୍ଧ କବିତାର ଝରଣା..ଅଥଚ ମୋତେ ହିଁ ଉଭୟ ନାରୀ ଓ ପୁରୁଷ ଦୁଇଟି ଭୂମିକା ନିଭେଇବାକୁ ପଡେ ଯେମିତି ହୋଇଛି ଅନ୍ୟ ସଂକଳନମାନଙ୍କରେ..

କବିତାରେ ମୋର ସେମିତି ହିଁ ହୁଏ ଯେମିତି ହୋଇଛି 'ଯେତେସବୁ ଗୋପନୀୟ', 'ପଥେପଥେ ପଥଚାରୀ', 'ଦିନ ପରେ ଦିନ', 'ଏ କୂଳ ସେ କୂଳ'ରେ.. ସବୁ ଯେମିତି ଏକ ଏକ ଅସମ୍ପୂର୍ଣ ଉପନ୍ୟାସ..ସବୁ କାବ୍ୟରେ ଥାଏ ମାତ୍ର ଦୁଇଟି ଚରିତ୍ର.. ଗୋଟେ ନାରୀ ଗୋଟେ ପୁରୁଷ.. ପ୍ରକୃତିର ଲୀଳାଖେଳା, ଜହ୍ନ, ତାରା, ଆକାଶ, ବଉଦ, ବଗିଚାର ଫୁଲ, ସବୁଜ ଗାଲିଚା, ଆଖପାଖ ଗଛବୃଛ, ବାଟଘାଟ, ସମୁଦ୍ର ଉପନ୍ୟାସର ଗୋଟେ ଗୋଟେ ପାର୍ଶ୍ୱ ଚରିତ୍ର..

ସେ ଦିନରୁ ବର୍ଷାଧିକ କାଳ, ଗଲା ବର୍ଷ କରୋନାରୁ ଏ ବର୍ଷର ଲକ୍‌ଡାଉନ୍ ଜୀବନ ପର୍ଯ୍ୟନ୍ତ କବିତା ସରୁନି କି କେବେ ସରିବ,ମୁଁ ସନ୍ଦିହାନ..

*ଦୁଇ ଜୁଲାଇ ରାତି ଗୋଟେ ତେର*
*ତିନି ଜୁଲାଇ ରାତି ବାରଟା ପଚିଶ*



▶ ଫଟୋ ଅକ୍ଷୟ ବେହେରା

ସମ୍ପ୍ରତିକ କବିତା

# ରକ୍ତରାଗ

## କେ.ଶ୍ୟାମବାବୁ ଦୋରା

ସଞ୍ଜ ସଙ୍ଗୀତର ସ୍ୱର ?: ଲାଲ୍
ମଧୁଶାଳାର ମହକ ?: ଲାଲ୍
ନୀଳ ଆଲୋକର ରଙ୍ଗ ?: ଲାଲ୍
ଜହ୍ନରାତିର ସ୍ୱାଦ ?: ଲାଲ୍

ବାଉଳା ପବନର ବାସ୍ନା ?: ଲାଲ୍
ଏକ୍ଲା ରାସ୍ତାର ଆତଙ୍କ ?: ଲାଲ୍
ଫ୍ରକ୍ ପଛେପଛେ ପିଛା କରୁଥିବା ଛାଇ ?: ଲାଲ୍
ତିନି ଛାଇର ତିନି ଯୋଡ଼ା ଆଖି ?: ଲାଲ୍

ଛଅ ଆଖିର ତିନି ହଳ ପାଦ ?: ଲାଲ୍
ଛଅ ପାଦର ଛଅ ପଟ ହାତ ?: ଲାଲ୍
ଖଣ୍ଡ ବିଖଣ୍ଡିତ ଖେଳନାର ଦେହ ?: ଲାଲ୍
କଅଁଳ ଯୋନିରୁ ସ୍ରାବଣିତ ସୁଖ ?:ଲାଲ୍

ନିର୍ଦ୍ଦୟ ନିଆଁରେ ନିର୍ଯ୍ୟାତିତ ସ୍ୱପ୍ନ ? : ଲାଲ୍
ନ୍ୟାୟ ନିବେଦିତ ଫାଇଲ୍‌ର ପାଦ ? : ଲାଲ୍
ବିଚାରର ବିଚାରର ବିଚାରର ବିଚାର ?: ଲାଲ୍
ଲାଲ୍ ସମୁଦ୍ରର ଅସରନ୍ତି ଶୋଷ ? : ଲାଲ୍

ଲାଲ୍ ମାନେ ?:ଲାଲ୍ !
ଲାଲ୍ କ'ଣ ?: ଲାଲ୍ ?

♥ ଜନାନା ହସପିଟାଲ୍ ରୋଡ୍
ବ୍ରହ୍ମପୁର-୭୬୦୦୦୧
ଫୋନ:୭୦୦୮୯୨୩୨୯୬



▶ ଫଟୋ କେ. ଶ୍ୟାମବାବୁ ଦୋରା



ଫଟୋ ରାମକୃଷ୍ଣ ସାହୁ

# ସ୍ୱାଧୀନତା

## ରାମକୃଷ୍ଣ ସାହୁ

ଜେଲ୍ କାନ୍ଥ ଭଙ୍ଗା ହେଲା ବୋଲି ତ
ରାସ୍ତା ସାରା ଏତେ ନାଚ ଗୀତ
ଏତେ ଜାଗଜମକ
ତା ସହିତ ଜୋର୍ ଜୁଲୁମ୍ ବି
ଏ ପ୍ରାଚୀନ ପ୍ରସ୍ତର କାନ୍ଥ ଭାଙ୍ଗିବାକୁ
କିଏ ଓ କାହିଁକି ଆଦେଶ ଦେଲା କେଜାଣି

ମଲା ! ଏ କେମିତି ସ୍ୱାଧୀନତା
ଯେଉଁଠି ହାଣକାଟ, ରକ୍ତପାତ, ମୁର୍ଦ୍ଦାବାଦ
ଓ ମୂଢ଼ର ବେକରେ ଫୁଲର ପଘା
ରକ୍ତ ଉଜାଣି ବୋହିବା ପାଇଁ
ଏତେ ବଡ଼ ଆୟୋଜନ
ତାକୁ ବାନ୍ଧିବାର ପ୍ରୟୋଜନ କେଉଁଠି
ଚଟିଘରକୁ ଜେଲ୍ ଭାବି
ଆଖିବୁଜି ବସି ରହିବା ହିଁ ମୂଢ଼ତା
ଏଥିରେ ସମୟର ବା ଦୋଷ କଣ

ଜେଲ୍ କାନ୍ଥ ଭଙ୍ଗା ହେଉ ହେଉ
କେତେ ରଂଗ ବେରଙ୍ଗ ଘର
କେତେ ନଅର, କେତେ ଅଟ୍ଟାଳିକା
ଛିଡ଼ା ହୋଇପଡ଼ିଲେ ରାସ୍ତା କଡ଼େ କଡ଼େ

ଏପରିକି ମେଘ ଓ ପବନରେ ବି ଗଢ଼ାହେଲା ଦୁର୍ଗ
ରାତାରାତି ଜମିଦାର ପାଲଟିଗଲେ
ଯେତେସବୁ ସଭ୍ୟ ଯାଯାବର
ଯେଉଁମାନେ ବୁଝିଗଲେ
କାନ୍ଥ ଭଙ୍ଗା ହେବାର କାରଣ
ସେମାନେ ବାହାରିଗଲେ
ନୂଆଁ ରାସ୍ତା ଖୋଜିବାକୁ ଏବଂ
ପାରି ହୋଇଗଲେ ନିଜକୁ
ଲେଉଟି ଆଉ ଫେରିଲେ ନାହିଁ ଯଦିଓ
ସେମାନଙ୍କ ଆସ ଆସ ଡାକର ପ୍ରତିଧ୍ୱନି
ରହି ରହି ଶୁଭୁଛି ଏଯାଏଁ
ପାହାଡ଼ ଉପରୁ ବା ପାହାଡ଼ ଆର ପଟରୁ

ଆମର ମୂଢ଼ତା ହିଁ ସବୁ ଗଣ୍ଡଗୋଳର କାରଣ
ଆମେ ବୁଝି ପାରିଲେ ନାହିଁ କେମିତି
ଯେ ଘର ବି ଜେଲ୍‌ର ପ୍ରତିଶବ୍ଦ ବୋଲି ।



ଚିତ୍ର : ଶିଳ୍ପୀ ସୁଭାଷ ମିଶ୍ର

ଡି.ଆଇ.ଇ.ଟି. ରୋଡ଼, ଅଇଁଠାପାଲି
ସମ୍ବଲପୁର-୭୬୮୦୦୪
ଫୋନ: ୯୪୩୭୦୧୪୨୦୧

# ଜିପ୍‌ସୀର ରଂଗ

## ପ୍ରବାସିନୀ ମହାକୁଡ଼

ଜିପ୍‌ସୀ ! ଆସ ଆମେ ରଂଗ ଖୋଜି ଯିବା
ବାଘନିଶ ହଲାନା ବାହାରେ ବି ଆହୁରି
ଅନେକ ରଙ୍ଗ ଅଛି

ଜୀବନର ରଙ୍ଗ ଭୋକର ରଙ୍ଗ
ଶୋଷର ରଙ୍ଗ ନିଦର ରଙ୍ଗ
ଆଲୋକର ରଙ୍ଗ ଅନ୍ଧାରର ରଙ୍ଗ

ଆମ ଜୀବନର ରଙ୍ଗ ବି ତ କିଛି କମ୍ ନୁହେଁ
କେବେ ଖୁସିର କେବେ ଦୁଃଖର କେବେ ଲୁହର
କେବେ ଶୋକର କେବେ ବିଷାଦର
କେବେ ପାଇ ହରେଇବାର ରଙ୍ଗମାନେ ତ
ଆମ ଜୀବନକୁ ବର୍ଣ୍ଣମୟୀ କରିଦେଲେ
ନିଜ ନିଜ ବାଗରେ ବେଳ ଅବେଳରେ

ଜିପ୍‌ସୀ ! ଏଥିରେ ଆମର ଅତୀତର ରଙ୍ଗ ଥାଏ
ଥାଏ ବର୍ତ୍ତମାନର
ଭବିଷ୍ୟତକୁ କିଏ ଦେଖିଛି ଯେ
ସ୍ୱୟଂ କାଳ ବି ନୁହେଁ

ଜିପ୍‌ସୀ ! ପ୍ରେମ କଣ ସେଇ ଦୀପ ନା
ମହମବତୀର ଲାଜକୁଳୀ ଶିଖା
ଯିଏ ମୋତେ ଅଗନା ଅଗନି ଜଂଗଲ ରାସ୍ତାରୁ
ନେଇ ଆସିଛି ତୁମ ପାଖକୁ



▲ ଚିତ୍ର : ଶିଳ୍ପୀ ଅର୍ଚ୍ଚନା ଜେନା

ଜିପ୍‌ସୀ ! ତୁମକୁ ଏଠୁ ମୁଁ ଦେଖି ପାରୁଛି
ତୁମ ବ୍ୟସ୍ତତାକୁ ଦେଖି ପାରୁଛି
ତୁମ ଟେବୁଲ୍ ଉପରେ ମୋ କବିତା ବହି ଅଛି
କିନ୍ତୁ ମୋ କବିତା ବହିରୁ ମୁଁ ଉଙ୍କି ମାରୁଛି
ତୁମେ ସମୟ ବାହାର କରି ତାକୁ ପଢୁଛ
ହ୍ୱାଟ୍ସଅପରେ ପଠଉଛ ତୁମ ସଫଳତାର
ସ୍ମରଣୀୟଯୋଗ୍ୟ ଫଟୋସବୁ

ଜିପ୍‌ସୀ ! ଏଇ ଶୁଣ ଗୀତ ଗାଉଛି ନୀରବତା
ଏଇ ନୀରବତା ରଙ୍ଗ ମାଖି ନେଇଛି
ଅନୁଭବର ରଙ୍ଗ
ଆଉ ତୁମ ମୋ କବିତା ମନସ୍କ ଦେହରେ
ଫୁଟି ଉଠୁଛି ଜୀବନର ରଙ୍ଗ ।

ମୁଁ ଦେବୀ ନୁହେଁ
କିନ୍ତୁ ତୁମେ ଦେବଦୂତ
ଅଥଚ ଆମେ ଏଇ ପୃଥିବୀର ଦୁଇଜଣ
ନିହାତି ସାଧାରଣ ମଣିଷ ।



▲ ଡଃ ପ୍ରବାସିନୀ ମହାକୁଡ଼

♥ ଷ୍ଟେସନ ବଜାର, ଢେଙ୍କାନାଳ-୭୫୯୦୧୩
ଫୋନ:୮୭୬୩୯୭୧୧୨୬

# ଆହୁରି ଅଛି

## ପ୍ରଫୁଲ୍ଲ କୁମାର ତ୍ରିପାଠୀ

କାନବାଟେ ପଶି ମନରେ ସାଇତା
ତୁମ ସୁରମୟ ସୁରା
ଆହୁରି ଶୁଣିବି, ଆହୁରି ଚାଖିବି
ରହିଥାଅ ରାତିସାରା

ଏଇ ତ ଆରମ୍ଭ ହେଲା ପରିଚୟ
ହୋଇନାହିଁ ଯିବା ବେଳ
ଆମେ ଦୁହେଁ ଏବେ ଏକାଠି ଖେଳିବା
ଚିହ୍ନିବା, ଜାଣିବା ଖେଳ

ତୁମର ରେଶମୀ କେଶର ସୁରଭି
ଛୁଇଁଛି ହାତରେ ମୋର
ତୁମେ ହୁଅ ଏବେ ଧନ ଦଉଲତ
ମୁଁ ହୁଏଁ ଗୋଟେ ଚୋର

ଅନ୍ଧ ମୁଁ, ତେଣୁ ଅନ୍ଧକାରକୁ
ଯାଇନାହିଁ କେବେ ଡରି
ତୁମ ଅବୟବ ପ୍ରାନ୍ତରେ ବୁଲିବ
ମୋ'ର ଆଙ୍ଗୁଠି ଚରି

ଏଯାଏଁ ମୁଁ ପରା କରି ପାରିନାହିଁ
ଯୁଗଳପଦ୍ମ ଘ୍ରାଣ
ଏଯାଏଁ ତ ତୁମେ ଫିଟାଇ ଥୋଇନ
ଲଜ୍ଜାର ଆବରଣ

କିଛି ହୋଇନାହିଁ, ତେବେ ବି କହୁଛ:
'ରହ ହେଲା ହେଲା ହେଲା'
ଏଯାଏଁ ତୁମର ରତ୍ନ ସିନ୍ଦୁକରେ
ଝୁଲୁଛି ହୀରକ ତାଲା
ଆହୁରି ରହିଛି ବାକି
ଆରମ୍ଭ କରିବା ଯୁଗ୍ମଜୀବନ
କେହି ହେବାନି ଏକାକୀ

♥ ଦୀପକ୍ ପ୍ୟାଲେସ୍, ୬-ସି,୯୨୫/୧୫, ସେକ୍ଟର-୯
ସିଡ଼ିଏ, କଟକ-୭୫୩୦୧୪, ଫୋନ : ୮୬୫୮୬୪୬୦୯୮
ଫୋନ-୮୬୫୮୬୪୬୦୯୮



▶ ଫଟୋ ପ୍ରଫୁଲ୍ଲ କୁମାର ତ୍ରିପାଠୀ

# ତୁମ ଗାଁ ନଈ...

## ଧନଞ୍ଜୟ ସ୍ୱାଇଁ

ତୁମ ଗାଁ ନଈ ଗଭା ସଜାଇ
ଆମ ଗାଁ ଗୟସ ଫୁଲେ
ତୁମ ଗାଁ କଇଁ ଓଢ଼ଣା ଟାଣଇ
ଆମ ଗାଁ ଗହୀର ବିଲେ ।୦।

ତୁମ ଗାଁ ଛୁଇଁଲେ ଆଷାଢ଼ ଆମ ଗାଁ
ମେଘରେ ଲାଗଇ ଡେଣା
ତୁମ ଗାଁ ଛୁଇଁଲେ ଫଗୁଣ ଆମ ଗାଁ
ବଉଳରେ ଧରେ ଚଣା
ତୁମେ ଗାଧୋଇଲେ ତୁଠ ବାସେ ଆମ ପାଣି ଶିଉଳିର ଫୁଲେ
ଆମ ଗାଁ ଗୟସ ଫୁଲେ....୧।

ତୁମ ଗାଁ ପକ୍ଷୀଙ୍କ ମିଠା କାକଳିରେ
ଆମ ଗାଁ ସକାଳ ହସେ
ତୁମ ଗାଁ ସୂରୁଜ ବୁଡ଼ିଲେ ଆମ ଗାଁ
ଆକାଶ ଗେରୁଆ ଦିଶେ
ତୁମେ ହସିଦେଲେ ଆମ ଗାଁ ଫୁଲ କବରୀ ଫିଟାଇ ଝୁଲେ
ଆମ ଗାଁ ଗୟସ ଫୁଲେ....॥୨॥

♥ ସ୍ୱତନ୍ତ୍ର ଶାସନ ସଚିବ, ଶକ୍ତିବିଭାଗ, ଖାରବେଳ ଭବନ, ଗୋପବନ୍ଧୁ ମାର୍ଗ,
କେଶରୀ ନଗର, ଭୁବନେଶ୍ୱର-୭୫୧୦୦୧
ଫୋନ:୯୪୩୭୦୦୦୬୩୬



▶ ଫଟୋ ଧନଞ୍ଜୟ ସ୍ୱାଇଁ

# ଜାଦୁ

## ସୁଜାତା ଶୁଭଦର୍ଶିନୀ ନାୟକ



ଚିତ୍ର : ଶିଳ୍ପୀ ମାନମୟୀ ରଥ

ସେ କଳା ଜାଦୁ ଜାଣେ ।
ମତେ କୁହେ
କିମିଆଁ କରି ଦେବ
ମୁଁ ଛେଳି ହେଇଯିବି ।
ମତେ ଶିଙ୍ଗିବୁଢ଼ା ଦେବ ।
ଜୀବନରୁ ମାରି ମଧ୍ୟ ପାରିବ ।

ମୁଁ ଡରିଯାଏ ।
ମରୀଚିକାରେ କେବେ ନିଜକୁ ପାଇଲେ,
କଳା ଜାଦୁ କଥା ମନେ ପଡ଼େ ।
ଭାବେ, ଏ କି ତା'ର ପ୍ରଭାବ ?
ଭାଙ୍ଗି ପଡ଼େ ମନ ।

ଦିନେ ସ୍ୱପ୍ନରେ ଭଗବାନଙ୍କୁ ଭେଟିଲି ।
ସାହସ ଆପେ ପାଇଗଲି ।
ଭାବିଲି, ରାବଣ, କଂସ, ଦୁଃଶାସନ କି ଥିଲେ ଶକ୍ତିଶାଳୀ ।
ଶିଖିଥିଲେ ଅହଙ୍କାରର ଜାଦୁ ।

ଯେ ନିଜେ ନୁହେଁ ମୃତ୍ୟୁଞ୍ଜୟୀ,
ସେ ମୋତେ କି ମାରିବ ?
ମୁଁ ଦିନେ ମରିବି,
ନିଶ୍ଚୟ ମରିବି ।



କବି ସୁଜାତା ଶୁଭଦର୍ଶିନୀ ନାୟକ

କିନ୍ତୁ ଭଗବାନଙ୍କ ଇଚ୍ଛାରେ,
କଳା ଜାଦୁ ଦ୍ୱାରା ନୁହେଁ ।

ପୁଣି ସେ ଦେଖା ହେଲା ।
ତା ପାଖକୁ ଗଲି ।
କହିଲି, 'ମୁଁ ମଧ୍ୟ ଜାଦୁ ଜାଣେ ।
ଆ । ତତେ ମନ୍ତ୍ର କରିବି ।
ତୁ ଜଗତ୍‌ଜିତା ହେବୁ ।'

ସେ ଆଶ୍ଚର୍ଯ୍ୟ ହେଲା ।
ଭାବିଲା,
'ତା ବିଦ୍ୟା ମୁଁ କେମିତି ଚୋରି କଲି ?'

ମୁଁ ପୁଣି କହିଲି,
'ହଁ, ତୁ ଅମର ହେବୁ ।
ଅତି ସହଜ ଓ ସୁନ୍ଦର ବାଟ ଦ୍ୱାରା:
ରଖି ଭଲ ଲକ୍ଷ୍ୟ ଓ ଉଦ୍ଦେଶ୍ୟ,
କରି ସତ୍ କର୍ମ ଓ କର୍ତ୍ତବ୍ୟ,
ଦେଇ ସତ୍ ଭାବ ଓ ଶବ୍ଦ,
ବାଣ୍ଟି ସ୍ନେହ ଓ ଶ୍ରଦ୍ଧା ।
ଅନ୍ୟ ହୃଦୟକୁ କରି ଚାଲ୍ ଜୟ ।
ତୁ ଆପେ ଅଜେୟ ହେଇ ଯିବୁ ।'

ସେ ମୋତେ ଖାଲି ଚାହିଁ ରହିଲା ।
ବୋଧେ ତା ବିଷ ମନ୍ତ୍ର ସବୁ ଭୁଲିଗଲା ।


ଅତିରିକ୍ତ ଉପଜିଲ୍ଲାପାଳ, କଟକ ସଦର
ଫୋନ: ୭୦୦୮୩୬୫୮୯୯

ଧାରାବାହିକ କାବ୍ୟ

# ଦ୍ରୌପଦୀ-୬

## ପ୍ରଫୁଲ୍ଲ କୁମାର ମହାନ୍ତି

(ବାଟିକାରେ ଦ୍ରୌପଦୀ)
ଶେଷ ବସନ୍ତର ଶିର୍ ଶିର୍ ପବନରେ
ଦ୍ରୌପଦୀ ଦେଖୁଥିଲା ପଶ୍ଚିମା ସୂର୍ଯ୍ୟର
ନୀଡ଼ଫେରା ବାହୁଡ଼ା ଯାତ୍ରା କ୍ଷୀଣପ୍ରଭ
ସୂର୍ଯ୍ୟ କିରଣରେ ପକ୍ଷୀଙ୍କର ହାଲିଆ ଉଲ୍ଲାସ
ଫୁଲଗଛମାନେ ଝାଉଁଳା ଉଦାସୀରେ
ଅପେକ୍ଷା କରିଥିଲେ ତାରାଙ୍କର ଆକାଶୀ ଉଦୟ
ବାହୁ ପ୍ରସାରୀ ଦେଲା ଦ୍ରୌପଦୀ
କୁଣ୍ଢେଇ ନେବାକୁ ବଗିଚାର ସବୁଫୁଲ
ପାଣିଦିଆ ମାଳୀଙ୍କର ଆଖିର ଚମକ
ଅପସରା କିରଣର ଅପାଶୋରା କାବ୍ୟ
ଯାହା ଲେଖା ହୋଇଯାଏ ପ୍ରତିଦିନ ଶେଷେ
ବଉଳ ଫୁଲର ମାୟାବୋଳା ଗନ୍ଧ
ଦେଖା ଅଦେଖା ଦୃଶ୍ୟର ସବୁ ଅଭିନୟ:

ଏତିକିବେଳେ ଶୁଣାଗଲା କୋଳାହଳ
ଦଳେ ଘରଫେରନ୍ତା ପିଲାଙ୍କର ଗହଳଚହଳ
ଅଧା ଫୁଙ୍ଗୁଳା ଦେହରେ ଧୂଳିର ପଟଳ
ବିବର୍ଣ୍ଣ ଶୀର୍ଣ୍ଣ ମୁହଁରେ ଫେରନ୍ତା ସୂର୍ଯ୍ୟର
ମ୍ଳାନ ଧୂସର !

ଦ୍ରୌପଦୀର ପ୍ରସାରିତ ବାହୁ ସଙ୍କୁଚିତ ହେଲା
ଅବୁଝା ଆଶ୍ଚର୍ଯ୍ୟରେ ଚାହିଁଲା ସେ ଉଦ୍ୟାନ
ଆରପଟେ ପିଲା ଗୋଠର ଅବାକ୍ ଗୋଧୂଳି
ପଚାରିଲା ମାଳୀଙ୍କୁ କିଏ ଏମାନେ ?

କେଉଁଠୁ ଆସିଲେ କୁଆଡ଼େ ଯିବେ;
ଏଇ ପାଖ ଗାଁର ପିଲା ଏମାନେ
ଯାଇଥିଲେ ବିଲରେ ଖଟିବା ପାଇଁ
ଘରକୁ ଫେରୁଛନ୍ତି ଭୋକିଲା ପେଟରେ
କେଉଁଠି ରହନ୍ତି ଏଇ କୁନିକୁନି ପିଲାମାନେ
କାହାର ସନ୍ତାନ ସବୁ ଏମିତି ନଙ୍ଗଳା

ପେଟ ପିଠିର ଭିତର ବାହାର ସବୁ
ଫମ୍ପା ଭବିଷ୍ୟତ ଫାଙ୍କା !

ଦ୍ରୌପଦୀର ଫୁଲମାନେ ଘୁଷୁଡ଼ିଲେ ମାଟିରେ
ଦଉଡ଼ିଲା ଭିତରକୁ ଚିଆଁଳଗା ଛାତିରେ ।

ଏତେ କଥା ଅଛି ପୃଥିବୀରେ ।
ଉଆସର ଝିଲିମିଲି ଭିତରେ ଦ୍ରୌପଦୀ
ବୁଝିପାରି ନଥିଲା ଯେ ବାହାରେ ଖାଲି
ପ୍ରକୃତିର ସୌନ୍ଦର୍ଯ୍ୟ ନାହିଁ ଅଛି ମଧ୍ୟ
ନଙ୍ଗଳା ମଣିଷର କାରୁଣ୍ୟ
ଛୋଟ ପଣତର ଆହତ ଯୌବନ
ଭୋକିଲା ହସ ଝାଳବୁହା ନିଶ୍ୱାସ ।



ଅଞ୍ଜନା ଆସିଲା କଣ ସବୁ ଧରି
ଜେମାମଣି ରାଣୀମା ପଠାଇଛନ୍ତି- ଶୁଣ୍
ସେ ସବୁ ରଖି ପ୍ରଥମେ କହ ମତେ
କଣ କଣ ଗାଁ ଅଛି ପ୍ରାସାଦ ଆରପାଖେ
କାହିଁକି ଜେମା ସେଥିରୁ କଣ ମିଳିବ ?
ସେ ଗୁଡ଼ାକ ଆମର କାହାଣୀ ମୋ' ପରି
ହଜାର ହଜାର ମହିଳା ପୁରୁଷ ପିଲାର କାହାଣୀ
ମୁଁ ଶୁଣିବି ସେ କାହାଣୀ
ମୁଁ ଦେଖିବି ସେ ଗାଁ ଗଣ୍ଡା
କହ ମତେ କଣ ସବୁ ନାଁ
ଅଞ୍ଜନା ଗାଇଗଲା ଦର୍ଶନପୁର ଗୋଡିପଡ଼ା
ଗରଭା ବାଲି ଗାଁ- ରହିଯା ଆଉ ଶୁଣ୍
କାଲି ସକାଳୁ ଆମେଯିବା ସଜାଡ଼ ସବୁ
ଖାଦ୍ୟବସ୍ତ୍ର ଅନ୍ୟ ସବୁ ଯାହା ଆବଶ୍ୟକ
କାନରେ ହାତ ଦେଲା ଅଞ୍ଜନା, କୁଆଡ଼େ ଯିବ !
ରାଜା ଶୁଣିଲେ- ହଁ ମୁଁ ଜାଣେ ।
ଏଇକ୍ଷଣି ଯିବି ବାପାଙ୍କୁ କହିବି
ସେ ଚିନ୍ତା ମୋର ତୋ କାମ ତୁ କର୍ ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର, ଭୁବନେଶ୍ୱର-
୭୫୧୦୨୪ ଫୋନ:୯୪୩୮୦୩୬୨୩

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।



ପ୍ରଫୁଲ୍ଲ କୁମାର ମହାନ୍ତି

# ମୁଁ, ମୋ ଦେଶ ମୋର ଜୀବନ ସ୍ରୋତ

**ପ୍ରଫୁଲ୍ଲ କୁମାର ମହାନ୍ତି**
ଚିତ୍ରକାବ୍ୟ, ଶିଶୁବିହାର, ଭୁବନେଶ୍ୱର-୭୫୧୦୨୪

ହଠାତ୍ ଦିନେ ଆମ ସ୍କୁଲ୍ (ସରକାରୀ ସେକେଣ୍ଡରୀ ଟ୍ରେନିଂ ସ୍କୁଲ୍- ବର୍ତ୍ତମାନ ବ୍ରହ୍ମପୁର ସରକାରୀ ମହିଳା କଲେଜ୍) ଇଂରାଜୀ ଅଙ୍କ ସାର୍ ରଘୁନନ୍ଦନ ପଟ୍ଟନାୟକ, ୫ମ ଶ୍ରେଣୀରେ ଚକ୍‌ଲେଟ୍ ବାଣ୍ଟି କହିଲେ- "ଆଜି ଭାରତ ସ୍ୱାଧୀନ ହେଲା, ଯାଅ ଆଜି ଛୁଟି ।" ମୋର ବୟସ ଥିଲା ୮ । ମୁଁ କିଛି ବୁଝିଥିଲି ସ୍ୱାଧୀନତାର ଅର୍ଥ କିନ୍ତୁ ଅନେକ ଅବୁଝା ଥିଲା । ଅଗଷ୍ଟ ୧୫, ୧୯୪୭ରୁ ମୁଁ ଆଜିଯାଏ ବଞ୍ଚିଛି । ଏହି ଦୀର୍ଘ ଦିନର ସାଉଁଟା ସ୍ମୃତି, ଜ୍ଞାନ-ଅଧ୍ୟୟନ-ଅଧ୍ୟାପନା-ସାହିତ୍ୟ ସୃଷ୍ଟି ଦ୍ୱାରା ପ୍ରଖର ଥିଲେ ମଧ୍ୟ ଗୋଟିଏ ଶିଶୁର ମାନସିକ ବିଶ୍ଳେଷଣ କରିବା ମୋ ଲାଗି ପ୍ରାୟ ଅର୍ଥହୀନ । ତେଣୁ ଯେଉଁ ଦୃଶ୍ୟ, ପରିବେଶ ମୁଁ ଦେଖିଛି ଏହି ଦୀର୍ଘ ବଞ୍ଚିବା ଭିତରେ, ସ୍ୱାଧୀନତାର ଏପାଖ ସେପାଖ ଜାତୀୟ ମାନସିକତାରେ ତା'ର ସଂକ୍ଷିପ୍ତ ପରିବେକ୍ଷଣ କରିବି ଯାହା ନିଶ୍ଚିତ ଭାବେ ମୋର ଗଭୀର ଓ ବ୍ୟାପକ ଶାସ୍ତ୍ରାଧ୍ୟୟ, ଦେଶୀ ବିଦେଶୀ ଅନୁଭୂତି ଦ୍ୱାରା ହୁଏତ ଛାଣି ହୋଇଯିବ ।

ପିଲାଦିନେ ଦେଖିଥିଲି ମାମୁଘର ହେଉ କିମ୍ବା ବାପାଙ୍କ ଗାଁ ହେଉ, ମୁଁ ଗଲେ ସମସ୍ତେ ଏକାଠି ହେବାର ଦୃଶ୍ୟ । ଗାଁରେ କାହାର ଛୁଆ ଜନ୍ମ ହେଲେ କିମ୍ବା କାହା ପରିବାରରେ ମୃତ୍ୟୁ ହେଲେ ଜମିଯାନ୍ତି ଗାଁର ପ୍ରାୟ ସମସ୍ତେ । ଡିବିରି ଆଲୁଅରେ ଝାପ୍‌ସା ମୁହଁମାନଙ୍କରେ ଆନନ୍ଦ ବିଷାଦ ଆତଙ୍କ ଫୁଟି ଉଠେ କଥା କଥାରେ । ଟର୍ଚ୍ଚ ଆଲୁଅ ମଧ୍ୟ ଥିଲା ଏକ ବିକାର । ପର୍ବପର୍ବାଣିରେ ପେଟ୍ରୋମାକ୍ସ ଲାଇଟ୍, ଗାଁ ଦାଣ୍ଡ, ସହର ରାସ୍ତାରେ ରାତି ଅଧିଆ, ରାଧାପ୍ରେମ ଲୀଳା, ଦାସକାଠିଆ ଓ ଖରାଦିନେ ଦଣ୍ଡନାଚ ମୁଁ ଦେଖିଛି ବାଡ଼ିକବାଟ ଖୋଲି ଲୁଚି ପଳାଇ ଯାଇ । ରାତି ଅନିଦ୍ରା ବାଧେ ନାହିଁ- ଖାଲି ଯାହା ବାପାଙ୍କ ଗାଳି ବେଳେ ବେଳେ ସାମାନ୍ୟ ଅପରାଧ ବୋଧ ଦିଏ ।


ପ୍ରଫୁଲ୍ଲ କୁମାର ମହାନ୍ତି

ଅଭାବ, ଛୋଟପଣତର ବେଭାର ମଧ୍ୟରେ ଦେଖିଥିଲି ଆନନ୍ଦ ଦୁଃଖର କୁଆରଭଙ୍ଗା, ସାଂସ୍କୃତିକ ଅନୁଷ୍ଠାନର ମଣିଷକୁ ଏକାଠି କରିବା ଶକ୍ତି, ରାସ୍ତାହୀନ, ଆଲୋକହୀନ ଗ୍ରାମସହରରେ ପୁନେଇଁ ପରି ଆସେ ମିଳନ, ଅମାବାସ୍ୟା ପରି ଆସେ ବିଚ୍ଛେଦ- କିନ୍ତୁ ସବୁ ମଣିଷ ଭିତରେ ଦେଖିଥିଲି ଆଶା ଯେ ଗାନ୍ଧୀ କରିଦେବେ ସବୁ । 'ସମାଜ'ରେ କଳା ମେଞ୍ଚାଏ ପରି ଗାନ୍ଧୀଙ୍କୁ ଦେଖିଥିଲି । ମୁଁ ମଧ୍ୟ ସ୍ୱପ୍ନ ଦେଖୁଥିଲି ଗୋଟିଏ କଣ ସ୍ୱାଧୀନତା କେଉଁଠୁ ଆସିବ ଭାରତର ସବୁ ଦୀପ୍ତିକୁ ଏକାଠି କରି, 'ଈଶ୍ୱର ଆଲ୍ଲା ତେରେ ନାମ୍ ସବକୋ ସନ୍‌ମତି ଦେ ଭଗବାନ' ଗୀତରେ ଭାରତର ପ୍ରାଣ ଆତ୍ମା ଏକାଠି କରି । ପଟ୍ଟନାୟକ ସାର୍‌ଙ୍କ ଚକ୍‌ଲେଟ୍‌ରେ ସ୍ୱାଧୀନତା ଆସିଗଲା । ଆମେ ସବୁ ସହରରେ ପରିକ୍ରମା କଲୁ ହାତରେ ତ୍ରିରଙ୍ଗା ଧରି; ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଗାନ ଗାଇ ହାଲିଆ ନିଦ ମଧ୍ୟ ଗଲୁ ।

ଆଜି ସେହି ସ୍ମୃତି ରୋମନ୍ଥନ କଲେ ମନଦର୍ପଣରେ ଝଲସି ଯାଏ ସେଇ ଅଭ୍ୟସ୍ତ ଦୃଶ୍ୟ । ପ୍ରତିଦିନ ଘର ଆଗରେ ଭିକାରୀ, ପେଟ ପୋଷିବା ପାଇଁ ବିଭିନ୍ନ ଛଦ୍ମବେଶ, ରାସ୍ତା ନାହିଁ, ସ୍କୁଲ୍ ନାହିଁ, କଲେଜ ନାହିଁ, ନାହିଁ ନାହିଁର ଏକ ଲମ୍ବା ତାଲିକା ଭିତରେ ଦୁଇ ଚାରୋଟି ମୁହଁ ବେଶ୍ ପ୍ରୀତି ସ୍ୱାଧୀନତା ପ୍ରାପ୍ତି ପାଇଁ ଏକାକୀ ସାଧନା, ଧର୍ମଘଟ, ଅନଶନ, ଲାଠି ମାଡ଼ଖିଆ ଫଟା ମୁଣ୍ଡ କିନ୍ତୁ ସେହି ତାଲିକା ହିଁ ସ୍ୱାଧୀନ ଭାରତର ନୂଆ ଇତିହାସ ପାଇଁ ପକାଇଥିଲା ମୂଳଦୁଆ, ଏକ ଐତିହ୍ୟ ପ୍ରାଚୁର୍ଯ୍ୟଭରା ଭାରତର ପାଞ୍ଚ ହଜାର ବର୍ଷର ସଭ୍ୟତାର ରୂପାନ୍ତର, ଆଧୁନିକ ପର୍ବ । ଗାନ୍ଧୀ, ନେହେରୁ, ରାଜେନ୍ଦ୍ର ପ୍ରସାଦ, ସହୀଦ୍ ଭଗତ୍ ସିଂହ ପ୍ରଭୃତିଙ୍କ ଏକନିଷ୍ଠ ସାଧନାର ଭବିଷ୍ୟତ ଛନ୍ଦ । ସ୍ୱାଧୀନତା ଆସିଛି କହିଲା ବେଳକୁ ଦେଖାଗଲା ଯେ ଏ ସ୍ୱାଧୀନତାର ଦାମ୍ ଥିଲା ଦେଶ ବିଭାଜନ । ଯେଉଁ ମଣିଷମାନେ ଗୋଟିଏ ଥାଳିରେ ଖାଉଥିଲେ ସେଇ ମଣିଷମାନେ ହାଣିଲେ ପରସ୍ପରକୁ । ଅଣ ଐତିହାସିକ ଭାବେ ଗୋଟିଏ ଯୁଗଯୁଗର ସାଂସ୍କୃତିକ ଐତିହ୍ୟପୁଷ୍ଟ ସଭ୍ୟତାର ଭୂଗୋଳକୁ ବିକୃତ କରି ଗଢ଼ାହେଲା ଆଉ ଏକ ଦେଶ-ପାକିସ୍ତାନ୍ !

ମୋ ପାଇଁ ଅବଶ୍ୟ ସ୍କୁଲ୍ ଥିଲା, କଲେଜ୍ ଥିଲା, ବିଶ୍ୱବିଦ୍ୟାଳୟ ଥିଲା- ଅବଶ୍ୟ ଦୂରରେ ପ୍ରୟାଗ କ୍ଷେତ୍ରରେ । ମୁଁ ପଢ଼ିବା ଭିତରେ ଦେଖିଲି ଆଲୁଅ ଆସୁଛି । କୋଠାବାଡ଼ି ତିଆରି ହେଉଛି । ନୂଆ ନୂଆ ସ୍କୁଲ୍ ଖୋଲୁଛି । ଗାଁରୁ ସହରକୁ ବିଶେଷ ଭାବେ କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱରକୁ ପଢ଼ିବା ପାଇଁ ରୋଜଗାର ପାଇଁ,ପରୀକ୍ଷା ଦେଇ ଚାକିରି ପାଇଁ ଦଉଡ଼ ଆରମ୍ଭ ହୋଇ ଯାଇଛି । ଗାଁର କିଆବାଡ଼ରେ ଆଉ କେତକୀ ଫୁଟୁ ନାହିଁ । ମହାଜନର ସୁଧ କାରବାର ବଢ଼ିଛି । ଧୋତି ଗାମୁଛାର ଅଧା ପୁରା ପେଣ୍ଟ୍ ସାର୍ଟ ଓଡ଼ିଆ ଦେହରେ ସାଜୁଛି । ଧାନବିଲ ଭାଗ ହେଉଛି । ଜମିବିକି ସହର ଯାଉଛନ୍ତି ଲୋକେ । କେବଳ ଓଡ଼ିଶାରେ ନୁହେଁ, ଭାରତର ସବୁ ସହରକୁ ଦଉଡ଼ ଆରମ୍ଭ ହେଲା ଦେଶ ସ୍ୱାଧୀନ ହେଲା ପରେ । କାରଣ ଅନ୍ଧାରରେ ସ୍ୱପ୍ନଦେଖା ସରିଲା ଏବେ ଆଲୁଅର ପର୍ବ । ସମସ୍ତଙ୍କ ମନରେ ଆଶା ସେମାନେ ଜମିଦାର ଦାଉରୁ ରକ୍ଷା ପାଇବେ । ଧନୀ ହେବାର ସ୍ୱପ୍ନ ମଧ୍ୟ ଆଲୁଅରେ ପୁରା ଦେଖାଗଲା ନିରୀହ ଦଳିତ ପଦାନତ ମଣିଷକୁ । ଏକ ଜାଗରଣ ପର୍ବର ଅଥମାରମ୍ଭ ନିଶ୍ଚୟ ହେଲା ଅନ୍ଧାର ପର୍ବର ଅନ୍ତ ପରେ । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ନୀତି ଗଢ଼ିଦେଲେ ସାମ୍ୟବାଦର । ସମସ୍ତେ ସମାନ ଭାବେ ସଂସାର ଦେଶ ଓ ସରକାରଙ୍କର ସୁବିଧା ଭୋଗ କରିବେ । ସୋଭିଏତ୍ ଋଷିଆରେ ୧୯୧୭ ବିପ୍ଳବ ପରେ ଯେଉଁ ଜୀବନଧାରା ପରିବର୍ତ୍ତନ ହେଲା ସେଥିରୁ ନେହେରୁ ଆଣିଲେ ସାମ୍ୟବାଦ, ସୁଷମ ବଣ୍ଟନ, ଗରିବଙ୍କ ପାଇଁ


ଲେଖକ ପ୍ରଫୁଲ୍ଲ କୁମାର ମହାନ୍ତି

କାର୍ଡ଼ ଇତ୍ୟାଦି ଓ ଯୋଜନାବଦ୍ଧ ବିକାଶ କାର୍ଯ୍ୟକ୍ରମ (ପଞ୍ଚବର୍ଷିୟ ଯୋଜନା) । ଧାଡ଼ିରେ ଠିଆ ହୋଇ ଆମେ ଚିନି କିରୋସିନୀ । ଧାଡ଼ିରେ  ରହି ଆବେଦନ କର । ସରକାର ହିଁ ଭଗବାନ । ଖାଦ୍ୟ, ରୋଜଗାର ସୁବିଧା ଓ ଭାଗ୍ୟ ଦେବେ ସରକାର ଅର୍ଥାତ୍ ଅମଲାମାନେ, କିରାଣୀମାନେ । ଯେଉଁମାନେ ଧାଡ଼ି ଭାଙ୍ଗିବା ପାଇଁ ହାତଗୁଞ୍ଜା ଦେଲେ ସେମାନଙ୍କୁ ଆଗ ମିଳିଗଲା ଭାଗ୍ୟ- କିନ୍ତୁ ଯେଉଁମାନେ ଭାଗ୍ୟ ଦେଲେ ଖାଦ୍ୟ ନେଲେ ଅର୍ଥାତ୍ ସରକାରଙ୍କ ତରଫରୁ କମ୍ ଦାମରେ ଯୋଗାଇଲେ ସେମାନେ ହୋଇଗଲେ ଭାଗ୍ୟବିଧାତା । ଛୋଟ କିରାଣୀ ପିଅନ, ଅଫିସର ତୋଳିଲେ ତିନିମହଲା କୋଠା । ଉତ୍ପାଦନ ବଢ଼ିଲା ନାହିଁ । ସାମ୍ୟବାଦ ସୃଷ୍ଟି କଲା ଦୁର୍ନୀତି ଏବଂ ଦୁର୍ନୀତି ବିରୋଧରେ ଅଭିଯାନ ଆରମ୍ଭ ହେଲା ।

ସ୍ୱାଧୀନତାର ୭୫ବର୍ଷ ମଧ୍ୟରେ ମୁଁ ଦେଖିଲି ୧୯୯୧ ପରେ ଭାରତରେ ଉଦାରବାଦ ସୃଷ୍ଟି ହେଲା ଅର୍ଥନୀତିରେ । ପ୍ରତ୍ୟେକ ବ୍ୟକ୍ତି ନିଜର ଜୀବନ ପରିକଳ୍ପନା କରିବାର ସୁଯୋଗ ପାଏ ଗଣତନ୍ତ୍ରରେ- ଏହା ସମ୍ବିଧାନ ସ୍ୱୀକୃତ ଏବଂ ଭାରତର ଦର୍ଶନ ପରମ୍ପରା ସମ୍ମତ । କିନ୍ତୁ ନେହେରୁ-ବାମପନ୍ଥୀମାନେ ରାଷ୍ଟ୍ରକୁ ବ୍ୟକ୍ତି ଉପରେ ରଖି ରାଜନୀତି କରି ଅର୍ଥନୀତିକୁ ସ୍ୱଚ୍ଛନ୍ଦ ଗତି ପାଇବାରେ ବାଧା ସୃଷ୍ଟି କରନ୍ତି । ତଥାପି ଗତ ୩୦ବର୍ଷ ମଧ୍ୟରେ ଭାରତ ଆର୍ଥିକ ସ୍ୱଚ୍ଛଳତା ପାଇଛି । ଯେଉଁ ଜାତିମାନେ ଅବଦମିତ ଥିଲେ ସେମାନେ ଶିକ୍ଷାର ଆଲୋକ ସହିତ  ରୋଜଗାରକ୍ଷମ ଓ ଦକ୍ଷ ହୋଇ ଆସୁଛନ୍ତି । ଦାରିଦ୍ର୍ୟର ଅର୍ଥ ବଦଳିଛି । ଖାଦ୍ୟବସ୍ତ୍ର ବାସର ଦାରିଦ୍ର୍ୟ ପ୍ରାୟ ନାହିଁ । କିନ୍ତୁ ସ୍ୱଚ୍ଛଳ ଜୀବନର ପୂର୍ଣ୍ଣ ପ୍ରକାଶ ପାଇଁ ସୁଯୋଗ ସମସ୍ତେ ପାଇ ନାହାନ୍ତି ।

ମୁଁ ଦେଖୁଛି ଆଜି ମଣିଷ ଚଳଚଞ୍ଚଳ । ରାସ୍ତା ରେଳ ବିମାନ ଯାତ୍ରା ବିଶ୍ୱର ସଭ୍ୟ ରାଷ୍ଟ୍ରଙ୍କ ତୁଳନାରେ ବେଶୀ ହୋଇଛି ଯେହେତୁ ଭାରତ ଏକ ବିଶାଳ ଜନସଂଖ୍ୟାର ଦେଶ । ଶିଳ୍ପ, ଫ୍ୟାସନ୍, ବିଳାସିତା ସହ ଖାଦ୍ୟ-ବସ୍ତ୍ର-ବାସର ଗୁଣାତ୍ମକ ପରିବର୍ତ୍ତନ ଘଟିଛି । ଆଜିର ମଣିଷ ବ୍ୟସ୍ତ । ପ୍ରତ୍ୟେକ ବ୍ୟକ୍ତି ତାର ନିଜର କର୍ମବିମ୍ବ ସୃଷ୍ଟିରେ ମଗ୍ନ । ପରିବାର ବର୍ତ୍ତମାନ ବ୍ୟାପ୍ତ । ବ୍ୟକ୍ତିମୁଖୀ ଜୀବନରେ ସମସ୍ତେ କାର୍ଯ୍ୟବ୍ୟସ୍ତ । ନାରୀ ଆଉ ଅବଗୁଣ୍ଠନବତୀ ହୋଇ ରହିନାହିଁ । ସେ ଯୁଦ୍ଧ ପାଇଁ ପ୍ରସ୍ତୁତ । ଆକାଶ  ସମୁଦ୍ର ତା ପାଇଁ ଆଜି ସଂକୀର୍ଣ୍ଣ । ଭାରତୀୟ ମୂଳର ନାରୀ ଆଜି ମହାକାଶ ଯାତ୍ରା କରୁଛି- କଳ୍ପନା-ସିରୀଶା । ରାଜନୀତିରେ ମଧ୍ୟ ସେ ଶକ୍ତିଶାଳୀ ଶାସନମୁଖ୍ୟ । ତେଣୁ ଭାରତୀୟର ମାନସିକ ଶକ୍ତି ବୃଦ୍ଧି ଶାରୀରିକ ବିକାଶ, ଆର୍ଥିକ ପ୍ରଗତି, ଚଳଚଞ୍ଚଳତା ସବୁଥିରେ ବିକାଶ ଘଟିଛି । ଅବଶ୍ୟ ଦାରିଦ୍ର୍ୟ ଲୋପ ହୋଇନାହିଁ । ସମସ୍ତେ ପାଣି ପାଉନାହାନ୍ତି, ସାମାଜିକତା କହିଲେ କୌଣସି ଭାବଗତ ସମ୍ଭାବନା ସୃଷ୍ଟି ହେଉନାହିଁ । ପ୍ରତ୍ୟେକ ବ୍ୟକ୍ତି ବର୍ତ୍ତମାନ ମୁଖର । ଅଭିବ୍ୟକ୍ତିର ସ୍ୱାଧୀନତା (ସ୍ୱେଚ୍ଛାଚାରିତା) ବଢ଼ିଛି । ଭାରତରେ ଜ୍ଞାନ ବିସ୍ଫୋରଣ ଘଟିଛି । ସୂଚନା ବିଜ୍ଞାନୀ ଡାକ୍ତର-ଇଂଜିନିୟର ପତ୍ରକାର, ଶିକ୍ଷକମାନେ ଆଜି ବିଶ୍ୱବ୍ୟାପି ହୋଇଛନ୍ତି । ଓଡ଼ିଶାରେ ମଧ୍ୟ ଯଥେଷ୍ଟ ପ୍ରଗତି ହୋଇଛି । ଓଡ଼ିଶାର ମାନସିକ ସ୍ଥିତି ଆଉ ସ୍ଥାଣୁ ନୁହେଁ । ଓଡ଼ିଶାର ଆଜି ବଡ଼ ଡାକ୍ତର, ସେନାଧ୍ୟକ୍ଷ, ଇଂଜିନିୟର, କବି, ଗଭର୍ଣ୍ଣର, ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ତଥା ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ।

ମୋର ଏହି ବିଷୟରେ, ଜୀବନର ସୀମାନ୍ତ ଘାଟି ଉପରୁ ମୁଁ ଦେଖୁଛି ସୂର୍ଯ୍ୟ, ଚନ୍ଦ୍ର କିରଣ ହାତ ଛୁଇଁ ଯାଉଛି । କବି କଥାକାର ଗାଇ ଚାଲିଛି ମଣିଷର ବ୍ୟଥା, କଥା, ଭାବରଞ୍ଜନର ବ୍ୟାକୁଳ ମମତା । ମୁଁ ଜନ୍ମହେବା ପୂର୍ବରୁ ଯେଉଁ ଗୀତ ବୋଲା ଯାଉଥିଲା ଆଜି ତାହା ଶବ୍ଦାୟିତ । କିନ୍ତୁ ଆଜିର ନୃତ୍ୟ ସଙ୍ଗୀତରେ ମୁଁ ର ବିଶ୍ୱାସ ବେଶୀ । ବାଦ୍ୟ ଝଙ୍କାରରେ ଦ୍ରୁତ ବେଶୀ ବିଳମ୍ବିତ ପ୍ରାୟ ନାହିଁ । ସମସ୍ତେ ଆଜି ପଞ୍ଚମରେ । ମୁଁ ସ୍ୱାଧୀନତା ପୂର୍ବରୁ ଓ ପରେ ଯେଉଁ ସ୍ୱପ୍ନ ଖୋଲା ଆଖିରେ ଦେଖିଛି ସେଥିରୁ ଅଧିକାଂଶ ଫଳିଛି । ମୁଁ ନିତି ଫୁଟିଛି ନୂଆ ରୂପରେ ଆଜିର ନାତିନାତୁଣୀଙ୍କ ପରି । ମୁଁ ପୁରୁଣା ଅଲୋଡ଼ା ହୋଇନାହିଁ ନିତି ମୋର ପୃଥିବୀରେ ଫୁଲ ଫୁଟେ, ନିତି ସୂର୍ଯ୍ୟ ଉଏଁ ପ୍ରାଣପ୍ରିୟାର ଗୋଲାପି ଅଧର ପରି ଦିଗ୍‌ବଳୟରେ । ନିତି ଉଏଁ କୁମାରପୂର୍ଣ୍ଣିମା ଜହ୍ନ । ମୁଁ ଜାଣେ ସବୁ ଓଡ଼ିଆ, ସବୁ ଭାରତୀୟ ମୋ ଠୁ ଅଧିକ ସ୍ୱପ୍ନ ଦେଖନ୍ତି । ସ୍ୱପ୍ନ ଦେଖା ଚାଲିଥାଉ କିନ୍ତୁ ସ୍ୱାଧୀନ ଭାରତରେ ସ୍ୱପ୍ନ ସବୁ ହାତଛୁଆଁ ହେଉ ତରଳ ମୁକ୍ତା ଧୁଆ ସକାଳ ମଲ୍ଲୀକା ପରି ପ୍ରଥମ ଉଷା ରାଗରେ । ◢

*(ଏଥିରେ ପ୍ରତିଫଳିତ ମତ 'ରେବତୀ'ର ମତ ନୁହେଁ, ଏହା ଲେଖକଙ୍କ ନିଜସ୍ୱ ମତ)*

# ସ୍ୱାଧୀନତା : କିଛି ଅନୁଭୂତି

**ବଂଶୀଧର ଷଡ଼ଙ୍ଗୀ**
ଗୁହାଳପଡ଼ା, ନିମାପଡ଼ା, ପୁରୀ-୭୫୨୧୦୬

## 'ମୁଁ ଓ ଆମ ଗାଁ'

ଭାରତ ସ୍ୱାଧୀନତା ପାଇଲା ବେଳକୁ ମୋର ବୋଧହୁଏ ଦ୍ୱିତୀୟ ଶ୍ରେଣୀରେ ନାଁ ଲେଖା ହେଇଥାଏ, ବାଜପୁର ମାଇନର ସ୍କୁଲ୍‌ରେ । ଆମ ଗାଁ ପାଖ ଏବଂ ଆମ ଅଞ୍ଚଳର ଏକମାତ୍ର ମାଇନର ସ୍କୁଲ୍ । ପରମ୍ପରା ଅନୁସାରେ ୪ବର୍ଷ ୪ମାସ ୪ଦିନରେ ବିଦ୍ୟାରମ୍ଭ ହୁଏ, ମୋର ମଧ୍ୟ ସେଇଆ ହେଇଥିଲା ।  ତେବେ ଆମେ ସବୁ ଦି'ବର୍ଷ ଚାହାଳୀ (ବା ଚାଟଶାଳୀ)ରେ ପଢ଼ିଥିଲୁ । ସେଇ ଦି'ବର୍ଷ ଭିତରେ ଆମେ ଅକ୍ଷର, ସଂଖ୍ୟା, ପଣିକିଆ ଇତ୍ୟାଦି ଶିଖିଥିଲୁ । ତେଣୁ ଶିଶୁ ଓ ପ୍ରଥମ ଶ୍ରେଣୀ ପରର ଦ୍ୱିତୀୟ ଶ୍ରେଣୀରେ ଆମେ ପଢ଼ିଲୁ । ସେତେବେଳେ ଆମର ଶିକ୍ଷକ ଥିଲେ ୰ ବାଞ୍ଛାନିଧି ଖୁଣ୍ଟିଆ । ସେ ସୋମବାର ଠାରୁ ଶନିବାର ଯାଏଁ ଆମ ଗାଁରେ ରହୁଥିଲେ । ଶନିବାର ସନ୍ଧ୍ୟାରେ ତାଙ୍କ ଗାଁକୁ ଯାଇ ପୁଣି  ସୋମବାର ସକାଳୁ ଆମ ଗାଁକୁ ଆସୁଥିଲେ । ଆମେ ଯୋଉମାନେ ପଢୁଥିଲୁ, ସେମାନଙ୍କ ଘରେ



▶ ବଂଶୀଧର ଷଡ଼ଙ୍ଗୀ

ଆମ ଶିକ୍ଷକ (ମାଷ୍ଟ୍ରେ) ଜଣକ ପାଳିକରି ଖାଉଥିଲେ । ଏ ସମୟ ହେଉଛି ସ୍ୱାଧୀନତା ପୂର୍ବର । ମାଷ୍ଟ୍ରେ ଆମର ଖଣ୍ଡେ ଧୋତି ଓ କ୍ୱଚିତ୍ ସାର୍ଟ ପିନ୍ଧୁଥିଲେ, ନହେଲେ ପ୍ରାୟ ସମୟ ଧୋତି, ଗାମୁଛାରେ କାମ ଚଳଉଥିଲେ । କାରଣ ସେତେବେଳେ ୨ଟି ଜିନିଷର ଘୋର ଅଭାବ ଥିଲା- ଲୁଗାପଟା ଓ କିରୋସିନି । ଆମେ ମଧ୍ୟ ସମଦଶା ଭୋଗୁଥିଲୁ । ଗୋଟିଏ ପ୍ରକାର କନା ମିଳୁଥିଲା ତାକୁ ବୋଧହୁଏ ମାର୍କିନ୍ କନା କହୁଥିଲେ । ଗୋଟିଏ ପଟ ମୋଟା ପଟାପଟା ନେଳିଆଗାର ଓ ପଛପଟ ପୂରା ଧଳା । ଆମେ ଛାତ୍ରମାନେ ମଧ୍ୟ ସେଇ କନାରେ ପ୍ୟାଣ୍ଟ୍ କରି ପିନ୍ଧୁଥିଲୁ ଓ ପ୍ରାୟ ସାର୍ଟ ପିନ୍ଧୁ ନଥିଲୁ ।


ଫଟୋ ସୌଜନ୍ୟ : ହେମନ୍ତ ସାହୁ, ବାରିପଦା

ଆଉ ଗୋଟେ କଥା ମନେପଡୁଛି । ସନ୍ଧ୍ୟା ପୂର୍ବରୁ ଆମ ପାଠପଢ଼ା ସରୁଥିଲା । କାରଣ ପ୍ରଥମ କଥା କିରୋସିନୀର ଅଭାବ ଏବଂ ଦ୍ୱିତୀୟ କଥା ହେଲା ରାତିରେ କେହି ଆଲୁଅ ଜାଳିବେନି । ବୋଧହୁଏ ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ସମୟ । ଆଲୁଅ ଦେଖି ସେଇ ଅଞ୍ଚଳରେ ଶତ୍ରୁପକ୍ଷ ଉଡ଼ାଜାହାଜରୁ କାଳେ ବୋମା ପକେଇ ଦେବେ ।

ଆମ ଗାଁ ଖୋର୍ଦ୍ଧାଠୁ ପ୍ରାୟ ୮ କିଲୋମିଟର ବାଟ । ଖୋର୍ଦ୍ଧା ସେତେବେଳେ ବିଦ୍ରୋହର ମାଟି ବୋଲି ଜଣାଥିଲା । ତେଣୁ ଇଂରାଜମାନଙ୍କର ବିଭିନ୍ନ ଜାଗାରେ ମିଲିଟାରୀ କ୍ୟାମ୍ପମାନ ପଡ଼ିଥିଲା ।

ଆମ ଗାଁରୁ ଅଳ୍ପ ଦୂରରେ ମଧ୍ୟ ଗୋଟେ କ୍ୟାମ୍ପ ପଡ଼ିଥିଲା । ମୋର ମନେଅଛି, ଥରେ କଜେଇ ସେଇ କ୍ୟାମ୍ପ ପାଖାପାଖି ହେଇଥିଲେ, ଜଣେ



ଗୋରା-ସିପେହୀ ରଡ଼ନିଆଁ କାଠ ଫାଳିଆ ଧରି ଗୋଡ଼େଇଲା ଯେ କଜେଇ ପ୍ରାଣ ମୁର୍ଚ୍ଛା ଦୌଡ଼ି ପଳେଇ ଆସିଲେ ।

ଆମ ଗାଁର ପଶ୍ଚିମପଟେ ଚଣ୍ଡୀଙ୍କ ମନ୍ଦିର । ମନ୍ଦିର ସାମ୍ନାକୁ କିଛି ବାଟ ଆଗକୁ ଖୋର୍ଦ୍ଧାରୁ ବାଜପୁର ଦେଇ ଆଗକୁ ଯାଇଥିବା ମୁଖ୍ୟ ରାସ୍ତା । ମୋର ମନେ ଅଛି, ମିଲିଟାରୀବାଲା ଜାଣି ନପାରି, ମନ୍ଦିର ପଛପଟେ ଅର୍ଥାତ୍ ଗାଁ ମୁଣ୍ଡ ବାଟେ ବୁଲିକରି ତାଙ୍କ ଜିପ୍ ନେଇ ଚାଲି ଯାଆନ୍ତି । ସେତେବେଳେ ଡରି କରି ଗାଁ ଭିତରକୁ ଦୌଡ଼ି ପଳାଉ । ଲାଲ୍ ଗୋରା ସେନା ବାହିନୀ, ଦୂରରୁ ଦେଖିଲେ ମନରେ ଭୟ ଆସିଯାଏ ।

ମୋର ଯାହା ମନେ ପଡୁଛି- ସେଇ କ୍ୟାମ୍ପ୍ ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ବୋଧହୁଏ ଉଠି ଯାଇଥିଲା ଏବଂ ଯାତାୟାତ ସ୍ୱାଭାବିକ ହେଇଥିଲା ।

ଇଏତ ଗଲା ସ୍ୱାଧୀନତା ପୂର୍ବର କିଛି ସ୍ମୃତି । ସ୍ୱାଧୀନତା ଦିନ ଅର୍ଥାତ୍ ୧୯୪୭ ଅଗଷ୍ଟ ୧୫ ତାରିଖର ସ୍ମୃତି କିଛି ମନେ ପକାଉଛି ।

ସେଦିନ ସକାଳୁ ଆମେ ଗାଧେଇ ପାଧେଇ ଯାହା ବା ପ୍ୟାଣ୍ଟ୍ ସାର୍ଟ ଥିଲା, ତାକୁ ଆଗରୁ ସଫା କରି ରଖିଥିଲୁ, ସେସବୁ ପିନ୍ଧି ସ୍କୁଲ୍‌ରେ ହାଜର ହେଇଗଲୁ । ସେଦିନ ବୋଧହୁଏ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରଣଜିତ୍ ସିଂହ ବରି ଆସି ପତାକା ଉତ୍ତୋଳନ କରିବାର ଥାଏ । ସେତେବେଳେ ଲୋକ ସମ୍ପର୍କ ବିଭାଗ ସେକ୍ରେଟେରୀ ବାଜପୁରର ଶ୍ରୀଯୁକ୍ତ ଚିନ୍ତାମଣି ମିଶ୍ର ଥାଆନ୍ତି । ବୋଧହୁଏ ସେଇଥିପାଇଁ ସେ ଆମ ସ୍କୁଲ୍‌କୁ ଆସିଥିଲେ । ସ୍କୁଲ୍ ଭିତରେ ଏବଂ ହତା ବାହାରେ ମଧ୍ୟ କଦଳୀ ଗଛ ସବୁ ପୋତା ହେଇଥାଏ । ଆମ୍ବପତ୍ରରେ ମାଳ ତିଆରି ହେଇ ତୋରଣରେ ଝୁଲେଇ ଦିଆ ଯାଇଥାଏ । ଫୁଲମାଳ ମଧ୍ୟ ତୋରଣରେ ଝୁଲୁଥାଏ ଏବଂ ଆଉ କିଛି ମାଳ ଅତିଥିଙ୍କ ପାଇଁ ରଖା ଯାଇଥାଏ । ଆମେ ସବୁ ପ୍ୟାଣ୍ଟ୍ ଭିତରେ ସାର୍ଟ ଭର୍ତ୍ତି କରି ବେଶ୍ ସ୍ମାର୍ଟ ମୁଦ୍ରାରେ ଥାଉ । ସମସ୍ତଙ୍କ ହାତରେ ଜାତୀୟ ପତାକାରୁ ଖଣ୍ଡେ ଖଣ୍ଡେ ଥାଏ ।

ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଆସିଲେ ଜାତୀୟ ସଙ୍ଗୀତ ଜନଗଣମନ ଅଧିନାୟକ ବୋଲାଗଲା ଏବଂ ପତାକା ଉତ୍ତୋଳନ ହେଲା । ଆମେ ସମସ୍ତେ ସାଲ୍ୟୁଟ୍ କଲୁ । ତାପରେ ପତାକାଟି ମାନ ଧରି ଆମେମାନେ ସ୍କୁଲ୍ ହତା ଚାରିପାଖେ ଲେଫ୍‌ଟ୍ ରାଇଟ୍ କରି ଘେରାଏ ବୁଲି ଆସିଲୁ । ସେଦିନର ଉତ୍ସବ ଶେଷ ହେଲା ।

ସେଦିନର ଆଉ ଗୋଟିଏ କଥା ମନେ ପଡୁଛି । କେବଳ ସ୍କୁଲ୍ ନୁହେଁ ସେଦିନ ଗାଁ ଦାଣ୍ଡର ଦି'ପଟ ମଧ୍ୟ କଦଳୀଗଛ ଓ ଜାତୀୟ ପତାକା ମାଳରେ ସଜା ହେଇଥିଲା । ବହୁଦିନ ତଳର କଥା ଯାହା ମନେ ପଡ଼ିଲା ଲେଖିଲି ।

*(ଏଥିରେ ପ୍ରତିଫଳିତ ମତ 'ରେବତୀ'ର ମତ ନୁହେଁ, ଏହା ଲେଖକଙ୍କ ନିଜସ୍ୱ ମତ)*

# ଶୋଭାମୟୀ : ଶୋଭାଦି'



# ଗୁରୁଣାଂ ଗୁରୁ ଶୋଭା ରାୟ

# ଅନିର୍ବାଣ ଆଲୋକଶିଖା



ଜ୍ଞାନ, ସେବା, କରୁଣା, ବିଭୁଭକ୍ତି, ନମ୍ରତା, ସହନଶୀଳତା ଆଦି ଭାରତୀୟ ନାରୀର ସମସ୍ତ ସଦ୍‌ଗୁଣାବଳୀର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ଅଧ୍ୟାପିକା ଶୋଭା ରାୟ । ସେ ଥିଲେ ଅସାଧାରଣ ପରମ ଆରାଧ୍ୟା ଗୁରୁଣାମ ଗୁରୁ । ଯଥାର୍ଥ ଗୁରୁ, ପ୍ରଥପ୍ରଦର୍ଶିକା, ନୈତିକ ପଥର ଅଭିଯାତ୍ରୀ, ବ୍ରହ୍ମଚାରିଣୀ, ସାଧିକା, ଜ୍ଞାନ ତପସ୍ୱିନୀ । ସଂସ୍କୃତ ଅଧ୍ୟାପିକା ଭାବେ ଉଚ୍ଚକୋଟୀର ଶିକ୍ଷାଦାତ୍ରୀ । ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ସେ ତ୍ୟାଗ ଓ ସେବା ଦେଇ ଚାଲିଥିଲେ । 'ଧୂପ ପରି ଜଳି ସୁରଭି ବିତରଣ କରିବା' ଥିଲା ତାଙ୍କ ଜୀବନର ପରମ ବ୍ରତ । ତାଙ୍କର ଅନ୍ୟ ଏକ ବଡ଼ ପରିଚୟ ହେଉଛି ଯେ ସେ ଯୁଗସ୍ରଷ୍ଟା କବିବର ରାଧାନାଥ ରାୟଙ୍କର ଅଣନାତୁଣୀ । ବିଶିଷ୍ଟ ପ୍ରାବନ୍ଧିକ ଶଶୀଭୂଷଣ ରାୟଙ୍କର କନ୍ୟାଙ୍କର ପ୍ରଥମ ସନ୍ତାନ । ଓଡ଼ିଶାର ପ୍ରଥମ ଝିଅ ଭାବେ କଲିକତା ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ଏମ୍‌ଏ ପାଶ୍ କରି ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ । ୧୯୪୬ ମସିହାରେ ପରାଧୀନ ଭାରତର ରେଭେନ୍ସା କଲେଜ୍‌ରେ ସଂସ୍କୃତ ଅଧ୍ୟାପିକା ଭାବେ ଯୋଗଦାନ କରି ସମସ୍ତଙ୍କୁ ଚମତ୍କୃତ କରିଦେଥିଲେ । ଏହି ଅସାଧାରଣ ବିଦୂଷୀ ଏବଂ ସର୍ବବିଧ ସଦ୍‌ଗୁଣରେ ବିଭୂଷିତା ଅଧ୍ୟାପିକାଙ୍କର ଛାତ୍ରୀ ହେବାର ଦୁର୍ଲଭ ସୁଯୋଗ ଲାଭ କରିଛନ୍ତି 'ସମାଜ'ର ପୂର୍ବତନ ସମ୍ପାଦିକା, ବିଶିଷ୍ଟ କବି, ସାରସ୍ୱତ ସାଧିକା ତଥା ସମାଜସେବୀ ଡକ୍ଟର ମନୋରମା ମହାପାତ୍ର । ଶୋଭା ରାୟ ହିଁ ତାଙ୍କ ଜୀବନର ରୁଦ୍ଧଦ୍ୱାର ଖୋଲି ଦେଇଥିଲେ । ଜ୍ଞାନ ରାଜ୍ୟରେ ତାଙ୍କରି ହାତ ଧରି ପ୍ରବେଶ କରିଥିଲେ ଉଚ୍ଚଶିକ୍ଷା ଜଗତରେ । ଶୋଭାଦି ତାଙ୍କ ଜୀବନର ଅନିର୍ବାଣ ଆଲୋକଶିଖା । ଚଳିତବର୍ଷ ଶୋଭା ରାୟଙ୍କର ଜନ୍ମ ଶତବାର୍ଷିକୀ ପୂର୍ତ୍ତି ପାଳନ କରାଯାଉଛି । ଏହି ଅବସରରେ 'ରେବତୀ'ର 'ମୋ ଶିକ୍ଷକ' ବିଭାଗରେ ଗୁରୁଙ୍କ ପ୍ରତି ଶ୍ରଦ୍ଧା ନୈବେଦ୍ୟ ବାଢନ୍ତି ତାଙ୍କର ପ୍ରିୟ ଛାତ୍ରୀ ମନୋରମା ।

**ଡକ୍ଟର ମନୋରମା ମହାପାତ୍ର**
(ଶୋଭା ରାୟଙ୍କ ପ୍ରାକ୍ତନ ଛାତ୍ରୀ)
ପଦାରବିନ୍ଦ ନିଳୟ, ଶ୍ରୀବିହାର କଲୋନୀ, ଶେଲ୍‌ଟର୍ ଛକ, କଟକ-୭୫୩୦୦୮, ଫୋନ: ୯୩୩୮୦୩୩୫୫୫

ଫଟୋ ସୌଜନ୍ୟ : ଲେଖିକା



▲ ଲେଖିକା ଡକ୍ଟର ମନୋରମା ମହାପାତ୍ର

ଅଧ୍ୟାପିକା ଶୋଭା ରାୟ ମୋ ଜୀବନର ଦିଗ୍‌ଦର୍ଶିକା । ଅସାଧାରଣ ପରମ ଆରାଧ୍ୟା ଗୁରୁଣାମ୍ ଗୁରୁ । ଯଥାର୍ଥ ଗୁରୁଶିଷ୍ୟ ପରମ୍ପରାର ଶେଷ ପ୍ରଜ୍ୱଳିତ ଶିଖା, ସ୍ନେହ ଓ ଅଶୀର୍ବାଦର ମୂର୍ତ୍ତି- ସେ ଅନନ୍ୟା । ପରମ ପୂଜ୍ୟା ବେଦଜ୍ଞା, ସୁପଣ୍ଡିତା, ସୁଦକ୍ଷ ଅଧ୍ୟାପିକା ଶୋଭା ରାୟ ଥିଲେ ସ୍ୱଳ୍ପଭାଷୀ । ତାଙ୍କୁ ଦେଖି ଦେଲେ ପ୍ରଥମେ ଲାଗିବ ନାହିଁ ଯେ ଏହି ଅତି ସାଦାସିଧା ନାରୀଟି ବାସ୍ତବରେ ଦେବୀ- ଅନନ୍ୟା ଏବଂ ଅସାଧାରଣ-ହୃଦ୍‌ଚେତା-ଅସାଧ୍ୟ ସାଧନ କରିବାରେ ସମର୍ଥା, ସୁପଣ୍ଡିତା । ଏକାଧାରରେ ଜ୍ଞାନର ଅଖଣ୍ଡ ଭଣ୍ଡାର ତାଙ୍କ ଭିତରେ ସାଇତା । ଅସାଧାରଣ ସ୍ମରଣ ଶକ୍ତି, ଯେକୌଣସି ଶ୍ଳୋକର ଗୋଟିଏ ଧାଡ଼ି କହିଦେଲେ ସେ ପଦ ପୂରଣ କରିଦେବେ । ଆକାରେ ସେ ସାନ- ପତଳା ଛୋଟିଆ ମଣିଷଟିଏ । ସଦାବେଳେ ଧଳାଶାଢ଼ି ଛଡ଼ା ରଙ୍ଗୀନ ଶାଢ଼ି ପିନ୍ଧନ୍ତି ନାହିଁ । ଗୋଇଠି ଉପରକୁ ଶାଢ଼ି ପିନ୍ଧିଥିବେ । ସାଧାରଣ- ଅତି ସାଧାରଣ ସୂତା ଶାଢ଼ି- ଅଳ୍ପ ଅଳ୍ପ ଧଡ଼ି । ହାତରେ ପଟେ ପଟେ ସୁନା ସରୁ ବାଲା । ବେକରେ ସରୁ ସୁନା ଚେନ୍ । ଆମେ ଦେଖିଲା ବେଳୁ ଏହି ପୋଷାକ । ଗୋଡ଼ରେ ଶସ୍ତା ଚପଲ୍ । ଭ୍ୟାନିଟି ବ୍ୟାଗ୍ ଧରନ୍ତି ନାହିଁ । ଘୋଡ଼ି ହୋଇଥିବେ କାନି ଓ ଅଣ୍ଟାରେ ଖୋସି ହୋଇଥିବେ । ବାହାରକୁ ଦୁର୍ବଳ ମଣିଷ ପରି ଦିଶନ୍ତି- କିନ୍ତୁ ଅଖଣ୍ଡ ତାଙ୍କର ଶକ୍ତି । ଇଚ୍ଛାଶକ୍ତି ପ୍ରବଳା । କର୍ମଶକ୍ତି କଳ୍ପନାତୀତ । ଅତ୍ୟନ୍ତ ସରଳ, ନିରାଡମ୍ବର ଜୀବନ ଯାତ୍ରା । ବିଚାର କରନ୍ତୁ- ଟିକିଏ ନିରୀକ୍ଷଣ କଲେ ଦୁଇ ପଦ ଆଲୋଚନା କଲେ କିମ୍ବା କଥା ହେଲେ ସେ ମିଣଷଟି ଯେ ଯଥାର୍ଥ ମନୁଷ୍ୟ ପଦବାଚ୍ୟ ଏବଂ ଜ୍ଞାନ, ସେବା, କର୍ତ୍ତବ୍ୟପରାୟଣତା, ତ୍ୟାଗ, ସଂଯମ, ପରୋପକାର, ସାହସ, ଧୈର୍ଯ୍ୟ, ବୃଦ୍ଧି, ଶକ୍ତି, ପରାକ୍ରମ, ଉତ୍ସାହ, ପ୍ରଚଣ୍ଡ ଧୀଶକ୍ତି, ନମ୍ରତା, ସ୍ନିଗ୍ଧତା, ଦୟା, କରୁଣା, ସ୍ନେହର ଅଫୁରନ୍ତ ଶକ୍ତିର ପାରାବାର, ତାହା ସୂଚନା ପାଇ ପାରିବେ । ଯେତିକି ଅଧିକ ପାଖରୁ ଦେଖିବେ ସେତିକି ଅନୁଭବ ହେବ- 'ଏ ନାରୀ ଅନନ୍ୟା, ଅସାଧାରଣ ।' ବ୍ୟକ୍ତିତ୍ୱର ଅଧିକାରିଣୀ, ଭକ୍ତି ଓ ଆଧ୍ୟାତ୍ମିକ ବିଭବରେ ପରିପୂର୍ଣ୍ଣା ଏକ ଦୃଢ଼ମନା ସାର୍ଥକ ଅନନ୍ୟ ମଣିଷ ଶୋଭା ରାୟ ! ଆଉ ଶିକ୍ଷାଦାନ ! ଅତୁଳନୀୟ- ମୋର ସେ ଗୁରୁ- ଏଭଳି ଗୁରୁ ପାଇ ଜୀବନ ମୋ ଧନ୍ୟ ।

ଅନ୍ୟ ଭାଷାରେ କହିବାକୁ ହେଲେ ଯଦି ମୁଁ ଶୋଭା ରାୟଙ୍କୁ ମୋର ଗୁରୁ ଭାବରେ ୧୯୬୩ ସାଲ୍‌ରେ ପାଇ ନଥାଆନ୍ତି, ଆଜି ମୁଁ ସାରସ୍ୱତ ଜଗତରେ ପ୍ରବେଶ କରି ପାରିଥାଆନ୍ତି କି ନାହିଁ ଜାଣେନା; କିନ୍ତୁ ବିଶ୍ୱବିଦ୍ୟାଳୟରେ କଦାପି ଶିକ୍ଷା ଲାଭ କରି ପାରିନଥାଆନ୍ତି । ଆଶ୍ଚର୍ଯ୍ୟ, ସୁନ୍ଦର, ଏକାନ୍ତ ନମସ୍ୟ, ପ୍ରଣମ୍ୟ ଶୋଭନୀୟ, ବନ୍ଦନୀୟ, ଆରାଧନାଯୋଗ୍ୟ ବଳିଷ୍ଠ ପୁଣି ଅତ୍ୟନ୍ତ ପବିତ୍ର ମୋ ଶୋଭାଦି' । ଧୈର୍ଯ୍ୟ, କରୁଣା ଓ ସେବା ମନୋଭାବ ମିଶା ଉଦାର ହୃଦୟର ଭଲପାଇବାରେ ଓଦାଓଦା ଶାନ୍ତି ମନୋରମ କଥାବାର୍ତ୍ତାରେ ହୃଦୟର ନିମିଷକେ ସବୁ ମଳିନ୍ୟ ଦୂର କରି ଦେଲା ଭଳି ଯେ ମଣିଷ ଖୁବ୍ ଉଚ୍ଚଶିକ୍ଷା ଲାଭ କରି ଏତେ ସାଧାରଣ ଜୀବନ ଯାପନ କରିପାରନ୍ତି, ତାହା ଆଖିରେ ନ ଦେଖିଲେ କେହି ବିଶ୍ୱାସ କରି ପାରିବେ ନାହିଁ । ମୋର ଅନୁଭୂତିର କଥା ଆଜି ମୁଁ ମନ ଖୋଲି ଏହି ପ୍ରାତଃ ସ୍ମରଣୀୟ ମହୀୟସୀ ଦିବଂଗତ ଗୁରୁ ଶୋଭା ଦି'ଙ୍କ ପାଇଁ ଲେଖୁଛି । ଯାହା ମୁଁ ଅଙ୍ଗେ ଅଙ୍ଗେ ଅନୁଭବ କରିଛି-ମୋ ଜୀବନର ସର୍ବଶ୍ରେଷ୍ଠ ମୁହୂର୍ତ୍ତ କହିଲେ ବୋଧହୁଏ ଭୁଲ୍ ହେବ ନାହିଁ । ମୁଁ ଆଗରୁ ଶୋଭାଦି'ଙ୍କୁ ଦୂରରୁ ଦେଖିଥିଲି ରେଭେନ୍ସା ଗାର୍ଲ ସ୍କୁଲ୍‌ରେ ପାଠ ପଢ଼ିଲା ବେଳେ ଅବଶ୍ୟ ଆମ ସ୍କୁଲ୍ ଓ ଶୈଳବାଳା ଏକାଠି ହେଉଥିଲା- ସେ ଏମିତି ଦୂରରୁ ଦେଖା ।



କିନ୍ତୁ ୧୯୯୩ ମସିହାରେ ମୁଁ ସିଦ୍ଧାନ୍ତ ନେଲି କଲେଜ୍‌ରେ ପାଠ ପଢ଼ିବି । ମୋ ସ୍ୱାମୀଙ୍କର (ଜଙ୍ଗଲ ବିଭାଗ ଚାକିରି) ପ୍ରଥମ ଥର ପାଇଁ କଟକ ବଦଳି ହୋଇଥାଏ । ନନ୍ଦନକାନନ (ଜଙ୍ଗଲ ବିଭାଗ) ଜାପାନରୁ ଫେରିଥାଆନ୍ତି । ମୋ ବାହାଘର ମାଟ୍ରିକ୍ (୧୯୫୦) ପରୀକ୍ଷା ପରେ ହୋଇଥିବାରୁ ମୋ ପାଖରେ ମାଟ୍ରିକ୍ ସାର୍ଟିଫିକେଟ୍ ନଥାଏ । ମୁଁ କେମିତି କଲେଜ୍‌ରେ ପଢ଼ିବି ? ସେ ବର୍ଷ ପ୍ରାକ୍ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥାଏ । ସେ ଯାହାହେଉ ପ୍ରଭୁଙ୍କର ଅପାର କରୁଣାରୁ ରେଭେନ୍ସା ଗାର୍ଲସ୍କୁଲ୍‌ର ସ୍ୱର୍ଗତ ବିଜୟ କୁମାରୀ ପଣ୍ଡା ପ୍ରଧାନ ଶିକ୍ଷୟିତ୍ରୀଙ୍କ ଠାରୁ ସାର୍ଟିଫିକେଟ୍ ଆଣି ତାଙ୍କୁ ବିନମ୍ର ପ୍ରଣାମ କରି ଶୈଳବାଳା ମହିଳା କଲେଜ୍‌କୁ ଆସିଲି ନାମ ଲେଖାଇବାକୁ । ଥାଆନ୍ତି ଆମର ସ୍କୁଲ୍‌ର ମ୍ୟାଡାମ୍- ପ୍ରେମଲତା ବେହେରା ।

ଅଧକ୍ଷା ମହିଳା କଲେଜ୍ । କେତେ ସ୍ନେହଶୀଳା ସେ ଗୁରୁମା । ସେ ସମୟର ଶିକ୍ଷୟିତ୍ରୀମାନେ କେତେ ଉଦାର ସ୍ନେହଶୀଳ ଓ ମହାନ ଥିଲେ । ସେ ମୋ ବ୍ୟବସ୍ଥା କଲେ । ମୁଁ ଗଲି ହଷ୍ଟେଲ୍‌କୁ ଶୋଭା ରାୟଙ୍କୁ ଦେଖା କରିବାକୁ । ଲେଖି ତ ଦେଇଛି ସଂସ୍କୃତ ବିଷୟ ନେବି । ହେଲେ ୧୩ ବର୍ଷ ପରେ ଚାରି ପିଲାର ମାଆ, ବଡ଼କୁଟୁମ୍ବ ଶାଶୁଘର ଲୋକଙ୍କୁ ନେଇ ମୁଁ ପାରିବି ତ ? ଭୟରେ ଥରୁଥାଏ ପାଦ ଦି'ଟା । ଏକା ଏକା ସାହସ ସଞ୍ଚୟ କରି ମ୍ୟାଡାମ୍‌ଙ୍କୁ ଦେଖା କରିବାକୁ ଗଲି । ସେ ସାକ୍ଷାତ ପ୍ରଥମ ସାକ୍ଷାତ କହିଲେ ଚଳେ । ଅତି ସାଧାରଣ ଶାଢ଼ି ପିନ୍ଧା ମଣିଷଟିଏ ଛତାଟିଏ ଧରି ହଷ୍ଟେଲ୍‌ରୁ କଲେଜ୍‌କୁ ଆସୁଥିଲେ । ମୁଁ ଯାଇ ପ୍ରଣାମ କଲି । ସେ ଠିଆ ହୋଇଗଲେ । ସେହି ପ୍ରଥମ ସାକ୍ଷାତରେ ମୁଁ ଅଭିଭୂତ ହେଇଗଲି । ସେ କଥା କହିଲା ପରେ ମୁଁ ବେଶ୍ ମୋର ଅଭିଜ୍ଞ ଚକ୍ଷୁରେ ବାରି ପାରିଲି- ଏ ସାଧାରଣ ନୁହନ୍ତି, ଏ ଅସାଧାରଣ । ମୋ ଅଜାଣତରେ ମୋ କଣ୍ଠରୁ ବାହାରିଲା- "ଦିଦି ଆପଣଙ୍କୁ ପଚାରିବାକୁ ଆସିଛି ୧୩ ବର୍ଷ ହେଲା ପଢ଼ା ଛାଡ଼ିଛି ମୁଁ କ'ଣ ସଂସ୍କୃତ ନେଇପାରିବି ?" ସେ ମୋତେ ଯାହା କହିଲେ ସେଥିରେ ମୋର ଆତ୍ମବିଶ୍ୱାସ ଶତଗୁଣ ବଢ଼ିଗଲା । "ଇଚ୍ଛା ଯେତେବେଳେ ଅଛି ଉପାୟ ନିଶ୍ଚୟ ମିଳିବ ।" କି ଶାନ୍ତ, ନମ୍ର, ମଧୁର ଅଥଚ ଦୃଢ଼ ଏବଂ ଅପୂର୍ବ ସ୍ନେହ, ଧୈର୍ଯ୍ୟ ଓ ସୁରକ୍ଷା ଦେଲା ଭଳି ତାଙ୍କ ମୁଖର ପ୍ରତ୍ୟେକ ଶବ୍ଦ । ମୋର ଭୟ ଅଧା ଅଧିକ କମିଗଲା । ସ୍ଥିର କଲି- ନା ଯିଏ ଯାହା କହୁ ମୁଁ ସଂସ୍କୃତ ପଢ଼ିବି ହିଁ ପଢ଼ିବି ।

ପ୍ରଥମ କ୍ଲାସ୍ ଆରମ୍ଭ ହେଲା ଦିନ ଆମ ରୁମ୍‌ଟି ଭାରୀ ଛୋଟ- ମାତ୍ର ୧୫ ଜଣ ପିଲା ଆମେ ସଂସ୍କୃତ ନେଉଥାଉ । ପରେ ଆଉ ଚାରି ଜଣ ଆସି ଯୋଗ ଦେଲେ । ମୁଁ ଶ୍ରେଣୀଗୃହରେ ୧୯୧ ରୋଲ୍ ନମ୍ବର ଥିବା ମଧ୍ୟବୟସୀ ମଣିଷଟିଏ ବସିଛି, ପାଠ ଆରମ୍ଭ କରିବି । ଗୁରୁମାଆ ପଶି ଆସିଲେ । ଆମେ ଠିଆ ହେଲୁ । ପ୍ରଣାମ କଲୁ । ପ୍ରତି

ପ୍ରଣାମ କରି ସେ 'ବସ ବସ' କହି ଟେବୁଲ୍ ପାଖକୁ ଗଲେ । କଳାପଟାରେ ଓଁ ଲେଖିଲେ । ହାତ ଯୋଡ଼ି ପ୍ରଣାମ କଲେ । 'ମେଘଦୂତ' ଆମର କୋର୍ସରେ ଥାଏ- ବହିଟିକୁ ମୁଣ୍ଡରେ ଛୁଆଁଇଲେ । ବହି ଖୋଲିଲେ; ମାତ୍ର ବହି ସେ ଦେଖୁ ନଥଲେ-ଆରମ୍ଭ ହେଲା ପାଠ । ସେ ଅନବଦ୍ୟ, ଅପୂର୍ବ ରୀତିରେ ଏକାନ୍ତ,ଏକାଗ୍ର ଅଭିନିବେଶ ସହକାରେ ସେ ପାଠପଢ଼ା । ପ୍ରଥମ ଶ୍ଳୋକର ସମସ୍ତ ଶବ୍ଦର ବ୍ୟୁତ୍ପତ୍ତି ବୁଝାଇ ସାରିବା ପରେ ସେ ଇଂରାଜୀରେ ତାର ଅର୍ଥ କହିଲେ । ଆରମ୍ଭ ବେଳେ ଇଂରାଜିରେ ପଢ଼ା ହେଉଥାଏ ଏବଂ ସେ କହି ସାରିବା ପରେ ଶୋଭା ଦି' ପଚାରିଲେ ଓଡ଼ିଆରେ- "ପିଲେ ବୁଝିପାରିଲ ତ ?" ଆମ୍ଭେ କିଛି କହିବା ଆଗରୁ ସେ କହିଲେ କବି ରାଧାମୋହନ ଗଡ଼ନାୟକଙ୍କ କଥା ଏବଂ ତାଙ୍କ 'ମେଘଦୂତ' ଅନୁବାଦରୁ ବହି ନ ଦେଖି ପ୍ରଥମ ପଦର କାବ୍ୟାନୁବାଦ କି ସୁନ୍ଦର ଭାବରେ ଗାଇ ପୁଣି ଓଡ଼ିଆରେ ବୁଝାଇ ଦେଲେ । ଭାଷା ମୋ ମନୋଭାବକୁ ବ୍ୟକ୍ତ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ । କେତେ ସୁନ୍ଦର, କେତେ ଉଚ୍ଚକୋଟୀର, କେତେ ଆନ୍ତରିକଭରା ସେ ପଠନ ଶୈଳୀ । ମୁଁ ମନ୍ତ୍ରମୁଗ୍ଧ ହୋଇ ଶୁଣୁଛି ଓ ଲେଖୁଛି । ଥରଟିଏ କ୍ଲାସ୍‌ରେ ବସିଲେ ମନ ଭିତରେ ଛାପ ପଡ଼ିଲା ନାହିଁ । ପ୍ରତିଟି ଶବ୍ଦ-ବ୍ୟାକରଣ- ଏତେ କଠିଣ ସଂସ୍କୃତ ପୁଣି ଏତେ ସାବଲୀଳ ସ୍ୱତନ୍ତ୍ର ଭାବରେ ପଢ଼ା ଯାଇପାରେ ? ସେ ଅନନ୍ୟା-ଅସାଧାରଣ-ଅପୂର୍ବ ଏବଂ ଜ୍ଞାନର ମୂର୍ତ୍ତିମନ୍ତ ପ୍ରତୀକ- ପରମପୂଜ୍ୟା ଗୁରୁ ଶୋଭା ରାୟ ।



ଚାକିରୀ ଜୀବନର ଆରମ୍ଭରେ ଶୋଭା ରାୟ

ମଣିଷ ଭିତରେ ମଉଡ଼ମଣି । ବାହାରକୁ ଆସି ତାଙ୍କ ପରିଚୟ ପାଇ ମୋର ଭକ୍ତି ଶ୍ରଦ୍ଧା,ଶତଗୁଣ ବଢ଼ିଯାଇଥିଲା । ଶାନ୍ତ,ସମାହିତ ବ୍ୟକ୍ତିତ୍ୱ, ଅଫୁରନ୍ତ ଜ୍ଞାନ ଗଙ୍ଗାରେ ଅଭିଷିକ୍ତା । ସେ ଜଣେ ତପସ୍ୱିନୀ-ସାରସ୍ୱତ ସାଧିକା, ବ୍ରହ୍ମଚାରିଣୀ । ଶ୍ରେଣୀରେ ନୁହେଁ, ପ୍ରାର୍ଥନା କକ୍ଷରେ ଅବା ବସିଛି । ଏହା ଯେ ଜ୍ଞାନ, ଉପାସନା- ମୋର ହୃଦ୍‌ବୋଧ ହେଲା । ୧୯୨୧ ଅଗଷ୍ଟ ୧୨ ତାରିଖ: ଏହିଦିନ ମୋର ଗୁରୁ ଶ୍ରେଷ୍ଠ ଗୁରୁ ଶୋଭା ରାୟ ଆଜି ଠାରୁ ଶହେ ବର୍ଷ ତଳେ ଜନ୍ମିଥିଲେ କଟକ ସହରରେ । ପ୍ରସିଦ୍ଧ କାଳିଗଳି, ମା' କାଳୀଙ୍କର ମନ୍ଦିର ପାଖ ରାସ୍ତାରେ ସେହି ଇତିହାସ ପ୍ରସିଦ୍ଧ ସାଂସ୍କୃତିକ ଐତିହ୍ୟର ସ୍ମାରକ-ଯୁଗସ୍ରଷ୍ଟା ରାୟବାହାଦୁର କବିବର ରାଧାନାଥ ରାୟଙ୍କର କୋଠା(ଧଳାକୋଠା) ଉତ୍ତରାଧିକାରୀ ସୂତ୍ରରେ ପାଇଥିଲେ ତାଙ୍କ ସୁଯୋଗ୍ୟ ପୁତ୍ର ସାହିତ୍ୟ ସାରଥୀ ପ୍ରାବନ୍ଧିକ ଶଶୀଭୂଷଣ ରାୟ । ତାଙ୍କରି ଦ୍ୱିତୀୟ କନ୍ୟା ସୁମତି ରାୟ- ବିବାହ କରିଥିଲେ ଦୁର୍ଗାଚରଣ ରାୟଙ୍କୁ- ସେ ଥିଲେ ଏସ୍‌ଡିଓ । ଶଶୀବାବୁ ଘଟଣାଚକ୍ରରେ ଏହି ଐତିହାସିକ ଘରଟିକୁ ବିକ୍ରୟ କରିବାକୁ ବାଧ୍ୟ ହେବାରୁ ଜାମାତା ଦୁର୍ଗାଚରଣ ଏହି ଐତିହ୍ୟସମ୍ପନ୍ନ ବିଶିଷ୍ଟ ଗୃହଟିକୁ ହାତଛଡ଼ା ନ କରିବା ପାଇଁ ସ୍ଥିର କରି କିଣିନେଲେ । ଏହି ପ୍ରସିଦ୍ଧ ଗୃହରେ ଜନ୍ମ ନେଲେ ଅଗଷ୍ଟ ୧୨ ତାରିଖ ତାଙ୍କର ବଡ଼ଝିଅ - ଓଡ଼ିଶାର ନାରୀ ସମାଜର ଗର୍ବ ଓ ଗୌରବ ଶୋଭା ରାୟ । ମନ୍ଦିରରେ ମାଆ କାଳୀ । ଆଉ ଏହି ପାଖ କୋଠାଘରେ ମାଆ କାଳୀ ଅଂଶରେ ଜାତ ଶୋଭାଦି'- ଆମ ସମସ୍ତଙ୍କ ଏକାନ୍ତ ନମସ୍ୟ,ପ୍ରିୟ ଦିଦି- ଶୋଭା ଦିଦି । ଶୋଭାଦି'ଙ୍କ ଭାଷାରେ ସେ ମସିହା ଥିଲା ୧୯୨୨ ଅଗଷ୍ଟ ୧୨ ତାରିଖ ଶନିବାର । ମୀନ ରାଶି ତାଙ୍କର । ସେ ସମୟରେ ଓଡ଼ିଶା କଥା ଆଜିର ଝିଅମାନେ କଳ୍ପନା କରିପାରିବେ ନାହିଁ । କଳ୍ପନା କରନ୍ତୁ ସେ ସମୟରେ ୧୯୪୬ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ସଂସ୍କୃତିରେ ଏମ୍‌ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ୱର୍ଣ୍ଣପଦକ ପାଇ ଓଡ଼ିଶାର ସୁପ୍ରତିଷ୍ଠିତ ଏକମାତ୍ର କଲେଜ୍(ଆଜିର ରେଭେନ୍ସା ବିଶ୍ୱବିଦ୍ୟାଳୟ)ରେ ପ୍ରଥମ ମହିଳା ଅଧ୍ୟାପିକା ଭାବେ ସଂସ୍କୃତ ବିଭାଗରେ ଯୋଗ ଦେଇଥଲେ । ପ୍ରଥମରୁ ସେ ଭଲ ପଢ଼ି ବହୁତ ପୁରସ୍କାର ପାଇଥିଲେ । ତାଙ୍କ ଘର ରକ୍ଷଣଶୀଳ ହେଲେ ମଧ୍ୟ ତାଙ୍କ ଆଇ ଓ ମାଆ ଏହି ଅସାଧାରଣ ମେଧାବିନୀ କନ୍ୟାଟିକୁ ପାଠ ପଢ଼ାଇବାରେ ଉତ୍ସାହିତ କରାଇଲେ ।

କଳ୍ପନା କଲେ ଆଶ୍ଚର୍ଯ୍ୟ ଲାଗେ ଏହି ମହୀୟସୀ ଏକାନ୍ତ ସରଳ, ଅମାୟିକ, ନିରାଡମ୍ବର ଜୀବନଯାତ୍ରା ଆରମ୍ଭ କରିଛନ୍ତି । ସେହି ସମୟରୁ ବିଂଶ ଶତାବ୍ଦୀର ଆଦ୍ୟକାଳ । ବ୍ରିଟିଶ୍ ଶାସିତ ସମାଜ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇନାହିଁ । ଅନଗ୍ରସର ଅଞ୍ଚଳ ଓଡ଼ିଶା । ସେଥିରେ ଝିଅଟିଏ ବାହାରକୁ ଯିବ । ସଂସ୍କାର ପ୍ରତି ଅଖଣ୍ଡ ଶ୍ରଦ୍ଧା ପୂରା ସାଦାସିଧା ପୋଷାକ, ପୁଅମାନଙ୍କର ସଙ୍ଗରେ କଥା କହନ୍ତି ନାହିଁ । ଶୋଭାଦି ନିଜେ କହିଛନ୍ତି, "ବୁଝିଲ ମନୋରମା- ବିଏ କ୍ଲାସ୍‌ରେ ପ୍ରଥମେ ପୁଅଙ୍କ ସଙ୍ଗେ ପଢ଼ିଲି । ସେତେବେଳେ ଆମ ବିଏ କ୍ଲାସ୍‌ରେ ମାତ୍ର ୫ ଝିଅ । ଗୋଟେ ପଟ ସିଟ୍‌ରେ ବସୁ । ପୁଅମାନଙ୍କ ମୁହଁକୁ ଚାହିଁବା ମନା ।" ତାଙ୍କ ସଙ୍ଗେ ପଢୁଥାଆନ୍ତି ସର୍ବେଶ୍ୱର ଦାଶ ବିଶିଷ୍ଟ ଗାନ୍ଧିବାଦୀ ଇଂରାଜୀ ଅଧ୍ୟାପକ । ସେ କେବେ କଥା ହୋଇନାହାନ୍ତି । ସର୍ବେଶ୍ୱର ବାବୁ ମଧ୍ୟ ସେହି କଥା କହୁଥିଲେ- "ଆମବେଳେ କେତେ କଟକଣା ଥିଲା । ମୁଁ ଦିନଟେ ମୁହଁକୁ ମଧ୍ୟ ଚାହିଁ ନାହିଁ । ତାଙ୍କର ଅନର୍ସ ସଂସ୍କୃତ- ପାଶ୍ ଥିଲା ଦର୍ଶନ । ସବୁଥିରେ ସେ ପ୍ରଥମ ଥିଲେ । ସେଥିରେ ବିଏରେ ସେ ପ୍ରଥମ ହୋଇ ପୁରସ୍କାର ପାଇଲେ । ବାହାଘର କଥା ଉଠଲା । ହେଲେ ଶୋଭାଦିଙ୍କ ଜୀବନର ସବୁଠାରୁ ପ୍ରିୟ ଥିଲା ପୁସ୍ତକ । ପାଠ ଛଡ଼ା ଅଉ କାହିଁରେ ମନ ନାହିଁ ତାଙ୍କର । ସେ କହିଲେ ଅଜାଙ୍କୁ, "ଅଜା ମୁଁ ପଢ଼ାପଢ଼ି ସାରିଲେ ସେକଥା ଭାବିବି ।" ଅଜା ତାଙ୍କ କଥାକୁ ସମ୍ମାନ ଦେଲେ । ପାଞ୍ଚଟି ଭଉଣୀ । ତେଣୁ ଅନ୍ୟ ଭଉଣୀମାନେ ଜଣ ଜଣ କରି ବିବାହ କଲେ । ଶୋଭାଦି' ସେ ଦିଗକୁ କେବେ ମନ କରିନାହାନ୍ତି । ସମୟ କାହିଁ ଚିନ୍ତା କରିବାକୁ । ସଂସ୍କୃତ,ସାହିତ୍ୟ, ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ସାହିତ୍ୟ ଭିତରେ ଜ୍ଞାନ ଆହରଣର ଅଦମ୍ୟ ଇଚ୍ଛା ତାଙ୍କୁ ପଣ୍ଡିତରେ ପରିଣତ କରିଦେଇଥିଲା । ଅଗାଧ ଜ୍ଞାନର ଭଣ୍ଡାର ଥିଲେ ସେ- ଅସାଧାରଣସମ୍ପନ୍ନ ଶୋଭାଦି' ସେ ସମୟର ଶୀର୍ଷ ସ୍ଥାନୀୟ ବିଦ୍ୱାନ୍‌ମାନଙ୍କ ମଧ୍ୟରେ ଥିଲେ ଅନ୍ୟତମା । ଅହଙ୍କାର ତାଙ୍କୁ ସ୍ପର୍ଶ କରିନଥିଲା କେବେ । ସେ ଥିଲେ ବିନମ୍ରତା ଓ ଶାଳୀନତାର ପ୍ରତୀକ । ତାଙ୍କ ସମୟର ସ୍ୱାଧୀନତା ପୂର୍ବର ରକ୍ଷଣଶୀଳ ସମାଜର ଉଚ୍ଚଶିକ୍ଷିତା ଝିଅ ଥିଲେ ଶୋଭାଦି' । ଅଧ୍ୟାପିକା ଶକୁନ୍ତଳା ମହାନ୍ତି(ନୁନୁ ଅପା କହନ୍ତି) ଶୋଭାଦି'ଙ୍କଠୁ ସବୁ ସାଙ୍ଗମାନେ ପାଠ ବୁଝନ୍ତି । ତାଙ୍କ ସମୟରେ ରେଭେନ୍ସାରେ ଥିଲେ ଦିବଙ୍ଗତ ପଣ୍ଡିତଗଣ, ଯଥା- ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି, ପ୍ରଫେସର ଡ. କୁଞ୍ଜବିହାରୀ ତ୍ରିପାଠୀ ଥିଲେ ଅଧ୍ୟାପକ ।

ଡକ୍ଟର ପ୍ରାଣକୃଷ୍ଣ ପରିଜା ଅଧ୍ୟାପକ ପୁଣି ପ୍ରିନ୍ସପାଲ୍ ହେଲେ । ତା'ପରେ ସେ ସେମାନଙ୍କ ସହକର୍ମୀ ହେଲେ । ଉଚ୍ଚାରଣ, ଆଚରଣରେ ଓ ଶିକ୍ଷାଦାନ ପଦ୍ଧତି ଯୋଗୁଁ ସେ ହେଲେ ସର୍ବଜନ ପ୍ରିୟ ଭାରତୀୟ ନାରୀର ସମସ୍ତ ସଦ୍‌ଗୁଣାବଳୀର ମୂର୍ତ୍ତିମନ୍ତ ପ୍ରତୀକ । ଜ୍ଞାନ, ସେବା, କରୁଣା, ବିଭୁଭକ୍ତି, ଗୁରୁଜନ ପ୍ରତି ଅଖଣ୍ଡ ସମ୍ମାନ, ନମ୍ରତା, ସହନଶୀଳତା, ଉଚ୍ଚୁଙ୍ଗ ଆତ୍ମମର୍ଯ୍ୟାଦା ଦୃଢ଼ ଆତ୍ମପ୍ରତ୍ୟୟ,ଏକାଗ୍ରତା, ନିଷ୍ଠା ତାଙ୍କ ବ୍ୟକ୍ତିତ୍ୱରେ ବାରି ହୋଇ ଉଠୁଥିଲା ।



ଲୁଲୁପା' କହନ୍ତି ସେ କାଳର ପ୍ରବାଦପ୍ରତିମ ଶିକ୍ଷାଗୁରୁମାନେ ଛାତ୍ରୀ ଶୋଭା ରାୟଙ୍କ ପ୍ରତି ଗଭୀର ଶ୍ରଦ୍ଧା ପୋଷଣ କରୁଥିଲେ । ଶୋଭା ରାୟଙ୍କ ପ୍ରସଙ୍ଗରେ ଆର୍ତ୍ତବାବୁ ମୁଖର ହେଉଥିଲେ । ସ୍ୱଳ୍ପଭାଷୀ ବିପିନବାବୁ ଗଭୀର ଦୃଷ୍ଟି ଉଜ୍ଜ୍ୱଳ ହୋଇ ଉଠୁଥିଲା । ଗିରିଜାବାବୁ ଶ୍ଳୋକ ଆବୃତ୍ତି କଲାବେଳେ 'ଆରେ ଶୋଭା, ଠିକ୍ କହିଲି ତ' କହି ଚଷମା ତଳୁ ଶୋଭାଦିଦିଙ୍କୁ ଅନଉଥିଲେ । ଏତେ ସମ୍ମାନ ତାଙ୍କୁ ତିଳେ ମାତ୍ର ପ୍ରଚାରମୁଖୀ କରିନି । ସେ ନମ୍ରତା ଓ କମନୀୟତାର ପ୍ରତୀକ । ଅଧ୍ୟାପିକା ଶୋଭାଦି'ଙ୍କ ପଠନ ଶୈଳୀ ଛାତ୍ରଛାତ୍ରୀ ବତ୍ସଳତା ଅନୁପମ, ସଦା ସହାୟତା ନିମନ୍ତେ ସେ ଉତ୍କଣ୍ଠିତା । ସେ ଯଥାର୍ଥ ବିଦୂଷି;କିନ୍ତୁ ନିରଭିମାନୀ ସେ ଚିରକାଳ । ସେ କେବଳ ସଂସ୍କୃତ ସାହିତ୍ୟର ନୁହେଁ, ଇଂରାଜୀ, ଓଡ଼ିଆର ମଧ୍ୟ ନମ୍ର ରସଗ୍ରାହୀ.. ଜିଜ୍ଞାସୁ ଛାତ୍ରୀ । ଜ୍ଞାନର ପିପାସା ଅସୀମ । କିନ୍ତୁ ଆଶ୍ଚର୍ଯ୍ୟ ସେ ଏତେ ସଦ୍‌ଗୁଣରେ ବିଭୂଷିତା ହୋଇ ମଧ୍ୟ ତାଙ୍କ ଆଚରଣ ଅତି ସାଦାସିଧା । ସମସ୍ତଙ୍କ ପ୍ରତି ସମଦୃଷ୍ଟି । ରେଭେନ୍ସା କଲେଜ୍ ପରେ ସେ ଆସିଲେ ଶୈଳବାଳା । କନ୍ୟାଗଣଙ୍କୁ ସର୍ବଶିକ୍ଷା ପ୍ରଦାନ ପୂର୍ବକ ସଂସ୍କୃତିସମ୍ପନ୍ନା କରି ଗଢ଼ି ତୋଳିବାରେ ଶୋଭାଦି'ଙ୍କ ଏକାଗ୍ରତା,ନିଷ୍ଠା ଓ ଆନ୍ତରିକତା ବିସ୍ମୟ କରେ । ମାଆ ନ ହୋଇ ମଧ୍ୟ ସେ ସମସ୍ତଙ୍କର ଅତି ପ୍ରିୟ ଦାୟିତ୍ୱସମ୍ପନ୍ନା ମାଆ ଥିଲେ । ହଷ୍ଟେଲ୍‌ରେ ଝିଅମାନଙ୍କର ଯତ୍ନ ନେବାରେ ତାଙ୍କ ତୁଲ୍ୟ ଜଣେ ମଧ୍ୟ ଦୃଷ୍ଟିଗୋଚର ହେବେ ନାହିଁ । କେବେ କାହା ପ୍ରତି କଟୁ ବାକ୍ୟ ସେ ପ୍ରୟୋଗ କରିନାହାନ୍ତି; ମାତ୍ର ଅନ୍ୟାୟ ବରଦାସ୍ତ କରନ୍ତି ନାହିଁ । କର୍ତ୍ତବ୍ୟ ସମ୍ପର୍କରେ ଏଭଳି ସଚେତନ ଏକନିଷ୍ଠ ଅଧ୍ୟାପିକା ବୋଧହୁଏ ଶୋଭାଦି'ଙ୍କ ପରି ଆଉ ଜଣେ ମଧ୍ୟ ସଂସାରରେ ମିଳିବେ ନାହିଁ ।

ସେ ତାଙ୍କରି ତୁଳନୀୟ କେବଳ । ତାଙ୍କର ଅନ୍ତଃଶକ୍ତି, ଦୃଢ଼ ମନୋବଳ ଏବଂ ଲୋକଙ୍କୁ ସତ୍‌ପଥରେ ପ୍ରଭାବିତ କରିବା ପାଇଁ ବୁଝାଇବାର ପ୍ରଣାଳୀ ଅପୂର୍ବ, ଅତୁଳନୀୟ । ସେ ଉଗ୍ର ସମାଲୋଚନା କରି ସୁଚାରୁରୂପେ ଶାସନ କରି ପାରୁଥିଲେ ଯାହା ଥିଲା ତାଙ୍କର ବୈଶିଷ୍ଟ୍ୟ । ମୋ ନିଜ ଅଭିଜ୍ଞତାରୁ ଦୁଇପଦ ନ କହି ରହିପାରୁ ନାହିଁ । କଲେଜ୍‌ରେ ପଢ଼ିଲା ବେଳେ ବହୁ ଅସୁବିଧା ମଧ୍ୟ ଦେଇ ମୋତେ ପିଲାଛୁଆ ଧରି ପଢ଼ିବାକୁ ପଡୁଥାଏ । ଖାଇବା ପିଇବା ଠିକଣା ନ ହେବାରୁ ମୋର ଅର୍ଶ ବାହାରିଲା । ରକ୍ତ ଝରୁଛି । ଏଣେ ପ୍ରିଟେଷ୍ଟ୍ ପରୀକ୍ଷା । ମୁହଁ ଦେଖି ମାତୃକଳ୍ପା ଶୋଭାଦି' ଜାଣିପାରନ୍ତି । କହିଲେ, "ମନୋରମା- ତୁମ ଦେହ ଠିକ୍ ଅଛି ତ? ତୁମେ ଖୁବ୍ ଦୁର୍ବଳ ଦିଶୁଛ, କ'ଣ ହେଲା ମାଆ ।" ଅଭିମାନରେ ମୋ ଆଖିରୁ ଲୁହ ଝରି ଆସିଲା । କ'ଣ ମୋର ହେଉଛି ଏକାନ୍ତ ଭାବରେ ମନ ଖୋଲି ମୋ ମାଆ ତୁଲ୍ୟା ଅତି ଦୟାଶୀଳା ଶୋଭାଦି'ଙ୍କୁ କହିଦେଲି । ସେ ବି ସର୍ବତ୍, ବେଲ ଆଦି ଖାଇବାକୁ କହିଲେ । ରାତି ପାହିଲେ ପ୍ରିଟେଷ୍ଟ୍ ପରୀକ୍ଷା । କଲେଜ୍ ଆସିଲା ବେଳକୁ ଡେରି ହେଲା । ସିଟ୍ ପଡ଼ିଛି । ମୋର ଡେରି ହୋଇ ଯାଇଛି । ମୁଁ ଏମିତିରେ ଭାରି ଛାନିଆ । ହଲ୍‌ରେ ଯାଇ ପଶିଲା ପରେ ମୋ ସିଟ୍ ନମ୍ବର ପାଖକୁ ଆସି ଦେଖେ ଗୋଟାଏ ମୋଟା କମ୍ବଳ ପଡ଼ିଛି । ମୁଁ ଡରିଗଲି । କିଏ କହିବ ଇଏ କ'ଣ? ମୁଁ ଠିଆ ହୋଇ ଏଇଟା କ'ଣ କହିଲା ବେଳକୁ ମ୍ୟାଡମ୍ ଯିଏ ନିରୀକ୍ଷିକା କାର୍ଯ୍ୟ କରୁଥିଲେ ସେ କହିଲେ- ଶୋଭାଦି' ପକେଇ ଦେଇଛନ୍ତି । ତୁମର ଅର୍ଶ । ତୁମେ କାଠ ଉପରେ ବସିଲେ ବ୍ଲିଡ଼ିଂ ହେବ । ମୋ ଆଖିରୁ ଠପ୍‌ଠପ୍ ଲୁହ ଝରି ଆସିଲା- ଗୁରୁମା- ଶୋଭାଦି- ଆପଣ ମହାନ୍ । କେମିତି ସବୁରି ଦୁଃଖ ଜାଣି ପାରୁଛନ୍ତି । ପରୀକ୍ଷା ଅଧାବେଳକୁ ପିଅନ ଆଣି ମୋତେ ଗ୍ଲାସ୍‌ଟେ ବେଲ ସର୍ବତ ଦେଲା । କହିଲା, ଶୋଭାଦି ପଠାଇଛନ୍ତି । ଏତେ ଛାତ୍ରୀ ପ୍ରତି ସଚେତନ କେଉଁ ଶିକ୍ଷକ ହେବା କିଏ ଦେଖଛି? ହଁ ବହୁତ ଲୋକ ବିଶେଷତଃ ଅଧ୍ୟାପିକା ଓ ଛାତ୍ରୀ ଦେଖିଛନ୍ତି ଶୋଭାଦି'ଙ୍କ ଚାଳିଶ୍ ବର୍ଷ ଚାକିରିକାଳ ଭିତରେ ଶତଶତ ପିଲାଙ୍କୁ, ପିଅନଙ୍କୁ, କିରାଣୀଙ୍କୁ ଅଧ୍ୟାପିକାଙ୍କୁ ଏମିତି କେତେ ଯେ ସାହାଯ୍ୟ ନ କରିଛନ୍ତି- କାହା ଦୁଃଖ ସେ ସହି ପାରନ୍ତି ନାହିଁ । ସମସ୍ତଙ୍କ ପାଇଁ ତାଙ୍କର କି ସ୍ନେହସେବା । ତାଙ୍କ ଯୋଗୁଁ ଅଧ୍ୟାପିକା ଶକୁନ୍ତଳା ମହାନ୍ତିଙ୍କ ପ୍ରି-ୟୁନିଭର୍‌ସିଟିରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେଲେ । ସୁବାସ ହଜାରୀ ରାଜନୀତି ବିଜ୍ଞାନ ମୋ ସହ ବ୍ରାକେଟେଡ୍ ଫାଷ୍ଟ୍ ହୋଇଥିଲା । ମୁଁ ସଂସ୍କୃତରେ ସର୍ବୋଚ୍ଚ ନମ୍ବର ରଖିଥିଲି । ସେଦିନ ଆସି ପାଦ ତଳେ ମଥା ରଖି କାନ୍ଦି ପ୍ରଣାମ କଲି । ମତେ କୋଳକୁ ଟୋଳି ନେଲେ ଶୋଭାଦି- କହିଲେ, "ମୁଁ ଭାରି ଖୁସି"- ମିଠା ଆଣି ରଖିଥିଲେ ଦେଲେ । ମୁଁ କହିଲି- "ମ୍ୟାଡମ୍ ଆପଣଙ୍କ ଯୋଗୁଁ ଏ ଅସମ୍ଭବ ଆଜି ସମ୍ଭବ ହେଲା ।"

ଶୋଭା ଦି' କହିଲେ- "ଆରେ ମା- ମୋ କର୍ତ୍ତବ୍ୟ ମୁଁ କରିଛି । ତୁମ କର୍ତ୍ତବ୍ୟ ଯାହା କରିବା କଥା ତୁମେ କରିଛ । ମୋ ପାଇଁ ଅଧ୍ୟାପନା ଏବେ ତପସ୍ୟା ।" କେତେ ସତ୍ୟ ଏ ସଂସ୍କୃତ ଶ୍ଳୋକଟି ବୋଲିଲେ: "ବିତରନ୍ତି ଗୁରୁଃ ପ୍ରାଜ୍ଞେ ବିଦ୍ୟାଂ/ଯଥୈବ ତଥା ଜଡ଼େ । / ନ ଚ ଖଲୁ ତର୍ୟୋଜ୍ଞାନେ ଶକ୍ତିଂ କରୋତି / ଭବତି ନ ପୁର୍ନ ଛୟାନ ଭେତଃ / ଫଳେ ପ୍ରତି ପଦଯଖ / ପ୍ରଭବତି ଶୁଚିଃ ବିଶ୍ୱଗ୍ରହେ ମଣି / ନ ମୁଦାଂଚୟ ।"

ଅର୍ଥାତ ଗୁରୁ ସିଏ ଯିଏ ମେଧାବୀ ଓ ଜଡ଼ ଛାତ୍ରଛାତ୍ରୀଙ୍କୁ ସମାନ ଭାବରେ ବିଦ୍ୟାଦାନ କରନ୍ତି । ମେଧାବୀଙ୍କୁ ଶକ୍ତିଦାନ କରନ୍ତି ନାହିଁ କି ଜଡ଼ ଠାରୁ ଶକ୍ତି କାଢ଼ି ନିଅନ୍ତି ନାହିଁ । ନିର୍ମଳ ମଣି ପ୍ରତିବିମ୍ବ ଗ୍ରହଣ କରିପାରେ, କିନ୍ତୁ ମାଟି ପିଣ୍ଡୁଳା ନୁହେଁ । ମଣିଷର ଗ୍ରାହୀକା ଶକ୍ତି ଅଛି ମାତ୍ର ମାଟିର ନାହିଁ । ମୋ ସାର୍





ଆର୍ତ୍ତବଲ୍ଲଭ ମହାନ୍ତି ସବୁବେଳେ କହନ୍ତି,

ମୁଁ ସେ ଆଦର୍ଶ ଗ୍ରହଣ କରଛି । ସେ କଥା ମୋର ମନରେ ରହିଲା ଯାହା ମୋ ମ୍ୟାଡମ୍ (ଶୋଭାଦି-ଲୁଲୁପାଙ୍କ ଠୁ ଶିଖିଲି-ଲଜିକ୍‌ରେ ସବୁଠୁ ଅଧିକ ନମ୍ବର ପାଇଥିଲି । ମୋ ଜୀବନରେ ମୁଁ ଅଧ୍ୟାପିକା ହୋଇ ପିଲାଙ୍କୁ ପଢାଇବାରେ ସେହି ନୀତି ମାନିଛି । ଲକ୍ଷ୍ୟ ପୂର୍ତ୍ତି ପାଇଁ ଉପାୟକୁ ଦେଖିଛି । ସବୁ ଉପାୟକୁ ସମ୍ମାନ ଦେଇଚି । ପ୍ରଣାମ କରି ମୋ ଗୁରୁଙ୍କୁ ମୁଁ ଶ୍ରେଣୀରେ କିପରି ଶୋଭାଦିଙ୍କ ପରି ପଢ଼ାଇ ପାରେ । ହେଲେ ସେ କେତେ ଜ୍ଞାନୀ, କେତେ ମହାନ, କେତେ ବଡ଼ କର୍ମଯୋଗୀ ।

ଆଉ ଗୋଟେ ସ୍ମୃତି । ସେ ଥିଲେ କୁନ୍ତଳାକୁମାରୀ କଲେଜ୍‌ର ପ୍ରିନ୍‌ସପାଲ୍ । ମତେ ଡାକିଥିଲେ । ମୁଁ କୁନ୍ତଳାକୁମାରୀଙ୍କ ଉପରେ କହିବାକୁ ଯାଇଥିଲି । ମୋ ଦିଦିଙ୍କର ସବୁରି ତୁଣ୍ଡରେ ଉଚ୍ଛ୍ୱସିତ ପ୍ରଶଂସା । ଅଧ୍ୟାପିକାମାନେ କହୁଥାଆନ୍ତି ଆମ କଲେଜ୍‌ରେ ଶୋଭାଦି' ଆମର ମୁରବୀ- ଆମର ମାଆ, ଦେହ ଖରାପ ହେଲେ ଶହେ ଥରେ ଆସିବେ, ସେବା କରିବେ । ସକାଳେ ମୁହଁ ନିଦରୁ ଉଠି ବାପ୍ପା ଚଟି ପିନ୍ଧି କଲେଜ୍ କମ୍ପାଉଣ୍ଡରେ ବୁଲି ସମସ୍ତେ ଠିକ୍ ଅଛନ୍ତି କି ନା ବୁଝିବେ । ସେଦିନ ମତେ ଦିଦି ହାତରେ ଷ୍ଟୋଭ୍‌ରେ ଛାଣି ଦିଦି ମୋର ରୁଟି ଓ ବାଇଗଣ ଭର୍ତ୍ତା ଖାଇବାକୁ ଦେଇଥିଲେ । ମିଠା ଆଣିଥିଲେ ମୋ ପାଇଁ ଅଧ୍ୟାପିକା ସଂଯୁକ୍ତା । ଅଧ୍ୟାପିକା କବିତା- ପିଙ୍କି ଏମାନେ କହନ୍ତି କେତେ ସ୍ନେହୀ-କର୍ମତତ୍ପର ଶୋଭାଦି' । ପ୍ରତିଦିନ ଚାରିଥର ସେ ପ୍ରତି ଶ୍ରେଣୀ ଯାଇ ଦେଖନ୍ତି ପଢ଼ା ହେଉଛି କି ନାହିଁ । ବଗିଚାରେ ଯାହା ଫଳ ହୁଏ କଲେଜ୍‌ରେ ତୋଳା ହେଲେ ସମସ୍ତଙ୍କୁ ସମାନ ଭାବରେ ସେ ବାଣ୍ଟି ଦିଅନ୍ତି । ତାଙ୍କ ରୁମ୍ ଭିତରେ ମୁଖ୍ୟ କିରାଣିଙ୍କ ଟେବୁଲ୍ ଥାଏ । ନିଜ ହାତରୁ କିଣି ଆଣି ମିଠା,ସିଙ୍ଗଡ଼ା,ବରା, ବିସ୍କୁଟ୍ ରଖିଥାଆନ୍ତି । ଯାହାର ବେଶି କ୍ଲାସ୍ ଥାଏ, ତିନିଟା ବାଜି ଯାଏ ତାକୁ ଡାକି ନିଜ ହାତରେ କାଢ଼ି ଖୁଆନ୍ତି । ଝରଣା ସେଦିନ କାନ୍ଦି କାନ୍ଦି କହୁଥିଲା- ସାବିତ୍ରୀ ଉପବାସରେ ସେ ସ୍ପୋକନ୍ ଇଂଲିଶ୍ ପରୀକ୍ଷା ପାଇଁ ଯାଇଥିଲା । ବହୁତ ପିଲା ୧୦ଟାରୁ ୫ଟା ଯାଏ ପରୀକ୍ଷା କଲା ବେଳେ ନାହିଁ ପାଣି ପିଇବାକୁ । ହଲ୍‌ରୁ ବାହାରିଲା ବେଳକୁ ଶୋଭାଦି ଠିଆ ହୋଇଛନ୍ତି । କହିଲେ, ଏମିତି କ'ଣ କିଏ ଉପାସ କରେ । ଦେଖ ମାଆ ମିଠା ଦହି ଓ ମିଠା ଖାଇଲେ ମୁଁ ତୁମକୁ ଭୁବନେଶ୍ୱର ଛାଡ଼ିବି । ଏତେ ଭୋକ ହେଉଥିଲା । ମାଆର ଭଲପାଇବା ତାଙ୍କ କଣ୍ଠରେ ଲହଡ଼ି ଭାଙ୍ଗୁଥିଲା । ଅଭିଭୂତା ହୋଇ ଝରଣା ସେଦିନ ସାବତ୍ରୀ ପୂଜା ତ କହି ମିଠା ଖାଇଛି କହିଲା । କେମିତି ଜାଣିଲେ- ଶୋଭାଦି- ମୁଁ କଛି ନ ଖାଇଥିଲେ ମୂର୍ଛା ହୋଇ ଯାଇଥାଆନ୍ତି । ସେହି ଭଳି ଯାହାର ୩ଟା ଯାଏଁ କ୍ଲାସ୍ ଶୋଭାଦି ତା ପାଇଁ ଜଳଖିଆ ଧରି ବସି ଥାଆନ୍ତି- ସାରା କଲେଜ୍ କହନ୍ତି ଏ ଭଳି ଅଧକ୍ଷା ଦୁର୍ଲ୍ଲଭ ।

ସେହିପରି ପୁରୀ ମହିଳା କଲେଜ୍‌ରେ ଶୋଭାଦିଙ୍କ ଉଚ୍ଚପ୍ରଶଂସା । ନିଜେ କରି ଅପରକୁ ଶିଢ଼ି ଦିଅନ୍ତି । ସିଏ କବିତା କହୁଥାଏ ସେଦିନ ଅଭିବାନର ଲୁହ ଢାଳି କେମିତି କଲେଜରେ ସିଏ ହଷ୍ଟେଲ ଚାର୍ଜରେ ରହି ସକାଳୁ ପିଲାଙ୍କ ସଙ୍ଗରେ ବନ୍ଦେ ମାତରଂ ଗାଉଥିଲେ। । ସମସ୍ତଙ୍କୁ ଚକିତ କରି ଶୋଭାଦି ଦିନେ ଯାଇ ପହଞ୍ଚି ଥାଆନ୍ତି ପିଲାଙ୍କ ପାଖରେ । ବତେଇ ଦିଅନ୍ତି ରେଡିଓ ଲଗେଇ ଶୋଇବ ନିଦ ଭାଙ୍ଗିଯିବ । କିଏ ପୋଷାକରେ ଟିକେ ଏପଟ ସେପଟ କଲା ଶୋଭାଦି ଏଭଳି ଭାଷାରେ ବୁଝେଇବେ ସେ ଆଉ ସେ ଭୁଲ୍ କରିବ ନାହିଁ । ରୁଟିନ୍ କରିବା ଅଧ୍ୟାପିକାଙ୍କୁ କହିବେ । ପ୍ରାକ୍‌ଟିକାଲ୍ କ୍ଲାସ୍ ସକାଳେ ରଖି କୁନି ମାଆ, ସକାଳେ ପିଲାଙ୍କ ମାଇଣ୍ଡ୍ ଫ୍ରେସ୍ ଥିବ ସେତେବେଳେ ଥିଓରି ପଢ଼ାଇବେ ।

କେତେ ଚାଲନ୍ତି ସିଏ । ସମ୍ବଲପୁର କଲେଜ୍‌ରେ ଥିବାବେଳେ କଲେଜ୍ ସମ୍ମୁଖରେ କେହି ବାହାରେ ବୁଲନ୍ତି ନାହିଁ । ରୋମିଓମାନଙ୍କ ଦର୍ଶନ ନ ଥାଏ । ସମସ୍ତେ ଡରନ୍ତି । କି କଡ଼ା ଶାସନ କିନ୍ତୁ କେହି କେବେ ଶୋଭାଦିଙ୍କ ଉଚ୍ଚକଣ୍ଠରେ କଥା କହିବା ଶୁଣି ନାହାନ୍ତି । ସେ ଜାଣନ୍ତି ଅନ୍ୟକୁ କଷ୍ଟ ନଦେଇ କି ଭଳି ସୁସ୍ଥ ଶାସନ ଓ ସୁଶିକ୍ଷା ଦେବାକୁ ହୁଏ । ତାଙ୍କ ଭଳି ସୁଦକ୍ଷା ଶାସିକା, ଦକ୍ଷ ପ୍ରଶାସିକା ଓ କ୍ଷମାଶୀଳା ମାଆ, ଆଦର୍ଶ ଶିକ୍ଷୟିତ୍ରୀ, କର୍ତ୍ତବ୍ୟନିଷ୍ଠ ବିଜ୍ଞ ଅଧ୍ୟାପିକା ଏ ସଂସାରରେ ଦୁର୍ଲଭ । କାହା ପ୍ରତି ବିଦ୍ୱେଷ ନାହିଁ । ଅନ୍ୟର ଆନନ୍ଦରେ ତାଙ୍କର ଅଖଣ୍ଡ ଆନନ୍ଦ । ଆନନ୍ଦ ବାଣ୍ଟୁ ଥାଆନ୍ତି । ଅପରର ସୁଖରେ ସେ ଯେଉଁଳି ଅନାବିଳ ଆନନ୍ଦ ପାଆନ୍ତି ସେଭଳି ମନ ଏ ସଂସାରରେ କାହିଁ ? ଚାକିରି ଜୀବନ ସରିଲା ବେଳକୁ ଡିପିଆଇ ଦାୟିତ୍ୱ ନେଲେ ଶୋଭାଦି- ପୁଣି ଫେରି ଆସିଲେ କୁନ୍ତଳା କୁମାରୀ କଲେଜ୍ ୧୯୮୨ରେ, ଅବସର ନେଲେ ।

କାହାକୁ ନିଜ କୃତି କିମ୍ବା ପ୍ରତିଷ୍ଠା କଥା କେବେ ସେ କହନ୍ତି ନାହିଁ । ସମସ୍ତଙ୍କୁ ଦେବାରେ ଆନନ୍ଦ ପାଆନ୍ତି । ରୋଷେୟା, ପୂଜାରୀ, ମାଳି, ଗରିବ ଲୋକ ସମସ୍ତଙ୍କ ଦୁଃଖସୁଖରେ ସେ ଟଙ୍କା ସାହାଯ୍ୟ ଦେବେ । ନିଜେ ଔଷଧ ଆଣିବେ । ରୋଗୀ ଘରକୁ ଯିବ ବାଟ ଖର୍ଚ୍ଚ ଦେବେ । ଚାକରାଣୀର ପୁଅକୁ ପାଠ ପଢ଼ାଇବେ । ତାଙ୍କର ପୁଅ ପରି ପ୍ରଭାତ ସେ ସରସ୍ୱତୀ ବିଦ୍ୟାମନ୍ଦିର ଖୋଲିଛନ୍ତି ସେହି ଇତିହାସ ପ୍ରସିଦ୍ଧ ଘର କାଳିଗଳିରେ । ସବୁ ଶ୍ରେଣୀର ନାମକରଣ କରିଛନ୍ତି ଶୋଭାଦି- ଅନେକ ଦିନ ଯାଏଁ ପିଲାଙ୍କୁ ନିଜେ ପଢ଼ାଉଥଲେ । ସେ ଘରର ପୁଅ ପରି- ଅପରେସନ୍ ହେବ ଆଖି- ସବୁ ବ୍ୟବସ୍ଥା କଲେ । କ'ଣ ସେ ଖାଇବ କାହାକୁ ପଠେଇ ଆଣିବେ ସବୁ ତାଙ୍କ ଚିନ୍ତା- ତାଙ୍କ ବଗିଚା, ଘର, ମାଳି, ଗରିବ ଲୋକ ଅଛନ୍ତି । ଶୋଭାଦି ସେମାନଙ୍କ ପାଇଁ ମୁଢ଼ି ମିକ୍ସଚର, ଚା ବ୍ୟବସ୍ଥା କରିଥାଆନ୍ତି ସକାଳେ ଖାଇଲେ କାମ କରିବେ ସିନା ଚାକରାଣୀ ପୁଅ ସାଗର ପାଠ ପଢୁନି ଚଗଲା ହେଉଛି- ମତେ କହିଲେ- "ମନୋରମା ତୁମେ ଯେଉଁ ସ୍କୁଲ୍‌ର ସାନପିଲାଙ୍କ ପାଇଁ ଗୀତ ଲେଖିଛ ସାଗରକୁ ଶୁଣାଇ ଶିଖାଅ । ତାର ଟିକେ ପାଠରେ ମନ ଲାଗିବ ।" ସତକୁ ସତ 'ଏକ ଦୁଇ ତିନି ବିଲେଇ ବଜାଏ ଗିନି' ଶିଖେଇବାରୁ ଟୋକା ଟିକିଏ ପାଠ ପଢ଼ିଲା । ଶୋଭାଦି ମୁଁ ଗଲେ ଡାକିବେ- ଆ ତ ସାଗର ଗାଇଦେଲୁ କ'ଣ ମନେ ରଖିଛୁ । ମାଆକୁ ପାଠ ଦେଖା । ଖୁସି ହୋଇ ସେ ଯାହା ଲେଖିଛି ମତେ ଦେଖାଇବ । କି ଆନନ୍ଦ ତାଙ୍କର । କେବେ ତାଙ୍କ ମୁହଁରୁ ଶୁଣିନି କ'ଣ ତାଙ୍କ ଦୁଃଖ । ଅନ୍ୟର ଦୁଃଖ ପାଇଁ ଚିନ୍ତିତ ସିଏ । ଭଲ ଲାଗେ ପିଠା ଖାଇବାକୁ । ଦିଦିଙ୍କୁ ମୋର ମୁଁ ପିଠା କରି ପଠାଏ ତ ଆନନ୍ଦରେ ଖାଇବେ । ବରା-ସିଙ୍ଗଡ଼ାପ୍ରିୟ- ମୁଁ ଓ ମୋ ପାଖରେ ଥିବା ପିଲା ଆମେ ପ୍ରତି ମାସରେ ୨୦୦୪ ମସିହା ଠାରୁ ମାସକୁ ଥରେ ନିଶ୍ଚୟ

# ତ୍ୟାଗମୟୀ ଶୋଭନୀୟା ଶୋଭା

(ଶତବାର୍ଷିକୀ ଉପଲକ୍ଷେ)

ଡକ୍ଟର ମନୋରମା ମହାପାତ୍ର

ମହାଗୁରୁ -ଶିକ୍ଷାଗୁରୁ ତୁମେ ଅଦ୍ୱିତୀୟା
ଆଦିମାତା ଅଦିତିର ମାନସ ତନୟା
ଭାମତୀ ସ୍ୱରୂପା ତୁମେ ଜ୍ଞାନବତୀ ସ୍ନେହମୟୀ ଅନନ୍ୟା
ଉତ୍କଳର ସର୍ବଶ୍ରେଷ୍ଠ କନ୍ୟା ! ସ୍ୱଂୟସମ୍ପୂର୍ଣ୍ଣା ।
ଅନିର୍ବାଣ ବହ୍ନିଶିଖା ଜଳୁଥିବ କାଳେ କାଳେ ଏ ଉତ୍କଳେ
କାଳୁ କାନ୍ତରେ
ଜ୍ଞାନର ଆଲୋକ ବୁଣି ଘର ଘୋର ଅନ୍ଧକାରେ
ଉତ୍ତରକାଳକୁ ସିଏ ଦେଖାଇବ ପଥ
ଅପୂର୍ବ ତା  ଜ୍ୟୋତି ଆଲୋକିତ
ଶ୍ରେଷ୍ଠ ଶିକ୍ଷାଦାନରେ ନିପୁଣା- ପ୍ରଜ୍ଞାଦୀପ୍ତ ମହାଗୁରୁ
ତେଜୋମୟୀ-ନମ୍ର ଶାନ୍ତ ସେ ଯେ
ବିଦୂଷୀ-ନିଃସ୍ୱାର୍ଥୀ, ନୀତିନିଷ୍ଠ, ସତ୍ୟାର ସାଧିକା
କ୍ଷମାଶୀଳା କର୍ମଯୋଗୀ ସଦ୍‌ଗୁଣସମ୍ପନ୍ନା ।
ତପସ୍ୱିନୀ, ସେ ବ୍ରହ୍ମଚାରିଣୀ ଅଥଚ ସେ ଅଗଣିତ
କନ୍ୟାଙ୍କର ଶୁଭାନୁଧାୟିନୀ ସଂସାର
ନକରି ବିରଚା ସଂସାର ଭାରତୀ ଯଥାର୍ଥ ଜନନୀ ।
ମହୀୟସୀ ଅଧ୍ୟାପିକା ସୁଦକ୍ଷା ଅଧ୍ୟକ୍ଷା ଶୋଭାରାୟ
ଜ୍ଞାନଗଙ୍ଗା ସ୍ନାନକରି ସ୍ୱଚ୍ଛ ଅନାବିଳ ପ୍ରଶସ୍ତ ହୃଦୟା ।



କର୍ମଯୋଗୀ ସମଗ୍ରନାରୀ ଜାତିର
ଅଖଣ୍ଡ ଗୌରବ
ସ୍ଥିତଧୀ ମାନବବାଦୀ
ହଂସ ବୃତ୍ତି ଆଚରିଛି ପ୍ରାଚ୍ୟ ଆଉ ପାଶ୍ଚାତ୍ୟ ସୌରଭ
ଆହରଣ କରିବାରେ ଏକାନ୍ତ ନିପୂଣା ସିଏ
ପରୋପକାରିଣୀ ସବୁରି ଅନ୍ତର ଚିହ୍ନେ
ଭଲ ପାଇବାରେ ଭରା ସମଦୃଷ୍ଟି ସମ୍ପନ୍ନା
ସତ୍ୟବତୀ ଅନୁପମ ଅପରୂପ ଜ୍ଞାନ ପ୍ରଦାୟିନୀ
ମଳିନତା ସ୍ପର୍ଶ କରିନାହିଁ  ତାଙ୍କ ଅରଣୀରେ
ଏକାନ୍ତ ପବିତ୍ର ସିଏ ମାତୃଶକ୍ତି ବିକିରଣ କରିଗଲେ
ଶକ୍ତିସ୍ୱରୂପିଣୀ ବିନୟୀ ସ୍ୱୟଂସିଦ୍ଧା
ଜ୍ଞାନ ପ୍ରଦାୟିନୀ ଭଲପାଇବାର ସ୍ୱଚ୍ଛ ତରଙ୍ଗିନୀ
ଝରୁଥିଲା ଅନ୍ତରରେ  କାହାକୁ ସେ
ପର ବୋଲି ଅନାଦର କରିପାରନାହିଁ
ଅହଙ୍କାର ସ୍ପର୍ଶ କରିପାରି ନାହିଁ
ଅତଳ ଗଭୀର ପ୍ରେମେ
ଭରା ଥିଲା ସମସ୍ତ ଅନ୍ତର
ସୁଖ ବାଣ୍ଟିବାରେ ତୃପ୍ତି  ପାଉଥିଲେ ସିଏ ନିରନ୍ତର ।
+++
ଉତ୍କଳୀୟ ନାରୀଙ୍କର ଏକାନ୍ତ ନମସ୍ୟ ତୁମେ
ପ୍ରଜ୍ଞା ଋତମ୍ଭରା-ତପସ୍ୱିନୀ ମହାନ ସାଧିକା
ପ୍ରେମ ଆଉ ସେବାର ସ୍ୱାକ୍ଷର
ଆଧ୍ୟାତ୍ମବାଦିନୀ  ଚିହ୍ନି ତୁମେ ଚିହ୍ନାଇଲ
ନମ୍ରତାର ଶୁଚି ଶୁଭ କମ୍ର କାନ୍ତ କାୟ
ଅନୀଲ ଅମର ପ୍ରଚାର ବିମୁଖ
ତୁମେ ବନ୍ଦନୀୟା, ବରଣୀୟା, ଶୁଚିସ୍ନାତା
ପ୍ରକୃଷ୍ଟ ପ୍ରଜ୍ଞାର ଯଥାର୍ଥ ତନୟା
ଅଧ୍ୟାପିକା-ପ୍ରାଧ୍ୟାପିକା ଅଧ୍ୟକ୍ଷା ମହାନ
ମାତୃକଳ୍ପା, ଗୁରୁଣାମ ଗୁରୁ ତୁମେ ।

ଶୋଭାଦିଙ୍କୁ ଦେଖିବାକୁ ଯାଉ । କି ଆନନ୍ଦ ତାଙ୍କର । ମତେ ଭଲ ଲାଗେ ବୋଲି ଗରମ ସିଙ୍ଗଡ଼ା ବରା ବୋଲି କାଳିଗଳିରୁ ଆଣିଦେବେ । ସମସ୍ତଙ୍କୁ ବାଣ୍ଟି କରି ଦେବେ । ସମସ୍ତଙ୍କୁ ଟଙ୍କା ବାଣ୍ଟନ୍ତି । ଯିଏ ଆଣିଦିଏ ପେନ୍‌ସନ୍ ସେ ନେବେ ୫୦୦ ମଜୁରୀ । ଶୋଭାଦିଙ୍କର ଏକ ସାକ୍ଷାତକାର ନେଲୁ । ପ୍ରଶ୍ନ ଥିଲା: ଆପଣ ସଞ୍ଚୟ ନ କରି ସବୁ ଟଙ୍କା ବାଣ୍ଟନ୍ତି ଯେ !

ଶୋଭାଦି କହିଲେ- "ମୁଁ ଚାକିରି ବେଳେ ଯାହା ଦରମା ପାଉଥିଲି ଏବେ ତା'ଠୁ ବହୁଗୁଣ ଅଧିକ ପାଉଛି । ରଖି କ'ଣ କରିବି ? ଯାହାର ପ୍ରୟୋଜନ ତା' ପାଇଁ ଖର୍ଚ୍ଚ କରେ ।" ହସି ହସି କହିଲେ-

କାହିଁ ପାଇଁ ଧନ ସଞ୍ଚିବୁ
କେତ ଅବା ବଞ୍ଚିବୁ ?
ଯେବେ କରିଥିବୁ ଦାନ
ପୁଣ୍ୟ ବଳେ ବଢ଼ିବ ଧନ ।

ହଁ, ଦାନ ସେ କରନ୍ତି । ପ୍ରଚାର ନଥାଏ । ଗରିବ ପିଲା ଭଲ ପଢୁଛି- ଟିଉସନ ଖର୍ଚ୍ଚ ତାକୁ ଦେଲେ । କାହାର କିଏ ବେମାର ପଡ଼ିଛି, ତାକୁ ଦେଲେ । ଦେବାରେ ଯେ କେତେ ଆନନ୍ଦ । ସେ ଦିନ ସଂଯୁକ୍ତା ରାଉତ, କବିତା, ସୁନନ୍ଦା ଓ ଆମେ ମିଶି ମିଟିଂ ସାରି ଗଲୁ ଶୋଭାଦିଙ୍କୁ ଦେଖିବାକୁ । ସେମାନେ ବାଲେଶ୍ୱରରେ ଥିଲେ । ଶୋଭାଦି'ଙ୍କ ଦେହ ଭଲ ନଥାଏ । ତାଙ୍କ ସାହାଯ୍ୟକାରିଣୀ ରୋଜି କହିଲା, "ମାଆଙ୍କୁ ରାତିରେ ନିଦ ହେଉନି ।" ଅଥଚ ଆମକୁ ଦେଖି ସେ ଉଠି ପାରିଲେନି ସିନା- ମୁହଁ ଉଜ୍ଜ୍ୱଳ ଦିଶିଲା- 'ଆସ ଆସ' ବୋଲି ଡାକିଲେ । କାନ ପାଖେ ସଂଯୁକ୍ତା ସବୁ କହିବାରୁ ଆନନ୍ଦର ପଦ୍ମ ଫୁଟିଲା ମୁଖରେ । ମତେ କହିଲେ- "ମନୋରମା ଆଜି କେତେ ତାରିଖ । ଆଜି ମୋ ଜୀବନର ସର୍ବେଶ୍ରେଷ୍ଠ ଦିନ । ମତେ ଆଜିଯାଏଁ ଏତେ ଲୋକ ଭଲପାଉଛନ୍ତି ମୁଁ ଜାଣି ନଥିଲି ।" ମୁଁ ତାଙ୍କୁ କୋଳରେ ଧରିଲା ପରି ଧରିଲି । ସଂଯୁକ୍ତା ପୁରୁଣା ଫଟୋ ସଂଗ୍ରହ କରି କହିଲା- "ଅପା ଆମେ ୟା'କୁ ଭଲ କରି ପ୍ରିଣ୍ଟ୍ କରିବା ୧୨.୭.୨୦୧୭ ଜନ୍ମଦିନ ଖୁବ୍ ଭଲରେ କରିବା, ବହି କାଢ଼ିବା ।" ଆମେ ଯୋଜନା କଲୁ । ପ୍ରଭୁଙ୍କ ଇଚ୍ଛା ଥିଲା ଭିନ୍ନ । ବୋଧେ ଶୋଭାଦି' ଜାଣି ପାରିଥିଲେ ।

ଗୋଟିଏ ଘଟଣା ତାଙ୍କ ମହାନ ହୃଦୟର ପରିଚୟ ଦିଏ । ଗତମାସର ପେନ୍‌ସନ୍ ଧରି ତାଙ୍କର ପିଅନ(ଯିଏ ସବୁବେଳେ ଆଣେ) ଘରକୁ ଆସିଲା ବେଳେ ତା' ସାଇକେଲ୍ ଖରାପ ହୋଇଗଲା । ସେ ଅଟୋ କରି ଆସୁଥିଲା । କାଳିଗଳିରେ ପଶିଲା ବେଳେ ଜଣେ ଯୁବକ ତା' ହାତରୁ ବ୍ୟାଗଟି ଯେଉଁଥିରେ ସେ ପେନ୍‌ସନ୍ ଟଙ୍କା ରଖିଥିଲା ଝାମ୍ପି ନେଇ ଚାଲିଗଲା । ଗଣ୍ଡଗୋଳ ହେଲା । ପୋଲିସ ଆସିଲା । ପିଅନ-ରିକ୍ସାବାଲାଙ୍କୁ ଜେଲ୍‌କୁ ନେବା କଥା । ଶୋଭାଦି' ତ ଚାଲି ପାରୁନଥାନ୍ତି, ୱାକର୍ ଧରି ଚାଲିବା ଅବସ୍ଥା । ସିଏ କହିଲେ ପୁଲିସ୍‌କୁ ଡାକ । କହିଲେ, "ସେ ମୋର ପୁରୁଣା କର୍ମଚାରୀ ଚକ୍ରଧର । ସେ କେବେ ନେବ ନାହିଁ- ଯିଏ ନେଲା ତାର ଦରକାର ଥିବ ହୁଏତ । ବିନା ଦୋଷରେ ଦଣ୍ଡ ଦିଅନି । ହଏତ ତାର ପ୍ରୟୋଜନ ମୋ ଠାରୁ ବେଶି ଥିବ । ଖବର ମୁଁ ପ୍ରଭାତ ଠାରୁ ପାଇ ଯାଇଥିଲି । ସେ କହିଲେ ମୋର କ'ଣ ଦରକାର ଟଙ୍କା ଏତେ ? ୯୦ହଜାର ଟଙ୍କା ଯାହା ପାଖକୁ ଗଲା ସିଏ ବେଶୀ ଆନନ୍ଦ ପାଇବ । ତା' ପ୍ରୟୋଜନ ମୋ ଠୁ ଅଧିକ । ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ।" ମତେ ସେଦିନ ଲାଗିଲା ଏ ମାନବୀ ନୁହନ୍ତି ସତରେ ମାଆ ସାରଦା, ନ ହେଲେ ପୂର୍ଣ୍ଣପ୍ରାଣରେ ଦେବାରେ ହେଳା କରନ୍ତି ନାହିଁ । ଆମ ଘରେ ଠାକୁରାଣୀ ପୂଜା ହୁଏ । ମୁଁ ଆଗ ଭୋଗ ତାଙ୍କ ପାଇଁ ପଠାଏ । ସେ ଆମ ଠାକୁରାଣୀଙ୍କ ପାଇଁ ବଢ଼ିଆ ଧୂପକାଠି ,ଫଳ ପଠାନ୍ତି । ତାଙ୍କ ଧୂପକାଠି ଘଣ୍ଟା ଘଣ୍ଟା ଜଳେ । ଆମ ବ୍ରାହ୍ମଣ ପଣ୍ଡିତ ସାକ୍ଷିଗୋପାଳରୁ ପୂଜା ପାଇଁ ଆସି ଥାଆନ୍ତି । ସେ ଧୂପକାଠି ଦେଖି ଖୁସି ହେଲେ । ମୁଁ କହିଲି- "ପଣ୍ଡିତ ମହାଶୟ ! ମୋ ଦି' ମୋ ଟିଚର୍ ମୋ ପାଇଁ ପଠାନ୍ତି । ସେ ପ୍ରତିଥର ମୋ ପାଇଁ ଧୂପକାଠି ପଠାନ୍ତି । କହନ୍ତି ଧୂପ ପରି ଜଳି ଅନ୍ୟକୁ ସୁବାସ ବାଣ୍ଟୁ । ଅତି ଭଲ ମଣିଷ ସିଏ । ସିଏ ଆମ ସଂସ୍କୃତ ଅଧ୍ୟାପିକା ଶୋଭା ରାୟ ।" ପଣ୍ଡିତ ପିତାମ୍ବର ଦାଶ ଦୁଇ ହାତ ଯୋଡ଼ି ଆଶ୍ଚର୍ଯ୍ୟ ହୋଇ ପ୍ରଣାମ କଲେ । "କ'ଣ କହୁଛନ୍ତି- ସେ ହିଁ ଆମ୍ଭମାନଙ୍କର ଜୀବନ ରକ୍ଷା କରିଛନ୍ତି, ସେ ଦେବୀ । ସେ ଡିପିଆଇ ନ ହେଲା ଯାଏଁ ଆମେ ଦରମା ନ ପାଇ ସଂସ୍କୃତ ଟୋଲ୍ ଟିଚର୍ ଭାରି ଦୁଃଖରେ ଥିଲୁ । ଖାଲି ଭୁବନେଶ୍ୱର ଧାଉଁ ଧାଉଁ ପ୍ରାଣ ଯାଉଥିଲା । ଯୋଗ ଦେଇ ନିଜେ ଗଲେ ସବୁ ଦେଖି । ଆମର ସବୁ ପେଣ୍ଡିଂ ଟଙ୍କା ସେ ଦେଇ ଆମ୍ଭ ଜୀବନ ରଖିଲେ । ମୁଁ ଆପଣଙ୍କ ସଙ୍ଗେ ଦେଖା କରିବାକୁ ଯାଆନ୍ତି । ପ୍ରଭୁ ତାଙ୍କୁ ଶତାୟୁ କରନ୍ତୁ । ସେ ଧନ୍ୟ ସେ ମଣିଷ । ଏ ଯୁଗରେ ଦୁର୍ଲଭ । ଆମ୍ଭେ ତାଙ୍କ ଜନ୍ମଦିନ ପାଳୁ । ପ୍ରତି ଜନ୍ମଦିନ ମୁଁ ନିଶ୍ଚେ ଛେନାପୋଡ଼ କେକ୍ ନେଇ ଯିବି । ସ୍କୁଲ୍ ପିଲା ଆସିବେ କେକ୍ କଟା ହେବ । କି ଆନନ୍ଦ ଦିଦିଙ୍କର !" ମୁଁ ଦିଦିଙ୍କୁ ପଣ୍ଡିତଙ୍କ କଥା କହିଲି । ଦିଦି କ'ଣ କହିଲେ ଶୁଣନ୍ତୁ: "ଯାହା ହେଉ ମୋର୍ ବଦଳି ପ୍ରଭୁ କଲେ ବୋଲି ସିନା ମୁଁ ଭଲ କାମ ଟିଏ କରିବାର ସୁଯୋଗ ପାଇଲି ।" ସକାରାତ୍ମକ ଚିନ୍ତନର କି ଚମତ୍କାର ଦୃଷ୍ଟାନ୍ତ । ସେ ଦେବୀ ନୁହନ୍ତି ରକ୍ତମାଂସଧାରୀ ମହତ ମଣିଷ । ଉତ୍କୃଷ୍ଟ ମଣିଷ- ମଣିଷ ଭିତରେ ସେ ଭେଦ ଦେଖନ୍ତି ନାହିଁ । ଆଶୀର୍ବାଦ କରିବାକୁ ଯାଇ ପୂର୍ଣ୍ଣ ସ୍ତୋତ୍ର ନିଜ ହାତରେ ଲେଖି ଦିଅନ୍ତି- "ମନୋରମା ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ- ତୁମେ ଜନସେବା କରୁଛି, ମନ ଦୁଃଖ କରନି- ବେଳ ଟିକେ ପାଇଲେ ଏହି ସ୍ତୋତ୍ର ପାଠ କର ।" ସତକୁ ସତ ମୁଁ କେତେ ଶାନ୍ତି ପାଇଲି । ୯୬ ବର୍ଷ ଜନ୍ମ ଦିନ ମହାଆନନ୍ଦରେ ପାଳିବୁ, ଶତାୟୁ ଉତ୍ସବ କରିବୁ ଭାବିଥିଲୁ । ଡିସେମ୍ବର ୭ ତାରିଖ ଦିନ ଅଥଚ ସେ ଦିନ ସ୍ନେହମୟୀ ପ୍ରାଣମୀୟ ଗୁରୁମାଆ ଶୋଭାଦି ମୋହର ବାଛି ନେଲେ ସେଦିନକୁ ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଦିନ । ଆଉ ବୋଧେ ଏ ମର୍ତ୍ତ୍ୟ ଜଗତେ ରହିବାକୁ ବଢ଼ିଲାନି ମନ । 'ବହୁତ ଆନନ୍ଦ ଆଜି ମିଳିଗଲା ମତେ' କହିଦେଇ ବୁଜିଲେ ନୟନ । ସେଦନ ଶେଷ ଦର୍ଶନ ଆମ ପ୍ରିୟ ଦିଦିଙ୍କର ଥିଲା ।

ଆହା ଆମ୍ଭେ ଜାଣି ତ ନଥିଲୁ ଆମ ପ୍ରିୟ ଦିଦିଙ୍କର ଥିଲା
ତ୍ୟାଗ ମନ୍ତ୍ରେ ଦୀକ୍ଷିତା ସେ ପ୍ରଜ୍ଞାଦୀପ୍ତ ପ୍ରଶସ୍ତ ହୃଦୟ
ସଂସ୍କୃତିର ଉପାସିକା ଚିରକାଳ ପାଇଁ
ଆମ ଠାରୁ ନେଇଛନ୍ତି ବିଦାୟ ।

ବିଦାୟ ଲଗ୍ନରେ ମନେ ହେଲା ଏ ମହାର୍ଘ ସମ୍ପଦ ଓଡ଼ିଶାବାସୀ ଆମେ ପାଇଥିଲୁ- ଚିହ୍ନି ପାରିଲୁନି- ସେଥିପାଇଁ ଏ ଜାତି ଯେଭଳି ସ୍ତୁତି କରିବା ଉଚିତ ସେଭଳି ପ୍ରକୃତ ସ୍ତୁତି ସେ ପ୍ରଜ୍ଞାକୁ ଦେହଧାରୀ ସଜ୍ଜନଙ୍କୁ ପାରିଲାନି

ଆଜି ଯୋଡ଼ି କର
ମାତୃସମା ପୂଜନୀୟା ଶୋଭାଦି ଆମର
କରୁଅଛୁ ବିନମ୍ର ଜୁହାର ।
ଆପଣଙ୍କ ନିର୍ଦ୍ଦେଶିତ ସ୍ୱାର୍ଥହୀନ ଏକାନ୍ତ ପାବନ
ନୀତିନିଷ୍ଠ, କଠୋର କର୍ତ୍ତବ୍ୟ ବନ୍ଧା
ଉଜ୍ଜଳିତ ଜୀବନ ଆଦର୍ଶ
କରି ଆଚରିବା,
ସ୍ୱର୍ଣ୍ଣମୟ ପୃଥିବୀରୁ ସ୍ୱର୍ଣ୍ଣପୁଷ୍ପ ଚୟନ
ନିମନ୍ତେ ଯୋଗ୍ୟ କର ।
ଆପଣଙ୍କ ପ୍ରିୟ ଉତ୍ତର କାଳକୁ
ଯୋଗ୍ୟ ହେଉ ତୁମ ପ୍ରିୟଜନ
ଘେନଏ ଜାତିର ବିନମ୍ର ପ୍ରଣାମ ।

ଧାରାବାହିକ ଚରିତ-ଉପନ୍ୟାସ



# ଦାସେ ଆପଣେ

୧୭

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଦଇତାପଡା ସାହି ହାତଯୋଡି ଠାକୁରାଣୀ ପାଖରେ କେତେ ଜଣ ଲୋକ ଠିଆ ହୋଇଥିଲେ । କିଏ ବିଡ଼ି ଟାଣୁଥିଲା, କିଏ କଡା ଗୁଣ୍ଡି ପାନ ଚାକୁଳି ଛେପ ପକାଉଥିଲା । କଥା ଭିତରେ ଥିଲା ବ୍ରିଟିଶ୍ ଶାସନଠୁ ଆରମ୍ଭ କରି ସାହି କଳି ପର୍ଯ୍ୟନ୍ତ । କଥା ବି ପଡିଥିଲା କେନ୍ଦ୍ରାପଡା ବଢ଼ିକୁ ନେଇ । ଲୋକେ କେମିତି ସେ ଅଞ୍ଚଳରେ ବେଣ୍ଟ,ଶାମୁକ ଖାଇ ଦିନ କାଟୁଛନ୍ତି, ବେଳେବେଳେ ତା'ବି ମିଳୁନି ଏକଥା କହି ସେମାନେ ଖେଦ କରୁଥିଲେ । ସେମାନେ ମୁକ୍ତିଆର ରାମଚନ୍ଦ୍ରଙ୍କ କୋଠା ଆଡ଼କୁ ଚାହିଁ କଥା ହେଉଥିଲେ । ଜଣେ କହୁଥାଏ 'ମୁକ୍ତିଆରଙ୍କ ଭଳି ଦେଶପ୍ରେମୀ ବିରଳ । ଜନ ସେବକ ଆଉ ବାହାରିବେନି । ସେ ଥିଲେ କେନ୍ଦ୍ରାପଡାରେ ବୁଲୁଥାନ୍ତେ ଏବେ ।'

ଆଉ ଜଣେ କହେ, 'କିଏ ଏମିତି ତାଙ୍କ ଭଳି ସର୍ବସ୍ୱ ଦାନ କରି ଯିବ, ପର ପାଇଁ ଲୁହ ଗଡାଇବ, ସେମାନେ ପାଠ ପଢିଲେ କି ନାହିଁ ଦେଖିବ, ଗରିବ ପିଲା ହୋଇଥିଲେ ତା ପାଇଁ ଢ଼ୋକ ପାଣି ବ୍ୟବସ୍ଥା କରିବ, ପିଲାଙ୍କୁ ନେଇ ବାର ସେବା କାମ କରିବ, ପାଠୁଆଏ ସ୍ୱାର୍ଥପର ନ ହୁଅନ୍ତୁ ବୋଲି ମନ୍ତ୍ର ଘୋଷାଇବ ?'

'ସାରା ଜୀବନ ସେ ପର ଲାଗି ଏତେ କଲେ । ହେଲେ ଦୈବ ତାଙ୍କ ପାଇଁ ଏତେ କମ୍ ପରମାୟୁ ଲେଖିଥିଲା ।'

'ହଁ ହେ ଅଣଚାଳିଶ ବର୍ଷ କି ବୟସ ? ସେ ବୟସରେ ତାଙ୍କର କାଳ ହେଲା । ଏତେ ଧର୍ମ କର୍ମ । କାଳିଆ ଏଇ ଫଳ ଦେଲା ?'

'ନାଇଁ ମ କଥା ନାହିଁ ପାପୀ ଦୀର୍ଘାୟୁ ।'

'ଏ ସହରରେ ଆରତ ଶୁଣିବା ଲୋକ ସିଏ ଥିଲା । ଥରେ ମୋ ବାପା ବେମାର ପଡ଼ିଥିଲେ । ରାତି ବିକଳ । ମୁଁ କେମିତି କରି ବଡ଼ ଡ଼ାକ୍ତରଖାନା ନେବି ଭାବୁଛି । ସିଏ ପହଞ୍ଚି ଗଲେ । ଆଉ ଏମିତି କାମରେ ଲାଗିଗଲେ ଯେମିତି ତାଙ୍କ ବାପ ବେମାର ।'

'କାଇଁ ମୋ ମା' ବେଳକୁ ବି ସିଏ କମ୍ କରି ନଥିଲେ । ଏଇନେ ସେଇ ଘର ଅଛି । ହେଲେ କାଇଁ ସେ ଗହଳ ଚହଳ । କେତେ ପଢୁଆ ପିଲା, କେତେ କର୍ମୀ ଏ ଘରେ ଜମୁଥିଲେ । ଏଇନେ ସବୁ ଖାଁ ଖାଁ ।'

'ଆରେ ନାଇଁ ନାଇଁ ଏବେ ପୁଣି ଗହଳି ଆରମ୍ଭ ହେଲାଣି ।'

'କେମିତି ।'

'ମୁକ୍ତିଆରଙ୍କ ଶିଷ୍ୟ ଗୋପବନ୍ଧୁ ପରା ଓକିଲାତି କରିବାକୁ ପୁରୀ ଆସିଲାଣି ।'

'ସିଏ ପରା କଟକରେ ଓକିଲାତି କରୁଥିଲେ ।'

'ନାଇଁ ଏବକୁ ପୁରୀ ଆସିଲାଣି ।'

'ଭାରିଜା ତ ଗଲା, ପୁଅ ବି ଗଲା । ଆଉ କାହାକୁ ନେଇ ସଂସାର ?'

'ଦି ଝିଅ ସାଙ୍ଗରେ ଅଛନ୍ତି ପୁଣି ସାବତ ମା ।'

'ପୁରୀ କଚେରୀରେ ତ ସେମିତି ବଡ଼ ଓକିଲ ନାହାନ୍ତି । ଦାସେଙ୍କ ବେପାର ଜମିଲା ଜାଣ ।'

ଆରେ ସିଏ କି ଆଇନ ବେଉସା କରିବେ ? ମହକିଲ ଆସିଲା ମାତ୍ରେ ଆଗ ବୁଝାଉଛନ୍ତି ବାପରେ, ଧନରେ ନିଜ ଭିତରେ କଳି ତୁଟେଇ ଦିଅ । କାହିଁକି ଭୂତ ପୋଷିବ ?'

'ଏଥିରେ କି ବେଉସା ହେବ ।'

ଆଉ ଜଣେ ଯୋଡ଼େ– 'ପଞ୍ଚୁକୋଶିର ଗୋଟେ ଗାଁରୁ ଜଣେ ଲୋକ ତା ଭାଇ ବିରୁଦ୍ଧରେ ନାଲିସ କରିବାକୁ ଆସିଥିଲା । କଣ ନା ତା ସାନ ଭାଇ ହିଡ ଡେଇଁ ଚାରି କଡ଼ି ତା ଆଡ଼କୁ ମାଡ଼ି ଆସିଛି । ଦିହିଙ୍କ ଭିତରେ ଠେଙ୍ଗା ବାଡ଼ି ଥାନା ଫାଣ୍ଡି ।'

ବଡ଼ ଯେତେବେଳେ ଗୋପବାବୁଙ୍କୁ ସବୁ କଥା କହିଲା ଦାସେ କହିଲେ 'ହଇରେ ତମେ ଦିହେଁ ଏକା ନାହି ଦି ଖଣ୍ଡ । ଆଜି ବାପ ନାହିଁ ବୋଲି ଜମି ଚାଖଣ୍ଡେକୁ ନେଇ ହଣାମରା ହେବ ।'

'ଆପଣେ ମୁଁ କିଛି ଅନ୍ୟାୟ କଥା କହୁନି । ସେ ସତକୁ ସତ ହିଡ ମଡ଼ାଇ ଦେଇଛି ।'

ତା ପରେ ତ ଗୋପବାବୁଙ୍କର ବିଚିତ୍ର ଉତ୍ତର 'ହେଉ ସେ କିଏ ଯେ ତୋର ଭାଇଟି । ମଡ଼େଇ କରି ନେଲେ ଅଧ ବସ୍ତେ ଧାନ କି ଦି ଗୌଣି ବିରି ଅଧିକ ପାଇଯିବ । ତୋରି ପୁତୁରା ଝିଆରୀ ତ ଖାଇବେ ।'

'ଆପଣେ ! ଦୁନିଆରେ ନ୍ୟାୟ ବୋଲି କଣ କିଛି ରହିବନି ?'

'ନିଶ୍ଚେ ରହିବ । ହେଲେ ଏ କଚେରୀ ନ୍ୟାୟ ଠାରୁ ଅନ୍ତରରୁ ଆସୁଥିବା ନ୍ୟାୟ କାହିଁ କେତେ ବଡ଼ ।'

'ବୁଝିଲିନି ଆଜ୍ଞା । ସେ ତ ମୋତେ ମାରି ଗୋଡ଼ାଉଛି ।'

'ଦିନେ ତାକୁ ସାନଭାଇ ବୋଲି ତୁ କାଖ କରି ନଥିବୁ । ଆୟଉରେ ନଥାଇ ସେ ତୋ ହାତରେ ମଳତ୍ୟାଗ କରି ନଥିବ ? ଆଜି ସେମିତି ଭାବ ।'

ଲୋକଟିର ଆଖି ଛଳଛଳ ହୋଇଗଲା । କହିଲା, 'ଯାଉଛି ଏତଲା ଉଠାଇ ଦେବି । ସେ ଯାହା କଲେ କରୁ ।'

ଏମିତି ହାତରୁ ମକଦ୍ଦମା ଗଲା । ହେଲେ ଏମିତି ଓକିଲ କାହିଁ ନଥିବେ ।

'ହଁ ହେ । କେନ୍ଦ୍ରାପଡାରେ ଏତେ ବଡ଼ ବଢି ହେଲା । କେତେ କାମ ନକଲେ ସେଠି । ପୁଣି ମଧୁବାବୁଙ୍କ ସାଙ୍ଗେ ମିଶି କଲିକତାରୁ ବାହାରୁଥିବା କାଗଜରେ ସରକାର ବିରୁଦ୍ଧରେ ଲେଖି ତାଙ୍କୁ ନାକରେ କନ୍ଦାଇଲେ ।' ଏମିତି ଲୋକଙ୍କ ଖଟିରେ ଅଛିଣ୍ଡା କଥାର ସୁଅ ଲମ୍ୱିଥାଏ ।

ହଁ ଗୋପବନ୍ଧୁ ମନେ କରିଥିଲେ ମୁକ୍ତିଆରଙ୍କ ଘରକୁ ବୋଧେ ଆଉ ସେ ଧାଇଁ ଯିବେ ନାହିଁ । ତେବେ ଏବେ ଓକିଲାତି କରିବାକୁ ଆସି ସେ ରହିଲେ ରାମଚନ୍ଦ୍ରଙ୍କ ଘରେ । ସେ ଘର ତ ତାଙ୍କ ପାଇଁ ତୀର୍ଥ । କେତେ ବନ୍ଧୁ କେତେ ଗୁରୁଜନ ଏଇ ଘରେ ପରିଚିତ ହୋଇଛନ୍ତି । ଏଇଠି ଘଟିଛି ତାଙ୍କ ଜ୍ଞାନାଲୋକର ପ୍ରଥମ ସଂଚାର । ଏଇ ଘରେ ଘଟିଥିବା କେତେ ଆଲୋଚନା ତାଙ୍କ ଆଖି ଫିଟାଇଛି । ତାଙ୍କୁ ଦୂର ଚକ୍ରବାଳ ଆଡ଼କୁ ନିମନ୍ତ୍ରଣ ଦେଇଛି, କେତେ ଅଜଣା ବହି, ପତ୍ରପତ୍ରିକା ସହ ସେ ପରିଚିତ ହୋଇଛନ୍ତି । ଏଇ ଘର ଭିତରେ ବସି କେତେ ଶପଥ ନେଇଛନ୍ତି ।

ଦିନକର ଦିବାକର ସହ ପଡିଥାଏ ବନ୍ୟା ପ୍ରପୀଡ଼ିତ କେନ୍ଦ୍ରାପଡାର ଖାଦ୍ୟାଭାବ କଥା । ପୁରୀରେ ଆୟୋଜିତ ଉତ୍କଳ ସମ୍ମିଳନୀ ମଣ୍ଡପରେ ବି ସେ ସେଇ କଥା ଉଠାଇଲେ । ଦିବାକର ମନେ ପକାଇଲେ ସେ ଦିନର ସଭା । ଗୋପବନ୍ଧୁ ୧୯୦୮ର ଏପ୍ରିଲ ମାସ ସଭାରେ ବନ୍ୟା କମିଟୀ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ । ତା ପରେ ଆବେଶ ଚାଳିତ ହୋଇ କହିଲେ, 'ସଭାପତି ଓ ଭାଇମାନେ ! ମୁଁ କଣ ବା ଆଜି କହି ପାରିବି ? ସୁଖ କହିବି, ଦୁଃଖ କହିବି ନା ନା ଅଙ୍ଗେ ନିଭାଇବା କଥା କହିବି । ମୁଁ ନିଜେ ବନ୍ୟା ବିଧ୍ୱସ୍ତ ଅଞ୍ଚଳ ବୁଲିବୁଲି ଦେଖିଛି । ସେ କରାଳ ଦୃଶ୍ୟ ମନରୁ ପାଶୋର ଯିବାର ନୁହେଁ । ଠାଏ ଠାଏ ଘର ସବୁ ପାଣିରେ ବୁଡି ରହିଛି । ଗ୍ରାମେ ଗ୍ରାମେ ଘରଦ୍ୱାର ର ଚିହ୍ନବର୍ଣ ନାହିଁ । କେଉଁଠି କେଉଁଠି ଲୋକେ ଗଛ ଡାଳରେ ବସି ରହିଛନ୍ତି ତଳେ ସାପ ମୁଣ୍ଡ ଛିଣ୍ଡାଇ ଦେବା ପରି ପାଣି ସୁଅ । କେଉଁଠି ଘରର ଛାତ ଉପରେ ଲୋକେ ବସିଛନ୍ତି ଘର ଭାସିଭାସି ଯାଉଛି । ସେ ଦୁଃଖ ଭାଷାରେ ବର୍ଣ୍ଣ ହେବ ନାହିଁ । ଲୋକଙ୍କ ପେଟକୁ ଦାନା ନାହିଁ । ଦେହ ଢାଙ୍କିବାକୁ ଲୁଗା ବକଟେ ବି ନାହିଁ । ଢୋକେ ମୁନ୍ଦେ ପିଇବା ପାଣି ବି ଅଭାବ । ସେମାନେ ଯେ ଆମରି ପରି ମଣିଷ ଆମରି ଭାଇ ଏକଥା ଆମକୁ ପ୍ରମାଣ କରିବାକୁ ହେବ । ବିପଦ ବେଳେ ଢ଼ୋକ ଧରି ସେମାନଙ୍କ ପାଖରେ ଠିଆ ହେବାକୁ ପଡିବ । ତା ହେଲେ ସେମାନେ ଆମ ସମ୍ମିଳନୀ ପ୍ରତି ଆସକ୍ତି ପ୍ରକାଶ କରିବେ । ଆଜି ଉତ୍କଳ ଜନନୀ ଛିନ୍ନମସ୍ତା କିନ୍ତୁ ତା ବେକରେ ମଣିଷ ମୁଣ୍ଡର ମାଳ ଝୁଲୁଛି । ଚାଲ ତାଙ୍କରି ବନ୍ଦନା କରିବା ।'

ତା ପରେ ସେ ଆଣିଥିଲେ ବନ୍ୟା କମିଟି ଗଠନର ପ୍ରସ୍ତାବ । ପ୍ରଥମେ ରହିବେ ଦଶ ଜଣ ସଭ୍ୟ । ପରେ ଅଧିକ ସଭ୍ୟଙ୍କୁ ନିଆ ଯାଇ ପାରିବ । ତେବେ




ପୁରୀ ନ୍ୟାୟାଳୟ, ପୁରୀ

ଲକ୍ଷ୍ୟ ହେଲା ବନ୍ୟାର ସ୍ଥାୟୀ ପ୍ରତିକାର ।

ଗୋପବନ୍ଧୁ ଓ ଦିବାକରଙ୍କ ମଧ୍ୟରେ ବନ୍ୟା ସମସ୍ୟା, ସମ୍ମିଳନୀ ରାଜନୀତି ଠାରୁ ଆରମ୍ଭ କରି କେତେ କଥା ପଡୁଥାଏ । ଏହି ସମୟରେ ଘରଭିତରୁ ଗୋପବନ୍ଧୁଙ୍କ ସାନ ଝିଅ କେତକୀ କହି କହି ଆସିଲା, 'ମୋ ପୁଅ ମାରିଦେଲା । ମେଡ୍ରା ସାହେବକୁ ମାରିଦେଲା । ଗୋରାମାନେ ଆମର ଆଉ କିଛି କରି ପାରିବେ ନାହିଁ ।'

ଦିବାକର କିଛି ବୁଝି ନପାରି ଗୋପବନ୍ଧୁଙ୍କ ଆଡେ ଚାହେଁ । ତେବେ କେତକୀ ପାଳି ଧରିଥାଏ, 'ନନା ! ମେଡ୍ରା ସାହେବ ମଲାଟି ?'

'ହଁ ମା ସାହେବ ମଲା । ତୋ ବୀର ପୁଅ ତାକୁ ମାରି ଦେଇଛି ।' ଝିଅକୁ କୋଳରେ ବସାଇ ଟିକେ ଆଦର କରି ପୁଣି ଛାଡି ଦେଲେ ଗୋପ । ତା ପରେ ଦିବାକର ଆଡେ ଚାହିଁ କହିଲେ, 'ବୁଝିଲ ଦିବାକର ! ବୋଉ ଦିନେ ଶଙ୍ଖର ପୁଅ କଣ୍ଢେଟିଏ କିଣି କେତକୀକୁ ଦେଇଥିଲା । ସେ କଣ୍ଢେଇକୁ ନିଜ ପୁଅ ବୋଲି ଧରି ନେଇଥାଏ । ଦିନକର ସକାଳୁ ମୁଁ ଦାନ୍ତ ଘଷୁଛି, ଆସି ମୋ ପିଠିରେ ଲାଉ ହେଲା । କଣ୍ଢେଇ ଦେଖେଇ କହିଲା, 'ନନା ମୋର ଗୋଟେ ପୁଅ ହେଇଛି ।'

ମୁଁ କହିଲି, 'ନାଇଁ ଲୋ ମା । ଏଇଟା କି ପୁଅ । ଯାର ଜୀବନ କାହିଁ ? ତୁ ଯାକୁ ଫିଙ୍ଗି ଦେ ।'

ଝିଅ କଣ୍ଢେଇ ଫିଙ୍ଗିଦେଲା । ତଳେ ପଡି ତା'ର ବେକ ଠାରୁ ଭାଙ୍ଗିଗଲା । ଝିଅ କାନ୍ଦୁଥାଏ । କଣ୍ଢେଇ ଭାଙ୍ଗିଗଲା ବୋଲି ମନ ଦୁଃଖ କରୁଥାଏ । ଏତିକି ବେଳେ ମେଡ୍ରା ସାହେବ ସାଇକେଲ୍ ଚଢି ଏ ବାଟ ଦେଇ ଗଲେ । ମୋତେ ସାଇକେଲ୍ ଉପରୁ ପଚାରିଲେ, 'ଗୁଡ୍ ମର୍ନିଂ ଗୋପବାବୁ ! ହାଉ ଆର୍ ୟୁ ?'

'ମୁଁ କହିଲି, 'ଫାଇନ୍ ।'

ତାଙ୍କ ସାଇକେଲ୍ ଝିଅର କଣ୍ଢେଇ ଉପରେ ମାଡିଗଲା । ଅଧଭଙ୍ଗା କଣ୍ଢେଇ ପୂରାପୂରି ଭାଙ୍ଗିଗଲା । ଝିଅ ମୋର ଅଧିର ହୋଇ, କୋହ ଉଠାଇ କାନ୍ଦିଲା । ମୁଁ ତାକୁ ବୁଝାଇଲି ତୋ ପୁଅ ମେଡ୍ରା ସାହେବକୁ ମାରିଦେଲା । ତୋର ଦିନେ ଗୋଟେ ଜୀଅନ୍ତା ପୁଅ ହେବ । ସେ ଏତେ ବଳୁଆ ଏତେ ବୁଦ୍ଧିଆ ହେବ ଯେ ସବୁ ସାହେବଙ୍କୁ ଏଦେଶରୁ ତଡିଦେବ । ସେବେଠୁ ସେ ରଟୁଛି: 'ମୋ ପୁଅ ମେଡ୍ରା ସାହେବକୁ ମାରିଦେଲା ।'

ତାପରେ ଦୁହେଁ ମିଶି ହସି ଉଠିଲେ ।

'ଆଚ୍ଛା, ଆପଣଙ୍କର ସେ ମହକିଲ କଥା କଣ ହେଲା ।'

'ଠିକ୍ କଥା ମନେ ପକାଇଲ ଦିବାକର । କାଲି ମୋତେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଦେଖା କରିବାକୁ ପଡିବ । ସେ ମୋତେ ଖବର ଦେଇଛନ୍ତି ।'

'କାଇଁ କଣ ହେଲା ?'

'ତୁମକୁ ମୁଁ ଏକଥା କହିନି ଦିବାକର । ପ୍ରଥମେ ଏକଥା ଗୋପନ ରଖିବା ଜରୁରୀ ଥିଲା ।'

'କେଉଁ କଥା ?'

'ତୁମେ ଯେଉଁ ମହକିଲ କଥା କହୁଛ ତାକୁ ମୁଁ ଭଦ୍ର ଲୋକ ଭାବିଥିଲି । ମୋତେ କଥା ଦେଇଥିଲା ତା କେଶ୍‌ରେ ସବୁ ସତ କଥା କହିବ । ହେଲେ ତା'ର ଅନ୍ତର ସଫା ନଥିଲା । ମୋ ଉପରେ ବୋଧେ ତା'ର ଆସ୍ଥା ନଥିଲା । ସେ ପବ୍ଲିକ୍ ପ୍ରସେକ୍ୟୁଟର୍‌କୁ ପଇସା ଦେଇ ହାତ କଲା । ଏଥିରେ ଆଉ ଆଇନ କଣ ରହିବ କହ ଦିବାକର ?'

'ଆପଣ କଣ କଲେ ?'

'ମୋ ପାଇଁ ଏ କଥା ଅପମାନଜନକ ଥିଲା । ଲୋକେ କଣ କହିଥାନ୍ତେ– ଗୋପ ତା ମହକିଲକୁ ଏ ବୁଦ୍ଧି ଦେଇଛି ।'

'ପବ୍ଲିକ୍ ପ୍ରସେକ୍ୟୁଟର୍ କଣ ତା କଥାରେ ପ୍ରଭାବିତ ହେଲେ ।'

'ହଁ ଦିବାକର ! ହେଡାଖିଆ ବହୁତ ଅଛନ୍ତି । ମୁଁ ତେଣୁ ଗୋପନରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଇଂରାଜୀରେ ଏଇ ମର୍ମରେ ପତ୍ର ଲେଖିଲି–

ଅନରେବଲ୍ ସାର୍,

ମୋର ମହକିଲ୍ ସାଙ୍ଘାତିକ ଭୁଲ୍ କରିଛନ୍ତି । ଏଥିରେ ତାଙ୍କୁ ପବ୍ଲିକ୍ ପ୍ରସେକ୍ୟୁଟର୍ ସହଯୋଗ କରିଛନ୍ତି । ସମ୍ପୃକ୍ତ ମକଦ୍ଦମାରେ ସରକାରୀ ପକ୍ଷକୁ ଦୁର୍ବଳ କରିବା ପାଇଁ ପ୍ରସେକ୍ୟୁଟର୍ ତାଙ୍କ ଠାରୁ ଉତ୍କୋଚ ନେଇଛନ୍ତି । ଜଣେ ଆଇନଜୀବୀ ହିସାବରେ ଏହା ମୋତେ ଅସହ୍ୟ ହେବାରୁ ଆପଣଙ୍କୁ ଜଣାଇଲି । ଏଥିକୁ ବିହିତ ପଦକ୍ଷେପ ନେବା ହେବେ ।

ଇତି ଆପଣଙ୍କର ବିଶ୍ୱସ୍ତ

ଗୋପବନ୍ଧୁ ଦାସ

'ଏଥିରେ ତ ଆପଣଙ୍କର କ୍ଷତି ।'

'ହଁ ଦିବାକର ଏଥିରେ ମୋର ଆର୍ଥିକ କ୍ଷତି । ହେଲେ ନୈତିକ ବିଜୟ । ଯଦି ଏପରି କାମର ପ୍ରତିବାଦ କରାନଯାଏ ତେବେ କଚେରୀର ନ୍ୟାୟ ଲଢ଼େଇର ପ୍ରକ୍ରିୟା ଏକ ପ୍ରହସନରେ ପରିଣତ ହେବ ।'

'ଏଣିକି ଆପଣଙ୍କ ପାଖକୁ ମହକିଲ ଆସିବାକୁ ପଛେଇବେ ।'

'ନ ଆସନ୍ତୁ ଦିବାକର । କିନ୍ତୁ ଏପରି ମହକିଲ ମୁଁ ଚାହେଁନା । ମୁଁ ସେ ଲୋକକୁ ତା'ର କାଗଜପତ୍ର ଫେରାଇ ଦେଲି । କହିଲି, ତୁମ ଉପରେ ଆସିଥିବା ଅପରାଧର ଅଭିଯୋଗ ହୁଏତ ସତ । ନହେଲେ ନିଜକୁ ନିରପରାଧ ସାବ୍ୟସ୍ତ କରିବାକୁ କେହି ଅପରାଧ କରେନାହିଁ ।'

'ତେବେ ଆପଣଙ୍କ ଚିଠି ପରେ ମାଜିଷ୍ଟ୍ରେଟ୍ କି ପଦକ୍ଷେପ ନେଲେ ?'

'ମାଜିଷ୍ଟ୍ରେଟ୍ ତାଙ୍କୁ ବରଖାସ୍ତ କରିଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଶୁଣିଛି । ପୁଣି ଏ ପ୍ରକାର ପଦବୀ ଲାଗି ସେ ଆଜୀବନ ଅଯୋଗ୍ୟ ଘୋଷିତ ହୋଇଛନ୍ତି ।'

'ଇଏତ ବେଶ୍ ରୋଚକ ଖବର ।'

'ହଁ । ତୁମ୍ଭମାନଙ୍କ ପରି ସମ୍ବାଦଦାତାଙ୍କ ଲାଗି ବେଶ୍ ରୋଚକ ।'

ସେ ଦିନର ଆଲୋଚନା ପରେ ଦିବାକର ଗୋପବନ୍ଧୁଙ୍କ କ୍ଷୁରଧାର ନୀତିକୁ ମନେମନେ ବେଶ୍ ତାରିଫ କରିଥିଲେ । ଦିନେ ଦୁଇ ଦିନ ପରେ ମାଜିଷ୍ଟ୍ରେଟ୍‌ଙ୍କ ସହ ସାକ୍ଷାତ କରିଥିଲେ ଗୋପବନ୍ଧୁ । ପ୍ରଥମେ ଅର୍ଡର୍‌ଲି ହାତରେ ଖବର ପଠାଇ ବାହାରେ ଅପେକ୍ଷା କରିଥିଲେ । ଭିତରୁ ସଂକେତ ପାଇବାରୁ ପଚାରିଥିଲେ 'ମେ ଆଇ କମ୍ ଇନ୍ ସାର୍ ?'

'ୟସ୍ । ଗେଟ୍ ଇନ୍ । ୟୁ ଆର୍ ମୋଷ୍ଟ୍ ୱେଲ୍‌କମ୍ ।'

‘ମୋ ଚିଠିକୁ ଗୁରୁତ୍ୱ ଦେଇଥିବାରୁ ଆପଣଙ୍କୁ ଧନ୍ୟବାଦ ।’

‘ନା ନା ଗୋପବନ୍ଧୁ ବାବୁ । ଆମେ ଆପଣଙ୍କ ପାଇଁ ଗର୍ବିତ । ଆଇନ ବିଭାଗରେ ଆପଣଙ୍କ ପରି ଆଡ୍‌ଭୋକେଟ୍ ବିରଳ । ନିଜର ପ୍ରଫେସନ୍ କଥା ନଭାବି ଆପଣ ପ୍ରିନ୍ସିପିଲ୍‌କୁ ଗୁରୁତ୍ୱ ଦେଇଛନ୍ତି ।’

‘ନୀତି ସବୁରି ଉପରେ ।’

‘ହଁ । ସେଥିପାଇଁ ମୁଁ ଆପଣଙ୍କ ପରି ନୀତିବାନ ଲୋକକୁ ଗୋଟିଏ ଦାୟିତ୍ୱ ଦେବାକୁ ଚାହୁଁଛି ।’

‘ଜନ ହିତକର ଯେକୌଣସି ଦାୟିତ୍ୱ ନେବାକୁ ମୋର ଅରାଜି ନାହିଁ । ଦାୟିତ୍ୱ ପାଇଁ ମୁଁ କୌଣସି ଆର୍ଥିକ ସୁବିଧା ନେବି ନାହିଁ ।’

‘ମୁଁ ଆପଣଙ୍କ ନୀତିବୋଧ ଜାଣେ ଗୋପବନ୍ଧୁ ବାବୁ ।’

‘ତେବେ କୁହନ୍ତୁ କି ଦାୟିତ୍ୱ ।’

‘ଆପଣ ପୁରୀ ସେବା ସମିତି, ବ୍ରାହ୍ମଣ ସମିତି, ୟଙ୍ଗ ଉତ୍କଳ ଆସୋସିଏସନ୍ ଇତ୍ୟାଦି କେତେ ଅନୁଷ୍ଠାନ ମାଧ୍ୟମରେ ସେବା କାର୍ଯ୍ୟ କରୁଛନ୍ତି । ମୁଁ ଚାହୁଁଛି ସ୍ଥାନୀୟ କୁଷ୍ଠାଶ୍ରମର ଆପଣ ସମ୍ପାଦକ ରୁହନ୍ତୁ ।’

‘ମୋତେ ଏ ମହାନ ଦାୟିତ୍ୱ ପାଇଁ ଉପଯୁକ୍ତ ମନେ କରିଥିବାରୁ ମୁଁ ଆପଣଙ୍କୁ କୃତଜ୍ଞତା ଜଣାଉଛି । ତେବେ କାର୍ଯ୍ୟ ଦାୟରେ ପୁରୀ, କଟକ ହେଉଥିବାରୁ ମୁଁ ଏ କାମ କେତେଦୂର ସଫଳତାର ସହ ପାରିବି ତାହା ଚିନ୍ତାର ବିଷୟ ।’

‘ମୋର ଗଭୀର ବିଶ୍ୱାସ ଆପଣ ଆମ ପାଇଁ ଉପଯୋଗୀ ହେବେ ।’

ତା ପରେ ଗୋପବନ୍ଧୁ ଦିନେ କୁଷ୍ଠାଶ୍ରମ ଯାଇଥିଲେ । ସେଠି ରୋଗୀମାନଙ୍କ ଅବସ୍ଥା ଦେଖି ତାଙ୍କର ଆଖି ଛଳଛଳ ହୋଇ ଉଠିଥିଲା । କାହାର ହାତର ଆଙ୍ଗୁଠି ରୋଗ ଯୋଗୁଁ ଛିଣ୍ଡି ଯାଇଛି, କାହା ଗୋଡ଼ ନାହିଁ, ଆଉ କିଏ ବା ମାଦଳ ପରି ଦିଶୁଛି । ସେମାନେ ରହୁଥିବା ପରିବେଶ ବି ଅସ୍ୱାସ୍ଥ୍ୟକର । ଅନୁମୋଦିତ ଅର୍ଥରେ ସେମାନଙ୍କ ଲାଗି ପୁଷ୍ଟିକର ଖାଦ୍ୟ ସମ୍ଭବ ହେଉନାହିଁ । ରୋଗୀମାନଙ୍କର ଶାରୀରିକ ଅବସ୍ଥା ସହ ମାନସିକ ଅବସ୍ଥା ଖରାପ ଥିବାରୁ ପ୍ରତି ମୁହୂର୍ତ୍ତରେ ସେମାନଙ୍କ ଭିତରେ ପାଟିତୁଣ୍ଡ ଚାଲୁଛି । ଗୋପବାବୁ ସମସ୍ତଙ୍କ ପାଖକୁ ବ୍ୟକ୍ତିଗତ ଭାବରେ ଯାଇଥଲେ । ଆଉଁସି ପକାଇ ବ୍ୟଥିତ ହୋଇଥିଲେ । ଲୋକ ଜଣକ ଗୋଟିଏ ଇତିହାସ । କାହାକୁ ଗାଁ ଲୋକେ ଅଛୁଆଁ କହି ତଡି ଦେଇଥିଲେ, କିଏ ନିଜକୁ ଅବାଂଛିତ ମନେ କରି ଘର ଛାଡ଼ି ଆସିଥିଲା ତ ଆଉ କିଏ ଲୋକନାଥ ଘାଟରେ ଗୋଡ଼ ହାତରେ କନା ଗୁଡ଼ାଇ ଭିକ ମାଗୁଥିଲା । ଗୋପବନ୍ଧୁ ସେଦିନ ଆଶ୍ରମର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଲେ । ସେମାନଙ୍କ ସେବା ଶ୍ରେଷ୍ଠତମ ପୁଣ୍ୟ ବୋଲି କହିଲେ । ନିଜ ଆୟରୁ କିଛି ଅଂଶ ନିୟମିତ ଆଶ୍ରମକୁ ଦେବା ପାଇଁ ଅଙ୍ଗୀକାର କଲେ । ତା ପରେ କୁଷ୍ଠାଶ୍ରମ ପାଇଁ ଚାନ୍ଦା ସଂଗ୍ରହରେ ମନଦେଲେ । ନିଜର ସ୍ୱଚ୍ଛଳ ବନ୍ଧୁମାନଙ୍କ ଠାରୁ ଆଶ୍ରମ ପାଇଁ କିଛି କିଛି ଆଦାୟ କରିବାରେ ସମର୍ଥ ହେଲେ । ଥରେ ସହରର ଜଣେ ବଦାନ୍ୟ ଲୋକଙ୍କ ପାଖକୁ କିଛି ଚାନ୍ଦା ଆଶାରେ ସେ ଯାଇଥାନ୍ତି । ସେ କବାଟ ଖୋଲି ଗୋପବନ୍ଧୁଙ୍କୁ ବସାଇଲେ ଓ ପଚାରିଲେ, ‘କଣ ଏ ଅକାଳେ ଆମ ଆଡେ କେମିତି ଆସିବା ହେଲା ?’

‘ନା । କୌଣସି ବ୍ୟକ୍ତିଗତ କାମରେ ନୁହେଁ । କୁଷ୍ଠାଶ୍ରମର ସମ୍ପାଦକ ହେଲା ପରେ ଅନୁଷ୍ଠାନର ଅବସ୍ଥା ଟିକେ ସୁଧାରିବାକୁ ଚେଷ୍ଟା କରୁଛି । ସେଥିପାଇଁ ଆପଣଙ୍କ ପାଖକୁ କିଛି ଚାନ୍ଦା ପାଇଁ ଆସିଥିଲି । ଆପଣମାନଙ୍କ ପରି ଲୋକ ଚାହିଁଲେ ବିଚରା ରୋଗୀମାନେ ଟିକେ ଅଧିକ ଯତ୍ନ ପାଆନ୍ତେ ।’

‘ଦେଖନ୍ତୁ ଗୋପବାବୁ କୋଟି ପାପରୁ କୁଷ୍ଠ । ଆଗେ ଏମାନେ ଭିକ ମାଗିଲେ ବି ଲୋକେ ଦେଉନଥିଲେ । ଏମାନେ ନିଜ ପାପର ଫଳ ଭୋଗନ୍ତୁ ।’

‘ତା ମାନେ ଆମେ ଶିକ୍ଷିତମାନେ ସେମାନଙ୍କୁ ମରିବାକୁ ଛାଡି ଦେବା ?’

‘ତାଙ୍କ କର୍ମରେ ଯାହା ଥିବ ।’

‘ରୋଗ ଜୀବାଣୁ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ କାରଣରୁ ହୁଏ । ସେଠି ପାପ ପୁଣ୍ୟ କଥା କେଉଁଠୁ ଆସିଲା ।’

‘ରୋଗ ଅଭିଶାପରୁ ହୁଏ ।’

ଗୋପବନ୍ଧୁ ଦେଖିଲେ ଏ ଲୋକଙ୍କୁ ବୁଝାଇ ହେବ ନାହିଁ । ତେଣୁ ତାଙ୍କରି ଖିଅ ଧରି କହିଲେ, ‘ଆପଣ ହେଲେ କିଛି ଦାନ କରି ଆଶୀର୍ବାଦ ଲାଭ କରନ୍ତୁ ।’

ଶେଷରେ ଲୋକ ଜଣକ ଆଖି ଦୃଶିଆ କିଛି ଦେଇଥିଲେ । ଧୀରେଧୀରେ କୁଷ୍ଠାଶ୍ରମର ସ୍ଥିତି ସୁଦୃଢ଼ ହେଲା । ଦିନେ ମାଜିଷ୍ଟ୍ରେଟ୍ ତାଙ୍କୁ କହିଲେ, ‘ଆପଣ କୁଷ୍ଠାଶ୍ରମ ପାଇଁ ଜୀବନ ଲଗାଇ କାମ କରିଛନ୍ତି । ଆପଣଙ୍କ ଶ୍ରମର ଫଳ ଫଳିଛି । ଆପଣ ମ୍ୟୁନିସିପାଲିଟିର ସଦସ୍ୟ ହେଲେ ଲୋକେ ଆହୁରି ଲାଭବାନ ହେବେ ।

ଦିନକର ଗୋପବନ୍ଧୁ ନରେନ୍ଦ୍ରରେ ଗାଧୋଇ ଚାଲିଚାଲି ଜଗନ୍ନାଥ ଦର୍ଶନକୁ ବାହାରିଥାନ୍ତି । ମୁହଁରେ ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ ଭବତୁ ମେ । ମରୀଚିକୋଟ ଛକର ଟିକେ ଆଗକୁ ରାସ୍ତା ଉପରେ ଜଣେ ବୁଢ଼ାଲୋକ ବସିଥିବାର ଦେଖିଲେ । ବୁଢା ଲୁହ ଝରାଇ କାନ୍ଦୁଥାନ୍ତି । ବାଁ ହାତ ମୁଠାଇ



ଧରିଥାନ୍ତି କିଛି ରେଜା ପଇସା । ଡାହାଣ ଗୋଡ଼ ଆଣ୍ଠୁ ତଳକୁ ବନ୍ଧା ହୋଇଥାଏ କନା । ପୂଜ ରକ୍ତ ଫୁଟି ବାହାରୁଥାଏ । ଆସୁଥାଏ ଗନ୍ଧ । ଘା' ଜାଗାରୁ ପୋକ ଗୋଟେ ଅଧେ ଖସି ପଡୁଥାନ୍ତି । ବ୍ୟଥିତ ହୋଇ ଗୋପବନ୍ଧୁ ତାଙ୍କ ପାଖକୁ ଗଲେ ।

'ମଉସା ଘର କୋଉଠି ?'

'ଛତ୍ରପୁର ।'

'ଏଠିକି କେମିତି ଆସିଲ ।'

'ପୁଅ ମତେ ଆଣିଥିଲା ଶଗଡ଼ରେ ବସେଇ ଜଗନ୍ନାଥ ସଡକ ବାଟେ ।'

'ପୁଅ କୁଆଡେ ଗଲା ?'

'କେଜାଣି ବାପ ମତେ ତ କହିଲା ବାପା ଚାଲ ଜଗନ୍ନାଥ ଦର୍ଶନ କରିବ, ପୁରୀରେ ପ୍ରାୟଶ୍ଚିତ କଲେ ଏ ରୋଗ ଛାଡିବ । ମତେ ଏଠି ବସେଇ ଶଗଡ଼ କୋଉଠି ରଖିବ ବୋଲି ଯାଇଛି ଯେ ରାତି ଅଧରୁ ଆସି ଦିନ ଦି' ଘଡି ହେଲାଣି ।'

'ପୁଅ ଆଉ ଆସିବ ଭାବିଛ ?'

'ହଁ । ମୋ ହାତରେ ରେଜା ପଇସା ଦେଇ ହେଇଟି ଆସୁଛି କହି ଯାଇଛି ।'

'ଘରେ ଆଉ କିଏ ଅଛନ୍ତି ?'

'ବୁଢ଼ୀ ତ କେବେଠୁ ବାଟ କାଟିଛି । ଘରେ ବୋହୂ, ପୁଅ ଆଉ ନାତି । ଏ ରୋଗକୁ ନେଇ ପୁଅବୋହୂ ଭିତରେ ରୋଜ୍ କଳି । ବୋହୂ କହେ ମୁଁ ତମ ବୋପାର ଏତେ ସେବା କରି ପାରିବିନି । ତାକୁ କୋଉଠି ଛାଡିଦିଅ । ହେଲେ ବାବୁ ପୁଅ ମୋର ସୁନା ।'

ଗୋପବନ୍ଧୁ ବୁଝିଲେ ବାପର କୁଷ୍ଟ ଗଳିତ ଦେହକୁ ଘୃଣା କରି ପୁଅ ଏ ବଡ଼ଦାଣ୍ଡରେ ଛାଡି ଯାଇଛି । ହାୟରେ ସଂସାର ! ଏଇ ଦିନ ପାଇଁ ଶିବ ପୂଜି ବାପ ମା ପୁତ୍ର କାମନା କରିଥାନ୍ତି ! ପାଖ ଆଖରେ ଲୋକ ଜୁଟିଗଲେ । ଗୋପବନ୍ଧୁ ବୁଢ଼ାଙ୍କୁ କୁଷ୍ଟାଶ୍ରମ ପଠାଇବାର ବ୍ୟବସ୍ଥା କଲେ । ଜଣେ କିଏ ପଚାରିଲା ।

'ଆପଣେ ଜଗନ୍ନାଥ ଦର୍ଶନ ଡେରି ହେଉଛି ପରା ।'

'ଏଇଠି ତ ଅସଲ ଜଗନ୍ନାଥରେ ବାପ । ଅପାଣି ପାଦ ।' ସେଦିନ ଲୋକଟି ପରେ ପରେ ଗୋପବନ୍ଧୁ କୁଷ୍ଟାଶ୍ରମରେ ପହଁଚିଲେ । ଲୋକଟିର ପୂଜ ଜର୍ଜର ଗୋଡ଼ ଉଷୁମ ପାଣିରେ ଧୂଆଇଲେ । ଔଷଧପତ୍ରର ବ୍ୟବସ୍ଥା କରି ଫେରିଲେ ଘରକୁ । ଘରେ ସେତେବେଳକୁ ଭାତ ଦିଓଟି ଶୁଖିଲାଣି । ଝିଅ ଦିହେଁ ଏପଟ ସେପଟ ହେଉଛନ୍ତି ନନା ଗଲେ କୁଆଡେ । ବିମାତା ବି ବିବ୍ରତ ।

ପହଂଚୁ ପହଂଚୁ ବଡ଼ ଝିଅ ରଙ୍ଗ କହିଲା, 'ତମେ ଓଦା ଲୁଗାରେ କୋଉଠି ଥିଲ ନନା ?'

ବିମାତା କହିଲେ, 'ଏପରି ହେଲେ ଦେହ ଖରାପ ହେବନି । ଲୁଗା ପାଲଟି ବସ ମୁଁ ବାଢୁଛି । ଡାଲି, ତିଅଣ ତ ଆସି କାକର ହେଲାଣି ।'

ତରତରରେ କଣ ଦି'ଟା ପାଟିରେ ଦେଇ ଗୋପ ବାହାରି ଗଲେ ବ୍ରାହ୍ମଣ ସମିତି । ସେଠିକୁ ଜିଲ୍ଲା ସ୍କୁଲ୍ ଓ ସଂସ୍କୃତ ଅନୁଷ୍ଠାନର ଛାତ୍ରମାନେ ଆସିଥିଲେ । ସେଦିନ ଗୋପବନ୍ଧୁ ସେମାନଙ୍କୁ ଦେଶର ସ୍ୱାଧୀନତା ଓ ଛାତ୍ରର କର୍ତ୍ତବ୍ୟ ବିଷୟରେ ଅନେକ କଥା କହିଲେ । ପିଲାମାନେ ! ଦାଦାଭାଇ ନାରୋଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସର କଲିକତା ଅଧିବେଶନକୁ ମୁଁ ଓ ହରିହର ଯାଇଥିଲୁ । ସେ ସଭାରେ ଦେଶର ସ୍ୱରାଜ କଂଗ୍ରେସର ଲକ୍ଷ୍ୟ ବୋଲି କୁହାଗଲା । ସେସବୁ କଥା ଠିକ୍ । ହେଲେ ଆମ ସାଧାରଣ ଜୀବନ ଯେଉଁ ସ୍ତରରେ ଅଛି, ସ୍ୱାସ୍ଥ୍ୟ, ଶିକ୍ଷା ସମସ୍ୟା ଯେପରି ସାଂଘାତିକ ଆମକୁ ତଳ ସ୍ତରରେ ବହୁତ କାମ କରିବାକୁ ହେବ । ପେଟରେ ଓଦାକନା ପକାଇଥିବା ମଣିଷ ସ୍ୱରାଜର ବାର୍ତ୍ତା କଣ ବୁଝିବ ? ଆମକୁ କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ । ତାହେଲେ ତା ଉପରେ ସ୍ୱରାଜର ଫସଲ ଅମଳ ହୋଇପାରିବ ।


## ବାର୍ଷିକ ଗ୍ରାହକ ହୁଅନ୍ତୁ
## ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା



- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୪୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୪୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟ ଆମକୁ ପଠାଇବେ ।




ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



# ୪ ପ୍ରଜ୍ଞାପୀଠରେ ତେତିଶ ବର୍ଷ


**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ : ଭାରତୀ ପାଲ, ଶୁଚିସ୍ମିତା ମନ୍ତ୍ରୀ

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



◀ ଲେଖିକା ଜୟନ୍ତୀ ରଥ

ବାଗ୍‌ଦେବୀଙ୍କର ଆଉ ଜଣେ ବରପୁତ୍ରଙ୍କୁ ସ୍ୱଚକ୍ଷୁରେ ଦେଖିଥିଲା ବେବି । ସେ ଥିଲେ ସଂଗ୍ରହାଳୟର ପୋଥି ବିଭାଗର ସଂଗ୍ରହାଧ୍ୟକ୍ଷ ପଣ୍ଡିତ ନୀଳମଣି ମିଶ୍ର । ଗୌର ବର୍ଣ୍ଣ । ସଦା ହସହସ ମୁହଁ ।

ବର୍ଷ ବର୍ଷ ଧରି ପୋଥି ଝାଡ଼ିବା, ପୋଥି ପଢ଼ିବା କାମରୁ ବରଣ କରିଥିଲେ ଶ୍ୱାସରୋଗ । ଦୁଃସାଧ୍ୟ ରୋଗକୁ ସେ ଇଚ୍ଛାଶକ୍ତି ବଳରେ ଦମନ କରି ରଖିଥିଲେ । ତା'ର ପରାଭବ ତାଙ୍କ ହାତରୁ କଲମ ଛଡ଼େଇ ପାରିନଥିଲା । ଅତି ଆଗ୍ରହ ସହକାରେ ସେ ଗବେଷକମାନଙ୍କୁ ସହାୟତା ପ୍ରଦାନ କରୁଥିଲେ ।

'କୋମଳ ମଧୁର ବଚନ, କହି ତୋଷିବ ଜନମନ'- ଭାଗବତର ଏହି ବାଣୀ ରୂପାୟିତ ହେଉଥିଲା ତାଙ୍କ ବ୍ୟବହାରରେ । ପୁପୁଲ୍ ଜୟକାର, କପିଳା ବାତ୍ସାୟନ, ଜଗନ୍ନାଥ ପ୍ରସାଦ ଦାସ, କେ.ବି. ଶର୍ମା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭଳି ବିଦ୍ୱାନ, ଗୁଣୀଲୋକମାନେ ଆସୁଥିଲେ ପୋଥି ବିଭାଗକୁ ମିଶ୍ର ମହାଶୟଙ୍କ ବ୍ୟକ୍ତିତ୍ୱରେ ଆକର୍ଷିତ ହୋଇ ।

ତାଙ୍କ ଅବିରାମ ଅକ୍ଷର ଉପାସନା, ଶବ୍ଦ ସାଧନାରୁ ଫଳି ଉଠିଥିଲା ଓଡ଼ିଆ ପୋଥି ସାହିତ୍ୟ, ଓଡ଼ିଆ କବି ଓ କାବ୍ୟ, ଓଡ଼ିଆ ରାମ ସାହିତ୍ୟ ଭଳି ଉଚ୍ଚଦରର ସ୍ୱରଚିତ ପୁସ୍ତକ, ଯଯାତି, କେତେ ନଚାଇବ ଗୋପଳ, ମୋ ପତି ମୋ ଦେବତା, ବାମ ମାର୍ଗ, ମଶାଣିର ଦୀପ, ଗୋପୀଚନ୍ଦନ, ମରୁ ମୃଗୟା ଆଦି ଅନୂଦିତ ପୁସ୍ତକ ଏବଂ ଅସଂଖ୍ୟ ଗବେଷଣାଧର୍ମୀ ନିବନ୍ଧ । ଭଦ୍ରକ ଜିଲ୍ଲାର ଚରମ୍ପା ନିକଟସ୍ଥ ତୁଣପଦା ଗ୍ରାମରେ ଜନ୍ମିଥିଲେ ନୀଳମଣି । ପିଲାଦିନେ ପଢ଼ାଲେଖାରେ ଆଦୌ ଆଗ୍ରହ ନଥିଲା । ଇତସ୍ତତଃ ଘୂରି ବୁଲୁଥିଲେ । ଜଣେ ଜ୍ୟୋତିଷ ଭବିଷ୍ୟବାଣୀ କରିଥିଲେ- ଏ ପୁଅ କୁଳାଙ୍ଗାର ହେବ । ଆଉ ଜଣେ ଜ୍ୟୋତିଷ ଟିକିଏ ମାର୍ଜିତ ଭାଷାରେ କହିଥିଲେ- ଇଏ ଗୃହତ୍ୟାଗୀ ସନ୍ୟାସୀ ହେବ । ସବୁ ଭୁଲ୍ ପ୍ରମାଣିତ ହେଲା । ପରବର୍ତ୍ତୀ ଜୀବନରେ ସେ ନିଜକୁ କୁଳଦୀପକ ସାବ୍ୟସ୍ତ କରିଥିଲେ । ସରସ୍ୱତୀଙ୍କର ଦିବ୍ୟଦୃଷ୍ଟି ତାଙ୍କ ଉପରେ ପଡ଼ିଲା । ଗାଁ ଟୋଲ୍‌ରୁ ପଢା ସାରି ପୁରୀ ସଂସ୍କୃତ ବିଦ୍ୟାଳୟରେ ଅଧ୍ୟୟନ କରି ଆଚାର୍ଯ୍ୟ ଉପାଧି ପାଇଥିଲେ । ପରେପରେ ଘରୋଇ ଭାବରେ ବି.ଏ. ଓ ହିନ୍ଦୀରେ ରତ୍ନ ଉପାଧି ପାଇଁ କିଛିଦିନ ନିଜ ଗ୍ରାମ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ତାପରେ ପୋଥି ବିଭାଗର Copyist ଭାବେ ଯୋଗ ଦେଇଥିଲେ । ୧୯୫୫ ମସିହାରେ । ବିଶିଷ୍ଟ ଐତିହାସିକ, ପୋଥିତତ୍ତ୍ୱ ବିଦ୍ ସେତେବେଳେ ପୋଥି ବିଭାଗର ସଂଗ୍ରହାଧ୍ୟକ୍ଷ ଥିଲେ । ତାଙ୍କ ଅଧିନରେ କାର୍ଯ୍ୟ କରିବା ନୀଳମଣିଙ୍କ ପାଇଁ ସୌଭାଗ୍ୟ ଥିଲା । ତାଙ୍କ ପାଇଁ ଜ୍ଞାନ ଆହରଣର ମାର୍ଗ ପ୍ରଶସ୍ତ ହୋଇଗଲା । ସେ ପଢ଼ି ଚାଲିଲେ । ଲେଖି ଚାଲିଲେ । କେଦାରନାଥ ପଦୋନ୍ନତି ପାଇ ସଂଗ୍ରହାଳୟର ଅଧିକ୍ଷକ ହେଲେ । ପୋଥି ବିଭାଗର ସଂଗ୍ରହାଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ ହେଲା ନୀଳମଣିଙ୍କ ଉପରେ । ସେତେବେଳକୁ ନୀଳମଣି ଉଦୀୟମାନ ଶାସ୍ତ୍ରଜ୍ଞ ପଣ୍ଡିତ । ବିଂଶ ଶତାବ୍ଦୀର ଷାଠିଏ ସତୁରି ଦଶକ, ବହୁ ପ୍ରସାରିତ 'ପୌରୁଷ' ପତ୍ରିକା । ଓଡ଼ିଶାର ଧର୍ମ, ସଂସ୍କୃତି, ଇତିହାସକୁ ଦର୍ପଣାୟିତ



ଡକ୍ଟର ରବି ନାରାୟଣ ଦାଶ



ଡକ୍ଟର ହରିଶ୍ଚନ୍ଦ୍ର ଦାସ



ଡକ୍ଟର ରମେଶ ପ୍ରସାଦ ମହାପାତ୍ର



ପଣ୍ଡିତ ନୀଳମଣି ମିଶ୍ର

କରୁଥାଏ । ଘରକୁ ନବରବି, ଆସନ୍ତାକାଲି, ମାନସ ଓ ଅନ୍ୟାନ୍ୟ ପତ୍ରିକା ସହ ପୌରୁଷ ପତ୍ରିକା ମଗାଉଥିଲେ । ଏହି ପତ୍ରିକାରେ ପ୍ରକାଶିତ ନୀଳମଣି ମିଶ୍ରଙ୍କ ଲେଖା ପଢ଼ି ବହୁବାକ୍ୟ ତଳେ ବାପା ଗାର ପକଉଥିଲେ । ସେତେବେଳେ ବେବି ଷଷ୍ଠ ସପ୍ତମ ଶ୍ରେଣୀର ଛାତ୍ରୀ । ଭାବେ: ଏ ନୀଳମଣି ମିଶ୍ର କିଏ । ବାପା ତାଙ୍କ ଲେଖା ତଳେ ଗାର ପକଉଛନ୍ତି କାହିଁକି ? ତାଙ୍କ ଅନୂଦିତ 'ମୋ ପତି ମୋ ଦେବତା' ବହିଟି ଥିଲା ବୋଉର ପ୍ରିୟ ବହି ଭିତରୁ ଗୋଟିଏ । ଗୋଟିଏ ପାଖେ ସ୍ୱାମୀଙ୍କ ଆଦର୍ଶ, ମୂଲ୍ୟବୋଧ ଆଉ ଗୋଟିଏ ପାଖେ ଅଭାବକୁ ନେଇ ସଂସାର ଚଳେଇଥିଲେ ଲଳିତା ଶାସ୍ତ୍ରୀ । ଶତ ଘାତ ପ୍ରତିଘାତ ଭିତରେ ବି ଜାଜ୍ୱଲ୍ୟମାନ ହୋଇ ଉଠିଥିଲା ତାଙ୍କ ଜୀବନ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିଲା । ନିଃସର୍ତ୍ତ ଭଲ ପାଇବା ଥିଲେ ଘର ବୈକୁଣ୍ଠ ସମାନ ବୋଲି ଯାହା କୁହାଯାଏ, ତା'ର ନିଚ୍ଛକ ଉଦାହରଣ ପରିସ୍ଫୁଟ ହୋଇଉଠେ ଲଳିତା ଶାସ୍ତ୍ରୀଙ୍କ 'ମୋ ପତି ମୋ ଦେବତା'ରେ । ନୂଆ ଶାୟା କରି ପାରିବେ



ନାହିଁ ତ ଦୁଃଖ ନାହିଁ । ସ୍ୱାମୀଙ୍କ ପୁରୁଣା ଧୋତିକୁ କାଟି ଶାୟା ସିଲେଇ କରି ପାରିବେ । ଗଦାଏ ଲୁଗା ପଟା ଗାଧୁଆ ଘରେ ପଡ଼ିଛି ତ ବ୍ୟସ୍ତ ହେବାର ନାହିଁ । ସେ ବତୁରେଇ ରଖିଦେଲେ ସ୍ୱାମୀ ଆସି ସଫା କରି ଚିପୁଡ଼ି କରି ରଖି ଦେବେ । ପାଖରେ ଯଥେଷ୍ଟ ଅର୍ଥ ନାହିଁ- ଅନ୍ୟ ଠାରୁ ଧାର୍ ଉଧାର କରି ମେଳା ଯିବା ଦରକାର ନାହିଁ- ସ୍ୱାମୀଙ୍କର ବାରଣ ମାନି ଯିବାରେ ଦ୍ୱିଧା ନାହିଁ । କେତେ ରୂପରେ ଫୁଟି ଉଠିଛି ଲଳିତାଙ୍କ ମହିମାମୟ ଦାମ୍ପତ୍ୟ । ବୋଉ ଏକାଧିକ ବାର ଏଇ ବହିଟି ପଢ଼େ । ଚଷମା କାଢ଼ି ଆଖିରୁ ଲୁହ ପୋଛେ । ଦିନେ ବୋଉ ହାତରୁ ବହିଟି ନେଇଥିଲା ବେବି । ଏକ ନିଃଶ୍ୱାସରେ ପଢ଼ି ଶେଷ କରିଥିଲା । ପଢ଼ି ସାରିବା ପରେ ପ୍ରଣାମ କରିଥିଲା ଲଳିତାଙ୍କୁ । ପ୍ରଣାମ କରିଥିଲା ନୀଳମଣିଙ୍କୁ । ଏଇ ବିଦ୍ୟାବାଗୀଶ ଦିନେ ତାର ବୟୋଜ୍ୟେଷ୍ଠ ସହକର୍ମୀ ହୋଇ ପ୍ରତିଭାତ ହେବେ, ନିୟତିର ଏଇ ନିର୍ଣ୍ଣୟ ତା'ର ଦୃଷ୍ଟିଗୋଚର ହେଉନଥିଲା ।



ବେବି ଚାକିରିରେ ଯୋଗ ଦେବା ପରେ ତା'କୁ ପାଖକୁ ଡାକି ଆଶୀର୍ବାଦ ଦେଇ କହିଥିଲେ- "ଏ ସଂଗ୍ରହାଳୟରେ କାମ କରିବା ବଡ଼ ସୌଭାଗ୍ୟ ମାଆ । ସବୁବେଳେ ପଢ଼ିବା, ଲେଖିବାର ସୁଯୋଗ ପାଇବ । ସମୟର ଉପଯୋଗ କଲେ ତମେ ବହୁତ ଉପରକୁ ଉଠିବ ।" ତାଙ୍କର ଏଇ ଉପଦେଶକୁ ପାଳନ କରିବାକୁ ଯଥାସାଧ୍ୟ ଚେଷ୍ଟା କରିଥିଲା ବେବି ।

ନୀଳମଣି ନିଜେ ଲେଖି ପଢ଼ି ସନ୍ତୁଷ୍ଟ ରହୁ ନଥିଲେ । ସମସ୍ତ ସତୀର୍ଥଙ୍କୁ ପ୍ରୋତ୍ସାହିତ କରୁଥିଲେ ନିଜ ନିଜ ବିଭାଗ ସଂପର୍କରେ । ସଂସ୍କୃତି, ଧର୍ମ, ଇତିହାସ ସଂପର୍କରେ ପ୍ରବନ୍ଧମାନ ଲେଖିବା ପାଇଁ ।

ତାଙ୍କ ଅଧିନରେ କାମ କରି ଜୀବନରେ ବହୁତ କିଛି ଶିଖିଛନ୍ତି ବୋଲି ସବୁବେଳେ କହନ୍ତି ସଂସ୍କୃତ ସାହିତ୍ୟର ବିଶିଷ୍ଟ ଗବେଷିକା ଡକ୍ଟର ମମତା ମିଶ୍ର । ଏବେ ସ୍ୱାମୀଙ୍କ ସହ ରୁହନ୍ତି ଚେନ୍ନାଇରେ । ସ୍ୱାମୀ ସିନିରୁଦ୍ଧ ଦାଶ୍ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରଫେସର ପଦରୁ ଅବସର ନେବା ପରେ ଏବେ ଦୁହେଁ ଉଚ୍ଚତର ଗବେଷଣାରତ । ଏବେ ତାଙ୍କ ସଂସାରରେ, ଜୀବନରେ ଚତୁର୍ଦ୍ଦିଗରୁ ଆଲୋକ । ଚତୁର୍ଦ୍ଦିଗରୁ ପ୍ରାଣସଞ୍ଚାରକାରୀ ପବନ । ସେତେବେଳେ ସମୟ ସହଜ ନଥିଲା ତାଙ୍କ ପାଇଁ । ବହୁ ପ୍ରକାର ଅସୁବିଧା ଓ ସମସ୍ୟାର ଘେର ଭିତରେ ଗତି କରୁଥିଲେ ମମତା ନାନୀ । ଦିନେ ଦିନେ ଏମିତି ହୁଏ । ନଖାଇ ଅଫିସ୍ ଚାଲି ଆସିଥାନ୍ତି ମମତା ନାନୀ । ପଢୁଥିବା ପୋଥି ଉପରୁ ମୁହଁ ଉଠେଇ ଦେଖନ୍ତି । ଆଦରବୋଳା ସ୍ୱରରେ ପଚାରନ୍ତି- ଆଜି ଖାଇକରି ଆସିନ କି ? ତାଙ୍କୁ ମିଛ କହିହୁଏ ନାହିଁ । ପାଟିରେ ପଇଟେ ନାହିଁ । ମମତା ନାନୀ ଓଲଟି ପଚାରନ୍ତି- "ଆପଣ କେମିତି ଜାଣିଲେ ?"

- ମୁଁ ଜାଣିବିନି । ମୁହଁ ପଢ଼ି ମୁଁ ଜାଣିଯାଏ ସବୁ । ଅଳ୍ପ ହସି କହନ୍ତି ନୀଳମଣି । ପାଞ୍ଚଟି କନ୍ୟା, ତିନିଟି ପୁତ୍ରର ଜନକ ନୀଳମଣି । ଶୈଶବରୁ ଶଯ୍ୟାଶାୟୀ ଥିବା ଗୋଟିଏ ପୁଅର ସେବା ଭାର ବହନ କରିଥିବା ନୀଳମଣି ।

ଦୁଃଖ ସନ୍ତପ୍ତ ପ୍ରାଣକୁ ଶୀତଳେଇବାର କୌଶଳରେ ଧୂରୀଣ ନୀଳମଣି । ବିଭାଗରେ ସହାୟକ ଭାବେ କାମ କରୁଥିବା ପିଲାଟିକୁ ହାତରୁ ପଇସା ଦେଇ ପଠାନ୍ତି । ସେ ବାହାରକୁ ଯାଇ ପାଉଁରୁଟି, କଦଳୀ, ରସଗୋଲା ନେଇ ଆସେ । ମମତା ନାନୀ ବିନା ବାକ୍ୟବ୍ୟୟରେ ଖାଇସାରି ପୁଣି କାମରେ ମନ ଦିଅନ୍ତି । ପଣ୍ଡିତେ ପୂର୍ବବତ୍ ତାଙ୍କ କାମରେ ମନୋନିବେଶ କରନ୍ତି । କ୍ଷତକୁ ଉଖାରିବା ପାଇଁ ପଚାରନ୍ତି ନାହିଁ- କାହିଁକି ଖାଇକରି ଆସି ନଥିଲ ? କ'ଣ ଅସୁବିଧା ଥିଲା ? ମନର ସ୍ୱାଭାବିକ ଅବସ୍ଥା ଫେରେଇ ଆଣିବା ପାଇଁ, କଥାବାର୍ତ୍ତାର ଧାରାକୁ ସୁଗମ କରିବା ପାଇଁ ସେ ସଦ୍ୟ ଅନୁବାଦ କରିଥିବା ହିନ୍ଦୀ ପୁସ୍ତକର କିଛି ଅଧ୍ୟାୟ ପଢ଼ିବାକୁ ଦିଅନ୍ତି । ସେସବୁ ପଢ଼ି ନିଜର ବ୍ୟକ୍ତିଗତ ସମସ୍ୟା ପାଶୋରି ଯାଆନ୍ତି ସେ । ଅଧିକ ଆଗ୍ରହ, ଅଧିକ ସ୍ପୃହା ସହ ଲାଗି ପଡ଼ନ୍ତି କାମରେ । ମନେମନେ ସଂକଳ୍ପ ନିଅନ୍ତି ଯଦି କେବେ କେଉଁ ପ୍ରିୟଜନ ଦୁଃଖୀ ହେବାର ଦେଖନ୍ତ. ତେବେ

ତା'ର ଦୁଃଖର କାରଣ ଜାଣିବା ପାଇଁ ଅସ୍ଥିର ହେବେ ନାହିଁ । ଦୁଃଖର ନିରାକରଣ ପାଇଁ ଚେଷ୍ଟା କରିବେ ।

ବର୍ଷ ବର୍ଷ ଏକାଠି କାମ କରିବା ଭିତରେ ପଣ୍ଡିତ ମିଶ୍ରଙ୍କ ବ୍ୟକ୍ତିତ୍ୱର ଭିନ୍ନ ଭିନ୍ନ ଦିଗ ଆବିଷ୍କାର କରିଥିଲେ ମମତା ନାନୀ ।

ନୀଳମଣିଙ୍କ ପ୍ରତିଷ୍ଠା, ଲୋକପ୍ରିୟତା ତାଙ୍କ ଚାରିପାଖରେ ଈର୍ଷା, ଅସହିଷ୍ଣୁତାର ଶକ୍ତ ପ୍ରାଚୀର ସୃଷ୍ଟି କରିଥିଲା । ସେଇ ପ୍ରାଚୀର ଭେଦ ନକଲେ ତାଙ୍କର କୌଣସି କାର୍ଯ୍ୟ ସିଦ୍ଧ ହେବାର ନଥିଲା । ସେଥିପାଇଁ ତାଙ୍କୁ ବହୁତ କଷ୍ଟ ଉଠେଇବାକୁ ପଡୁଥିଲା । ବାରମ୍ବାର କ୍ଷତାକ୍ତ ହେଉଥିଲେ । ବେଳେବେଳେ କରିବାକୁ ଚାହୁଁଥିବା ସର୍ଜନାତ୍ମକ କାମ ଅଧୁରା ରହୁଥିଲା । କ୍ଷୋଭ ଆସୁଥିଲା । ଅବସୋସ ଆସୁଥିଲା ।

ପ୍ରାଣଠୁ ବଳି ଭଲ ପାଉଥିଲେ ବଡ଼ ଝିଅ ଜୟଶ୍ରୀଙ୍କୁ । ତାଙ୍କୁ ନିଜ ଅଭିରୁଚି ଓ ସାରସ୍ୱତ ସାଧନାର ଉତ୍ତରାଧିକାରୀ ମଣିଥିଲେ ।

ବ୍ୟକ୍ତିଗତ ଜୀବନର ଅସଙ୍ଗତି / ଜଞ୍ଜାଳ ଯୋଗୁଁ ସିଏ ବାପାଙ୍କ ବାଟରେ ଚାଲି ପାରିଲେ ନାହିଁ । ଏଇଟା ଥିଲା ପଣ୍ଡିତ ମିଶ୍ରଙ୍କ ଜୀବନର ବହୁତ ବଡ଼ ଦୁଃଖ । ତାଙ୍କ ପାଖକୁ ଗବେଷଣା ଉଦ୍ଦେଶ୍ୟରେ ଆସୁଥିବା ସବୁ ଛାତ୍ରୀ, ସବୁ ଅଧ୍ୟାପିକାଙ୍କ ଭିତରେ ସେ ଦେଖୁଥିଲେ ତାଙ୍କ ଝିଅକୁ । ସ୍ୱେଚ୍ଛାରେ ସାହାଯ୍ୟର ହାତ ପ୍ରସାରି ଦେଉଥିଲେ । ପ୍ରତିକୂଳ ପରିବେଶରେ ରହି ମୋ ଝିଅଟି ତ ପାରୁନାହିଁ ଏମାନେ ପାଇ ଯାଆନ୍ତୁ- ଏଇ ଥିଲା ତାଙ୍କର ଅଭିପ୍ରାୟ ।

ଓଡ଼ିଆ ରାମ ସାହିତ୍ୟ, ଭଗବଦ୍ ଗୀତା, ଓଡ଼ିଆ ଭଜନ, ଓଡ଼ିଆ ଐତିହାସିକ କାବ୍ୟ, ଓଡ଼ିଶାର ନଦୀ ଓ ପର୍ବତର ଦାର୍ଶନିକ ମହତ୍ତ୍ୱ, ଆମ ମନ୍ଦିରର କଳା ବିଭବ, ପ୍ରାଚୀନ ଓଡ଼ିଆ କାଞ୍ଚନିକ






କାବ୍ୟ, ଶ୍ରୀଜଗନ୍ନାଥ ସାହିତ୍ୟ, ଭାଗବତ, ଅତିବଡ଼ୀ ଜଗନ୍ନାଥ ଦାସ, ମହାକବି ସାରଳା ଦାସ, ଭାରତୀୟ ପୁରାଣ, ତନ୍ତ୍ରଶାସ୍ତ୍ର, ଧର୍ମଶାସ୍ତ୍ର, ପୋଥି ପରମ୍ପରା, ବୌଦ୍ଧ ରାଜବଂଶାବଳୀ, ସ୍ୱାଧୀନତା ସଂଗ୍ରାମ୍ ଔର୍ ଉତ୍କଳ୍- ଏମିତି ଯେକୌଣସି ବିଷୟରେ ସେ ଲେଖୁଥିଲେ ତାହା ପୂର୍ବରୁ ତାଙ୍କ ମସ୍ତିଷ୍କରେ ଲିପିବଦ୍ଧ ହୋଇ ରହୁଥିଲା । ସେ ବସୁଥିଲେ । ଏକାଥରକେ ଲେଖୁଥିଲେ । କୌଣସି ଲେଖା ଦ୍ୱିତୀୟ ବାର ସଂଶୋଧନ କରି ଲେଖୁ ନଥିଲେ । ପ୍ରସିଦ୍ଧ ଔପନ୍ୟାସିକ ଅମୃତଲାଲ ନାଗରଙ୍କ 'ନାଚୈ ବହୁତ୍ ଗୋପାଲ୍'ର ଓଡ଼ିଆ ଭାଷାନ୍ତର 'କେତେ ନଚାଇବ ଗୋପାଳ' ପୁସ୍ତକ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । ଓଡ଼ିଶା ସାହିତ୍ୟ ଏକାଡ଼େମୀ କବି ଜଗନ୍ନାଥ ଦାସଙ୍କ ବିରଚିତ ଭାଗବତର ସମ୍ପାଦନାର ଗୁରୁ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲେ । ହିନ୍ଦୀ ଭାଷା ସାହିତ୍ୟକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସେ ଆଲହାବାଦ ରାଷ୍ଟ୍ରଭାଷା ଏକାଡ଼େମୀ ପୁରସ୍କାର ପାଇଥିଲେ । ୧୯୮୬ ମସିହାରେ ସେ ଅବସର ନେଲେ । ପରେ ପରେ କେଦାର ନାଥ ଗବେଷଣା ପ୍ରତିଷ୍ଠାନର ପରିଚାଳନା ଦାୟିତ୍ୱ ତାଙ୍କୁ ଅର୍ପଣ କରାଗଲା । ତାଙ୍କ ପ୍ରଯତ୍ନରେ ଏହି କ୍ଷୁଦ୍ର ଅନୁଷ୍ଠାନଟି ପଲ୍ଲବିତ ହୋଇ ଉଠିଲା । ତାଙ୍କର ପରିଚିତ ଲେଖକ, ପ୍ରକାଶକ ସ୍ୱେଚ୍ଛାରେ ଏହି ଅନୁଷ୍ଠାନର ଲାଇବ୍ରେରୀକୁ ବହୁ ପୁସ୍ତକ ପ୍ରଦାନ କଲେ ।

ବର୍ଷ ବର୍ଷ ଧରି ପୋଥି ଝାଡ଼ିବା, ପୋଛିବା ପଢ଼ିବା କାମରୁ ସେ ବରଣ କରିଥିଲେ ଦୁଃସାଧ୍ୟ ଶ୍ୱାସରୋଗ । ତଥାପି ହାର୍ ମାନି ନଥିଲେ ସେ । ପରିଣତ ବୟସରେ ବି ଚାଲି ଚାଲି ବହୁପଥ ଅତିକ୍ରମ କରୁଥିଲେ । କ୍ଳାନ୍ତି ନଥିଲା ମନରେ । ହାତରେ ଦୁଇ ଚାରି ଖଣ୍ଡ ବହି ଧରି ସହାସ୍ୟ ବଦନରେ ବଡ଼ବଡ଼ ପାହୁଣ୍ଡ ପକେଇ ଚାଲୁଥିବା ପଣ୍ଡିତ ମହାଶୟଙ୍କୁ ସଂଗ୍ରହାଳୟ ପରିସର ଭିତରେ ଦେଖିଲେ ସ୍ୱତଃ ମନରେ ସମ୍ଭ୍ରମ ଭାବ ଜାଗି ଉଠେ । ନମସ୍କାର କଲେ ପ୍ରତି ନମସ୍କାର କରି ଅଟକି ଯାଆନ୍ତି । କୁଶଳ ଜିଜ୍ଞାସା କରନ୍ତି । ଲେଖାଲେଖି ଚାଲଛି କି ନାଇଁ ପଚାରନ୍ତି । ନିର୍ଦ୍ଦିଷ୍ଟ କୌଣସି ପ୍ରବନ୍ଧ ପାଇଁ ତଥ୍ୟ ଖୋଜୁଛି କହିଲେ, ସେ ଜାଣିଥିବା ସମସ୍ତ ତଥ୍ୟ ଅକୁଣ୍ଠିତ ଭାବେ ବର୍ଣ୍ଣନା କରନ୍ତି । ସେ ପଢ଼ିଥିବା ବେବିର ସଦ୍ୟତମ ପ୍ରବନ୍ଧ ଗଳ୍ପ ଉପରେ ଗଠନ ମୂଳକ ମତାମତ ଦିଅନ୍ତି । ତାଙ୍କ ମତ, ତାଙ୍କ ଉପଦେଶ ନୂଆ ନୂଆ କଲମ ଧରିଥିବା ତା' ପାଇଁ କେତେ ମହାର୍ଘ ଥିଲା, ତାହା କେବଳ ସେ ଜାଣେ । ତାହା ଭାଷାରେ ବର୍ଣ୍ଣନା କରିବା ସହଜ ନୁହେଁ ।

୩.୧୦.୧୯୯୭ରୁ ସେ ଚାଲି ଗଲେଣି ଆରପାରିକୁ । ଏବେବି କୌଣସି ସଂସ୍କୃତ ଶବ୍ଦର ଅର୍ଥ ଖୋଜିବା ପାଇଁ ସେ ମନେମନେ ଖୋଜେ ପଣ୍ଡିତ ମହାଶୟଙ୍କୁ । ସବୁବର୍ଷ ଅକ୍ଟୋବର ମାସ ତିନି ତାରିଖରେ ସେ ଏଇ ପିତୃପ୍ରତିମ ମନୀଷୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରେ ।

୨୦୧୮, ଡିସେମ୍ବର ୨୯ ତାରିଖରେ ସଂଗ୍ରହାଳୟର ପ୍ରତିଷ୍ଠା ଦିବସରେ ସୁସାହିତ୍ୟିକା ପ୍ରଫେସର ସଂଘମିତ୍ରା ମିଶ୍ର ଓ ବେବିର ଯୁଗ୍ମ ସମ୍ପାଦନାରେ ପ୍ରକାଶିତ ପଣ୍ଡିତ 'ନୀଳମଣି ସଞ୍ଚୟନ' ଲୋକାର୍ପିତ ହେଲା । ପଣ୍ଡିତ ମିଶ୍ରଙ୍କ ରଚିତ ବହୁ ମୂଲ୍ୟବାନ ପ୍ରବନ୍ଧର ଏହି ସଂକଳନଟିକୁ ପ୍ରସ୍ତୁତ କରିବା ପାଇଁ ବହୁ କଷ୍ଟ ସ୍ୱୀକାର କରିଥିଲେ ଡକ୍ଟର ଶ୍ରୀମତୀ ମିଶ୍ର । ଏଥିରେ ସନ୍ନିବେଶିତ ପ୍ରବନ୍ଧ ସବୁ ସଂଗ୍ରହ କଲାବେଳେ ବେବିକୁ ସାହାଯ୍ୟ କରିଥିଲେ ବିଶିଷ୍ଟ ପ୍ରାବନ୍ଧିକ ତଥା 'ଆମ ଓଡ଼ିଶା'ର ପରିଚାଳନା ସମ୍ପାଦକ ଡକ୍ଟର ଅସିତ୍ ମହାନ୍ତି ଏବଂ କେଦାର ନାଥ ଗବେଷଣା ପ୍ରତିଷ୍ଠାନର ତତ୍କାଳୀନ ତତ୍ତ୍ୱାବଧାରକ ଡକ୍ଟର ହରେକୃଷ୍ଣ ପାତ୍ର । ବିଶିଷ୍ଟ ଅତିଥିମାନେ ପୁସ୍ତକଟିକୁ ଲୋକାର୍ପଣ କଲାବେଳେ ଶୂନ୍ୟରୁ ଆଶୀର୍ବଚନ ପୁଷ୍ପ ହୋଇ ଝଡ଼ି ପଡୁଥିଲେ । ଶରୀର ତ୍ୟାଗ କଲା ପରେ ବି ସତ୍ ମଣିଷମାନଙ୍କର ଆଶୀର୍ବାଦର ଧାରା ଶୁଷ୍କ ହୁଏ ନାହିଁ । ଏହି ଧାରଣା ସେଦିନ ତାର ବଳବତ୍ତର ହୋଇଥିଲା ।



# ମହକର ମହାରାଣୀ

# ରାତିର ରାଣୀ ମଲ୍ଲୀ

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ, କଟକ ରୋଡ଼
ଭୁବନେଶ୍ୱର-୭୫୧୦୦୬
ଫୋନ:୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଲେଖିକା

ଓଡ଼ିଶାର ଘରେ ଘରେ ପରିଚିତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜାଙ୍କର ଏକ ଶାସ୍ତ୍ରୀୟ ସଂଗୀତ ଅଛି "ମଲ୍ଲୀମାଳ ଶ୍ୟାମକୁ ଦେବି... ମନ ତୋଷିବି ।" ସତେ ଯେମିତି ଶ୍ୟାମଙ୍କୁ ତୋଷିବା ପାଇଁ କବି ମଲ୍ଲୀ ଭିତରେ ଆବେଗମୟ, ପ୍ରେମସିକ୍ତ ଓ ଭାବପୂର୍ଣ୍ଣ ଭକ୍ତି ନିବେଦନକୁ ଖଞ୍ଜି ଦେଇଛନ୍ତି । ଶ୍ୟାମଙ୍କୁ ମୋହିବା ପାଇଁ ମଲ୍ଲୀ ଏତେ ଶୁଭ୍ର, ସତେଜ, ସୁଗନ୍ଧଯୁକ୍ତ, କୋମଳ, ମନୋରମ ରୂପ ନେଇ ପ୍ରକୃତିକୁ ଅବତରଣ ହୋଇଛି । ମଲ୍ଲୀର ମହକରେ କେବଳ ଚତୁର୍ଦ୍ଦିଗ ମହକିତ ହୁଏନାହିଁ, ମନ, ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିଥାଏ ମଲ୍ଲୀ । ସାରା ପୃଥିବୀରେ ମଲ୍ଲୀକୁ 'ଜାସ୍ମିନ୍' ନାମରେ ସମସ୍ତେ ଜାଣନ୍ତି । ଜାସ୍ମିନ୍ ଶବ୍ଦ ପାର୍ସୀ ଶବ୍ଦ 'ୟାସ୍ମିନ୍'ରୁ ଉତ୍ପନ୍ନ ହୋଇଛି । 'ୟାସ୍ମିନ୍'ର ଅର୍ଥ ଈଶ୍ୱରଙ୍କ ଉପହାର । ସତରେ ଜାସ୍ମିନ୍ ବା ମଲ୍ଲୀ କ'ଣ ଈଶ୍ୱରଙ୍କ ଉପହାହର ସ୍ୱରୂପ ଦିବ୍ୟ ଓ ଅଲୌକିକ ନୁହେଁ କି ? ନହେଲେ ସମଗ୍ର ମାନବଜାତିକୁ ଏତେ ଆକୃଷ୍ଟ କରିପାରନ୍ତା କେମିତି ? ମଲ୍ଲୀ ଏକ ଖରାଦିନିଆ ଫୁଲ । ଏହା ସମଶୀତୋଷ୍ଣ ଜଳବାୟୁରେ ଖୁବ୍ ଭଲ ବଢୁଥିବା ବୁଦାସଦୃଶ ବୃକ୍ଷ । ଏହାର ବନସ୍ପତିକ ନାମ ହେଉଛି 'ଯସ୍ମିନମ୍ ସମ୍ବାକ୍' । କୁହାଯାଏ ଦକ୍ଷିଣ ଏସିଆ ତଥା ଦକ୍ଷିଣ ପୂର୍ବ ଏସିଆ ଏହାର ମୂଳ ଉତ୍ପତ୍ତି ସ୍ଥଳ । ଭାରତରେ କିନ୍ତୁ ମଲ୍ଲୀର ବ୍ୟବହାର ବହୁଳ ପରିମାଣରେ ହୋଇଥାଏ । ଦେବାଦେବୀଙ୍କ ଠାରୁ ଆରମ୍ଭ କରି ଘର ସାଜସଜ୍ଜା ପାଇଁ ଏକ ଅଳଙ୍କାର ବୃକ୍ଷ ଭାବେ ମଲ୍ଲୀ ସଜା ଯାଇଥାଏ । ତାରା ସଦୃଶ ଛୋଟ ଛୋଟ ଶୁଭ୍ର ପାଖୁଡ଼ାଯୁକ୍ତ ଓ ସୁଗନ୍ଧଯୁକ୍ତ ମଲ୍ଲୀକୁ ଏବଂ ମଲ୍ଲୀମାଳ ବା ଗଜରାକୁ ଦିଲ୍ଲୀ, ଆଜ୍‌ମେର୍, ଜୟପୁର, କୋଟା, ବିକାନେର୍ ଇତ୍ୟାଦି ସ୍ଥାନରେ ବହୁଳ ଭାବେ ବ୍ୟବହାର କରାଯାଇଥାଏ । ମହିଳାମାନେ ମଲ୍ଲୀମାଳ ଗଜରାକୁ ନିଜ ଗଭାରେ ସଜାଇଥାନ୍ତି । ଏହି ଗଜରା ସ୍ୱାମୀଙ୍କୁ ଦୀର୍ଘାୟୁ କରିଥାଏ ଓ ଦାମ୍ପତ୍ୟଜୀବନ ସୁଖମୟ କରିଥାଏ ବୋଲି ବିଶ୍ୱାସ ରହିଛି । ମଲ୍ଲୀ ବା ଜାସ୍ମିନ୍ ଅନେକଗୁଡ଼ାଏ ଦେଶରେ ରାଷ୍ଟ୍ରୀୟ ପୁଷ୍ପ ଭାବେ ସମ୍ମାନିତ ହୋଇଛି । ପାକିସ୍ଥାନ, ସିରିଆ, ଫିଲିପାଇନ୍ସ, ହୱାଲିନ୍, ଟ୍ୟୁନିସିଆ, ଇଣ୍ଡୋନେସିଆ ଓ ଥାଇଲାଣ୍ଡରେ ଶାନ୍ତିର ପ୍ରତୀକ ଭାବେ ମଲ୍ଲୀ ବା ଜାସ୍ମିନ୍ ଜାତୀୟ ପୁଷ୍ପ ଭାବେ ଗୌରବମଣ୍ଡିତ ହୁଏ ।



## ବିଭିନ୍ନ ସ୍ଥାନରେ ମଲ୍ଲୀର ନାମକରଣ

ମଲ୍ଲୀକୁ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ଲୋକେ ଜାଣନ୍ତି, ଯଥା- ଜସ୍ମିନ୍, ଜୁଇ, ସାୟଲି, କୁନ୍ଦା, ମଲ୍ଲିକା, ମଦନମାନ, ଯାଇ, ମାଳତୀ, ପାଲମପୁର, ପ୍ରିୟମ୍ବଦା ଇତ୍ୟାଦି । ସଂସ୍କୃତରେ ମଲ୍ଲୀକୁ ମଲ୍ଲୀକା, ମାଳତୀ, ନବମଲ୍ଲୀକା, ଜାତିପୁଷ୍ପମ୍, ସୌମନସାୟନୀ, ଜନେଷ୍ଟା, ଚେତିକା, ସୁମନା, ହୃଦାଗନ୍ଧା, ରାଜପୁତ୍ରୀକା, ସାୟଲି, ପ୍ରିୟମ୍ବଦା କହନ୍ତି । ମାଲାୟଲମ୍‌ରେ ଚେରୁପିଚକ୍କମ୍, ମୁଲ୍ଲା, କୁଡ଼ାମୁଲ୍ଲା, ସୁସିମୁଲ୍ଲା, ହିନ୍ଦୀରେ, ଚମେଲି, ବେଲା, ମୋଗରା, ଆନ୍ଧ୍ରପ୍ରଦେଶରେ 'ଜାସ୍ମିନ୍, ସମ୍ବାକ୍, ବୋନ୍ଦୁମଲ୍ଲୀ, ବେଙ୍ଗଲୀରେ ଜୁମି ଫୁଲୋ, ନବ ମଲ୍ଲୀକା, ଶିଉଳି, ଓଡ଼ିଆରେ, 'ମଲ୍ଲୀ, ବଣମଲ୍ଲୀ, ଜୁଇ, ଯାଇ, ମରାଠୀରେ 'ଜୁଇ, ଜାଇ, ତଗର, କୁନ୍ଦା, ଗୁଜୁରାଟୀରେ ମୋଗ୍ରୋ, ଆସାମରେ ମାଲ୍‌ତି, ଚମୟଲି, ମଲ୍ଲୀକା, ଯୁଥିକା, ତେଲୁଗୁଟେ ଚାନ୍ଦନୀ, ଆଡଭିମାଲ୍ଲେ, ଇଟାଲୀରେ ଜେଲସୋମିନୋ, ହାୱାଲିନ୍‌ରେ ମେଲାଡ଼ି, କାନାଡ଼ାରେ ସନ୍ନା ମଲ୍ଲୀଗେ, ସ୍ପେନ୍‌ରେ, ଜାସ୍ମିନ୍, ସ୍ମାଭିକା, ଜାସ୍‌ମିଙ୍କା, ଡଚ୍‌ରେ, ଜାସ୍‌ମିଞ୍ଜ୍, ଇଂରାଜୀରେ ଯାସ୍ମିନ୍, ଜାସ୍ମିନ୍, ମୈଶୁରରେ ମଲ୍ଲୀଗେ, ପଞ୍ଜାବରେ ଚମେଲୀ, ଗୁରୁମୁଖୀ ଇତ୍ୟାଦି କୁହାଯାଇଥାଏ ।

## ମଲ୍ଲୀର ପ୍ରଜାତି ଓ ପ୍ରକାର ଭେଦ

ୟୁରେସିଆ ଏବଂ ଓଶିନିଆ ଭଳି ସମଶୀତୋଷ୍ଣ କ୍ଷେତ୍ରମାନଙ୍କରେ ମଲ୍ଲୀ ୨୦୦ ପ୍ରଜାତିର ବ୍ୟାପକ ଭାବେ ରୋପଣ କରାଯାଉଥିବା ବେଳେ ଭାରତରେ ପ୍ରାୟ ୪୦ଟି ପ୍ରଜାତି ଓ ୧୦୦ ପ୍ରକାରର ମଲ୍ଲୀ ଉପଲବ୍ଧ ହୋଇଥାଏ । ମଲ୍ଲୀ ଏକ ଝାଡ଼ି ବା ଲଟାଜାତୀୟ ଉଦ୍ଭିଦ, ଯାହା ଭାରତରୁ ସ୍ପେନ୍ ଓ ଫ୍ରାନ୍ସରୁ ଆରବର ମୋର୍ସ ଦ୍ୱାରା ପହଞ୍ଚିଥିଲା । ଯଦିଓ ସବୁ ପ୍ରଜାତି ଉପରେ ବ୍ୟାଖ୍ୟା କରିବା ସମ୍ଭବପର ନୁହେଁ ତଥାପି ଆମେ ମଲ୍ଲୀର କିଛି ପ୍ରଜାତି ଉପରେ ଆଲୋକପାତ କରିବା ।

## ଜାସ୍ମିନମ୍ ଗ୍ରେଣ୍ଡିଫ୍ଲୋରମ୍ (ରୟାଲ୍ ଜାସ୍ମିନ୍)

ଏହା ଜାସ୍ମିନମ୍ ଅଫିସିନେଲ୍ ପ୍ରଜାତିର ଏକ ବଂଶ । ଏହା ସମ୍ପୂର୍ଣ୍ଣ ଅଥବା ଆଂଶିକ ସୂର୍ଯ୍ୟକିରଣରେ ଭଲ ବଢ଼ିପାରେ । ବସନ୍ତ ଋତୁର ଶେଷଆଡୁ ଗ୍ରୀଷ୍ମ ଋତୁର ଆରମ୍ଭ ପର୍ଯ୍ୟନ୍ତ ରହିଥାଏ । ଏହାକୁ ଉଦ୍ଭିଦ ବିଜ୍ଞାନୀମାନଙ୍କ ମତରେ 'ରୟାଲ୍ ଜାସ୍ମିନ୍' କୁହାଯାଏ । ଏହି

ପ୍ରଜାତିର ମଲ୍ଲୀ ବିଶେଷକରି ଖାଦ୍ୟ ଉଦ୍ୟୋଗ ପାଇଁ ରୋପଣ କରାଯାଏ ଏବଂ ଏଥିରୁ ଅତର ପ୍ରସ୍ତୁତ କରାଯାଏ । ଏହାର ପାଖୁଡ଼ା ଶୁଭ୍ର, ସତେଜ ଓ ଆକର୍ଷକ ହୋଇଥାଏ । ଏକ ଇଞ୍ଚ୍ ଦୂରତାରେ ସବୁଜ ମସୃଣ ଲଟା ଉପରେ ଫୁଟିଥାଏ ଏହି ମଲ୍ଲୀ । ଶୀତଳ ସ୍ଥାନରେ ଅର୍ଦ୍ଧ ଚିରସବୁଜ ଓ ଶୀତଳ ନଥିବା ସ୍ଥାନରେ ଚିରସବୁଜ ଲଟା ପରି ରହିଥାଏ । ଓଡ଼ିଶାରେ ଏହି ପ୍ରଜାତିର ଏକ ଫୁଲ ସମସ୍ତଙ୍କ ବଗିଚାରେ ସାଧାରଣ ଭାବେ ଦେଖିବାକୁ ମିଳେ, ତାହା ହେଲା 'ତରାଟ' ବା 'ଟଗର' । ତରାଟ ବା ଟଗର ରୟାଲ୍ ଜାସ୍ମିନ୍ ପରି 'ଜାସ୍ମିନମ୍ ଅଫିସିନେଲ୍'ର ବଂଶଜ ।



## ଜାସ୍ମିନମ୍ ନ୍ୟୁଡିଫ୍ଲୋରମ୍ (ୱିଣ୍ଟର୍ ଜାସ୍ମିନ୍)

ଏହା ଆଂଶିକ ସୂର୍ଯ୍ୟକିରଣ ପସନ୍ଦ କରେ । ଏହି ମଲ୍ଲୀ ଶୀତ ଋତୁ ଶେଷ ଆଉ ବସନ୍ତ ଋତୁଯାଏଁ ଫୁଟିଥାଏ । ସାତ ଫୁଟ୍ ଉଚ୍ଚତା ଓ ଚାରିଫୁଟ ଚଉଡ଼ାର ବୁଦା ଭଳି ଏହା ହୋଇଥାଏ । ସବୁ ମଲ୍ଲୀଫୁଲ ଯେମିତି ଧଳା ରଙ୍ଗର ହୋଇଥାଏ, ୱିଣ୍ଟର୍ ଜାସ୍ମିନ୍ ସେମିତି ଧଳା ନହୋଇ ହଳଦିଆ ରଙ୍ଗର ଖୁବ୍ ସୁନ୍ଦର ଆଭାଯୁକ୍ତ ହୋଇଥାଏ । ପ୍ରାୟତଃ ଶୀତଦିନେ ସବୁ ଫୁଲ ଫୁଟିବା ବନ୍ଦ କରିଦେଉଥିବା ବେଳେ ୱିଣ୍ଟର୍ ଜାସ୍ମିନ୍ ବଗିଚାର ସୌନ୍ଦର୍ଯ୍ୟ ବଢ଼ାଇଥାଏ । କେହି କେହି ଘର ଚାରିକଡ଼େ ଥିବା ଖାଲୁଆ ସ୍ଥାନମାନଙ୍କରେ ଏହି ଝାଡ଼ି ବା ବୁଦା ଭଳି ମଲ୍ଲୀର ଲତା ବୃକ୍ଷ ଲଗାଇ ମାଟିକୁ ସୁରକ୍ଷିତ କରିବା ସହିତ ସୌନ୍ଦର୍ଯ୍ୟମୟ କରିଥାନ୍ତି ।

## ଜାସ୍ମିନମ୍ ସମ୍ୟାକ୍ (ଅରବିୟାନ୍ ଜାସ୍ମିନ୍)

ଏହି ପ୍ରଜାତିର ମଲ୍ଲୀ ଆରବ ଦେଶର ମୂଳ ନିବାସୀ ଅଟେ । ଏହା ପ୍ରଥମେ ଆରବରେ ହିଁ ରୋପଣ କରାଯାଇଥିଲା । ଏହା ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ଓ ଗରମ ବାତାବରଣ ଆବଶ୍ୟକ କରେ । ଏହି ମଲ୍ଲୀ ଗଛର ଲମ୍ବ ୧୦ ଫୁଟ୍ ଓ ଚଉଡ଼ା ୪-୬ ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ । ଏହାର ଡାଳକୁ ବାରମ୍ବାର ଅଗରୁ କାଟିଦେଲେ ଏହା ଖୁବ୍ ହୃଷ୍ଟପୁଷ୍ଟ ହୋଇ ମାଂସଳ ଲାଟା ପରି ବଢ଼ିଥାଏ ଓ ପ୍ରଚୁର ଫୁଲ ଫୁଟାଇଥାଏ । ଆରବିୟାନ୍ ଜାସ୍ମିନ୍ ଆକାରରେ ଛୋଟ କିନ୍ତୁ ବହୁପାଖୁଡ଼ା ବିଶିଷ୍ଟ ଶୁଭ୍ର, ସୁଗନ୍ଧଯୁକ୍ତ ହୋଇଥାଏ । ଏହାର ପତ୍ର ଗାଢ଼ ସବୁଜ ରଙ୍ଗ ଏବଂ ଫୁଲ ସମ୍ପୂର୍ଣ୍ଣ ପରିପକ୍ୱ ହେଲାବେଳକୁ ହାଲ୍କା ଗୋଲାପୀ ରଙ୍ଗ ଦେଖାଯାଏ । ଟେବୁଲ୍ ଉପରେ କାଚ ବାଉଲ୍‌ରେ ପାଣି ଭର୍ତ୍ତିକରି ଏହି ମଲ୍ଲୀକୁ ସଜାଇଲେ ଖୁବ୍ ଆକର୍ଷକ ଦେଖା ଯାଇଥାଏ । ଏହି ଆରବିୟାନ୍ ଜାସ୍ମିନ୍‌କୁ ଫିଲିପାଇନ୍ସ ଓ ଇଣ୍ଡୋନେସିଆର ରାଷ୍ଟ୍ରୀୟ ଫୁଲ କୁହାଯାଏ ଏବଂ ଫ୍ଲୋରିଡ଼ାରେ ଏହି ଫୁଲକୁ ଏକ ବିଦେଶୀ ଆକ୍ରମଣକାରୀ ରୂପେ ସାଙ୍କେତିକ ଅର୍ଥରେ ଜଣା ଯାଇଥାଏ । ଏହି ଫୁଲକୁ ହାୱାଇରେ ଲସି ଓ ମଲ୍ଲିଫୁଲିଆ ଚା ପ୍ରସ୍ତୁତ କରିବାକୁ ବ୍ୟବହାର କରିଥାନ୍ତି ।



## ଜାସ୍ମିନମ୍ ପାର୍କେରୀ (ଡ୍ୱର୍ଫ ଜାସ୍ମିନ୍ / ବୋନା ଚମେଲି)

ଏହି ମଲ୍ଲୀ ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ଆବଶ୍ୟକ କରେ । ଗ୍ରୀଷ୍ମ ଋତୁରେ ଫୁଟୁଥିବା ଏହି ମଲ୍ଲି ପାଞ୍ଚ ପାଖୁଡ଼ା ବିଶିଷ୍ଟ ହୋଇଥାଏ । ଏହାର ରଙ୍ଗ ସୂର୍ଯ୍ୟଙ୍କର ହାଲ୍କା ହଳଦୀ ରଙ୍ଗ ଭଳି ଖୁବ୍ ଆକର୍ଷକ ଦେଖାଯାଏ । ଏହାର ବୁଦା ୧ ଫୁଟ୍ ଲମ୍ବା ଓ କିଛି ଫୁଟ୍ ଚଉଡ଼ା ବିଶିଷ୍ଟ ଚିର ସବୁଜ ହୋଇଥାଏ । ଏହି ଫୁଲ ହାଲ୍କା ହଳଦିଆର ଗୁଚ୍ଛା ଭଳି ଫୁଟେ ଓ ଅନ୍ୟ ଫୁଲ ତୁଳନାରେ କମ୍ ସୁଗନ୍ଧଯୁକ୍ତ ହୋଇଥାଏ । ଏହାକୁ ଫୁଲଦାନୀ ବା ଫୁଲତୋଡ଼ାରେ ସଜେଇଲେ ଖୁବ୍ ସୁନ୍ଦର ଦେଖାଯାଏ । ଡ୍ୱର୍ଫ ଜାସ୍ମିନ୍ ସବୁ ଋତୁରେ ହରାଭରା ରହିଥାଏ । ଏହାର ଡାଳ ଖୁବ୍ ସରୁ ଓ ଲଟା ଭଳି ହୋଇଥିବାରୁ ଯେକୌଣସି ସାଜସଜ୍ଜାରେ ସହଜରେ ବ୍ୟବହୃତ ହୋଇପାରେ ।

## ଜାସ୍ମିନମ୍ ଫ୍ରୁଟିକ୍ (ୱାଇଲ୍ଡ ଜାସ୍ମିନ୍ / ବଣମଲ୍ଲୀ)

ବସନ୍ତ ଋତୁ ଓ ଗ୍ରୀଷ୍ମ ଋତୁରେ ଫୁଟୁଥିବା ଏହି ମଲ୍ଲୀ ଗୁଚ୍ଛାଭଳି ଫୁଟିଥାଏ । ଏହାର ରଙ୍ଗ ହଳଦିଆ । ଯଦିଓ ଏହା କମ୍ ଉଚ୍ଚତା ବିଶିଷ୍ଟ ବୁଦା ସଦୃଶ ତଥାପି ଖାଲୁଆ ସ୍ଥାନମାନଙ୍କରେ ମାଟିକୁ ସମତଳ ରୂପ ଦେବା ଓ ପାଚେରୀ ଭଳି ବିକଳ୍ପ ପ୍ରସ୍ତୁତ କରିଥାଏ । ଅନ୍ୟ ମଲ୍ଲୀଗଛ ତୁଳନାରେ କମ୍ ଉର୍ବର ହୋଇଥାଏ ଓ ଏହା ଦକ୍ଷିଣ ୟୁରୋପର ମୂଳ ଉତ୍ପତ୍ତି ସ୍ଥଳ । ଭୂମଧ୍ୟସାଗରୀୟ ଜଳବାୟୁ ଏହା ପାଇଁ ଖୁବ୍ ଅନୁକୂଳ ଅଟେ । ଏହି ମଲ୍ଲୀ ସୁଗନ୍ଧହୀନ କିନ୍ତୁ ଖୁବ୍ ଆକର୍ଷକ ଦିଶେ । ଏହା 'ଫ୍ଲୋରିଡମ୍' ନାମରେ ପ୍ରାୟ ଜଣାଶୁଣା ।

## ଜାସ୍ମିନମ୍ ପୋଲାୟନ୍ଥମ୍ (ପିଙ୍କ୍ ଜାସ୍ମିନ)

ପିଙ୍କ୍ ଜାସ୍ମିନ୍‌ର ମୂଳ ଉତ୍ପତ୍ତି ସ୍ଥଳ ହେଉଛି ଚୀନ୍ । ଏହା ୨୦ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ ଓ ମଜବୁତ୍ ଶାଖାଯୁକ୍ତ ହୋଇଥାଏ । ଏହି ମଲ୍ଲିର ରଙ୍ଗ ଧଳାଗୋଲାପୀ ଓ ଲମ୍ବା ଡେମ୍ଫଯୁକ୍ତ ହୋଇଥାଏ । ଏହାକୁ ଘର ବା ବାଲ୍‌କୋନିରେ ଏକ ଅଳଙ୍କାର ବୃକ୍ଷ ଭାବେ ସଜା ଯାଇଥାଏ । ପିଙ୍କ୍ ଜାସ୍ମିନ୍ ଶୁଖିଲା ମାଟିରେ ଭଲ ଉର୍ବର ହୁଏ । ଗରମ ଜଳବାୟୁ ରହିଲେ ଏହା ବର୍ଷସାରା ଫୁଲ ଫୁଟାଇଥାଏ । ଏହାକୁ କମ୍ ରକ୍ଷଣାବକ୍ଷେଣ କରିବା ସହିତ ବାରମ୍ବାର ଡାଳଗୁଡ଼ିକ କାଟିଲେ ମଧ୍ୟ କିଛି ଅସୁବିଧା ହୁଏ ନାହିଁ । ଏହା ସଦାସର୍ବଦା ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ।

## ଟ୍ରେଚେଲୋସ୍ପର୍ମମ ଏସିୟାଟିକମ୍ (ଷ୍ଟାର୍ ଜାସ୍ମିନ୍)

ଅନେକ ମାଳୀମାନଙ୍କ ତର୍କ ଅନୁଯାୟୀ ଜଣାପଡ଼େ ଏହି ମଲ୍ଲୀ 'ଓଲିୟଣ୍ଡର' ବଂଶର ଏକ ପ୍ରଜାତି ଯାହା ପୂର୍ବରୁ କରା ଯାଇନାହିଁ । ଷ୍ଟାର୍ ଜାସ୍ମିନ୍‌ର ଉତ୍ପତ୍ତି ସ୍ଥଳ ହେଉଛି ଚୀନ୍ ଓ ଜାପାନ୍ । ଏହାର ଅଧିକ ରକ୍ଷଣାବେକ୍ଷଣ କରିବାକୁ ପଡ଼ିନଥାଏ ଅଥଚ ଏହା ଖୁବ୍ ଚମତ୍କାର ଭାବେ ଦୀର୍ଘଦିନ ଧରି ସତେଜ ଥାଏ । ତିନି ଇଞ୍ଚ୍ ବିଶିଷ୍ଟ ଗାଢ଼ ସବୁଜ ପତ୍ର ଓ ଦୁର୍ବଳ ଲଟା ଉପରେ ଭର୍ତ୍ତି ହୋଇ ରହିଥାଏ । ବସନ୍ତ ଋତୁର

ଶେଷଆଡ଼କୁ ଏହି ଫୁଲ ତାରା ଭଳି ଆକାରରେ ଫୁଟେ ଓ ଖୁବ୍ ଆକର୍ଷଣ ଦିଶେ । ଏହା ସର୍ବଦା ଗୁଚ୍ଛା ଆକାରରେ ଫୁଟିଥାଏ ଓ ଏକ ସମାନ ବଢ଼ିଥାଏ । ଏହାର ମଧୁର ବାସ୍ନା ଖୁବ୍ ଦୂରଯାଏ ବିମୋହିତ କରେ । ଏକ ଇଞ୍ଚ ବିଶିଷ୍ଟ ଏହି ଫୁଲ ଧିରେ ଧିରେ ଧଳାରଙ୍ଗରୁ କ୍ରିମ୍‌ରଙ୍ଗ ହେବାକୁ ଲାଗେ । ଷ୍ଟାର୍ ଜାସ୍ମିନ୍‌କୁ 'ଏସିୟାର ଚମେଲୀ' ମଧ କୁହାଯାଏ । ଏହା ଆର୍ଦ୍ର ମାଟିରେ ଭଲ ଉର୍ବର ହୋଇଥାଏ ।



## ସେଷ୍ଟ୍ରମ୍ ନିଶାଚର (ନାଇଟ୍ ବ୍ଲୁମିଂ ଜାସ୍ମିନ୍/ରାତିର ରାଣୀ ମଲ୍ଲୀ)

ଉଷ୍ଣକଟିବନ୍ଧୀୟ ଆମେରିକା ଓ ୱେଷ୍ଟଇଣ୍ଡିଜ୍ ହେଉଛି ନାଇଟ୍ ବ୍ଲୁମିଂ ଜାସ୍ମିନ୍‌ର ମୂଳ ଉତ୍ପତ୍ତିସ୍ଥଳ । ଏହା ନାଇଟ୍‌ସେଡ୍ ପରିବାରର ଏକ ପ୍ରଜାତି । ଏହାର ଡାଳ ସରୁ, ପତ୍ର ଅଣ୍ଡାକାର ଓ ଛୋଟ, ଫୁଲ ହାଲକା ହଳଦିଆ ବା ଫିକା ଧଳା ହୋଇଥାଏ । ଏହି ମଲ୍ଲୀ ବସନ୍ତ ଋତୁର ପତ୍ରଝଡ଼ା ଯାଏଁ ଫୁଟିଥାଏ । ଏହି ପ୍ରଜାତିର ଫୁଲ ସିଧା ସୂର୍ଯ୍ୟକିରଣ ଆବଶ୍ୟକ କରେ ଓ ଶୁଖିଲା ମାଟିରେ ଉର୍ବର ହେବା ସହିତ ଅଧିକ ସୁଗନ୍ଧଯୁକ୍ତ ହୋଇଥାଏ । ଏହାର ମହକ ବିଶେଷକରି ରାତିରେ ତୀବ୍ର ହୋଇଥାଏ ଏବଂ ଅନେକଙ୍କ ପାଇଁ ଏଲର୍ଜିର କାରଣ ହୋଇଥାଏ । ଯଦିଓ ଏହି ମଲ୍ଲି ଆଳୁ ପରିବାରଭୁକ୍ତ କିନ୍ତୁ ଏହା ଖାଇବାଯୋଗ୍ୟ ନୁହେଁ । ବାସ୍ତବରେ ଏହାର ସୁଗନ୍ଧ ଏତେମାତ୍ରାରେ ଏଲର୍ଜି ସୃଷ୍ଟିକରେ ସେଥିପାଇଁ ଏହାକୁ ବିଷାକ୍ତ କୁହାଯାଏ । ଏହା ଛୋଟ ଛୋଟ ତାରା ଭଳି ଓ ପାଖୁଡ଼ାର ଅଗ୍ରଭାଗ ସାମାନ୍ୟ ମୁନିଆ ହୋଇଥାଏ । ଏହାକୁ ଫୁଲତୋଡ଼ାରେ ସଜାଇ ରଖିଲେ ଖୁବ୍ ଆକର୍ଷକ ଦିଶେ ।

## ବାର୍ଡ୍ରେନିଆ ଜାସ୍ମିନାଇଡ୍ସ (କେପ୍ ଜାସ୍ମିନ୍)

କେପ୍ ଜାସ୍ମିନ୍ ବସନ୍ତ ଋତୁର ପତ୍ରଝଡ଼ା ଯାଏଁ ଫୁଟିଥାଏ । ଏହି ମଲ୍ଲିକୁ ତାର ମଧୁର ସୁଗନ୍ଧ ପାଇଁ 'ସ୍ୱର୍ଗୀୟ ସୁଗନ୍ଧ' ବୋଲି କୁହାଯାଏ । ଏହା ଶକ୍ତ ଓ ରଙ୍ଗୀନ୍ ଫଳିଯୁକ୍ତ ମଞ୍ଜି, ଗାଢ଼ ସବୁଜ ପତ୍ର ଓ ମସୃଣ ହୋଇଥାଏ । ଏହା ଆଦୌ ଜସ୍ମିନ୍ ପରିବାର ଅନ୍ତର୍ଭୁକ୍ତ ନୁହେଁ । କେପ୍ ଜାସ୍ମିନ୍ ଗରମ ଜଳବାୟୁରେ ଉର୍ବର ହୋଇଥାଏ, ତେଣୁ ଅଧିକ ଜଳ ଆବଶ୍ୟକ କରେ । ଏହି ମଲ୍ଲୀ ପ୍ରକୃତିକୁ ଅତିବ ସୌନ୍ଦର୍ଯ୍ୟମୟ କରିଥାଏ । ଏହା ଫୁଲ ଫୁଟିବା ପୂର୍ବରୁ ଲାଲ୍ ରଙ୍ଗର ଫଳି ଓ ତାପରେ ନାରଙ୍ଗୀ ରଙ୍ଗରେ ପରିବର୍ତ୍ତନ ହୁଏ । ଧିରେ ଧିରେ ତାହା ହଳଦିଆ ଓ ପରେ ସମ୍ପୂର୍ଣ୍ଣ ଧଳା ରଙ୍ଗର ଖୁବ୍ ଆକର୍ଷକ ଫୁଲ ହୋଇ ଫୁଟିଥାଏ । ଏହିଫୁଲ ବଗିଚାର ସୌନ୍ଦର୍ଯ୍ୟକରଣ କରିଥାଏ । ବିଶେଷକରି ଭାରତରେ ଚାରୋଟି ପ୍ରଜାତି ଯଥା- ବେଲା, ମୋଆତି, ମଦନମାନ୍ ଓ ପାଲମପୁରର ବହୁଳ ଭାବେ ରୋପଣ କରାଯାଇ ତେଲ ଓ ପରଫ୍ୟୁମ୍ ତିଆରିରେ ବିନିଯୋଗ କରାଯାଏ । ବିଭିନ୍ନ ପ୍ରଜାତି ସହିତ ମଲ୍ଲୀ ବିଭିନ୍ନ ପ୍ରକାରର ଥାଏ, ଯଥା- ପ୍ଲାଣ୍ଟାଜେନ ଜାସ୍ମିନ୍, କୁପାନି ଜାସ୍ମିନ୍, ଆର୍ଟଫୁଲ କ୍ରିଏଚର ଜାସ୍ମିନ୍, ଆଞ୍ଜେଲ ୱିଙ୍ଗ୍, ଜାସ୍ମିନ୍, ଇଟାଲିଅନ ଜାସ୍ମିନ୍, ସେନେରିଓ ଜାସ୍ମିନ୍, ପ୍ରାଇମ୍‌ରୋଜ୍ ଜାସ୍ମିନ୍, କମନ୍ ଜାସ୍ମିନ୍, ସାନାଓଲେ ଜାସ୍ମିନ୍, ଆର୍ଥ ଆଞ୍ଜେଲ୍ ଜାସ୍ମିନ୍, ଏଜେଟେକ୍ସ ଜାସ୍ମିନ୍, ରୋଜିସର୍ସ ଜାସ୍ମିନ୍, ଭାମସା ନେଚର କେୟାର ଜାସ୍ମିନ୍, କୁଳ ଡଓ୍ୱନି ଜାସ୍ମିନ୍, କୁସ୍ ଜାସ୍ମିନ୍, ଗ୍ରୀନ୍ ଜାସ୍ମିନ୍, ଡାଇଭିସ୍ ଜାସ୍ମିନ୍, ଫ୍ଲୋରାଗର୍ଡ଼ ଜାସ୍ମିନ୍, ରେଲାଭିଜ୍ ଜାସ୍ମିନ୍, ଜୁଇ, ଇଣ୍ଡିଆନା ଜାସ୍ମିନ୍, ହରବଲାଇଫ୍ ଜାସ୍ମିନ୍, କମନ୍ ଜାସ୍ମିନ୍ (ପାକିସ୍ଥାନର ଜାତୀୟ ପୁଷ୍ପ), କୁହ୍ଲା ଜାସ୍ମିନ୍, ଇଡେନ୍‌ଫିଲ ଜାସ୍ମିନ୍, କମନ୍ ଜାସ୍ମିନ୍(ପାକିସ୍ଥାନର ଜାତୀୟ ପୁଷ୍ପ), ଜୁହ୍ଲା ଜାସ୍ମିନ୍, ଇଡେନ୍‌ଫିଲ୍ ଜାସ୍ମିନ୍ । ପିଅଲ ଜାସ୍ମିନ୍, ଭିନ୍ଦେ ଜାସ୍ମିନ୍, ଭାଟିକାଲାଇଭ୍ ଜାସ୍ମିନ୍, କୁପାନି ଜାସ୍ମିନ୍, ଡବଲ ଗନ୍ଦନି ରେଫ୍ ଜାସ୍ମିନ୍, ଇକୋ ଓସନ୍ ଜାସ୍ମିନ୍ ଇତ୍ୟାଦି ।

## ମଲ୍ଲୀର ରୋପଣ ବିଧି

ମଲ୍ଲୀ ଏତେ ସୁଗନ୍ଧ ଯୁକ୍ତ ଓ ଆକର୍ଷଣ ଯେ ତା'ର ସୌନ୍ଦର୍ଯ୍ୟ ଓ ମାଦକ ପାଇଁ ସମସ୍ତେ ଖୁବ୍ ଆଦରରେ ନିଜ ବଗିଚାରେ, ଘର ଚାରିକଡ଼େ ଲଗାଇଥାନ୍ତି । ମଲ୍ଲୀର ସୁଗନ୍ଧ ମନକୁ ଶାନ୍ତ କରିଥାଏ ବୋଲି ମଲ୍ଲୀଫୁଲକୁ ଅନେକ ପୁଷ୍ପପ୍ରିୟ ବ୍ୟକ୍ତି ନିଜ ଟେବୁଲ୍ ଉପରେ କାଚ ବାଉଲରେ ପାଣି ଭରି ସେଥିରେ ମଲ୍ଲୀଫୁଲ ସଜାଇଥାନ୍ତି । ଅନେକ ଏହି ମଲ୍ଲୀଗଛକୁ କୁଣ୍ଡରେ ମଧ ଲଗାଇ ନିଜ ବାଲ୍‌କୋନିର ସୌନ୍ଦର୍ଯ୍ୟକରଣ କରିଥାନ୍ତି । ତେବେ ଆସନ୍ତୁ ଜାଣିବା ମଲ୍ଲୀର ରୋପଣ ବିଧି ସମ୍ପର୍କରେ । ମଲ୍ଲୀଗଛ ଲଗାଇବାକୁ ହେଲେ ପ୍ରଥମେ ବଡ଼ ଗମଲା ବା କୁଣ୍ଡ ଦରକାର । ଅତି କମ୍‌ରେ ୧୨ରୁ ୧୪ ଇଞ୍ଚର କୁଣ୍ଡ ହେବା ଆବଶ୍ୟକ । କୁଣ୍ଡ ମାଟିର ହୋଇଥିଲେ ଏହାର ତଳଭାଗ ଛିଦ୍ର କରି ଏଥିରେ ୫୦ଭାଗ ମାଟି, ୩୦ଭାଗ ଖତ ଓ ୨୦ଭାଗ ବାଲିକୁ ମିଶାଇ ଭରା ଯାଇଥାଏ । ଗୋବର ଖତ ସହିତ ଏଥିରେ କମ୍ପୋଷ୍ଟ ମଧ ମିଶା ଯାଇଥାଏ । ବର୍ଷା ସମୟରେ ମଲ୍ଲୀକୁ କଟିଂ କରି ଲଗାଇଲେ ଖୁବ୍ ଶୀଘ୍ର ଚେର ଧରିଥାଏ । ଯଦି ଆପଣ ମଲ୍ଲୀକୁ କୁଣ୍ଡରେ ଲଗାଇଛନ୍ତି ତେବେ ମାସକୁ ଦୁଇଥର ମୁଠାଏ ଲେଖାଏଁ କମ୍ପୋଷ୍ଟ ନିହାତି ମାଟିରେ ମିଶାଇବେ । ଗ୍ରୀଷ୍ମଦିନେ ସବୁଦିନ ଓ ଶୀତଦିନେ ଦିନେ ଛାଡ଼ି ଦିନେ ବ୍ୟବଧାନରେ ପାଣି ଦେବା ଉଚିତ୍ । ଏହି ଗଛକୁ ଅତି କମ୍‌ରେ ୫-୬ଘଣ୍ଟା ସୂର୍ଯ୍ୟକିରଣ ନିହାତି ଦରକାର । ବର୍ଷାଦିନରେ କୁଣ୍ଡରେ ସମ୍ପୂର୍ଣ୍ଣ ମାଟି ଭରି ଦିଆଯାଏ । କାରଣ ବର୍ଷାପାଣି ଜମି ରହିଲେ ମୂଳ ସଢ଼ିଯିବାର ସମ୍ଭାବନା ଥାଏ । ତେଣୁ ବର୍ଷାପାଣି



## ମଲ୍ଲୀ ହିଁ ମଲ୍ଲାର ରାଗର ପ୍ରେରଣା : ଅସିତ ମହାନ୍ତି

ମଲ୍ଲୀ ଏକ ଖରାଦିନିଆ ଫୁଲ । ଏହି ଫୁଲ ଆନନ୍ଦ ଦେଉଥିବାରୁ ଏହାର ଗୋଟିଏ ନାମ 'ମୋହିନୀ' ଏବଂ ଏହାର ସୁବାସ ମତୁଆଲା କରୁଥିବାରୁ ସଂସ୍କୃତରେ ଏହାର ଏକ ନାମ 'ମଦୟନ୍ତୀ' ରହିଛି । ସଂସ୍କୃତ କୋଷ ଗ୍ରନ୍ଥ ଗୁଡ଼ିକରେ ମଲ୍ଲୀର ଏକ ବିଶେଷତ୍ୱ ଦର୍ଶା ଯାଇଛି । କୁହାଯାଇଛି 'ମଲ୍ଲତେ ଧାରୟତି ବିଜ୍ଞାନଂ ଇତି' ଅର୍ଥାତ୍ ଯାହା ବିଜ୍ଞାନକୁ ଧାରଣ କରେ ତାହା ମଲ୍ଲୀ । ବିଜ୍ଞାନ ଏଠାରେ ବିଶେଷ ଜ୍ଞାନ ବା ଆଧ୍ୟାତ୍ମିକ ଜ୍ଞାନକୁ ସୂଚୀତ କରେ । ଗୋପୀନାଥ ନନ୍ଦଶର୍ମା ମଧ୍ୟ ତାଙ୍କ 'ଶବ୍ଦତତ୍ତ୍ୱବୋଧ ଅଭିଧାନରେ 'ମଲ୍' ବା 'ଧାରଣ କରିବା' ଅର୍ଥରୁ ଏହି ପୁଷ୍ପର ନାମ ନିଷ୍ପନ୍ନ ହୋଇଛି ବୋଲି କହିଛନ୍ତି । ମଲ୍ଲୀ ହିଁ 'ମଲ୍ଲାର' ରାଗର ପ୍ରେରଣା ଥିଲା ବୋଲି ସଂଗୀତ ଶାସ୍ତ୍ରରେ ସମ୍ଭାବନା କରାଯାଇଛି । ମଲ୍ଲାର ହେଉଛି ଆବାହନୀ ତାହା ପ୍ରେମ ଭାବରେ ଆକର୍ଷଣ କରେ । ପ୍ରାଚୀନ ଓଡ଼ିଆ ଓ ସଂସ୍କୃତ କାବ୍ୟରେ ମଲ୍ଲୀର ଉପଯୋଗ ପ୍ରେମ- ପ୍ରଣୟ ପରିପ୍ରେକ୍ଷୀରେ ପରିଲକ୍ଷିତ । ଗୀତ ରଚନା 'ମଲ୍ଲୀମାଳ ଶ୍ୟାମକୁ ଦେବି' ଏହାର ଏକ ନିଦର୍ଶନ । ଉମା କର୍ଣ୍ଣନ୍ ତାଙ୍କ 'ମଦୁରାଇ ମଲ୍ଲୀପାଇ' ପୁସ୍ତକରେ କହିଛନ୍ତି, ବ୍ୟବସାୟିକ ଭିତ୍ତିରେ ଚାଷ କରାଯିବାରେ ମଲ୍ଲୀ ହେଉଛି ପୃଥିବୀର ପ୍ରାଚୀନତମ ପୁଷ୍ପ । ଆଜି ଭାରତ ଓ ଇଜିପ୍ଟରେ ହିଁ ଅଧିକ ମଲ୍ଲୀ ଚାଷ କରାଯାଉଛି । କେବଳ ମଦୁରାଇରେ ୧୨୨୦ ହେକ୍ଟର ଜମିରେ ମଲ୍ଲୀ ଚାଷ ହେଉଛି ଏବଂ ସେଥିରୁ ବର୍ଷକୁ ୩୫୫୭ ଟନ୍ ମଲ୍ଲୀଫୁଲ ଉତ୍ପାଦିତ ହେଉଛି । ମଦୁରାଇ ସହିତ ମଲ୍ଲୀଫୁଲର ଏହି ସମ୍ପର୍କ ଖ୍ରୀଷ୍ଟପୂର୍ବ ୩୦୦ରୁ ରହି ଆସିଛି ବୋଲି ଉମା କର୍ଣ୍ଣନ୍ କହିଛନ୍ତି । ଏପରିକି ସେଠାରେ ପ୍ରସିଦ୍ଧ ଦେବୀ ମିନାକ୍ଷୀଙ୍କ ମନ୍ଦିରକୁ ଆଉ କିଛି ନ ନେଲେ ବି କଦଳୀ ପତ୍ରରେ ବନ୍ଧା ମଲ୍ଲୀଫୁଲର ପୁଟୁଳିଟିଏ ନେଇଯିବାର ପ୍ରଥା ରହିଛି । ଚୀନ୍‌ରେ ମଲ୍ଲୀଫୁଲର ଆଉ ଏକ ବିଶେଷ ବ୍ୟବହାର ରହିଛି, ତାହା ହେଲା 'ମଲ୍ଲୀଫୁଲିଆ ଚା' । ଗ୍ରୀନ୍ ଟି ସହିତ ମଲ୍ଲୀଫୁଲର ପାଖୁଡ଼ାକୁ ମିଶାଇ ଏହି ସୁବାସିତ ଚା ପ୍ରସ୍ତୁତ କରାଯାଏ । ତାହାକୁ ଚୀନ୍ ଭାଷାରେ 'ପିନିୟନ୍ ମୋ ଲି ହ୍ୱା ଚା' କୁହାଯାଏ । ଜାପାନ୍‌ରେ ଏହି ମଲ୍ଲୀଫୁଲ ଚାକୁ 'ସାନପିନ୍ ଚା' ବା 'ଓ' ଚା କହିଥାନ୍ତି । ଅନେକ ଦେଶରେ ମଲ୍ଲୀକୁ ଜାତୀୟ ପୁଷ୍ପ ଭାବେ ଘୋଷଣା କରିଥିବା ବେଳେ ଟ୍ୟୁନିସଆରେ ୧୯୮୭ରେ ରାଷ୍ଟ୍ରପତିତ୍ୱ ପରିବର୍ତ୍ତନ ପାଇଁ ଏକ ବିଦ୍ରୋହ ହୋଇଥିଲା । ତାହାର ଗୋଟେ ନାମ ଥିଲା 'ଜାସ୍ମିନ୍ ରିଭଲ୍ୟୁସନ୍' ବା 'ମଲ୍ଲୀ ବିପ୍ଳବ' । ଟ୍ୟୁନିସିଆର ଜାତୀୟ ପୁଷ୍ପ 'ଜାସ୍ମିନ୍' ଅନୁସାରେ ଏହି ବିପ୍ଳବର ନାମକରଣ କରିଥିଲେ ସେଠାକାର ଜଣେ ସାମ୍ବାଦିକ କାଏବ୍ ଏଲ-ହିନି । କିନ୍ତୁ ୨୦୧୧ରେ ଚୀନ୍‌ରେ ଯେଉଁ ଗଣତନ୍ତ୍ର ସପକ୍ଷବାଦୀ ବିଦ୍ରୋହ ହେଲା ତାହାକୁ ମଧ୍ୟ ଏହି 'ଜାସ୍ମିନ୍ ରିଭଲ୍ୟୁସନ୍' ନାମରେ ନାମିତ କରାଗଲା । ଏପରିକି ବିଦ୍ରୋହ ଦମନକୁ ଦୃଷ୍ଟିରେ ରଖି ଶାସନତନ୍ତ୍ର ପକ୍ଷରୁ ରାଜଧାନୀ ବେଜିଂରେ ସେତେବେଳେ ମଲ୍ଲୀଫୁଲର ବିକ୍ରୟ ଓ ବ୍ୟବହାରକୁ ମଧ୍ୟ ନିଷିଦ୍ଧ କରିଦିଆ ଯାଇଥିଲା ।

ଆରବ ଓ ପାରସ୍ୟରେ ବିବାହର ପୂର୍ବଦିନ କନ୍ୟା ପୀତବସ୍ତ୍ର ପରିଧାନ କରି କାନ ଓ ହାତରେ ମଲ୍ଲୀଫୁଲର ଅଳଙ୍କାର ନାଇବା ଓ ମଲ୍ଲୀମାଳ ଗଳାରେ ଲମ୍ବାଇବାର ପ୍ରଥା ରହିଛି । ବହୁ ଇସ୍‌ଲାମ୍ ଦେଶରେ ପିଲା ପ୍ରଥମେ କୋରାନ ପଢ଼ା ଆରମ୍ଭ କରିବା ଏବଂ ଶେଷ କରିବା ସମୟରେ ଗୋଲାପ ଓ ମଲ୍ଲୀ ଉପହାର ଦେବାର ବିଧି ଅଛି । ଏପରିକି ମକ୍‌କାକୁ ତୀର୍ଥଯାତ୍ରାରେ ଯିବାବେଳେ ଏବଂ ମୃତ୍ୟୁ ପରେ ବିବାହ ଉପହାର ଉପରେ ମଲ୍ଲୀର ଉପଯୋଗୀତା ପରିଲକ୍ଷିତ ହୁଏ । 'କ୍ଲିଓପାଟ୍ରା' ଇତିହାସ ତଥା ବିଶ୍ୱର ଜଣେ ଅନନ୍ୟ 'ମଲ୍ଲୀକା' ରୂପେ ପ୍ରଖ୍ୟାତା । କଥିତ ଅଛି ସେ ନୀଳନଦୀରେ ନୌବିହାର କରିବା ବେଳେ ତାଙ୍କର ତରୀକୁ ମଲ୍ଲୀର ମହକରେ ମହକିତ କରୁଥିଲେ । ମହିଳାମାନଙ୍କ ପାଇଁ ତିଆରି ହେଉଥିବା ଗହଣା ଭିତରେ ବି ମଲ୍ଲୀ ଏକ କର୍ଣ୍ଣ ଅଳଙ୍କାର 'ମଲ୍ଲୀକଡ଼ୀ' ଭାବେ ନାମିତ ହୋଇଛି । ବିଶିଷ୍ଟ ଆରୋମା ଥେରାପିଷ୍ଟ୍ 'ଟିମୁ ମୁନାନ୍' ମଲ୍ଲୀର ସୁବାସକୁ ନେଇ ବିଶେଷ ଗବେଷଣା କରିଛନ୍ତି । ସାମାଜିକ ଇନ୍ଦ୍ରିୟଗତ ଅନାଗ୍ରହର ଉପଚାର କେବଳ ପାଇଁ ରାତିର ରାଣୀ ମଲ୍ଲୀ ହିଁ ମୂଳ ଉତ୍ସ ହୋଇପାରିବ । ମଲ୍ଲୀଫୁଲ ଓ ତାର ସୁବାସ ଆମକୁ ବାଞ୍ଛିତ ଓ ସତେଜ ସକାଳ ଦେଇ ପାରିବ ।



**ଶ୍ରୀ ଅସିତ ମହାନ୍ତି**
ବିଶିଷ୍ଟ ଅନୁବାଦକ ଓ
ସମାଲୋଚକ
ଭୁବନେଶ୍ୱର

ବାହାରକୁ ବାହାରିଯିବା ଉଚିତ୍ । ଯଦି ଆପଣ ବଗିଚାରେ ଲଗାଉଛନ୍ତି ଏମିତି ସ୍ଥାନରେ ଲଗାଇବେ ଯେମିତି ମାଟି, କାଦୁଅ ବା ପାଣି ଜମି ନ ରୁହେ । ମଲ୍ଲୀଫୁଲ ସବୁବେଳେ ପେନ୍ଥାହୋଇ ଫୁଟେ । ଫୁଲ ଫୁଟିବା ପରେ ଗୋଟେ ପେନ୍ଥାରେ ଯଦି ଅଧିକ କଢ଼ ଅଛି ଓ ଗୋଟେ ଦୁଇଟି ଫୁଲ ବାସି ହୋଇ ଶୁଖି ରହିଛି । ତେବେ ତାକୁ ବାହାର କରିଦେବା ଉଚିତ୍ । ଏମିତି କଲେ ଅଧିକ ଫୁଲ ଫୁଟିଥାଏ । ମଲ୍ଲୀଗଛ ଟିକେ ବଡ଼ ହୋଇ ଫୁଲଫୁଟିବା ଆରମ୍ଭ କଲେ ଏହାର ଅଧିକ ଦେଖାଶୁଣାର ଆବଶ୍ୟକତା ନଥାଏ ।

### ଓଡ଼ିଆ ସାହିତ୍ୟରେ ମଲ୍ଲୀ

ମଲ୍ଲୀର ଗୁଣ, ଗରିମା, ନମନୀୟତା, ସୌନ୍ଦର୍ଯ୍ୟ, ସୁଗନ୍ଧ ଓ ଶାନ୍ତି ପ୍ରଦାନକାରୀ ମଧୁ ମହକରେ ଅନେକ କବି, ଗାଳ୍ପିକ, ଲେଖକ ମଧ୍ୟ ବିମୋହିତ ହୋଇଛନ୍ତି ଓ ନିଜକଲମ ମୁନରେ ମଲ୍ଲୀକୁ ସଜାଇଛନ୍ତି । ଶ୍ରୀଜଗନ୍ନାଥଙ୍କୁ ଭକ୍ତିପୂତ ସମର୍ପଣ ଭେଟିଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି 'ମଲ୍ଲୀମାଳ ଶ୍ୟାମକୁ ଦେବି... ମନ ତୋଷିବି–' ଯାହା ପ୍ରତିଟି ଓଡ଼ିଆଙ୍କ ହୃଦୟକୁ ଭକ୍ତିବତ୍ସଳ କରିଦେଇଛି । ଗାଳ୍ପିକା ଡ. ସ୍ୱରାଜଲକ୍ଷ୍ମୀ ମିଶ୍ରଙ୍କ 'ମାଆ ପାଇଁ ମଲ୍ଲୀମାଳ', ମିଲନ ସୁନାଙ୍କର ସମ୍ବଲପୁରୀ ଗୀତ 'ମହ ମହ ମଲ୍ଲୀଫୁଲରେ ବଉଳ', ଯତିନ୍ଦ୍ର ପ୍ରଧାନଙ୍କର ଲିଖିତ ଅତି ଲୋକପ୍ରିୟ ସମ୍ବଲପୁରୀ ଗୀତ 'ମଲ୍ଲୀଫୁଲ ତିନ୍ ତିନ୍‌ଟା ତିଖଲା ଖିଟା', ଅସୀମା ପଣ୍ଡାଙ୍କ କଣ୍ଠରେ ଖାଣ୍ଟି ଓଡ଼ିଆ ଝିଅର ଗୀତ 'ମୋତେ ଭଲଲାଗେ ମଲ୍ଲୀଫୁଲର ଖସା, ମୋର ପଖାଳ କଂସାରେ ଆଶା', ଦୀପା ସାହୁଙ୍କ ଅଭୀନିତ ଖୁବ୍ ଲୋକପ୍ରିୟ ଗୀତ 'ହାଏ ହାଏ ତୋ ମଲ୍ଲୀଫୁଲ ଗଜରା', ପବିତ୍ର ପଟ୍ଟନାୟକଙ୍କ ରଚିତ 'ତୋ ଘର ଛାତରେ ମଲ୍ଲୀଫୁଲ ଫୁଟେ ମୋ ଘରକୁ ଭାରୀ ବାସେ', ସାନ୍ତନୁ ସାହୁଙ୍କ ରଚିତ ଲୋକପ୍ରିୟ ଗୀତ 'କିନ୍ଦରି କିନ୍ଦରି ନାଚ୍ ମଲ୍ଲୀଫୁଲ କିନ୍ଦରି କିନ୍ଦରି ନାଚ୍', କୃଷକ ଗୀତିକାରେ ଶ୍ରୀରାମଙ୍କୁ ଜଗନ୍ନାଥ ରୂପେ ବର୍ଣ୍ଣିତ କରାଯାଇ ସୁନୀଲ ଧାଙ୍ଗଡ଼ାମାଝିଙ୍କର ଏକ ଆଲେଖ୍ୟ 'କୃଷକ ଗୀତିକାରେ ଶ୍ରୀଜଗନ୍ନାଥ'ରେ ସେ ଲେଖିଛନ୍ତି 'ଉଆଁସୀ କନିଆଁକୁ ସଖୀରେ ଜଗନ୍ନାଥ ବର, ଡାଲକୁଡ଼ିଆକୁ ଯେ ମଲ୍ଲୀଫୁଲ ଭାର' ଡ. ଶଶୀଭୂଷଣ ମହାପାତ୍ର ତାଙ୍କ କବିତାରେ ଏକ ପଂକ୍ତିରେ ଲେଖିଛନ୍ତି: 'ରାତିର ଆକାଶେ କିଏ ସେ ଖଞ୍ଜିଦେଲା ତାରାମାନଙ୍କୁ ଗୋଟେ ଗୋଟେ କରି ମଲ୍ଲୀଫୁଲ, ସମଗ୍ର ଆକାଶେ ବ୍ୟାପି ରହିଲେ ସୂର୍ଯ୍ୟ ଚନ୍ଦ୍ରଙ୍କ ସହିତ ।' ନରୋତ୍ତମ ନାୟକ ଏକ ଶୁଭେଚ୍ଛା ବାର୍ତ୍ତାରେ ଲେଖିଛନ୍ତି: 'ତୁମ ସପନରେ ମଲ୍ଲୀଫୁଲ ବାସନା, ଫୁଗୁଣେ ଡାକୁଛି ପୀରତି ସେ ସିନା, ନିଦ୍ରାଦେବୀ ଜାଣେ ବନ୍ଧା ନୟନା–ଶୁଭ ରାତ୍ରୀର ଶୁଭକାମନା ।' ଜୟଦେବଙ୍କ ଗୀତ ଗୋବିନ୍ଦରେ ଲେଖାଅଛି 'ସାଧବୀ, ମାଧବୀ, ଫୁଲ ମଲ୍ଲୀଦଳ, ବୃନ୍ଦାବନ ବନ ରଞ୍ଜଇ ମଞ୍ଜୁଳ ।' ମଲ୍ଲୀ ଓଡ଼ିଆ ସାହିତ୍ୟରେ ଆହୁରି ଅନେକ ଗୀତ, କବିତାରେ ନିଜର

ମହକ ବୁଣି ପାରିଛି । କେବଳ ଓଡ଼ିଆ ସାହିତ୍ୟରେ ନୁହେଁ ଓଡ଼ିଆର ମଉଡ଼ମଣି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୧ଦିନ ବ୍ୟାପି ବାହାର ଚନ୍ଦନ ଯାତ୍ରା ନୀତିରେ ଚନ୍ଦନ ମଣ୍ଡପ ଠାରେ ଶ୍ରୀଦେବୀ ଓ ଭୁଦେବୀଙ୍କ ସହିତ ମଦନମୋହନ ଯେଉଁ ଚନ୍ଦନକୁଣ୍ଡରେ ବୁଡ଼ି ରହନ୍ତି, ସେଥିରେ ଚନ୍ଦନ ଜଳ ସହିତ ସୁବାସିତ ଶୁକ୍ଳପୁଷ୍ପ ବିଶେଷତଃ ମଲ୍ଲୀଫୁଲ ମିଶିଥାଏ । ମଲ୍ଲୀକୁ ବିଭିନ୍ନ ଖାଦ୍ୟରେ ମଧ୍ୟ ବ୍ୟବହାର କରାଯାଇଥାଏ ।



## ଖାଦ୍ୟରେ ମଲ୍ଲୀ

**ମଲ୍ଲୀ ପଖାଳ -** ଓଡ଼ିଆମାନଙ୍କର ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ଓ ପ୍ରସାଦକୁ ଧ୍ୟାନ ଦେଲେ ଜଣାଯାଏ ସେଥିରେ ଏକ ବିଶେଷ ଭୋଗ ଥାଏ 'ମଲ୍ଲୀଫୁଲ ପଖାଳ' । ଶ୍ରୀ ଜଗନ୍ନାଥ ହୋରି ଖେଳି ସାରିବା ପରେ ବା ପଖାଳ ଦିବସରେ ଦହିପଖାଳ ସହିତ ମଲ୍ଲୀଫୁଲର ପଖାଳ ଲାଗି ଦିଆ ଯାଇଥାଏ ।

**ମଲ୍ଲୀଫୁଲର ସରବତ୍ :** ଖରାଦିନେ ମଲ୍ଲୀଫୁଲର ସରବତ୍ ମୁଣ୍ଡ ଥଣ୍ଡା କରିଥାଏ । ମଲ୍ଲୀଫୁଲ ସରବତ୍ ପାଇଁ ୫୦ଗ୍ରାମ୍ ମଲ୍ଲୀଫୁଲକୁ ଡେମ୍ଫ ବାହାର କରି ଭଲଭାବେ ଧୋଇ ଛାଣି ରଖାଯାଏ । ୨୫୦ଗ୍ରାମ୍ ଚିନିକୁ ଅଧା ଗ୍ଲାସ୍ ପାଣିରେ ଫୁଟାଇ ସେଥିରେ ଫୁଲଗୁଡ଼ିକ ପକାଯାଏ । ଦଶରୁ ବାର ଘଣ୍ଟା ଢ଼ାଙ୍କି ରଖିବା ପରେ ଏହି ସିରପ୍‌କୁ ଏକ କାଚ ବୋତଲରେ (ଫୁଲଗୁଡ଼ିକୁ ଛଣା ସାହାଯ୍ୟରେ ବାହାରକରି) ରଖାଯାଏ । ପରେ ଗ୍ଲାସ୍‌ରେ ଅଳ୍ପ ଚିନି, ଫାଳେ ଲେମ୍ବୁରସ, ଦୁଇଖଣ୍ଡ ବରଫ ଓ ଦୁଇଚାମଚ୍ ମଲ୍ଲୀର ସିରପ୍ ପକାଇ ସରବତ୍ ଭାବେ ପିଆ ଯାଇଥାଏ ।

**ମଲ୍ଲୀଫୁଲର ଭାତ (ଜାସ୍ମିନ୍ ରାଇସ୍):** ଜାସ୍ମିନ୍ ରାଇସ୍ ବା ମଲ୍ଲୀଫୁଲର ଭାତ ପ୍ରସ୍ତୁତ କରିବା ପାଇଁ ସାଧାରଣ ଭାତ ରାନ୍ଧିବା ଭଳି ବାସୁମତୀ ଚଉଳରେ ଭାତ ରନ୍ଧା ଯାଇଥାଏ । ଭାତ ଫୁଟିବା ବେଳେ କିଛି ସତେଜ ମଲ୍ଲୀଫୁଲକୁ ଧୋଇ ଏକ ସଫା କପଡ଼ାରେ ବାନ୍ଧି ଫୁଟୁଥିବା ଭାତରେ କିଛି ସମୟ ପକାଇ ରଖାଯାଏ । ସ୍ୱଳ୍ପ ସମୟ ପରେ ଏହାକୁ ବାହାର କରି ଭାତରୁ ବଳକା ପେଜ ବାହାର କରି ଦିଆଯାଏ । ରନ୍ଧା ଯାଇଥିବା ଭାତରେ ଜାସ୍ମିନ୍ ବା ମଲ୍ଲୀର ମଧୁର ବାସ୍ନା ରହିଥାଏ । ଅନ୍ୟ ଏକ ପ୍ୟାନ୍‌ରେ କିଛି ଘିଅ ଗରମ କରି ସେଥିରେ ଜୀରା, ପିଆଜ, କଞ୍ଚାଲଙ୍କା, ହଳଦିଆ ଓ ଲାଲ୍ କ୍ୟାପସିକମ୍, ସ୍ୱାଦ ଅନୁସାରେ ଲୁଣ ପକାଇ ହାଲକା ଫ୍ରାଏ କରାଯାଏ । ଏଥିରେ ଅଧିକ ପରିବା ପକାଇଲେ ମଲ୍ଲୀଫୁଲର ଫ୍ଲେବର୍ ନଷ୍ଟ ହୋଇଯାଇଥାଏ । ତେଣୁ କେବଳ ପିଆଜ ଓ ଶିମ୍ଳା ଲଙ୍କାରେ ପ୍ରସ୍ତୁତ କରାଯାଇଥାଏ ଜାସ୍ମିନ୍ ରାଇସ୍ ବା ମଲ୍ଲୀଫୁଲିଆ ଭାତ ।

**ମଲ୍ଲୀଫୁଲିଆ ଚା (ଜାସ୍ମିନ୍ ଟି):** ଦୁଇ ଚାରି କପ୍ ପାଣିକୁ ଗରମ କରାଯାଏ । ପାଣି ଫୁଟିଲେ ଏଥିରେ ଶୁଖିଲା ମଲ୍ଲୀଫୁଲ କିଛି ପକାଇ ୫ ମିନିଟ୍ ଢ଼ାଙ୍କି ରଖିବା ପରେ ଏହାକୁ ଛାଣି 'ଚା' ଭାବେ ପିଆ ଯାଇଥାଏ । ନିଜର ପସନ୍ଦ ଅନୁସାରେ ଚିନି ମଧ ମିଶାଯାଇ ପାରେ । ଚୀନ୍‌ରେ ଏହି ଚାକୁ 'ପିନିୟନ୍ ମୋଲି ହ୍ୱା ଚା' କହୁଥିବା ବେଳେ ଜାପାନ୍‌ରେ 'ସାନ୍‌ପିନ୍ ଚା' ବା 'ଓ' 'ଚା' ବୋଲି କହିଥାନ୍ତି ।

## ଔଷଧୀୟ ଉପଚାରରେ ମଲ୍ଲୀ

ଯେତେ ଯେତେ ସୂର୍ଯ୍ୟଙ୍କର କିରଣ ପ୍ରଖର ହୁଏ, ଶୁଖି ଯାଇଥିବା ମଲ୍ଲୀଡାଳ କଅଁଳିଆ ସହିତ ଏଥିରେ ମୋତିପରି ଛୋଟ ଛୋଟ କଢ଼ ହେବା ଆରମ୍ଭ କରେ ଓ ନିଜର ସୁବାସିତ ମହକ ବିତରିବା ଆରମ୍ଭ କରେ । ମଲ୍ଲୀ କେବଳ ମହକ ଦିଏ ନାହିଁ, ଏହାର ଅନେକ ଔଷଧୀୟ ଗୁଣମାନ ମଧ୍ୟ ରହିଛି । କାନ ଦରଜ ହେଲେ ଏହାର ରସକୁ କାନରେ ପକାଯାଇଥାଏ । କୁଷ୍ଠରୋଗ, ପାଟି ଘା ଓ ଚକ୍ଷୁ ରୋଗ ପାଇଁ ମଲ୍ଲୀ ଉପଯୋଗୀ ହୋଇଥାଏ । ମନ ଓ ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିବା ପାଇଁ ଏରୋମା ଥେରାପିରେ ମଲ୍ଲୀ ବ୍ୟବହୃତ ହୋଇଥାଏ । ମଲ୍ଲୀଫୁଲର ଚା' ପ୍ରତିଦିନ ପିଇଲେ କ୍ୟାନ୍‌ସର୍ ରୋଗ ଦୂର ହୋଇଥାଏ । ଏହାର ଚାରୋଟି ପତ୍ରକୁ ବାଟି ଏକ କପ୍ ପାଣିରେ ମିଶ୍ରି ମିଶାଇ ଦିନକୁ ଚାରିଥର ପିଇଲେ ଡାଇରିଆରୁ ମୁକ୍ତି ମିଳେ । ମଲ୍ଲୀଫୁଲର ପତ୍ରକୁ ବାଟି କାଛୁ, କୁଣ୍ଡିଆ, ଘାଆ ଉପରେ ଲେପ ଦେଲେ ଉପଶମ ମିଳିଥାଏ । ମଲ୍ଲୀଗଛର ଚେରରେ କାଢ଼ା ପ୍ରସ୍ତୁତ କରି ପିଇଲେ ମାସିକ ଅନିୟମିତତା ଦୂର ହୋଇଯାଏ । ଏହାର ଦୁଇଟି ପତ୍ର ସହିତ କଳାଲୁଣ ମିଶାଇ ଖାଇଲେ ଗ୍ୟାସ୍‌ରୁ ମୁକ୍ତି ମିଳେ । ମହୁ ସହିତ ଏହାର ୪-୫ ବୁନ୍ଦା ରସ ମିଶାଇ ପିଲାମାନଙ୍କୁ ସେବନ କରାଇଲେ ଯକୃତ ବୃଦ୍ଧି ପାଇଁ ଲାଭଦାୟକ ହୋଇଥାଏ । ହୋମିଓପାଥିରେ ଜାସ୍ମିନ୍‌ରୁ ପ୍ରସ୍ତୁତ ଏକ ଔଷଧ ଅଛି 'ଜେଲସେମିୟମ ସେମିଭାଇରେନ୍ସ-୩୦' ଯାହାକି ଚିନ୍ତା, ମୁଣ୍ଡବିନ୍ଧା, ମାଂଶପେଶୀ ଯନ୍ତ୍ରଣା, ଡିସ୍‌ମେନୋରିଆ ଓ ଅନେକ ସ୍ନାୟୁଗତ ଯନ୍ତ୍ରଣାକୁ ଦୂର କରିଥାଏ । ମଲ୍ଲୀମୂଳର ପେଷ୍ଟ୍‌କୁ କପାଳରେ ଲଗାଇଲେ ମୁଣ୍ଡବିନ୍ଧା ଦୂର ହୋଇଥାଏ । ଆୟୁର୍ବେଦରେ ଜାସ୍ମିନ୍ ଅନେକ ପ୍ରସାଧନରେ ବ୍ୟବହୃତ ହୋଇଛି । ଯଥା- ଜାସ୍ମିନ୍ ବଡ଼ିୱାସ୍, ରୋଜ୍ ଜାସ୍ମିନ୍ ଫେସ୍ କ୍ଲିଞ୍ଜର, ଜାସ୍ମିନ୍ ହେୟାର ଅଏଲ, ଜାସ୍ମିନ ମସ୍ଚ୍ୟୁରାଇଜର୍ (ଖଡ଼ି ନେଚୁରାଲ), ଋଷିରାଜ ଆୟୁର୍ବେଦିକ ହେୟାର ଅଏଲ, ଜାସ୍ମିନ୍ ପରଫ୍ୟୁମ୍, ଜାସ୍ମିନ୍ ସୋପ୍ ଇତ୍ୟାଦି । ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ମଲ୍ଲୀ ଉଷ୍ଣବୀର୍ଯ୍ୟ, ଲଘୁ ଓ ଶୁକ୍ରବର୍ଦ୍ଧକ ଏବଂ ରସକଟ୍ ଓ ତିକ୍ତ । ଏହା ବାୟୁ, ପିତ୍, ମୁଖରୋଗ, ନେତ୍ରରୋଗ, ଅରୁଚି, କୁଷ୍ଠ ଓ ବ୍ରଣନାଶକ । ଏହି ଗୁଳ୍ମର ପତ୍ର ଚର୍ମ ରୋଗ ନିରୋଧକ । ମଲ୍ଲୀ ଔଷଧ ଭାବେ ବ୍ୟବହାର ହେବା ସହିତ ତେଲ ଓ ଅତର ପ୍ରସ୍ତୁତ ହେବାରେ ଉପଯୋଗ ହୋଇଥାଏ ।

# ପାଣିଚିରାର ପୃଥିବୀ



# ଇଣ୍ଡିଆନ୍ ସ୍କିମର୍


**ତୁହିନାଂଶୁ କର**

(ପକ୍ଷୀ ଗବେଷକ: ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ)
ପିଏଚ୍‌ଡ଼ି ସ୍କୋଲାର୍, ପ୍ରାଣୀ ବିଜ୍ଞାନ ବିଭାଗ, ରେଭେନ୍ସା
ବିଶ୍ୱବିଦ୍ୟାଳୟ, କଟକ-୭୫୩୦୦୪
ଫୋନ: ୮୨୪୯୨୫୧୯୦୦
ଫଟୋ ସୌଜନ୍ୟ: ଲେଖକ ଓ ଗୁଗୁଲ୍




**ପକ୍ଷୀମାନଙ୍କର ଥାଏ ଏକ ଅଲଗା ପୃଥିବୀ । କୌଣସି ବିପଦର ଆଶଙ୍କା ଥିଲେ ପକ୍ଷୀଏ ଜାଣିପାରନ୍ତି ଆଗ । ପକ୍ଷୀଙ୍କୁ ନେଇ ମଣିଷ ସମାଜରେ ଥାଏ ଏକ ଅହେତୁକ ଭଲପାଇବା । ଘରେ ପାଳିଥାଉ ତେଣୁ ଆମେ କିଛି ପୋଷା ପକ୍ଷୀ । ସୃଜନକଳାରେ ପକ୍ଷୀଙ୍କୁ ପ୍ରତୀକ ଭାବେ ନେଇ ଲେଖାଯାଇଛି ଅନେକ କାବ୍ୟକବିତା । 'ରେବତୀ'ର ଇଚ୍ଛା ଥିଲା ପକ୍ଷୀଙ୍କୁ ନେଇ ଏକ ଧାରାବାହିକ ବିଭାଗ ଆରମ୍ଭ କରିବା । ଏଥିରେ ଆମକୁ ସହଯୋଗ କରିବାକୁ ଆଗେଇ ଆସିଲେ ପକ୍ଷୀ ଗବେଷକ ତୁହିନାଂଶୁ କର । ଏ ସଂଖ୍ୟାରୁ ଆରମ୍ଭ ହେଉଛି ପକ୍ଷୀ-ଜୀବନର କାହାଣୀ । ପ୍ରଥମେ 'ପାଣିଚିରା' ବା 'ଇଣ୍ଡିଆନ୍ ସ୍କିମର୍' ।**



▲ ଲେଖକ ତୁହିନାଂଶୁ କର

**ପକ୍ଷୀର ପାଦଟୀକା:** କାହିଁ କେଉଁ ଅନାଦି କାଳରୁ ମନୁଷ୍ୟ ପକ୍ଷୀମାନଙ୍କ ପ୍ରତି ଆକର୍ଷିତ ହୋଇ ସେମାନଙ୍କୁ ନିଜ ହୃଦୟ ଭିତରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇ ଆସିଛି । ଏମିତିକି ଅନେକ ପକ୍ଷୀ ଭଗବାନଙ୍କ ବାହନ ଭାବରେ ବିଶେଷ ଭାବରେ ପୂଜିତ । ଆମଦେଶର ସଂସ୍କୃତି ଓ ସମାଜ ସହିତ ପକ୍ଷୀମାନେ ଅଙ୍ଗାଙ୍ଗି ଭାବେ ଜଡ଼ିତ । ଆମ ଦେଶ ଭାରତବର୍ଷ ସଂପୂର୍ଣ୍ଣ ବିଶ୍ୱରେ ଥିବା ସତରଟି ପ୍ରମୁଖ ଜୈବ ବିବିଧତା ପରିପୂର୍ଣ୍ଣ ରାଷ୍ଟ୍ରମାନଙ୍କ ମଧ୍ୟରୁ ଅନ୍ୟତମ । ଭୌଗୋଳିକ ଆୟତନ ଅନୁସାରେ ପୃଥିବୀ ଭୂଭାଗର ମାତ୍ର ୨.୪% ଅଧିକାର କରିଥିବା ଆମ ଦେଶ କିନ୍ତୁ ଅଦ୍ୟାବଧି ଯାଏଁ ସାରାବିଶ୍ୱରେ ଜ୍ଞାତ ୮% ଜୈବବିବିଧତା ଧାରଣ କରିଛି । ସେହିପରି ସାରା ବିଶ୍ୱରେ ଦେଖାଯାଉଥିବା ପକ୍ଷୀ ମଧ୍ୟରୁ ୧୨%ରୁ ଅଧିକ କେବଳ ଆମ ଦେଶରେ ହିଁ ଦେଖାଯାନ୍ତି । ତେଣୁ ଆମ ଦେଶ ଯେ ପକ୍ଷୀ ବିବିଧତାରେ କେତେ ସମୃଦ୍ଧ ତାହା ସହଜରେ ଅନୁମେୟ ।

**ପ୍ରକାର ଭେଦ:** ସାରାବିଶ୍ୱରେ ଦେଖା ଯାଉଥିବା ତିନି ପ୍ରକାରର ସ୍କିମର୍‌ମାନଙ୍କ ମଧ୍ୟରୁ 'ଇଣ୍ଡିଆନ୍ ସ୍କିମର୍' ବା 'ପାଣିଚିରା' ଅନ୍ୟତମ । ଅନ୍ୟ ଦୁଇ ପ୍ରଜାତି ହେଲେ ବ୍ଲାକ୍ ସ୍କିମର୍ ଓ ଆଫ୍ରିକାନ୍ ସ୍କିମର୍ । ବ୍ଲାକ୍ ସ୍କିମର୍ ଆମେରିକାରେ, ଆଫ୍ରିକାନ୍ ସ୍କିମର୍ ଆଫ୍ରିକାରେ ଓ ଇଣ୍ଡିଆନ୍ ସ୍କିମର୍ ଭାରତୀୟ ଉପମହାଦେଶରେ ଦେଖାଯାନ୍ତି । ଏହା ଏକ ସାମାଜିକ ପକ୍ଷୀ ଓ ସବୁବେଳେ ଦଳରେ ରହିବାକୁ ପସନ୍ଦ କରେ । ଏମିତିକି ଏମାନେ ଦଳବଦ୍ଧ ହୋଇ ଗୋଟିଏ ସ୍ଥାନରେ ସମୂହ ଅଣ୍ଡାଦାନ କରିବା ସହ ଖାଦ୍ୟ ଅନ୍ୱେଷଣ ମଧ୍ୟ କରିଥାନ୍ତି । ବେଳେବେଳେ ଏକାଏକା ବା ଏକ କ୍ଷୁଦ୍ର ଦଳରେ ଶୀକାର କରିବାର ମଧ୍ୟ ଦେଖା ଯାଇଥାଏ । ଛୋଟ ମାଛ ଏମାନଙ୍କର ପ୍ରିୟ ଖାଦ୍ୟ, ଏତଦ୍‌ବ୍ୟତୀତ ଜଳଜ କୀଟପତଙ୍ଗ ମଧ୍ୟ ଏମାନେ ଖାଇଥାନ୍ତି । ଏହି ପକ୍ଷୀଟିର ଅନ୍ୟ ଏକ ବିଶେଷତ୍ୱ ହେଲା ଏହାର ଥଣ୍ଟର ତଳ ଭାଗ ଉପର ଭାଗ ଅପେକ୍ଷା ଅଧିକ ଲମ୍ବ ଯାହାକୁ ଏମାନେ ଜଳରେ ଆଂଶିକ ଭାବରେ ବୁଡ଼ାଇ ମାଛ ଶୀକାର କରିଥାନ୍ତି । ଦୂରରୁ ଏହା ଜଳକୁ ଦୁଇଭାଗ କରିଲା ପରି ଜଣାପଡ଼େ, ଏଥିପାଇଁ ଏମାନଙ୍କୁ 'ପାଣିଚିରା' ବୋଲି ଆମ ରାଜ୍ୟରେ କହନ୍ତି ।

**ବଂଶ ପରିଚୟ:** ଟାକ୍ସୋନୋମି ଅନୁସାରେ ଇଣ୍ଡିଆନ୍ ସ୍କିମର୍ ଚାରାଡ୍ରିଫର୍ମସ୍ ବର୍ଗ ଓ ଲାରିଡ଼ି ବଂଶର ଅନ୍ତର୍ଭୁକ୍ତ । ଏହାର ବୈଜ୍ଞାନିକ ନାମ ରିଙ୍କୋପ୍ସ ଆଲ୍‌ବୁକୋଲିସ୍ । ଏହି ବଂଶରେ ସ୍କିମର୍ ସହିତ ଟର୍ନ, ଗଲ୍ ଆଦି ପକ୍ଷୀ ମଧ୍ୟ ସ୍ଥାନିତ । ଏହି ପକ୍ଷୀଟି ଦେଖିବାକୁ ଖୁବ୍ ସୁନ୍ଦର । ଥଣ୍ଟଟି ଲାଲ୍‌କମଳା ମିଶା ରଙ୍ଗର ହୋଇଥିବା ବେଳେ ଏହାର ଅଗ୍ରଭାଗ ହଳଦୀ ରଙ୍ଗର । ଗ୍ରୀବା, କପାଳ ତଥା ବକ୍ଷଦେଶ ସଂପୂର୍ଣ୍ଣ ଧଳା ହୋଇଥିବା ବେଳେ ପକ୍ଷ ଓ ମସ୍ତକରେ ଥିବା କଳାରଙ୍ଗ ପକ୍ଷୀଟିକୁ ବେଶ୍ ଆକର୍ଷଣୀୟ କରିଥାଏ ।



ଏମାନଙ୍କର ଗୋଡ଼ ଓ ପାଦ ଦୁଇଟି ମଧ୍ୟ ଲାଲ ରଙ୍ଗର । ବିଶ୍ରାମ କରିବାବେଳେ ସେମାନେ ନିଜ ଥଣ୍ଟକୁ ପିଠି ଉପରେ ରଖି ବିଶ୍ରାମ କରିଥା'ନ୍ତି । ଏହି ପକ୍ଷୀମାନଙ୍କ ମଧ୍ୟରେ ଲିଙ୍ଗଗତ ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । କିନ୍ତୁ ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀ ପକ୍ଷୀଟି ସାମାନ୍ୟ ସାନ ହୋଇଥାଏ ।

**ବସବାସ:** ଏମାନେ ମୁଖ୍ୟତଃ ବଡ଼ ବଡ଼ ନଦୀ, ହ୍ରଦ, ଜଳଭଣ୍ଡାର ଓ ତଟବର୍ତ୍ତୀ ଅଞ୍ଚଳରେ ଦେଖା ଯାଉଥିଲେ ହେଁ ମଧୁର ଜଳରେ ବସବାସ କରିବାକୁ ବେଶୀ ପସନ୍ଦ କରନ୍ତି । ଭୌଗୋଳିକ ଆବଣ୍ଟନ ଅନୁସାରେ ଆମ ଦେଶ ଭାରତ ସମେତ ପାକିସ୍ତାନ, ବାଂଲାଦେଶ, ମିଆଁମାର, କାମ୍ବୋଡ଼ିଆ, ଲାଓସ ଏବଂ ଭିଏତ୍‌ନାମ ଆଦି ଦେଶରେ ପରିବ୍ୟାପ୍ତ । କିନ୍ତୁ ଭାରତ ଓ ବାଂଲାଦେଶରେ ଏମାନଙ୍କର ସଂଖ୍ୟା ଅନ୍ୟଦେଶମାନଙ୍କର ଅପେକ୍ଷା ଅଧିକ । ତେବେ ଏ ସବୁ ଦେଶମାନଙ୍କ ମଧ୍ୟରେ କେବଳ ଭାରତ ହିଁ ଏମାନଙ୍କର ଏକମାତ୍ର ପ୍ରଜନନସ୍ଥଳୀ । ଶୀତଋତୁରେ ବାଂଲାଦେଶର ତଟବର୍ତ୍ତୀ ଅଞ୍ଚଳରେ ଏମାନେ ବହୁସଂଖ୍ୟାରେ ଦେଖିବାକୁ ମିଳନ୍ତି । ଆମ ଦେଶରେ ମୁଖ୍ୟତଃ ଚମ୍ବଲ, ଗଙ୍ଗା ଓ ମହାନଦୀରେ ଏମାନଙ୍କର ସଂଖ୍ୟା ଅଧିକ । ଗ୍ରୀଷ୍ମଋତୁରେ ପ୍ରଜନନ ସମୟରେ ଏମାନେ ଏହି ନଦୀପଠାମାନଙ୍କରେ ହିଁ ଅଣ୍ଡାଦାନ କରନ୍ତି । ଏହାବ୍ୟତୀତ ଶୀତଋତୁରେ ଗୁଜୁରାଟ କାଳସ୍ଥାନ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ତଟମାନଙ୍କରେ ମିଳିଥାନ୍ତି । ଇଣ୍ଡିଆନ୍ ସ୍କିମର୍ ପରିବ୍ରାଜକ କରୁଥିବାର ପ୍ରମାଣ ମଧ୍ୟ ଗବେଷଣାରୁ ସୁସ୍ପଷ୍ଟ । ଚମ୍ବଲ୍ ନଦୀରେ କଲରଫ୍ଲାଗ୍ ଦ୍ୱାରା ଟ୍ୟାଗ୍ କରାଯାଉଥିବା ପକ୍ଷୀ ବାଂଲାଦେଶ ଓ ଗୁଜୁରାଟ ଅଞ୍ଚଳରୁ ମିଳିଛନ୍ତି । ସେହିପରି ଓଡ଼ିଶାର ମହାନଦୀରେ ଟ୍ୟାଗ୍ କରାଯାଇଥିବା ଏକ ପକ୍ଷୀ ଆନ୍ଧ୍ରପ୍ରଦେଶ ଉପକୂଳରୁ ମିଳିଅଛି । ବର୍ଷା ଓ ଶୀତଋତୁରେ ଏମାନେ ବିଭିନ୍ନ ସ୍ଥାନରେ ପରିଭ୍ରମଣ କରୁଥିବା ବେଳେ ଗ୍ରୀଷ୍ମଋତୁରେ ଅଣ୍ଡାଦାନ କରିବା ପାଇଁ ନଦୀ ପଠାମାନଙ୍କରେ ଏକାଠି ହୋଇଥାନ୍ତି ।

**ମିଳନ ଓ ଅଣ୍ଡାଦାନ:** ଆଗରୁ ଓଡ଼ିଶା ପାଇଁ ଏହି ପକ୍ଷୀକୁ ଏକ ଦୁର୍ଲଭ ପରିବ୍ରାଜକ ପକ୍ଷୀ ଭାବରେ ଗଣନା କରାଯାଉଥିଲା । କିନ୍ତୁ ପରେ ଏହା ଆମ ରାଜ୍ୟର ସବୁଠାରୁ ବଡ଼ନଦୀ ମହାନଦୀରେ ସମୂହ ଅଣ୍ଡାଦାନ କରୁଥିବାର ସନ୍ଧାନ ମିଳିଲା । ଇଣ୍ଡିଆନ୍ ସ୍କିମର ଆମ ରାଜ୍ୟରୁ କେବଳ ଭିତରକନିକା, ଚିଲିକା, ଧାମରା, ହୀରାକୁଦ, ରେଙ୍ଗାଲି ତଥା ମହାନଦୀର ବିଭିନ୍ନ ଅଞ୍ଚଳ ଯଥା: ସାତକୋଶିଆ, ମୁଣ୍ଡଳୀ, କଖଡ଼ି ଆଦି ସ୍ଥାନରେ ଦେଖିବାକୁ ମିଳନ୍ତି । ମହାନଦୀରେ ଏମାନଙ୍କର ସମାଗମ ପ୍ରାୟ ଅକ୍ଟୋବର ମାସରୁ ଆରମ୍ଭ ହୋଇ ଜୁନ ମାସ ଯାଏଁ ରହିଥାଏ । ରାଜ୍ୟରେ ଯଦିଓ ଅନେକ ସ୍ଥାନରୁ ଏମାନଙ୍କର ସନ୍ଧାନ ମିଳିଛି କିନ୍ତୁ କେବଳ ମହାନଦୀରେ ହିଁ ଏମାନେ ଅଣ୍ଡାଦାନ କରିଥାନ୍ତି । ଶୀତ ଋତୁର ଶେଷଭାଗରେ ଏମାନଙ୍କର ମିଳନ ପ୍ରକ୍ରିୟା ଆରମ୍ଭ ହୁଏ । ବିଭିନ୍ନ ଅଙ୍ଗଭଙ୍ଗୀ ଦ୍ୱାରା ଏମାନେ ନିଜ ସାଥୀକୁ ଆକର୍ଷିତ କରିବାର ଚେଷ୍ଟା କରିଥାନ୍ତି । ଗୋଟି ସ୍ତ୍ରୀ ପକ୍ଷୀ ସହ ମିଳନ ପାଇଁ ଏକାଧିକ ପୁରୁଷ ପକ୍ଷୀ ନିଜ ନିଜ ମଧ୍ୟରେ ଆକ୍ରୋଶ ଓ ଆକ୍ରମଣ କରିବାର ମଧ୍ୟ ଦେଖିବାକୁ ମିଳେ । ଏମାନେ ମୁଖ୍ୟତଃ ଚାରିପଟେ ଅଧିକ ଗଭୀର ପାଣି ଥିବା ନିର୍ଜନ ଓ ନିକାଞ୍ଚନ ବାଲିପଠାକୁ ନିଜର ଅଣ୍ଡାଦାନ ସ୍ଥାନ ଭାବେ ବାଛିଥାନ୍ତି । ଇଣ୍ଡିଆନ ସ୍କିମର୍ ସହ ମିଶି ଅଣ୍ଡାଦାନ କରୁଥିବା ଅନ୍ୟ ପକ୍ଷୀମାନେ ହେଲେ ରିଭର୍ ଲ୍ୟାପଓ୍ୱିଙ୍ଗ୍, ବାକ-ବେଲିଡ୍ ଟର୍ନ, ରିଭର୍ ଟର୍ନ, ଲିଟିଲ୍ ଟର୍ନ, ଲିଟିଲ୍ ପ୍ରାଟିନୋଲ୍, ଗ୍ରେଟ ଥିକ୍-ନି ଇତ୍ୟାଦି । ଏମାନେ ସମସ୍ତେ ଉନ୍ମୁକ୍ତ ବାଲିପଠାରେ ଏକାଠି ଅଣ୍ଡା ଦେଇଥାନ୍ତି । ଇଣ୍ଡିଆନ୍ ସ୍କିମର ବସା ନିର୍ମାଣ ପାଇଁ କୌଣସି କାଠି କୁଟା ଇତ୍ୟାଦି ବ୍ୟବହାର କରନ୍ତିନାହିଁ । ବାଲିକୁ ଡେଣା ଦ୍ୱାରା ଆଡ଼େଇ ଏକ ଅଗଭୀର ଗାତ କରିଥାନ୍ତି । ସେଥିରେ ୨-୪ଟି ଲେଖାଏଁ ଅଣ୍ଡା ଦେଇଥାନ୍ତି ବେଳେବେଳେ ୫ଟି ଅଣ୍ଡା ମଧ୍ୟ ଦେଇଥାନ୍ତି । ଉଭୟ ପିତାମାତା ଅଣ୍ଡା ଉଷୁମେଇବା ଠାରୁ ଆରମ୍ଭ କରି ଛୁଆଟିଏ ଉଡ଼ିବା ଯାଏଁ ତାହାର ପରିପାଳନ କରନ୍ତି । ପ୍ରାୟ ୨୧-୨୪ଦିନ ମଧ୍ୟରେ ଅଣ୍ଡା ଫୁଟି ଛୁଆ ବାହାରିଥାନ୍ତି ।

**ମହାନଦୀ ଓ ସୁରକ୍ଷା:** ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଏହି ପକ୍ଷୀଟି ଅଧୁନା International Union for Conservation of Nature (IUCN) ଦ୍ୱାରା ବିପଦସଙ୍କୁଳ (Endangered) ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ନିକଟ ଅତୀତରେ କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି ଯେ ସାରା ବିଶ୍ୱରେ ଆଉ ମାତ୍ର ୨୪୫୦-୨୯୦୦ଟି ପକ୍ଷୀ ଜୀବିତ ଅଛନ୍ତି । ତେଣୁ ଏହି ପକ୍ଷୀର ସଂରକ୍ଷଣ ଓ ସୁରକ୍ଷା ନିତାନ୍ତ ଆବଶ୍ୟକ । ଓଡ଼ିଶାର ଗର୍ବ ଓ ଗୌରବ ଆମ ମହାନଦୀ ଏହି ପକ୍ଷୀମାନଙ୍କର ଦ୍ୱିତୀୟ ସର୍ବବୃହତ ଅଣ୍ଡାଦେବା ସ୍ଥାନ । କିନ୍ତୁ ପ୍ରତିବର୍ଷ ବିଭିନ୍ନ ପ୍ରକାରର ପ୍ରାକୃତିକ ଓ ମନୁଷ୍ୟକୃତ କାରଣ ପାଇଁ ଅନେକ ବସା ଓ ଅଣ୍ଡା ନଷ୍ଟ ହୋଇଥାନ୍ତି । ନଦୀଜଳସ୍ତରର ଅନିୟନ୍ତ୍ରିତ ହ୍ରାସ ଓ ବୃଦ୍ଧି, ଖେଳ କୌତୁକ ତଥା ବେଳେବେଳେ ଖାଦ୍ୟପାଇଁ ପକ୍ଷୀ ଅଣ୍ଡା ସଂଗ୍ରହ, ପକ୍ଷୀଅଣ୍ଡା ଗୁଡ଼ିକୁ ନଷ୍ଟ କରିବା ଇତ୍ୟାଦି ପକ୍ଷୀବସା ନଷ୍ଟହେବାର ପ୍ରମୁଖ ମନୁଷ୍ୟକୃତ କାରଣ ହୋଇଥିବା ବେଳେ କାଳବୈଶାଖୀ, ସାମୁଦ୍ରିକବାତ୍ୟା ତଥା ବିଭିନ୍ନ ଶୀକାରୀ ପକ୍ଷୀ ଓ ପଶୁମାନଙ୍କ ଦ୍ୱାରା ଅଣ୍ଡା ଓ ଛୁଆ ନଷ୍ଟହେବା ଇତ୍ୟାଦି ପ୍ରମୁଖ ପ୍ରାକୃତିକ କାରଣ । ମହାନଦୀର ଉପରମୁଣ୍ଡରେ ହେଉଥିବା ଶତାଧିକ ବ୍ୟାରେଜ ଦ୍ୱାରା ଯଦି ମହାନଦୀରେ ଜଳସ୍ତର ହ୍ରାସ ପାଏ ତେବେ ଏହାର ସିଧାସଳଖ ପ୍ରଭାବ ମହାନଦୀର ଉତ୍କୃଷ୍ଟ ଜୈବବିବିଧତା ଏବଂ ବିଶେଷ ଭାବରେ ଏହି ପକ୍ଷୀମାନଙ୍କ ଉପରେ ପଡ଼ିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



## ॥ ଭାଗ-୧୮ ॥




**ନେତାଜୀ ଅଭିନନ୍ଦନ**

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୭୫୩୦୦୩
ଫୋନ୍ : ୯୦୪୦୦୦୩୧୨୩


ଫଟୋ ସୌଜନ୍ୟ : ଗୁଗୁଲ୍

# ମୋଗଲ ହିସାବ-ନିକାଶ

ଏ ଥିଲା ସନ୍ଧିକ୍ଷଣର ସମୟ ।

ଓଡ଼ିଶା ଶାସନରେ ପଟ୍ଟ ପରିବର୍ତ୍ତନ ପାଇଁ ବାଟ ଫିଟୁଥିଲା ।

କୂଟ-କପଟ ପୂର୍ଣ୍ଣ ରାଜନୀତିର ପଶାପାଲିରେ ଜୋର୍‌ଦାର୍ ଗୋଟି ଚାଳନା ଚାଲିଥିଲା । ବାଜିରେ ଲାଗିଥିଲା ଓଡ଼ିଶାର ଭାଗ୍ୟ ଓ ଓଡ଼ିଶାବାସୀଙ୍କ ଲୁହ ଓ କୋହ । ଶାସନ ଗାଦିରୁ ଜଣେ ବିତାଡ଼ିତ ହେଲେ, ଆଉ ଜଣେ ଆସି ବସୁଥିଲେ । ଜଣଙ୍କର ବିଦାୟ ଆଉ ଜଣଙ୍କ ପାଇଁ ପଥ ପ୍ରଶସ୍ତ କରୁଥିଲା ।

ବାରବାଟୀ ଦୁର୍ଗରେ ମୁଲାୟମ ତକ୍ତପୋଷ ଉପରେ ଜଣଙ୍କ ପରେ ଜଣେ ନାଏବ ନାଜିମ ଆସି ଆସନ ପାତୁଥିଲେ । ଓଡ଼ିଆଙ୍କ ହର୍ତ୍ତା-କର୍ତ୍ତା ଭାବରେ ନିଜର ଆଧିପତ୍ୟ ଜାହିର କରୁଥିଲେ । ପ୍ରତି ନାଏବ ନାଜିମର ମୂଳ ଲକ୍ଷ୍ୟ ରହୁଥିଲା ଅଧିକରୁ ଅଧିକ ରାଜସ୍ୱ ସଂଗ୍ରହ । ମୁର୍ସିଦାବାଦ କି ଦିଲ୍ଲୀ ଦରବାରରେ ଉପଯୁକ୍ତ ଭେଟି ନଚଢ଼େଇଲେ ଗାଦି ଚାଲିଯିବାର ଭୟ ରହୁଥିଲା । ତା ଛଡ଼ା ଭଲ କି ଅଣ୍ଟି ନ ଭରିଲେ ଏ ନାଏବ୍ ନାଜିମ୍ ପଦବୀର ଲାଭ କ'ଣ । ତେଣିକି ରାଜ୍ୟବାସୀଙ୍କ ଉପରେ କର ଉପରେ କର ଲଦା ଚାଲିଥିଲା । ନିଅଣ୍ଟ ହେଲେ ମନ୍ଦିର ଲୁଣ୍ଠନ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଉଥିଲା ।

୧୫୯୭ ରୁ ୧୭୫୧ ଯାଏଁ ଓଡ଼ିଶା ମୋଗଲମାନଙ୍କ ଶାସନାଧୀନ ରହିଲା । ମୋଗଲଙ୍କ ଭାରତ ବ୍ୟାପି ସାମ୍ରାଜ୍ୟର ଓଡ଼ିଶା ଥିଲା ଏକ ଅଂଶମାତ୍ର । ଏହି ସମୟରେ କେବଳ ଯେ ଶାସନ ଦୃଷ୍ଟିରୁ ଓଡ଼ିଶା ପଦାନତ ଥିଲା ତା'ନୁହେଁ, ଧାର୍ମିକ-ସାମାଜିକ ଅସ୍ମିତା ଦୃଷ୍ଟିରୁ ମଧ୍ୟ ଏ ଥିଲା ଅନ୍ଧ ଯୁଗ । କଟକ ଲାଲବାଗ କୋଠିରୁ ନିୟନ୍ତ୍ରିତ ହେଉଥିଲା ଓଡ଼ିଶାର ଶାସନ ଓ ପ୍ରଶାସନ । ମୋଗଲ ସାମ୍ରାଜ୍ୟର ପ୍ରତିନିଧିତ୍ୱ କରୁଥିବା ବାଏବ ନାଜିମ୍‌ଙ୍କ ବଶମ୍ବଦ ଭୃତ୍ୟ ହୋଇ ଖୋର୍ଦ୍ଧା ଗଜପତିଙ୍କୁ କାର୍ଯ୍ୟକରିବାକୁ ପଡୁଥିଲା । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବ୍ୟତୀତ ଆଉ କାହା ଆଗରେ ମୁଣ୍ଡ ନୁଆଁଇ ନଥିବା ଗଜପତିଙ୍କୁ ଯାଉଣୁ ଆସୁଣୁ କୁର୍ଣ୍ଣିସ୍ କରିବାକୁ ପଡୁଥିଲା ନାଏବ ନାଜିମ୍‌ଙ୍କୁ । ଓଡ଼ିଶାର ଉନ୍ନତି କିମ୍ବା ଓଡ଼ିଆ ଲୋକଙ୍କ କଲ୍ୟାଣ ସାଧନ ଓ ଉଦ୍ଦେଶ୍ୟ ନଥିଲା ମୋଗଲ ଶାସନର । ତାଙ୍କର ଉଦ୍ଦେଶ୍ୟ ଥିଲା କେମିତି ଅଧିକରୁ ଅଧିକ କର ଓ ଖଜଣା ଆଦାୟ କରି ଦିଲ୍ଲୀ ରାଜକୋଷ ଭର୍ତ୍ତି କରିବା । ସେଥିପାଇଁ ତ ପଚାଶ ବର୍ଷରୁ ଅଧିକ ଶାସନ କାଳ ଭିତରେ ଅଜସ୍ର ଥର ଓଡ଼ିଶାର ମଠ ଓ ମନ୍ଦିରମାନଙ୍କ ଉପରେ ଷଣ୍ଢଅସି ଆକ୍ରମଣ ହୋଇଥିଲା ।

ବ୍ୟବସ୍ଥାଗତ ଦୃଷ୍ଟିରୁ ମୋଗଲ କାଳରେ ବେଶି କିଛି ପରିବର୍ତ୍ତନ ହୋଇନଥିଲା ଓଡ଼ିଶାରେ । ଆଗ ଭଳି ଗଡ଼ଜାତ ରାଜା ଓ ପାଇକ ପଞ୍ଚାୟତମାନେ ହିଁ ମୌଜା ଓ ପ୍ରଗଣାରେ ଶାସନ ସମ୍ଭାଳୁଥିଲେ । କେବଳ ଯାହା କଣ୍ଟ ପୂରିବା ପୂର୍ବରୁ ମୋଗଲ ରାଜକୋଷରେ ବାର୍ଷିକ ଦେୟ ଭରିବାକୁ ପଡୁଥିଲା । ରୟତ ବା ପ୍ରଜାଙ୍କ ଉପରେ ନେଡ଼ି ଉପରେ କୋରଡ଼ାମାଡ଼ ଭଳି କର ଉପରେ କର ଲଦି ଦିଆ ଯାଉଥିଲା । କେତେବେଳେ ତାକୁ ଖଜଣା କୁହା ଯାଉଥିଲା ତ କେତେବେଳେ ବଟି ନତୁବା ଚାନ୍ଦା । ଯଦିଓ ଔରଙ୍ଗଜେବଙ୍କ ଶାସନ କାଳରେ ପାଖାପାଖି ଷାଠିଏ ପ୍ରକାର ଟିକସ ବନ୍ଦ କରିଦିଆ ଯାଇଥିଲା, ପରବର୍ତ୍ତୀ କାଳରେ ନାଏବ ନାଜିମ୍ ମୁର୍ସିଦ୍ କୁଲି ଖାଁ ଓ ସୁଜାଉଦ୍ଦିନ ମହମ୍ମଦ ନୂଆ ଟିକସ ଲଦି ଦେଇଥିଲେ ଗରିବ ଓଡ଼ିଆଙ୍କ ଉପରେ । ମୋଗଲ ଲସ୍କର ଏଭଳି ନିର୍ଦ୍ଦୟ ଓ ନିଷ୍ଠୁର ଢଙ୍ଗରେ ଖଜଣା ଆଦାୟ କରୁଥିଲେ ଯେ, ସେମାନଙ୍କ ଭୟରେ ଲୋକେ ଗାଁଗଣ୍ଡା ଛାଡ଼ି ଜଂଗଲରେ ଆଶ୍ରୟ ନେଉଥିଲେ । ବାସନ କୁସନ ବିକି ବି ଖଜଣା ଦେଇ ହଉ ନଥିଲା । ଗରିବ ଚାଷୀ ଘରେ ଦିନକୁ ଦି ଓଳି ଚୁଲି ଜଳୁନଥିଲା । ମରୁଡ଼ି ପଡ଼ିଲେ କି ବନ୍ୟା ଆସିଲେ ବି କୌଣସି ରିହାତି ନଥିଲା । ଧାର୍ଯ୍ୟ ଖଜଣାରେ ଖିଲାପ୍ କଲେ ଏକମାତ୍ର ପରିଣାମ ଥିଲା ମୃତ୍ୟୁ । ପିଣ୍ଡରୁ ପ୍ରାଣ ଛାଡ଼ିଲେ ଯାଇଁ ଖଜଣାରୁ ମୁକ୍ତି ମିଳୁଥିଲା । ଏପରିକି ଖଜଣା ଦେଇ ନପାରି ପ୍ରାଣ ହରେଇଥିବା ଲୋକର ଶବକୁ ବି ମୋଗଲ ଲସ୍କର ଟଣାଓଟରା କରୁଥିବାର ଦୃଶ୍ୟ ବିରଳ ନଥିଲା ମୋଗଲ ଓଡ଼ିଶାର ଗାଁ ଗଣ୍ଡାରେ । ଗାଁ ପରେ ଗାଁ ଉଚ୍ଛନ୍ନ ହେଇ ଯାଉଥିଲା ଏହି କାରଣରୁ । ଖଜଣା ଦାଉ ଓ ମୋଗଲ ଅତ୍ୟାଚାର କାରଣରୁ କେତେ ଓଡ଼ିଆ ଯେ ପ୍ରାଣ ହରେଇଥିଲେ, ତା'ର ହିସାବ ମିଳିବନି କୌଣସି ସରକାରୀ ନଥିପତ୍ର କି ଦସ୍ତାବିଜରେ । ମୋଗଲବନ୍ଦୀର ମାଟିରେ ଅସଂଖ୍ୟ ଗରିବ ଓଡ଼ିଆ ଚାଷୀ ଓ ପାଇକଙ୍କର ଦେହ ମିଶି ଯାଇଛି ମୋଗଲ ଶାସନର ଛଅ ଦଶନ୍ଧିରେ ।

## ବିପଦରେ ଜଗନ୍ନାଥ ଧର୍ମ ଓ ସଂସ୍କୃତି

ଅତି ବିକଟ ଭାବରେ ପ୍ରତୀୟମାନ ନହେଲେ ମଧ୍ୟ ଭାବଗତ ସ୍ତରରେ କେଉଁଠି ନା କେଉଁଠି ଓଡ଼ିଆ-ମୋଗଲ ସଂଘର୍ଷର ଅନ୍ୟତମ ମୂଳ କାରଣ ଥିଲା ଧର୍ମ । ଆକବରଙ୍କ ସମୟରେ ଇସ୍‌ଲାମ୍ ଧର୍ମର ପ୍ରଚାର ଓ ଧର୍ମାନ୍ତରୀକରଣ ଉପରେ ଶାସନ ପକ୍ଷରୁ ଆଦୌ ଗରୁତ୍ୱ ଦିଆଯାଉ ନଥିଲା । ବରଂ ଉଦାରବାଦୀ ଆକବର ତାଙ୍କର ଅତ୍ୟନ୍ତ ବିଶ୍ୱସ୍ତ ରାଜା ତୋଠର ମଲ୍ ଓ ରାଜା ମାନସିଂହଙ୍କ ଜରିଆରେ ଜଗନ୍ନାଥ ଧର୍ମର ସୁରକ୍ଷା ପାଇଁ ଅନେକଗୁଡ଼ିଏ ପଦକ୍ଷେପ ନେଇଥିଲେ । କିନ୍ତୁ ଧର୍ମାନ୍ଧ ଔରଙ୍ଗ୍‌ଜେବ୍‌ଙ୍କ ଶାସନରେ ଜଗନ୍ନାଥ ଧର୍ମ ଉପରେ ରୀତିମତ ଆକ୍ରମଣ ଆରମ୍ଭ ହେଲା । ଇସ୍‌ଲାମ୍‌ର ପ୍ରଚାର ଓ ପ୍ରସାର ଉପରେ ପ୍ରାଧାନ୍ୟ ଦିଆଗଲା । ଶାସନକଳର ଭୟରେ ହେଉ ଅବା ଶାସକଙ୍କୁ ସନ୍ତୁଷ୍ଟ କରିବାକୁ ହେଉ କିଛି ହିନ୍ଦୁ ଧର୍ମ ପରିବର୍ତ୍ତନ କରି ମୁସଲମାନ ହୋଇଗଲେ । କୋରାନର ନିୟମ ଅନୁସାରେ ମୋକଦ୍ଦମାର ବିଚାର ପାଇଁ କଟକରେ ଜଣେ କାଜିଙ୍କୁ ନିଯୁକ୍ତ କରାଗଲା । ଉଭୟ ରାଜ କର୍ମଚାରୀ ଓ ପ୍ରଜା ସେମାନଙ୍କ ନିତିଦିନିଆ ଜୀବନରେ କୋରାନର ନୀତି-ନିୟମ ଓ ସଂସ୍କାର ମାନୁଛନ୍ତି କି ନାହିଁ, ତା'ର ବିଚାର କରିବା ପାଇଁ ଜଣେ ମହତାସିବ ନିଯୁକ୍ତି ପାଇଲେ । ସାମାନ୍ୟ ତ୍ରୁଟି-ବିଚ୍ୟୁତି ପରିଲକ୍ଷିତ ହେଲେ, କଠୋର ଦଣ୍ଡର ବ୍ୟବସ୍ଥା ଥିଲା । କଟକର ପ୍ରଥମ ମହତାସିବ ଥିଲେ ସେକ୍ ଜୁନେଦ୍ ।



ଇସ୍‌ଲାମ୍ ଧର୍ମ ଅନୁଯାୟୀ ମୋକଦ୍ଦମା ବିଚାରରେ ତ୍ରୁଟି କରିବାକୁ ତାଙ୍କୁ ତଡ଼ି ଦିଆଯାଇ ଆଉ ଜଣଙ୍କୁ ପରବର୍ତ୍ତୀ ସମୟରେ ନିଯୁକ୍ତି ଦିଆ ଯାଇଥିଲା । ମନ୍ଦିର ଭାଙ୍ଗିବା, ଲୁଟିବା ଏବଂ ମନ୍ଦିରକୁ ଧ୍ୱଂସ କରି ତା' ସ୍ଥାନରେ ମସ୍‌ଜିଦ୍ ନିର୍ମାଣ କରିବା ଥିଲା ଔରଙ୍ଗଜେବ ଶାସନର ଅନ୍ୟତମ ନିୟମିତ କାର୍ଯ୍ୟ । ଏହା ଯେ କେବଳ ଆର୍ଥିକ କାରଣରୁ କରାଯାଉଥିଲା ତା' ନୁହେଁ, ହିନ୍ଦୁ ପୀଠକୁ ଧ୍ୱଂସ କରି ସମ୍ରାଟ ଔରଙ୍ଗଜେବ୍ ଏକ ପ୍ରକାର ପୈଶାଚିକ ଆନନ୍ଦ ଲାଭ କରୁଥିଲେ । ଏକଦା ଔରଙ୍ଗଜେବ୍ ଫର୍ମାନ୍ ଜାରି କରିଥିଲେ ଯେ ମେଦିନୀପୁରଠୁ ଆରମ୍ଭ କରି କଟକ ପର୍ଯ୍ୟନ୍ତ ଯେତେ ଯେତେ ନୂଆ ମନ୍ଦିର ତିଆରି ହୋଇଥିବ, ସେସବୁକୁ ଭାଙ୍ଗିଦେବା ପାଇଁ । ଫର୍ମାନ ପାଇବା ମାତ୍ରେ ମୋଗଲ ସୁବାଦାର କାମରେ ଲାଗି ଯାଇଥିଲେ ଏବଂ ଦଶବାର ବର୍ଷ ଭିତରେ ତିଆରି ହୋଇଥିବା ସବୁ ମନ୍ଦିର ମାଟିରେ ମିଶି ଯାଇଥିଲା । ମନ୍ଦିର ଭାଙ୍ଗିବାର ରିପୋର୍ଟ କାଜିଙ୍କ ଦସ୍ତଖତ ଓ ମୋହର ସହ ତୁରନ୍ତ ଦିଲ୍ଲୀ ପଠାଇବାକୁ କଡ଼ା ନିର୍ଦ୍ଦେଶ ଥିଲା । କେନ୍ଦ୍ରାପଡ଼ାରେ ତ ବଳଦେବଜୀଉ ମନ୍ଦିର ଭଙ୍ଗା ହୋଇ ତା ସ୍ଥାନରେ ରାତାରାତି ସୁଦୃଶ୍ୟ ମସ୍‌ଜିଦ୍ ନିର୍ମାଣ ହୋଇଥିଲା । ହେଲେ, ଅଦୃଷ୍ଟର କୃପାରୁ ହେଉ ବା ନିୟତିର ନିର୍ଦ୍ଦେଶରେ ହେଉ, ଶହ ଶହ ବର୍ଷର ପ୍ରାଚୀନ ମନ୍ଦିର ଓ ପୀଠ ମୋଗଲ ହାତରୁ ବର୍ତ୍ତି ଯାଇଥିଲେ । ନହେଲେ ଆଜି ଓଡ଼ିଶାରେ ଗୋଟିଏ ବି ମନ୍ଦିର ଠିଆ ହୋଇନଥାନ୍ତା; ରାଜ୍ୟ ଖାଁ ଖାଁ ମଶାଣି ଭୂଇଁରେ ପରିଣତ ହୋଇଥାନ୍ତା ।

## ସାମୁଦ୍ରିକ ବାଣିଜ୍ୟର ପେଣ୍ଠସ୍ଥଳୀ ବାଲେଶ୍ୱର

ମୋଗଲ ଶାସନ କାଳରେ ସମୁଦ୍ର ଦେଇ ବେପାର ବଣିଜ ବେଶ୍ ବଢ଼ିଥିଲା । ଓଡ଼ିଆ ବଣିକମାନେ ବଙ୍ଗୋପସାଗର ଦେଇ ଖେଦି ଯାଉଥିଲେ ଦୂର-ଅଦୂରରେ ଥିବା ଦେଶମାନଙ୍କୁ ଓଡ଼ିଶାରୁ ବିଭିନ୍ନ ସାମଗ୍ରୀ ନେଇ । ଦୁଇ ପ୍ରମୁଖ ବନ୍ଦର: ପିପିଲି ଓ ବାଲେଶ୍ୱର- ବ୍ୟତୀତ ହିଜିଳୀ, ଧାମରା, କାନିକା, ହରିଶପୁର,ଜମ୍ଭୁ, ଚିଲିକା ଆଦି ବନ୍ଦରରେ ମଧ୍ୟ କାରବାର ଚାଲୁଥିଲା । ପର୍ତ୍ତୁଗୀଜ, ଡଚ୍, ଫରାସୀ ଓ ଇଂରେଜମାନଙ୍କ ଜାହାଜ ସେ ସମୟରେ ପିପିଲି ଓ ବାଲେଶ୍ୱର ଦେଇ ଯାତାୟତ କରୁଥିବାର ପ୍ରାମାଣିକ ତଥ୍ୟ ମିଳେ । ବାଲେଶ୍ୱରରୁ ଜାହାଜଗୁଡ଼ିକ ମାନ୍ଦ୍ରାଜ, ସିଂହଳ, ସୁରଟ, ମସ୍‌ଲିପଟ୍ଟନମ୍, ମାଲକା ପର୍ଯ୍ୟନ୍ତ ଯାଉଥିଲା । ଓଡ଼ିଶାରେ ବନ୍ଦରମାନଙ୍କରୁ ଲୁଣ, ଚାଉଳ, ଲଙ୍କା, ଚିନି, ଲୁଗାପଟା ଆଦି ପର୍ଯ୍ୟାପ୍ତ ପରିମାଣରେ ବିଭିନ୍ନ ଦେଶକୁ ରପ୍ତାନି ହେଉଥିଲା ।



ବାଲେଶ୍ୱର ଥିଲା ଜାହାଜ ନିର୍ମାଣର ପ୍ରଧାନ କେନ୍ଦ୍ର । ମୋଗଲ ସମ୍ରାଟ୍‌ମାନଙ୍କ ଯୁଦ୍ଧ ଜାହାଜ ସବୁ ବାଲେଶ୍ୱରରେ ହିଁ ତିଆରି ହେଉଥିଲା । ସେଥିପାଇଁ ସେଠାରେ ଜାହାଜ-ମିସ୍ତ୍ରୀ ଓ କମାରମାନଙ୍କୁ ନେଇ ମୋଗଲ ସୁବାଦାର ସ୍ୱତନ୍ତ୍ର ବସତି ସ୍ଥାପନ କରିଥିଲେ । ସେ ଅଂଚଳର ଅନେକ ଲୋକଙ୍କର ଜୀବିକା ଥିଲା ଜାହାଜ ତିଆରି କରିବା । ଏଥିରୁ ଭଲ ଦି'ପଇସା ରୋଜଗାର ମଧ୍ୟ ହେଉଥିଲା । ଫକୀରମୋହନ ସେନାପତି ତାଙ୍କ ଆତ୍ମଚରିତରେ ବାଲେଶ୍ୱରରେ ଜାହାଜ ବ୍ୟବସାୟ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ଜାହାଜ ବ୍ୟବସାୟ ଯୋଗୁଁ ବନ୍ଦର ନିକଟବର୍ତ୍ତୀ ଉପକୂଳ ଅଂଚଳର ଲୋକଙ୍କ ଆର୍ଥିକ ଅବସ୍ଥା ବେଶ୍ ସ୍ୱଚ୍ଛଳ ଥିଲା ।



## ସାହିତ୍ୟର ଶ୍ରୀବୃଦ୍ଧି

ଆଶ୍ଚର୍ଯ୍ୟଜନକ ଭାବରେ ମୋଗଲ ସମୟରେ ହିଁ ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ଘଟିଥିଲା । ଗାଁ ଗଣ୍ଡାରେ ସଂସ୍କୃତ ଟୋଲ୍‌ମାନ ଥିଲା, ଯେଉଁଠି ପଣ୍ଡିତମାନେ ଶାସ୍ତ୍ର ଚର୍ଚ୍ଚା କରୁଥିଲେ । ଭାଗବତ ଟୁଙ୍ଗିମାନ ମଧ୍ୟ ଥିଲା । ଜଗନ୍ନାଥ ଦାସଙ୍କ ଭାଗବତ ହିଁ ଯାବତୀୟ ପ୍ରତିକୂଳତା ଭିତରେ ଭାବଗତ ଐକ୍ୟ ବଜାୟ ରଖିବା ଦିଗରେ ପ୍ରଧାନ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରୁଥିଲା । ଏହି ଯୁଗରେ ଦୀନକୃଷ୍ଣ, ଉପେନ୍ଦ୍ର ଭଂଜ, କବି ସୂର୍ଯ୍ୟ, ବିଶ୍ୱନାଥ ଖୁଣ୍ଟିଆଙ୍କ ଭଳି କବିମାନେ କେବଳ ନିଜର ଉତ୍କର୍ଷ ପ୍ରତିପାଦିତ କରିଥିଲେ ତା' ନୁହେଁ, ଓଡ଼ିଆ ସାହିତ୍ୟକୁ ବହୁ ଭାବରେ ପରିପୁଷ୍ଟ ଓ ମଣ୍ଡିତ କରିଥିଲେ । ସେ ସମୟରେ ଶିକ୍ଷା ଶାସନ କଳର ନିୟନ୍ତ୍ରଣରେ ନଥିଲା । ରାଜା ଜମିଦାରମାନେ ନିଜ ପ୍ରଚେଷ୍ଟାରେ ଗାଁଗଣ୍ଡାରେ ସ୍କୁଲ୍ ବସାଉଥିଲେ । ମୁସଲ୍‌ମାନ୍ ବସତିମାନଙ୍କର ମକତବ ଥିଲା ।

ସବୁ ଝଡ଼ଝଞ୍ଜା ଭିତରେ ଓଡ଼ିଆ ଜାତି ବଂଚିଥିଲା । ଧର୍ମ-ଧାରଣା ଉପରେ ଯେତେ ଆକ୍ରମଣ ହେଲେ ମଧ୍ୟ ଜଗନ୍ନାଥ ଚଉବାହା ମେଲେଇ ଓଡ଼ିଆଙ୍କୁ ଘଷ୍ଟ ଘୋଡ଼େଇ ରଖିଥିଲେ । ସାମାଜିକ ସ୍ତରରେ ଧାର୍ମିକ ବିଦ୍ୱେଷ ଏତେ ଉତ୍କଟ ନଥିଲା । ବରଂ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସଂପ୍ରୀତି ଓ ସଦ୍‌ଭାବନା ସହ ସହାବସ୍ଥାନ ଦେଖିବାକୁ ମିଳୁଥିଲା । କଦମ ରସୁଲ ଓ କାଇପଦରକୁ ଯେତିକି ମୁସ୍‌ଲିମ୍ ଯାଉଥିଲେ, ସେତିକି ମଧ୍ୟ ହିନ୍ଦୁ ଯାଉଥିଲେ । ଲୋକଙ୍କ ହୃଦୟରେ ବିଷ ଚରିନଥିଲା । ଧର୍ମକୁ ନେଇ ହିଡ଼ ପଡ଼ିନଥିଲା କି ବାଡ଼ ଉଠି ନଥିଲା । ଭାଗବତ ରଜ୍ଜୁ ଢିଲା ପଡ଼ିନଥିଲା । ଶ୍ରୀମନ୍ଦିର ନୀଳଚକ୍ରରେ ନେତ ଉଡ଼ୁଥିବା ଯାଏଁ ଲୋକେ ନିଶ୍ଚିନ୍ତ ଥିଲେ । କଟକ ଗାଦିରେ କିଏ ବସିଛି, ସେଥିନେଇ ତାଙ୍କର କିଛି ଯା-ଆସ ନଥିଲା । ଖାଲି ଯାହା ମୋଗଲ ଖଜଣା ତାଙ୍କ ଅଣ୍ଟା ଭାଙ୍ଗି ଦେଉନଥିଲା । ଏସବୁ ଭିତରେ ମୋଗଲ ଶାସନର ଦିନକାଳ ସରିସରି ଆସୁଥିଲା ।

# ହସଖୁସିର ପରିବାର - ୨୪

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

**ସମସ୍ୟା: ୧**

ମୋର ସ୍ୱାମୀ ଗୋଟିଏ ସରକାରୀ ଅନୁଷ୍ଠାନରେ ଭଲ ଚାକିରି କରୁଥିଲେ । ଆଠବର୍ଷ ତଳୁ ଅବସର ନେଇ ସାରିଲେଣି । ଆମେ ଏବେ ଭୁବନେଶ୍ୱରରେ ନିଜ ଘରେ ରହୁଛୁ । ଆମର ପୁଅଝିଅ ଦୁଇ ଜଣଯାକ ଉଚ୍ଚ ଶିକ୍ଷିତ ତଥା ବାହାହେଇ ସାରିଲେଣି । ଝିଅଜ୍ୱାଇଁ ଆମେରିକାରେ ଓ ପୁଅବୋହୂ ବାଙ୍ଗାଲୋରରେ ଅଛନ୍ତି । ସେମାନେ ବେଳେବେଳେ ଘରକୁ ଆସନ୍ତି । କିନ୍ତୁ ମୋର ଦୁଃଖ ଯେ ମୋର ସ୍ୱାମୀଙ୍କର ଅତ୍ୟଧିକ ମଧୁମେହ ରୋଗ । ତାହା ସହିତ ସେ ବହୁତ ଅଳସୁଆ । ତେଣୁ ତାଙ୍କର ଅତ୍ୟଧିକ ମେଦ ବୃଦ୍ଧି ଘଟି ସେ ଆଉ ନିଜେ ବିଛଣାରୁ ଉଠିବାକୁ ସକ୍ଷମ ନୁହଁନ୍ତି । ଫଳରେ ମୋତେ ହିଁ ତାଙ୍କୁ ସେହି ବିଛଣା ଉପରେ ଖାଇବାକୁ ଦେବାକୁ ହେଉଛି । ଯେତେ ଯାହା କହିଲେ ମଧ ସେ କୌଣସି ଯୋଗ, ଆସନ ଅବା ପ୍ରାଣାୟାମ କିଛି କରୁନାହାନ୍ତି । ସବୁବେଳେ ଯେପରି କିଛି କଥାରେ ଚିଁତ ରହି ଶୋଇ ରହୁଛନ୍ତି, କଥା କଥାରେ ମୋ ଉପରେ ବିରକ୍ତ ହେଉଛନ୍ତି । ଯେତେବେଳେ ନିଦରୁ ଉଠୁଛନ୍ତି ବାରମ୍ବାର ଚାହା ବରାଦ କରୁଛନ୍ତି ତଥା ବିଭିନ୍ନ ପ୍ରକାର ପାଟି ସୁଆଦିଆ ଖାଦ୍ୟ ବରାଦ କରୁଛନ୍ତି । ଯାହା ମୋତେ ହିଁ ତିଆରି କରିବାକୁ ହେଉଛି । ମୋର



▼ତାପସ ଦାଶଙ୍କ ହସଖୁସିର ପରିବାର



## ଡକ୍ଟର ହରପ୍ରସନ୍ନ ଦାସ

ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ମଧ ଦିନକୁ ଦିନ ବୟସ ବଢୁଛି । ମୋତେ ସାରାଦିନ କାମ କରି ଦୁର୍ବଳ ଲାଗୁଛି । ମୁଁ ଚାହୁଁଛି ପିଲାମାନଙ୍କ ପାଖକୁ ମଝିରେ ମଝିରେ ଯିବା ପାଇଁ । ହେଲେ ତାଙ୍କୁ ମନଖୋଲି କହି ପାରୁନି । ସେ ମଧ ମୋର ଯନ୍ତ୍ରଣାକୁ ବୁଝୁନାହାନ୍ତି। ବରଂ ମୋତେ ଦିନରାତି ଗାଳି କରିବା, ଝଗଡା କରିବା ଏପରିକି ବାଡେଇବାକୁ ମଧ ହାତ ଉଠାଉଛନ୍ତି । ଏହି ବୟସରେ ତାଙ୍କୁ କିପରି ସମ୍ଭାଳିବି ତଥା ଏହି ପରିସ୍ଥିତିକୁ କେମିତି ମୁକାବିଲା କରିବି ବାଟ ବତାନ୍ତୁ ।

**ସୁଭାଷିନୀ ମିଶ୍ର, ଭୁବନେଶ୍ୱର**

**ସମାଧାନର ସୂତ୍ର:**

ଆପଣଙ୍କ ପ୍ରଶ୍ନର ଉତ୍ତର ଆପଣ ନିଜେ ହିଁ କାର୍ଯ୍ୟରେ କରି ଦେଖାଇ ସାରିଛନ୍ତି । ଏଭଳି ପରିସ୍ଥିତିରେ ଆପଣଙ୍କର ମାନସିକ ତଥା ଶାରୀରିକ ଅବସ୍ଥା ନିଶ୍ଚିତ ରୂପରେ ଯନ୍ତ୍ରଣାଦାୟକ ହେଉଥିବ ଏହା ବେଶ୍ ଅନୁମାନ କରି ହେଉଛି । ସ୍ୱାମୀଙ୍କର ଅସହଯୋଗ ତଥା ପ୍ରତିକ୍ରିୟାଶୀଳ ବ୍ୟବହାର ସତ୍ତ୍ୱେ ଆପଣ ତାଙ୍କର ସେବା କରିବାରେ କିଛି ଅବହେଳା କରିନାହାନ୍ତି । ଏହା ଆପଣଙ୍କର ମଣିଷପଣିଆ । ଏଥିପାଇଁ ଆପଣ ପ୍ରଭୁଙ୍କର କୃପା ଲାଭ କରୁଛନ୍ତି । ଜୀବନସାଥୀ ହିସାବରେ ଆପଣ ସ୍ୱାମୀଙ୍କର ଯେଉଁ ସେବା କରୁଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ । ତାଙ୍କର ବ୍ୟବହାର ବେଳେବେଳେ ଅତି କଷ୍ଟଦାୟକ ହେଉଥିବାରୁ ଆପଣ ବ୍ୟତିବ୍ୟସ୍ତ ହେଇ ପଡୁଛନ୍ତି । ଏହା ସ୍ୱାଭାବିକ । ଆପଣଙ୍କୁ କାମରେ ସାହାଯ୍ୟ କରିବା ପାଇଁ ଜଣେ ବିଶ୍ୱସ୍ତ ସହାୟିକାକୁ କାମରେ ଲଗାନ୍ତୁ । ପ୍ରତ୍ୟେକ ଦିନ ପିଲାମାନଙ୍କ ସହିତ କଥା ହେଇ ନିଜ ମନକୁ ହାଲୁକା କରନ୍ତୁ ବିଶେଷକରି ନାତିନାତୁଣୀମାନଙ୍କ ସହିତ । କିନ୍ତୁ ଭୁଲ୍‌ରେ ବି ଆପଣଙ୍କ ସ୍ୱାମୀଙ୍କର ଆପଣଙ୍କ ପ୍ରତି ବ୍ୟବହାର ସଂପର୍କରେ କିଛି କାହାକୁ କହିବେ ନାହିଁ । ସ୍ୱାମୀ ଯେତେ ବିରକ୍ତ ହେଲେ ବି ସବୁବେଳେ ଆପଣ ତାଙ୍କ ସହିତ ହସି ହସି କଥା ହୁଅନ୍ତୁ । ତେବେ ତାଙ୍କର ରାଗ ନିଶ୍ଚିତ ଭାବରେ କମିବ । ସ୍ୱାମୀଙ୍କର ଦେହର ଅବସ୍ଥା ଦେଖି ଆପଣ କିଛି ଦିନ ପାଇଁ ପୁଅ ପାଖକୁ ବାଙ୍ଗାଲୋର ଯିବାର ଯୋଜନା ମଧ କରିପାରନ୍ତି । ପ୍ରଭୁଙ୍କ ପାଖରେ ନିଜକୁ ସମର୍ପଣ କରି ନିଜ ମନକୁ ଆଧାତ୍ମିକ ଦିଗକୁ ନିଅନ୍ତୁ । ତେବେ ସ୍ୱାମୀଙ୍କର କୌଣସି କଥା ଆପଣଙ୍କୁ କଷ୍ଟ ଦେବନାହିଁ । ଆପଣଙ୍କର ଘରେ ଯାହା ଘଟୁଛି ତାହା ହିଁ ନିରାଟ ସତ୍ୟ । ଏହାର ମୁକାବିଲା ଆପଣ ହିଁ ଏକା କରିବେ । ମନକୁ ହାଲକା କରିବା ପାଇଁ ପ୍ରତ୍ୟେକ ଦିନ ଜଣେ ଦୁଇ ଜଣ ଅନ୍ତରଙ୍ଗ ସାଙ୍ଗଙ୍କ ସହିତ ମଧ ଭଲ ଭଲ କଥା ଆଲୋଚନା କରନ୍ତୁ । ଏହାକୁ ଆପଣଙ୍କର ଦୁଃଖ ବୋଲି ଭାବନ୍ତୁ ନାହିଁ ତଥା ଏ ବିଷୟରେ ଆଉ କାହାକୁ କିଛି କୁହନ୍ତୁ ନାହିଁ । ଦେଖିବେ ଧୀରେ ଧୀରେ ସବୁ କିଛି ଠିକ୍ ହେଇଯିବ ।

**ସମସ୍ୟା: ୨**

ମୁଁ ଜଣେ ବିବାହିତା ମହିଳା । ବାହାଘରର ପାଂଚବର୍ଷ ପରେ ମୋ ସ୍ୱାମୀଙ୍କର ଦେହାନ୍ତ ହୋଇଗଲା । ସେତେବେଳକୁ ମୋ ପୁଅକୁ ତିନି ବର୍ଷ ହୋଇଥିଲା । ଏବେ ପୁଅକୁ ଆଠ ବର୍ଷ ବୟସ । ମୁଁ ଏକ ପ୍ରାଇଭେଟ୍ କମ୍ପାନୀରେ କାମ କରୁଛି । ପୁଅ ସ୍କୁଲ୍ ଯାଉଛି । ମୁଁ ଶାଶୁ ଶ୍ୱଶୁରଙ୍କ ପାଖରେ ରହୁଛି । ମୋର ଦେଢଶୁର ଓ ଯାଆ ଏହି ସହରରେ ଅନ୍ୟ ଯାଗାରେ ରହୁଛନ୍ତି । ଯେତେ ଦୁଃଖକଷ୍ଟ ହେଉ ପଛେ ଭଗବାନଙ୍କ ଆଶୀର୍ବାଦରୁ ମୁଁ ମୋର ସଂସାର ଠିକ୍ ବାଟରେ ଚଳାଇ ନେଉଛି । ଶାଶୁଶ୍ୱଶୁର ମୋର ବହୁତ ଭଲ ଲୋକ । କିନ୍ତୁ ଏବେ ଦେଢଶୁର ଓ ଯାଆ ଦୁଇଜଣଯାକ ସମ୍ପତ୍ତି ଲୋଭରେ ଆସି ମୋ ବିରୁଦ୍ଧରେ ଶାଶୁ ଶ୍ୱଶୁରଙ୍କୁ ଏଣୁତେଣୁ କଥା କହୁଛନ୍ତି । ଏପରିକି ସେମାନେ ମୋର ଚରିତ୍ରକୁ ନେଇ ମଧ ଅନେକ କଥା କହୁଛନ୍ତି । ଏସବୁ ଶୁଣି ମୋର ମନ ବହୁତ ଦୁଃଖ ହେଉଛି । ମୁଁ ମାନସିକ ଯନ୍ତ୍ରଣାରେ ଭାଙ୍ଗି ପଡୁଛି । ମୋ ଯାଆ ଦେଢ଼ଶୁରଙ୍କର ଉଦ୍ଦେଶ୍ୟ ହେଲା ମୋ ପ୍ରତି ଶାଶୁଶ୍ୱଶୁରଙ୍କ ମନକୁ ବିଷାକ୍ତ କରି ମତେ ସେ ଘରୁ ବାହାର କରିଦେବେ । ଫଳରେ ସବୁ ସମ୍ପତି ସେମାନେ ନେଇ ଯିବାର ସୁଯୋଗ ପାଇବେ । ଏବେ ଭାବୁଛି ମୋ ପୁଅକୁ ନେଇ ବାପଘରକୁ ପଳାଇବି । କିନ୍ତୁ ସେଠାରେ ମଧ୍ୟ ମୁଁ ତାଙ୍କ ଉପରେ ବୋଝ ହେବାକୁ ଚାହୁଁନି । କଣ କରିବି ଜାଣିପାରୁ ନାହିଁ । ଆପଣଙ୍କର ପରାମର୍ଶ ଦରକାର ।

**ଗାୟତ୍ରୀ ମହାନ୍ତି, ଭୋଗରାଇ**

**ସମାଧାନର ସୂତ୍ର**

ପ୍ରଥମ କଥା ହେଲା ଯେ, ଏହାକୁ ଏକ ସମସ୍ୟା ବୋଲି ଭାବନ୍ତୁ ନାହିଁ । ଜୀବନରେ ଅନେକ ଘଟଣା ଭିତରୁ ଏହା ମଧ ଏକ ଘଟଣା । ସ୍ୱାମୀଙ୍କୁ ହରାଇ ଜୀବନରେ ଆପଣ ଗୋଟିଏ ଧକ୍କା ଖାଇ ସାରିଛନ୍ତ । ସେଭଳି ଦୁଃଖକୁ ମନରେ ଚାପି ରଖି ଆପଣ ନିଜେ ଚାକିରି କରି ନିଜକୁ ରୋଜଗାରକ୍ଷମ କରି ପାରିଛନ୍ତି । ନିଜ ପୁଅକୁ ପାଠ ପଢାଇ ମଣିଷ କରିବାର ଲକ୍ଷ୍ୟ ତ ନିଶ୍ଚିତ ଥିବ । ଶାଶୁ ଶ୍ୱଶୁରଙ୍କର ଦାୟିତ୍ୱ ବି ଆପଣ ନେଉଛନ୍ତି । ଏଣୁ ଆପଣଙ୍କ ବିଷୟରେ କିଏ କଣ କହିଲା ସେଥିପ୍ରତି ଆଦୌ କାନ ଦିଅନ୍ତୁ ନାହିଁ । କାରଣ ଆପଣ ସେସବୁ କଥା ନିଜେ ଶୁଣି ନାହାନ୍ତି ଅବା ଦେଖି ନାହାନ୍ତି ଅବା ସେମାନେ ଆପଣଙ୍କୁ ସିଧାସଳଖ ସେସବୁ କଥା କହିନାହାନ୍ତି । ଅନ୍ୟମାନଙ୍କ ପାଖରୁ ଶୁଣି ନିଜ ମନକୁ ବିଷାକ୍ତ କଲେ କେବଳ ନିଜେ ହିଁ ଯନ୍ତ୍ରଣା ପାଇବେ । ଏବଂ ଅନ୍ୟମାନେ ମଧ ଆପଣଙ୍କର ଏହିପରି ଦୁର୍ବଳ ମନର ଫାଇଦା ଉଠାଇବେ । ଏଣୁ ଆପଣ ନିଜ ମନ ଭିତରେ କୌଣସି ଭୟ ଅବା ଆଶଙ୍କା ନରଖି ନିଜର କର୍ତବ୍ୟ କରି ଚାଲନ୍ତୁ । ବିଶେଷତଃ ତିନୋଟି କାମ ଉପରେ ନିଜର ଧ୍ୟାନ ରଖନ୍ତୁ । ପ୍ରଥମଟି ହେଲା, କର୍ମ କ୍ଷେତ୍ରରେ ନିଷ୍ଠାର ସହିତ କାମ କରିବେ ଯେପରିକି ଅଫିସ୍‌ରେ ସମସ୍ତେ ଆପଣଙ୍କ ଉପରେ ଖୁସି ରହିବେ ଓ ସହଯୋଗ କରିବେ । ଆପଣଙ୍କର କର୍ମକ୍ଷେତ୍ର ହିଁ ରୋଜଗାରର ଏକମାତ୍ର ମାଧ୍ୟମ । ଦ୍ୱିତୀୟଟି ହେଲା, ପୁଅର ପାଠ ପଢା ସହିତ ତାର ଉପଯୁକ୍ତ ଲାଳନ ପାଳନ ପ୍ରତି ସଜାଗ ରହିବେ । ତୃତୀୟଟି



ଶୁଭଶ୍ରୀ ମହାରଣାଙ୍କ ହସଖୁସିର ପରିବାର

ହେଲା, ଯାହା ବି ହେଉ ଶାଶୁ ଶ୍ୱଶୁରଙ୍କ ପ୍ରତି ଭଲ ବ୍ୟବହାର କରି ଘରେ ଏକ ଶାନ୍ତିଶୃଙ୍ଖଳାର ବାତାବରଣଟିଏ ସୃଷ୍ଟି କରିବେ । ଆପଣ ନିଜ ସ୍ୱାମୀଙ୍କୁ ହରାଇଛନ୍ତି କିନ୍ତୁ ମନେ ରଖନ୍ତୁ ସେମାନେ ବି ନିଜର ପୁଅକୁ ହରାଇଛନ୍ତି । ଆପଣଙ୍କ ଅପେକ୍ଷା ସେମାନଙ୍କର ଦୁଃଖ ବେଶୀ, ଏଣୁ କେବେ ଯଦି ସେମାନଙ୍କର କଥା ଆପଣଙ୍କ ମନକୁ କଷ୍ଟ ଦିଏ, ସେଥିପାଇଁ ସେମାନଙ୍କୁ କ୍ଷମା କରିଦେଇ ନିଜ ବାପାମାଆ ପରି ଭକ୍ତି କରିବେ । ଆପଣଙ୍କର ପରିସ୍ଥିତିରେ ଯିଏ ବି ଥାଉ ନା କାହିଁକି ଲୋକମାନେ ତାଙ୍କ ବିରୁଦ୍ଧରେ ନିଶ୍ଚୟ ଚକ୍ରାନ୍ତ କରିବେ । ଏହା ଆମ ସମାଜରେ ଏକ ନିହାତି ସାଧାରଣ କଥା । କିଏ କଣ କହିଲା ସେଥିରେ ବିଚଳିତ ନହୋଇ ଆପଣ ନିଜର ଦାୟୀତ୍ୱ ତୁଲାଇ ଚାଲନ୍ତୁ । ସେଥିପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିଦେଲେ ହିଁ ଅନ୍ୟ କଥା ଭାବିବା ପାଇଁ ସମୟ ମିଳିବ ନାହିଁ । ସମୟାନୁସାରେ ସବୁ କିଛି ଠିକ୍ ହେଇଯିବ । ଭଗବାନଙ୍କ ଉପରେ ଭରସା ରଖି କର୍ମ କରି ଚାଲନ୍ତୁ । ଅଯଥା କଥାରେ ମୁଣ୍ଡ ଖରାପ କରନ୍ତୁ ନାହିଁ ।

**ସମସ୍ୟା: ୩**

ମୁଁ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ମୁଁ ଓ ମୋ ସ୍ତ୍ରୀ ଝାରସୁଗୁଡ଼ାରେ ନିଜ ଘରେ ରହୁଛୁ । ମୋର ଦୁଇଝିଅ ଓ ଗୋଟିଏ ପୁଅ । ମୋର ବଡଝିଅକୁ ୩୭ ବର୍ଷ ବୟସ । ସେ ଏଠାରେ ଗୋଟିଏ ବେସରକାରୀ କଲେଜରେ ଅଧ୍ୟାପିକା ଅଛି । ଆମ ମନପସନ୍ଦର ଯୋଗ୍ୟ ବରପାତ୍ରଟିଏ ଖୋଜି ନ ପାଇବାରୁ ମୁଁ ଆଜିଯାଏଁ ତାର ବାହାଘର କରି ପାରିଲିନି । ଦ୍ୱିତୀୟ ଝିଅ ରିଜର୍ଭ ବ୍ୟାଙ୍କରେ ଅଛି । ସେ ଦେଖିବାକୁ ବହୁତ ସୁନ୍ଦର ତଥା ଭଲ ପାଠ ପଢିଛି । ତେଣୁ ତାର ବାହାଘର ପାଇଁ ବହୁତ ଶୀଘ୍ର ବରପାତ୍ରଟିଏ ମିଳିଯିବାରୁ ବଡଝିଅର ଅନୁମତି ନେଇ ମୁଁ ତାର ବାହାଘର କରିଦେଲି । ଗୋଟିଏ ଝିଅର ବାହାଘର କରି ମୋତେ ଲାଗିଲା ସତେ ଯେପରି ମୋର ମୁଣ୍ଡରୁ ବୋଝ ଟିକିଏ ହାଲକା ହେଇଗଲା । ପୁଅ ମୋର ହାଇଦ୍ରାବାଦରେ ବେସରକାରୀ କଂପାନିରେ ଚାକିରି କରୁଛି । ହେଲେ ତାର ଦରମା ସେତେ ଭଲନୁହେଁ । ସେ ଘରକୁ କିଛି ଟଙ୍କା ଦେଇପାରେ ନାହିଁ । ଯେତିକି ଆୟ କରେ ନିଜେ ସେଥିରେ ଚଳିଯାଏ । ତାର ବାହାଘର ପାଇଁ ମନଲାଖି ପାତ୍ରୀଟିଏ ମିଳୁନାହିଁ । ଏବେ ତାର ବୟସ ୩୩ବର୍ଷ ହେଲାଣି । ମୋର ସବୁବେଳେ ସେହି ପୁଅଝିଅ ଦୁଇଜଣଙ୍କ ଚିନ୍ତା ମନକୁ ଘାରୁଛି ଯେ କିପରି ସେମାନଙ୍କର ବାହାଘର କରିବି । ଏପଟେ ମୋର ମଧ୍ୟ ଦିନକୁ ଦିନ ବୟସ ବଢି ଚାଲୁଛି । ବଡଝିଅ ଏବେ ଆଉ ଘରେ ନ ରହି ତା କଲେଜର ହଷ୍ଟେଲରେ ରହିବ ବୋଲି କହୁଛି । ଯାହା ମୋତେ ଆଦୌ ଭଲ ଲାଗୁନି । ମୁଁ ବଡ ଦ୍ୱନ୍ଦ୍ୱରେ ରହିଛି କଣ କରିବି ଜାଣି ପାରୁନି ।

**▶ନିତ୍ୟାନନ୍ଦ ସାହୁ,** ଝାରସୁଗୁଡ଼ା

**ସମାଧାନର ସୂତ୍ର**

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣା ପଡୁଛି ଯେ ଆପଣ ଅତି ମାତ୍ରାରେ ଚିନ୍ତାଗ୍ରସ୍ତ ହେଇ ପଡିଛନ୍ତି । ଯାହାକି ଆଦୌ ସ୍ୱାଗତଯୋଗ୍ୟ ନୁହେଁ । କାରଣ ଆପଣଙ୍କ ଘରର ପରିସ୍ଥିତି ଆଦୌ ଖରାପ ନୁହେଁ କିମ୍ବା ଶୋଚନୀୟ ନୁହେଁ । ଆପଣଙ୍କର ପିଲାମାନେ ପାଠ ପଢି ଚାକିରି କରିଛନ୍ତି । ଗୋଟିଏ ଝିଅର ବାହାଘର ହେଇ ସାରିଛି । ଅନେକ ପରିବାରରେ ପିଲାମାନେ ପାଠ ପଢି ବି ଚାକିରି ପାଇ ପାରୁନାହାନ୍ତି । ଅବିବାହିତା ଝିଅ ଘରେ ବସି ରହିଛନ୍ତି । ଏଣୁ ସେ ତୁଳନାରେ ଆପଣଙ୍କର ପରିବାରର ଅବସ୍ଥା ବେଶ ଭଲ । ଆପଣ ପିଲାମାନଙ୍କୁ ଜନ୍ମ ଦେଇଛନ୍ତି କିନ୍ତୁ ଭାଗ୍ୟ ଦେଇ ନାହାନ୍ତି । ପୁଅଝିଅଙ୍କର ବାହାଘର କେବେ ହେବ ତାହା ଆମ ହାତରେ ନାହିଁ । କଥାରେ ଅଛି ବିଭାଘର ପୂର୍ବରୁ ନିର୍ଦ୍ଧାରିତ ହେଇଥାଏ । ଏଥିପାଇଁ ନିଜ ଭାଗ୍ୟକୁ ନିନ୍ଦା କରିବା ଅବା ଚିନ୍ତା କରିବା ଠିକ୍ ନୁହେଁ । ଆପଣ ଚେଷ୍ଟା କରି ଚାଲନ୍ତୁ । ଯାହା ଯେତେବେଳେ ହେବାର ଥିବ ହେବ । ସବୁ ଘଟଣା ଘଟିବାର ଏକ ନିର୍ଦ୍ଦିଷ୍ଟ ସମୟ ଅଛି । ଆମେ ଅଯଥାରେ ବ୍ୟସ୍ତ ହେବା ଆମର ମୂର୍ଖାମୀ । ତାହାଦ୍ୱାରା ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ଆପଣ ନିଜେ ଯନ୍ତ୍ରଣା ପାଇବା ସହିତ ପରିବାରର ଅନ୍ୟମାନଙ୍କୁ ମଧ୍ୟ ଯନ୍ତ୍ରଣା ଦେବେ । ଏଣୁ ଆପଣ ସକାରାତ୍ମକ ମନୋଭାବ ରଖି ସବୁବେଳେ ପିଲାମାନଙ୍କ ସହିତ ହସଖୁସିରେ କଥା ହୁଅନ୍ତୁ । ନିଜେ ଶୁଦ୍ଧ ଭାବନା ରଖିବା ସହିତ ପିଲାମାନଙ୍କୁ ମଧ୍ୟ ଶୁଦ୍ଧ ଭାବନାରେ ପ୍ରେରିତ କରନ୍ତୁ । ଆପଣ ଘରର ମୂରବୀ । ଏଣୁ କୌଣସି ପରିସ୍ଥିତିରେ ମଧ୍ୟ ବିଷାଦଗ୍ରସ୍ତ ହୁଅନ୍ତୁ ନାହିଁ । ଯାହା ହେଉଛି ତାହା ପ୍ରଭୁଙ୍କର ଇଚ୍ଛା ବୋଲି ଭାବି ଖୁସିରେ ଦିନ କାଟନ୍ତୁ । ଝିଅମାନେ କେବେ ବି ପରିବାରର ବୋଝ ନୁହନ୍ତି । ବାହାଘର ନ ହେଲେ ଯେ ଜୀବନଟା ଅସାର ତାହା ଭାବନ୍ତୁ ମନରେ ଭାବନ୍ତୁ ନାହିଁ । ସଫଳତାର ଶୀର୍ଷରେ ପହଂଚି ଥିବା ଅନେକ ମହିଳା ଯେ ସାରା ଜୀବନ ଅବିବାହିତ ରହିଛନ୍ତି ତାହାର ଅନେକ ଉଦାହରଣ ରହିଛି । ତେଣୁ ସେପରି ନକାରାତ୍ମକ ଭାବନା ମନରୁ କାଢି ଦିଅନ୍ତୁ ଦେଖିବେ ନିଶ୍ଚୟ ଆପଣଙ୍କର ପରିବାରରେ ହସଖୁସି ଲାଗି ରହିବ ।



▶ସସ୍ମିତା ସାହୁଙ୍କ ହସଖୁସିର ପରିବାର

# ବ୍ଲାକ୍ ଡ୍ରେସ୍ ପରିଧାନ



# ଲିଟଲ୍ ବ୍ଲାକ୍ ଡ୍ରେସ୍




**ସ୍ୱାଗତିକା ସେଠୀ**

କେଶରୀ ଏନ୍‌କ୍ଲେଭ୍, ଏ-୧୦୫
ୟୁନିଟ-୮, ନୂଆପଲ୍ଲୀ, ଭୁବନେଶ୍ୱର-୧୨
ଫୋନ୍:୯୪୩୭୮୧୫୫୪୦


ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍ କାର୍ଲ ଲାଗରଫେଲ୍ଡଙ୍କ ମତରେ, 'ୱାନ୍ ଇଜ୍ ନେଭର୍ ଓଭର୍ ଅର୍ ଅଣ୍ଡର୍ ଡ୍ରେସ୍ ୱିଥ୍ ଏ ଲିଟଲ୍ ବ୍ଲାକ୍ ଡ୍ରେସ୍ ।' କଳା ପୋଷାକରେ କେହି କେବେ ଅତ୍ୟଧିକ କିମ୍ବା ସର୍ବନିମ୍ନ ଆଭୂଷିତ ହେଲା ପରି ଲାଗନ୍ତି ନାହିଁ । ଏହି ଉକ୍ତିରୁ କଳା ପୋଷାକର ମହତ୍ୱ ବୁଝା ପଡୁଛି । ଏଠାରେ ଲିଟଲ୍ ଶବ୍ଦ ସଂକ୍ଷିପ୍ତ ପାଇଁ ବ୍ୟବହାର କରାଯାଇ ନାହିଁ । ବରଂ ଏହା ସ୍ନେହପୂର୍ଣ୍ଣ ଭାବର ଏକ ବିଶେଷଣ ରୂପେ ବ୍ୟବହାର କରା ଯାଇଛି ।

ଆଜିକା ଦିନରେ ସାରା ବିଶ୍ୱରେ କଳା ପୋଷାକର ଖୁବ୍ ଚାହିଦା । କିନ୍ତୁ କଳା ରଙ୍ଗର ପୋଷାକ ପ୍ରତି ଏପରି ଅହେତୁକ ଆଗ୍ରହ ବିଶ୍ୱରେ ପୂର୍ବେ ନଥିଲା । ଏବେ ମଧ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ କଳା ରଙ୍ଗକୁ ଶୋକର ପ୍ରତୀକ ରୂପେ ନିଆ ଯାଉଛି । ପୂର୍ବେ ସ୍ୱାମୀଙ୍କୁ ହରାଇବା ପରେ ସ୍ତ୍ରୀମାନେ ଚାରି ବର୍ଷ ପର୍ଯ୍ୟନ୍ତ କଳା ପିନ୍ଧି ସେମାନଙ୍କ ଶୋକ ପ୍ରକଟ କରୁଥିଲେ । ଡଚ୍ ଓ ସ୍ପେନୀୟ ଧନିକମାନେ କଳା ପୋଷାକ ବ୍ୟବହାର କରୁଥିଲେ । କାରଣ ସେତେବେଳେ ଓକ୍ ଆପ୍ଲରୁ କଳା ରଙ୍ଗ ପ୍ରସ୍ତୁତ କରିବା ବ୍ୟୟବହୁଳ ଥିଲା । କଳା ରଙ୍ଗକୁ କିଛି କାବ୍ୟିକ ବୋଲି ମଧ୍ୟ ଧରି ନେଇଥିଲେ । ସେଇଥି ପାଇଁ ଶେଲୀ, କିଟ୍ସଙ୍କ ପରି କବିମାନେ ବିଶେଷ ଭାବରେ କଳାରଙ୍ଗର ପୋଷାକ ପିନ୍ଧୁଥିଲେ ।

ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏଥିରେ ଆଖିଦୃଶିଆ ପରିବର୍ତ୍ତନ ଆସିଲା । ଫ୍ୟାଶନ୍ ଡିଜାଇନର୍ ଗ୍ୟାବ୍ରିଏଲ୍ କୋକୋ ଶନେଲ୍ ୧୯୬୦ ମସିହାରେ ପ୍ରଥମ ଥର ପାଇଁ ଭଗ୍ ଫ୍ୟାଶନ୍ ପତ୍ରିକାର ପ୍ରଚ୍ଛଦ ପାଇଁ ଏକ ସରଳ, ସଂକ୍ଷିପ୍ତ (ଆଣ୍ଠୁ ପର୍ଯ୍ୟନ୍ତ)କଳା ପୋଷାକ ଡିଜାଇନ୍ କରିଥିଲେ । ଏହା ତାଙ୍କୁ ଅନେକ ସୁନାମ ଆଣିଦେବା ସହ ନାରୀଙ୍କ ମଧ୍ୟରେ ଏହାକୁ ନେଇ ଏକ କ୍ରେଜ୍ ସୃଷ୍ଟି ହେଲା । ପଚାଶ ଓ ସତୁରୀ ଦଶକରେ ଯଦିଓ କଳା ପୋଷାକରେ କିଛି ରୁଚି କମିଥିଲା ତଥାପି ଚଳଚ୍ଚିତ୍ରରେ ବିଶିଷ୍ଟ ଭୂମିକାରେ ଥିବା ବ୍ୟକ୍ତି କିଛି ନା କିଛି ଦୃଶ୍ୟରେ କଳା ପୋଷାକ ଅବଶ୍ୟ ପିନ୍ଧୁଥିଲା ।

ସାଂସ୍କୃତିକ ଭାରତରେ କଳା ରଙ୍ଗ ବ୍ୟବହାରରେ ଅନେକ ପଶ୍ଚାତ୍‌ପଦ ହୋଇଥାନ୍ତି । କାରଣ କଳା ଅଶୁଭର ମାନ୍ୟତା ପାଇଛି । ଆଗେ କୌଣସି ଶୁଭ କାମରେ କଳାରଙ୍ଗ ବ୍ୟବହାର କରା ଯାଏ ନାହିଁ କିମ୍ବା କେହି କଳା ପୋଷାକ ପିନ୍ଧୁ ନଥିଲେ । ହେଲେ ପାଶ୍ଚାତ୍ୟ ପ୍ରଭାବରେ ଏବେ ସେ କୁଧାରଣା ଦୂରେଇ ଯାଇଛି । ପ୍ରାୟ ସବୁ ବର୍ଗ ଓ ବୟସର ଲୋକ କଳାରଙ୍ଗ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ହିନ୍ଦି ସିନେମାର ଖ୍ୟାତନାମା ନାୟକ ଦେବାନନ୍ଦ କଳା ପୋଷାକର କ୍ରେଜ୍ ବଢାଇ ଥିଲେ । ସେ କଳାରଙ୍ଗରେ ଏତେ ଜାଦୁକରୀ ଦେଖା ଯାଉଥିଲେ ଯେ ତାଙ୍କୁ ଅନୌପଚାରିକ ଭାବରେ କଳା ପୋଷାକ ପିନ୍ଧିବାକୁ ବାରଣ କରା ଯାଉଥିଲା ।

ଦାମୀ ହେଉ କିମ୍ବା ଶସ୍ତା, କଳାରଙ୍ଗର ପୋଷାକକୁ ଜଣେ ଠିକ୍ ଭାବରେ ପିନ୍ଧି ଜାଣିଲେ ତାହା ତା' ବ୍ୟକ୍ତିତ୍ୱକୁ ସୁଦୃଢ କରାଇ ପାରିବ । ଗୋଟିଏ କଳା ପୋଷାକକୁ କେବଳ ବିଭିନ୍ନ ଜୋତା ଓ ଆକ୍ସେସୋରି(ପୋଷାକ ସହ ଆନୁଷଙ୍ଗିକ ପରିଧାନ) ପରି ବର୍ତ୍ତନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ ପୋଷାକରେ ପରିଣତ କରି ପାରିବେ । ଉଦାହରଣ ସ୍ୱରୂପ ଏକ ସରଳ ଡିଜାଇନ୍‌ର କଳା ଗାଉନ୍ ସହ ଏକ ଜ୍ୟାକେଟ୍ ଓ ହଳେ ଜୋତା ପିନ୍ଧିଦେଲେ ତାହା ଅଫିସ୍ ପାଇଁ ଉପଯୁକ୍ତ ପୋଷାକ ହୋଇଯିବ । ସେହି ପୋଷାକକୁ କିଛି ସୁନ୍ଦର ଅଳଙ୍କାର ଓ ହଳେ ହାଇ ହିଲ୍ ପିନ୍ଧିଦେଲେ ତାହା କୌଣସି ପାର୍ଟି ଯିବାକୁ ସମ୍ପୂର୍ଣ୍ଣ ଉପଯୁକ୍ତ ପୋଷାକରେ ପରିଣତ ହୋଇଯିବ । କଳା ପୋଷାକ ପିନ୍ଧିଲେ ଶାରିରୀକ ଗଠନ ସୁନ୍ଦର ଦିଶିବା ସହ ଜଣେ ସ୍ମାର୍ଟ ଦେଖାଯିବ ।

ନିଜ ଶାରିରୀକ ଗଠନ, କାର୍ଯ୍ୟକ୍ରମ ଆଦି ଅନୁଯାୟୀ ଜଣେ କଳା ପୋଷାକର ରୂପରେଖ ଚୟନ କରି ପାରିବ । ପ୍ରାୟ ବଜାରରେ ଏକାପରି କଳା ପୋଷାକ ଉପଲବ୍ଧ ହୋଇଥାଏ । ଏହାକୁ ଭିନ୍ନ ଭିନ୍ନ ଆକ୍ସେସୋରି ସହ ପିନ୍ଧି ଜଣେ ସେଥିରେ ନିଜସ୍ୱ ସ୍ୱାକ୍ଷର ଦେଇ ପାରିବ । କଳା ରଙ୍ଗର ପୋଷାକ ଉଭୟ ନାରୀ ଓ ପୁରୁଷଙ୍କୁ ଚମତ୍କାର ମାନେ । ଆମେ ଏବେ କହି ପାରିବା- ବ୍ଲାକ୍ ଇଜ୍ ବିଉଟିଫୁଲ୍ ।









# ଚିଙ୍ଗୁଡ଼ି ଚମକ



# ଚିଙ୍ଗୁଡ଼ି ପସରା



**ରୋନାଲିସା ପଣ୍ଡା**

ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧

ଫୋନ: ୭୦୦୮୪୮୬୬୩୮

ଫଟୋ ସୌଜନ୍ୟ : ଲେଖିକା

## ଚଟ୍‌ପଟା ଚିଙ୍ଗୁଡ଼ି

**ଆବଶ୍ୟକ ସାମଗ୍ରୀ :** ୨୦୦ଗ୍ରାମ ଚିଙ୍ଗୁଡ଼ି, ପିଆଜ କଟା ୧ଟା, ଅଦା ରସୁଣ ବଟା ୧ଚାମଚ, ଲେମ୍ବୁ ରସ ୧ଚାମଚ, ଲଙ୍କା ଗୁଣ୍ଡ ୧ ଚାମଚ ଟମାଟୋ ବଟା ୨ଟା ଲୁଣ ଓ ଚିନି, ହଳଦୀ ଓ ଚେଲା ଚାଟ୍ ମସଲା ୧ ଚାମଚ ଓ ଧନିଆ ଗୁଣ୍ଡ ୧ ଚାମଚ୍ ।

**ପ୍ରସ୍ତୁତି ପ୍ରଣାଳୀ:** ଚିଙ୍ଗୁଡ଼ିକୁ ଧୋଇ ସଫା କରି ସେଥିର ଲେମ୍ବୁ ରସ, ଲୁଣ, ଚାଟ୍ ମସଲା ଓ ହଳଦୀ ଦେଇ ଗୋଳାଇ ଫ୍ରିଜ୍‌ରେ ୧୫ ମିନିଟ୍ ରଖି ଦିଅନ୍ତୁ । କରେଇରେ ତେଲ ପକାଇ ସେଥିରେ କଟା ପିଆଜ ପକାଇ ଲାଲ୍ ହେବା ଯାଏଁ ଭାଜନ୍ତୁ । ଏହାପରେ ଅଦାରସୁଣ,ଲଙ୍କା ବଟା ସହ ଟମାଟୋ ଦେଇ ଭାଜନ୍ତୁ, ଧନିଆ ଗୁଣ୍ଡ ପକାଇ ସେଥିରେ ଗୋଳା ହୋଇଥିବା ଚିଙ୍ଗୁଡ଼ି ପକାନ୍ତୁ ଓ ତାକୁ ଶୁଖିଲା ଭାଜନ୍ତୁ । ଟିକେ ଚିନି ଦେଇ ତାର ମସଲାକୁ ଶୁଖିବା ଯାଏଁ ଭାଜନ୍ତୁ ଓ ପରଷନ୍ତୁ ଗରମ ଗରମ ଚଟ୍‌ପଟା ଚିଙ୍ଗୁଡ଼ି ।





## ହରୀୟାଲି ଚିଙ୍ଗୁଡ଼ି

**ଆବଶ୍ୟକ ସାମଗ୍ରୀ :** ଚିଙ୍ଗୁଡ଼ି ୨୫୦ଗ୍ରାମ୍, ଧନିଆ ପତ୍ର ୧୦୦ଗ୍ରାମ୍, ଲେମ୍ବୁରସ ୪ଚାମଚ, ଗରମ ମସଲା ଗୁଣ୍ଡ ୧ ଚାମଚ, ରସୁଣ କୋଲା ୭ଟା, ଗୋଲମରିଚ ଗୁଣ୍ଡ ୧/୨ ଚାମଚ, କଞ୍ଚା ଲଙ୍କା ୨ଟା, କର୍ନଫ୍ଲୁର୍ ଗୁଣ୍ଡ ୩ ଚାମଚ୍, ଲୁଣ ଓ ତେଲ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟେ ଗ୍ରାଇଣ୍ଡର୍‌ରେ ଧନିଆପତ୍ର ଓ ରସୁଣ, ଲଙ୍କା, ଗୋଲମରିଚ, ଲେମ୍ବୁ ରସ ଦେଇ ଗୋଟେ ପେଷ୍ଟ୍ ତିଆରି କରନ୍ତୁ । ଚିଙ୍ଗୁଡ଼ିକୁ ସଫା କରି ସେଇ ପେଷ୍ଟ୍‌ରେ ଗୋଳାଇ ଦିଅନ୍ତୁ, ସେଥିରେ ୨ଚାମଚ ତେଲ ପକାଇ ୩୦ମିନିଟ୍ ରଖି ଦିଅନ୍ତୁ । ଗୋଟେ ପେନ୍‌ରେ ୪ଚାମଚ୍ ତେଲ ପକାଇ ସେଥିରେ ଗୋଳାହୋଇଥିବା ଚିଙ୍ଗୁଡ଼ି ପକାଇ ଧୀରେ ଧୀରେ ଭାଜନ୍ତୁ । ଟିକେ ପାଣି ପକାଇ ଫୁଟାନ୍ତୁ । ଶେଷରେ କର୍ନଫ୍ଲୁର୍‌କୁ ପାଣିରେ ଗୋଳାଇ ସେଥିରେ ପକାଇ ଧୀରେ ଧୀରେ ଘାଣ୍ଟନ୍ତୁ ଓ ଗ୍ୟାସ ବନ୍ଦ୍ କରି ଗରମ ମସଲା ଗୁଣ୍ଡ ଟିକେ ପକାଇ ପରିବେଷଣ କରନ୍ତୁ ହରିୟାଲି ଚିଙ୍ଗୁଡ଼ି ।

## ସାହି ଚିଙ୍ଗୁଡ଼ି



**ଆବଶ୍ୟକ ସାମଗ୍ରୀ :** ଚିଙ୍ଗୁଡ଼ି ୩୦୦ ଗ୍ରାମ୍, ନଡ଼ିଆ କ୍ଷୀର ୧କପ୍, ବଟା ପିଆଜ ୧କପ୍, ଅଦା ରସୁଣ ବଟା ୨ଚାମଚ, ୧/୨ ଚାମଚ ଡାଲଚିନି ପାଉଡ଼ର, ୧/୨ ଚାମଚ ଗରମ ମସଲାଗୁଣ୍ଡ, ୧ଚାମଚ ସାହା ଜିରା, ୧ ଚାମଚ, କସ୍ତୁରୀ ମେଥି, କଞ୍ଚାଲଙ୍କା୨ଟା, ବଟର୍ କିମ୍ବା ରିଫାଇନ୍ ତେଲ, ଲୁଣ, ହଳଦୀ ସ୍ୱାଦ ଅନୁସାରେ ଓ ୧/୨ ଚାମଚ୍ ଚିନି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିଙ୍ଗୁଡ଼ିକୁ ଭଲ ଭାବରେ ସଫା କରି ସେଥିରେ ଲୁଣ ହଳଦୀ ଗୋଳାଇ ୧୦ମିନିଟ୍ ପରେ ଅଳ୍ପ ତେଲରେ ଭାଜି କାଢ଼ି ଦିଅନ୍ତୁ । କରେଇରେ ତେଲ ପକାଇ ଗରମ ହେଲେ ସେଥିରେ ସାହିଜିରା ଓ ଲଙ୍କା ପକାଇ ଦେଇ ସେଥିରେ ବଟା ପିଆଜ ପକାନ୍ତୁ, ଏହାପରେ ଅଦାରସୁଣ ବଟା ଓ ହଳଦୀ ପକାନ୍ତୁ । ଏହା ଟିକେ ଭାଜି ହୋଇଗଲେ ସେଥିରେ ନଡ଼ିଆ କ୍ଷୀର ଧୀରେ ଧୀରେ ପକାନ୍ତୁ, ଏହା ଟିକେ ଫୁଟିଗଲେ ସେଥିରେ ଭଜା ଚିଙ୍ଗୁଡ଼ି ଓ ଲୁଣ ପକାଇ ୫ ମିନିଟ୍ ଘୋଡ଼ାଇ ଦିଅନ୍ତୁ । ଏହାପରେ ଡାଲ୍‌ଚିନି ଗୁଣ୍ଡ, ଗରମ ମସଲା, କସୁରି ମେଥି ଓ ଟିକେ ବଟର୍ ଦେଇ ଗରମ ଗରମ ସର୍ଭ କରନ୍ତୁ ସାହି ଚିଙ୍ଗୁଡ଼ି ।

## ଆଳୁ ଚିଙ୍ଗୁଡ଼ି ଝାଲ୍

**ଆବଶ୍ୟକ ସାମଗ୍ରୀ :** ୩୦୦ଗ୍ରାମ୍ ଚିଙ୍ଗୁଡ଼ି, ୨ଟି ପଅିାଜ ବଟା, ରସୁଣ ଅଦା ବଟା ୩ ଚାମଚ, ଟମାଟୋ ବଟା ୨ଟା, ନାଲି ଲଙ୍କା ବଟା ୨ ଚାମଚ, ଜିରା ଓ ଧନିଆ ଗୁଣ୍ଡ ୨ଚାମଚ, ମଟନ ମସଲା ଗୁଣ୍ଡ ୨ ଚାମଚ, ଗରମ ମସଲା ୧ ଚାମଚ, ଆଳୁ କଟା ୨ଟା, ଲୁଣ, ହଳଦୀ ତେଲ । ଧନିଆପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିଙ୍ଗୁଡ଼ିକୁ ସଫା କରି ତାକୁ ଟିକେ ଲୁଣ ଓ ହଳଦୀ ଗୋଳାଇ ଭାଜି ଦିଅନ୍ତୁ । କରେଇରେ ତେଲ ଦେଇ ଆଳୁ ମଧ୍ୟ ଭାଜି ଦିଅନ୍ତୁ । କରେଇରେ ତେଲ ପକାଇ ସେଥିରେ ଫୁଟଣ ତଥା ତେଜପତ୍ର ପକାନ୍ତୁ । ସେଥିରେ ପିଆଜ ବଟା, ଲଙ୍କା ବଟା, ଅଦାରସୁଣ ବଟା ଓ ହଳଦୀ ଦେଇ ଭାଜନ୍ତୁ । ଟିକେ ଭାଜି ହୋଇଗଲେ ସେଥିରେ ଟମାଟୋ ବଟା ଓ ଲୁଣ ପକାନ୍ତୁ ଓ ପରେ ଧନିଆ, ଜିରା ଓ ମଟନ ମସଲା ଗୁଣ୍ଡ ପକାଇ ଭାଜନ୍ତୁ । ପରେ ଦୁଇ କପ୍ ପକାଇ ଫୁଟାନ୍ତୁ । ସେଥିରେ ଭଜା ଚିଙ୍ଗୁଡ଼ି ଓ ଆଳୁ ପକାଇ୧୦ମିନିଟ୍ ଫୁଟାନ୍ତୁ ଓ ପରେ ଗରମ ମସଲା ଓ ଧନିଆ ପତ୍ର ପକାନ୍ତୁ । ହେଇଗଲା ଆଳୁ ଚିଙ୍ଗୁଡ଼ି ଝାଲ୍ ।



# ଓଡ଼ିଆ ଘରର ପିଠାପଣା



# ପାରମ୍ପରିକ ରୋଷେଇ



**ମାଧୁରୀ ପଣ୍ଡା**

ବି-୨୮୭,ସେକ୍ଟର-୨, ନାଲ୍‌କୋ ଟାଉନ୍‌ଶିପ୍‌,
ଦାମନଯୋଡ଼ି, କୋରାପୁଟ-୭୬୩୦୦୮
ଫୋନ-୮୮୯୫୧୮୫୪୨୫

## ସୁଜି ଓ ଦହିବରା



**ଆବଶ୍ୟକ ସାମଗ୍ରୀ :** ଏଥିପାଇଁ ଆମେ ଗୋଟେ କପ୍ ସୁଜି, ଗୋଟେ କପ୍ ଦହି, ଅଦା କୋରା ଅଳ୍ପ, ଅଧା ଚାମଚ ଜିରା, ଖାଇବା ସୋଡ଼ା, ସ୍ୱାଦ ଅନୁଯାୟୀ ଲୁଣ, ଗୋଟେ ବଡ଼ ପିଆଜ, ଦୁଇଟି କଞ୍ଚାଲଙ୍କା, ଧନିଆ ପତ୍ର ବା ଭୃସଙ୍ଗ ପତ୍ର ନେବା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଦହି ଓ ସୁଜିକୁ ଏକତ୍ର କରି ଭଲ ଭାବେ ଗୋଳାଇ ଦେବ । ଆବଶ୍ୟକ ସ୍ଥଳେ ଅଳ୍ପ ପାଣି ବି ଦିଆଯାଇପାରେ । ସେଥିରେ ଅଦା କୋରା, ଦରକାର ଅନୁଯାୟୀ ଲୁଣ, ଛୋଟ ଛୋଟ କଟାହେବା ପିଆଜ, ଛୋଟ କଟା ହେବା ଲଙ୍କା, ଅଳ୍ପ ସୋଡ଼ା ଖାର ଓ ଧନିଆ ବା ଭୃସଙ୍ଗ ପତ୍ର କଟା ହୋଇ ସବୁ ଏକତ୍ର ଗୋଳେଇ ଦେଇ କିଛି ସମୟ ପାଇଁ ଛାଡ଼ି ଦିଆଯାଏ । ପ୍ରାୟ ୧୫/୨୦ ମିନିଟ ପରେ ଗ୍ୟାସ୍ ଜଳାଇ କଡ଼େଇ ଗରମ କରିବାକୁ ଦେବା ଓ ଗରମ ହେବା ପରେ ଛାଣିବା ମୁତାବକ ତେଲ ଦିଆ ଯାଇଥାଏ । ତେଲ ଫୁଟି ଆସିବ ପରେ ଆମେ ସୁଜି ଓ ଦହିର ମିଶ୍ରଣକୁ ବରା ଆକାରରେ ଗୋଲ କରି ଲାଲ୍ ହେବା ପର୍ଯ୍ୟନ୍ତ ଛାଣୁ । ଏହା ଗରମ ଗରମ ଭଲ ଲାଗେ । ଘରକୁ କେହି ଅତିଥି ଆସିଲେ ବି ତୁରନ୍ତ ଏହା ପ୍ରସ୍ତୁତ କରିହେବ । ଏଥିସହ ପୁଦିନା ଚଟଣି ବି ଭଲ ଲାଗେ ।

## କ୍ଷୀର ମଣ୍ଡା

**ଆବଶ୍ୟକ ସାମଗ୍ରୀ :** ଗୋଟେ କପ୍ ଚାଉଳ, ଅଧା ଲିଟର କ୍ଷୀର, ଗୋଟିଏ ନଡ଼ିଆ, ଆବଶ୍ୟକ ଅନୁଯାୟୀ ଚିନି, ଦୁଇ ଚାମଚ ଗୁଜୁରାତି ଗୁଣ୍ଡ, ଦୁଇ ଚାମଚ ଗୋଲ ମରିଚ ଗୁଣ୍ଡ,ଦୁଇ ଚାମଚ ତେଲ ବା ଘିଅ, ଚିମୁଟେ ଲୁଣ । (୧୦ରୁ ୧୫ ମଣ୍ଡା ପାଇଁ)

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କପେ ଚାଉଳକୁ ପାଣିରେ ଦୁଇ ଘଣ୍ଟା ପାଇଁ ବତୁରେଇ ଦେବା । ଚାଉଳ ବତୁରିବା ଭିତରେ ନଡ଼ିଆ ଭାଙ୍ଗି କୋରିଦେବା । ଏଇ ନଡ଼ିଆ କୋରା ସହ ଆବଶ୍ୟକ ଅନୁଯାୟୀ ଚିନି, ଗୁଜୁରାତି ଗୁଣ୍ଡ ସହ ଗୋଲମରିଚ ଗୁଣ୍ଡ ଅଳ୍ପ ଦେଇ ପୁରା ପ୍ରସ୍ତୁତ କରି ରଖିବା । ବତୁରି ଯାଇଥିବା ଚାଉଳରେ ଅଳ୍ପ ପାଣି ଦେଇ (ଯେମିତି ବେଶି ପାଣିଆ ହେବନି ଆଣ) ବାଟି ଆଣିବା । ଏଇ ଆଣରେ ଏବେ ଅଧାଲିଟର କ୍ଷୀର ଢାଳି ଆଣଟିକୁ ଭଲ ଭାବେ ଘାଣ୍ଟି ଦେବା । ଯେମିତି ଚାଉଳ ବଟା କ୍ଷୀର ସହ ମିଶି ଯିବ । ଏ ବଟାରେ ହିଁ ଚିମୁଟେ ଲୁଣ, ଗୁଜୁରାତି ଗୁଣ୍ଡ, ଗୋଲମରିଚ ଗୁଣ୍ଡ ପକେଇ ଦେଇ ଘାଣ୍ଟି ଦେବା । ଯା ପରେ ଏଇ ମିଶ୍ରଣକୁ ଗ୍ୟାସ୍ ଚୁଲାରେ ବସେଇବା । ଜାଳ ମିଡ଼ିୟମ୍ ରଖି ଅନବରତ ଘାଣ୍ଟିବାକୁ ପଡ଼ିବ । କାରଣ ଘାଣ୍ଟିବା ବନ୍ଦ କଲେ ଚାଉଳ ବଟା ଗୋଳା ହେଇଯିବାର ସମ୍ଭାବନା ଅଛି । ଦେଖିବେ ଆସ୍ତେ ଆସ୍ତେ ଏହା ବହଳ ହୋଇ ଆସିବ । ପାଣିଆ ମୋଟେ ହେବାକୁ ଦେବେନି । ଏଥର ମିଶ୍ରଣ ଉପରେ ଅଳ୍ପ ଘିଅ ଗୋଳେଇ ଦେଇ ଓହ୍ଲାଇ ଦେବା । ଟିକେ ଥଣ୍ଡା କରି ଗୋଟେ ଜରିରେ ଅଳ୍ପ ତେଲ ଲଗାଇ ସେଥିରେ ଛୋଟିଆ ବେଲାଟେ ଆଣ ଦେବା । ତା ଉପରେ ପୂର୍ବ ପ୍ରସ୍ତୁତ ନଡ଼ିଆ କୋରାକୁ ଅଳ୍ପ ଦେଇ ଜରି ସାହାଯ୍ୟରେ ହିଁ ମଣ୍ଡା ଗଢ଼ିବା । (ଏହା ଏତେ ନରମ ଯେ ହାତରେ ଗଢ଼ି ହେବନି, ଜରି ବା ପଲିଥିନ୍‌ର ଆବଶ୍ୟକତା ପଡ଼େ) । ଏମିତି ଗୋଟେ ଗୋଟେ ଗଢ଼ି ଏକ ଥାଳିଆରେ ଅଳ୍ପ ଘିଅ ବୋଳିଦେଇ ମଣ୍ଡାପିଠାକୁ ରଖି ଫ୍ରିଜ୍‌ରେ ରଖିଦେବେ । ପ୍ରାୟ ୧୫/୨୦ ମିନିଟ୍ ସମୟ ପରେ ଏହା ଟିକେ ହାଲ୍‌କା ଟାଣ ହେଇ ଆସିବ । ସେତେବେଳେ ବାହାର କରି ଫ୍ରିଜ୍‌ରୁ ଆମେ ଖାଇ ପାରିବା । ଏବେ ହେଇଗଲା ମଣ୍ଡାପିଠା । ଖାଇବାକୁ ଖୁବ୍ ସୁସ୍ୱାଦୁ । କିନ୍ତୁ ମନ ଦେଇ ତିଆରି କରିବାକୁ ହୁଏ । ପୂଜା, ପର୍ବାଣିରେ ଏହାକୁ ଆରାମରେ ଆମେ ବନେଇ ଖାଇ ପାରିବା ।



ଶେଷପୃଷ୍ଠା



# ସୃଜନ ସ୍ୱାଧୀନତା

ସୃଜନଶୀଳ କର୍ମରେ ଲିପ୍ତ ବ୍ୟକ୍ତିଟିଏ ଲେଖକ ଭାବରେ ସମାଜରେ ବିଶିଷ୍ଟତା ଲାଭ କରିଥାଏ । ସେ ଲେଖାଲେଖା ଭଳି ଏକ ସର୍ଜନାତ୍ମକ କାର୍ଯ୍ୟରେ ରହିଥିବା କାରଣରୁ ତା' ପାଇଁ ସ୍ୱାଧୀନତାର ଆବଶ୍ୟକତା ରହିଛି । ଏମିତିରେ ତ ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନତା ଏକ ଜନ୍ମଗତ ଅଧିକାର । ସେ ସ୍ୱାଧୀନତା ପ୍ରାପ୍ତି ପାଇଁ ଜଣେ ବ୍ୟକ୍ତିକୁ ଯେଉଁ ପ୍ରକାର ସଂଘର୍ଷ ବା ସଂଗ୍ରାମ ଦରକାର ହୋଇଥାଏ, ତାହା ହିଁ ତାକୁ ଦେଇଥାଏ ସ୍ୱାଧୀନତାର ସ୍ୱାଦ । ଲେଖକର ସ୍ୱାଧୀନତା କଥା ଉଠିଲେ, ଆମେ ସାଧାରଣ ଭାବେ ଜାଣୁ ଯେ, ନିଜସ୍ୱ ଲେଖାରେ ଅଭିବ୍ୟକ୍ତ ମୁକ୍ତଭାବନା ହିଁ ତା'ର ସ୍ୱାଧୀନତା । ହଁ ଏହା ଠିକ୍ । କିନ୍ତୁ ମୁକ୍ତଭାବନାର ପରିପ୍ରକାଶ ମଧ୍ୟ ଏକ ସୀମାରେଖା ମଧ୍ୟରେ ଆବଦ୍ଧ ହେବା ବାଞ୍ଛନୀୟ । ନହେଲେ ଯାହା ପାଇଁ ବା ଯେଉଁ ଜନସମୁଦାୟ ପାଇଁ ଏହା ଅଭିପ୍ରେତ, ତାହା ଏହାର କୁପରିଣାମ ଭୋଗିବାର ସମ୍ଭାବନାରେ ଆକ୍ରାନ୍ତ ହୋଇ ଏକ ବିଭ୍ରାଟ ସୃଷ୍ଟି କରିବ । ସଚରାଚର ଏପରି ହିଁ ହୋଇଥାଏ । ସ୍ୱାଧୀନତା ଭୋଗିବାର ବାହାନାରେ ଆମେ ଯେଉଁ ଜନସମୁଦାୟର ପ୍ରତିନିଧିତ୍ୱ କରୁ, ପ୍ରକାରାନ୍ତରରେ ସେଇମାନଙ୍କୁ ଆଘାତ ବା ଆହତ କରିଥାଉ । ଫଳରେ ଲେଖକର ଲେଖକୀୟ ସତ୍ତା ଦିଗ୍‌ଭ୍ରଷ୍ଟ ହୋଇ ପଡ଼ିଥାଏ ।

ଲେଖକର ସ୍ୱାଧୀନତା କହିଲେ, ଏହା ନୁହେଁ ଯେ, ଲେଖକଟେ ପାଠକର ବା ପାଠକ ସମାଜର ଅଭିରୁଚି ଭିତରେ ଧସେଇ ପଶିବା ! ଏହା ମଧ୍ୟ ନୁହେଁ ଯେ, ଲେଖକଟିଏ ସ୍ୱାଧୀନତା ନାମରେ ସମ୍ପାଦନାର ପରିସୀମାରେ ନିଜକୁ ବେପରୁଆ ଜାହିର୍ କରିବା । ହଁ, ଏକଥା ସତ୍ୟ ଯେ, ଲେଖକଟିଏ ଯେଉଁ ସମାଜକୁ ଯେଉଁଭଳି ଅବସ୍ଥାରେ ଦେଖେ, ବା ଯେଉଁଭଳି ଅବସ୍ଥାରେ ଭୋଗେ, ଠିକ୍ ସେଇ ଅବସ୍ଥାକୁ ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ପୂର୍ବକ ନିଜସ୍ୱ ଏକ ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀରେ ରୂପାୟିତ କରିଥାଏ । ଏହାକୁ କିଏ ଗଳ୍ପରେ, କିଏ ବା କାବ୍ୟକବିତାରେ, କିଏ ପୁଣି ଉପନ୍ୟାସ ବା ନାଟକ ମାଧ୍ୟମରେ ପରିପ୍ରକାଶ କରେ । ଏହି ସୃଜନକର୍ମଟିରେ ପ୍ରତିଫଳିତ ହୋଇଥାଏ ଲେଖକର ସ୍ୱାଧୀନଚିନ୍ତାର ରାଶି ରାଶି ଅନୁଭବ । ଏହି ଲେଖାଟି ଯଦି ଉତ୍କୃଷ୍ଟ ହୁଏ, ତେବେ ସମାଜ ଦ୍ୱାରା ସେ ଏବଂ ତା'ର ଲେଖାଟି ଗ୍ରହଣୀୟ ହୁଏ । ଏବଂ ଏହି ଗ୍ରହଣଶୀଳତାକୁ ବଳବତ୍ତର ରଖିବାକୁ ଚାହୁଁଥିଲେ ଲେଖକଟିକୁ ସୃଜନାତ୍ମକ ଇଣ୍ଟରପ୍ରିଟେସନ୍, ନୈତିକତା ଏବ ଅଭିରୁଚିକୁ ଜନସାଧାରଣ (ଏଠି ଜନସାଧାରଣର ଅର୍ଥ ପାଠକ ବା ସାହିତ୍ୟ-ମନସ୍କ ବ୍ୟକ୍ତି) ସହିତ ସମାନୁପାତିକ ଭାବେ ସାମଞ୍ଜସ୍ୟ ତିଆରି କରି ରଖିବା ଦିଗରେ ଧ୍ୟାନ ଦେବାକୁ ପଡ଼ିବ । ଅନ୍ୟଥା ନିଜ ଅଭିରୁଚି ଓ ଜନସାଧାରଣର ଅଭିରୁଚି ବିପରୀତମୁଖୀ ହେବା ଫଳରେ ଲେଖକଟି ବିଚରା ଭୂପତିତ ହେବା ହିଁ ସାର ହେବ । ଏଣୁ ଲେଖକ ତା'ର ସ୍ୱାଧୀନତାକୁ ଖୋଜିବା ବେଳେ ଏଇ ଉତ୍ତର-ଦାୟିତ୍ୱ ପ୍ରତି ସଚେତନ ରହିବା ସର୍ବଦା ବାଞ୍ଛନୀୟ ଯେ, ସେ ଯାହା ଭୋଗିବ ଓ ଯେମିତି ଭୋଗିବ, ଅନୁରୂପ ଭାବେ ସ୍ୱାଧୀନତାରୁ ପ୍ରାପ୍ତ ତା'ର ଅଭିରୁଚିକୁ ବି ତା'ର ଟାର୍ଗେଟେଡ୍ ପାଠକ ଭୋଗିବ । ତେଣୁ ଲେଖକ ନିଜ ସ୍ୱାଧୀନତା ସହ ପାଠକର ସ୍ୱାଧୀନତାକୁ ମଧ୍ୟ ଅକ୍ଷୁର୍ଣ୍ଣ ବା ଅକ୍ଷତ ରଖିବା ଉଚିତ ହେବ ।

**ମୋର ଜଣେ ଲେଖକ ବନ୍ଧୁ ପ୍ରଶାନ୍ତ ଦାସ 'ସର୍ଜନା ଭିତରେ ପରିଚୟ ଥାଏ' ନା 'ପରିଚୟ ଭିତରେ ସର୍ଜନା' ଭଳି ଏକ ପଶ୍ନାକୁଳତା ଭିତରେ ଧନ୍ଦି ହେଉଥିବା ବେଳେ ମୋତେ ଏହାର ସମାଧାନ ମାଗିଲେ । କହିରଖିବା ଉଚିତ ହେବ ଯେ, ଅନେକ ସମୟରେ ଲେଖକର ପରିଚୟ ଠାରୁ ଲେଖକ ଦ୍ୱାରା ସୃଷ୍ଟ 'ସାହିତ୍ୟ'ର ପରିଚୟ ଅନେକ ବଡ଼ ହୋଇ ଦିଶେ । ସେଠି ଲେଖକ କ'ଣ ଛୋଟ ହୋଇଥାଏ କି ? ନା । ଲେଖକ ଜଣେ ସ୍ରଷ୍ଟାର ଭୂମିକାରେ ଅବତୀର୍ଣ୍ଣ ହେବା ବେଳେ ସେ ନିଜ ସୃଷ୍ଟିର ସୀମା ସରହଦକୁ ଭାବି ସୃଷ୍ଟି କରେ ନାହିଁ । ସେ ନିଜର ସ୍ୱାଧୀନଚେତା ମନୋଭାବକୁ ପରିପୁଷ୍ଟ କରି କେବଳ ସେଇ ଜନସମୁଦାୟ ବା ସେଇ ସମାଜ ପାଇଁ ଲେଖେ, ଯାହା ପାଇଁ ସେ 'ଲେଖକ'ର ଏକ ବିଶିଷ୍ଟ ପରିଚୟକୁ ନେଇ ବଞ୍ଚିଥାଏ । ସୁତରାଂ ପରିଚୟ ଭିରେ ସର୍ଜନା ଥାଏ ସତ, କିନ୍ତୁ ସର୍ଜନାରୁ ହିଁ ଆମକୁ ପରିଚୟ ମିଳିଥାଏ । ଆଉ ଏମିତି ଏକ ସୃଜନ ସ୍ୱାଧୀନତା ଭିତରେ ଆମେ ସମାଜକୁ ଦେଖୁଥିବା ଢଙ୍ଗରେ ହିଁ ପରିପ୍ରକାଶ କରୁ ଆମ ସାହିତ୍ୟ । ସୃଜନାଧିକାର ମାନେ ନୁହେଁ ଯାହା ଇଚ୍ଛା ତାହା ରଚନା କରିବା । ପ୍ରତ୍ୟେକ ଅଧିକାରକୁ ସଠିକ ଭାବେ ଭୋଗ କରିବା ହିଁ ସାମାଜିକ ଶୃଙ୍ଖଳା । ସ୍ୱାଧୀନତା ବି ସେମିତି । ସ୍ୱାଧିନତାର ମାନେ ନୁହେଁ ସ୍ୱେଚ୍ଛାଚାରିତା । 'ଯାହ ଚାହିଁବ ତାହା କରିବ' ସ୍ୱାଧୀନତାର ମନ୍ତ୍ର ନୁହେଁ । ଏ କଥାକୁ ପ୍ରତିଟି ଲେଖକ ମାନିବା ଉଚିତ । ମାନିଲେ ହିଁ ନିଜର ସୃଜନ ବଳୟ ସୁରକ୍ଷିତ ରହିବ । ଆସନ୍ତୁ, ଲେଖାଲେଖି ଭିତରେ ଆମେ ସ୍ୱାଧୀନତାକୁ ପୁନଃପୁନଃ ବିତରିବା ।**







HIGHLAND
A Highland Group Entity
HIGHLAND
Highland Ajisen
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
sales@highlandmarine.in, + 91 - 9861201752
www.highlandmarine.in

The REBATI AMA MATIRA SWARA ● August 2021 Vol - 3 Issue - 10 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108




Associate editor : **Krushna Kumar Mohanty** Editor : **Subasini Jena**